N. C. SAHO

# ସ୍ମରଣିକା



## ସଦାଶିବ ସଂସ୍କୃତ ମହାବିଦ୍ୟାଳୟ

## ପୁରୀ

# ସ୍ମରଣିକା



## ଦାଶିବ ସଂସ୍କୃତ ମହାବିଦ୍ୟାଳୟ

## ପୁରୀ

ଅର୍ଦ୍ଧଶତାବ୍ଦୀ ଉତ୍ସବ

( ତା: ୧-୪-୧୯୧୮ — ୧-୪-୧୯୬୮ )

# ସ୍ମରଣିକା

ଭାବପ୍ରକାଶନକର୍ତ୍ରୀ ତମସାଂ ନିହନ୍ତ୍ରୀ,
ଚିନ୍ତାଞ୍ଚିତେ ହୃଦି ନବାଂ ଶ୍ରିୟମୁଦ୍‌ଗିରନ୍ତୀ ।
ବୈଦୁଷ୍ୟକାମିଭିରଳଂ ସମୁପାସନୀୟା,
ତେଜୋମୟୀ ସ୍ମରଣିକା ପ୍ରବହତୁ ବାଣୀ ।

ସଦାଶିବ ସଂସ୍କୃତ ମହାବିଦ୍ୟାଳୟ,
ପୁରୀ ।

# ସଂପାଦକ ମଣ୍ଡଳୀ


୧- ଅଧ୍ୟକ୍ଷ ଶ୍ରୀ ରାଧାମୋହନ ମହାପାତ୍ର ( ମୁଖ୍ୟ ସଂପାଦକ )

୨- ଅଧ୍ୟାପକ ପଣ୍ଡିତ ଶ୍ରୀ କାଶୀନାଥ ମିଶ୍ର

୩- ଅଧ୍ୟାପକ ପଣ୍ଡିତ ଶ୍ରୀ ବୀର ହନୁମାନ ଶାସ୍ତ୍ରୀ

୪- ଅଧ୍ୟାପକ ପଣ୍ଡିତ ଶ୍ରୀ ଭଗବତ ପ୍ରସାଦ ଶତପଥୀ

୫- ଅଧ୍ୟାପକ ପଣ୍ଡିତ ଶ୍ରୀ ଦିବାକର ଦାଶ

୬- ଶ୍ରୀ ଲଡୁକେଶ୍ୱର ମିଶ୍ର ( ଗ୍ରନ୍ଥ ସମ୍ପାଦକ )

୭- ଶ୍ରୀ କୃପାସିନ୍ଧୁ ଆଗ୍ରୁଆ ,,

୮- ଶ୍ରୀ ରାଜେନ୍ଦ୍ର କୁମାର ଦାଶ ,,

## ସଂପାଦକ ମଣ୍ଡଳୀ

୧- ଅଧ୍ୟକ୍ଷ ଶ୍ରୀ ରାଧାମୋହନ ମହାପାତ୍ର ( ମୁଖ୍ୟ ସମ୍ପାଦକ )

୨- ଅଧ୍ୟାପକ ପଣ୍ଡିତ ଶ୍ରୀ କାଶୀନାଥ ମିଶ୍ର

୩- ଅଧ୍ୟାପକ ପଣ୍ଡିତ ଶ୍ରୀ ବୀର ହନୁମାନ ଶାସ୍ତ୍ରୀ

୪- ଅଧ୍ୟାପକ ପଣ୍ଡିତ ଶ୍ରୀ ଭଗବତ ପ୍ରସାଦ ତ୍ରିପାଠୀ

୫- ଅଧ୍ୟାପକ ପଣ୍ଡିତ ଶ୍ରୀ ଦିବାକର ଦାଶ

୬- ଶ୍ରୀ ଲଡୁକେଶ୍ୱର ମିଶ୍ର ( ଗ୍ରନ୍ଥ ସଙ୍କଳନାଧ୍ୟ )

୭- ଶ୍ରୀ କୃପାସିନ୍ଧୁ ଆଚାର୍ଯ୍ୟ ,,

୮- ଶ୍ରୀ ରାଜେନ୍ଦ୍ର କୁମାର ଦାଶ ,,

# ସଂପାଦକୀୟ

୧-୪-୧୯୧୮ରେ ସ୍ଥାପିତ ଏହି ମହାବିଦ୍ୟାଳୟ ଦେଖୁ ଦେଖୁ ସପ୍ତଷଷ୍ଠିବର୍ଷ ଅତିକ୍ରମ କରି ଆଜି ୬୮ତମ ବର୍ଷରେ ପଦାର୍ପଣ କଲା । କେତେ କ୍ଷୁଦ୍ର ଓ ବୃହତ୍ ଘଟଣା କାଳଗର୍ଭରେ ଲୀନ ହେବା ପରେ ଆଜି ଭବିଷ୍ୟତରେ ନାନା ଆଶା ଓ ଆକାଂକ୍ଷା ନେଇ ଅନୁଷ୍ଠାନଟି ଦଣ୍ଡାୟମାନ । ଏକଦା ଏହି ପରିସର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଙ୍କ କୋଳାହଳରେ ମୁଖରିତ ହୋଇଥିବା ଦେଖାଯାଇଥିଲା । ସ୍ୱାଧୀନତା ପ୍ରାପ୍ତିପରେ ସଂସ୍କୃତଭାଷାର ମୁଖ୍ୟ ସଂରକ୍ଷକ ରାଜବ୍ୟକ୍ତି, ଜମିଦାର ତଥା ଧନିବ୍ୟକ୍ତିମାନଙ୍କର ସଂସ୍କୃତ ପ୍ରତି ଆନୁଗତ୍ୟ ଓ ପ୍ରେମ ତଥା ସାମାଜିକ ଅଭିରୁଚି, ସଙ୍କୁଚିତ ହେବାରେ ଆଜି ସଂସ୍କୃତ ଅଧ୍ୟୟନ ପ୍ରତି ଅନୁରାଗ ମୁମୂର୍ଷୁ ଅବସ୍ଥାରେ ପଡ଼ିଛି ବା ପରିଲକ୍ଷିତ ହେଉଛି, କେବଳ ସଂସ୍କୃତ କାହିଁକି ଯେ କୌଣସି ଭାଷା ବିନାପୃଷ୍ଠପୋଷକତାରେ ମୁଣ୍ଡ ଟେକି ଛିଡାହେବା ଅସମ୍ଭବ ଏଣୁ ଆଜି ଏ ଭାଷାର ଅଭ୍ୟୁନ୍ନତି ପୂର୍ବାପେକ୍ଷା କେବଳ ସରକାରଙ୍କର ଦୟା ଉପରେ ନିର୍ଭର କରୁଅଛି । ଆନନ୍ଦର କଥା ସରକାର ଏଥିପ୍ରତି ସମ୍ପୂର୍ଣ୍ଣ ଉଦାସୀନ ନୁହନ୍ତି । କିନ୍ତୁ ଯେତେ ପରିମାଣରେ ଅଗ୍ରହୀ ହେଲେ ଏହା ପୁନରପି ସଂଜୀବିତ ହୋଇ ଉଠିବ ସେ ବ୍ୟବସ୍ଥା ପ୍ରତି ଅସ୍ମମାନଙ୍କର ଲୋକପ୍ରିୟ ସରକାରଙ୍କର ଅଧିକ କିଛି ଦାୟିତ୍ୱ ଥିଲାପରି ମନେ ହେଉଛି ।

ଉତ୍କଳର ସଂସ୍କୃତ ମହୋଜ୍ଜ୍ୱଳ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରରେ ଗୋଟିଏ ପ୍ରାଚ୍ୟ ବିଶ୍ୱବିଦ୍ୟାଳୟ ସ୍ଥାପନ କରି ଛାତ୍ରମାନଙ୍କର ତଥା କର୍ମପ୍ରାର୍ଥୀ ବୃନ୍ଦଙ୍କର ଭରଣପୋଷଣର ସୁବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ସଂସ୍କୃତ ଛାତ୍ରମାନଙ୍କର ଭବିଷ୍ୟତ ସାମାଜିକ ଜୀବନରେ ସୁଖସ୍ୱାଚ୍ଛନ୍ଦ୍ୟ ପ୍ରତି ଦୃଷ୍ଟି ନରଖିଲେ ଭାରତୀୟ ସଂସ୍କୃତିର ଏତେବଡ ପରମ୍ପରା ଘୋର ଉପେ~~ଅଧିକ~~ ସମ୍ମୁଖୀନ ହେବ । ଏଥିଲାଗି ଅଲସକାନ୍, ମୁନସିପାଲିଟି

ଦେଶର ଚିନ୍ତାଶୀଳ ଜନନାୟକ ତଥା ଶାସକବର୍ଗ ଏ ଦିଗରେ ଯତ୍ନଶୀଳ ହେବା ଉଚିତ୍ ।

ଏହି ଅନୁଷ୍ଠାନର ଏକମାତ୍ର ଅନ୍ତରାୟ ଆଶାନୁରୂପ ଛାତ୍ରବୃତ୍ତିର ଅଭାବ । ଚଳିତବର୍ଷ ସରକାର ବିଭିନ୍ନ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରମାନଙ୍କୁ ବୃତ୍ତିଦାନର ବ୍ୟବସ୍ଥା କରି ଧନ୍ୟବାଦାର୍ହ ହୋଇଛନ୍ତି । କିନ୍ତୁ ଅଜିର ଏ ମହଙ୍ଗା ବଜାରରେ ଅନ୍ତତଃ ଚଳିପାରିବା ଭଳି ବ୍ୟୟଭାର ସଦାଶୟ ସରକାର ବହନ ନକଲେ ଛାତ୍ରସଂଖ୍ୟା ବୃଦ୍ଧି ପାଇବାର ଆଶା ଦେଖାଯାଉନାହିଁ । ବିଶେଷ କରି ଓଡ଼ିଶାରେ ଥିବା ସଂସ୍କୃତ କଲେଜମାନଙ୍କରେ ଛାତ୍ରମାନଙ୍କର ଚଳନୋପଯୋଗୀ ସମ୍ପୂର୍ଣ୍ଣ ବ୍ୟୟଭାର ସରକାର ବହନ ନକଲେ ସଂସ୍କୃତର ଉଚ୍ଚଶିକ୍ଷା ସୁଦୂର ପରାହତ ହେବ । ଜ୍ୟୋତିଷ ଦର୍ଶନ, ପୁରାଣ, ଆଦି କେତେ ବିଭାଗ ଏ ଅନୁଷ୍ଠାନରେ ଅଛି ଯେଉଁଥିରେକି, ଛାତ୍ରସଂଖ୍ୟା ଅତି ନଗଣ୍ୟ । ଏଣୁ ଏସବୁ ବିଭାଗ ପ୍ରତି ପ୍ରଲୋଭନୀୟ ଛାତ୍ରବୃତ୍ତିର ବ୍ୟବସ୍ଥା ନକଲେ ସେ ବିଭାଗଗୁଡ଼ିକ କ୍ରମେ ଲୋପ ପାଇଯିବାର ଆଶଙ୍କା ରହିଛି ।

ତେଣୁ ଆଜିର ଏହି ପୁଣ୍ୟ ଅବସରରେ ଚିନ୍ତାଶୀଳ ସୁଧୀ ନାଗରିକ ବୃନ୍ଦଙ୍କୁ ଅଭିବାଦନ କରିବା ସଙ୍ଗେ ସଙ୍ଗେ ଏ ଦିଗରେ ବିଚାର କରିବାକୁ ଅନୁରୋଧ କରାଯାଉଛି ।

'ଆଜି ଏହି ଅନୁଷ୍ଠାନର ଅର୍ଦ୍ଧଶତାବ୍ଦୀ (ସୁବର୍ଣ୍ଣ ଜୟନ୍ତୀ) ଉତ୍ସବ ଉପଲକ୍ଷେ ଏହି ସ୍ମରଣିକା ଅନୁଷ୍ଠାନ ତରଫରୁ ପ୍ରକାଶ କରାଯାଉଅଛି । ଏଥିରେ କଲେଜର ବର୍ତ୍ତମାନ ଅଧ୍ୟାପକ ଓ ଛାତ୍ରମାନଙ୍କର ପ୍ରବନ୍ଧ ଏବଂ କବିତା ସ୍ଥାନ ପାଇଅଛି । 'ଗୀତଗୋବିନ୍ଦ' ଓ ତାର

ଲେଖକ ଜୟଦେବଙ୍କ ସମ୍ବନ୍ଧରେ ବର୍ତ୍ତମାନ ଏଦେଶର ସରକାର ଏବଂ ସୁଧୀମାନଙ୍କମଧ୍ୟରେ ଆଲୋଚନା ଚାଲି- ଥିବାରୁ ସେମାନଙ୍କୁ ଏଥିରେ ପ୍ରକାଶିତ ତଦ୍‌ବିଷୟକ ପ୍ରବନ୍ଧ ବହୁ ଅଂଶରେ ସାହାଯ୍ୟ କରିବାର ଆଶା ଅଛି । ଏଣୁ ଏହା ଏତେ ଦୀର୍ଘ ହେଲେ ମଧ୍ୟ ଏହାକୁ ପୂର୍ଣ୍ଣତଃ ପ୍ରକାଶ କରାଯାଇଅଛି ।

କଲେଜର ଅର୍ଦ୍ଧଶତାବ୍ଦୀ (ସୁବର୍ଣ୍ଣ ଜୟନ୍ତୀ)ର ବ୍ୟୟବାବଦକୁ ସଦାଶୟ ଓଡ଼ିଶା ସରକାରଙ୍କ ଶିକ୍ଷାସଚିବ ଶ୍ରୀଯୁକ୍ତ ବନମାଳୀ ପଟ୍ଟନାୟକ ମହୋଦୟ ଟ ୨୦୦୦ (ଦୁଇହଜାର ଟଙ୍କା) ଦାନ କରି ଏହି ଅନୁଷ୍ଠାନର ସବିଶେଷ କୃତଜ୍ଞତାଭାଜନ ହୋଇ'ଛନ୍ତି ।

ଅତି ଆନନ୍ଦର କଥା ଯେ— ବଦାନ୍ୟ ରାଜ୍ୟପାଳ ଡକ୍ଟର୍ ଶ୍ରୀଯୁକ୍ତ ଅଯୋଧ୍ୟାନାଥ ଖୋସଲା ଏହି ସ୍ମରଣିକା ପ୍ରକାଶ ନିମନ୍ତେ ଟ ୫୦୦୲ (ପାଞ୍ଚଶତ ଟଙ୍କା) ଦେଇ ଥିବାରୁ ଏ' ଅନୁଷ୍ଠାନ ତାଙ୍କଠାରେ ଚିରକୃତଜ୍ଞତା ପାଶରେ ଆବଦ୍ଧ ରହିବ ।

# ଏହି ମହାବିଦ୍ୟାଳୟର ସଂକ୍ଷିପ୍ତ ଇତିହାସ

ପୁରୀଜିଲ୍ଲା — ଶ୍ରୀରାମଚନ୍ଦ୍ରପୁର ଶାସନ ନିବାସୀ ସ୍ୱର୍ଗତ ପଣ୍ଡିତ ଶ୍ରୀ ହରିହର ଦାଶ ପଦବ୍ରଜରେ ଯାଇ କରି ଅଯୋଧ୍ୟାନ୍ତର୍ଗତ ବଳରାମପୁର ଷ୍ଟେଟ୍‌ର ମହାରାଜା ସାର ଦିଗ୍‌ବିଜୟସିଂହ ବାହାଦୂର K. C. M: I.ଙ୍କୁ ପୁଣ୍ୟଧାମରେ ଗୋଟିଏ ସଂସ୍କୃତ-ଅନୁଷ୍ଠାନ କରିବାକୁ ଅନୁରୋଧ କରିଥିଲେ । ମହାରାଜା ଦିଗ୍‌ବିଜୟସିଂହ ତଦନୁସାରେ ୧୮୭୫ ମସିହାରେ ୫୫୦୦ ଟଙ୍କା ଗଭର୍ଣ୍ଣମେଣ୍ଟଙ୍କ ଜିମାରେ ଦେଇ ତଦ୍ଦ୍ୱାରା କଟକର କମିଶନର ସାର R. N. Shore esqr ଓ ପୁରୀ P. I. ଲୋକାଲ କମିଟିର ମେମ୍ବରମାନଙ୍କୁ ଗୋଟିଏ ସଂସ୍କୃତ ଅନୁଷ୍ଠାନ ଚଳାଇବାପାଇଁ ଅନୁରୋଧ କରିଥିଲେ । ତଦନୁସାରେ ପୁରୀଜିଲ୍ଲାସ୍କୁଲ ହେଡ୍‌ମାଷ୍ଟର ମହୋଦୟଙ୍କ ତତ୍ତ୍ୱାବଧାନରେ ଗୋଟିଏ ସଂସ୍କୃତଶ୍ରେଣୀ ଓ ସଂସ୍କୃତ ଲାଇବ୍ରେରୀ ଖୋଲାଗଲା ଏବଂ ସେଥିରେ ବ୍ୟାକରଣ ଓ କାବ୍ୟ ପଢ଼ାଗଲା । କଲେଜର ପ୍ରଧାନ ଗୃହଟି ଯେତେବେଳେ ଜିଲ୍ଲାସ୍କୁଲ ଥିଲା । ଏହାର ଉତ୍ତର ଦିଗରେ ଥିବା ଘରେ ସଂସ୍କୃତଶ୍ରେଣୀ ଓ ପାଠାଗାର ରହିଥିଲା । ରାଜାମହୋଦୟ ସଂସ୍କୃତଗ୍ରନ୍ଥଙ୍କ ପାଇଁ ବାର୍ଷିକ ୧୩୦୦ଟଙ୍କା ଖଞ୍ଜି ଦେଇଥିଲେ । ତାଙ୍କ ପରେ ତାଙ୍କର ଉତ୍ତରାଧିକାରୀମାନେ ମଧ୍ୟ ଏହି ବୃତ୍ତି ଦେଇ ଆସୁଥିଲେ । ଜମିଦାରୀ ଉଚ୍ଛେଦପରେ ୯୪୯ରୁ ଏହି ବୃତ୍ତି ବନ୍ଦ ହୋଇଗଲା । କିଛିଦିନ ରେ ଉକ୍ତ ସଂସ୍କୃତଶ୍ରେଣୀକୁ ହେଡ୍‌ମାଷ୍ଟରଙ୍କ ତତ୍ତ୍ୱାବଧାନରୁ କାଢ଼ି ନିଆଯାଇ ସ୍ୱତନ୍ତ୍ର ସଂସ୍କୃତସ୍କୁଲ କରାଗଲା ଓ ସେଥିରେ ନ୍ୟାୟବିଭାଗ ଖୋଲାଗଲା ।

ସମ୍ପ୍ରତିର ସେଥିରେ ତିନିଜଣ ଶିକ୍ଷକ ଓ ଜଣେ ଚପରାଶି ଥିଲେ ।

୧୮୮୮ ମସିହାରେ ଜିଲ୍ଲାକଲେକ୍ଟର, ଏସ୍ ଡି ଓ ସିଭିଲସର୍ଜନ, ମୁନିସିପାଲିଟି ଚେୟାରମ୍ୟାନ୍ ଓ ସ୍କୁଲସମୂହର ଡେପୁଟି ଇନ୍‌ସପେକ୍ଟରଙ୍କୁ ନେଇ ଗୋଟିଏ କମିଟି ଗଠିତ ହେଲା ଓ ଏହି କମିଟି ସଂସ୍କୃତସ୍କୁଲର ପରିଚାଳନାଭାର ଗ୍ରହଣ କଲେ ।

ପରେ ତା ୧।୪।୧୯୧୮ ରିଖରେ ଏହି ସଂସ୍କୃତସ୍କୁଲ୍‌ଟି କଲେଜରୂପେ ପରିଣତ ହେଲା । ମହାମହୋପାଧ୍ୟାୟ ଶ୍ରୀ ସଦାଶିବ ମିଶ୍ର କାବ୍ୟକଣ୍ଠ ଏଥିପାଇଁ ବିହାର ଓଡ଼ିଶା ସରକାରଙ୍କଠାରେ ଦାବୀ ଉପସ୍ଥାପିତ କରିଥିଲେ ଏବଂ ସେ ମହାଶୟ ସର୍ବଦା ଏହି ଅନୁଷ୍ଠାନର ଅଭ୍ୟୁଦୟ ପାଇଁ ଚେଷ୍ଟା କରୁଥିଲେ ।

କଲେଜ ହେଲାବେଳକୁ ଏଥିରେ କାବ୍ୟ, ବ୍ୟାକରଣ, ନ୍ୟାୟ, ସ୍ମୃତି ଓ ବେଦାନ୍ତ ଏହି ପାଞ୍ଚଗୋଟି ଶ୍ରେଣୀ ଥିଲା । ପରେ ମାସକ ମଧ୍ୟରେ ଜ୍ୟୋତିଷ, ଆୟୁର୍ବେଦ ଓ ଓଡ଼ିଆ ଶ୍ରେଣୀମାନ ଖୋଲିଲା ଏବଂ ପରେ ପାଣିନିବ୍ୟାକରଣ, ସାଙ୍ଖ୍ୟଯୋଗ, ବୈଷ୍ଣବଦର୍ଶନ-ମୀମାଂସା ତଥା ଇଂରାଜୀଶ୍ରେଣୀ ଓ ପରିଶେଷରେ ଆଗମପୁରାଣ-ବିଭାଗମାନ ସଂଯୋଜିତ ହେଲା ।

ବଡ଼ଧରଣର ଛାତ୍ରାବାସଟିଏ ନଥିବାରୁ ଛାତ୍ରମାନେ ରହିବାରେ ଅସୁବିଧା ଅନୁଭବ କରୁଥିଲେ । ୧୯୨୫-୨୬ ମସିହାରେ ବିହାରଓଡ଼ିଶା ସରକାର ବର୍ତ୍ତମାନର ପକ୍କା ହଷ୍ଟେଲ୍‌ଟି ନିର୍ମାଣ କରିବାରୁ ସେ ଅସୁବିଧା ଦୂରହେଲା । ତାପରେ କଲେଜହତା ର ପ୍ରାଚୀର କରାଗଲା । ୧୯୪୮ ରେ ସ୍ୱଦେଶୀମନ୍ତ୍ରିମଣ୍ଡଳ-ଦ୍ୱାରା ଆୟୁର୍ବେଦର ପ୍ରାକ୍ଟିକାଲ୍ ବିଭାଗ ଓ ଗୋପବନ୍ଧୁ ଦାତବ୍ୟ ଚିକିତ୍ସାଳୟ ତଥା ଭେଷଜୋଦ୍ୟାନମାନ ସ୍ଥାପିତ ହେଲା । ୧୯୪୮ ମସିହାରେ ସ୍ୱଦେଶୀ ସରକାର ଅଧ୍ୟାପକମାନଙ୍କ ଦରମାହାରକୁ ୧୦୦--୧୮୦କୁ ଉନ୍ନୀତ କଲେ । ୧୯୪୮ରେ ଉକ୍ତ ଅନୁଷ୍ଠାନ ଇନ୍‌ସପେକ୍ଟରଙ୍କ ଅଧୀନରୁ ମୁକ୍ତହୋଇ ଶିକ୍ଷାବିଭାଗୀୟ

ଡାଇରେକ୍ଟର ମହୋଦୟଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ରହିଲା ଏବଂ ଏହିବର୍ଷ ଗୋଟିଏ ଆୟୁର୍ବେଦୀୟ ଫାର୍ମାସୀ ସୃଷ୍ଟି ହେଲା । କ୍ରମେ ଏହି ଅନୁଷ୍ଠାନରେ-ସଂଗୀତଶ୍ରେଣୀ, ଛାତ୍ର ୟୁନିଅନ୍, ହଷ୍ଟେଲଛାତ୍ରଙ୍କ ପାଇଁ ପରିବାବଗିଚ୍ଚ କରା ଯାଇଥିଲା । ଅଧ୍ୟାପକମାନଙ୍କ ପକ୍ଷରୁ ସାମୟିକ--ଆମୋଦ ଓ ଗବେଷଣା ନିମନ୍ତେ 'ପଣ୍ଡିତସମିତି' ନାମରେ ଗୋଟିଏ ଅନୁଷ୍ଠାନ ମଧ୍ୟ ଏଠାରେ ଅଛି । ଏହା ସାହାଯ୍ୟରେ କେତେକ ପୁସ୍ତକ ପ୍ରକାଶ ପାଇଛି ଓ ସଂସ୍କୃତ ତଥା ଓଡ଼ିଆ ଗ୍ରନ୍ଥ ପ୍ରକାଶପାଇଁ ପ୍ରସ୍ତୁତ କରାଯାଇଛି । ୧୯୫୧ ମସିହାରେ ମହାମହୋପାଧ୍ୟାୟ ସଦାଶିବ-କାବ୍ୟକଣ୍ଠଙ୍କ ନାମାନୁସାରେ ଅନୁଷ୍ଠାନର ନାମ "ସଦାଶିବ ସଂସ୍କୃତକଲେଜ" ହେଲା । ତା'ପରେ ୧୯୫୭ରେ ସରକାର ଅଧ୍ୟାପକମାନଙ୍କ ନିବେଦନ ଗ୍ରହଣ କରି ତାଙ୍କ ଦରମାହାରକୁ ସବ୍‌ଡେପୁଟୀସ୍କେଲ-ସହିତ ସମାନ କରି ୧୭୫--୩୫୦କୁ ଉନ୍ନୀତ କଲେ ଏବଂ ଆଜିସୁଦ୍ଧା ତାହା ସ୍ୱାଭାବିକଭାବରେ ୨୩୦--୫୪୦ ପର୍ଯ୍ୟନ୍ତ ବର୍ଦ୍ଧିତ ହୋଇଛି । ବହ୍ମାରୋହଳ ପ୍ରଦେଶରେ ଏହି କଲେଜ ଓ ଧର୍ମସମାଜ ସଂସ୍କୃତ କଲେଜକୁ ଏକ କାଳରେ ସ୍ଥାପିତ କରି ଯାଇଥିଲା । ଉକ୍ତ ଧର୍ମସମାଜ କଲେଜ ଇଂରାଜୀ କଲେଜ ସହିତ ସମକକ୍ଷଭାବେ ସମସ୍ତ ପ୍ରକାର ସୁବିଧା ପାଇ ସାରିଥିଲେ ମଧ୍ୟ ଏହି କଲେଜ ଅଦ୍ୟାପି ଇଂରାଜୀକଲେଜ ସହିତ ସମାନ ସମ୍ମାନ ଓ ସ୍ଥାନ ପାଇନାହିଁ ।

ଏତଦ୍‌ବ୍ୟତୀତ -- ଏତନ୍ମଧ୍ୟରେ ଆୟୁର୍ବେଦ ବିଭାଗର ଅଭିବୃଦ୍ଧିନିମନ୍ତେ ରସଶାଳା ଓ ଇନ୍‌ଡୋର ଖୋଲିଲା ।

ଏହି ଅନୁଷ୍ଠାନକୁ ସର୍ବଦା ପ୍ରାୟଶଃ ଦରିଦ୍ରଛାତ୍ର--ମାନେ ଆସିଥାନ୍ତି । ଏଣୁ ଦାନରୁ ଏହାର ଉତ୍ପତ୍ତି ଓ ଦାନଉପରେ ଏହାର ସ୍ଥିତି ନିର୍ଭର କରେ । କଲେଜ ଆରମ୍ଭରୁ ବଲରାମପୁର ରାଜାଙ୍କ ଦାନ ବ୍ୟତୀତ ଦରିଦ୍ରଛାତ୍ରଙ୍କ ସାହାଯ୍ୟାର୍ଥେ ପୁଅର ବଏସ୍‌ ଫଣ୍ଡ ସୃଷ୍ଟି କରି ଯାଇଥିଲା ଓ ସ୍ଥାନୀୟ ବଦାନ୍ୟମଠାଧୀଶମାନଙ୍କୁ ଦାନ ନିମନ୍ତେ ନିବେଦନ କରି ଯାଇଥିଲା । ସେମାନେ ନିଜର ପ୍ରତିଶ୍ରୁତି ରକ୍ଷା କରି ବହୁବର୍ଷ ପର୍ଯ୍ୟନ୍ତ ଡ଼ା ଚାଉଳ ଓ ପଇସା ହଷ୍ଟେଲକୁ ପଠାଇ ଦେଉଥିଲେ ଏତଦ୍ଭିନ୍ନ ନିଜ ମଠମାନଙ୍କରେ ଅନେକ ଛା ରଖାଉଥିଲେ । ଏହା ଫଳରେ କଲେଜ ଛାତ୍ରସଂଖ୍ୟା ବୃଦ୍ଧି ପାଇଥିଲା । ପରେ ଏଣ୍ଡୋଓମେ ବିଲ୍ ଆଗତ ହେବା ପରଠାରୁ ହଷ୍ଟେଲଛା ମଠବୃତ୍ତି ବନ୍ଦ ହୋଇଗଲା । ଫଳରେ ଛାତ୍ରସଂ କମିବାକୁ ଲଗିଲା । ଏଥିପାଇଁ ୧୯୪୫ରେ ସରକାର ଅନୁରୋଧ କରିବାରୁ ସରକାର ପ୍ରଥମେ ବର୍ଷକୁ ୧ ଟଙ୍କା ଦେଇ ଛାତ୍ରବୃତ୍ତି ୧୨୦୦୦ ଟଙ୍କା ପ ବଢାଇଦେଲେ । ଏତନ୍ମଧ୍ୟରେ ୧୯୪୯ରେ ବଳ ପ୍ରତିବୃତ୍ତି ବନ୍ଦ ହୋଇଥିଲା । ତା'ପରେ ଓଡ଼ିଶା ସଂସ୍କୃ ପରିଷଦ୍‌ର ସୂଚନା ଅନୁସାରେ ମେରିଟ୍ କମ୍ ପ ବୃତ୍ତି ପ୍ରବର୍ତ୍ତିତ ହେବାରୁ ଏହି ଅନୁଷ୍ଠାନର ସରକ ଓ ବେସରକାରୀ ବୃତ୍ତିମାନ ବନ୍ଦ ହୋଇଗଲା । ଫଳରେ କଲେଜର ଛାତ୍ରସଂଖ୍ୟା ଶୋଚନୀୟଭ ହ୍ରାସ ପାଇଲା । ଏବଂ କେତେକ ଅନୁଷ୍ଠାନ ଅନୁଷ୍ଠାନର ଗୃହଗୁଡ଼ିକକୁ ନିଜନିଜର କାମ ଲଗାଇବାର ପରିକଳ୍ପନାମାନ କଲେ ।

ଅନୁଷ୍ଠାନର ଏହିପରି ଦୟନୀୟ ପରିସ୍ଥିତି ଭକ୍ତିପ୍ରାଣ ଆରୁର୍ଯ୍ୟ ହରିହର ଦାସ, ରାୟବାହ ଶ୍ରୀଯୁକ୍ତ ଲୋକନାଥ ମିଶ୍ର ପ୍ରମୁଖ-ନାଗରିକମାନେ ବୃତ୍ତିଦାନ ନିମନ୍ତେ ୧୯୬୫ରେ ସରକାରଙ୍କୁ ଅନୁ କଲେ । ଫଳରେ ତାତ୍କାଳିକ ଶିକ୍ଷାମନ୍ତ୍ରୀ ଚୌଳ ହଷ୍ଟେଲ୍ ଛାତ୍ରଙ୍କ ନିମନ୍ତେ ମାସିକ ଏକହଜାର ଟ ବ୍ୟବସ୍ଥା କଲେ । ଏହାଦ୍ୱାରା କଲେଜର ଛାତ୍ରସ ଅପେକ୍ଷାକୃତ ବୃଦ୍ଧି ପାଇଲା । ବର୍ତ୍ତମାନ ଅନୁ ଜଣାଯାଏ ଯେ- ଯେତେ ଅଧିକ ବୃତ୍ତିବ କରାଯାଇ ପାରିବ- ଛାତ୍ରସଂଖ୍ୟା ତଦନୁରୂପ ପାଇବ ।

ସରକାରୀ ବୃତ୍ତିବ୍ୟତୀତ ସାର ହ ଗୋୟନ୍ଦକା ବାର୍ଷିକ ୧୨୦ଟଙ୍କା ବ୍ୟାକରଣ ବି

ଛାତ୍ରବୃତ୍ତି ଦେଉଛନ୍ତି । ଏଥିପାଇଁ ଅଧ୍ୟାପକ ଚନ୍ଦ୍ରମଣିମିଶ୍ର ଦାନ କରଥିଲେ । ଶ୍ରୀମତୀ ନନ୍ଦମଣୀ ଦେବୀ (ସାଧୁମା) ବାର୍ଷିକ ୩୦ଟଙ୍କା କର ଧର୍ମଶାସ୍ତ୍ର ବିଭାଗୀୟ ଛାତ୍ରମାନଙ୍କୁ ବୃତ୍ତି ଦେବାପାଇଁ- ଏକହଜାରଟଙ୍କାର ଟ୍ରଷ୍ଟ୍ ଫଣ୍ଡ୍ କରିଛନ୍ତି ଓ ଧର୍ମଶାସ୍ତ୍ର ଆଚାର୍ଯ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଙ୍କୁ ପୁରସ୍କାର ଦେବାପାଇଁ ୫୦୦ଟଙ୍କାର ଟ୍ରଷ୍ଟଫଣ୍ଡ୍ କରି ଅଛନ୍ତି । ସ୍ୱାମୀ ଭୋଲାନନ୍ଦଜୀ ମହାରାଜ- ୮୦୦ ଟଙ୍କା ଟ୍ରଷ୍ଟ୍ ଫଣ୍ଡ୍ କରି ବାର୍ଷିକ ୨୪୦ ଟଙ୍କା ବେଦାନ୍ତ ଓ ନବ୍ୟଭାବେ ବ୍ୟାକରଣ ବିଭାଗ ପାଇଁ ଛାତ୍ରବୃତ୍ତି ଦେଇଛନ୍ତି । ସୋନପୁର ମହାରାଜ ଶ୍ରୀ ସୋମଭୂଷଣ ସିଂହଦେବ- ନ୍ୟାୟ ସାହିତ୍ୟ ଓ ଆୟୁର୍ବେଦର ଆଚାର୍ଯ୍ୟ ପରୀକ୍ଷାରେ ପ୍ରଥମସ୍ଥାନ ପାଇଥିବା ଛାତ୍ରଙ୍କ ପାଇଁ ଯଥାକ୍ରମେ ଦୁଇଟି ରୌପ୍ୟପଦକ ଓ ଗୋଟିଏ ସ୍ୱର୍ଣ୍ଣପଦକର ବ୍ୟବସ୍ଥା କରି ଅଛନ୍ତି । ଅବସରପ୍ରାପ୍ତ କଲ୍ଲୀ ସ୍କୁଲ୍ ହେଡ୍ ମାଷ୍ଟର ଶ୍ରୀଯୁକ୍ତ ହରିହର ମିଶ୍ର ତାଙ୍କ ସ୍ତ୍ରୀଙ୍କ ନାମାନୁସାରେ ଆୟୁର୍ବେଦ ଛାତ୍ରଙ୍କ ପାଇଁ ମାସିକ ୧୦ଟଙ୍କା ହାରରେ ଗୋଟିଏ ବୃତ୍ତି ଦେଉଛନ୍ତି ।

ଏହି ମହାବିଦ୍ୟାଳୟର ବିଭିନ୍ନ ବିଭାଗୀୟ ଅଧ୍ୟାପକ ମାନଙ୍କର ନାମ—

(୧) ସାହିତ୍ୟ

୧- ଶ୍ରୀ ବିଶ୍ୱନାଥ ମହାପାତ୍ର, ୨- ଶ୍ରୀ ବୈଦ୍ୟନାଥ ମିଶ୍ର, ୩- ଶ୍ରୀ ବାସୁଦେବ ମିଶ୍ର ଓ ଏମାନଙ୍କ ପରେ ବର୍ତ୍ତମାନ ୪- ଶ୍ରୀ ନାରାୟଣ ମହାପାତ୍ର, ୫- ଶ୍ରୀ ଭଗବତପ୍ରସାଦ ପାଠୀ, ୬- ଶ୍ରୀ ପ୍ରଫୁଲ୍ଲଚନ୍ଦ୍ର ପଣ୍ଡା, ୭- ଶ୍ରୀ ମହେନ୍ଦ୍ର ପ୍ରସାଦ ମିଶ୍ର କାର୍ଯ୍ୟ କରୁଛନ୍ତି । ଶ୍ରୀ ବାଞ୍ଛାନିଧି ଦାଶ, ଶ୍ରୀ ଲିଙ୍ଗରାଜ ଶତପଥୀ, ଶ୍ରୀ ଦୀନବନ୍ଧୁ ଶତପଥୀ ଓ ଶ୍ରୀ ଦେବରାଜ ପାଠୀ ମଧ୍ୟ- ଏହି ବିଭାଗରେ କିଛିକାଳ କାର୍ଯ୍ୟ କରଥିଲେ ।

(୨) ଧର୍ମଶାସ୍ତ୍ର

୧- ଶ୍ରୀ ଯୋଗେନ୍ଦ୍ର ମିଶ୍ର, ୨- ଶ୍ରୀ ହରିହର ନ୍ୟାୟଭୂଷଣ, ୩- ଶ୍ରୀ ଆନନ୍ଦ ମିଶ୍ରଙ୍କ ପରେ ବର୍ତ୍ତମାନ ୪-ଶ୍ରୀ କୁଳମଣି ମିଶ୍ର ଅଧ୍ୟାପକରୂପେ କାର୍ଯ୍ୟ କରୁଛନ୍ତି ।

...ଧ୍ୟୟର

(୩) ବେଦାନ୍ତ

୧- ଶ୍ରୀ ହରିହର ନ୍ୟାୟଭୂଷଣ, ୨- ଶ୍ରୀ ଭକ୍ତକୃଷ୍ଣ ମିଶ୍ରଙ୍କ ପରେ ୩- ଶ୍ରୀ କୃଷ୍ଣଚନ୍ଦ୍ର ରାଜଗୁରୁ ବର୍ତ୍ତମାନ ଅଧ୍ୟାପକ ଅଛନ୍ତି ।

(୪) ନ୍ୟାୟ

କଲେଜ ଆରମ୍ଭ ହେବାପୂର୍ବରୁ ମହାମହୋପାଧ୍ୟାୟ ଶ୍ରୀ ଜଗନ୍ନାଥ ମିଶ୍ର ନ୍ୟାୟବିଭାଗର ଅଧ୍ୟାପକ ଥିଲେ । କଲେଜ ଆରମ୍ଭ ହେବା ପରେ ୧-ଶ୍ରୀ ରାମଚନ୍ଦ୍ର ମିଶ୍ର ଓ ୨- ଶ୍ରୀ ରାମକୃଷ୍ଣ ମିଶ୍ର ଅଧ୍ୟାପକ ଥିଲେ । ୩- ଶ୍ରୀ ରାଧାରମଣ ଦାସ ବର୍ତ୍ତମାନ ଅଧ୍ୟାପକ ଅଛନ୍ତି ।

(୫) ସାଙ୍ଖ୍ୟଯୋଗ

୧- ଶ୍ରୀ ମାୟାଧର ତର୍କପଞ୍ଚାନନଙ୍କ ପରେ ୨- ଶ୍ରୀଯୁକ୍ତ କାଶୀନାଥ ମିଶ୍ର ବର୍ତ୍ତମାନ ଅଧ୍ୟାପକ ଅଛନ୍ତି ।

(୬) ମୀମାଂସା - ବୈଷ୍ଣବଦର୍ଶନ

୧- ପଣ୍ଡିତ ଶ୍ରୀ ଶ୍ୟାମସୁନ୍ଦର ଝା, ୨- ଶ୍ରୀ ଦାମୋଦର ଶାସ୍ତ୍ରୀ - ଓ ୩- ଶ୍ରୀ ସୁଦର୍ଶନ ପାଠୀଙ୍କ ପରେ ଶ୍ରୀ ବାସୁଦେବ ଉଦ୍‌ଗାତା ବର୍ତ୍ତମାନ ଅଧ୍ୟାପକ ଅଛନ୍ତି ।

(୭) (କ) ବ୍ୟାକରଣ (ପ୍ରକ୍ରିୟାକୌମୁଦୀ)

କଲେଜ ଆରମ୍ଭ ସମୟରୁ ୧- ବୈଦ୍ୟନାଥ ଷଡଙ୍ଗୀ ଏହି ବିଭାଗର ଅଧ୍ୟାପକ ଥିଲେ । ତାଙ୍କପରେ ୨- ଶ୍ରୀ ପଦ୍ମନାଭ ମିଶ୍ର ନିଯୁକ୍ତ ହେଲେ ।

(୭) (ଖ) ବ୍ୟାକରଣ (ସିଦ୍ଧାନ୍ତକୌମୁଦୀ)

୧- ଶ୍ରୀ ରମାକାନ୍ତ ପାଣ୍ଡେୟ, ୨- ଶ୍ରୀ ଚନ୍ଦ୍ରମଣି ମିଶ୍ର ୩- ଶ୍ରୀ ଦିବାକର ଦାଶ, ୪- ଶ୍ରୀ ଚନ୍ଦ୍ରଶେଖର ଦାଶ । ୩ୟ ଓ ୪ର୍ଥ ବ୍ୟକ୍ତି ବର୍ତ୍ତମାନ ଅଧ୍ୟାପକ ଅଛନ୍ତି । ଏହି ବିଭାଗରେ- ଶ୍ରୀ ବନମାଳୀ ମିଶ୍ର ଓ ଶ୍ରୀ ନରସିଂହ ରଥ ଅଳ୍ପ ସମୟ ପାଇଁ ଭାବରେ କାର୍ଯ୍ୟ କରଥିଲେ ।

(୮) ଜ୍ୟୋତିଷ

୧- ଶ୍ରୀଯୁକ୍ତ ଶରତଚନ୍ଦ୍ର ପଣ୍ଡା, ୨- ଶ୍ରୀ ବୈଦ୍ୟନାଥ ଶାସ୍ତ୍ରୀ ( B. N. Shastree ), ୩- ଶ୍ରୀ ମୁକୁନ୍ଦ ମହାପାତ୍ରଙ୍କ- ପରେ ୪- ଶ୍ରୀଯୁକ୍ତ ହରହନୁମାନ ଶାସ୍ତ୍ରୀ ବର୍ତ୍ତମାନ ଅଧ୍ୟାପକ ଅଛନ୍ତି । ୫- ଶ୍ରୀ ବାମନମିଶ୍ର ଓ

ଶ୍ରୀ ଯୁଧିଷ୍ଠିର ତ୍ରିପାଠୀ ଏହି ବିଭାଗରେ କିଛିଦିନ ଅସ୍ଥାୟୀଭାବରେ ଅଧ୍ୟାପକତ୍ୱ କରିଥିଲେ ।

### ୯ ଆୟୁର୍ବେଦ

୧- ବୈଦ୍ୟରତ୍ନ ଶ୍ରୀ ମାଗୁଣିବ୍ରହ୍ମା, ୨- ଶ୍ରୀ ଆନନ୍ଦ ମହାପାତ୍ର, ୩-ଶ୍ରୀ ଅମରନାଥ ମିଶ୍ର ୪-ଶ୍ରୀ ଶଙ୍କର ମିଶ୍ର, ୫- ଶ୍ରୀ ନରହରି ଶାସ୍ତ୍ରୀ, ୬- ଶ୍ରୀ ନରସିଂହ ମହାପାତ୍ର, ୭- ଶ୍ରୀ ଅତୁଲଚନ୍ଦ୍ର ମହାପାତ୍ର, ୮- ଶ୍ରୀ ଘନଶ୍ୟାମ ମିଶ୍ର, ୯- ଶ୍ରୀମତୀ ଶାନ୍ତି ଦେବୀ ୧୦- ଶ୍ରୀ ବାମଦେବ ମିଶ୍ର, ୧୧- ଶ୍ରୀ ବାମଦେବ ପଣ୍ଡା, ୧୨- ଶ୍ରୀ ରାମଚନ୍ଦ୍ର ମିଶ୍ର, ୧୩- ଶ୍ରୀ ଶ୍ରୀକର ମିଶ୍ର ଓ ୧୪- ଶ୍ରୀ ହରିହର ଶତପଥୀ ଏହି ବିଭାଗର ବିଭିନ୍ନ ଶାଖାରେ କାର୍ଯ୍ୟ କରୁଥିଲେ ।

ଏହିବର୍ଷ (୧୯୬୭-୬୮) ସରକାରଙ୍କ ନୂତନ ପରିକଳ୍ପନାନୁସାରେ ଏହି ବିଭାଗ ପୁରୀ ଗୋପବନ୍ଧୁ ବିଦ୍ୟାପୀଠ ସହିତ ମିଶ୍ରିତ ହୋଇ ଯାଇଅଛି ।

### ୧୦ ଆଗମପୁରାଣ

୧- ମହାମହୋପାଧ୍ୟାୟ ଶ୍ରୀ ଦାମୋଦର ଶାସ୍ତ୍ରୀ, ୨-ଶ୍ରୀ ସୋମନାଥ ଦାଶ ବର୍ତ୍ତମାନ ଅଧ୍ୟାପକ ଅଛନ୍ତି ।

### ୧୧ ଇଂରାଜୀ

(ମ୍ୟାଟ୍ରିକ୍ ସ୍ତରର ଐଚ୍ଛିକ) ୧- ଶ୍ରୀ ପଦ୍ମଚରଣ ପଟ୍ଟନାୟକ, ୨-ଶ୍ରୀ ରାଧାମୋହନ ମହାନ୍ତି । ୩-ଶ୍ରୀ ରାଧାକୃଷ୍ଣ ମହାନ୍ତି, ୪- ଶ୍ରୀ ବଳଭଦ୍ର ମିଶ୍ର, ୫- ଶ୍ରୀ ହରେକୃଷ୍ଣ ମହାପାତ୍ର, ୬- ଶ୍ରୀ ଗଗନବିହାରୀ ବସୁ, ୭- ଶ୍ରୀ ତ୍ରିଲୋଚନ ମିଶ୍ର, ୮- ଶ୍ରୀ ପଦ୍ମଚରଣ ସାମନ୍ତରାୟ ଶିକ୍ଷକତା କରି ଗଲେଣି । ବର୍ତ୍ତମାନ ୯- ଶ୍ରୀ ଶ୍ୟାମାଚରଣ ଦାଶ ଏ ବିଭାଗର ଶିକ୍ଷକ ଅଛନ୍ତି ।

ଶ୍ରୀ ଗୋବିନ୍ଦଚନ୍ଦ୍ର ମିଶ୍ର ଓ ଶ୍ରୀ ଦାମୋଦର ମିଶ୍ର କିଛିଦିନ ଏହି ବିଭାଗରେ ଶିକ୍ଷକତା କରିଥିଲେ ।

### ୧୨ ଓଡ଼ିଆ

୧- ଶ୍ରୀ ବାସୁଦେବ ମିଶ୍ର, ୨- ଶ୍ରୀ ବଳଭଦ୍ର ମିଶ୍ର, ୩- ଶ୍ରୀ ଗଦାଧର ମହାପାତ୍ର, ୪- ଶ୍ରୀ ମାଧବ ମିଶ୍ର, ୫- ଶ୍ରୀ ବାଞ୍ଛାନିଧି ଦାଶ, ଏ ବିଭାଗର ଶିକ୍ଷକ ଥିଲେ । ବାଞ୍ଛାନିଧି ଦାଶଙ୍କ ଅଧ୍ୟାପକତ୍ୱକାଳରେ- ଏହି ବିଭାଗକୁ ସାହିତ୍ୟ ବିଭାଗର ଅଙ୍ଗୀଭୂତ କରାଗଲା ।

ବର୍ତ୍ତମାନ ନୂତନପାଠ୍ୟକ୍ରମ ଅନୁସାରେ ଗଣିତ, ଇତିହାସ, ଭୂଗୋଳ ଓ ମାତୃଭାଷା ଶିକ୍ଷା ଦେବାପାଇଁ ଦୁଇଜଣ ଶିକ୍ଷକ ନିଯୁକ୍ତ ହୋଇଥିଲେ । ତନ୍ମଧ୍ୟରୁ ଶ୍ରୀ ହରିଚରଣ ନାୟକ ସ୍ଥାନାନ୍ତରିତ ହେବାପରେ ତାଙ୍କ ସ୍ଥାନ ବର୍ତ୍ତମାନ ସୁଦ୍ଧା ଖାଲି ପଡ଼ିଛି । ଦ୍ୱିତୀୟ ଶିକ୍ଷକ ରୂପେ ଥିବା ଶ୍ରୀ ରାଧାମୋହନ ନନ୍ଦ ବର୍ତ୍ତମାନ ଶିକ୍ଷକତା କରୁଛନ୍ତି ।

### ୧୩ ଲିପିକର

କଲେଜ ଆରମ୍ଭରୁ ୧- ଶ୍ରୀ ମନମୋହନଘୋଷ ଲିପିକର ଥିଲେ । ୨- ଶ୍ରୀ ମଦନମୋହନ ଦାଶ, ୩-ଶ୍ରୀ ଭଗବାନ୍ ମିଶ୍ର ଘୋଷଙ୍କ ପରେ କାର୍ଯ୍ୟ କଲେ । ୪- ଶ୍ରୀ ବିଶ୍ୱନାଥ ରଥ ଓ ୫- ଶ୍ରୀ ଭିକାରୀ ମହାପାତ୍ର ବର୍ତ୍ତମାନ ଲିପିକର ଅଛନ୍ତି । ୬- ଶ୍ରୀ ହରେକୃଷ୍ଣ ମିଶ୍ର, ୭- ଶ୍ରୀ ଅଚ୍ୟୁତାନନ୍ଦପତି, ୮- ଶ୍ରୀ ବିବେକାନନ୍ଦ ମିଶ୍ର, ୯- ଶ୍ରୀ ହରିହର ଖାଡ଼ଙ୍ଗା, ୧୦- ଶ୍ରୀ ନରସିଂହ ନାୟକ ଓ ଶ୍ରୀମାନ୍ ରଜନୀକାନ୍ତ ଏହି ବିଭାଗରେ କିଛିକାଳ କାର୍ଯ୍ୟ କରିଥିଲେ ।

### ବିଭିନ୍ନ ସମୟରେ ଥିବା ପ୍ରିନ୍ସିପାଲମାନଙ୍କର ନାମ ଓ କାର୍ଯ୍ୟକାଳ

୧ । ଶ୍ରୀ ବିଶ୍ୱନାଥ ମହାପାତ୍ର, କାବ୍ୟତୀର୍ଥ ୧-୧୧-୧୯

୨ । * ଶ୍ରୀ ଯୋଗୀନ୍ଦ୍ର ମିଶ୍ର, କାବ୍ୟ ବିଶାରଦ ୧୦-୨-୧୯

୩ । ବୈଦ୍ୟରତ୍ନ ଶ୍ରୀ ମାଗୁଣି ବ୍ରହ୍ମା ୧୩-୧୦-୧୯

୪ । ଶ୍ରୀ ଶ୍ୟାମସୁନ୍ଦର ଦାସ ମହାପାତ୍ର, ଏମ. କାବ୍ୟତୀର୍ଥ ୧୩-୧୧-୧

---

* ପ୍ରଥମ ଓ ଦ୍ୱିତୀୟ ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ମଧ୍ୟରେ ଶ୍ରୀ ବୈଦ୍ୟନାଥ ମିଶ୍ର ମଧ୍ୟ କିଛିଦିନ ଅସ୍ଥା ଭାବରେ ଅଧ୍ୟକ୍ଷ କାର୍ଯ୍ୟ ସମ୍ପାଦନ କରିଥିଲେ ।

। ଶ୍ରୀ ରାଧାକୃଷ୍ଣ ମହାନ୍ତି, ବି. ଏ, ଡି. ଇଡ଼.
୧୧-୧-୧୯୨୬

। ଶ୍ରୀ କରୁଣାକର କର, ଏମ. ଏ.,
କାବ୍ୟବ୍ୟାକରଣତୀର୍ଥ ୨୪-୧-୨୯୧୭

। ଶ୍ରୀ ହରେକୃଷ୍ଣ ମହାପାତ୍ର, ବି. ଏ.
୨୭-୬-୧୯୪୦

। ଶ୍ରୀ କିଶୋରୀମୋହନ ଦ୍ୱିବେଦୀ, ଏମ. ଏ.
୧-୮-୧୯୪୦

। ଶ୍ରୀ ହରେକୃଷ୍ଣ ମହାପାତ୍ର, ବି. ଏ.
୧୪-୯-୧୯୪୪

। ଶ୍ରୀ ଡମ୍ବରୁଧର ଦାସ, ଏମ. ଏ., ଡି. ଇଡ଼.
୨-୧୧-୧୯୪୪

୧୧ । ଶ୍ରୀ ପଦ୍ମଲୋଚନ ଉପାଧ୍ୟାୟ, ଏମ. ଏ., ବି. ଏଲ.
୧୮-୮-୧୯୪୭

୧୨ । ଶ୍ରୀ ରାମଚନ୍ଦ୍ର ମହାପାତ୍ର, ଏମ. ଏ. ଏଲ. ଟି,
କାବ୍ୟତୀର୍ଥ ୧୬-୩-୧୯୪୯

୧୩ । ଶ୍ରୀ ସିଦ୍ଧେଶ୍ୱର ହୋତା ଏମ. ଏ. ଜ୍ୟୋତିଷାଚାର୍ଯ୍ୟ
୨୦-୧୦-୧୯୫୪

୧୪ । ଶ୍ରୀ ଚନ୍ଦ୍ରମଣି ମିଶ୍ର ବ୍ୟାକରଣାଚାର୍ଯ୍ୟ
୨-୭-୬୧

୧୫ । ଶ୍ରୀ ପଦ୍ମଲୋଚନ ଉପାଧ୍ୟାୟ
୨୫-୧୦-୬୧

୧୬ । ଶ୍ରୀ ପଦ୍ମନାଭ ମିଶ୍ର ବ୍ୟାକରଣାଚାର୍ଯ୍ୟ
୨୪-୪-୬୨

୧୭ । ଶ୍ରୀ ବାସୁଦେବ ନନ୍ଦ ବି. ଓ. ଏଲ୍.
ସାହିତ୍ୟାଚାର୍ଯ୍ୟ ୩୧-୮-୬୨

୧୮ । ଶ୍ରୀ ରାଧାମୋହନ ମହାପାତ୍ର ଏମ୍. ଏ.
୨-୬-୬୫

ଓଡ଼ିଶାରେ ଥିବା ପ୍ରାଚୀନ ପୁସ୍ତକାଳୟମାନଙ୍କ ମଧ୍ୟରେ ଏହି ମହାବିଦ୍ୟାଳୟ ପୁସ୍ତକାଳୟର ସ୍ଥାନ ଓ ମର୍ଯ୍ୟାଦା ସର୍ବୋତ୍କୃଷ୍ଟ ବୋଲି ମନେ ହୁଏ । ଓଡ଼ିଆ, ହିନ୍ଦୀ, ସଂସ୍କୃତ, ଇଂରାଜୀ, ବଙ୍ଗଳା, ମହାରାଷ୍ଟ୍ରୀ ପ୍ରଭୃତିଭାଷାରେ ମୁଦ୍ରିତ ବିଭିନ୍ନ ବିଷୟକ ପୁସ୍ତକସଂଖ୍ୟା ୭୪୧୬ ଏହାର ପରିଚାଳନା ମଧ୍ୟ ଅଦ୍ୱିତୀୟ । ୧- ଶ୍ରୀ ରମାକାନ୍ତ ପାଣ୍ଡେୟ, ୨- ଶ୍ରୀ ରାଧାକୃଷ୍ଣ ମହାନ୍ତି, ୩- ଚନ୍ଦ୍ରମଣି ମିଶ୍ର ଏହାର ପରିଚାଳକ ଥିଲେ । ବର୍ତ୍ତମାନ ୪- ଶ୍ରୀ କାଶୀନାଥ ମିଶ୍ର ଏହାର ପରିଚାଳକ ଅଛନ୍ତି । ପୁସ୍ତକାଳୟ ପରିଚାଳକଙ୍କ ପାଇଁ ମାସିକ ମାତ୍ର ୧୦ଟଙ୍କା ଆଲାଉନ୍ସ ଦିଆ ଯାଉଛି । କାର୍ଯ୍ୟ ତୁଳନାରେ ଏହା ଅତ୍ୟନ୍ତ କମ୍ । ଏଠାକୁ ସ୍ୱତନ୍ତ୍ରଭାବେ ଗୋଟିଏ ଲାଇବ୍ରେରିଆନ୍ ଦେବାପାଇଁ ବା ଯଥୋଚିତ ଆଲାଉନ୍ସ ବୃଦ୍ଧିପାଇଁ ସରକାରଙ୍କଠାରେ ଅନେକ ଦିନରୁ ଆବେଦନ କରା ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି କରା ଯାଇନାହିଁ ।

୧୯- ଶ୍ରୀ ଦେବାର୍ଚ୍ଚନ ଘୋଷ ୧୯୬୮-୭୧
୨୦- [illegible] – 1971
୨୧- [illegible]
୨୨- [illegible]
୨୩- [illegible]
୨୪- [illegible]
୨୫- [illegible] (Inch.)
୨୬- [illegible] 16.8.[illegible] 79
୨୭- [illegible]

[illegible]
In-charge of
[illegible] (I/c)

# ସୂଚୀପତ୍ର


| ବିଷୟ | ପୃଷ୍ଠା |
|---|---|
| (ସଂସ୍କୃତ ବିଭାଗ) | |
| ୧ । ଉତ୍କଳ ବୀରାଙ୍ଗନା | ୧ |
| ୨ । କର୍ମ ବିବେକଃ | ୪ |
| ୩ । ପଦ୍ୟାବଳୀ | ୭ |
| (ଓଡ଼ିଆ ବିଭାଗ) | |
| ୧ । ଶ୍ରୀ ଗୀତଗୋବିନ୍ଦକାର ଜୟଦେବଙ୍କ ଜନ୍ମସ୍ଥାନ ଓ କାଳ | ୧ |
| ୨ । ବୈଦିକ ସୋମ | ୨୭ |
| ୩ । ସେ କାହିଁ ବୁଝିବ ? (ପଦ୍ୟ) | ୩୨ |
| ୪ । ଅକ୍ଷପାଦଗୌତମ ଓ ନ୍ୟାୟ ଦର୍ଶନ | ୩୪ |
| ୫ । କବି ଓ କାବ୍ୟ | ୪୫ |
| ୬ । ଭକ୍ତି ଲାଭର ଉପାୟ | ୫୧ |
| ୭ । ଛନ୍ଦ ଓ ଭାବ | ୫୫ |
| ୮ । ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ | ୫୮ |
| ୯ । ପାଦପୂଜା (ପଦ୍ୟ) | ୫୯ |
| ୧୦ । ବେଦାନ୍ତରେ ଈଶ୍ୱରତତ୍ତ୍ୱ | ୬୦ |
| ୧୧ । ପଞ୍ଚକୋଷ ଓ ଆତ୍ମା | ୬୪ |
| ୧୨ । ଯୋଗାପସ୍ମାର ଓ ତାର ସଂକ୍ଷିପ୍ତ ଉପଚାର | ୬୬ |
| ୧୩ । ପ୍ରାଚ୍ୟ ସଂସ୍କୃତରେ ବର୍ଣ୍ଣାଶ୍ରମ ପ୍ରଥା | ୬୮ |
| ୧୪ । ବସନ୍ତ ରୋଗ | ୭୧ |
| ୧୫ । ରୋଗ ସୃଷ୍ଟି | ୭୫ |
| ୧୬ । ଲୋକ ସାହିତ୍ୟ | ୮୦ |
| ୧୭ । ଶବ୍ଦତତ୍ତ୍ୱ ଓ ଅଦ୍ୱୈତବାଦ | ୮୪ |
| ୧୮ । ଓଡ଼ିଆ ଭାଗବତ ରଚୟିତା ଅତିବଡ଼ି ଜଗନ୍ନାଥ ଦାସଙ୍କ ସମୟ | ୯୦ |
| ୧୯ । ଚମ୍ପାପୁଅ | ୯୪ |
| ୨୦ । ଦୀର୍ଘଜୀବନ ଲାଭ | ୯୬ |
| ୨୧ । ଅର୍ଜବ ବିଜ୍ଞାନ | ୯୮ |
| ୨୨ । ଅନନ୍ତ ପ୍ରତୀକ୍ଷା | ୧୦୬ |
| ୨୩ । ସ୍ୱାଧୀନ ଦେଶ | ୧୦୭ |
| ୨୪ । ଇଶାଣ | ,, |
| ୨୫ । ମହାବିଦ୍ୟାଳୟ ସମାଚାର | ୧୦୮ |

# उत्कलवीराङ्गना

रचयिता :— अध्यापक-श्रीकाशीनाथमिश्रशर्म्मा

सर्वशक्तिमयीं देवीं सर्वशक्तिप्रदायिनीम् ।
सर्वविद्यास्वरूपां च भवानीं सततं भजे ॥

खोर्द्धानृपेण सह वाङ्किपतेः कदाचिज्-
जातो रणो विनिहतः पर एव तत्र ।
वार्त्ता च सा कुलिशतोऽप्यतिभीतिहेतु-
स्तस्यावरोधजनदाहकरी बभूव । १ ।

छिन्ने तरौ तनुपगूढवती लतेव
क्षोणीतले निपतिता महिषी मुमोह ।
कर्त्तव्यनिर्णयपरा किमसाविदानी-
मेकाग्रतां गतवतीति जनैरतर्कि । २ ।

मोहं विहाय कियता समयेन वारां
धारां च नेत्रगलितां सहसा प्रमृज्य ।
आलिङ्ग्य पुत्रमवलम्ब्य च धीरभावं
चिन्तामिमां कृतवती नयशालिनी सा । ३ ।

अन्तर्गतं कथमिदं मम दुःखपङ्कं
प्रक्षालयेद् बहिरवस्थितबाष्पधारा ?
पीतं सपक्षरुधिरं जठरं प्रयातं
स्यात्तत्र शक्तमथ नेति च संशयेऽहम् ।४।

दुर्गावतीप्रभृतयोऽपि विपत्तिकाले
नायापुरार्यजनगर्हितभीरुभावम् ।
तत्क्षत्रियामलकुले जनिमादधाना
कस्मादहं नयनतो विसृजामि वारि । ५ ।

पूर्वं कृतं हि दुरितं परिपाकहेतुं
प्राप्याधुना जनयतीदमपूर्वदुःखम् ।
भोक्तव्यमेव तदलं रुदितेन भूयो
भोगं विना क्षयमुपैति न कर्मराशिः । ६ ।

निशिचरस्य युद्धविरतिं मृतितोऽप्यकाम्यां
पुत्रं हि बालमपि सादरमावभाषे ।
आयाहि वत्स ! पितरं तव तर्पयावो
युद्धाङ्गने हि रुधिरेण तदीयहन्तुः । ७ ।

आगत्य मुख्यसचिवः प्रणतस्तदानीं
राज्ञीमुवाच, "पुनरन्यविपद्गताः स्मः ।
शत्रुः सहस्तिहयपत्तिरथास्त्रशस्त्रो
राज्यस्य सीमनि युयुत्सुरुपस्थितोऽस्ति ।८।

कंचित् प्रदाय भवती निजराज्यभागं
सन्धिं करोतु सह तेन बलोद्धतेन ।
शिष्टं भुनक्तु तनयो लयमेतु भीतिः
पश्यामि मङ्गलकरं न हि मार्गमन्यम्" ।९।

महिष्युवाच

मन्त्री हतः समरमूर्द्धनि किं द्विषद्भिः ?
प्रेतः किमु त्वमसि तस्य विरूद्धबुद्धिः ?
नो चेत् कथं प्रकुरुषे परिहाय मानं
प्रस्तावमेनमतिलाघवहेतुभूतम् ? १० ।

यस्य प्रसादमुपलभ्य भवान् समेषां
सम्मानभाजनमभूत् सुखराशिभाक् च ।
तस्यैव हन्तरि शिरोवनतिं प्रकुर्वन्
न स्यादनन्तनरकस्य पथानुसारी ? ११ ।

मीनाः पयोविरहिता इव दीनदीनाः
प्राणा ममाकुलदशां महतीं दधानाः ।
प्रस्तावमेनमतिकर्कशमेव सोढुं
नार्हन्ति, दर्शय ततोऽयनमन्यदाशु ।१२।

सचिव उवाच

शत्रुर्बली च कुशलश्च जयोद्धतश्च
त्यक्ता वयं नृपतिनाभिहताः शुचा च।
दुःखानि नार्हति च बालकराजपुत्र-
स्तेनात्र दानमपि साम शुभं विदध्यात् ।१३।

श्रुत्वा तदीयवचनं महिषी सरोषा
दृग्भ्यामवालकजवासुमसोदराभ्याम् ।
कायेन कम्पनवता स्फुरताधरेण
संलक्ष्यते स्म महिषासुरमर्दिनीव ।१४।

राज्ञो निहन्तरि जिघत्सति राज्यमस्मिन्
वध्ये तु गर्हिततमा तव दाननीतिः ।
सन्तप्ततैलनिकरे जलपाततुल्या
रोषानलं मम हृदि प्रबलं प्रसूते । १५ ।

गीतां त्वया प्रतिदिनं पठतादरेण
क्लैब्यं कथं प्रकटितं तदनार्यजुष्टम् ?
इष्टा कथं च विरतिः खलु धर्म्ययुद्धाद्
उद्वेग एष हृदये किमु पुष्यते च ? १६ ।

अज्ञानमेव भयमूलमिति श्रुतीनां
सिद्धान्त इत्यवगतोऽपि कुतो बिभेषि ?
प्रीतिस्तवोपनिषदि प्रथिता पुरा या
सा किं त्वया प्रकटिता परवञ्चनार्थम् ? १७ ।

मृत्युः कदाचिदसकृद् ग्रसते न कंचित्
सर्वः प्रयाति सकृदेव वशं तदीयम् ।
इत्थं स्थिते सकलवन्दितजन्मभूमे-
रक्षाविधावसुवसुव्यय एव भव्यः । १८ ।

कीर्त्तिः स्थिरा यदि तवेप्सिततां न याति
प्राणाश्चला यदि तवाभिमता भवन्ति ।
राज्यं मदीयमपहाय पलाय्य भीरो !
संवर्द्धयस्व प्रथितां चिरजीविसंख्याम् ।१६।

सेनापतिः सचिवसैनिकसंघयुक्तो
भीताः प्रजाश्च तव मार्गमनुप्रयाताः ।
साहायकं यदि रणे मम नाचरेयु-
र्मुञ्चामि नैव समरं द्विषता तथापि । २० ।

नूनं दयानिधिरयं मम बालपुत्रः
खड्गश्च मे प्रियतमो रुधिरं पिपासुः
राज्यं यशश्च परिरक्षितुमाजिभाजः
स्यातां हि मे सहचरौ विजयो ध्रुवः स्यात् ।२१

तेजोमयी च बहुसारमयी च वाणी
सान्तः प्रविश्य तमपि स्थविरं तदानीम्
तेजस्विनं कृतवती, ज्वलनो यथायो
गत्वा करोति खलु दाहकमात्मशक्त्या ।२

वृद्धस्तदीयशिथिलावयवेषु सद्यः
स्फूर्त्तिं परामुपगतस्तरुणैरलभ्याम्
युद्धोचितां कलयितुं विविधां व्यवस्था-
मन्तःपुराद् बहिरगान्मुमुदे च राज्ञी ।२

तैलस्य बिन्दुरिव वारिणि राज्यमध्ये
व्याप्तिं गतं समुदितं वचनं महिष्या
संत्यज्य लाङ्गलमथो कृषिजीविनोऽपि
क्रुद्धा धृतास्त्रनिकराः सहसोपजग्मुः ।२

आगत्य राजभवनं निकषोक्तमेतै-
रुच्चैस्तरां, "विजयतां शुकदेवि ! मातः !"
आकर्ण्य राजमहिषी जयशब्दमेनं
मेने जयं करगतं निहतां शुचं च ।२५

संक्षुब्धसिन्धुभवभङ्गसमोग्रसैन्या
वेलां सपत्ननिवहं ग्रसितुं प्रवृत्ताः
आरूढतुङ्गहय-खड्गविशोभिहस्तां
राज्ञीं यथासमररीति मुदा प्रणेमुः ।२६

संरक्तलोचनयुगाः कृतवीरनादाः
सर्वेऽनुसस्रुरथ तां समराय यान्तीम्
सम्प्राप्य शत्रुशिबिरं निकषा रुषा सा
शंखं रिपोरुधिरशोषकरं प्रदध्मौ । २७

जातं तदा समरमुग्रमचिन्त्यरूपं
भेदोऽरितो न सुहृदां सुगमस्तदासीत्
खोर्द्धापतेर्बलममर्दयदाशुगैः सा
दुर्गेव विग्रहरता महिषासुरस्य । २८

राजोवाच

दूरं व्रज त्वमबले ! व्रजदूरदूरं
किं गाहसे सुभटसंभृतयुद्धभूमिम् ?
अन्तःपुरे सहचरीगणलाल्यमाने
देहेऽस्त्रपातमपि कल्पयितुं व्यथेऽहम् ।२६।

स्नेहो हि दुर्लभतमस्त्वयि पत्युरासीत्
तस्मिँस्तवापि तदहं खलु साधु जाने ।
त्वं तेन साकमचिरं मिलिता यथा स्या-
श्चेष्टे तथा, मनसि चेत्कथयान्यदस्ति ।३०।

महिष्युवाच

यूनोऽपि ते क्षयमुपैति मतिः कथं भो
येनाद्य विस्मरसि सप्तशतीकथायाः ।
युष्मादृशैः सुपुरुषैरबलेति सञ्ज्ञां
प्रख्यापिता जगति नार्थवती मता मे ।३१।

त्वं मन्यमानमतिर्वीर्यमरं निहत्य
त्वां बोधयामि वचसोऽस्य यथार्थभावम् ।
इष्टं समरास्त्रमथवापि गृहाण शस्त्रं
मत्तो यथेच्छसि तथाहमुरीकरोमि ।३२।

इत्थं तयोः प्रवदतोः समरेऽति घोरे
सैन्या गजा विनिहता अमितास्तथाश्वाः ।
तेषां शवैस्तत इतः पतितैरगम्या
भूमिर्बभूव रुधिरैरतिपिच्छिला च ।३३।

द्रष्टुं तदार्त्तगणमुष्णकरोऽप्यनिच्छ-
न्नस्ताचलं चलितुमाकलयांबभूव ।
साफल्यमापयितुमाशु निजां प्रतिज्ञां
व्यूहं चकार रिपुवेगनिरोधकं सा ।३४।

भित्वा च तं नरपतिः खलु कौशलेन
प्राप्तस्तदन्तरभिमन्युरिवासहायः ।
राज्ञी च तेन युयुधे न तु सैन्यवृन्दं
सिंही शृगालहननेऽन्यमपेक्षते किम् ।३५।

एवं तयोर्विदधतोः समरं कदाचिद्
हस्ताद्*विह्वस्तनृपतेर्निपपातशस्त्रम् ।
राज्ञी ददे सहचरीकरतः कृपाणं
तस्मै, यतोऽस्त्ररहितैः समरं न शस्तम् ।३६।

क्रोधापमानवशगो नृपतिस्तदानीं
खड्गेन तेन महिषीं प्रजहार तूर्णम् ।
त्राणार्थमुन्नमितचर्म्मण्यधिराजपत्नी-
खड्गस्तु भङ्गमगमत् कलितप्रहारः ।३७।

हस्तान्तरस्थितसुतीक्ष्णविशालकुन्तं
चिक्षेप कोपनवती महिषी जवेन ।
संविद्धबाहु-बहुलस्रुतरक्तरक्तो
राजा रराज पृथुपुष्पितकिंशुकाभः ।३८।

शस्त्रं कराद् विगलितं हृदयाच्च धैर्य्यं
कान्तिश्च्युता च वपुषो रुधिरेण साकम् ।
तं शत्रुसैनिकगणः खलु कान्दिशीकं
बन्दीचकार महिषीहृदयानुसारी ।३९।

हे चर्च्चिके ऽभयकरे विजयस्व मात !
त्वामाश्रिता विजयतां भुवि राजमाता ।
इत्थं हि बङ्किपृतनाजयगानशब्दैः
पूर्णा बभूवुरवनी विदिशोदिशश्च ।४०।

दुद्राव शीघ्रमुपलभ्य च तां प्रवृत्तिं
खोर्द्दाचमूर्हरिमुखाद्हरिणीव भीता ।
शूरैः सभाजिततरे नियमेऽनुरक्त-
स्तां बाङ्किसैनिकगणोऽनुससार नैव ।४१।

इन्दोरवेरुदयमस्तमनं प्रयाताद्
हर्षं विषादमयते स्म जयी जितश्च ।
दुःखं सुखं च परिवर्तनमेतिनूनं
चक्रारपंक्तिरधऊर्ध्वगता यथा हि ।४२।

---

*विह्वस्तः—व्याकुलः

आलिङ्गितं हि रुजया सह चिन्तया तं
रुद्धं सपत्नशिविरे नृपतिं निशायाम् ।
सापत्न्ययोगकलुषीकृतचित्तवृत्ति-
र्निद्रा मुहूर्तमपि नो कलयांबभूव ।४३।

शय्याश्रित: स मनसा स्वपुरं जगाम
म्लानं समस्तमवलोक्य पुनर्निवृत्तः ।
चिन्तां विहाय निजभाग्यविपर्ययोत्थां
सस्मार दुःखकलुषौघहरं हरं सः ।४४।

प्रातः प्रवद्धकरपादमधोमुखं तं
सिंहासनोपरिगता महिषी बभाणे ।
विज्ञापयस्व वलवीर्य्यवतां वरिष्ठ !
प्राप्तुं किमिष्टमवलाजनतोऽधुनास्मात् ।४५।

लज्जावनम्रतरशीर्णमुखं तदानीं
तूष्णीं स्थितं नरपतिं पुनराह ग
तथ्या त्वदुक्तिरबलेति मयि प्रयुक्ता
चेतो यतो न बलते बलहीननाशे ।

दीनां त्वदीयमहिषीं विधवां तदन्यै-
र्वेत्तुं ह्यशक्यमति-दुःखमुपाददान
शोकाश्रुभिश्च धरणीमभिषेचयन्तीं
संचिन्त्य मे हृदयमाकुलतां दधाति

मुक्तोऽयमेनमधुना कुरु बन्धहीनं
यातु स्वराज्यमिति कर्मकरं गदित
राज्ञी विचारनिलयात् खलु निर्जगाम-
तत्कीर्त्तिरेतदवनेर्न तु निर्जगाम

सूर्याचन्द्रमसौ यावद् यावद् विन्ध्यहिमालयौ ।
तावदेषा सुधास्यन्द-निन्दिकीर्त्तिश्चरिष्यति । ४६ ।

---

# कर्मविवेक:

लेखक:—अध्यापक श्रीकुलमणिमिश्रशर्म्मा

जीवनं कर्ममयं, ""न हि कश्चित् क्षणमपि जातु तिष्ठत्यकर्मकृ" दितिद्भगवदुक्तेः । तदेव कर्म सदसद्भेदे भिद्यते । तत्र सत् कर्म धर्मः । असदधर्मः– ' कर्मणां च विवेकार्थं धर्माधर्मौ व्यवेचय दिति मनू (३१ २६) रु विवेचितत्वात् । सदपि कर्म द्विविधं, प्रवृत्तनिवृत्तभेदेन । "प्रवृत्तं च निवृत्तं च द्विविधं कर्मेति" तदुक्तेः । निवृत्तं क मोक्षसाधनम् । तदपि प्रवृत्तं सत्कर्म साधनभेदेन शारीरं वाचिकं मानसमिति भेदत्रयवद्भवति । यद्धर्मापरपर्याये समाख्यातं शास्त्रविद्भिः । अत्र धर्मलक्षणे प्रोक्तं जैमिनिना, "चोदना लक्षणोऽर्थो धर्म इत्यत्र अर्थोऽपि योऽभ्युदयार्थे तेनात्र अभ्युदयसाधकं श्रुतिप्रतिपादितं कर्म धर्म इति फलितम् । मनुरपि तमेवार्थं धर्ममाह भङ्गीभेदेन ।

"विद्वद्भिः सेवितः सद्भिर्नित्यमद्वेषरागिभिः ।
हृदयेनाभ्यनुज्ञातो योधर्म इत्यादिना ।

रागद्वेषवर्जनादिगुणविशिष्टैर्वेदज्ञैः स्वाभिमुख्येन ज्ञातोधर्म इति । वसिष्ठस्तु श्रुतिस्मृतिविहित इति धर्म प्राधान्येन श्रुतिमूलत्वं सूचयति, स्मृतिमूलत्वं च तदनुगतत्वेन तत्पूरकत्वेनेति नानर्थकीम् । न च स्मृतेः स्वातन्त्र्येण प्रामाण्यमस्ति यस्मात् । अभ्युदयसाधकत्वं च स्वतएव आगतमस्येति सर्वेषां मुनिमतानां सामञ्जस्यम्। "अगृह्यमाणक धर्म" इत्युक्तेरस्य कारणानुसन्धानं निरर्थकं सिद्धस्य साध्यत्वकल्पनवदिति बोद्धव्यम् ।

"यत्तु श्रुतिः स्मृतिः सदाचारः स्वस्य च प्रियमात्मनः ।
एतच्चतुर्विधं प्राहुः साक्षाद्धर्मस्य लक्षणमिति ।"

तत् लक्ष्यते अनेनेति लक्षणमितिव्युत्पत्त्या धर्मस्वरूपज्ञापकत्वेन ज्ञापकहेतुत्वमेतेषाम् । अत्रापि स्मृतेः श्रुतिमूलकत्वेन सदाचारस्य च श्रुतिस्मृतिमूलत्वेन प्रामाण्यम् । आत्मप्रीतेस्तु पूर्वोक्तस्थानत्रये द्वैधे उत्पन्ने प्रामाण्य मेकतरपक्षाश्रयणेन । "श्रुतिद्वैधं तु यत्रस्यात्तत्र धर्मावुभौ स्मृता"विति मनूक्तेः । याज्ञवल्क्यस्तु ज्ञापक हेतूनचतुर्दश निर्दिशति—

"पुराण न्याय मीमांसा धर्मशास्त्राङ्गमिश्रिताः । वेदाः स्थानानि विद्यानां धर्मस्य च चतुर्दश ।।"

महाभारतेऽपि—

"इतिहासपुराणाभ्यां वेदं समुपबृंहयेत् । बिभेत्यल्पश्रुताद्वेदो मामयं प्रहरिष्यती"ति ।।

ज्ञापकहेतुवत् कारकहेतुरपि दर्शितः । तथाहि—

"देशेकाल उपायेन द्रव्यं श्रद्धासमन्वितम् । पात्रे प्रदीयते यत्तत् सकलं धर्मलक्षणम् ।।"

एतेषां च वेदादीनां परस्परविरोधे समुपस्थिते तत्रादौ विषयव्यवस्था तदनन्तरं विकल्पः । तथाहि एकस्मिम् ब्रह्महत्या प्रायश्चित्ते एकेनापि मनुना वन्हिप्रवेशादिवेदसंहितापारायणान्तं त्रयोदशविधं प्रायश्चित्तमादिष्टम् । तत्र विषमकल्पाना-मेतेषां विकल्पे स्वीकृते गुरुकल्पानां नैरर्थक्यापत्तिः, कर्त्तृप्रयोजकानुग्राहकानुमन्तृनिमित्तिनामपि ज्ञानाज्ञानकामाकामप्रवृत्ता-नामपि विषमसंपर्कवतां समानप्रायश्चित्तं प्रसज्येत । "एनसि गुरुणि गुरूणि लघुनि लघूनी"ति गौतमवचनमपि बाध्येत । तदर्थमत्र विषयव्यवस्था समुपयुज्यते तच्च भविष्यपुराणे स्पष्टीकृतम्— तथाहि

"लक्ष्यं शस्त्रभृतां वा स्याद्विदुषामिच्छयात्मनः । प्रास्येदात्मानमग्नौ वा समिद्धे त्रिरवाक्शिराः ।

इत्यस्य मनुवचनस्य विषयव्यवस्था तत्रोक्ता एतद्वाक्यानन्तरं यथा—

"यजेत वाश्वमेधेन क्षत्रियो विप्रघातकः । प्रायश्चित्तत्रयं ह्येतत् क्षत्रियस्य प्रकीर्त्तितम् ।।
क्षत्रियो निर्गुणोधीरं ब्राह्मणं वेदपारगम् । निहत्य कामतो वीर लक्ष्यः शस्त्रभृतो भवेत् ।।
चतुर्वेदविदंधीरं ब्राह्मणं चाग्निहोत्रिणम् । निहत्य कामादात्मानं क्षिपेदग्नाववाक् शिराः ।।
निर्गुणं ब्राह्मणं हत्वा कामतो गुणवान् गुह । यष्ट्वा वा आश्वमेधेन क्षत्रियो यो महीपतिः ।।

इत्यादिना हन्तृहतगतगुणतारतम्येन सकामाकामक्रियाभेदेन च । क्वचिच्चसावकाशनिरवकाशदृष्ट्या विभिन्नमतानां विवेकः क्रियते । यथा एकादशीक्षयस्थले दशमीविद्धैकादश्याः सर्वथा उपवासे निषिद्धेऽपि—

"एकादशीदशाविद्धा सकला द्वादशी परे । उपोष्या दशमी-विद्धा ऋषिरुद्दालकोऽब्रवीत् ।।

इति वचनस्य एतद्विषयमन्तरेण नैरर्थक्यं दशमीविद्धनिषेधवाक्यानां विषयान्तरेषु सावकाशत्वंचेति सावकाशनिरवकाशयोर्निरवकाशस्यैवबलवत्वमिति मीमांसाश्रयणेनात्र विषयव्यवस्था ग्रहणीया । यत्र तु गुरुलघुकल्पनया सावकाशनिरवकाशदृष्ट्या वा विवेकः कर्त्तुं न शक्यते तत्र विकल्पः कल्पनीयः । "तुल्यबलविरोधो विकल्प" इति गौतमोक्तेस्तुल्यबलानां शास्त्राणां विरोधे दुर्बलानां बाध एव, प्रबलानां तु प्रसक्तिः । शास्त्राणां च श्रुतिस्मृतीतिहासादीनां पारदौर्बल्यमिति श्रुत्यादिना स्मृत्यादिर्बाध्यते ।

यथा औदुम्बरीस्पर्शविधायकश्रुतिवचनेन औदुम्बरीवेष्टनस्मृतेर्बाधोविहितः।

यत्र तु षोड़शीग्रहणाग्रहणवद् विषमकल्पयोरपि विकल्पस्तत्र विधानाधिक्यपक्षे फलाधिक्यमवश्यं कल्प्यं तदन्यथा ग्रहणपक्षानर्थक्यापत्तेः।

क्वचित स्वशाखायामनुक्तमपि शाखान्तरेष्वाम्नातं तदपि ग्राह्यमनिषिद्धमनुमतमितिन्यायेन। यत्तु स्वशाखायां साद्यादुक्तं तदितरशाखास्वनुक्तमपि तद्ग्राह्यम्।

अर्थवादस्थलेषु प्रस्तुतविषयप्रशंसापराणि वचनानि तदितरनिन्दाबोधकान्यपि निन्दातात्पर्य्येण न ग्राह्याणि। "नहि निन्दा निन्द्यं निन्दितुं प्रवर्त्तते अपि तु स्तुत्यं स्तोतु"मिति न्यायेन। अनया रीत्या विचारे सर्वेषामेव शास्त्राणामेकवाक्यता प्रतिपादिता भवति।

यदि महात्मनामपि कश्चिदाचारो धर्म विरुद्धस्तर्हि स न सदाचाररूपेण ग्राह्यः। यद्यपि तत्कर्मणा तेषां विगीतता नास्ति तथापि तत्कर्म अपरेषां ग्रहणाय नैव भवति। एतेन परशुरामस्य मातृवधः श्रीकृष्णस्य रासक्रीडा चेत्यादि नानुकरणीयम्।

यत्र तु शास्त्रसिद्धमपि किंचिल्लोकविरुद्धं तदपि त्याज्यं यथा मधुपर्के गोवधः। "अस्वर्ग्यं लोकविद्विष्टं धर्म्यमप्याचरेन्नतु" शास्त्रानुक्तमपि शास्त्राविरुद्धमात्मतुष्टिकरमाचरणं धर्मोभवितुमर्हति यथा मासस्य अमुकदिवसे नियतमहमुपवासं करिष्ये इत्यादि संकल्पः।

धर्माधर्मविनिर्णये सामान्यतः यस्मिन् कर्मणि कृते मनः अन्तरात्मा च प्रसीदति स धर्मः, यत्र मनः अन्तरात्मा च ग्लायति स अधर्मः।

तथा मनुः "यत् कर्म कुर्वतोऽस्य स्यात् परितोषोन्तरात्मनः। तत् प्रयत्नेन कुर्वीत विपरीतं तु वर्जयेत्॥"

धर्मस्य प्रवृत्तनिवृत्तभेदेन द्वैविध्यमुक्तम्। तत्र निवृत्तधर्मस्तु मोक्षएव। प्रवृत्तस्तु स्मार्त्तः षड्धाभिद्यते। यथोक्तं भविष्ये-

वर्णधर्मः स्मृतस्त्वेक आश्रमाणामतः परम्। वर्णाश्रमस्तृतीयस्तु गौणो नैमित्तिकस्तथा॥ इति।

वर्णधर्मा-श्रमधर्म-वर्णाश्रमधर्म-गुणधर्म नैमित्तिकभेदेन पञ्च धर्मभेदाः। तत्र वर्णधर्मः प्रतिवर्णं नियतमाश्रितः यथा ब्राह्मणो नित्यं मद्यं वर्जयेदित्यादिः। आश्रमधर्मस्तु ब्रह्मचारिणः गुरुसेवाभिक्षाचरणवेदाध्ययनादिरूपः। वर्णाश्रमधर्मो यो वर्णत्वमाश्रमत्वंचेत्युभयमाश्रित्य वर्त्तते यथा— मौञ्जीमेखला ब्राह्मणस्य ब्रह्मचारिण इत्यादि रूपः। गुणधर्मो यथा अभिषिक्तक्षत्रियस्य प्रजापालनम्। एवमन्यत्राप्यूह्यम् निमित्तधर्मस्तु प्रायश्चित्तरूपः। स तु विहिताकरणनिन्दितसेवनरूपपापप्रणाशाय आचर्य्यते।

"पापं चेत् पुरुषः कृत्वा कल्याणमभिपद्यते। मुच्यते पातकैः सर्वैर्महाभ्रैरिवचन्द्रमाः॥

तेन पापानुगत मनसः पुनः प्रत्यापत्तिर्भवति।

तथाचाङ्गिराः— उद्गच्छन् यद्वदादित्यस्तमःसर्वं व्यपोहति। तद्वत् कल्याणमातिष्ठन् सर्वं पापं व्यपोहति॥

तच्च प्रायश्चित्तं कामकृते अकामकृते अपि पापे श्रुतिनिदर्शनात् विधीयते इति मन्वादयः। "गौतमस्तु एनसि गुरुणि गुरूणि लघुनि लघूनि" प्रायश्चित्तानि कल्पनियानीत्यादिदेश।

साधारणधर्मस्तु षष्ठः वर्णनिर्विशेषे आश्रमनिर्विशेषे वयोऽवस्थानपेक्षया च य उपदिष्टः— यथा

अहिंसा सत्यमस्तेयं शौचमिन्द्रियनिग्रहः । एतं सामासिकं धर्मं चातुर्वर्ण्येऽब्रवीन्मनुः ।१०।६३

तान्यपि कर्माणि नित्यनैमित्तिककाम्यभेदेन भिद्यन्ते । तत्र नित्येषु सर्वत्र अनुकल्पः शास्त्रेषु दर्शितः । तत्र फलमस्तीत्येके नास्तीत्यन्ये, तथा च जाबालः—

क्षयं केचिदुपात्तस्य दुरितस्य प्रचक्षते । अनुत्पत्तिं तथाचान्ये प्रत्यवायस्य मन्वते ॥

नित्यक्रियां तथैवान्ये ह्यनुषङ्गफलां श्रुतिमित्यादि । नैमित्तिकं तु निमित्तमासाद्य प्रवर्त्तते । काम्यं तु पुरुषकामना-प्रसूतमिति तेषां भेदः । काम्यनित्ययोः समवाये काम्यस्यैव प्राबल्यम् "फलवत् बलवत् अफलं दुर्बलं बाधते" इति न्यायेन । लोके च नहि मिष्ठान्नाशी पुनर्नित्यभोज्यस्थूलान्नमश्नातीति ।

सर्वमपिकर्म कर्त्तुः सत्त्वरजस्तमोगुणभेदेन त्रिधा । तान्यपि प्रत्येकमुत्तमाधममध्यमभेदेन भिद्यन्ते । तेन कर्म नवधा । तान्यपि शारीरवाचिकमानसिक भेदेन पुनस्त्रिधा भवन्ति—

शरीरजैःकर्मदोषै र्याति स्थावरतां नरः । वाचिकैः पक्षिमृगतां मानसैरन्त्यजातितामिति ॥

एवं कर्मभेदमाश्रित्य आब्रह्मस्थावरपर्यन्तसंसारः प्रवर्त्तते । एतस्य शुभाशुभरूपकर्मणोनिर्णा यसन्देहे परिषत् प्रष्टव्या । सा च दशावरा त्र्यवरा वा । तत्र दशावरा यथा—

"त्रैविद्यो हैतुकस्तर्की नैरुक्तो धर्मपाठकः । त्रयश्चाश्रमिणः पूर्वे परिषत् स्याद्दशावरा ।

त्र्यवरा यथा—ऋग्वेदविद् यजुर्विच्च सामवेदविदेव च । त्र्यवरा परिषज्ज्ञेया धर्मसंशयनिर्णये ॥

सर्वाभावे— एकोऽपि वेदविद् धर्मं यं व्यवस्येद्विजोत्तमः । स विज्ञेयः परोधर्मो नाज्ञानामुदितोऽयुतैः ।

नात्र धर्मनिर्णये संख्याप्राधान्यमपेक्ष्यम् । तथा च मनुः—

अव्रतानाममन्त्राणां जातिमात्रोपजीविनाम् । सहस्रशः समेतानां परिषत्त्वं न विद्यते ॥ इति ॥

ख्रीष्टीय १० ५-४३ दिवसे तदानीन्तनाध्यक्षमहोदयानामनुरोधेन वक्ष्यमाणविषयमुपजीव्य अध्यापकै रचिता

# पद्यावली

**Life is earnest and life is real, The grave is not it's goal.**
**Dust than art to dust returnest, was not spoken of the soul.**

अध्यक्ष श्रीकिशोरीमोहन द्विवेदिनः

यथार्थोऽयमात्मा न मायादियुक्तो
न मृत्युः कदाचित्त्वमुष्यान्तकः स्यात् ।
मृदो जन्म ते यन्मृदि स्यान्निवेशो
मतं चेतनं न स्पृशेदित्यवेहि ॥

धर्मशास्त्राध्यापक श्रीसदानन्द मिश्रस्य

भवाभावखेलातरङ्गैर्भवेस्मिन्
न लिप्तश्चिदात्मा हि देही स नित्यः ।
प्रभुर्मृत्युरप्यस्य सीमा न मातु
र्भवेत् केवलं भूतिसाद् भूतदेहः ॥

ବଙ୍ଗୀୟ ବା ଉତ୍କଳୀୟ ଏ ବିଷୟରେ ମତଭେଦ ପ୍ରାୟ ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ହେଲ ଲାଗି ରହିଛି । ତେଣୁ ପ୍ରସ୍ତୁତ ପ୍ରବନ୍ଧରେ ସେହି ବିବାଦର ଯଥାର୍ଥ ନିର୍ଣ୍ଣୟ ସର୍ବାଦୌ ପ୍ରୟୋଜନୀୟ ମନେ କଲି ।

## ବଙ୍ଗୀୟତ୍ୱପକ୍ଷୀୟ ଯୁକ୍ତି—

୧- ବିକ୍ରମାଦିତ୍ୟଙ୍କ ସଭାରେ ଥିବା ନବରତ୍ନଙ୍କପରି ବଙ୍ଗର ହିନ୍ଦୁରାଜା ଲକ୍ଷ୍ମଣସେନଙ୍କ ସଭାରେ ଥିବା ପଞ୍ଚରତ୍ନଙ୍କ ମଧ୍ୟରେ ଜୟଦେବ ଅନ୍ୟତମ । ଏହା ମହାରାଜ ଲକ୍ଷ୍ମଣସେନଙ୍କ ସଭା-ଭବନର ଦ୍ୱାରଦେଶରେ ସ୍ଥାପିତ ପ୍ରସ୍ତରଫଳକରେ ଲିଖିତ—

"ଗୋବର୍ଦ୍ଧନଶ୍ଚ ଶରଣୋ - ଜୟଦେବ ଉମାପତିଃ
କବିରାଜଶ୍ଚ ରତ୍ନାନି, ସମିତୌ ଲକ୍ଷ୍ମଣସ୍ୟ ତୁ ।"

ଏହି ଶ୍ଳୋକରୁ ପ୍ରମାଣିତ ହୁଏ । ପ୍ରସ୍ତୁତ ଶିଳାଲିପିରେ ନିର୍ଦ୍ଦିଷ୍ଟ ଜୟଦେବ ଗୀତଗୋବିନ୍ଦକାର ଯା ଅନ୍ୟବ୍ୟକ୍ତି - ଏହି ସନ୍ଦେହକ୍ରି—

"ବାଚଃ ପଲ୍ଲବୟତ୍ୟୁମାପତିଧରଃ ସନ୍ଦର୍ଭଶୁଦ୍ଧିଂ ଗିରଂ
ଜାନୀତେ ଜୟଦେବ ଏବ ଶରଣଃ ଶ୍ଲାଘ୍ୟୋ
ଦୁରୂହଦ୍ରୁତେ—
ଶୃଙ୍ଗାରୋତ୍ତରସତ୍ପ୍ରମେୟରଚନୈରାଚାର୍ଯ୍ୟ ଗୋବର୍ଦ୍ଧନ—
ସ୍ପର୍ଦ୍ଧୀ କୋଽପି ନ ବିଶ୍ରୁତଃ ଶ୍ରୁତିଧରୋ ଧୋୟୀ
କବିକ୍ଷ୍ମାପତିଃ ।

ଗୀତଗୋବିନ୍ଦର ଏହି ପ୍ରାରମ୍ଭିକଶ୍ଳୋକ ଦୂର କରିଛି । କାରଣ- ଯେଉଁ ପାଞ୍ଚଜଣ - ଶିଳାଲିପିରେ ସୂଚିତ ସେହି ପାଞ୍ଚଜଣଙ୍କୁ ନେଇ ଗଢ଼ିଉଠିଥିବା ନିଜର ଗୋଷ୍ଠୀକୁ ସ୍ୱୟଂ କବି ହିଁ ସୂଚିତ କରିଛନ୍ତି । ଏଣୁ ସେ ବଙ୍ଗୀୟ ହେବାହିଁ ସମ୍ଭାବିତ ।

୨- ବିଶ୍ୱକୋଷକାର ଗୋଟିଏ ପ୍ରାଚୀନ ଗୀତ-ଗୋବିନ୍ଦପୋଥିର ଶେଷରେ ଥିବା ପଂକ୍ତିର ଉଦ୍ଧାର କରି ପ୍ରମାଣିତ କରିଛନ୍ତି ଯେ—

ଜୟଦେବ ନିଶ୍ଚିତରୂପେ ଲକ୍ଷ୍ମଣସେନଙ୍କ ସଭାରେ ଥିଲେ । —ସେହି ପଂକ୍ତି:— "ସମାପ୍ତଂଚେଦଂ ଶ୍ରୀଗୀତଗୋବିନ୍ଦାଭିଧଂ ସମୀଚୀନତମଂ ଶାସ୍ତ୍ରଂ ସମ୍ପୂର୍ଣ୍ଣମ୍ । କୃତିଃ ଶ୍ରୀ-ଭୋଜଦେବାତ୍ମଜ-ଶ୍ରୀବାମାଦେବ ପୁତ୍ର-ଶ୍ରୀଜୟଦେବସ୍ୟେତି ଶେୟଃ । ଅଥ ଲକ୍ଷ୍ମଣ ସେନନାମ-ନୃପତିସମୟେ ଜୟଦେବସ୍ୟ କବିରାଜ ପ୍ରତିଷ୍ଠା ।" ଏଣୁ ସେ ବଙ୍ଗୀୟ ହେବା ସମ୍ଭବ—

ଯଦ୍ୟପି ସେ ଉତ୍କଳରାଜଙ୍କ ସଭାରେ ସମ୍ମାନାସ୍ପଦ କବି-ପଣ୍ଡିତରୂପେ ଥିବାର ଯଥେଷ୍ଟ ପ୍ରମାଣ ଅଛି-ତଥାପି ସେ କାହାରୁ ଆସି ଉତ୍କଳରାଜଙ୍କ ରାଜସଭାରେ ସ୍ଥାନ ପାଇଥିଲେ । ଏହା ଖ୍ରୀଷ୍ଟୀୟ ଷୋଡଶ ଶତାବ୍ଦୀ ଉତ୍ତରାର୍ଦ୍ଧରେ କାଙ୍ଗଡ଼ାର ରାଜା ମାଣିକ୍ୟଚନ୍ଦ୍ର ଆଶ୍ରୟରେ ଥିବା କେଶବ-ମିଶ୍ରଙ୍କ ଅଳଙ୍କାରଶେଖର ଗ୍ରନ୍ଥର—

ପ୍ରାକ୍‌ପ୍ରତ୍ୟକ୍-ପୃଥିବୀଭୃତୋଃ ପରିଷଦି ପ୍ରଖ୍ୟାତସଂଖ୍ୟାବ
ମହ୍ୱାପ୍ୟାଭୃତତର୍କକର୍କଶତୟା ଛିତ୍ତ୍ୱା ବିଦ୍ୟାମଦମ୍
ଯେ କେଽପ୍ୟୁତ୍କଳଭୂପତେ ! ତବ ସଭାସମ୍ଭାବିତାଃ
ପଣ୍ଡିତ
ପତ୍ରଂ ଶ୍ରୀ-ଜୟଦେବପଣ୍ଡିତକବି-ସ୍ତନ୍ମୂର୍ଦ୍ଧ୍ନି ବିନ୍ୟସ୍ୟତ

(ଅର୍ଥାତ୍‌— ହେ ଉତ୍କଳରାଜ ! ଆଶ୍ଚର୍ଯ୍ୟଜନ ତର୍କରେ କର୍କଶ ହୋଇଥିବାରୁ ପୂର୍ବ ଓ ପଶ୍ଚିମ ରାଜାମାନଙ୍କ ସଭାରେ ପ୍ରସିଦ୍ଧ ପଣ୍ଡିତମାନଙ୍କର ବିଦ୍ୟା ମଦକୁ ଖଣ୍ଡିତ ବିଚ୍ଛିନ୍ନ କରି, ତୁମ୍ଭ ସଭାରେ ଯେ ପଣ୍ଡିତମାନେ ସମ୍ମାନିତ, (ଆଜି) ଜୟଦେବ ନାମ ପଣ୍ଡିତ-କବି ସେମାନଙ୍କ ମସ୍ତକରେ ପତ୍ର (ପରାଜୟ ସୂଚକ ଗଛର ପତ୍ର ବା ଲିଖିତ ପତ୍ର) ବିନ୍ୟସ୍ତ କରୁଛି ।) ଏଠାରେ ଆଉ ଏକ କଥା ପ୍ରଣିଧାନଯୋଗ୍ୟ ଏହି ଶ୍ଳୋକ ପ୍ରମାଣିତ କରୁଛି । ଯେ—

"ଯଦ୍‌ଗାନ୍ଧର୍ବକଳାସୁ କୌଶଳମନୁଧ୍ୟାନଂ ଚ ଯଦ୍ୱୈଷ୍ଣ
ଯଚ୍ଛୃଙ୍ଗାରବିବେକତତ୍ତ୍ୱମପି ଯତ୍ କାବ୍ୟେଷୁ ଲୀଳାୟିତ
ତତ୍ସର୍ବଂ ଜୟଦେବପଣ୍ଡିତକବେଃ କୃଷ୍ଣୈକତାନାତ୍ମନ
ସାନନ୍ଦାଃ ପରିଶୀଳୟନ୍ତୁ ସୁଧିୟଃ ଶ୍ରୀଗୀତଗୋବିନ୍ଦତଃ ।"
(ଗୀତଗୋବିନ୍ଦ-ଦ୍ୱାଦଶସର୍ଗ- ୮୮ତମ ଶ୍ଳୋକ)

ଗୀତଗୋବିନ୍ଦର ଏହି ଶ୍ଳୋକରେ 'ଜୟଦେବ ପଣ୍ଡିତକବି' ଶବ୍ଦ ଓ 'ପ୍ରାକ୍‌ପ୍ରତ୍ୟକ୍ ପୃଥିବୀଭୃତୋଃ'

ଇତ୍ୟାଦି ଶ୍ଳୋକରେ ଠିକ୍ ସେହି 'ଜୟଦେବପଣ୍ଡିତ-
କବି' ଶବ୍ଦ— ଏକ ବ୍ୟକ୍ତିର ଉକ୍ତିପରି ଜଣାପଡୁଛି ।
ତେଣୁ ଜୟଦେବଙ୍କ ମୁଖରେ ହିଁ ତାଙ୍କର ବଙ୍ଗଦେଶୀ-
ଗତତ୍ୱ ପ୍ରମାଣିତ ହେଲା ।

୩- ଏତଦ୍ଭିନ୍ନ- "ଛିତିରତି ବିପୁଳତରେ ତବ
ତିଷ୍ଠତି ପୃଷ୍ଠେ - ଧରଣି - ଧରଣ - କିଣଚକ୍ର - ଗରିଷ୍ଠେ"-
ଗୀତଗୋବିନ୍ଦର ଏହି ଗୀତାଂଶରେ ଥିବା- 'ପୃଷ୍ଠେ' ଓ
'ରିଷ୍ଠେ'- ଏହି ଅଂଶଦ୍ୱୟର ପୂର୍ଣ୍ଣ ମିତାକ୍ଷରତ୍ୱ ବଙ୍ଗୀୟ
ଉଚ୍ଚାରଣ ଦ୍ୱାରା ହିଁ ପ୍ରତିପନ୍ନ ହେଉଛି । ଉତ୍କଳୀୟ
ଉଚ୍ଚାରଣଦ୍ୱାରା ନୁହେଁ । କାରଣ- 'ଋ' ଏହି ବର୍ଣ୍ଣର
ଉଚ୍ଚାରଣ ବଙ୍ଗ ଦେଶରେ 'ରି' ରୂପେ ହୁଏ । କିନ୍ତୁ
ଉତ୍କଳରେ 'ଋ'ର ଉଚ୍ଚାରଣ 'ରୁ' ରୂପେ ହୁଏ ।
ଉତ୍କଳୀୟ-ଉଚ୍ଚାରଣ ମାନିଲେ - ତାଙ୍କ ସଙ୍ଗୀତରେ
ପୂର୍ଣ୍ଣମିତାକ୍ଷରତ୍ୱ ବ୍ୟାହତ ହେବ ।

୪- ତା'ଛଡ଼ା ସ୍ୱୟଂ ଜୟଦେବ ନିଜର ଜନ୍ମଭୂମି-
ଭୂତ ଦେଶର ନାମୋଲ୍ଲେଖ ନକରଥିଲେ ମଧ୍ୟ—

"କେନ୍ଦୁବିଲ୍ୱ ସମୁଦ୍ରସମ୍ଭବ ରୋହିଣୀରମଣେନ"-
(କେନ୍ଦୁବିଲ୍ୱ-ରୂପକ ସମୁଦ୍ରରୁ ଉତ୍ପନ୍ନଚନ୍ଦ୍ର) ବୋଲି
କହି ନିଜକୁ 'କେନ୍ଦୁବିଲ୍ୱ' ନାମକ ଗ୍ରାମରୁ ଉତ୍ପନ୍ନ
ବୋଲି ସୂଚିତ କରିଛନ୍ତି । ଉକ୍ତ 'କେନ୍ଦୁବିଲ୍ୱ' ଗ୍ରାମ-
(ବର୍ତ୍ତମାନ-ଯାହାର ପ୍ରଚଳିତ ନାମ କେନ୍ଦୁଲୀ) ବଙ୍ଗ-
ଦେଶର ବୀରଭୂମ୍ ଜିଲ୍ଲାର ଅଜୟ ନଦୀର ଉତ୍ତରରେ
ଅବସ୍ଥିତ । ତେଣୁ ସେ ବଙ୍ଗୀୟ ବୋଲି ମାନିବା
ଉଚିତ ।

୫- ଆଉ ମଧ୍ୟ- 'ଭକ୍ତମାଳ' ପ୍ରଭୃତି ଗ୍ରନ୍ଥରେ
ଜୟଦେବଙ୍କ ବିଷୟରେ ଏହି ପ୍ରବାଦର ଉଲ୍ଲେଖ ଅଛି
ଯେ- ପ୍ରତ୍ୟହ ଅଠରକୋଶ ବାଟ ଧାଇଁ ଜୟଦେବ
ଗଙ୍ଗାସ୍ନାନ କରୁଥିଲେ । କେନ୍ଦୁଲୀ ଗ୍ରାମଠାରୁ ଗଙ୍ଗା
ଅଠରକୋଶ ଦୂରରେ ଅବସ୍ଥିତା । ଉତ୍କଳୀୟ ବୋଲି
ଜୟଦେବଙ୍କୁ ସ୍ୱୀକାର କଲେ ଏହି ପ୍ରବାଦ ଅସମଞ୍ଜସ
ହୋଇ ପଡିବ ।

୬- କେତେକ ଆଧୁନିକ ବଙ୍ଗୀୟ ମାନଙ୍କର
ଆଉରି ଗୋଟିଏ ଯୁକ୍ତି ଏହି ଯେ— ଗୀତଗୋବିନ୍ଦର
ପଞ୍ଚମସର୍ଗରେ ଥିବା 'ରତିସୁଖସାରେ'- ଇତ୍ୟାଦି
ଗୀତର ସପ୍ତମ ପଦରେ ଶ୍ରୀକୃଷ୍ଣଙ୍କ ନିକଟକୁ ଅଭିସରଣ
କରିବାରେ ବିଳମ୍ବ କରିବାର ଦେଖି ରାଧାଙ୍କୁ ସଖୀ
କହୁଛି—

"ହରିରଭିମାନୀ- ରଜନିରିଦାନୀମିୟମପି ଯାତିବିରାମମ୍
କୁରୁମମ ବଚନଂ-ସତ୍ୱରରଚନଂ-ପୂରୟମଧୁରିପୁକାମମ୍"

[ଅର୍ଥାତ୍- ହରି ଅଭିମାନୀ (ଅଟନ୍ତି) । ବର୍ତ୍ତମାନ
ଏହି ରାତି ମଧ୍ୟ ବିରାମପ୍ରାପ୍ତ ହେଉଛି- ଅର୍ଥାତ୍ ପାହିଯିବା
ଅବସ୍ଥାରେ ପହଞ୍ଚିଲାଣି । (ତେଣୁ) ଶୀଘ୍ରତରରେ କହୁ-
ଥିବା ମୋ' କଥା ମାନ । ଶ୍ରୀକୃଷ୍ଣଙ୍କ ଅଭିଳାଷ ପୂରଣ
କର ।]

"ଗର୍ବୋଽଭିମାନୋଽହଙ୍କାରଃ" — ଏହି ଅମରକୋଷ-
ବଚନରୁ ଅଭିମାନ ଶବ୍ଦର ଅର୍ଥ 'ଗର୍ବ' । ସେହି ଅର୍ଥ
ଏଠାରେ ସଙ୍ଗତ ନହେବାରୁ ଶବ୍ଦର ସ୍ୱାଭାବିକ
ବାଚ୍ୟାର୍ଥକୁ ଗୁଡ଼ି - ଯୌଗିକ ଅର୍ଥର ଅବଲମ୍ବନ କରି
ବିଭିନ୍ନ ଅଭିପ୍ରାୟ ଟୀକାକାରମାନେ ବ୍ୟକ୍ତ କରିଛନ୍ତି ।-
୧- ଅଭିତଃ (ତ୍ୱାଂ) ମାନୟତୀତି (ଅର୍ଥାତ୍ – ସର୍ବତୋ-
ଭାବେ ତୋତେ ଯେ ସମ୍ମାନିତ କରନ୍ତି), ୨- ତ୍ୱୟି
ଅତିଶୟେନ ପ୍ରେମ୍ଣା ଅଭିମାନବାନ୍ (ଅର୍ଥାତ୍- ତୁ
ଯେପରି "ମୁଁ ଏହାଙ୍କର ଅନୁପମପ୍ରିୟା ବୋଲି
ଗର୍ବଶାଳିନୀ ସେହିପରି ସେ (ଶ୍ରୀକୃଷ୍ଣ) ମଧ୍ୟ "ଏ (ରାଧା)
ମୋର ଅତ୍ୟନ୍ତ ପ୍ରିୟା, ମୋ'ର ଅଭିଳାଷ ପୂରଣ
କରିବ" ବୋଲି ଗର୍ବଶାଳୀ), ୩- ନିଜ ସୁଭଗତ୍ୱା-
ଭିମାନୀ (ଅର୍ଥାତ୍- ମୁଁ ଅତ୍ୟନ୍ତ ସୁଭଗ" ଏ' ପ୍ରକାର
ଅଭିମାନବାନ୍, ଏଣୁ ଅଭିମାନୀ ହୋଇଥିବାରୁ
ଅନ୍ୟନାୟିକା ନିକଟକୁ ମଧ୍ୟ ଚାଲିଯାଇ ପାରନ୍ତି)—
ଏ' ସମସ୍ତ ପ୍ରକାର ଭାବ-ବର୍ଣ୍ଣନା ସନ୍ତୋଷଜନକ
ନୁହେଁ । କାରଣ- ପ୍ରଥମ-ବର୍ଣ୍ଣିତ ଦୁଇଟି ଅଭିପ୍ରାୟ
ବିଳମ୍ବକାରିଣୀ ରାଧାଙ୍କର ସତ୍ୱରତାପାଇଁ ପ୍ରଯୋଜକ
ହୋଇ ପାରୁନାହିଁ । ତୃତୀୟ ଅଭିପ୍ରାୟଟି ବିଳମ୍ବ
ନକରିବାପାଇଁ ପ୍ରେରଣା ଦେଉଥିଲେ ମଧ୍ୟ ଅନ୍ୟ-
ନାୟିକା ଉପରେ ଆସକ୍ତିର ସମ୍ଭାବନା - ରାଧାଙ୍କଠାରେ
ଶ୍ରୀକୃଷ୍ଣଙ୍କର ସପ୍ରେମର ସୂଚନା ଦେଉନାହିଁ । କିନ୍ତୁ

ବଙ୍ଗଭାଷାରେ - 'ଅଭିମାନ' ଶବ୍ଦ 'ପ୍ରଣୟକୋପ' ବା 'ରୁଷିବା' ଅର୍ଥରେ ବ୍ୟବହୃତ ହୁଏ । ତେଣୁ "ଶାଳୁଣି ବଡ଼ ଅଭିମାନୀ ଅର୍ଥାତ୍ ରୁଷିବା ପ୍ରକୃତିର ଲୋକ । ଏଣୁ ତୁ ବିଳମ୍ବ କଲେ ସେ ରୁଷିବେ । ସେତ ପାହ୍ନବା ଅବସ୍ଥାରେ ତା'ଙ୍କ ରୁଷିବାଟା ବାଧକ ହେଲେ ତୁମ-ମାନଙ୍କ, ସଙ୍ଗମ ହୋଇପାରିବ ନାହିଁ"— ଏ' ଅଭିପ୍ରାୟଟି ନିଶ୍ଚିତରୂପେ ଅଧିକ ସୁନ୍ଦର ଓ ସଙ୍ଗତ ବୋଧ ହେଉଛି । ତେଣୁ ବଙ୍ଗୀୟ କବି - ସ୍ୱଦେଶୀୟ ଭାଷାର ସଂସ୍କାରରେ ଏହି ଅଭିମାନୀ ଶବ୍ଦର ବ୍ୟବହାର କରିଛନ୍ତି— ଏହା ନିଃସନ୍ଦେହ । ଏଣୁ ସେ ବଙ୍ଗୀୟ ହେବା ସମ୍ଭବ ।

୭- ପ୍ରନଷ୍ଟ ଗୀତଗୋବିନ୍ଦର ମଧୁର-କୋମଳ-କାନ୍ତ-ପଦାବଳୀ ବଙ୍ଗଭାଷାର ଅନୁରୂପ । ତେଣୁ ସେ ବଙ୍ଗୀୟ ।

୮- 'ଏତିକି ନୁହେଁ - ଅନ୍ତିମଜୀବନରେ ଜୟଦେବ ବୃନ୍ଦାବନରୁ ଫେରି ନିଜ ଜନ୍ମଭୂମି କେନ୍ଦୁଲିରେ ଗୋଟିଏ ରାଧାମାଧବ ମନ୍ଦିର ପ୍ରତିଷ୍ଠିତ କରିଥିଲେ । ପ୍ରତିବର୍ଷ ମାଘମାସରେ ଏଠାରେ ଏକ ବୈଷ୍ଣବମେଳା ହୁଏ । ଅନ୍ୟୁନ ପଚିଶ ହଜାର ଲୋକଙ୍କର ସମାଗମ ଏହି ମେଳାରେ ହୁଏ । ତା'ଛଡ଼ା 'ଜୟଦେବ - ଦେଉଳ' ନାମକ ଆଉ ଏକ ଦେଉଳ ମଧ କବିଙ୍କ ସ୍ମୃତିଚିହ୍ନ-ରୂପେ ଏଠାରେ ଅଦ୍ୟାପି ବିଦ୍ୟମାନ ଅଛି ।—

ଏହି ସବୁ ଦୃଷ୍ଟିରୁ ବିଚାର କଲେ - ଗୀତଗୋବିନ୍ଦ-କାର ଜୟଦେବଙ୍କୁ ନିଶ୍ଚିତ ରୂପେ ବଙ୍ଗର ସନ୍ତାନ ବୋଲି ଦାବୀ କରାଯାଇ ପାରେ ।

## ପ୍ରାଗୁକ୍ତ ଯୁକ୍ତିଗୁଡ଼ିକର ସମୀକ୍ଷା —

ନିମ୍ନରେ - ଏହି ଯୁକ୍ତିଗୁଡ଼ିକ ଉପରେ ବିଚାର କରା-ଯାଉ । ଲକ୍ଷ୍ମଣସେନଙ୍କ ସଭାଭବନର ଶିଳାଲେଖ ଯେଣୁ ଗୀତଗୋବିନ୍ଦକାରଙ୍କୁ ସୂଚିତ ନକରି - କେବଳ ଜୟଦେବ ନାମକ ଜଣେ ପଣ୍ଡିତଙ୍କୁ ହିଁ ସୂଚିତ କରୁଛି ତେଣୁ ତାହାର ପ୍ରାମାଣ୍ୟ ଅପେକ୍ଷା ଗୀତଗୋବିନ୍ଦର "ବାଚଃ ପଲ୍ଲବୟତ୍ୟୁମାପତିଧରଃ-ଇତ୍ୟାଦି ପ୍ରାରମ୍ଭିକ ଶ୍ଳୋକର ପ୍ରାମାଣ୍ୟ ବିଚାର୍ଯ୍ୟ । ଏହି ଶ୍ଳୋକର ... "ଉମାପତିଧର ବାଣୀକୁ ପଲ୍ଲବିତ କରନ୍ତି (ଅ... ବିସ୍ତାରଶାଳିନୀ ବର୍ଣ୍ଣନା କରନ୍ତି) । ବାଣୀମାନ... ସନ୍ଦର୍ଭଶୁଦ୍ଧିକୁ ଜୟଦେବହିଁ ଜାଣନ୍ତି । ଶରଣ (ନା... କବି) ଦୁରୂହକବିତାର ଶୀଘ୍ର ରଚନାରେ ପ୍ରଶଂସ... (ଅଟନ୍ତି) । ଶୃଙ୍ଗାରରସପ୍ରଧାନ ଓ ଉତ୍ତମପ୍ର... (ତର୍କଶାସ୍ତ୍ର ନିର୍ଣ୍ଣେୟ ପଦାର୍ଥ)ର ରଚନାମାନଙ୍କ ... ଆଚାର୍ଯ୍ୟ ଗୋବର୍ଦ୍ଧନଙ୍କର କେହି ହେଲେ ... ପ୍ରତିସ୍ପର୍ଦ୍ଧୀ ନାହିଁ । କବିରାଜ ଧୋୟୀ - ଶ୍ରୁତି... (ଅଟନ୍ତି) ।

ପ୍ରସ୍ତୁତ ଶ୍ଳୋକଟିକୁ କ'ଣ ସତରେ ଗୀତଗୋ... କାର ଜୟଦେବ ଲେଖି'ଛନ୍ତି ? -କାହିଁ ? ଲେଖକ... ଏ' ବିଷୟରେ ଆଦୌ ଆସ୍ଥାପ୍ରତ୍ୟୟ ହୋଇ... ନାହିଁ !! - କାରଣ - ଏହି ଶ୍ଳୋକ ମହାକବି ପରମ୍ପରା... ଅଦୃଷ୍ଟ ଓ ଅଶ୍ରୁତ ଶୈଳୀକୁ ଅବଲମ୍ବନ କରିଛି "ଅଥବା କୃତବାଗ୍‌ଦ୍ୱାରେ-ବଂଶେଽସ୍ମିନ୍ ପୂର୍ବସୂରିଭି... ମହାକବି କାଳିଦାସଙ୍କର ଏହି ଉକ୍ତିର ଆଦର୍ଶ... ଭାରତୀୟ ମହାକବିମାନେ ପୂର୍ବପ୍ରସିଦ୍ଧ ମହାକବିମା... ଙ୍କର ଗୁଣଗାନ କରିଥାନ୍ତି । ତାଛଡ଼ା ବାଗ୍‌ବିଳା... ପ୍ରିୟ, କବିମାନେ ନୈଷଧପ୍ରଣେତା ଶ୍ରୀହର୍ଷ ବା ପଣ୍ଡି... ରାଜ ଜଗନ୍ନାଥଙ୍କ ପରି ନିଜର ପ୍ରୌଢ଼ପ୍ରଦ... କରିଥାନ୍ତି । କିନ୍ତୁ ସମସାମୟିକ କବିମାନଙ୍କର ଗୁଣ... ଏକ ନୂଆ ପ୍ରକ୍ରିୟା । ବାଗ୍‌ବିଳାସପ୍ରିୟ କବିମାନଙ୍କ... ଗୀତଗୋବିନ୍ଦକାର ଜୟଦେବ ନିଜର ପ୍ରୌଢ଼ପ୍ରଦ... କରିବାକୁ ଯାଇଁ ପୂର୍ବଶ୍ଳୋକରେ — "ଶୃଣୁ ... ଜୟଦେବ - ସରସ୍ୱତୀମ୍"— (ତେବେ ଜୟଦେ... ବାଣୀ ଶୁଣ)- ଏହା କହିବା ଦ୍ୱାରା ନିଜର ଯେଉଁ ଶ୍ରେ... ପ୍ରଦର୍ଶିତ କରିଛନ୍ତି ସେତିକିରେ ସେ ସନ୍ତୁଷ୍ଟ ହୋ... ନପାରି ଲକ୍ଷ୍ମଣସେନଙ୍କ ସଭାର ପଞ୍ଚରତ୍ନ ମଧ୍ୟରୁ ... ମୁଁ ଅନ୍ୟତମ ରତ୍ନ, ତେଣୁ ମୋ'ର ବୈଶିଷ୍ଟ୍ୟ... ସମସ୍ତେ ହୃଦୟଙ୍ଗମ କରନ୍ତୁ ବୋଲି ଯଦି ଲକ୍ଷ୍ୟ... ରଖିଥାନ୍ତେ, ତେବେ ନିଜର ଆଶ୍ରୟଦାତା ଲକ୍ଷ୍ମଣ-ସେନଙ୍କ ନାମୋଲ୍ଲେଖପୂର୍ବକ ମୁଁ ତାଙ୍କ ...

ପଞ୍ଚରତ୍ନଙ୍କ ଅନ୍ତର୍ଭୁକ୍ତ ବୋଲି କହୁଥା'ନ୍ତେ । କିନ୍ତୁ ଏଭଳି ପାଞ୍ଚଜଣ ମାନ ଅପ୍ରାସଙ୍ଗିକ ଓ ଅନପେକ୍ଷିତ-ବ୍ୟକ୍ତିଙ୍କର ବୈଶିଷ୍ଟ୍ୟ ପ୍ରତିପାଦନ କରିନଥା'ନ୍ତେ ।

ଅନ୍ୟ ଏକ ଦୃଷ୍ଟିରେ ବିଚାର କଲେ ମଧ୍ୟ "ଏ' ଶ୍ଳୋକଟି ଗୀତଗୋବିନ୍ଦକାରଙ୍କର" 'ଏ' ବିଷୟରେ ନିରାଶହିଁ ହେବାକୁ ପଡୁଛି । ଏହି ଶ୍ଳୋକରେ ପାଞ୍ଚ-ଜଣ କବିଙ୍କର ପାଞ୍ଚପ୍ରକାର ପୃଥକ୍ ପୃଥକ୍ ବୈଶିଷ୍ଟ୍ୟ ପ୍ରତିପାଦିତ ହୋଇ'ଛି । କାହାର ବୈଶିଷ୍ଟ୍ୟ ଅନ୍ୟ-ଠାରେ ନାହିଁ ଏହାହିଁ ଏ'ଥିରୁ ପ୍ରତିପାଦିତ ହେଉ'ଛି । ତଦନୁସାରେ -"ଶୃଙ୍ଗାରରସପ୍ରଧାନ ରଚନାରେ ଆଚାର୍ଯ୍ୟ ଗୋବର୍ଦ୍ଧନଙ୍କର କେହି ହେଲେ ପ୍ରତିଦ୍ୱନ୍ଦ୍ୱୀ ନାହିଁ"-ବୋଲି କହିବା ଦ୍ୱାରା ନିଜେ ମଧ୍ୟ ଶୃଙ୍ଗାରରସ ପ୍ରଧାନ ରଚନାରେ ଗୋବର୍ଦ୍ଧନାଚାର୍ଯ୍ୟଙ୍କ ପ୍ରତିଦ୍ୱନ୍ଦ୍ୱୀ ହେବାକୁ ସମର୍ଥ ନୁହନ୍ତି ବୋଲି ପ୍ରକା-ରାନ୍ତରେ ସ୍ୱୀକାର କରି ଗୀତଗୋବିନ୍ଦକାର ନିଜର ଉତ୍କର୍ଷ ପରିବର୍ତ୍ତେ ଅପକର୍ଷ ପ୍ରତିପାଦନ କରି-ନାହାନ୍ତି କି ? ବାଗ୍‌ବିଳାସଦ୍ୱାରା ଆତ୍ମପ୍ରୌଢ଼ି ପ୍ରତିପାଦନ-ପରାୟଣ ଜଣେ ମହାକବି ପକ୍ଷରେ ଏହା ସମ୍ଭବ କି ? ପ୍ରତ୍ୟେକ ସହୃଦୟ ନିରପେକ୍ଷ ଓ ପକ୍ଷପାତରହିତଭାବେ ଏ'ବିଷୟରେ ଅନୁଧ୍ୟାନ କରନ୍ତୁ ।

ପୁନଶ୍ଚ ଏହି ଶ୍ଳୋକରେ ଜୟଦେବ ପ୍ରତିଜ୍ଞା କରିଛନ୍ତି ଯେ "ବାଣୀମାନଙ୍କର ସନ୍ଦର୍ଭଶୁଦ୍ଧିକୁ ଜୟଦେବହିଁ ଜାଣେ" । ସଂସ୍କୃତ ଶାସ୍ତ୍ରମାନଙ୍କରେ 'ସନ୍ଦର୍ଭ' ଶବ୍ଦର ବ୍ୟାଖ୍ୟା କରାଯାଇଛି 'ସନ୍ଦର୍ଭୋ=ଗ୍ରନ୍ଥଃ" । ଗ୍ରନ୍ଥର ଗୋଟିଏ ନିର୍ଦ୍ଦିଷ୍ଟ ଅଭିପ୍ରାୟକୁ ବ୍ୟକ୍ତ କରୁଥିବା ଅଂଶବିଶେଷ (ପାଲି)କୁ ମଧ୍ୟ ସନ୍ଦର୍ଭ ନାମରେ ବ୍ୟବହାର କରାଯାଇଛି । ଏହି ଦୃଷ୍ଟିରେ ଶବ୍ଦତଃ ଓ ଅର୍ଥତଃ ସନ୍ଦର୍ଭର ଶୁଦ୍ଧି ଜୟଦେବଙ୍କ ଉକ୍ତି ବା କବିତାରେ ଦେଖାଯାଉ । ପୂର୍ବୋକ୍ତ ଯୁକ୍ତି ଅନୁସାରେ - ପ୍ରସଙ୍ଗାନୁକୂଳ ଓ ମହାକବିପରମ୍ପରାର ଅନୁକୂଳ ହୋଇନଥିବାରୁ ଏହି ଶ୍ଳୋକରେ ଅର୍ଥତଃ ସନ୍ଦର୍ଭଶୁଦ୍ଧି ନାହିଁ । ଏହା ବିଚକ୍ଷଣ ବ୍ୟକ୍ତିମାନଙ୍କ ଦୃଷ୍ଟିରେ ଅତି ସ୍ପଷ୍ଟ । ଶବ୍ଦତଃ ସନ୍ଦର୍ଭ-ଶୁଦ୍ଧି ମଧ୍ୟ ଏହି ଶ୍ଳୋକରେ ପରିଲକ୍ଷିତ ହେଉନାହିଁ । ଏହି ଶ୍ଳୋକରେ "ଶରଣଃ ଶ୍ଳାଘ୍ୟୋ ଦୁରୂହଦ୍ରୁତେ" ପଦ ଉପରେ ପରିନିଷ୍ଠିତ ପଣ୍ଡିତମାନେ ବିଚାର କରନ୍ତୁ । — ପ୍ରାୟ ସମସ୍ତ ଟୀକାକାରମାନେ ଏହି ସମସ୍ତ ପଦର -"ଦୁରୂହସ୍ୟ=ଦୁରୂହକାବ୍ୟସ୍ୟ, ଦ୍ରୁତେ=ଦ୍ରୁତରଚନେ" ଏହି ପ୍ରକାର ବ୍ୟାଖ୍ୟାଗର୍ଭିତ ବିଗ୍ରହବାକ୍ୟ ଦର୍ଶାଇଛନ୍ତି । ଏବେ ସମସ୍ତ ଶିକ୍ଷାବିତ୍-ମାନେ ଭାବି ଦେଖନ୍ତୁ - ଷଷ୍ଠୀତତ୍ପୁରୁଷ ସମାସର ପୂର୍ବପଦ ଓ ଉତ୍ତରପଦ ଉଭୟର ଅସାଧାରଣ ହୋଇ ନଥିବା ବିଶେଷଣବାଚକ ପଦର ବ୍ୟବହାର ଓଡ଼ିଆ ପ୍ରଭୃତି ଅପଭ୍ରଷ୍ଟ ଭାଷାରେ ମଧ୍ୟ ସମ୍ଭବ ହେବ କି ? ସଂସ୍କୃତଭାଷା ଓ ତାହାର ବ୍ୟାକରଣ କଥା ତ ଅତି ବଡ଼ କଥା । ତେଣୁ ଯେଉଁ ଜୟଦେବ ସନ୍ଦର୍ଭଶୁଦ୍ଧିର ଆତ୍ମାଭିମାନ ପ୍ରଦର୍ଶନ କରନ୍ତି - ସେ ନିଜେହିଁ ଉକ୍ତିରେ ହିଁ ଶବ୍ଦତଃ ଓ ଅର୍ଥତଃ ଦ୍ୱିବିଧ ସନ୍ଦର୍ଭର ଶୁଦ୍ଧି ରକ୍ଷା କରିପାରୁନାହିଁ - ଏଥିରୁ ମଧ୍ୟ ଏହା ସ୍ପଷ୍ଟ ପ୍ରମାଣିତ ହୁଏ ଯେ - ଏହି ଶ୍ଳୋକ କଦାପି ଜୟଦେବଙ୍କ ପ୍ରଣୀତ ନୁହେଁ ।

ଏତଦ୍‌ବ୍ୟତୀତ ଐତିହାସିକ ପ୍ରମାଣର ଅନୁ-ଶୀଳନ କଲେ ମଧ୍ୟ - ଏହା ସର୍ବଥା ପ୍ରମାଣିତ ହେବ ଯେ - "ଜୟଦେବ କଦାପି ଏହି ଶ୍ଳୋକ ଲେଖିନାହାନ୍ତି ଓ ଲକ୍ଷ୍ମଣସେନଙ୍କ ରାଜତ୍ୱର ବହୁ ପୂର୍ବରୁ ସେ ଗୀତ-ଗୋବିନ୍ଦର ରଚନା କରିସାରିଥିଲେ । ଦେଖନ୍ତୁ - ଐତିହାସିକ ପ୍ରମାଣ ଦ୍ୱାରା କୌଣସି ବିଷୟ ସିଦ୍ଧ କଲାବେଳେ ପ୍ରମାତା - ସର୍ବ ପ୍ରଥମେ ଇତିହାସର ପ୍ରାମାଣିକତା ପ୍ରତି ତୀକ୍ଷ୍ଣ ଦୃଷ୍ଟିପାତ କରିବା ଉଚିତ । ଦେଖାଯାଉ - ଜୟଦେବଙ୍କର ପ୍ରାଚୀନତା କେତେ ଓ ଲକ୍ଷ୍ମଣସେନଙ୍କର ରାଜତ୍ୱକାଳ କେବେ ଥିଲା ?

ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀରେ ଶାହାଜାହାଁଙ୍କ ଦରବାରରେ 'ପଣ୍ଡିତରାଜ' ଉପାଧି ଲାଭ କରିଥିବା

ଜଗନ୍ନାଥ ପଣ୍ଡିତ "ରସ ଗଙ୍ଗାଧର" ନାମକ ସ୍ୱପ୍ରଣୀତ ଅଳଙ୍କାର ଗ୍ରନ୍ଥରେ ମା' ବାପଙ୍କର ସମ୍ଭୋଗବର୍ଣ୍ଣନା-ପର ଜୟଦେବଙ୍କ ଗୀତଗୋବିନ୍ଦରେ ଜଗତର ମାତା-ପିତା ରାଧାକୃଷ୍ଣଙ୍କର ସମ୍ଭୋଗ ବର୍ଣ୍ଣନାକୁ ଅନୌଚିତ୍ୟ-ଦୋଷଗ୍ରସ୍ତ ବୋଲି ପ୍ରତିପାଦନ କରିବାକୁ ଯାଇଁ ଲେଖିଛନ୍ତି - "ଜୟଦେବାଦିଭିସ୍ତୁ ଗୀତଗୋବିନ୍ଦାଦି-ପ୍ରବନ୍ଧେଷୁ ସକଳସହୃଦୟସମ୍ମତୋଽୟଂ ସମୟଃ ମଦୋଦ୍ଧତମତଙ୍ଗଜୈରିବ ଭିନ୍ନଃ" — (ଜୟଦେବ ପ୍ରଭୃତି ଗୀତଗୋବିନ୍ଦପ୍ରଭୃତି ପ୍ରବନ୍ଧରେ ସକଳ ସହୃଦୟମାନଙ୍କ ସମ୍ମତ ଏହି ସିଦ୍ଧାନ୍ତକୁ ମତ୍ତଉଦ୍ଦାମ ହାତୀପରି ନଷ୍ଟ କରି ଦେଇଛନ୍ତି ।)

ତା ପୂର୍ବରୁ ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ କାଙ୍ଗଡ଼ାର (ବିଶ୍ୱକୋଷାନୁସାରେ ଜାଳ-ନ୍ଧରର) ରାଜା ଧର୍ମଚନ୍ଦ୍ରଙ୍କ ପୁତ୍ର ମାଣିକ୍ୟଚନ୍ଦ୍ରଙ୍କ ଆଶ୍ରୟରେ ଲିଖିତ "ଅଳଙ୍କାରଶେଖର" ନାମକ ଗ୍ରନ୍ଥରେ କେଶବ ମିଶ୍ର ଗୀତଗୋବିନ୍ଦର ବସନ୍ତ-ବର୍ଣ୍ଣନାର "ଉନ୍ମୀଲନ୍ମଧୁଗନ୍ଧଲୁବ୍ଧମଧୁପ" -ଇତ୍ୟାଦି ଶ୍ଳୋକ ଉଦ୍ଧୃତ କରିଛନ୍ତି । କେହି କେହି ବଙ୍ଗୀୟ ହିନ୍ଦୁରାଜା ମାଣିକ୍ୟଚନ୍ଦ୍ରଙ୍କୁ କେଶବ ମିଶ୍ରଙ୍କର ଆଶ୍ରୟ-ଦାତା ମନେ କରନ୍ତି । ଗ୍ରିୟର୍ସନସାହେବଙ୍କ ବ୍ୟତୀତ ଅନ୍ୟମାନେ ଏହି ମାଣିକ୍ୟଚନ୍ଦ୍ରଙ୍କୁ ଏକାଦଶ ଶତା-ବ୍ଦୀର ବୋଲି ସ୍ୱୀକାର କରନ୍ତି । ତେଣୁ ଜୟଦେବ ତତ୍ପୂର୍ବବର୍ତ୍ତୀ ହେବା ଉଚିତ । କିନ୍ତୁ ଏକାଦଶ ଶତାବ୍ଦୀର ଚରମ ଭାଗରେ ଆଚାର୍ଯ୍ୟ ମମ୍ମଟଙ୍କ ଲିଖିତ କାବ୍ୟପ୍ରକାଶରେ ଓ ଦ୍ୱାଦଶ ଶତାବ୍ଦୀର ପ୍ରଥ· ଅର୍ଦ୍ଧ-ଭାଗରେ 'ରୁଯ୍ୟକ'ଙ୍କ ଲିଖିତ 'ଅଳଙ୍କାରସର୍ବସ୍ୱ'ରେ ଓ 'ହେମଚନ୍ଦ୍ର'ଙ୍କ 'କାବ୍ୟାନୁଶାସନ'ରେ ଗୀତ-ଗୋବିନ୍ଦର କୌଣସି ପ୍ରଭାବ ଦେଖଯାଏ ନାହିଁ । ତେଣୁ ଜୟଦେବ ଏତେ ପୂର୍ବବର୍ତ୍ତୀ ହେବାର ସମ୍ଭାବନା ହେଉନାହିଁ । ଅତଏବ ବଙ୍ଗର ମାଣିକ୍ୟଚନ୍ଦ୍ର ଅଳଙ୍କାରଶେଖର ପ୍ରଣେତା କେଶବଙ୍କର ଆଶ୍ରୟଦାତା ହେବା ସମ୍ଭବନୁହେଁ । ତେଣୁ ସେହି କାଙ୍ଗଡ଼ା ବା ଜାଳନ୍ଧରର ରାଜା ମାଣିକ୍ୟଚନ୍ଦ୍ରହିଁ କେଶବଙ୍କର ଆଶ୍ରୟଦାତା ବୋଲି ମାନିବାକୁ ହେବ ।

ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ ଶତାବ୍ଦୀରେ କଳିଙ୍ଗକେ... ସାନ୍ଧିବିଗ୍ରହିକ ଉତ୍କଳୀୟ ପଣ୍ଡିତ ଶ୍ରୀଯୁକ୍ତ ବିଶ୍ୱନା... ମହାପାତ୍ରଙ୍କ ରଚିତ 'ସାହିତ୍ୟଦର୍ପଣ'ରେ ... ଅନୁପ୍ରାସାଳଙ୍କାରର ଉଦାହରଣରୂପେ 'ଗୀ... ଗୋବିନ୍ଦର' ପୂର୍ବୋକ୍ତ 'ଉନ୍ମୀଲନ୍ମଧୁଗନ୍ଧଲୁବ୍ଧମଧୁ...' ଇତ୍ୟାଦି ଶ୍ଳୋକ ଉଦ୍ଧୃତ ହୋଇ'ଛି ।

ଏତତ୍ପୂର୍ବରୁ ଖ୍ରୀଷ୍ଟୀୟ ଦ୍ୱାଦଶ ଓ ତ୍ରୟୋଦ... ଶତାବ୍ଦୀରେ ପଣ୍ଡିତ ଶ୍ରୀଧରଦାସଙ୍କ ଦ୍ୱାରା ସଙ୍କଳି... "ସଦୁକ୍ତି-କର୍ଣ୍ଣାମୃତ"ରେ ମଧ୍ୟ ପ୍ରଥମ ଓ ଦ୍ୱିତୀ... ପ୍ରବାହରେ ଗୀତଗୋବିନ୍ଦର ପାଞ୍ଚଗୋଟି ଶ୍ଳୋ... ଉଦ୍ଧୃତ ହୋଇ'ଛି ।

ଆଉ ଟିକିଏ ଅଧିକ ଅତୀତପ୍ରତି ଯଦି ଆମେ ଦୃଷ୍ଟିପାତ କରିବା - ତେବେ ଦେଖିବାକୁ ପାଉ... ଯେ- ଅନ୍ତିମ ହିନ୍ଦୁ ସମ୍ରାଟ୍ ପୃଥ୍ୱୀରାଜଙ୍କ ସମସାମୟି... ତାଙ୍କର ବାଲମିତ୍ର, ମନ୍ତ୍ରୀ ଓ ତାଙ୍କଠାରୁ 'କବିର... ଉପାଧି ଲାଭ କରିଥିବା 'ଚନ୍ଦବର ଦାଈ' (ଚନ୍ଦ୍ରଙ୍କ... ସ୍ୱପ୍ରଣୀତ "ପୃଥ୍ୱୀରାଜରାସୋ" ନାମକ ମହାକାବ୍ୟ... ଆଦିପର୍ବରେ ଡିଂଗଲ୍'- (ପ୍ରାଚୀନ ରାଜସ୍ଥାନୀ) ଭାଷାରେ ପ୍ରାରମ୍ଭିକ ମଙ୍ଗଳାଚରଣ ପରେ ପରେ ଭାରତୀ... କବିପରମ୍ପରାର ଅନୁସରଣ କରି ନିଜଠାରୁ ଜ୍ୟେଷ୍ଠ... ପ୍ରାଚୀନ କବିମାନଙ୍କର ଗୁଣଗାନ ପୂର୍ବକ ଗର୍ବପରିହା... କରିବାକୁ ଯାଇ ଲେଖିଛନ୍ତି— "କବୀ କିତ୍ତି କିତ୍ତି ଉକତୀ ସୁଦିଖ୍ଖୀ— ତିନେଂକୀ ଉଚିଷ୍ଟୀ କବେ... ଭଖ୍ଖୀ" (ଅଭିପ୍ରାୟ-କୀର୍ତ୍ତିଶାଳୀ କବିମାନଙ୍କର କେତେ... ସୂକ୍ତି ପରିଦୃଷ୍ଟ ହେଉଛି । କବି 'ଚନ୍ଦ୍ର' ସେହିମାନଙ୍କ... ଉଚ୍ଛିଷ୍ଟଭକ୍ଷଣକାରୀ) ଏହି ପ୍ରସଙ୍ଗରେ ଗୀତଗୋବି... କାର ଜୟଦେବଙ୍କୁ ସେ ଅଷ୍ଟମ କବିରୂପେ ସ୍ମରଣ କରି ସମ୍ମାନିତ କରିଛନ୍ତି—

"ଜୟଦେବ ଅଠଂ କବୀ କବିରାୟଂ
ଜିନେଂ କେବଲଂ କିତ୍ତି ଗୋବିନ୍ଦ ଗାୟଂ ।"

[ଅର୍ଥାତ୍-ଅଷ୍ଟମ (ପୂର୍ବ ବର୍ଣ୍ଣିତ ସାତ କବିଙ୍କ ପରେ ଅଷ୍ଟସଂଖ୍ୟାର ପୂରଣ) କବି, କବିରାଜ ଜୟଦେ...

(ଅଷ୍ଟମ) । ଯେ କେବଳ ଗୋବିନ୍ଦଙ୍କ କୀର୍ତ୍ତି ଗାଇ'ଛନ୍ତି— ଏଥିରୁ ସ୍ପଷ୍ଟ ପ୍ରତୀତ ହୁଏ ଯେ ଗୀତଗୋବିନ୍ଦକାର ଜୟଦେବ 'ପୃଥ୍ୱୀରାଜରାସୋ'-ପ୍ରଣେତା 'ଚନ୍ଦ୍'କବିଙ୍କ ବହୁ ପୂର୍ବରୁ ଗୀତଗୋବିନ୍ଦର ପ୍ରଣୟନ କରିଥିଲେ । ଚନ୍ଦ୍ କବି ଲକ୍ଷ୍ମଣସେନଙ୍କର ସମସାମୟିକ-ଏହା ପ୍ରମାଣସହ-ପରେ ପରେ ସୁସ୍ପଷ୍ଟ-ଭାବେ ପ୍ରତିପାଦିତ କରିଯାଉ'ଛି । ତେଣୁ ଚନ୍ଦ୍ କବିଙ୍କର ଅର୍ଥାତ ତାଙ୍କ ସମସାମୟିକ ଲକ୍ଷ୍ମଣସେନଙ୍କର ପୂର୍ବରୁ ପ୍ରଣୀତ ଗୀତଗୋବିନ୍ଦରେ ଜୟଦେବ କିରୂପେ ଲକ୍ଷ୍ମଣ-ସେନଙ୍କ ସଭାପଣ୍ଡିତଗଣଙ୍କ ଉଲ୍ଲେଖ କରି-ପାରିଲେ ? ଏଣୁ "ବାଚଃପଲ୍ଲବୟତ୍ୟୁମାପତିଧରଃ" — ଇତ୍ୟାଦି ଶ୍ଳୋକଟି ଗୀତଗୋବିନ୍ଦକାର ଜୟଦେବଙ୍କ ପ୍ରଣୀତ ନୁହେଁ- ଏଥିରେ ସନ୍ଦେହ ନାହିଁ ।

'ଚନ୍ଦ୍'କବି ଓ ତାଙ୍କ 'ପୃଥ୍ୱୀରାଜରାସୋ' ବିଷୟରେ ବହୁବ୍ୟକ୍ତି ବହୁପ୍ରକାର ସନ୍ଦେହ, ସମ୍ଭାବନା ଓ ମତଭେଦ ପ୍ରକାଶ କରିଛ'ନ୍ତି- ତେଣୁ ସେ ବିଷୟରେ ମଧ୍ୟ ଗୋଟିଏ ନିଷ୍ପତ୍ତିମୂଳକ ବିଚାର ଉପସ୍ଥାପିତ କରିବା ଉଚିତ ମନେକଲି —

'ପୃଥ୍ୱୀରାଜରାସୋ'ରେ ଇତିହାସସମ୍ମତ ଅବିସମ୍ବାଦିତ ବହୁ ଘଟନା ଓ ସମୟର ଉଲ୍ଲେଖ ଥିବାରୁ ମେବାଡ଼ର ରାଜକବି ଶ୍ୟାମଳଦାସ କହନ୍ତି କି- "ଚନ୍ଦ୍ କବି 'ପୃଥ୍ୱୀରାଜରାସୋ'ର ରଚୟିତା ନୁହନ୍ତି ।" ସେଥିରେ ଖ୍ରୀଷ୍ଟୀୟ ଷୋଡ଼ଶଶତାବ୍ଦୀର ପୂର୍ବ କବିମାନଙ୍କର ବର୍ଣ୍ଣନା ଦେଖି- ଏହି ଅନୁମାନ କରନ୍ତି କି- କେହି ଜଣେ ସୁଚତୁର କବି ଖ୍ରୀଷ୍ଟୀୟ ସପ୍ତଦଶଶତାବ୍ଦୀର ପୂର୍ବରୁ 'ପୃଥ୍ୱୀରାଜରାସୋ'ର ପ୍ରଣୟନ କରି ଚନ୍ଦ୍ କବିଙ୍କ ନାମରେ ପ୍ରକାଶ କରି'ଛି ।

ଆଉ କେତେକ ଲୋକ ଅତିସାହସିକ ହୋଇ କହନ୍ତି କି— 'ପୃଥ୍ୱୀରାଜରାସୋ'ରେ ଯେ ଅନେକ ଐତିହାସିକ ଘଟନା ମେଳଖାଇଯାଉଛି- ତେଣୁ ତାଙ୍କୁ ପୃଥ୍ୱୀରାଜଙ୍କ ସମସାମୟିକ ନ କହି- ପୂର୍ବପ୍ରତିପାଦିତ ଅନୈତିହାସିକ ଘଟନାବଳୀର ବର୍ଣ୍ଣନାରୁ ଏହି ସମ୍ଭାବନା କରାଯାଇପାରେ ଯେ- ଚନ୍ଦ୍ କବି ନିଜର ପୂର୍ବବର୍ତ୍ତୀ ପୃଥ୍ୱୀରାଜଙ୍କ ଘଟନାବଳୀର ପ୍ରତ୍ୟକ୍ଷଦ୍ରଷ୍ଟା ନଥିଲେ, ଶୁଣାଶୁଣିରୁ ଓ ନିଜର ଉଦାତ୍ତ କଳ୍ପନାରୁ ସାହାସବୁ ଲେଖି'ଛନ୍ତି- ସେଥିରୁ କେତେକ ମେଳଖାଇ ଯାଉ'ଛି ଓ କେତେକ ଘଟନା ମେଳଖାଇ ପାରୁନାହିଁ ।

କିନ୍ତୁ ପ୍ରାଗୁକ୍ତ ସନ୍ଦେହ, ସମ୍ଭାବନା ଓ ମତାନୈକ୍ୟ ଯେ ପ୍ରକୃତ ସତ୍ୟର ଅପଲାପ କରି'ଛନ୍ତି- ଏହା ଆଜି-କାଲିର ସମୀକ୍ଷକମାନଙ୍କ ଦ୍ୱାରା ପ୍ରତିପାଦିତ ଓ ପ୍ରମାଣିତ ହୋଇସାରି'ଛି । କାରଣ- ଜଣେ ଅନ୍ୟବ୍ୟକ୍ତିନାମରେ କୌଣସି ଏକ ଉତ୍ତମ ଲକ୍ଷ୍ୟବିଶେଷରେ ଅନ୍ୟଜଣେ ଲେଖକ ଗ୍ରନ୍ଥ ଲେଖିବା ଭାରତୀୟ ପରମ୍ପରାରେ ଚିରା-ଚରିତ ହୋଇଆସି'ଛି-ସତ୍ୟ, ତେଣୁ ଜଣେ ଅନ୍ୟ କବି ଯଦି 'ରାସୋ' ଲେଖିଲା ତେବେ ତାହା ଅନ୍ୟ କାହାରି ନାମରେ ନଲେଖି ଚନ୍ଦ୍ କବିଙ୍କ ନାମରେ ଲେଖିବାର କାରଣ କ'ଣ ? — ଚନ୍ଦ୍ କବିଙ୍କ କବିତ୍ୱଖ୍ୟାତିର ପ୍ରଭାବଭିନ୍ନ ଆଉ କିଛି ନୁହେଁ । ସେ (ଚନ୍ଦ୍ କବି) ଯଦି 'ରାସୋ' ଲେଖି ନଥିଲେ ତେବେ ତାଙ୍କ କବିତ୍ୱ ଖ୍ୟାତିର ଆଉ କିଛିମାତ୍ର କାରଣ ଥିବାର ପ୍ରମାଣ ମିଳେନାହିଁ । ବିଶ୍ୱକୋଷକାର ମଧ୍ୟ ୧୧୯୧ ଖ୍ରୀ: ରେ ଚନ୍ଦ କବିଙ୍କର ପ୍ରତିଭା ସର୍ବତ୍ର ବ୍ୟାପକ ହେଲା ବୋଲି ସ୍ୱୀକାର କରି'ଛନ୍ତି । ଅତଏବ 'ଚନ୍ଦ୍ କବି' ୧୧୯୧ଖ୍ରୀ: ପୂର୍ବରୁ 'ପୃଥ୍ୱୀରାଜରାସୋ' ନିଜ ଜୀବନକାଳ ମଧ୍ୟରେ ଲେଖିସାରିଥିବାରୁହିଁ ୧୧୯୧ ଖ୍ରୀ: ରେ ତାଙ୍କର ପ୍ରତିଭା ସର୍ବତ୍ର ବ୍ୟାପିବା ସମ୍ଭବ- ଏହି ଦୃଷ୍ଟିରୁ 'ପୃଥ୍ୱୀରାଜରାସୋ' ଚନ୍ଦ୍ କବିଙ୍କ ଦ୍ୱାରା ରଚିତ ହୋଇ ନଥିବା ଯୁକ୍ତି ଅଯୁକ୍ତିଯୁକ୍ତ ।

ଶ୍ୟାମଳଦାସଙ୍କ ପ୍ରବନ୍ଧ ପାଠକରି କାଶୀର ଜଣେ ପଣ୍ଡିତ ପ୍ରତିବାଦ କରି ଏହି ମତ ପ୍ରକାଶ କରନ୍ତି ଯେ "ଚନ୍ଦ୍ କବି ଓ ତାଙ୍କ ପ୍ରଭୁ ପୃଥ୍ୱୀରାଜଙ୍କ ତିରୋଭାବ ସମୟରେ ବିଶେଷ ବ୍ୟବଧାନ ନଥିବାରୁ ପ୍ରଣେତା ଓ ତା'ର ଅତ୍ୟନ୍ତ ହିତୈଷୀ ପ୍ରଭୁଙ୍କର ଅଭାବରୁ "ପୃଥ୍ୱୀରାଜରାସୋ" ରାଜସ୍ଥାନର ଭାଟମାନଙ୍କ ହାତରେ ପଡ଼ିଲା । ତେଣୁ ସେମାନେ ନିଜ ସ୍ୱାର୍ଥଦୃଷ୍ଟିରୁ ସେଥିରେ

ମନଇଚ୍ଛା ଅନୈତିହାସିକ ପ୍ରକ୍ଷିପ୍ତବସ୍ତୁଗୁଡ଼ିଏ ସନ୍ନିବିଷ୍ଟ କରିଥିଲେ ମଧ୍ୟ ମୂଳ ଗ୍ରନ୍ଥର ରଚନା ନିଶ୍ଚିତରୂପେ ଚନ୍ଦ୍‌କବିହିଁ କରି'ଛନ୍ତି ଏଥିରେ ସନ୍ଦେହନାହିଁ ।"

"ମହାକବି ଚନ୍ଦ୍, ପୃଥ୍ୱୀରାଜଙ୍କ ସମୟରେ ଆବିର୍ଭୂତ ହୋଇ'ଛନ୍ତି ।" ଏହି ସତ୍ୟବାକ୍ୟରେ ଶଙ୍କା କରିବାର କୌଣସି ଅବକାଶ ନାହିଁ ।" ଏହା ପଣ୍ଡିତ ନରୋତ୍ତମବ୍ୟାସଙ୍କ ଦ୍ୱାରା ସମ୍ପାଦିତ "ପୃଥ୍ୱୀରାଜ" ନାମକ ପୁସ୍ତକରେ ଲେଖକ 'ନାରାୟଣ' ସ୍ପଷ୍ଟ ଲେଖିଛନ୍ତି ।

ଏତଦ୍‌ବ୍ୟତୀତ ହିନ୍ଦୀ ସାହିତ୍ୟରେ ପ୍ରସିଦ୍ଧ ଓ ପ୍ରାମାଣିକ ଆଧୁନିକ ସମୀକ୍ଷକ ଶ୍ରୀଯୁକ୍ତ ହଜାରିପ୍ରସାଦ. ଦ୍ୱିବେଦୀ ୧୯୫୫ ଖ୍ରୀ: ରେ 'ପୃଥ୍ୱୀରାଜରାସୋ'ର ଗୋଟିଏ ସଂକ୍ଷିପ୍ତ ସଂସ୍କରଣ ସମ୍ପାଦନ କରି ତା'ର ଭୂମିକାରେ ଲେଖି'ଛନ୍ତି ଯେ ଅତି ଅଳ୍ପକାଳ ହେଲା 'ବିହାର ରାଷ୍ଟ୍ରଭାଷା ପରିଷଦ୍' ତାଙ୍କୁ ହିନ୍ଦୀ ସାହିତ୍ୟର ଆଦିକାଳ ବିଷୟରେ ବ୍ୟାଖ୍ୟାନ ବା ଭାଷଣ ଦେବାକୁ ଆମନ୍ତ୍ରିତ କରିଥିଲା । ସେହି ସଭାରେ ଉପସ୍ଥିତ ବିଶିଷ୍ଟ ବିଦ୍ୱାନ୍‌ମାନଙ୍କ ସମକ୍ଷରେ "ଚନ୍ଦ୍‌କବି ଓ ପୃଥ୍ୱୀରାଜ-ରାସୋ" ବିଷୟରେ କେତେଗୁଡ଼ିଏ ଯୁକ୍ତିଯୁକ୍ତ ନିଗୂଢ଼ ତତ୍ତ୍ୱ ସେ ଉପସ୍ଥାପିତ କରିଥିଲେ । ଅଦ୍ୟାପି ସେହି ସିଦ୍ଧାନ୍ତର ବିରୋଧ କେହିହେଲେ କରିନାହିଁ ବୋଲି ମଧ୍ୟ ସେ ଲେଖି'ଛନ୍ତି । ତଦନୁସାରେ କେତେଗୁଡ଼ିଏ ସିଦ୍ଧାନ୍ତିତ ଯୁକ୍ତିବଳରେ ଏହି 'ସଂକ୍ଷିପ୍ତ ପୃଥ୍ୱୀରାଜରାସୋ'ର ଯେଉଁ ସଂସ୍କରଣ ହୋଇଛି ତହିଁରୁ 'ପ୍ରକ୍ଷିପ୍ତ' ବା "ଚନ୍ଦ୍‌କବିଙ୍କ କୃତ ନୁହେ" ବୋଲି ବିବେଚିତ ହୋଇଥିବା ଅଂଶଗୁଡ଼ିକୁ ବାଦ୍ ଦିଆଯାଇଛି । ଶେଷରେ 'ଦ୍ୱିବେଦୀଜୀ' ଏହି ମତ ବ୍ୟକ୍ତ କରି'ଛନ୍ତି ଯେ "ମୋର ବିଶ୍ୱାସ ଅଛି ଯେ ଚନ୍ଦ୍‌ଙ୍କ ମୂଳ ରଚନା ଏହାରହିଁ (ଏହି ସଂସ୍କରଣରହିଁ) ଆଖପାଖ ହେବ ।" ସେହି ଦ୍ୱିବେଦୀଜୀଙ୍କ ନବୀନ ଓ ସଂକ୍ଷିପ୍ତ ସଂସ୍କରଣରେ ମଧ୍ୟ "ଜୟଦେବ ଅଠ୍‌ଠଂ କବୀ କବ୍ବିରାୟଂ ଜନେଂ କେବଲଂ କିତ୍ତିଗୋବିନ୍ଦଗାୟଂ" ଏହି ଉକ୍ତି ଉପଲବ୍ଧ ହେଉ'ଛି । ସବୁଠାରୁ ମଜାଦାର କଥାଟି ଏହା ଯେ

ଲକ୍ଷ୍ମଣସେନଙ୍କ ସଭାର ଆଉ ସ୍ମରକଣ ରତ୍ନଙ୍କ... ଉଲ୍ଲେଖ ଚନ୍ଦ୍ରକବି କରିନାହାନ୍ତି ତେଣୁ ଏହି ବଚ... ଚନ୍ଦ୍‌କବିଙ୍କର ନୁହେଁ ବା ପ୍ରକ୍ଷିପ୍ତ ବଚନ ବୋ... କୁହାଯାଇ ପାରିବନାହିଁ ।

ଗୀତଗୋବିନ୍ଦର ପୂଜାରୀ ଗୋସ୍ୱାମୀବିରଚିତ ଟୀ... ସହିତ ଗୋଟିଏ ସଂସ୍କରଣର ମୁଖବନ୍ଧରେ ସମ୍ପାଦ... ଶ୍ରୀଯୁକ୍ତ ଅଭୟାଚରଣ ବନ୍ଦ୍ୟୋପାଧ୍ୟାୟ ନାମକ ଜଣେ ବଙ୍ଗୀୟ ଲେଖକ ମଧ୍ୟ ଚନ୍ଦ୍‌କବିଙ୍କର ଏହି ଉକ୍ତି... ପ୍ରମାଣରୂପେ ମାନି ନେଇ'ଛନ୍ତି ଓ ଗୀତଗୋବିନ୍ଦକା... ଜୟଦେବ ଚନ୍ଦ୍‌କବିଙ୍କର ନିଶ୍ଚିତରୂପେ ପୂର୍ବବର୍ତ୍ତୀ... ବୋଲି ପ୍ରତିପାଦିତ କରି ତାଙ୍କୁ ଲକ୍ଷ୍ମଣସେନଙ୍କ ସଭାସ... ବୋଲି ପ୍ରମାଣିତ କରିବାକୁ ଯାଇ ଲକ୍ଷ୍ମଣସେନ... ରାଜତ୍ୱକାଳ ଖ୍ରୀଷ୍ଟୀୟ ଦ୍ୱାଦଶଶତାବ୍ଦୀର ସର୍ବ... ଆଦ୍ୟଭାଗ ଅର୍ଥାତ୍ ଖ୍ରୀ: ୧୧୦୧ ଠାରୁ ଖ୍ରୀ: ୧୧... ପର୍ଯ୍ୟନ୍ତ ବୋଲି ଶ୍ରୀଯୁକ୍ତ ଡାକ୍ତର ରାଜେନ୍ଦ୍‌ଲାଲ ମିତ୍ରଙ୍କ... "ବଙ୍ଗେର ସେନରାଜା" ଶୀର୍ଷକ ପ୍ରବନ୍ଧର ଅବଲମ୍ବନରେ... ଦର୍ଶାଇ'ଛନ୍ତି । ଉକ୍ତ ପ୍ରମାଣର ପ୍ରମାଣସ୍ୱରୂପ ବ... ଦେଶରେ ପୂର୍ବରୁ ସମସ୍ତଙ୍କର ଅଜ୍ଞାତ, ମିଥିଳା... ପ୍ରଚଳିତ ସ୍ୱର୍ଗୀୟ ରାଜକୃଷ୍ଣ ମୁଖୋପାଧ୍ୟାୟଙ୍କ ଦ୍ୱା... ପ୍ରବନ୍ଧାକାରେ ଗୋଟିଏ ମାସିକ ପତ୍ରିକାରେ ପ୍ର... ପ୍ରକାଶିତ 'ଲସଂ' ନାମକ ଅବ୍ଦର ଉଲ୍ଲେଖ କରି'ଛନ୍ତି... 'ଲସଂ'ର ଅର୍ଥ 'ଲକ୍ଷ୍ମଣସଂବତ୍' । ମୁଖୋପାଧ... ମହାଶୟ 'ବିଦ୍ୟାପତି' ଶୀର୍ଷକ ପ୍ରବନ୍ଧରେ ଲେଖି'ଛ... ଯେ "ବର୍ତ୍ତମାନ (ଅର୍ଥାତ୍ ୧୮୮୨ ସାଲ୍‌ର ଜ୍ୟୈଷ୍ଠମା... ୭୬୭ ଲକ୍ଷ୍ମଣସଂବତ୍ ଚାଲି'ଛି । ବର୍ତ୍ତମାନ ଶକା... ୧୭୯୭ ଓ ଖ୍ରୀଷ୍ଟାବ୍ଦ ୧୮୭୪ ବର୍ଷ ଚାଲି'ଛି । ସୁତରା... ଶକାବ୍ଦ ୧୦୩୦ ଓ ଖ୍ରୀଷ୍ଟାବ୍ଦ ୧୧୦୭ ଲକ୍ଷ୍ମଣସେନ... ରାଜତ୍ୱକାଳ ।" ତେଣୁ ମିତ୍ର ମହାଶୟଙ୍କ ମତ ଏ... ମତ ଅନୁସାରେ ଦୃଢ଼ହେଲା ବୋଲି ସମ୍ପାଦ... ଅଭୟାଚରଣ ବନ୍ଦ୍ୟୋପାଧ୍ୟାୟ ପ୍ରତିପାଦନ କରି'ଛନ୍ତି ।

ଏତଦ୍ଦ୍ୱାରା ଅଭୟାଚରଣ ବନ୍ଦ୍ୟୋପାଧ୍ୟାୟଙ୍କ... ଏହି ଅଭିପ୍ରାୟ ପରିସ୍ଫୁଟ ହେଲା ଯେ "ପୃଥ୍ୱୀରାଜ... ସମସାମୟିକ ଚନ୍ଦ୍‌କବିଙ୍କଠାରୁ ଖ୍ରୀଷ୍ଟୀୟ ଦ୍ୱାଦଶଶତାବ୍ଦୀ...

ସର୍ବଥା ଆଦ୍ୟ ଭାଗରେ ରାଜତ୍ୱ କରିଥିବା ଲକ୍ଷ୍ମଣସେନଙ୍କ ସଭାସଦ୍ ଗୀତଗୋବିନ୍ଦକାର ଜୟଦେବ ପ୍ରାଚୀନ ହେବାରେ କୌଣସି ସନ୍ଦେହ ନାହିଁ । କାରଣ-- ଚନ୍ଦ୍ରକବି ପୃଥ୍ୱୀରାଜଙ୍କ ସମସାମୟିକ ହୋଇ ଥିବାରୁ ଏବଂ ବିଶ୍ୱକୋଷସୂଚିତ ଇତିହାସ ଅନୁସାରେ ପୃଥ୍ୱୀରାଜ ୧୧୬୯ ଖ୍ରୀ:ରେ ଦିଲ୍ଲୀସିଂହାସନ ଆରୋହଣ କରିଥିବାରୁ ଓ ୧୧୯୩ ଖ୍ରୀ:ରେ ଦୃଷଦ୍‌ବତୀ ନଦୀତୀରରେ ମହମ୍ମଦଘୋରୀ ସହିତ ଯୁଦ୍ଧରେ ନିହତ ହୋଇଥିବାରୁ --- ଚନ୍ଦ୍ରକବିଙ୍କଠାରୁ ଜୟଦେବ ନିଶ୍ଚିତରୂପେ ପ୍ରାଚୀନ । କିନ୍ତୁ— ପ୍ରାଗୁକ୍ତ ପଞ୍ଚରତ୍ନଙ୍କର ଆଶ୍ରୟଦାତା ଲକ୍ଷ୍ମଣସେନ ଯେ — ନିଶ୍ଚିତରୂପେ ଦ୍ୱାଦଶଶତାବ୍ଦୀର ସର୍ବଥା ଉତ୍ତରଭାଗ ଓ ତ୍ରୟୋଦଶ-ଶତାବ୍ଦୀର ପ୍ରାରମ୍ଭିକ କେତେବର୍ଷ ମଧ୍ୟରେହିଁ ରାଜତ୍ୱ କରିଥିଲେ — ଏହା — ନିର୍ଭରବିଶ୍ୱାସଯୋଗ୍ୟ ପ୍ରମାଣରୁ ସିଦ୍ଧ । କାରଣ — ମହାରାଜ ଲକ୍ଷ୍ମଣସେନ ନିଜନାମରେ ଗୋଟିଏ ଅବ୍ଦ ଚଳାଇଥିଲେ — ଏହା ସତ୍ୟ ଏବଂ ତଦନୁସାରେ ସେ ଅସନ୍ଦିଗ୍ଧ ଭାବରେ ଦ୍ୱାଦଶଶତାବ୍ଦୀର ସର୍ବଥା ଉତ୍ତରାର୍ଦ୍ଧର ଓ ତ୍ରୟୋଦଶ-ଶତାବ୍ଦୀ ପ୍ରାରମ୍ଭିକ କାଳର ରାଜା ବୋଲିହିଁ ପ୍ରମାଣିତ ହେଉଛନ୍ତି । 'ଆଇନେ ଆକବରୀ' ଅନୁସାରେ ବଲ୍ଲାଳସେନଙ୍କ ପୁତ୍ର ଲକ୍ଷ୍ମଣସେନ ୧୧୦୬ ଖ୍ରୀ:ରେ ରାଜତ୍ୱ ପାଇଥିଲେ ଏବଂ ୧୨୦୩ ଖ୍ରୀ.ରେ ବଙ୍ଗ ମୁସଲ୍‌ମାନ୍‌ମାନଙ୍କ କରଗତ ହେଲପରେ ଶେଷ ହିନ୍ଦୁରାଜା କେଶବସେନ ବା ଲକ୍ଷ୍ମଣେୟ ପଳାୟନକରି ଓଡ଼ିଶା ଗଜପତି ମହାରାଜଙ୍କର ଶରଣାଗତ ହୋଇ ଥିଲେ । ତଥାକଥିତ ଏହି ଲକ୍ଷ୍ମଣେୟନାମା କେଶବ-ସେନହିଁ ବସ୍ତୁତଃ ଲକ୍ଷ୍ମଣସେନନାମା ଓ ଏ'ହିଁ ବଲ୍ଲାଳସେନଙ୍କ ପୁତ୍ର ଏବଂ ଏ'ହିଁ ପ୍ରାଗୁକ୍ତ ପଞ୍ଚରତ୍ନଙ୍କର ଆଶ୍ରୟଦାତା — ଏହା ଅନ୍ତରଙ୍ଗ ପ୍ରମାଣଦ୍ୱାରା ସିଦ୍ଧ ହୋଇଛି — ଦେଖନ୍ତୁ —

ଲକ୍ଷ୍ମଣସେନଙ୍କ ରାଜତ୍ୱକାଳ ବିଷୟରେ ବିଭିନ୍ନ ମତବାଦ ପରିଲକ୍ଷିତ ହୁଏ । — ୧ — ବିଶ୍ୱକୋଷକାରଙ୍କ ମତରେ ଖ୍ରୀ: ୧୧୬୦ରେ ଲକ୍ଷ୍ମଣସେନ ସିଂହାସନାରୋହଣ କଲେ ଓ ଖ୍ରୀ: ୧୧୯୯ରେ ନବଦ୍ୱୀପରାଜଧାନୀ ଲକ୍ଷ୍ମଣସେନଙ୍କ ହାତରୁ ମୁସଲ୍‌ମାନଙ୍କ ହାତକୁ ଗଲା । ୨— ଅନ୍ୟ କେତେକଙ୍କ ମତରେ ଶକାବ୍ଦ ୧୦୯୦ ଅର୍ଥାତ୍ ଖ୍ରୀ· ୧୧୬୮ରେ ଲକ୍ଷ୍ମଣସେନ ରାଜକାର୍ଯ୍ୟ କରିବାକୁ ଆରମ୍ଭ କରିଥିଲେ । ୩ — 'ଓଡ଼ିଶା ଇତିହାସ'ରେ ଡ: ହରେକୃଷ୍ଣ ମହତାବ ମହୋଦୟ ୧୧୭୮ ଖ୍ରୀ: ଲକ୍ଷ୍ମଣସେନଙ୍କ ରାଜତ୍ୱର ପ୍ରାରମ୍ଭକାଳ ବୋଲି ଲେଖିଛନ୍ତି । ୪— **'The Sultanate of Delhi'** (V. D. Mahajon)ରେ ଲେଖାଅଛି - ଖ୍ରୀ: ୧୨୦୪ ଅବ୍ଦରେ ମହମ୍ମଦ-ବିନ୍-ବଖ୍‌ତି ଆର୍‌ଖିଲଜିଙ୍କ ଆକ୍ରମଣରୁ ସେ ପଳାୟନ କରିଥିଲେ । ୫ — ତା'ଛଡ଼ା ଆଉ ଏକ ସୂତ୍ରର ଆଶ୍ରୟନେଲେ ମଧ୍ୟ ଲକ୍ଷ୍ମଣସେନ ଦ୍ୱାଦଶଶତାବ୍ଦୀର ସର୍ବଥା ଉତ୍ତରଭାଗର ବ୍ୟକ୍ତି ବୋଲି ପ୍ରମାଣିତ ହେଉଛି । - 'ଆର୍ଯ୍ୟାସପ୍ତଶତୀ'-କାର ଆଚାର୍ଯ୍ୟଗୋବର୍ଦ୍ଧନ ଲକ୍ଷ୍ମଣସେନଙ୍କ ରାଜସଭାର 'ପଞ୍ଚରତ୍ନ'ଙ୍କ ମଧ୍ୟରୁ ଅନ୍ୟତମ- ଏହା ନିର୍ବିବାଦସିଦ୍ଧ । 'ନ୍ୟାୟକୁସୁମାଞ୍ଜଳି,' 'ଆତ୍ମତତ୍ତ୍ୱବିବେକ' ଓ 'କିରଣାବଳୀ' - ଗ୍ରନ୍ଥର ପ୍ରଣେତା ଉଦୟନାଚାର୍ଯ୍ୟ ଗୋବର୍ଦ୍ଧନାଚାର୍ଯ୍ୟଙ୍କ ଶିଷ୍ୟ ବୋଲି -- ନିଜେ ଗୋବର୍ଦ୍ଧନାଚାର୍ଯ୍ୟ 'ଆର୍ଯ୍ୟାସପ୍ତଶତୀ' ଗ୍ରନ୍ଥର ସମାପ୍ତିରେ କହିଛନ୍ତି —

"ଉଦୟନ-ବଳଭଦ୍ରାଭ୍ୟାଂ ସପ୍ତଶତୀଶିଷ୍ୟାସୋଦରାଭ୍ୟାଂ ମେ ଦ୍ୟୌରିବ ରବିଚନ୍ଦ୍ରାଭ୍ୟାଂ ପ୍ରକାଶିତା ନିର୍ମଳୀକୃତ୍ୟ"

ଅର୍ଥାତ୍-- ରବି ଓ ଚନ୍ଦ୍ର ଦ୍ୱାରା ନିର୍ମଳୀକୃତ ଆକାଶ ଯେପରି ଦେଦୀପ୍ୟମାନହୁଏ- ସେହିପରି ମୋ'ର ଶିଷ୍ୟ ଓ ଭାଇ 'ଉଦୟନ' ଓ 'ବଳଭଦ୍ର'ଙ୍କ କର୍ତ୍ତୃକ ନିର୍ମଳୀକୃତ ହୋଇ ସପ୍ତଶତୀ (ଆର୍ଯ୍ୟାସପ୍ତଶତୀ) ଦେଦୀପ୍ୟମାନହେଲା) ଏହି 'ଉଦୟନାଚାର୍ଯ୍ୟ' ଖ୍ରୀଷ୍ଟୀୟ ୧୧୭୬ର ଲୋକ ବୋଲି ଐତିହାସିକମାନଙ୍କ ଦ୍ୱାରା ନିଶ୍ଚିତ ହୋଇଛନ୍ତି । ତେଣୁ ଲକ୍ଷ୍ମଣସେନ ଦ୍ୱାଦଶଶତାବ୍ଦୀର ସର୍ବଥା ଉତ୍ତର-ଭାଗର ଲୋକ ନହେଲେ- ତାଙ୍କ ସଭାସ୍ଥିତ ଗୋବର୍ଦ୍ଧନା-ଚାର୍ଯ୍ୟଙ୍କର 'ଉଦୟନାଚାର୍ଯ୍ୟ' ଶିଷ୍ୟ ହେବା ଅସମ୍ଭବ ହୋଇ ପଡ଼ିବ ।

ପୂର୍ବପ୍ରଦର୍ଶିତ ଇତିହାସରେ କିଛି ମତଭେଦ ଥିଲେ ମଧ୍ୟ - ଲକ୍ଷ୍ମଣସେନ ଦ୍ୱାଦଶ ଶତାବ୍ଦୀର ସର୍ବଥା ଉତ୍ତରଭାଗର ଲୋକ ଏଥିରେ ସମସ୍ତେ ଏକମତ । ଏବେ ଅନ୍ତରଙ୍ଗ ପ୍ରମାଣ ଦ୍ୱାରା ସିଦ୍ଧ କରାଯାଉ ଯେ-ଏଥି ମଧ୍ୟରୁ କେଉଁ ମତ ସର୍ବଥା ସତ୍ୟ ।—

ଲକ୍ଷ୍ମଣସେନଙ୍କ ଆଶ୍ରୟରେ ଥିବା - 'ସଦୁକ୍ତିକର୍ଣ୍ଣାମୃତ' ଗ୍ରନ୍ଥର ସଙ୍କଳୟିତା ପଣ୍ଡିତ 'ଶ୍ରୀଧର ଦାସ' ଉକ୍ତ ଗ୍ରନ୍ଥର ସମାପ୍ତିରେ ନିଜେ ଲେଖିଛନ୍ତି —

"ଶାକେ ସପ୍ତବିଂଶତ୍ୟଧିକ-ଶତୋପେତଦଶଶତେ
ଶରଦାମ୍
ଶ୍ରୀମଲ୍ଲକ୍ଷ୍ମଣସେନକ୍ଷିତିପସ୍ୟ ରସୈକବିଂଶେଽବ୍ଦେ
ସବିତୁର୍ଗତ୍ୟା ଫାଲ୍‌ଗୁନ ବିଂଶେଷୁ ପରାର୍ଥହେତବେ
କୁତୁକାତ୍
ଶ୍ରୀଧରଦାସେନେଦଂ 'ସଦୁକ୍ତିକର୍ଣ୍ଣାମୃତଂ' ଚକ୍ରେ ।"

ଅର୍ଥାତ୍ - ୧୧୨୭ଶ-ଶକାବ୍ଦରେ ଅର୍ଥାତ୍ ଖ୍ରୀ: ୧୨୦୫-ରେ - ଲକ୍ଷ୍ମଣସେନ ରାଜାଙ୍କ ସପ୍ତବିଂଶ ଅବ୍ଦରେ ସୌରମାନ ଅନୁସାରେ ଫାଲ୍‌ଗୁନ ବିଂଶ ଦିବସରେ ପରପ୍ରୟୋଜନ (ପରର ମନୋବିନୋଦନରୂପ ପ୍ରୟୋଜନ) ପାଇଁ କୌତୁକବଶତଃ 'ଶ୍ରୀଧରଦାସ' ଏହି 'ସଦୁକ୍ତିକର୍ଣ୍ଣାମୃତ' କଲେ ।—

ଏଥିରୁ ସ୍ପଷ୍ଟ ଜଣାଯାଏ ଯେ - ମହାରାଜ ଲକ୍ଷ୍ମଣ-ସେନ ନିଜ ନାମରେ ଗୋଟିଏ ଅବ୍ଦ ନିଶ୍ଚୟ ଚଳାଇଥିଲେ ଏବଂ ଶ୍ରୀଧରଦାସଙ୍କ ବଚନ ଅନୁସାରେ ୧୧୨୭ଶ - ଶକାବ୍ଦରେ ଅର୍ଥାତ୍ ଖ୍ରୀ: ୧୨୦୫-ରେ ଯଦି ଲକ୍ଷ୍ମଣସେନଙ୍କର ୨୭ଶ ଅବ୍ଦ ହେଲା- ତେବେ ୧୨୦୫ — ୨୭ = ୧୧୭୮ତମ ଖ୍ରୀଷ୍ଟାବ୍ଦ ଲକ୍ଷ୍ମଣ-ସେନଙ୍କ ରାଜତ୍ୱର ପ୍ରାରମ୍ଭକାଳ- ଏଥିରେ ସନ୍ଦେହର ଅବକାଶ ନାହିଁ । ଏହା ନିଶ୍ଚୟ- ଲକ୍ଷ୍ମଣସେନଙ୍କ ଅଭିଷେକଠାରୁ ପ୍ରଚଳିତ ଅବ୍ଦ, ଜନ୍ମାବ୍ଦ ହେବା ସମ୍ଭବ ନୁହେଁ । ଏଣୁ ପୂର୍ବୋକ୍ତ ସମସ୍ତ ଐତିହାସିକ ମତଠାରୁ ଡ: ହରେକୃଷ୍ଣ ମହତାବ ମହୋଦୟଙ୍କ ମତ ଯେ ସର୍ବଥା ନିର୍ଭର ବିଶ୍ୱାସଯୋଗ୍ୟ ପ୍ରମାଣ - ଏହା ସିଦ୍ଧ ହେଲା ।

ଏଣୁ ପ୍ରାଗୁକ୍ତ 'ଲସଂ' ଅବ୍ଦର ଏ'ପ୍ରକାର କାଳ[illegible] ଖାପୃତ୍ୱ-ସ୍ୱରୂପର ପରିକଳ୍ପନା କେତେ ହାସାସ୍ପଦ [illegible] ପ୍ରତ୍ୟେକ- ବିଚକ୍ଷଣ-ସହୃଦୟ- ପାଠକେ ଉପଲବ୍[illegible] କରନ୍ତୁ । ଯାହା ହେଉ - ୧୧୭୯ତମ ଖ୍ରୀଷ୍ଟାବ୍ଦ[illegible] ଦିଲ୍ଲୀସିଂହାସନାରୋହଣ କରିଥିବା ଅନ୍ତିମ ହିନ୍ଦୁ ସମ୍[illegible] ପୃଥ୍ୱୀରାଜଙ୍କ ସଭାସଦ୍ , ମନ୍ତ୍ରୀ ଓ ବାଲମିତ୍ର ଚନ୍ଦ[illegible] ଲକ୍ଷ୍ମଣସେନଙ୍କର ପ୍ରାୟ ସମସାମୟିକ ଓ ଗୀ[illegible] ଗୋବିନ୍ଦକାର ଜୟଦେବ - ତାଙ୍କର ପୂର୍ବବ[illegible] ଥିଲେ - ଏହା ସିଦ୍ଧ ହେଲା ।

ଏତେ ଯୁକ୍ତିତର୍କ ଓ ପ୍ରମାଣପ୍ରଦର୍ଶନ ପ[illegible] ଯେଉଁମାନେ ଚନ୍ଦ୍ରକବିଙ୍କ ବଚନର ପ୍ରକ୍ଷିପ୍ତ[illegible] ସନ୍ଦେହରୁ ମୁକ୍ତ ହେଉନାହାନ୍ତି— ଆଉ ଏକ ଅନ୍ତର[illegible] ପ୍ରମାଣଦ୍ୱାରା ଯଦି ଲକ୍ଷ୍ମଣସେନଙ୍କ ରାଜତ୍ୱଠାରୁ ଅ[illegible] ନିର୍ବିଧ ଭାବରେ ଗୀତଗୋବିନ୍ଦକାର ଜୟଦେ[illegible] ପୂର୍ବବର୍ତ୍ତୀ ସିଦ୍ଧ ହୁଅନ୍ତି - ତେବେ ସେମାନେ ଚନ୍ଦ୍[illegible] କବିଙ୍କ ଉକ୍ତିକୁ ପ୍ରକ୍ଷିପ୍ତ ମାନିବାର କୌଣସି ଯଥାର୍ଥ[illegible] ରହିବନାହିଁ ।—ଦେଖନ୍ତୁ —

ଲକ୍ଷ୍ମଣସେନଙ୍କର ପିତା ବଲ୍ଲାଳସେନ "ଅଦ୍ଭୁତ[illegible] ସାଗର" ନାମକ ଏକ ଗ୍ରନ୍ଥର ରଚନା ଆର[illegible] କରିଥିଲେ । ତାହା ସମାପ୍ତ ନହେଉଣୁ- ନିଜପୁ[illegible] ଲକ୍ଷ୍ମଣସେନଙ୍କ ଉପରେ ଉକ୍ତ ଗ୍ରନ୍ଥର ସମାପ୍ତିର ଭା[illegible] ଓ ରାଜ୍ୟଭାର ନ୍ୟସ୍ତକରି ଭାର୍ଯ୍ୟାସହିତ ସ୍ୱର୍ଗପୁର[illegible] ଗଲେ - ଏହା 'ଅଦ୍ଭୁତସାଗର' ଗ୍ରନ୍ଥରୁ ବିଶଦଭ[illegible] ପ୍ରତୀତ ହୁଏ । ସମ୍ଭବତଃ ଲକ୍ଷ୍ମଣସେନଙ୍କ ସମୟରେ [illegible] ଗ୍ରନ୍ଥର ସମାପ୍ତି ହୋଇଥିଲା - ଓ ସେହି ସମୟରେ ଉ[illegible] ଗ୍ରନ୍ଥ ବିଷୟରେ ଏ'ପ୍ରକାର ଇତିହାସର ଉଲ୍ଲେ[illegible] କରାଯାଇଛି ।—

"ଶାକେ ଖନବଖେନ୍ଦ୍ୱବ୍ଦେ ଆରେଭେଽଦ୍ଭୁତସାଗରମ୍
ଗୌଡ଼େନ୍ଦ୍ରକୁଞ୍ଜରାଳାନ - ସ୍ତମ୍ଭବାହୁର୍ମହୀପତିଃ ॥
ଗ୍ରନ୍ଥେଽସ୍ମିନ୍ନସମାପ୍ତ ଏବ ତନୟଂ ସାମ୍ରାଜ୍ୟରକ୍ଷାମହା-
ଦୀକ୍ଷାପର୍ବଣି ଦୀକ୍ଷଣାନ୍ନିଜକୃତେର୍ନିଷ୍ପତ୍ତିମଭ୍ୟର୍ଥ୍ୟ ସଃ

ନାନାଦାନଚିତାମ୍ବୁସଂଚଳନତଃ ସୂର୍ଯ୍ୟାତ୍ମଜାସଙ୍ଗମଂ –
ଗଙ୍ଗାୟାଂ ବିରଚଯ୍ୟ ନିର୍ଜରପୁରଂ
ଭାର୍ଯ୍ୟାନୁଯାତୋପଗୌ ॥
ଶ୍ରୀମଲ୍ଲକ୍ଷ୍ମଣସେନଭୂପତିରତିଶ୍ଳାଘ୍ୟୋ ଯଦୁଦ୍ୟୋଗତୋ
ନିଷ୍ପନ୍ନୋଽଦ୍ଭୁତସାଗରଃ କୃତିରସୌ ବଲ୍ଲାଳଭୂମିଭୁଜଃ
ଖ୍ୟାତଃ କେବଳମଲ୍ ଗୁରଃ (?) ସଗରଜସ୍ତୋମସ୍ୟ
ତତ୍ପୂରଣ-
ପ୍ରଖ୍ୟାତେନ ଭଗୀରଥସ୍ତୁ ଭୁବନେଷ୍ୱଦ୍ୟାପି
ବିଦ୍ୟୋତତେ ॥"

(ଅର୍ଥାତ୍- ୧୦୯୦-ତମ ଶକାବ୍ଦରେ (ଅର୍ଥାତ୍ - ୧୧୬୮ତମ- ଖ୍ରୀଷ୍ଟାବ୍ଦରେ) ଯାହାଙ୍କର ବାହୁ ଗୌଡ଼ବୃକ୍ଷ-ରୂପୀ ରାଜାର ବନ୍ଧନସ୍ତମ୍ଭ ସେହି ରାଜା (ବଲ୍ଲାଳସେନ) "ଅଦ୍ଭୁତସାଗର"କୁ ଆରମ୍ଭ କଲେ । ଏହି ଗ୍ରନ୍ଥ ସମାପ୍ତ ନହେଉଣୁ ପୁତ୍ର (ଲକ୍ଷ୍ମଣସେନ)ଙ୍କୁ ସାମ୍ରାଜ୍ୟ ରକ୍ଷାର ମହାଦୀକ୍ଷା ପର୍ବରେ ଦୀକ୍ଷିତ କଲାପରେ ନିଜ ରଚନାର ସମାପ୍ତି ପାଇଁ ଅନୁରୋଧ କରି ସେ ବିବିଧ ଦାନରୁ ସଞ୍ଚିତଜଳର ପ୍ରବାହ ଯୋଗୁଁ ଗଙ୍ଗାରେ ଯମୁନାର ସଙ୍ଗମ କରି ଭାର୍ଯ୍ୟାଙ୍କ ଦ୍ୱାରା ଅନୁଗତ ହୋଇ ସ୍ୱର୍ଗପୁରକୁ ଗଲେ ।

ଲକ୍ଷ୍ମଣସେନ ନୃପତି ଅତି ପ୍ରଶଂସନୀୟ (ଅଟନ୍ତି)-ଯାହାଙ୍କ ଉଦ୍ୟୋଗରୁ ବଲ୍ଲାଳ ନୃପତିଙ୍କର ସେହି ରଚନା (ଅଦ୍ଭୁତସାଗର) ନିଷ୍ପନ୍ନ (ସମାପ୍ତ) ହେଲା"- ଇତ୍ୟାଦି " (?. "........

ତଦ୍ଭିନ୍ନ ସେହି ବଲ୍ଲାଳ ନୃପତିଙ୍କ ପ୍ରଣୀତ 'ଦାନସାଗର' ନାମକ ଗ୍ରନ୍ଥରେ ୧୦୯୧-ତମ ଶକାବ୍ଦରେ ଅର୍ଥାତ୍ ୧୧୬୯-ତମ ଖ୍ରୀଷ୍ଟାବ୍ଦରେ ଏହି 'ସଦୁକ୍ତିକର୍ଣ୍ଣାମୃତ' ଗ୍ରନ୍ଥର ସଙ୍କଳନ (ସଂଗ୍ରହ) ପ୍ରାରବ୍ଧ ହେଲା ବୋଲି ବର୍ଣ୍ଣିତ ହୋଇଛି । ଏଣୁ ୧୧୭୮-ତମ ଖ୍ରୀଷ୍ଟାବ୍ଦରେ ସିଂହାସନାରୋହଣକାରୀ ଲକ୍ଷ୍ମଣସେନଙ୍କ ପୂର୍ବରୁ ବଲ୍ଲାଳସେନଙ୍କ ସମୟରେ ହିଁ "ସଦୁକ୍ତିକର୍ଣ୍ଣାମୃତ" ଗ୍ରନ୍ଥର ସଙ୍କଳନ ପ୍ରାରବ୍ଧ ହୋଇ- ଲକ୍ଷ୍ମଣସେନଙ୍କ ରାଜତ୍ୱର ସପ୍ତବିଂଶ ବର୍ଷରେ ସମାପ୍ତ ହୋଇଛି - ଏହି ସିଦ୍ଧାନ୍ତ ହେଲା । 'ସଦୁକ୍ତିକର୍ଣ୍ଣାମୃତ' ଗ୍ରନ୍ଥ ୧। ଦେବପ୍ରବାହ, ୨। ଶୃଙ୍ଗାରପ୍ରବାହ, ୩। ଚାଟୁପ୍ରବାହ, ୪। ଅପଦେଶପ୍ରବାହ, ଓ ୫। ଉଚ୍ଚାବଚପ୍ରବାହ - ଏହି ପାଞ୍ଚ ପ୍ରବାହରେ ବିଭକ୍ତ ହୋଇଛି । - ତନ୍ମଧ୍ୟରୁ - ପ୍ରଥମ 'ଦେବପ୍ରବାହ'ରେ ହିଁ ୫୯-ତମ ବୀଚିରେ ୪ର୍ଥଶ୍ଳୋକ ରୂପେ ଗୀତଗୋବିନ୍ଦର ୭୮-ତମ ଶ୍ଳୋକ- "ଛାୟାଶ୍ରିତନ୍ୟ-ସ୍ତୈର୍ମିହିତ ଇବ ମନ୍ଦାରକୁସୁମୈଃ" – ଇତ୍ୟାଦି ଏକାଦଶ ସର୍ଗର ସର୍ବଥା ସମାପ୍ତିର ସୂଚକ ପଦ୍ୟ ଉଦ୍ଧୃତ ହୋଇଛି । - ଏତଦ୍ଭିନ୍ନ - ଦ୍ୱିତୀୟ- 'ଶୃଙ୍ଗାର-ପ୍ରବାହ'ରେ ମଧ୍ୟ - ୧୩୨ତମ ବୀଚିର ୪ର୍ଥ ପଦ୍ୟରୂପେ -ଗୀତଗୋବିନ୍ଦର - 'ପ୍ରତ୍ୟୂହଃ ପୁଲକାଙ୍କୁରେଣ ନିବିଡ଼ାଶ୍ଳେଷେ ନିମେଷେଣ ଚ" - ଇତ୍ୟାଦି - ଦ୍ୱାଦଶ ସର୍ଗର ସମାପ୍ତି ପ୍ରାୟ ଅବସ୍ଥାର ୮୦ତମ ଶ୍ଳୋକ, ଓ ୩୭ତମ ବୀଚିରେ ୪ର୍ଥ ପଦ୍ୟରୂପେ ଗୀତଗୋବିନ୍ଦର "ଅଙ୍ଗେଷ୍ୱାଭରଣଂ କରୋତି ବହୁଶଃ ପତ୍ରେଽପି ସଞ୍ଚାରିଣି" -ଇତ୍ୟାଦି - ଷଷ୍ଠ ସର୍ଗର ସମାପ୍ତି ଅବସ୍ଥାର ଏହି ୪୩ତମ ଶ୍ଳୋକ, ୧୩୪ତମ ବୀଚିରେ ୪ର୍ଥ ପଦ୍ୟରୂପେ ଗୀତଗୋବିନ୍ଦର - "ମାରାଙ୍କେ ରତିକେଳି-ସଙ୍କୁଳରଣାରମ୍ଭେ ତୟାସାହସ –" ଇତ୍ୟାଦି ୮୧ତମ ଶ୍ଳୋକ, ୧୩୭ତମ ବୀଚିରେ ୫ମ ପଦ୍ୟରୂପେ -ଗୀତଗୋବିନ୍ଦର - 'ତସ୍ୟାଃ ପାଟଳପାଣିଜାଙ୍କିତମୁରୋ-ନିଦ୍ରାକଷାୟେ ଦୃଶୌ" - ଇତ୍ୟାଦି ୮୩ତମ ଶ୍ଳୋକ ଉଦ୍ଧୃତ ହୋଇଛି । ଏବେ ବିଚକ୍ଷଣ ସହୃଦୟ ଗଣ ବିଚାର କରନ୍ତୁ – ଲକ୍ଷ୍ମଣସେନଙ୍କ ରାଜତ୍ୱାରମ୍ଭର ପୂର୍ବ ୯ମ ବର୍ଷରେ ବଲ୍ଲାଳସେନଙ୍କ ସମୟରେ ହିଁ ପ୍ରାରବ୍ଧ "ସଦୁକ୍ତିକର୍ଣ୍ଣାମୃତ" ଗ୍ରନ୍ଥର ପ୍ରଥମପ୍ରବାହରେ ହିଁ ଦ୍ୱାଦଶସର୍ଗାତ୍ମକ ଗୀତଗୋବିନ୍ଦର ସମାପ୍ତପ୍ରାୟ ଅବସ୍ଥାର (ଅର୍ଥାତ୍ - ଏକାଦଶସର୍ଗର ସର୍ବଥାସମାପ୍ତିର ସୂଚକ) ଶ୍ଳୋକ ଯଦି ଉଦ୍ଧୃତ ହେଲା - ତେବେ 'ସଦୁକ୍ତି-କର୍ଣ୍ଣାମୃତ' ଗ୍ରନ୍ଥର ସଙ୍କଳନପ୍ରାରମ୍ଭର ବହୁକାଳ ପୂର୍ବରୁ ଗୀତଗୋବିନ୍ଦର ରଚନା ସରିଯାଇ'ଛି - ଏଥିରେ ଆଉ ସନ୍ଦେହର ଅବକାଶ ନାହିଁ । କାରଣ - ତାହାର ଅନୁପାତ କଳ୍ପନା କଲେ - ଦ୍ୱିତୀୟପ୍ରବାହ ପଞ୍ଚମ- ଏହି

ଦ୍ୱିତୀୟ ପ୍ରବାହ ସହିତ ପ୍ରଥମପ୍ରବାହର ରଚନା ୨୭+୯=୩୬ବର୍ଷରେ ଯଦି ହେଲା - ତେବେ ୯ବର୍ଷ ମଧ୍ୟରେ ପ୍ରଥମପ୍ରବାହଟି ନିଶ୍ଚୟ ସରିଛି ବୋଲି ହିଁ ଧରିବାକୁ ହେବ - ଏବଂ ପ୍ରଥମପ୍ରବାହରେ ଯଦି ଗୀତଗୋବିନ୍ଦର ଅନ୍ତିମପ୍ରାପ୍ୟ ଅବସ୍ଥାର ଶ୍ଳୋକ ଉଦ୍ଧୃତ ହେଲା - ତେବେ - ଆମର ଏ ଯୁକ୍ତି କଦାପି ପ୍ରତ୍ୟାଖ୍ୟେୟ ହୋଇ ନପାରେ । ତାହେଲେ ଲକ୍ଷ୍ମଣସେନଙ୍କ ସଭାସଦ୍‌ରୂପେ ରହି ଜୟଦେବ ଗୀତଗୋବିନ୍ଦର ରଚନା କରିଛନ୍ତି ଏ ପ୍ରକାର କଳ୍ପନା ଯେ କେତେ ଇତିହାସ ସ୍ମୃତ ତାହା ଅନାୟାସରେ ଅନୁମେୟ ।

ତା'ଛଡ଼ା ଗୋବର୍ଦ୍ଧନାଚାର୍ଯ୍ୟ ଲକ୍ଷ୍ମଣସେନଙ୍କ ଆଶ୍ରୟରେ ଥାଇ ଯେଉଁ ଆର୍ଯ୍ୟାସପ୍ତଶତୀ ଗ୍ରନ୍ଥ ଲେଖି'ଛନ୍ତି ତାହାହିଁ ତାଙ୍କର ଶୃଙ୍ଗାରରସପ୍ରଧାନ ରଚନା । ସେ (ଗୋବର୍ଦ୍ଧନ) 'ଆର୍ଯ୍ୟାସପ୍ତଶତୀକୁ ଲକ୍ଷ୍ମଣସେନଙ୍କ ଆଶ୍ରୟରେ ଥିଲାବେଳେହିଁ ଲେଖିଛନ୍ତି ତା' ପୂର୍ବରୁ ନୁହେଁ । ଏହା ସେ ନିଜେ ସୂଚନା ଦେଇ'ଛନ୍ତି ଯେ—

"ସକଳକଳାଃ କଳୟିତୁଂ ପ୍ରଭୁଃ
ପ୍ରବନ୍ଧସ୍ୟ କୁମୁଦବନ୍ଧୋଶ୍ଚ
ସେନକୁଳତିଳକଭୂପତିରେକୋରାକାପ୍ରଦୋଷଶ୍ଚ ।"

ଏହି ଶ୍ଳୋକରେ — "ସେନକୁଳତିଳକଭୂପତି" ପଦରେ ସେ ଲକ୍ଷ୍ମଣସେନଙ୍କୁହିଁ ନିର୍ଦ୍ଦିଷ୍ଟ କରି'ଛନ୍ତି । ତେବେ "ଶୃଙ୍ଗାରରସପ୍ରଧାନରଚନାଯୋଗୁଁ ଆଚାର୍ଯ୍ୟ ଗୋବର୍ଦ୍ଧନଙ୍କର ପ୍ରସିଦ୍ଧ ପ୍ରତିଦ୍ୱନ୍ଦ୍ୱୀ କେହିହେଲେ ନାହିଁ" ଏହା ଜୟଦେବ କପରି ଲେଖିପାରନ୍ତି ??? ଏଣୁ ଆମର ପୂର୍ବୋକ୍ତ ଯୁକ୍ତି ଅନୁସାରେ "ବାଚଃ ପଲ୍ଲବୟତ୍ୟୁମାପତିଧରଃ" ଇତ୍ୟାଦି ପଦ୍ୟଟି ଗୀତଗୋବିନ୍ଦକାରଙ୍କ ରଚିତ ନୁହେଁ । ବୋଧହୁଏ କୌଣସି ଜଣେ ଅଶକ୍ତ ବା ଅକୁଶଳ ଲେଖକ ଲକ୍ଷ୍ମଣସେନଙ୍କ ସଭାସ୍ଥ ପଞ୍ଚରତ୍ନ ମଧ୍ୟରୁ କାହାର କ'ଣ ବିଶେଷତ୍ୱ ଏହି କଥା ପ୍ରତିପାଦନ କରିବା ଲକ୍ଷ୍ୟରେ ଏହି ଶ୍ଳୋକଟିକୁ ଲେଖିଥିଲା ଏବଂ ଏହା ନିଶ୍ଚିତରୂପେ କୌଣସି ଏକ ଲକ୍ଷ୍ୟ ବିଶେଷରେ ଜଣେ ଧୂର୍ତ୍ତଶିରୋମଣି ଦ୍ୱାରା ଗୀତଗୋବିନ୍ଦରେ ପ୍ରକ୍ଷିପ୍ତ ହୋଇ'ଛି ଏଥିରେ ଲେଖକର ଲେଶମାତ୍ର ଦ୍ୱିଧାନାହିଁ ।

'ଗଣକତରଙ୍ଗିଣୀରେ' ସୁଧାକର ଦ୍ୱିବେଦୀ ବଲ୍ଲାଳସେନଙ୍କୁ ଯେ ଲକ୍ଷ୍ମଣସେନଙ୍କ ପିତାରୂପେ ପ୍ରତିପାଦିତ କରି'ଛନ୍ତି ତାହା ଯେ ନିଶ୍ଚିତରୂପେ ପ୍ରମାଦିକ ଏହା ମଧ୍ୟ ଏହି ପ୍ରମାଣରୁ ସିଦ୍ଧହେଲା । ସେ 'ଅଦ୍ଭୁତସାଗର' ଗ୍ରନ୍ଥରେ ଲିଖିତ ଇତିହାସରୁ ଲକ୍ଷ୍ମଣସେନ ବଲ୍ଲାଳସେନଙ୍କ ପୁତ୍ରବୋଲି ପ୍ରମାଣ ମିଳୁଛି ।

ଏହି ସିଦ୍ଧାନ୍ତ ଅନୁସାରେ ବିଶ୍ୱକୋଷକାରଙ୍କୁ ମିଳିଥିବା ଗୀତଗୋବିନ୍ଦର ଗୋଟିଏ ପ୍ରାଚୀନ ପୋଥିର ଶେଷରେ ଲେଖାଥିବା "ସମାପ୍ତମିଦଂ ଶ୍ରୀଗୀତଗୋବିନ୍ଦାଭିଧଂ ସମୀଚୀନତମଂ ଶାସ୍ତ୍ରଂ ସମ୍ପୂର୍ଣ୍ଣଂ । କୃତିଃ ଶ୍ରୀଭୋଜଦେବାତ୍ମଜ-ଶ୍ରୀରାମାଦେବୀପୁତ୍ର-ଶ୍ରୀଜୟଦେବପଣ୍ଡିତରାଜସ୍ୟେତି ଶ୍ରେୟଃ । ଅଥ ଲକ୍ଷ୍ମଣସେନନାମନୃପତିସମୟେ ଶ୍ରୀଜୟଦେବସ୍ୟ କବିରାଜପ୍ରତିଷ୍ଠା"- ଏହି ପଂକ୍ତି ମଧ୍ୟ ଅପ୍ରାମାଣିକଓ ପ୍ରକ୍ଷିପ୍ତ ସିଦ୍ଧ ହେଲା ।

କେଶବ ମିଶ୍ରଙ୍କ 'ଅଳଙ୍କାରଶେଖର' ଗ୍ରନ୍ଥର "ପ୍ରାକ୍‌ପ୍ରତ୍ୟକ୍‌ପୃଥିବୀଭୃତୋଃ ପରିଷଦି" ଇତ୍ୟାଦି ଶ୍ଳୋକବଳରେ ଗୀତଗୋବିନ୍ଦକାର ବାହାରୁ ଆସି ଉତ୍କଳରାଜଙ୍କ ରାଜସଭାରେ ସ୍ଥାନ ପାଇଥିଲେ ବୋଲି ଯାହା କୁହାଯାଉଛି ତାହା ମଧ୍ୟ ଏକ କୂଟକଳ୍ପନା ଭିନ୍ନ ଆଉ କିଛି ନୁହେଁ । କାରଣ ଏହି ଶ୍ଳୋକରେ "ଅଦ୍ଭୁତତର୍କକର୍କଶତୟା" (ଆଶ୍ଚର୍ଯ୍ୟଜନକ ତର୍କରେ କର୍କଶ ହୋଇଥିବାରୁ) ବୋଲି ଯାହା ଉଲ୍ଲିଖିତ ହୋଇଛି ତହିଁରୁ ସ୍ପଷ୍ଟ ପ୍ରତୀତ ହୁଏ ଯେ ଏ ଶ୍ଳୋକ ଗୀତଗୋବିନ୍ଦକାରଙ୍କ ପ୍ରଣୀତ ନୁହେଁ । ଗୀତଗୋବିନ୍ଦକାରଙ୍କପରି ମହାକବିପଣ୍ଡିତ ତର୍କଶାସ୍ତ୍ରରେ ସର୍ବଥା ଅନଭିଜ୍ଞ ଥିଲେ, ଏହା କହିବା ସମ୍ଭବ ନୁହେଁ । କିନ୍ତୁ ଗୀତଗୋବିନ୍ଦରେ ସେ ନିଜର ବିବିଧ ପ୍ରୌଢ଼ି ପ୍ରଦର୍ଶିତ କରିଥିଲେ ମଧ୍ୟ କୁତ୍ରାପି ନିଜର ତାର୍କିକତ୍ୱର ଉଲ୍ଲେଖ କରିନାହାନ୍ତି କିଂବା ଗୀତଗୋବିନ୍ଦର କୌଣସି ପଂକ୍ତିରେ ତର୍କଶାସ୍ତ୍ରର ପରିସ୍ଫୁଟ ଗୁମ୍ଫା ବି ସିଦ୍ଧାନ୍ତ ପରିଲକ୍ଷିତ ହେଉନାହିଁ । ଏତଦ୍ଭିନ୍ନ ଉକ୍ତ ଶ୍ଳୋକଟି ଅଳଙ୍କାରଶେଖରଗ୍ରନ୍ଥର ପ୍ରସଙ୍ଗରେ ସର୍ବ

ହୋଇ ନପାରି ଗୋଟିଏ ଗୋଠଖଣ୍ଡିଆ ବଳଦ ପରି ପ୍ରତୀତ ହେଉଛି । ସବୁଠାରୁ ବଡ଼କଥା 'ଅଳଙ୍କାର-ଶେଖର' ଗ୍ରନ୍ଥର ପ୍ରକାଶକ ଉକ୍ତ ଶ୍ଳୋକର ତଳେ ଟିପ୍ପଣୀ ଦେଇଛନ୍ତି ଯେ "ପଦ୍ୟମିଦଂ 'ଗ' ପୁସ୍ତକେ ନୋପଲଭ୍ୟତେ" । ଏଣୁ ଏ' ଶ୍ଳୋକଟି ନିଶ୍ଚିତରୂପେ ପ୍ରକ୍ଷିପ୍ତ ବୋଲି ଧରି ପଡ଼ିଲା ।"

'କ୍ଷିତିରତିବିପୁଲତରେ ତବ ତିଷ୍ଠତି ପୃଷ୍ଟେ-
ଧରଣିଧରଣକିଣଚକ୍ରଗରିଷ୍ଟେ'

ଏଠାରେ ପୂର୍ଣ୍ଣମିତାକ୍ଷର ପାଇଁ ବଙ୍ଗୀୟ ଉଚ୍ଚାରଣ ହିଁ ଅନୁକୂଳ, ଉତ୍କଳୀୟ ଉଚ୍ଚାରଣ ନୁହେଁ । ଯେଣୁ ବଙ୍ଗଦେଶରେ 'ଋ'ର ଉଚ୍ଚାରଣ 'ରି' ରୂପରେ ଓ ଉତ୍କଳରେ 'ଋ'ର ଉଚ୍ଚାରଣ 'ରୁ' ରୂପରେ ହୁଏ-ବୋଲି ଯେଉଁ ଯୁକ୍ତି ପ୍ରଦର୍ଶିତ ହୋଇଛି ତାହା ମଧ୍ୟ ଠିକ୍ ନୁହେଁ ।

କାରଣ ପାଣିନି ପ୍ରଭୃତି ପ୍ରାଚୀନବୈୟାକରଣ-ମାନଙ୍କ ପରମ୍ପରାରେ 'ଋ'ର ମୌଳିକ ଉଚ୍ଚାରଣ କ'ଣ ଥିଲା ଆଜି ତାହା କଳ୍ପନାତୀତ ହେଲେ ମଧ୍ୟ ମଧ୍ୟକାଳୀୟ ସଂସ୍କୃତଜ୍ଞମାନେ 'ରି' ରୂପରେ 'ଋ'ର ଉଚ୍ଚାରଣ କରୁଥିଲେ ଏହା ଅସନ୍ଦିଗ୍ଧ । ଦେଖନ୍ତୁ-ସଙ୍ଗୀତଶାସ୍ତ୍ରରେ 'ଶ୍ରୁତି' ମାନଙ୍କରୁ 'ସପ୍ତସ୍ୱର'ର ଆବିର୍ଭାବ ଏବଂ ସେମାନଙ୍କର ପୂର୍ଣ୍ଣ ଓ ସାଙ୍କେତିକ ସଂଜ୍ଞା କ'ଣ ବୋଲି ପ୍ରତିପାଦନ କରିବାକୁ ଯାଇଁ କୁହା ଯାଉଛି—

"ଶ୍ରୁତିଭ୍ୟଃ ସ୍ୟୁଃ ସ୍ୱରାଃ ଷଡ୍ଜର୍ଷଭଗାନ୍ଧାରମଧ୍ୟମାଃ
ପଞ୍ଚମୋ ଧୈବତଶ୍ଚାଥ - ନିଷାଦ ଇତି ସପ୍ତ ତେ
ତେଷାଂ ସଂଜ୍ଞାଃଷରିଗମପଧନୀତ୍ୟପରା ମତାଃ ।"

(ଅର୍ଥାତ୍ - ଶ୍ରୁତିମାନଙ୍କରୁ ଷଡ୍ଜ, ଋଷଭ, ଗାନ୍ଧାର, ମଧ୍ୟମ, ପଞ୍ଚମ, ଧୈବତ ଓ ନିଷାଦ ଏହି ସପ୍ତସ୍ୱର ଆବିର୍ଭୂତ ହୁଅନ୍ତି । ସେମାନଙ୍କର ଅପର = (ସାଙ୍କେତିକ) ସଂଜ୍ଞା - ଷ, ରି, ଗ, ମ, ପ, ଧ, ନି ବୋଲି ଧରି ଯାଇଛି) - ତେଣୁ 'ଋଷଭ' ନାମକ ସ୍ୱରର ଆଦ୍ୟାକ୍ଷର 'ଋ'କୁ 'ରି' ବୋଲି ଗ୍ରହଣ କରି-ତାହାର 'ରି' ଏହି ସାଙ୍କେତିକ ସଂଜ୍ଞା କରିଯାଇ'ଛି ଏହା ନିର୍ବିବାଦ । ଏଭଳି ବହୁବିଶ୍ରୁତ ଗୀତିକାବ୍ୟର ଲେଖକ ସଙ୍ଗୀତଶାସ୍ତ୍ର ଦ୍ୱାରା ସ୍ୱୀକୃତ 'ଋ'ର 'ରି' ରୂପେ ଉଚ୍ଚାରଣକୁ କ'ଣ ଜାଣିନଥିଲେ ? ଯେଣୁ ସେ ବଙ୍ଗଭାଷାରେମାତ୍ର ପ୍ରଚଳିତ ଉଚ୍ଚାରଣର ଅବଲମ୍ବନ କଲେ ? — ଅନ୍ୟ ଏକ କଥା — ଉତ୍କଳଭାଷାରେ ମଧ୍ୟ 'ଋ'ର ପ୍ରାଚୀନ ଉଚ୍ଚାରଣ 'ରି' ରୂପରେ ଥିଲା । ଏ'ଥିରେ ସନ୍ଦେହ ନାହିଁ । ଦେଖନ୍ତୁ - ସଂସ୍କୃତ ଶବ୍ଦ 'ଘୃତ'ର ଅପଭ୍ରଂଶ 'ଘିଅ', 'ପୃଷ୍ଠ'ର 'ପିଠି', 'ହୃଦୟଭ'ର 'ହିଆ', 'ମୃଗ'ର 'ମିରଗ' ଓ 'ତୃଣ'ର 'ତିରଣ'- ଇତ୍ୟାଦି । 'ଋ'ର ପ୍ରାଚୀନ ଉଚ୍ଚାରଣ ଯଦି ଉତ୍କଳରେ 'ରୁ' ରୂପରେ ଥା'ନ୍ତା - ତେବେ ଯଥାକ୍ରମେ -'ଘୁଅ', 'ପୁଠ ବା ପୁଠୁ' 'ହୁଆ', ଓ 'ମୁରୁଗ' ଏବଂ 'ତୁରୁଣ' ଭଳି କିଛି ନା କିଛି ଅନ୍ୟ ବିକୃତି ହୋଇ-ଥା'ନ୍ତା — ଏହା ଭାଷାତତ୍ତ୍ୱବିତ୍‌ମାନେ ବିଚାର କରନ୍ତୁ । ତେଣୁ ଏ' ଯୁକ୍ତିଦ୍ୱାରା ଗୀତଗୋବିନ୍ଦକାରଙ୍କୁ ବଙ୍ଗୀୟ ବୋଲି ପ୍ରମାଣିତ କରିବାର ଭିତ୍ତି ଅତ୍ୟନ୍ତ ଦୁର୍ବଳ ।

ବୀରଭୂମ୍ ଜିଲ୍ଲାର ଅଜୟନଦୀତୀର ସମୀପବର୍ତ୍ତୀ "କେନ୍ଦୁବିଲ୍ୱ" ଗ୍ରାମରେ ଗୀତଗୋବିନ୍ଦକାର ଜନ୍ମଗ୍ରହଣ କରିଥିଲେ ବୋଲି - ତାଙ୍କ ଲିଖିତ - "କେନ୍ଦୁବିଲ୍ୱସମୁଦ୍ରସମ୍ଭବରୋହିଣୀରମଣେନ" ଗୀତାଂ-ଶର ଅବଲମ୍ବନରେ ଯାହା କୁହାଯାଉ'ଛି - ତାହା ମଧ୍ୟ ଅସଙ୍ଗତ । କାରଣ - ବଙ୍ଗଦେଶରେ 'କେନ୍ଦୁବିଲ୍ୱ' ନାମଟି ଅନୁକୃତ ହେବା ଛଡ଼ା ସମ୍ଭବ ନୁହେଁ । ଯେଣୁ 'କେନ୍ଦୁ' ଓ 'ବିଲ୍ୱ' ଏହି ବୃକ୍ଷବାଚକ ପଦଦ୍ୱୟର ସମାହାରରେ 'କେନ୍ଦୁବିଲ୍ୱ' ନାମର ପ୍ରାଦୁର୍ଭାବ ହୋଇଥିବା - ଭାଷାତାତ୍ତ୍ୱିକ ଦୃଷ୍ଟିରୁ କୁହାଯାଇ ପାରେ । ତେଣୁ 'କେନ୍ଦୁ' ଓ 'ବିଲ୍ୱ' - ଏହି ଦୁଇ ବୃକ୍ଷବାଚକ ଶବ୍ଦ ଯେଉଁ ଭାଷାରେ ଥିବ - ସେହି ଭାଷାଭାଷୀ ଦେଶରେ ହିଁ ଏ'ଭଳି ନାମର ପ୍ରାଦୁର୍ଭାବ ସମ୍ଭବ । ତଦନୁସାରେ ଦେଖିଲେ - ବଙ୍ଗଭାଷାରେ 'ତିନ୍ଦୁକ'ପଦବାଚ୍ୟ ବୃକ୍ଷ ଅର୍ଥରେ 'କେନ୍ଦୁ' ଶବ୍ଦ ନାହିଁ । ସେଠାରେ 'କେନ୍ଦୁ'କୁ 'ତେଁଦୁ' ବୋଲି

ବ୍ୟାପକ । ତେଣୁ ଏ'ଯୁକ୍ତି ବଙ୍ଗୀୟତ୍ୱ ପକ୍ଷରେ ସମର୍ଥକ ମାନି ନିଆଯାଇ ପାରିବ ନାହିଁ ।

ଗୀତଗୋବିନ୍ଦର ମଧୁରକୋମଳକାନ୍ତପଦାବଳୀ-ବଙ୍ଗଭାଷାର ଅନୁରୂପ କାହିଁକି ? ଅନ୍ୟଭାଷାର ଅନନୁରୂପ କାହିଁକି ? ଏହା ବୁଝାପଡୁନାହିଁ । ଜଣେ ସଫଳ ସ୍ରଷ୍ଟା କବି ଯେ କୌଣସି ଭାଷାଭାଷୀ ହେଲେ ମଧ ତା' ପକ୍ଷରେ ଏ'ଭଳି ପଦାବଳୀ ସମ୍ଭବ । ବଙ୍ଗ-ଭାଷାଭାଷୀର ପକ୍ଷେହିଁ ଏହା ସମ୍ଭବ ବୋଲି କହିବା ବିଡ଼ମ୍ବନା ମାତ୍ର ।

ଅନ୍ତିମଜୀବନରେ ବୃନ୍ଦାବନରୁ ଫେରି ଜୟଦେବ ନିଜ ଜନ୍ମଭୂମିଭୂତ କେନ୍ଦୁଲିଗ୍ରାମରେ ରାଧାମାଧବ ମନ୍ଦିର ପ୍ରତିଷ୍ଠିତ କରିଥିଲେ ବୋଲି ଯାହା କୁହାଯାଉଛି - ତାହା ମଧ ଏକ ଧୂଳିପ୍ରକ୍ଷେପ ନ୍ୟାୟରେ କୁହାଯାଉଛି । —ଜୟଦେବଙ୍କ ପୂଜିତ ରାଧାମାଧବଙ୍କୁ ବୃନ୍ଦାବନ କେଶୀଘାଟରୁ ସେ ବୃନ୍ଦା-ବନରେ ଅପ୍ରକଟ ହେଲପରେ ଜୟପୁର ମହାରାଜ ନେଇ ଯାଇଛନ୍ତି ଓ ଅଦ୍ୟାପି ଜୟପୁରରେ ସେହି ମନ୍ଦିର ବିରାଜିତ - ଏହା ଦାର୍ଢ୍ୟତାଭକ୍ତିରୁ ଜଣାଯାଏ । ତା'ଛଡ଼ା ବୀରଭୂମ୍‌ଜିଲ୍ଲା ଗେଜେଟିଅର୍ ଦେଖିଲେ ଜଣାଯାଏ— ୧୬୦୫ମ ଶକାବ୍ଦ ଅର୍ଥାତ୍ - ୧୬୮୩ତମ ଖ୍ରୀଷ୍ଟାବ୍ଦରେ ବର୍ଦ୍ଧମାନ ମହାରାଜ କୀର୍ତ୍ତିଚନ୍ଦ୍ରଙ୍କ ମାତା ଏ' ଦେଉଳ ତୋଳାଇଛନ୍ତି । -'ଜୟଦେବ-ଦେଉଳକୁ ସ୍ଥାନୀୟ ଜଣେ ମହନ୍ତ ନିର୍ମାଣ କରିଛନ୍ତି । -ଜୟଦେବ ନିଜନାମରେ ଦେଉଳ ତୋଳାଇବା କେତେଦୂର ସଙ୍ଗତ ? -ରାଧାମାଧବ ମନ୍ଦିର ପ୍ରତିଷ୍ଠିତ କରିବା ବିଷୟ - ବୀରଭୂମ୍‌ଜିଲ୍ଲା ଗେଜେଟିଅର୍ ଦୃଷ୍ଟିରୁ ଓ ଜୟଦେବପୂଜିତ- ରାଧାମାଧବଙ୍କର ଅଦ୍ୟାପି ଜୟପୁରରେ ବିରାଜିତ ଥିବା ଦୃଷ୍ଟିରୁ ଗୋଟାଏ ପ୍ରହେଳିକାବତ୍ ପ୍ରତୀତ ହେଉଛି । -ପ୍ରାଚୀନ ଉତ୍କଳରେ ଜଗବନ୍ଧୁସିଂହ ମଧ- ଏହି ଗେଜେଟିଅର୍ ପ୍ରମାଣ ଦର୍ଶାଇଛନ୍ତି । ବିଚାର କରି ଦେଖିଲେ ମଧ ଜଣେ ବ୍ୟକ୍ତି ସଂସାରର ସମ୍ପର୍କରୁ ବିଚ୍ଛିନ୍ନ ହୋଇ ପୁଣି ଅନ୍ତିମ ଜୀବନରେ ନିଜଗ୍ରାମକୁ ଫେରିବା ସମ୍ଭବ କି ? ସେଥିରେ ପୁଣି ଜୟଦେବଙ୍କ ପରି ପରିବ୍ରା... ସାଧୁ !!! —

ଏଣୁ ପ୍ରତ୍ୟେକ ସହୃଦୟ ପାଠକେ ନିସ୍ପକ୍ଷ... ଭାବରେ ବିଚାରକରି ଦେଖନ୍ତୁ ଯେ— ପୂର୍ବପ୍ରଦର୍ଶି... ଯୁକ୍ତି ଓ ପ୍ରମାଣବଳରେ "ବାଚଃପଲ୍ଲବୟତ୍ୟୁମାପ... ଧରଃ" — ଇତ୍ୟାଦି ଶ୍ଳୋକର ପ୍ରକ୍ଷେପ, ୨- ଅଳଙ୍କା... ଶେଖର ଗ୍ରନ୍ଥରେ "ପ୍ରାକ୍‌ପ୍ରତ୍ୟକ୍‌ପ୍ରତିବିମ୍ବିତେ"— ଇତ୍ୟାଦି ଶ୍ଳୋକର ପ୍ରକ୍ଷେପ, ୩- 'ଲକ୍ଷଂ' ନାମ... ଅଙ୍କର ଅଯଥାର୍ଥଭାବେ କାଳାନ୍ତରସ୍ୱରୂପେ ପ୍ରକ୍ଷେ... ୪- 'କେନ୍ଦୁବିଲ୍ୱ' ନାମର ଅନୁକୃତିତ୍ୱ ବା ପ୍ରକ୍ଷେ... ୫- 'ଭକ୍ତମାଳ' ଗ୍ରନ୍ଥରେ ଓ ଦାର୍ଢ୍ୟତାଭକ୍ତିରେ ପ୍ରକ୍ଷି... ଅଠରକୋଶ ବାଟ ଧାଇଁ ଜୟଦେବଙ୍କ ଗଙ୍ଗାସ୍ନା... ବୃତ୍ତାନ୍ତର ସମ୍ବନ୍ଧିତ ପ୍ରକ୍ଷେପ, ୬- କେନ୍ଦୁବିଲ୍ୱ... ଜୟଦେବ ରାଧାମାଧବମନ୍ଦିର ପ୍ରତିଷ୍ଠିତ କରିଥି... ଉକ୍ତିର ପ୍ରକ୍ଷେପ - ଏହି ପ୍ରକ୍ଷେପ ପରମ୍ପରା ପ୍ରମାଣି... ହେବା ଫଳରେ ଗୀତଗୋବିନ୍ଦକାରଙ୍କ ବଙ୍ଗୀୟତ୍ୱ... ପକ୍ଷୀୟ ଯୁକ୍ତିଗୁଡ଼ିକର ଯଥାର୍ଥ ଓ ଯଥାଯଥ ସମୀକ୍ଷା... ନିରାକରଣ ହୋଇଯାଇଛି । — ଏବେ ତାଙ୍କ... ଉତ୍କଳୀୟତ୍ୱପକ୍ଷୀୟ ଯୁକ୍ତିଗୁଡ଼ିକର ଅବତାର... କରାଯାଉଛି —

## ଉତ୍କଳୀୟତ୍ୱପକ୍ଷୀୟ ଯୁକ୍ତି—

ଗୀତଗୋବିନ୍ଦକାରଙ୍କର ବଙ୍ଗୀୟତ୍ୱ ନିରାକ... ହେଲପରେ "ବିରୁଦ୍ଧୟୋରେକତରନିଷେଧେ ଅପ... ସିଦ୍ଧିନ୍ ପର୍ଯ୍ୟବସାନମ୍" — (ଅର୍ଥାତ୍ - ଦୁଇ ବିରୁ... ବସ୍ତୁରୁ ଗୋଟିକର ନିଷେଧ ହୋଇଗଲେ ଅନ୍... ସିଦ୍ଧାନ୍ତିତ ହୁଏ) ଏହି ନ୍ୟାୟରେ ତା'ଙ୍କର ଉତ୍କଳୀୟ... ପ୍ରମାଣିତ କରିବାର ବିଶେଷ ପ୍ରୟୋଜନ ନଥିଲେ ମ... ସହୃଦୟ-ପାଠକମାନଙ୍କ ଆତ୍ମତୃପ୍ତି ପାଇଁ କେତେଗୋ... ଯୁକ୍ତି ଉପସ୍ଥାପିତ କରିବା ଉଚିତ ମନେକଲି ।

୧- ଶ୍ରୀମଦ୍ଭାଗବତରେ ଗୋପୀମାନଙ୍କ ସହି... ଶ୍ରୀକୃଷ୍ଣଙ୍କର ରାସ ଶରତ୍‌କାଳରେ ହୋଇଥିଲା ବୋ... ସ୍ପଷ୍ଟ ବର୍ଣ୍ଣିତ ହୋଇଛି । -ପଦ୍ମପୁରାଣରେ ସେହି ବର...

ସମସ୍ତ ନିର୍ଦ୍ଦିଷ୍ଟ ନଥିଲେ ମଧ୍ୟ ବର୍ଷାକାଳର ଶେଷରେ ହୋଇଥିଲା ବୋଲି ସ୍ପଷ୍ଟ ନିର୍ଣ୍ଣୟ କରାଯାଇ ପାରେ । କାରଣ- ରାସବର୍ଣ୍ଣନା ପରେ-ପରେ-

ଶରତ୍କାଳେ ତୁ ସମ୍ପ୍ରାପ୍ତେ-ନନ୍ଦଗୋପପୁରୋଗମାଃ ।
ଗୋପା ମହୋତ୍ସବଂ କର୍ତ୍ତୁଂ ପ୍ରାରବ୍ଧାସ୍ତ୍ରିଦଶାଂପତେଃ ॥

(ଅର୍ଥାତ୍- ଶରତ୍କାଳ ଉପସ୍ଥିତ ହୁଅନ୍ତେ ନନ୍ଦଙ୍କୁ ପୁରୋଗାମୀ କରି ଗୋପାଳମାନେ ଇନ୍ଦ୍ରମହୋତ୍ସବ କରିବାକୁ ଆରମ୍ଭକଲେ ) ଏହି ଶ୍ଳୋକ ଲେଖିବାଦ୍ୱାରା ଏହା ଅତି ସ୍ପଷ୍ଟ ହୋଇଗଲା ଯେ ଶରତ୍କାଳ ଉପସ୍ଥିତ ନ ହେଉଣୁଁ ବର୍ଷାକାଳର ଅନ୍ତିମଭାଗରେ ରାସ ରଚିତ ହୋଇଥିଲା ।

ଏତଦ୍ଭିନ୍ନ "ବ୍ରହ୍ମବୈବର୍ତ୍ତ" ପୁରାଣରେ ବସନ୍ତ-କାଳରେହିଁ ରାସ ରଚିତ ହୋଇଥିବା ବିଷୟ ବିଭିନ୍ନ ସ୍ଥାନର ଉକ୍ତିମାନଙ୍କରୁ ଜଣାପଡେ । ଗୋଟିଏ ମାତ୍ର ପ୍ରମାଣ ଦେଲି- ରାଧାଙ୍କୁ ଦୁର୍ଗା ବରପ୍ରଦାନ କରିଥିଲେ—

"କିନ୍ତୁ ମାସେଷ୍ୱତୀତେଷୁ ମଧୁମାସେ ମନୋହରେ ।
ନିର୍ଜନେ ନିର୍ମଳେ ରମ୍ୟେ ସୁଯୋଗ୍ୟେ ରାସମଣ୍ଡଳେ ॥
ସର୍ବାଭିର୍ଗୋପିକାଭିଶ୍ଚ ସାର୍ଦ୍ଧଂ ବୃନ୍ଦାବନେ ବନେ ।
ହର୍ଷେଣ ହରିଣା ସାର୍ଦ୍ଧଂ କ୍ରୀଡା ତେ ଭବିତା ସତି !"

(ଅର୍ଥାତ୍- ହେ ସତି ! କିଛିମାସ ଗତ ହେଲେ - ନିର୍ଜନ, ନିର୍ମଳ ଓ ମନୋହର ମଧୁମାସରେ (ଚୈତ୍ର-ମାସରେ- ଅର୍ଥାତ୍ ବସନ୍ତଋତୁରେ) ସୁଯୋଗ୍ୟ ରାସମଣ୍ଡଳରେ, ବୃନ୍ଦାବନ ନାମକ ବନରେ - ହରିଙ୍କ ସହିତ ତୁମର ସର୍ବଗୋପୀକାସମେତ କ୍ରୀଡ଼ା ହର୍ଷର ସହିତ ହେବ ।) - ରାସବର୍ଣ୍ଣନା ସମୟରେ ମଧୁମାସର ସ୍ପଷ୍ଟ ଉଲ୍ଲେଖ ନଥିଲେ-ମଧ୍ୟ - ମାଧବୀପୁଂସ୍କୋକିଳ-ନବପଲ୍ଲବ ପ୍ରଭୃତିର ବର୍ଣ୍ଣନା ସ୍ପଷ୍ଟ ବସନ୍ତରାସର ସୂଚନା ଦିଏ ।

ତେଣୁ ବିଭିନ୍ନ ମତ ପରିଦୃଷ୍ଟ ହେଉଥିବା ସତ୍ତ୍ୱେ ଓ ଅଧୁନାତନ ସମାଜରେ ଅଧିକାଂଶ ସ୍ଥାନରେ ଶରଦ୍ରାସର ପ୍ରସିଦ୍ଧି ଥିବା ସତ୍ତ୍ୱେ - ଗୀତଗୋବିନ୍ଦକାର ନିଜ କାବ୍ୟରେ କାହିଁକି ବସନ୍ତରାସର ସବିଶେଷ ବର୍ଣ୍ଣନା କଲେ-- ଏହାର କାରଣ-- ଉତ୍କଳଦେଶୀୟ ବସନ୍ତରାସର ତୀବ୍ର ପ୍ରଭାବଭିନ୍ନ ଆଉ କିଛି ନୁହେଁ । ଦୋଳପୂର୍ଣ୍ଣିମା-ସମୟରେ ଭାରତରେ ପ୍ରାୟ ସର୍ବତ୍ର-- ବିଶେଷତଃ ଉତ୍ତରଭାରତରେ ହିନ୍ଦୁସମାଜରେ ହୋଲିକୋତ୍ସବର ବ୍ୟବହାର ଥିଲେ ସୁଦ୍ଧା-- ଉତ୍କଳରେ ତଦ୍ଭିନ୍ନ-- ଏହି ରାସର ସମାବେଶ ହୋଇଥାଏ । 'ରାସ' ଶବ୍ଦରୁ କେତେଗୁଡିଏ ଅର୍ଥର ସମଷ୍ଟି ବୁଝା-ଯାଏ । "ରସ-ଶବ୍ଦେ" ଧାତୁରୁ ଭାବେ'ଘଞ୍' ପ୍ରତ୍ୟୟଦ୍ୱାରା ଏହି ଶବ୍ଦର ନିଷ୍ପତ୍ତି ହୁଏ । ତା'ଛଡ଼ା-- "ରସସ୍ୟ ଅୟମ୍" (ଏ'ରସସମ୍ବନ୍ଧୀ) ଏହି ବିଗ୍ରହବାକ୍ୟ ବଳରେ ("ରସ+ଅଣ୍=ରାସ") ତଦ୍ଧିତପ୍ରତ୍ୟୟଦ୍ୱାରା ମଧ୍ୟ 'ରାସ' ଶବ୍ଦର ନିଷ୍ପତ୍ତି କରାଯାଇପାରେ ।

"ଶୃଙ୍ଗାରାଦୌ ବିଷେ ବୀର୍ଯ୍ୟେ ଗୁଣେ ରାଗେ ଦ୍ରବେ ରସଃ"

ଏହି ଅମରକୋଷ ପ୍ରମାଣ ଅନୁସାରେ-- ୧- ଶୃଙ୍ଗାର ପ୍ରଭୃତି (ରସ), ୨- ସାମର୍ଥ୍ୟ, ୩- ମଧୁରା-ଦିରସ, ୪- ଅନୁରାଗ-ବା-ରଞ୍ଜନ ବା ରକ୍ତିମା ଓ ୫- ଦ୍ରବ ଏହି ପାଞ୍ଚଗୋଟି ଅର୍ଥ ରାସସ୍ଥଳରେ ସମଞ୍ଜସ ହେଉଛି । 'ତୀକ୍ଷ୍ଣ' ଉପପଦ ନ ହେଲେ ଶ୍ଳେଷ ପ୍ରଭୃତି ସ୍ଥାନ ଭିନ୍ନ ଅନ୍ୟତ୍ର କେବଳ 'ରସ' ପଦ ବିଷ ଅର୍ଥରେ ପ୍ରଯୁଜ୍ୟ ନୁହେଁ । ଅତଏବ ବିଶାଖଦତ୍ତ ମୁଦ୍ରାରାକ୍ଷସରେ ବିଭିନ୍ନ ସ୍ଥାନରେ ବିଷ ଅର୍ଥରେ 'ତୀକ୍ଷ୍ଣରସ' ଶବ୍ଦର ବ୍ୟବହାର କରିଛନ୍ତି । - ଗୋପୀ-ମାନଙ୍କ ସହ ଶ୍ରୀକୃଷ୍ଣଙ୍କ ରାସଲୀଳାର ଗୋଟିଏ ସୁନ୍ଦର ନିଦର୍ଶନ ଆମେ ଲୀଳାଶୁକ (ମତାନ୍ତରେ-ବିଲ୍ୱମଙ୍ଗଳ)- ବିରଚିତ 'କୃଷ୍ଣକର୍ଣ୍ଣାମୃତ' ଗ୍ରନ୍ଥରୁ ପାଉଁ । ସେଥିରେ ସେ ବର୍ଣ୍ଣନା କରିଛନ୍ତି--

"ଅଙ୍ଗନାମଙ୍ଗନାମନ୍ତରା ମାଧବଃ -
ମାଧବଂ ମାଧବଂ ଚାନ୍ତରେଣାଙ୍ଗନାଃ
ଇତ୍ଥମାକଳ୍ପିତେ ମଣ୍ଡଳେ ମଧ୍ୟଗଃ -
ସଞ୍ଜଗୌ ବେଣୁନା ଦେବକୀନନ୍ଦନଃ ॥"

(ଅର୍ଥାତ୍-- ଦୁଇ ଦୁଇ ଗୋପୀମଧ୍ୟରେ ଶ୍ରୀକୃଷ୍ଣ ଓ ଦୁଇ ଦୁଇ ଶ୍ରୀକୃଷ୍ଣ ମଧ୍ୟରେ ଗୋପାଙ୍ଗନା-- ଏହିପରି

ଏକ ରଚିତ ମଣ୍ଡଳରେ ମଧ୍ୟସ୍ଥିତ ହୋଇ ଶ୍ରୀକୃଷ୍ଣ ବେଣୁଦ୍ୱାରା ଗାନ କରିଥିଲେ) । ଏଭଳି ଏକ ମଣ୍ଡଳରେ ଶୃଙ୍ଗାରରସର ପୂର୍ଣ୍ଣମାତ୍ରାରେ ଥାଏ । ନୃତ୍ୟପାଇଁ ସାମର୍ଥ୍ୟର ଉପଯୋଗ ହୁଏ । ନବନୀତାଦି ମଧୁରରସର ଆସ୍ୱାଦନ କରଯାଏ । ଫଗୁ ପ୍ରଭୃତିର ପ୍ରକ୍ଷେପ ଯୋଗୁଁ ରକ୍ତଗୁଣର ଓ ତଦ୍ଦ୍ୱାରା ରଞ୍ଜନର ବିଶେଷ ଉପଯୋଗ ହୁଏ । ପରସ୍ପରପ୍ରତି ଅନୁରାଗ ସମ୍ୟକ୍ ଉଦ୍ରିକ୍ତ ହୁଏ । ପିଚକାରୀ ପ୍ରଭୃତିରୁ ରକ୍ତ ଦ୍ରବର ନିଃସାରଣଜନ୍ୟ କୌତୁକର ଅନୁଭୂତ ହୁଏ । ଭାବେ'ଘଞ୍' ପ୍ରତ୍ୟୟଦ୍ୱାରା-- ଯେଉଁ କୃଦନ୍ତ 'ରାସ'ଶବ୍ଦର ନିଷ୍ପତ୍ତି ହୁଏ ଓ 'ରସ' ଶବ୍ଦରୁ ଅଣ୍‌ପ୍ରତ୍ୟୟଦ୍ୱାରା- ଯେଉଁ ତଦ୍ଧିତାନ୍ତ 'ରାସ' ଶବ୍ଦର ନିଷ୍ପତ୍ତି ହୁଏ- ତାହାର ବଳରେ ଓ ଲୀଳାଶୁକଙ୍କ ବର୍ଣ୍ଣନାର ଆନୁଗୁଣ୍ୟବଳରେ- "ହର୍ଷାତିରେକଜନ୍ୟ ସଙ୍ଗୀତମୁଖର, ମଣ୍ଡଳାକାରରେ - ସମୂହଦ୍ୱାରା ସମ୍ପାଦ୍ୟ- ମାନ, - ପୂର୍ବୋକ୍ତ - ଶୃଙ୍ଗାର - ସାମର୍ଥ୍ୟ - ମଧୁରାଦିରସ - ରଞ୍ଜନ - ଅନୁରାଗ - ଦ୍ରବଦ୍ରବ୍ୟସମ୍ବନ୍ଧୀ--- ଏକ ନୃତ୍ୟବିଶେଷକୁ ଆମେ 'ରାସ' ଶବ୍ଦଦ୍ୱାରା ବୁଝୁଁ । 'ବାଚସ୍ପତ୍ୟ'କୋଷରେ 'ରାସ'ଶବ୍ଦର ଅର୍ଥ ନିର୍ଦ୍ଦିଷ୍ଟ ଅଛି ଯେ-- 'ଶୃଙ୍ଖଳାବନ୍ଧବତ୍ ଦ୍ୱୟୋର୍ଦ୍ୱୟୋ- ର୍ମଧ୍ୟସ୍ଥିତ୍ୟା କ୍ରୀଡ଼ାଭେଦେ" (ଅର୍ଥାତ୍ ଶୃଙ୍ଖଳାବନ୍ଧନପରି ଦୁଇଦୁଇଙ୍କ ମଧ୍ୟରେ ସ୍ଥିତି ଅନୁସାରେ ସମ୍ପାଦିତ ହେଉଥିବା କ୍ରୀଡ଼ା ବିଶେଷ ଅର୍ଥରେ) । ଭଗବତ- ଟୀକାରେ ଶ୍ରୀଧରସ୍ୱାମୀ ମଧ୍ୟ "ରାସୋ = ବିଳାସଃ"-- (ଅର୍ଥାତ୍ - ରାସମାନେ କ୍ରୀଡ଼ାବିଶେଷ) ବୋଲି ଲେଖିଛନ୍ତି । ତଦନୁସାରେ ଆଲୋଚନା କଲେ--- ଉତ୍କଳରେ ଦୋଳପୂର୍ଣ୍ଣିମା ସମୟରେ ଗ୍ରାମେ ଗ୍ରାମେ ଲୋକେ ରାଧାକୃଷ୍ଣଙ୍କ ପ୍ରତିମାକୁ ବିମାନାରୂଢ଼କରି ଓ ସ୍କନ୍ଧରେ ବହନକରି "ହୋ ନବଜଉତେଜ ହୋ..." ଇତ୍ୟାଦି ଗୀତଗାଇ ବିମାନସମକ୍ଷରେ ମଣ୍ଡଳାକାରରେ ନୃତ୍ୟ କରନ୍ତି । ଏ'ଥିରେ-ରାଧାକୃଷ୍ଣଙ୍କର ପରସ୍ପର ଅନୁରାଗର ଅଭିବ୍ୟଞ୍ଜକ ଭାବେ ତାଙ୍କସମକ୍ଷରେ ତାଙ୍କ ପ୍ରତିନିଧିଭୂତ ଜନତାର ପରସ୍ପର ଅନୁରାଗ, ଫଗୁପ୍ରକ୍ଷେପ ଦ୍ୱାରା ରକ୍ତଗୁଣର ଓ ରଞ୍ଜନର ବାହୁଲ୍ୟ, ମିଷ୍ଟାନ୍ନାଦିସେବନ ଦ୍ୱାରା ମଧୁରାଦିରସର ଆସ୍ୱାଦନ ଓ ପିଚକାରୀ ପ୍ରଭୃତି ଦ୍ୱାରା ଦ୍ରବଦ୍ରବ୍ୟର ଉପଯୋଗ ଓ ମଣ୍ଡଳାକାର-- ନୃତ୍ୟପାଇଁ ସାମର୍ଥ୍ୟର ଉପଯୋଗ ପ୍ରଭୃତି ପୂର୍ବୋକ୍ତ ସମସ୍ତ ବିଷୟ ପରିଲକ୍ଷିତ ହୁଏ । କେବଳ ସ୍ତ୍ରୀପୁରୁଷ ଉଭୟ ଏ'ଥିରେ ନଥା'ନ୍ତି,-ସତ୍ୟ- କିନ୍ତୁ ଯେଣୁ-ପ୍ରତିମାରୂପରେ ରାଧାମାଧବ ଥା'ନ୍ତି- ଏବଂ ତାଙ୍କର ପ୍ରତିନିଧିତ୍ୱପାଇଁ ଜନତା ଥାଏ-- ତେଣୁ ପୂର୍ବବର୍ଣ୍ଣିତ ରାସର ସମସ୍ତ ଲକ୍ଷଣ ଏ'ଠାରେ ସୁସଙ୍ଗତ ହୁଏ । ଏତିକି ନୁହେଁ-- ଗୋପାଳମାନେ ହାରିଦ୍ରବସ୍ତ୍ର ପରିଧାନ କରି ବେଣୁ ଓ ଶିଙ୍ଗା ପ୍ରଭୃତି ବଜାଇ ଆବାଳବୃଦ୍ଧବନିତା ଏକ ସାମୂହିକ ନୃତ୍ୟ ଗୀତାଦିରେ ରତ ହୁଅନ୍ତି । ଏ'ଥିରେ ମଧ ଫଗୁ ଓ ପିଚକାରୀର ବ୍ୟବହାର ପ୍ରଭୃତି ପୂର୍ବବର୍ଣ୍ଣିତ ସମସ୍ତ ଲକ୍ଷଣ ଲକ୍ଷିତ ହୁଏ । ଲେଖକ ଉତ୍ତରଭାରତର ବହୁ ଅଞ୍ଚଳରେ ବହୁକାଳବ୍ୟାପୀ ନିବାସକରି ଓ ଦକ୍ଷିଣ ଭାରତରେ ମଧ କିଛି ଅବସ୍ଥାନ ଓ ବିଭିନ୍ନସ୍ଥାନ ପରିଦର୍ଶନ କରି ଏ'ପ୍ରକାର ବସନ୍ତରାସର ସନ୍ଧାନ କୁତ୍ରାପି ପାଇନାହିଁ । କହିବା ବାହୁଲ୍ୟ ଯେ-- ଉତ୍କଳରେ ଏ'ପ୍ରକାର ବସନ୍ତରାସପାଇଁ 'ମେଲଣ' ଶବ୍ଦର ବ୍ୟବହାର ହୁଏ । ସଂସ୍କୃତ 'ମେଳନ' ଶବ୍ଦର ଏହା ଅପଭ୍ରଂଶ-ମାତ୍ର । ଏହା ରାଧାକୃଷ୍ଣଙ୍କର ପରସ୍ପରମିଳନକୁ ବୁଝାଏ । ବିମାନାରୂଢ଼ ରାଧାକୃଷ୍ଣଙ୍କ ମିଳନ ଓ ସେହି ପ୍ରତିମାଦ୍ୱାରା ସମ୍ପାଦିତ ହେବା ଅସମ୍ଭବ ହେବାରୁ-ତାଙ୍କର ପ୍ରତିନିଧିତ୍ୱଜନ୍ୟ, ଜନତ ଦ୍ୱାରା ତାଙ୍କ ବିମାନସମ୍ମୁଖରେ ଏ'ପରି ଏକ ମଣ୍ଡଳାକାରରେ ନୃତ୍ୟଗୀତାଦିର ସମାବେଶ ସମ୍ପାଦିତ ହେବା ଯେ-- 'ରାଧାକୃଷ୍ଣଙ୍କ 'ରାସକ୍ରୀଡ଼ା'ର ଏକ ସୁସ୍ପଷ୍ଟ ସୂଚନା-- ଏ'ଥିରେ ଆଉ ସନ୍ଦେହର ଅବକାଶ କାହିଁ ? ତେଣୁ ସ୍ୱଦେଶୀୟ ବସନ୍ତରାସର ତୀବ୍ର ପ୍ରଭାବରେ ପ୍ରଭାବିତ ହୋଇ କବି ନିଜ ମହାକାବ୍ୟରେ ତାହା ସନ୍ନିବେଶ କରିଛନ୍ତି । ଏଣୁ କବି ଉତ୍କଳୀୟ ହେବାହିଁ ସମ୍ଭବ । କହିବା ବାହୁଲ୍ୟ ଯେ-- କେତେଗୋଟି ବିଶିଷ୍ଟ ଦେବପୀଠରେ ମାତ୍ର ଶାସ୍ତ୍ରୀୟ ପ୍ରସିଦ୍ଧ ପରମ୍ପରାର ଅନୁସରଣରେ

ଶରତ୍ରାସ ହୋଇଥାଏ । ତା'ଛଡ଼ା ପ୍ରାକୃତିକ ପ୍ରାତିକୂଲ୍ୟଯୋଗୁଁ ସେ'ସମୟରେ ରାସୋତ୍ସବପାଳନ ଉତ୍କଳପାଇଁ ଅନୁକୂଳ ନୁହେଁ । କାର୍ତ୍ତିକର ସମାପ୍ତିବେଳେ କେତେକ ପକ୍ୱଧାନ୍ୟଶସ୍ୟର ସଂଗ୍ରହ ଓ ଆଉ କେତେକ ଶସ୍ୟର ପରିପୋଷଣ ପାଇଁ ଜଳଯୋଗାଣ ଆଦି କାର୍ଯ୍ୟରେ ସାଧାରଣ ଲୋକେ ବ୍ୟସ୍ତ ଥା'ନ୍ତି । ତେଣୁ ଏ'ଠାରେ ବସନ୍ତରାସର ପ୍ରଥାର ହୋଇଛି ।-- ସେତେବେଳେ ସମସ୍ତ ଶସ୍ୟ ସଂଗୃହୀତ ହୋଇ ଯାଇଥାଏ । ଚଷାପୁଅ ଓ ଅନ୍ୟାନ୍ୟ ସମସ୍ତ ଶ୍ରମଜୀବୀମାନେ ମଧ୍ୟ ସେତେବେଳେ ଆନନ୍ଦୋତ୍ସବରେ ଯୋଗଦେବାପାଇଁ ସୁଯୋଗ ପା'ନ୍ତି । ବାଣପୁର-ଭଗବତୀଙ୍କ ନିକଟରେ ଯେଉଁ କାଠିନାଚ ହୁଏ-- ତାହା ମଧ୍ୟ ଏହିପରି ମଣ୍ଡଳାକାରରେ ପୂର୍ବବର୍ଣ୍ଣିତରାସର ଛାୟାରେହିଁ ସମ୍ପାଦିତ ହୋଇଥାଏ ।

(୨) ଗୀତଗୋବିନ୍ଦରେ— ୧- ମାଳବରାଗ, ୨- ଗୁର୍ଜ୍ଜରୀରାଗ, ୩- ବସନ୍ତରାଗ, ୪- ରାମକେରୀ ରାଗ, ୫- ମାଳବଗୌଡ଼ରାଗ, ୬- କର୍ଣ୍ଣାଟରାଗ, ୭- ଦେଶାଖରାଗ, ୮- ବରାଡ଼ୀରାଗ, ୯- ଗୁଣକରୀରାଗ, ୧୦- ଭୈରବୀରାଗ, ୧୧- ଦେଶବରାଡ଼ୀରାଗ ଓ ୧୨- ବିଭାସରାଗର ବ୍ୟବହାର କରାଯାଇଛି ।

ଏଥିମଧ୍ୟରୁ ଅଧିକାଂଶରାଗର ବ୍ୟବହାର ଓଡ଼ିଆଭାଷାର ପ୍ରାଚୀନ କବିମାନଙ୍କ ଗୀତ୍ୟାତ୍ମକ କାବ୍ୟମାନଙ୍କରେ ଦେଖିବାକୁ ମିଳେ । ଅନ୍ୟଭାଷାର କାବ୍ୟକବିତାରେ ଏହି ରାଗରାଗିଣୀଗୁଡ଼ିକର ବ୍ୟବହାର ପ୍ରାୟ ଦେଖାଯାଏ ନାହିଁ । ତେଣୁ ଏହା ନିଶ୍ଚୟ କବିଙ୍କର ଉତ୍କଳୀୟ ସଂସ୍କାର । ଏଣୁ ସେ ଉତ୍କଳୀୟ ହେବହିଁ ସମ୍ଭବ ।

ଦୁର୍ଯୋଗବଶତଃ ଜୟଦେବଙ୍କ-ସମ୍ବନ୍ଧରେ ଓଡ଼ିଆ ପତ୍ରପତ୍ରିକାମାନଙ୍କରେ ବହୁ ପ୍ରବନ୍ଧ ପ୍ରକାଶ ପାଇଥିବା କଥା ଶୁଣିଥିଲେ ମଧ୍ୟ ଓ କେବଳ ସ୍ୱରୂପତଃ ଲେଖ- ମଧ୍ୟ, ସେ' ଗୁଡ଼ିକ ପଢ଼ିବାର ସୁଯୋଗ ଲେଖକ ପାଇନାହିଁ । ତଥାପି ଶୁଣିଛି-- ଏହି ରାଗରାଗିଣୀ ବିଷୟକ ଯୁକ୍ତି ବହୁ ଲେଖକ ଦର୍ଶାଇଛନ୍ତି । ତେଣୁ ସେ' ବିଷୟରେ ବୃଥା ପଲ୍ଲବନ ଶ୍ରେୟସ୍କର ମଣିଲିନାହିଁ ।

(୩) ଜୟଦେବ ପଦ୍ମାବତୀଙ୍କୁ ବିବାହ କରିଥିଲେ-ଏହା ତା'ଙ୍କ ଗୀତଗୋବିନ୍ଦରୁ ଓ 'ଭକ୍ତମାଳ' ଗ୍ରନ୍ଥମାନଙ୍କରୁ ସୂଚିତ ହୁଏ ଏବଂ ଏହା ନିର୍ବିବାଦସିଦ୍ଧ ବିଷୟ । ସେହି ପଦ୍ମାବତୀ ଏହି ଉତ୍କଳରେ ଦେବଶର୍ମ୍ମା ନାମକ ଓଡ଼ିଆ ବ୍ରାହ୍ମଣର ଘରେ ଜନ୍ମିଥିଲେ । ତା'ଙ୍କର ବିଜାତୀୟ ସହ ବିବାହର ପରିକଳ୍ପନା ପରିବର୍ତ୍ତେ ସଜାତୀୟ ଉତ୍କଳୀୟ ସହ ବିବାହକଳ୍ପନା ନ୍ୟାଯ୍ୟ ନୁହେଁ କି ?

(୪) ପୁରୀ-ଜଗନ୍ନାଥମନ୍ଦିରରେ ଗୀତଗୋବିନ୍ଦର ବହୁକାଳବ୍ୟାପୀ ବହୁଜନ ମୁଖରେ ସମ୍ୟକ୍ ପ୍ରଚାର ଓ ଖ୍ୟାତି ବଶତଃ ସଂଘର୍ଷଭାବାପନ୍ନ ହୋଇ ଉତ୍କଳଗଜପତିମହାରାଜ ପୁରୁଷୋତ୍ତମଦେବ ନିଜେ "ଅଭିନବଗୀତଗୋବିନ୍ଦ" ନାମକ ଏକ ନବୀନଗ୍ରନ୍ଥର ପ୍ରଣୟନ କରିଥିଲେ ଓ ସଂଘର୍ଷରେ ସଫଳକାମ ହୋଇ ନ ପାରିବାରୁ ଜୟଦେବଙ୍କ ଗୀତଗୋବିନ୍ଦକୁ ସମ୍ମାନିତ କରିଥିଲେ । ଅଧିକନ୍ତୁ-ପ୍ରତାପରୁଦ୍ରଦେବ ରାଜ୍ୟପ୍ରାପ୍ତିର ଆରମ୍ଭରେ ଜଗନ୍ନାଥମନ୍ଦିରର ଜୟବିଜୟ ଦରୋଜାରେ ଶିଳାଲିପିରେ ଏହି ଆଦେଶ ଉତ୍କୀର୍ଣ୍ଣ କରିଥିଲେ ଯେ-- ଦେବଦାସୀମାନେ ଜୟଦେବଙ୍କ ଗୀତଗୋବିନ୍ଦ ଛଡ଼ା ଆଉ କୌଣସି ଗାନକରିବେ ନାହିଁ । ତେଣୁ ସେ ଜଗନ୍ନାଥଙ୍କ ନୀତିପୂଜାରେ ତା'ର ପ୍ରାତ୍ୟହିକବ୍ୟବହାରର ବ୍ୟବସ୍ଥା କରିଦେଇଛନ୍ତି ଓ ଅଦ୍ୟାପି ସେହି ନୀତି ପ୍ରଚଳିତ ରହିଛି-- ଏହା ଡ଼ଃ ହରେକୃଷ୍ଣ ମହତାବଙ୍କ 'ଓଡ଼ିଶାଇତିହାସ' ଦ୍ୱାରା ମଧ୍ୟ ଅନୁମୋଦିତ । ଡଃ ମହତାବ ମହୋଦୟ 'ଅଭିନବଗୀତଗୋବିନ୍ଦ'ର ଏହି ପଂକ୍ତିକୁ ମଧ୍ୟ ସ୍ୱପ୍ରଣୀତ 'ଓଡ଼ିଶାଇତିହାସ' ଗ୍ରନ୍ଥରେ ଉଦ୍ଧୃତ କରିଛନ୍ତି "ଇତିଶ୍ରୀପୁରୁଷୋତ୍ତମଦେବଗଜପତିମହାରାଜକୃତେ ଅଭିନବଗୀତଗୋବିନ୍ଦେ ମହାକାବ୍ୟେ ସ୍ୱାଧୀନଭର୍ତ୍ତୃକାବର୍ଣ୍ଣନେ ସାନନ୍ଦମୁକୁନ୍ଦୋନାମ ଦଶମଃ ସର୍ଗଃ" ଏବଂ ଏହି ପୂର୍ବତେହିଁ ଗୀତଗୋବିନ୍ଦକୁ ଭିତ୍ତିକରି ବହୁ କିଂବଦନ୍ତୀ ଗଢ଼ିଉଠିଛି । ଯଦିଓ ବହୁଦେଶାଗତ-

ବ୍ୟକ୍ତିପ୍ରଣୀତ ଗୀତଗୋବିନ୍ଦପକ୍ଷରେ ଏହା ସମ୍ଭବ-- ତଥାପି ଗୀତଗୋବିନ୍ଦକାର ଜୟଦେବ ନିଶ୍ଚିତରୂପେ ଅନ୍ୟଦେଶୀୟ ହେବାର ଯଦି କୌଣସି ଉଲ୍ଲେଖ-ଯୋଗ୍ୟ ଅନ୍ତରଙ୍ଗ ପ୍ରମାଣ ନାହିଁ-- ତେବେ ଯେଉଁ ସ୍ଥାନର ପାଣିପବନରେ ତାଙ୍କ ଜୀବନୀ ଗଢ଼ିଉଠିଛି-- ସେ' ସେହିସ୍ଥାନର ଲୋକ ନ ହୋଇ ଅନ୍ୟଦେଶ ଲୋକ ହେବାର ପରିକଳ୍ପନା କେତେଦୂର ନ୍ୟାଯ୍ୟ ? କହିବା ବାହୁଲ୍ୟ ଯେ-- ଗ୍ରାମେ ଗ୍ରାମେ, ଘରେ ଘରେ, ମନ୍ଦିରେ ମନ୍ଦିରେ-ଗୀତଗୋବିନ୍ଦର ଯେଉଁ ପ୍ରଚାର ଓ ପ୍ରସାର ଅଦ୍ୟାପି ଉତ୍କଳରେ ରହିଛି ତାହା ଅନ୍ୟ ଦେଶରେ ଅତ୍ୟନ୍ତ ବିରଳ ବା ତଦ୍ରୂପ ପ୍ରଚାର ଓ ପ୍ରସାରର ଐକାନ୍ତିକ ଅଭାବ । ଏଣୁ ତାଙ୍କୁ ଉତ୍କଳୀୟ ବୋଲି କହିବାରେ ଦ୍ୱିଧା କରିବାର କାରଣ କିଛି ଜଣା ପଡୁନାହିଁ ।

୫- ଏତଦ୍ଭିନ୍ନ ବହୁ ବାହ୍ୟଦେଶୀୟ ଶିଷ୍ଟ ଓ ପ୍ରାମାଣିକ ବ୍ୟକ୍ତିମାନେ ମଧ୍ୟ ସ୍ପଷ୍ଟଭାଷାରେ ଗୀତ-ଗୋବିନ୍ଦକାରଙ୍କୁ ଉତ୍କଳୀୟ ବୋଲି କହିଛନ୍ତି—

(କ) ମହାରାଷ୍ଟ୍ରଦେଶୀୟ 'କବିମହୀପତି' 'ଭକ୍ତ-ବିଜୟ' ଗ୍ରନ୍ଥରେ ଜୟଦେବଙ୍କୁ ଜଗନ୍ନାଥଧାମନିକଟସ୍ଥ 'କେନ୍ଦୁବିଲ୍ୱ' ଗ୍ରାମବାସୀ ବୋଲି ଉଲ୍ଲେଖ କରିଛନ୍ତି ।

(ଖ) ଆସାମର ସମ୍ପ୍ରଦାୟକୁଳଦୀପକଗ୍ରନ୍ଥରେ ଜୟଦେବ ଉତ୍କଳୀୟ ବୋଲି ଲେଖାଅଛି ।

(ଗ) ଆନ୍ଧ୍ରପଣ୍ଡିତ ମାର୍ଲ୍ଲାଦିସୂର୍ଯ୍ୟନାରାୟଣ ଶାସ୍ତ୍ରୀ "ସଂସ୍କୃତକବିଜୀବନୀ" ଗ୍ରନ୍ଥରେ ଗୀତଗୋବିନ୍ଦକାରଙ୍କୁ ଉତ୍କଳର ଜଗନ୍ନାଥ ଧାମନିକଟସ୍ଥ 'କେନ୍ଦୁବିଲ୍ୱ' ଗ୍ରାମବାସୀ ବୋଲି ଲେଖିଛନ୍ତି ।

(ଘ) ଡଃ ସତ୍ୟବ୍ରତସିଂହ କାବ୍ୟପ୍ରକାଶଭୂମିକାରେ ଗୀତଗୋବିନ୍ଦକାରଙ୍କୁ ଉତ୍କଳୀୟ ହିଁ ବୋଲି ପ୍ରତିପାଦିତ କରିଛନ୍ତି ।

(ଙ) ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର ସଂସ୍କୃତ ପ୍ରଫେସର ଭାରତବିଖ୍ୟାତ ବିଦ୍ୱାନ୍ ଶ୍ରୀଯୁକ୍ତ "ଭେଙ୍କଟ୍ ରାଘବନ୍" କିଛିକାଳପୂର୍ବେ ଭାରତସରକାରଙ୍କଦ୍ୱାରା ଆୟୋଜିତ ସଂସ୍କୃତପ୍ରୟୋଗର ସଭ୍ୟରୂପେ ପୁରୀ-ସଦାଶିବସଂସ୍କୃତ-ମହାବିଦ୍ୟାଳୟରେ ଡଃ ସୁନୀତିକୁମାର ଚାଟାର୍ଜୀଙ୍କ ଅଧ୍ୟକ୍ଷତାରେ ସମ୍ପାଦିତସଭାରେ ସ୍ପଷ୍ଟଭାଷାରେ କହିଥିଲେ "କୋ ବା ଭକ୍ତଃ ଏତଦ୍ଦେଶପ୍ରତିଷ୍ଠିତଂ ଜଗନ୍ନାଥଂ ନ ପଶ୍ୟତି ? କୋ ବା ସାହିତ୍ୟିକଃ ଏତଦ୍ଦେଶପ୍ରସୂତଂ ସାହିତ୍ୟ ଦର୍ପଣଂ ନା ଧୀତେ ? କୋ ବା ଗାୟକଃ ଏତଦ୍ଦେଶପ୍ରସୂତଂ ଗୀତଗୋବିନ୍ଦଂ ନ ଗାୟତି ?" (ଅର୍ଥାତ୍-- କେଉଁ ଭକ୍ତ ଏଦେଶରେ ପ୍ରତିଷ୍ଠିତ ଜଗନ୍ନାଥଙ୍କ ଦର୍ଶନ ନକରେ ? କେଉଁ ସାହିତ୍ୟିକ ଏ'ଦେଶରୁ ଉତ୍ପନ୍ନ ସାହିତ୍ୟଦର୍ପଣକୁ ନପଢେ ? ଓ କେଉଁ ଗାୟକ ଏ'ଦେଶରୁ ଜାତ ଗୀତଗୋବିନ୍ଦକୁ ନ ଗାଏ ?)

୬- ଆର୍. କୃଷ୍ଣସ୍ୱାମୀ, ବି: ଏ: 'ଆର୍ଯ୍ୟ' ପତ୍ରିକାରେ ଲେଖିଥିବା ଏକ ପ୍ରବନ୍ଧ ୧୯୧୦ ମସିହା-ଜୁଲାଇ ତା ୧୮ ରିଖରେ-"ଅମୃତବଜାରପତ୍ରିକା"ରେ ଜୟ-ଦେବଙ୍କ ସମ୍ବନ୍ଧେ ପ୍ରକାଶ ପାଇଥିଲା । ସେଥିରେ ସେ ତାଙ୍କୁ ପୁରୀନିକଟସ୍ଥ 'କେନ୍ଦୁବିଲ୍ୱ' ଗ୍ରାମବାସୀବୋଲି ଲେଖିଛନ୍ତି । (ପ୍ରାଚୀନଉତ୍କଳ)

ବୀରଭୂମ୍‌ଜିଲ୍ଲାର 'କେନ୍ଦୁବିଲ୍ୱ' ଗ୍ରାମରେ ଜନ୍ମିଥିବା ଓ ସେଠାରେ ରାଧାମାଧବମନ୍ଦିର ତଥା ଜୟଦେବମନ୍ଦିର ବିରାଜିତଥିବା ଏବଂ ଲକ୍ଷ୍ମଣସେନଙ୍କ ସଭାସ୍ଥ ପଞ୍ଚରତ୍ନଙ୍କ ବିଷୟରେ ଉଲ୍ଲେଖ ନିଜେ ଜୟଦେବ କରିଥିବା-ବିଷୟ ଜାଣି ମଧ୍ୟ ଏତେ ଏତେ ଶିଷ୍ଟବ୍ୟକ୍ତିମାନଙ୍କର ଏ'ପ୍ରକାର ଅମୃତପ୍ରତ୍ୟୟ ହେବା-ଜୟଦେବଙ୍କ ଉତ୍କଳୀୟତ୍ୱର ଏକ ଜାଜ୍ୱଲ୍ୟମାନ ପ୍ରମାଣ ।

୭- 'ଗୀତଗୋବିନ୍ଦ'ର ଭାଷାନ୍ତରରେ ସର୍ବପ୍ରଥମ ଅନୁବାଦ-ଓଡିଆ ଧରଣୀଧର ପଞ୍ଚଦଶଶତାବ୍ଦୀରେ କରିଥିଲେ । ତେଣୁ ଉତ୍କଳରେହିଁ ଗୀତଗୋବିନ୍ଦର ଆବିର୍ଭାବ ସଙ୍ଗତ ମନେ ହୁଏ ।

୮- ଏତଦ୍ଭିନ୍ନ ମୈଥିଳ କବି 'ଚନ୍ଦ୍ରଦତ୍ତ' ସଂସ୍କୃତ 'ଭକ୍ତମାଳ' ଗ୍ରନ୍ଥରେ ସୁସ୍ପଷ୍ଟଭାବରେ ଜୟଦେବଙ୍କୁ ବିଭିନ୍ନ ପ୍ରସଙ୍ଗରେ ଉତ୍କଳୀୟ ବୋଲି ପ୍ରତିପାଦିତ କରିଛନ୍ତି—

"ଜଗନ୍ନାଥ ପୁରୀ-ପ୍ରାନ୍ତେ - ଦେଶେ ବୈ ବୋଲାଲାଭିଧେ
'କେନ୍ଦୁବିଲ୍ୱ' ଇତି ଖ୍ୟାତେ - ଗ୍ରାମୋ-ବ୍ରାହ୍ମଣସଙ୍କୁଳଃ
ତତ୍ରୋଜ୍ଜ୍ୱଲେ ହିଜୋଲୀତୋ - ଜୟଦେବ ଇତି ଶ୍ରୁତଃ
ବିଦ୍ୟାଭ୍ୟାସରତଃ ଶାନ୍ତଃ - ପୁରୁଷୋତ୍ତମପୂଜକଃ ।"

ତେଣୁ ଗୀତଗୋବିନ୍ଦକାର ଜୟଦେବ ଯେ ନିଶ୍ଚିତରୂପେ ଉତ୍କଳୀୟ-- ଏଥିରେ ଆଉ ସନ୍ଦେହର ଅବକାଶ କାହିଁ ?

ଆକ୍ଷେପର ସମାଧାନ — ଯେଉଁ 'ଚନ୍ଦ୍ରଦତ୍ତ'ଙ୍କ 'ଭକ୍ତମାଳା'ର ପ୍ରାମାଣ୍ୟ ସ୍ୱୀକାର କରି ଜୟଦେବଙ୍କୁ ଉତ୍କଳୀୟ ବୋଲି ସ୍ୱୀକାର କରାଯାଉଛି - ସେହି ଚନ୍ଦ୍ରଦତ୍ତ - ଜୟଦେବଙ୍କ ପ୍ରାତ୍ୟହିକ ଗଙ୍ଗାସ୍ନାନ-ବୃତ୍ତାନ୍ତମାନର ଉଲ୍ଲେଖ କରିଛନ୍ତି । ଅଠର କୋଶ ବାଟ ଧାଇଁ ଧାଇଁ ପ୍ରତ୍ୟହ ଗଙ୍ଗାସ୍ନାନ କରିବା ବୃତ୍ତାନ୍ତ ଅତିରଞ୍ଜିତ ହେଲେ ମଧ୍ୟ କେବଳ ଗଙ୍ଗାସ୍ନାନ ତ ଅସମ୍ଭବ ନୁହେଁ ଏବଂ ଅନେକ ମତରେ ଗଙ୍ଗାସ୍ନାନ ଜୟଦେବଙ୍କ ଉତ୍କଳୀୟତ୍ୱ ସହିତ କିପରି ସମଞ୍ଜସ ହେବ ? - ଏଣୁ ସେ କଦାପି ଉତ୍କଳୀୟ ନୁହନ୍ତି ଓ ଗଙ୍ଗାବହୁଥିବା ଦେଶରେହିଁ ତାଙ୍କର ସ୍ଥିତି ସମ୍ଭବ ବୋଲି ଯେଉଁମାନେ ଆକ୍ଷେପ କରନ୍ତି - ସେମାନେ ଆପାତତଃ ଏହି ସମାଧାନରେ ସନ୍ତୁଷ୍ଟ ହେବା ଉଚିତ ଯେ-- ଯେଉଁ 'ଚନ୍ଦ୍ରଦତ୍ତ' ଏକ ସଂସ୍କୃତମହାକାବ୍ୟକଳ୍ପ 'ଭକ୍ତମାଳା' ଗ୍ରନ୍ଥ ଲେଖିଛନ୍ତି ଓ ସେଥିରେ ଜୟଦେବଙ୍କୁ ବିଭିନ୍ନ ପ୍ରସଙ୍ଗରେ 'ଉତ୍କଳୀୟ' ବୋଲି ପ୍ରତିପାଦିତ କରିଛନ୍ତି-- ସେହି 'ଚନ୍ଦ୍ରଦତ୍ତ' କ'ଣ ପାଗଳଥିଲେ ଯେ-ଜୟଦେବ ଉତ୍କଳବାସୀ ହୋଇ ମଧ୍ୟ ପ୍ରତ୍ୟହ ଗଙ୍ଗାସ୍ନାନ କରୁଥିଲେ ବୋଲି ଲେଖିଲେ ? ଯଦି ଲେଖିଲେ-- ତେବେ ତାହାର ଗୋଟିଏ ରହସ୍ୟ-ମୟ ଉପପତ୍ତି ନିଶ୍ଚୟ ଅଛି—

'ପ୍ରାଚୀନଉତ୍କଳ' ପ୍ରଣେତା ଜଗବନ୍ଧୁସିଂହ ଲେଖିଛନ୍ତି-- ଜୟଦେବଙ୍କ ଜନ୍ମଭୂମିଭୁକ୍ତ କେନ୍ଦୁଲି (କେନ୍ଦୁବିଲ୍ୱ) ଶାସନର ଦୁଇମାଇଲ ଦୂରରେ ତ୍ରିବେଣୀତୀର୍ଥ । ତ୍ରିବେଣୀ ଗଙ୍ଗାଯମୁନାସରସ୍ୱତୀଙ୍କ ସଙ୍ଗମସ୍ଥଳ । ମାଘମାସର ତ୍ରିବେଣୀ ଅମାବାସ୍ୟାଦିନ ଏଠାରେ ଗୋଟିଏ ବଡ଼ ମେଳା ହୁଏ ଏବଂ ଲୋକ-ଘଟେ । ..................................'ଭକ୍ତମାଳା ଗ୍ରନ୍ଥରେ ଲିଖିତ ଜୟଦେବଙ୍କର ପ୍ରାତ୍ୟହିକ ଗଙ୍ଗାସ୍ନାନ ଏହିଠାରେ ହେବା ସମ୍ଭବ ।-- 'ପୂର୍ଣ୍ଣଚନ୍ଦ୍ରଭାଷା-କୋଷ'ରେ ଗୋପାଳପ୍ରହରାଜ ଡାଃ: ଗଧାଚରଣ ପଣ୍ଡାଙ୍କ ମତ ଉଦ୍ଧୃତ କରି ଲେଖିଛନ୍ତି ଯେ-- ବ୧୦୭ର୍ଷ ତଳେ (ଅର୍ଥାତ୍- ୧୯୩୪ ମସିହା ସମୟର ମୁଦ୍ରଣାନୁସାରେ ବର୍ତ୍ତମାନସୁଦ୍ଧା-ବ୧୪୦ର୍ଷ ତଳେ) ନାରାୟଣ ମିଶ୍ର ନାମକ ଜଣେ ପଣ୍ଡିତ "ପ୍ରାଚୀମାହାତ୍ମ୍ୟ" ନାମକ ଗୋଟିଏ ସଂସ୍କୃତଗ୍ରନ୍ଥ ଲେଖିଥିଲେ ଓ ତ୍ରିଲୋଚନ ଆଗ୍ରୁଯା ନାମକ ଆଉ ଜଣେ ପଣ୍ଡିତ ତାହାର ଓଡ଼ିଆ ଅନୁବାଦ ଲେଖିଥିଲେ । ସେହି ସଂସ୍କୃତଗ୍ରନ୍ଥ ଓ ଅନୁଦିତଗ୍ରନ୍ଥ ଉଭୟ ଅଦ୍ୟାପି ଅମୁଦ୍ରିତ । 'ପ୍ରାଚୀନଉତ୍କଳ'ରେ ଜଗବନ୍ଧୁସିଂହ ପୂର୍ବୋକ୍ତ ପଂକ୍ତି ଗୁଡିକର ଉଲ୍ଲେଖ କରି ନିଜ ଉକ୍ତିର ପ୍ରମାଣ ସ୍ୱରୂପ-- ଅନୂଦିତ 'ପ୍ରାଚୀମାହାତ୍ମ୍ୟ'ର କେତେକ ପଂକ୍ତି ଉଦ୍ଧୃତ କରିଛନ୍ତି—

"ନାମ ତାଙ୍କର ଅନ୍ତର୍ବେଦୀ -
ସାଯୁଜ୍ୟ ମୋକ୍ଷ ପ୍ରଭୁବାଦୀ
ତ୍ରିବେଣୀସ୍ନାନ କରି ନର -
ମୁକ୍ତି ଲଭଇ କଳେବର
ଅନେକ ସ୍ନାନଦାନ ଯେତେ -
ଶତଗୁଣରେ ହୁଏ ତେତେ
ସକଳପାପରୁ ପ୍ରତ୍ୟକ୍ଷ -
ପ୍ରାଚୀସ୍ନାନରେ ହୁଏ ମୋକ୍ଷ
ଗଙ୍ଗାଙ୍କଠାରୁ ସେ ଅଧିକ -
ହୋଇ ପବିତ୍ର କରେ ଲୋକ
କାଳିନ୍ଦୀଗଙ୍ଗାସମୀପରେ -
ଯେ ଫଳ-ସେଫଳ ତ୍ରୀର୍ଥରେ
ଉତ୍କଳଦେଶେ ପ୍ରାଚୀନାମ -
ସକଳ କାମେ ଅନୁପମ ।"

ବ୍ୟକ୍ତିପ୍ରଣୀତ ଗୀତଗୋବିନ୍ଦପକ୍ଷରେ ଏହା ସମ୍ଭବ-- ତଥାପି ଗୀତଗୋବିନ୍ଦକାର ଜୟଦେବ ନିଶ୍ଚିତରୂପେ ଅନ୍ୟଦେଶୀୟ ହେବାର ଯଦି କୌଣସି ଉଲ୍ଲେଖ-ଯୋଗ୍ୟ ଅନ୍ତରଙ୍ଗ ପ୍ରମାଣ ନାହିଁ-- ତେବେ ଯେଉଁ ସ୍ଥାନର ପାଣିପବନରେ ତାଙ୍କ ଜୀବନୀ ଗଢ଼ଉଠିଛି-- ସେ' ସେହିସ୍ଥାନର ଲୋକ ନ ହୋଇ ଅନ୍ୟଦେଶ ଲୋକ ହେବାର ପରିକଳ୍ପନା କେତେଦୂର ନ୍ୟାଯ୍ୟ ? କହିବା ବାହୁଲ୍ୟ ଯେ-- ଗ୍ରାମେ ଗ୍ରାମେ, ଘରେ ଘରେ, ମନ୍ଦିରେ ମନ୍ଦିରେ-ଗୀତଗୋବିନ୍ଦର ଯେଉଁ ପ୍ରଚୁର ଓ ପ୍ରସାର ଅଦ୍ୟାପି ଉତ୍କଳରେ ରହିଛି ତାହା ଅନ୍ୟ ଦେଶରେ ଅତ୍ୟନ୍ତ ବିରଳ ବା ତଦ୍ରୂପ ପ୍ରଚୁର ଓ ପ୍ରସାରର ଐକାନ୍ତିକ ଅଭାବ । ଏଣୁ ତାଙ୍କୁ ଉତ୍କଳୀୟ ବୋଲି କହିବାରେ ଦ୍ୱିଧା କରିବାର କାରଣ କିଛି ଜଣା ପଡୁନାହିଁ ।

୫- ଏତଭିନ୍ନ ବହୁ ବାହ୍ୟଦେଶୀୟ ଶିଷ୍ଟ ଓ ପ୍ରାମାଣିକ ବ୍ୟକ୍ତିମାନେ ମଧ୍ୟ ସୁସ୍ପଷ୍ଟଭାଷାରେ ଗୀତ-ଗୋବିନ୍ଦକାରଙ୍କୁ ଉତ୍କଳୀୟ ବୋଲି କହିଛନ୍ତି—

(କ) ମହାରାଷ୍ଟ୍ରଦେଶୀୟ 'କବିମହୀପତି' 'ଭକ୍ତ-ବିଜୟ' ଗ୍ରନ୍ଥରେ ଜୟଦେବଙ୍କୁ ଜଗନ୍ନାଥଧାମନିକଟସ୍ଥ 'କେନ୍ଦୁବିଲ୍ୱ' ଗ୍ରାମବାସୀ ବୋଲି ଉଲ୍ଲେଖ କରିଛନ୍ତି ।

(ଖ) ଆସାମର ସମ୍ପ୍ରଦାୟକୁଳଦୀପକଗ୍ରନ୍ଥରେ ଜୟଦେବ ଉତ୍କଳୀୟ ବୋଲି ଲେଖାଅଛି ।

(ଗ) ଆନ୍ଧ୍ରପଣ୍ଡିତ ମାଲ୍ଲାଦିସୂର୍ଯ୍ୟନାରାୟଣ ଶାସ୍ତ୍ରୀ "ସଂସ୍କୃତକବିଜୀବନୀ" ଗ୍ରନ୍ଥରେ ଗୀତଗୋବିନ୍ଦକାରଙ୍କୁ ଉତ୍କଳର ଜଗନ୍ନାଥ ଧାମନିକଟସ୍ଥ 'କେନ୍ଦୁବିଲ୍ୱ' ଗ୍ରାମବାସୀ ବୋଲି ଲେଖିଛନ୍ତି ।

(ଘ) ଡଃ ସତ୍ୟବ୍ରତସିଂହ କାବ୍ୟପ୍ରକାଶଭୂମିକାରେ ଗୀତଗୋବିନ୍ଦକାରଙ୍କୁ ଉତ୍କଳୀୟ ହିଁ ବୋଲି ପ୍ରତିପାଦିତ କରିଛନ୍ତି ।

(ଙ) ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର ସଂସ୍କୃତ ପ୍ରଫେସର ଭାରତବିଖ୍ୟାତ ବିଦ୍ୱାନ୍ ଶ୍ରୀଯୁକ୍ତ "ଭେଙ୍କଟ୍ ରାଘବନ୍" କିଯତ୍କାଳପୂର୍ବେ ଭାରତସରକାରଙ୍କଦ୍ୱାରା ଆୟୋଜିତ ସଂସ୍କୃତାୟୋଗର ସଭ୍ୟରୂପେ ପୁରୀ ସଦାଶିବସଂସ୍କୃତ-ମହାବିଦ୍ୟାଳୟରେ ଡଃ ସୁନୀତିକୁମା ଚଟର୍ଜୀଙ୍କ ଅଧ୍ୟକ୍ଷତାରେ ସମ୍ପାଦିତସଭାରେ ସ୍ପଷ୍ଟଭାଷାରେ କହିଥିଲେ "କୋ ବା ଭକ୍ତଃ ଏତଦ୍ଦେଶପ୍ରତିଷ୍ଠିତ ଜଗନ୍ନାଥଂ ନ ପଶ୍ୟତି ? କୋ ବା ସାହିତ୍ୟ ଏତଦ୍ଦେଶପ୍ରସୂତଂ ସାହିତ୍ୟ ଦର୍ପଣଂ ନାଧୀତେ ? କୋ ବା ଗାୟକଃ ଏତଦ୍ଦେଶପ୍ରସୂତଂ ଗୀତଗୋବିନ୍ଦଂ ନ ଗାୟତି ?" (ଅର୍ଥାତ୍-- କେଉଁ ଭକ୍ତ ଏଦେଶରେ ପ୍ରତିଷ୍ଠିତ ଜଗନ୍ନାଥଙ୍କ ଦର୍ଶନ ନକରେ ? କେଉଁ ସାହିତ୍ୟିକ ଏ'ଦେଶରୁ ଉତ୍ପନ୍ନ ସାହିତ୍ୟଦର୍ପଣକୁ ନପଢେ ? ଓ କେଉଁ ଗାୟକ ଏ'ଦେଶରୁ ଜା ଗୀତଗୋବିନ୍ଦକୁ ନ ଗାଏ ?)

୬- ଆର୍: କୃଷ୍ଣରାଓ, ବି: ଏ: 'ଆର୍ଯ୍ୟ' ପତ୍ରିକାରେ ଲେଖିଥିବା ଏକ ପ୍ରବନ୍ଧ ୧୯୧୦ ମସିହା-ଜୁଲାଇ ତା୧୮ ରିଖରେ-"ଅମୃତବଜାରପତ୍ରିକା"ରେ ଜୟ-ଦେବଙ୍କ ସମ୍ବନ୍ଧେ ପ୍ରକାଶ ପାଇଥିଲା । ସେଥିରେ ସେ ତାଙ୍କୁ ପୁରୀନିକଟସ୍ଥ 'କେନ୍ଦୁବିଲ୍ୱ' ଗ୍ରାମବାସୀ ବୋଲି ଲେଖିଛନ୍ତି । (ପ୍ରାଚୀନଉତ୍କଳ)

ବୀରଭୂମଜିଲ୍ଲାର 'କେନ୍ଦୁବିଲ୍ୱ' ଗ୍ରାମରେ ଜନ୍ମି-ଥିବା ଓ ସେଠାରେ ରାଧାମାଧବମନ୍ଦିର ଓ ଜୟଦେବମନ୍ଦିର ବିରାଜିତଥିବା ଏବଂ ଲକ୍ଷ୍ମଣସେନଙ୍କ ସଭାସ୍ଥ ପଞ୍ଚରତ୍ନଙ୍କ ବିଷୟରେ ଉଲ୍ଲେଖ ନାହିଁ ଜୟଦେ କରିଥିବା-ବିଷୟ ଜାଣି ମଧ୍ୟ ଏତେ ଏତେ ଶିଷ୍ଟବ୍ୟକ୍ତି ମାନଙ୍କର ଏ'ପ୍ରକାର ଅନୁପ୍ରତ୍ୟୟ ହେବା-ଜୟଦେବଙ୍କ ଉତ୍କଳୀୟତ୍ୱର ଏକ ଜାଜ୍ୱଲ୍ୟମାନ ପ୍ରମାଣ ।

୭- 'ଗୀତଗୋବିନ୍ଦ'ର ଭାଷାନ୍ତରରେ ସର୍ବପ୍ରଥ ଅନୁବାଦ-ଓଡ଼ିଆ ଧରଣୀଧର ପଞ୍ଚଦଶଶତାବ୍ଦୀରେ କରିଥିଲେ । ତେଣୁ ଉତ୍କଳରେହିଁ ଗୀତଗୋବିନ୍ଦ ଆବିର୍ଭାବ ସଙ୍ଗତ ମନେ ହୁଏ ।

୮- ଏତଭିନ୍ନ ମୈଥିଳ କବି 'ଚନ୍ଦ୍ରଦ ସଂସ୍କୃତ 'ଭକ୍ତମାଳ' ଗ୍ରନ୍ଥରେ ସୁସ୍ପଷ୍ଟଭାବରେ ଜୟଦେବଙ୍କୁ ବିଭିନ୍ନ ପ୍ରସଙ୍ଗରେ ଉତ୍କଳୀୟ ବୋ ପ୍ରତିପାଦିତ କରିଛନ୍ତି—

"ଜଗନ୍ନାଥ ପୁରୀ-ପ୍ରାନ୍ତେ - ଦେଶେଚୈବୋତ୍କଳାଭିଧେ
'କେନ୍ଦୁବିଲ୍ୱ' ଇତି ଖ୍ୟାତେ - ଗ୍ରାମୋ-ବ୍ରାହ୍ମଣସଙ୍କୁଳଃ
ତସ୍ମୋତ୍କଳେ ଦ୍ୱିଜୋଜାତୋ - ଜୟଦେବ ଇତି ଶ୍ରୁତଃ
ବିଦ୍ୟାଭ୍ୟାସରତଃ ଶାନ୍ତଃ - ପୁରୁଷୋତ୍ତମପୂଜକଃ ।"

ତେଣୁ ଗୀତଗୋବିନ୍ଦକାର ଜୟଦେବ ଯେ ନିଶ୍ଚିତରୂପେ ଉତ୍କଳୀୟ-- ଏଥିରେ ଆଉ ସନ୍ଦେହର ଅବକାଶ କାହିଁ ?

ଆକ୍ଷେପର ସମାଧାନ — ଯେଉଁ 'ଚନ୍ଦ୍ରଦତ୍ତ'ଙ୍କ 'ଭକ୍ତମାଳା'ର ପ୍ରାମାଣ୍ୟ ସ୍ୱୀକାର କରି ଜୟଦେବଙ୍କୁ ଉତ୍କଳୀୟ ବୋଲି ସ୍ୱୀକାର କରଯାଉଛି - ସେହି ଚନ୍ଦ୍ରଦତ୍ତ - ଜୟଦେବଙ୍କ ପ୍ରାତ୍ୟହିକ ଗଙ୍ଗାସ୍ନାନ-ବୃତ୍ତାନ୍ତମାନର ଉଲ୍ଲେଖ କରିଛନ୍ତି । ଅଠରକୋଶ ବାଟ ଧାଇଁ ଧାଇଁ ପ୍ରତ୍ୟହ ଗଙ୍ଗାସ୍ନାନ କରିବାବୃତ୍ତାନ୍ତ ଅତିରଞ୍ଜିତ ହେଲେ ମଧ୍ୟ କେବଳ ଗଙ୍ଗାସ୍ନାନ ତ ଅସମ୍ଭବ ନୁହେଁ ଏବଂ ଅନେକ ମତସିଦ୍ଧ ଗଙ୍ଗାସ୍ନାନ ଜୟଦେବଙ୍କ ଉତ୍କଳୀୟତ୍ୱ ସହିତ କିପରି ସମଞ୍ଜସ ହେବ ? - ଏଣୁ ସେ କଦାପି ଉତ୍କଳୀୟ ନୁହନ୍ତି ଓ ଗଙ୍ଗାବହୁଥିବା ଦେଶରେହିଁ ତାଙ୍କର ସ୍ଥିତି ସମ୍ଭବ ବୋଲି ଯେଉଁମାନେ ଆକ୍ଷେପ କରନ୍ତି - ସେମାନେ ଆପାତତଃ ଏହି ସମାଧାନରେ ସନ୍ତୁଷ୍ଟ ହେବା ଉଚିତ ଯେ-- ଯେଉଁ 'ଚନ୍ଦ୍ରଦତ୍ତ' ଏକ ସଂସ୍କୃତମହାକାବ୍ୟକଳ୍ପ 'ଭକ୍ତମାଳା' ଗ୍ରନ୍ଥ ଲେଖିଛନ୍ତି ଓ ସେଥିରେ ଜୟଦେବଙ୍କୁ ବିଭିନ୍ନ ପ୍ରସଙ୍ଗରେ 'ଉତ୍କଳୀୟ' ବୋଲି ପ୍ରତିପାଦିତ କରିଛନ୍ତି-- ସେହି 'ଚନ୍ଦ୍ରଦତ୍ତ' କ'ଣ ପାଗଳଥିଲେ ଯେ-ଜୟଦେବ ଉତ୍କଳବାସୀ ହୋଇ ମଧ୍ୟ ପ୍ରତ୍ୟହ ଗଙ୍ଗାସ୍ନାନ କରୁଥିଲେ ବୋଲି ଲେଖିଲେ ? ଯଦି ଲେଖିଲେ-- ତେବେ ତାହାର ଗୋଟିଏ ରହସ୍ୟ-ମୟ ଉପପତ୍ତି ନିଶ୍ଚୟ ଅଛି —

'ପ୍ରାଚୀନଉତ୍କଳ' ପ୍ରଣେତା ଜଗବନ୍ଧୁସିଂହ ଲେଖିଛନ୍ତି-- ଜୟଦେବଙ୍କ ଜନ୍ମଭୂମିଭୁକ୍ତ କେନ୍ଦୁଲି (କେନ୍ଦୁବିଲ୍ୱ) ଶାସନର ଦୁଇମାଇଲ ଦୂରରେ ତ୍ରିବେଣୀତୀର୍ଥ । ତ୍ରିବେଣୀ ଗଙ୍ଗାଯମୁନାସରସ୍ୱତୀଙ୍କ ସଙ୍ଗମସ୍ଥଳ । ମାଘମାସର ତ୍ରିବେଣୀ ଅମାବାସ୍ୟାଦିନ ଏଠାରେ ଗୋଟିଏ ବଡ଼ ମେଳା ହୁଏ ଏବଂ ଭିଡ଼-ପଡ଼େ । ..................... 'ଭକ୍ତମାଳା ଗ୍ରନ୍ଥରେ ଲିଖିତ ଜୟଦେବଙ୍କର ପ୍ରାତ୍ୟହିକ ଗଙ୍ଗାସ୍ନାନ ଏହିଠାରେ ହେବା ସମ୍ଭବ ।-- 'ପୂର୍ଣ୍ଣଚନ୍ଦ୍ରଭାଷା-କୋଷ'ରେ ଗୋପାଳପ୍ରହରାଜ ଡାଃ: ରାଧାଚରଣ ପଣ୍ଡାଙ୍କ ମତ ଉଦ୍ଧୃତ କରି ଲେଖିଛନ୍ତି ଯେ-- ବା୧୦୭ବର୍ଷ ତଳେ (ଅର୍ଥାତ୍-- ୧୯୩୪ ମସିହା ସମୟର ମୁଦ୍ରଣାନୁସାରେ ବର୍ତ୍ତମାନସୁଦ୍ଧା-ବା୧୪୦ବର୍ଷ ତଳେ) ନାରାୟଣ ମିଶ୍ର ନାମକ ଜଣେ ପଣ୍ଡିତ "ପ୍ରାଚୀମାହାତ୍ମ୍ୟ" ନାମକ ଗୋଟିଏ ସଂସ୍କୃତଗ୍ରନ୍ଥ ଲେଖିଥିଲେ ଓ ତ୍ରିଲୋଚନ ଆଚାର୍ଯ୍ୟ ନାମକ ଆଉ ଜଣେ ପଣ୍ଡିତ ତାହାର ଓଡ଼ିଆ ଅନୁବାଦ ଲେଖିଥିଲେ । ସେହି ସଂସ୍କୃତଗ୍ରନ୍ଥ ଓ ଅନୁଦିତଗ୍ରନ୍ଥ ଉଭୟ ଅଦ୍ୟାପି ଅମୁଦ୍ରିତ । 'ପ୍ରାଚୀନଉତ୍କଳ'ରେ ଜଗବନ୍ଧୁସିଂହ ପୂର୍ବୋକ୍ତ ପଂକ୍ତି ଗୁଡିକର ଉଲ୍ଲେଖ କରି ନିଜ ଉକ୍ତିର ପ୍ରମାଣ ସ୍ୱରୂପ-- ଅନୂଦିତ 'ପ୍ରାଚୀମାହାତ୍ମ୍ୟର କେତେକ ପଂକ୍ତି ଉଦ୍ଧୃତ କରିଛନ୍ତି—

"ନାମ ତାଙ୍କର ଅନ୍ତର୍ବେଦୀ -
ସାଯୁଜ୍ୟ ମୋକ୍ଷ ପ୍ରଭୃଦାୟୀ
ତ୍ରିବେଣୀସ୍ନାନ କରି ନର -
ମୁକ୍ତି ଲଭଇ କଳେବର
ଅନେକ ସ୍ନାନଦାନ ଯେତେ -
ଶତଗୁଣରେ ହୁଏ ତେତେ
ସକଳପାପରୁ ପ୍ରତ୍ୟକ୍ଷ -
ପ୍ରାଚୀସ୍ନାନରେ ହୁଏ ମୋକ୍ଷ
ଗଙ୍ଗାଙ୍କଠାରୁ ସେ ଅଧିକ -
ହୋଇ ପବିତ୍ର କରେ ଲୋକ
କାଳିନ୍ଦୀଗଙ୍ଗାସମୀପରେ -
ଯେ ଫଳ-ସେଫଳ ତୀର୍ଥରେ
ଉତ୍କଳଦେଶେ ପ୍ରାଚୀନାମ -
ସକଳ କାମେ ଅନୁପମ ।"

ଏହି "ପ୍ରାଚୀମାହାତ୍ମ୍ୟ" ମୂଳସଂସ୍କୃତଗ୍ରନ୍ଥଟି ସମ୍ଭବତଃ ଲେଖକ ବହୁତ ପ୍ରାଚୀନ ଗ୍ରନ୍ଥମାନଙ୍କରୁ ବହୁତ ମତଗୁଡ଼ିକର ସଂଗ୍ରହ-ପୂର୍ବକ ଲେଖିଥିଲେ। ଅମୁଦ୍ରିତ ବା ଅପ୍ରକାଶିତ ବୋଲି ଏହାକୁ ପ୍ରାମାଣିକ ନ ମାନିବା ଉଚିତ ହେବ ନାହିଁ । କାରଣ-ଏହି ଗ୍ରନ୍ଥରେ-ପ୍ରାଚୀନଦୀରେ ତ୍ରିବେଣୀସଙ୍ଗମ ବିଷୟର ଉଲ୍ଲେଖ ଥିବା ତ୍ରିଲୋଚନ ଆଚାର୍ଯ୍ୟଙ୍କ ଦ୍ୱାରା ଅନୂଦିତ ଗ୍ରନ୍ଥରୁ ପ୍ରମାଣିତ ହେଉଛି । ତ୍ରିବେଣୀରେ ଗଙ୍ଗା, ଯମୁନା ଓ ସରସ୍ୱତୀ-ନଦୀତ୍ରୟର ସଙ୍ଗମ ହୋଇଥାଏ । ପଦ୍ମପୁରାଣର ଅନୁଶୀଳନରୁ 'ପ୍ରାଚୀ'ନଦୀରେ ଗଙ୍ଗା ଓ ସରସ୍ୱତୀଙ୍କ ସଙ୍ଗମର ସ୍ପଷ୍ଟ ଆଭାସ ମିଳୁଛି । ତେଣୁ ମୂଳଲେଖକ ନାରାୟଣ ମିଶ୍ର ଅନ୍ୟଗ୍ରନ୍ଥର ଅବଲମ୍ବନରେ ସେଠାରେ ଯମୁନାସଙ୍ଗମର ପ୍ରମାଣ ମଧ୍ୟ ଦର୍ଶାଇଥିବା ସମ୍ଭବ । ସ୍ଥାଲୀପୁଲାକନ୍ୟାୟରେ ଯଦି ଗଙ୍ଗା ଓ ସରସ୍ୱତୀଙ୍କ ସଙ୍ଗମ ବିଷୟ ପ୍ରମାଣିତ ହେଲା-- ତେବେ ସେଠାରେ ଯମୁନାସଙ୍ଗମ ମଧ୍ୟ ପ୍ରାମାଣିକ ହେବନାହିଁ ହେବ । କେହି, ସ୍ୱୀକାର ନ କଲେ ମଧ୍ୟ; ପଦ୍ମପୁରାଣରୁ ଯଦି ଗଙ୍ଗା ଓ ସରସ୍ୱତୀଙ୍କ ସଙ୍ଗମ ସିଦ୍ଧ ହେଉଛି-- ତେବେ ସେହିଠାରେ ଜୟଦେବ ପ୍ରତ୍ୟହ ଗଙ୍ଗାସ୍ନାନ କରୁଥିବା ସମ୍ଭବ । ଚନ୍ଦ୍ରଦତ୍ତଙ୍କ ଭକ୍ତମାଳାରେ କବିଙ୍କର ଏହି ରହସ୍ୟମୟ ଗଙ୍ଗାସ୍ନାନ ବିଷୟର ଉଲ୍ଲେଖ ଅଛି ବୋଲି ମାନିବା ଉଚିତ । ପଦ୍ମପୁରାଣର ଗଙ୍ଗାସରସ୍ୱତୀସଙ୍ଗମ-କଥା ସମସ୍ତ ଉଦ୍ଧୃତ କରି ଏଠାରେ ଦର୍ଶାଇବା ସମ୍ଭବ ନୁହେଁ । ଜିଜ୍ଞାସୁମାନେ ପଦ୍ମପୁରାଣ ଆଦିଖଣ୍ଡ ଅଷ୍ଟାଦଶ ଅଧ୍ୟାୟର ଅନୁଶୀଳନ କରନ୍ତୁ । ସଂକ୍ଷେପରେ ସେଠାରେ ବର୍ଣ୍ଣିତବୃତ୍ତାନ୍ତର ସୂଚନା ଦିଆଯାଉଛି —

ପୂର୍ବେ ବିଷ୍ଣୁ ଓ ଇନ୍ଦ୍ରସମେତ ଦେବତାମାନେ ବ୍ରହ୍ମାଙ୍କ କନ୍ୟା ସରସ୍ୱତୀଙ୍କୁ ପ୍ରାର୍ଥନା କଲେ-- ତୁମ୍ଭେ ଏହି ବାଡ଼ବାନଳକୁନେଇ ସମୁଦ୍ରରେ ନିକ୍ଷିପ୍ତ କର-- "ତଟଂ ତ୍ୱୟା ପ୍ରଯାତବ୍ୟଂ ପ୍ରତୀଚ୍ୟାଂ ଲବଣୋଦଧେଃ"- (ଅର୍ଥାତ୍-- ତୁମ୍ଭେ (ପୂର୍ବଦିଗବର୍ତ୍ତୀ) ଲବଣସାଗରର ପଶ୍ଚିମରେ ଥିବା ତଟକୁ ଯିବା ଉଚିତ) । ସରସ୍ୱତୀ କହିଲେ-- "ପିତାଙ୍କ ଅନୁମତି ବିନା ମୁଁ ଯିବା ସ[...] ନୁହେଁ ।"-- ତତ୍ପରେ ଦେବତାମାନଙ୍କ ଅନୁରୋଧରେ ବ୍ରହ୍ମା ସରସ୍ୱତୀଙ୍କୁ ଦେବତାମାନଙ୍କ ଅନୁରୋଧ ର[...] କରିବାପାଇଁ ଆଦେଶ ଦେଲେ ଯେ-- "କ୍ଷୀ[...] କ୍ଷାରୋଦ ମଧ୍ୟେ ତ୍ୱଂ କ୍ଷିପସ୍ୱଜ୍ୱଳନଂ ସୁତେ" (ଅର୍ଥାତ୍- ହେ ପୁତ୍ରି ! ଏହି ବାଡ଼ବାନଳକୁ ନେଇ କ୍ଷାରସମୁଦ୍ର ମଧ୍ୟରେ ପକାଅ) । ତତ୍ପରେ ସରସ୍ୱତୀ ପ୍ରସ୍ଥାନ ଆରମ୍ଭ କଲେ । ସେତେବେଳେ ଗଙ୍ଗା ତାଙ୍କର ଅନୁଗମନ କଲେ । ସରସ୍ୱତୀ ଗଙ୍ଗାଙ୍କୁ କହିଲେ-- "ସଖି ମୋର କେଉଁଆଡ଼େ ତୁ ଯାଉଛୁ ? ତୋତେ ମୁଁ ପୁଣି କେଉଁ[...] ଦେଖିବି ? ଗଙ୍ଗା ତାଙ୍କୁ କହିଲେ, ଯେତେବେଳେ ତୁ ପ୍ରାଚୀଦିଗକୁ ଯିବୁ ସେତେବେଳେ ମୋତେ ଦେଖିବୁ । ସେତେବେଳେ ମୁଁ ଉତ୍ତରାଭିମୁଖୀ ହୋଇ ତୋ ସହିତ ମିଳିବି । ସେହିଠାରେ ତୋର ମୋର ଦେଖାହେବ । ସେଠାରେ ଅତ୍ୟନ୍ତ ପବିତ୍ରତମା ଗଙ୍ଗା (ମୁଁ) ଉତ୍ତରାଭିମୁଖୀ ଓ ତୁ, ସେଠାରେ 'ପ୍ରାଚୀ' (ପ୍ରାଚୀନାମରେ ପରିଚିତା) ସରସ୍ୱତୀ (ହେବୁ) ।

"ଯଦୈବ ଯାସ୍ୟସି ପ୍ରାଚୀଂ -
ଦିଶଂ ମାଂ ପଶ୍ୟସେ ଶୁଭେ
ବନ୍ଧୁଧୈସ୍ତ୍ୟଂ ପରିବୃତା -
ଦର୍ଶନଂ ତବ ସୁବ୍ରତେ !
ଉଦଙ୍ମୁଖୀତଦାଭୂତ୍ୱା -
ତ୍ୟକ୍ତଶୋକଂ ଶୁଚିସ୍ମିତେ !
ଗଙ୍ଗା ଚୈବୋଦଙ୍ମୁଖୀ ପୁଣ୍ୟା -
ତ୍ୱଂ ତୁ ପ୍ରାଚୀ ସରସ୍ୱତୀ"

ଗଙ୍ଗାଙ୍କୁ ସରସ୍ୱତୀ ବିଦାୟ ଦେଲାବେଳେ ଗଙ୍ଗାଙ୍କ ସହିତ ଯମୁନା ଓ ସାବିତ୍ରୀ ମଧ୍ୟ ଯାଇଥିଲେ ଏହା ମ[...] ଲେଖାଅଛି । ତତ୍ପରେ ସରସ୍ୱତୀ ପ୍ରଥମେ କୁରୁକ୍ଷେତ୍ର ଯାଇଁ ନଦୀରୂପରେ ପ୍ରବାହିତା ହେଲେ । ବିଷ୍ଣୁ ତାଙ୍କ ବିଶାଳଉଦରରେ ସ୍ୱର୍ଣ୍ଣକୁମ୍ଭ ମଧ୍ୟରେ ବାଡ଼ବାନଳକୁ ସମର୍ପିତ କଲେ ଓ କ୍ରମେ ସେ ବିଭିନ୍ନମାର୍ଗଦେଇ ପୃଷ୍ଠରେ ଉତ୍ଥିତା ହେଲେ । ..........

ପୁଷ୍କରାରଣ୍ୟ ପ୍ରାପ୍ତହୋଇ ଉତ୍ତରପଟରେ ଯେଉଁଠାରେ ସରସ୍ୱତୀ 'ପ୍ରାଚୀ' ହେଲେ ସେଠାରେ ସରସ୍ୱତୀଙ୍କର ମତି-ସ୍ମୃତି-ପ୍ରଜ୍ଞା-ମେଧା-ବୁଦ୍ଧି-ଗିର ଏହି ଛ'ଟି ଉତ୍ତମପର୍ଯ୍ୟାୟ ପରିକୀର୍ତ୍ତିତ ହେଲା ଓ ସେହିସମୟଠାରୁ ସେହି ସରସ୍ୱତୀ ଯେଉଁଠାରେ 'ପ୍ରାଚୀ' ହେଲେ ସେଠାରେ ସେହି ଜଳକୁ ତଟରେ ଥାଇ ମଧ୍ୟ ଯେଉଁମାନେ ଦେଖନ୍ତି-- ସେମାନେ ମଧ୍ୟ ଅଶ୍ୱମେଧର ଫଳ ପାଆନ୍ତି-- ଏଥିରେ ସଂଶୟ ନାହିଁ । ............ ଇତ୍ୟାଦି ।

"ପୁଷ୍କରାରଣ୍ୟମାସାଦ୍ୟ, ଯତ୍ର ପ୍ରାଚୀ ସରସ୍ୱତୀ -
ମତିଃ ସ୍ମୃତିସ୍ତଥାପ୍ରଜ୍ଞା ମେଧା ବୁଦ୍ଧିର୍ଗିର ଶୁଭ
ସରସ୍ୱତ୍ୟାଃ ସୁପର୍ଯ୍ୟାୟାଃ ଷଡେତେପରିକୀର୍ତ୍ତିତାଃ -
ତତଃ ପ୍ରଭୃତି ଯତ୍ରାସୌ ପ୍ରାଚୀଭୂତା ସରସ୍ୱତୀ
ତତ୍ରସ୍ଥଂ ତଜ୍ଜଲଂ ଯେଽପି ପଶ୍ୟନ୍ତି ତଟସଂସ୍ଥିତାଃ -
ତେଽପ୍ୟଶ୍ୱମେଧସ୍ୟ ଫଳଂ ଲଭନ୍ତେ ନାତ୍ର ସଂଶୟଃ"

ଏଠାରେ ସହୃଦୟ ପାଠକମାନେ "ତତଃ ପ୍ରଭୃତି ଯତ୍ରାସୌ ପ୍ରାଚୀଭୂତା ସରସ୍ୱତୀ" ଏହି ଶ୍ଳୋକାର୍ଦ୍ଧର ସମ୍ୟକ୍ ଅନୁଧ୍ୟାନ କରନ୍ତୁ । ସ୍ପଷ୍ଟ ପ୍ରତିଭାତ ହେବ ଯେ ସରସ୍ୱତୀ 'ପ୍ରାଚୀ' ନଥିଲେ 'ପ୍ରାଚୀ' ହେଲେ ଏହି ଅର୍ଥହିଁ ଏ ଶ୍ଳୋକାର୍ଦ୍ଧରେ ବିବକ୍ଷିତ ହୋଇଛି । ଏତିକି ନୁହେଁ ସେହି ପଦ୍ମପୁରାଣର ଚତୁର୍ଦ୍ଦଶ ଅଧ୍ୟାୟରେ ମଧ୍ୟ ବ୍ରହ୍ମା ଶିବଙ୍କୁ କହିଛନ୍ତି-- "ଗଙ୍ଗା ଯତ୍ରୋଦଙ୍ମୁଖୀ-ପୁଣ୍ୟା ଯତ୍ର ପ୍ରାଚୀ ସରସ୍ୱତୀ" (ଅର୍ଥାତ୍-- ସେହିଠାରେ ଉତ୍ତରାଭିମୁଖୀ ଗଙ୍ଗା ପବିତ୍ରତମା ଯେଉଁଠାରେ ସରସ୍ୱତୀ 'ପ୍ରାଚୀ' (ପ୍ରାଚୀନାମ୍ନୀ) ।) ଭୌଗୋଳିକସ୍ଥିତି ଅନୁସାରେ ରାଜମହଲ ପ୍ରଭୃତି କେତେକ ସ୍ଥଳରେ ଗଙ୍ଗା ଉତ୍ତରାଭିମୁଖୀ ହୋଇଥିଲେ ସୁଦ୍ଧା ବିଧିବାକ୍ୟର ଅଭିପ୍ରାୟ ଏହି ଯେ ଉତ୍ତରାଭିମୁଖୀ ଗଙ୍ଗା ସେହିଠାରେ ପବିତ୍ରତମା ଯେଉଁଠାରେ 'ପ୍ରାଚୀ' ନାମ୍ନୀ ସରସ୍ୱତୀ । ଅର୍ଥାତ୍ ଗଙ୍ଗା ସ୍ୱଭାବତଃ ପବିତ୍ର ହେଲେ ମଧ୍ୟ ସେଠାରେ ସେ ପବିତ୍ରତମା ଏବଂ ସେଠାରେ ପ୍ରାଚୀ ଓ ତାହା ପୂର୍ବରେ ଗଙ୍ଗାର ପଶ୍ଚିମ ଦିଗସ୍ଥ । ଏତଦ୍ଭିନ୍ନ ପୂର୍ବୋକ୍ତ ଲବଣସାଗର ବା କ୍ଷାରସାଗରର ପଶ୍ଚିମପ୍ରାନ୍ତକୁ ଆସି ବାଦ୍ଧାର ପୁରୀଜିଲ୍ଲାର ପ୍ରାଚୀନଦୀକୁ ଯେ ସ୍ପଷ୍ଟ ଲକ୍ଷ୍ୟ କରାଯାଇଛି ଏଥିରେ ସନ୍ଦେହନାହିଁ । କହିବା ବାହୁଲ୍ୟ ଯେ 'ପ୍ରାଚୀ'ନାମ୍ନୀ ଐତିହାସିକ ବା ଭୌଗୋଳିକନଦୀ ଉତ୍କଳଭିନ୍ନ ଅନ୍ୟତ୍ର କୁତ୍ରାପି ପରିଦୃଷ୍ଟ ହୁଏ ନାହିଁ । ତେଣୁ ପଦ୍ମପୁରାଣ ଓ ବିଭିନ୍ନ ଗ୍ରନ୍ଥମାନଙ୍କର ଅବଲମ୍ବନରେ ପଂ ନାରାୟଣ ମିଶ୍ର ଉତ୍କଳର ପ୍ରାଚୀନଦୀକୁ ସରସ୍ୱତୀବୋଲି ପ୍ରମାଣିତ କରିବା ଓ ସେଠାରେ 'ତ୍ରିବେଣୀ' ସଙ୍ଗମର ଉଲ୍ଲେଖ କରିବା ଅସମ୍ଭବ ବା ଅପ୍ରାମାଣିକ ନୁହେଁ । ସେହି ପ୍ରାଚୀନ ସଂସ୍କାରର ବଶବର୍ତ୍ତୀ ହୋଇ ଜୟଦେବଙ୍କପରି ଆସ୍ତିକଶିରୋମଣି ପଣ୍ଡିତ ସେହି 'ପ୍ରାଚୀ'ନଦୀରେ ଥିବା ନିଜଗ୍ରାମ 'କେନ୍ଦୁବିଲ୍ୱ'ଠାରୁ ଦୁଇମାଇଲ ଦୂରସ୍ଥ ତ୍ରିବେଣୀକୁଣ୍ଡକୁ ପ୍ରତ୍ୟହ ସ୍ନାନ କରିବାକୁ ଯାଉଥିବା ସମ୍ଭବ ।

ପକ୍ଷାନ୍ତରେ 'ସରସ୍ୱତୀ' ମଧ୍ୟ ସପ୍ତଗଙ୍ଗାମଧ୍ୟରୁ ଗୋଟିଏ ଗଙ୍ଗା ଏହା ଶାସ୍ତ୍ରୀୟ ପରମ୍ପରା ଓ ତଜ୍ଜନ୍ୟ ସଂସ୍କାରରୁ ସିଦ୍ଧ । ତେଣୁ ପ୍ରତ୍ୟହ ପ୍ରାଚୀନାମ୍ନୀ ସରସ୍ୱତୀରେ ସ୍ନାନକୁ ମଧ୍ୟ ଗଙ୍ଗାସ୍ନାନ ବୋଲି କହିବା ଅମୂଳକ ବା ଅଯୌକ୍ତିକ ନୁହେଁ ।

ଆଉ ଏକ ଯୁକ୍ତିମଧ୍ୟ ଏ'ଠାରେ ଉଲ୍ଲେଖଯୋଗ୍ୟ ଯେ-- ବାଲ୍ୟକାଳରେ ଲେଖକ ନିମ୍ନପ୍ରାଥମିକ-ବିଦ୍ୟାଳୟରେ ଅଧ୍ୟୟନ କରୁଥିଲାବେଳେ ଅଦ୍ୟାବଧି ବିସ୍ମୃତ ହୋଇ ଯାଇଥିବା ଜଣେ ଲେଖକଙ୍କ ଦ୍ୱାରା ଲିଖିତ ଏକ ଇତିହାସ ପୁସ୍ତକରେ 'ମହାନଦୀ'କୁ ଉତ୍କଳଗଙ୍ଗା ରୂପରେ ପ୍ରତିପାଦିତ କରାଯାଇଥିଲା । ଇତିହାସର ସଂକ୍ଷିପ୍ତ କଥାବସ୍ତୁ ଏହି ଯେ-- "ପୂର୍ବେ ସୁକାନ୍ତି ନାମକ ଜଣେ ଋଷି ଉତ୍କଳକୁ ଗଙ୍ଗାଙ୍କ ଆନୟନକାମନାରେ ତପସ୍ୟା କଲେ । ତାଙ୍କ ତପସ୍ୟାରେ ଗଙ୍ଗା ସନ୍ତୁଷ୍ଟା ହୋଇ ଉତ୍କଳକୁ ଆଗମନ କଲାବେଳେ ପର୍ବତଦ୍ୱାରା ତାଙ୍କର ଗତିରୁଦ୍ଧ ହେଲା । ତେଣୁ ସୁକାନ୍ତି ତପସ୍ୟାଦ୍ୱାରା ଇନ୍ଦ୍ରଙ୍କୁ ସନ୍ତୁଷ୍ଟ କଲେ । ଇନ୍ଦ୍ର ବଜ୍ରଦ୍ୱାରା ପର୍ବତକୁ ବିଦୀର୍ଣ୍ଣ କରିବାରୁ ଗଙ୍ଗା

'ମହାନଦୀ' ରୂପରେ ଉତ୍କଳରେ ଆବିର୍ଭୂତା ହେଲେ । ତାଙ୍କ ସଙ୍ଗରେ ବ୍ରାହ୍ମଣୀ, ବୈତରଣୀ, ବଇଙ୍ଗା ଓ ସୁବର୍ଣ୍ଣରେଖା ନାମ୍ନୀ ଗୃହସଖୀ ମଧ୍ୟ ଉତ୍କଳକୁ ଆସିଲେ ।"

ଏହି ଉପାଖ୍ୟାନ କୌଣସି ପୁରାଣରେ ଦୃଷ୍ଟି-ଗୋଚର ହୋଇନଥିବାରୁ ଲେଖକର ଏଥିରେ ସେତେ ଆସ୍ଥା ନ ଥିଲା । କିନ୍ତୁ କବିବର ରାଧାନାଥ ମଧ୍ୟ 'ମହାଯାତ୍ରା' କାବ୍ୟର ତୃତୀୟସର୍ଗରେ ସାତକୋଶିଆ-ଗଣ୍ଡ ପ୍ରସଙ୍ଗରେ ଏହି ଉପାଖ୍ୟାନର ସୂଚନା ଦେଇଛନ୍ତି । ଜିଜ୍ଞାସୁମାନେ ସେଠାରେ ଅନୁସନ୍ଧାନ କରନ୍ତୁ ।

ଏ ଦୃଷ୍ଟିରୁ ବିଚାର କଲେ ମଧ୍ୟ ମହାନଦୀ ଯଦି 'ଉତ୍କଳଗଙ୍ଗା' ହେଲା ତେବେ ତାହାର ଶାଖା 'ପ୍ରାଚୀ'ରେ ସ୍ନାନ ଯେ-- 'ଗଙ୍ଗାସ୍ନାନ' ଏ'ଥିରେ ଆଉ ସନ୍ଦେହର ଅବକାଶ କାହିଁ ? ତେଣୁ ଏହି ତିନିପ୍ରମାଣଦ୍ୱାରା ସିଦ୍ଧ ଏକ ରହସ୍ୟମୟୀ ଗଙ୍ଗାରେ ଜୟଦେବ ସ୍ନାନ କରୁଥିବା ସମ୍ଭବ ଏବଂ ଏହି ରହସ୍ୟମୟୀ ଗଙ୍ଗାରେ ସ୍ନାନ କରୁ-ଥିବା କଥାକୁହିଁ ଲକ୍ଷ୍ୟକରି 'ଚନ୍ଦ୍ରଦତ୍ତ' 'ଭକ୍ତମାଳା' ଗ୍ରନ୍ଥରେ ଜୟଦେବଙ୍କୁ ଉତ୍କଳୀୟ ବୋଲି କହିବା ଓ ଜୟଦେବ ପ୍ରତ୍ୟହ ଗଙ୍ଗାସ୍ନାନ କରୁଥିବା ବିଷୟ ଉଲ୍ଲେଖ କରିବା ପରମ୍ପର ବିରୁଦ୍ଧ ନୁହେଁ । କିନ୍ତୁ ଏହି ପ୍ରମାଣ-ତ୍ରୟମଧ୍ୟରୁ ପଦ୍ମପୁରାଣୋକ୍ତପ୍ରମାଣ ଉପରେହିଁ ଲେଖକର ବିଶେଷ ଆସ୍ଥା । କାରଣ ଜୟଦେବ ବୃଦ୍ଧାବସ୍ଥାରେ ଗଙ୍ଗାସ୍ନାନପାଇଁ ପ୍ରତ୍ୟହ ଏତେବାଟ ଯିବା ଆସିବାରେ ଅସମର୍ଥ ହେବା ଓ ଏକଦା ମାର୍ଗରେ ମୂର୍ଚ୍ଛିତ ହୋଇ-ପଡ଼ିବାରୁ ଉତ୍କଳରାଜ ତାଙ୍କୁ ଶିବିକାରେ ସ୍ୱସ୍ଥାନରେ ପହଞ୍ଚାଇବା ବୃତ୍ତାନ୍ତର ଉଲ୍ଲେଖ ଭକ୍ତମାଳାରେ ଥିବାରୁ ନିଜଗ୍ରାମଠାରୁ କିଞ୍ଚିତ୍ ଦୂରକୁ ସେ ପ୍ରତ୍ୟହ ସ୍ନାନପାଇଁ ଯାଉଥିବା ଅଧିକ ସମ୍ଭାବିତ । ତେଣୁ ପଦ୍ମପୁରାଣ-ପ୍ରମାଣଦ୍ୱାରା ସିଦ୍ଧ ଗଙ୍ଗା ସରସ୍ୱତୀ ସଙ୍ଗମସ୍ଥଳ ଓ 'ପ୍ରାଚୀମାହାତ୍ମ୍ୟ' ଦ୍ୱାରା ସଙ୍କଳିତ ପ୍ରମାଣ ଅନୁସାରେ 'ତ୍ରିବେଣୀସଙ୍ଗମ' ସ୍ଥଳ ଜୟଦେବଙ୍କ ନିତ୍ୟଗଙ୍ଗା ସ୍ନାନ ସ୍ଥାନ ମାନିବା ଅଧିକ ଯୁକ୍ତିସଙ୍ଗତ ମନେ ହୁଏ ।

ହଁ ପ୍ରଶ୍ନ ହୋଇପାରେ— ସେହି ଉତ୍ତରାଭିମୁଖୀ ଓ ଅତ୍ୟନ୍ତପବିତ୍ରତମା ଗଙ୍ଗା କାହିଁ ? ଏହାର ଉତ୍ତର ଏହି ଯେ-- ସେ ଯେ ରହସ୍ୟମୟୀ ଗୁପ୍ତଗଙ୍ଗା ଏହା ସେହି ପୁରାଣଶୈଳୀରୁ ଜଣାପଡୁଛି । କାରଣ ଚତୁର୍ଦ୍ଦଶ ଅଧ୍ୟାୟରେ "ଗଙ୍ଗା ଚୈତ୍ରୋଦଙ୍ମୁଖୀ ପୁଣ୍ୟା ଯତ୍ରପ୍ରାଚୀ ସରସ୍ୱତୀ" (ଉତ୍ତରାଭିମୁଖୀ ଓ ଅତ୍ୟନ୍ତ ପବିତ୍ରତମା ଗଙ୍ଗା ସେହିଠାରେ, ଯେଉଁଠାରେ ସରସ୍ୱତୀ ପ୍ରାଚୀ ନାମରେ ପ୍ରସିଦ୍ଧା) ଏହି ବିଧିବାକ୍ୟରୁ ତାହାହିଁ ଜଣାପଡ଼େ । ଗଙ୍ଗା ସର୍ବଦା ପୂର୍ବାଭିମୁଖୀ ବା ଦକ୍ଷିଣାଭି-ମୁଖୀ ଓ ରାଜମହଲ ପ୍ରଭୃତି କେତେକ ସ୍ଥାନରେ ମାତ୍ର ଉତ୍ତରାଭିମୁଖୀ ଏବଂ ସର୍ବଦା ସେ ପବିତ୍ରା ହେଲେ ମଧ୍ୟ ଉତ୍ତରାଭିମୁଖୀ ଓ <u>ଅତ୍ୟନ୍ତପବିତ୍ରତମା</u> ସେହିଠାରେ (ଅର୍ଥାତ୍-- 'ପ୍ରାଚୀ' ନାମ୍ନୀ ସରସ୍ୱତୀରେ) ଏହା ସମସ୍ତଙ୍କର ଅଜ୍ଞାତ ବୋଲି ସେହି ବିଧିବାକ୍ୟ କୁହା-ଯାଇଛି । "ଅଜ୍ଞାତଜ୍ଞାପନଂ ବିଧିଃ" (ଅଜ୍ଞାତବସ୍ତୁକୁ ଜଣାଇବାର ନାମ ବିଧି) । ତେଣୁ ସେହି ଉତ୍ତରାଭିମୁଖୀ ଓ ଅତ୍ୟନ୍ତପବିତ୍ରତମା ଗଙ୍ଗା ରହସ୍ୟମୟୀ । ଅତଏବ ସେ ଗୁପ୍ତଭାବରେ ଉତ୍ତରାଭିମୁଖୀ ହୋଇ 'ପ୍ରାଚୀ' ସରସ୍ୱତୀ ସହିତ ସଙ୍ଗତ ହୋଇଛନ୍ତି । ଏହାର ସୂଚନା 'ପ୍ରାଚୀ ମାହାତ୍ମ୍ୟ'ର ଅନୁବାଦରୁ ମିଳୁଛି । "ନା... ତାଙ୍କର ଅନ୍ତର୍ବେଦୀ" ଏଠାରେ 'ଅନ୍ତର୍ବେଦୀ' ଶ... ଉପରେ ରହସ୍ୟ ଜିଜ୍ଞାସୁବ୍ୟକ୍ତିମାନେ ଅନୁଧ୍ୟାନ କଲେ ଜଣାପଡ଼ିବ ଯେ "ଭିତରେ ଥିବା ଗୋଟିଏ ବେଦୀ ବା ଆସ୍ଥାନୀ" ଯହିଁରେ ଏହି ଗଙ୍ଗା-ଯମୁନା ଓ ସରସ୍ୱତୀ ସଙ୍ଗମ ହୋଇଛି । ଆଉ ଗୋଟିଏ ପ୍ରଶ୍ନ ସହୃଦୟ ପାଠକେ କରିପାରନ୍ତି ଯେ-- "ଗଙ୍ଗା ଚୈତ୍ରୋଦଙ୍ମୁଖୀ ପୁଣ୍ୟା" ଏହି ବାକ୍ୟରେ ଥିବା 'ପୁଣ୍ୟା' ଶବ୍ଦରୁ 'ପବିତ୍ରା' ଏତିକିମାତ୍ର ଅର୍ଥ ପ୍ରତୀତ ହେଉଛି । "ଅତ୍ୟନ୍ତ ପବିତ୍ରତମା" ଏ'ପ୍ରକାର ଅର୍ଥର ବର୍ଣ୍ଣନା ଲେଖକ କିପରି କରିଛି ? ତାହାର ସଂକ୍ଷେପରେ ଉତ୍ତର ଏତିକି ଯେ—

ଅଳଙ୍କାରଶାସ୍ତ୍ରର ସିଦ୍ଧାନ୍ତ ଅନୁସାରେ ଶବ୍ଦ ଅଭିଧା, ତାତ୍ପର୍ଯ୍ୟ, ଲକ୍ଷଣା ଓ ବ୍ୟଞ୍ଜନା ନାମ

ସ୍ୱତନ୍ତ୍ରଗୋଟି ଶକ୍ତିର କଳ୍ପନା କରାଯାଇଛି । ସେହି ଗୁଣ-ଶକ୍ତିର ଅବଲମ୍ବନରେ ଏହି ପ୍ରସଙ୍ଗରେ 'ପୁଣ୍ୟା' ଶବ୍ଦର "ଅତ୍ୟନ୍ତ ପବିତ୍ରତମା" ଏପରି ଅର୍ଥ ନ କରିବା ପର୍ଯ୍ୟନ୍ତ ଗତ୍ୟନ୍ତର ନାହିଁ । ଅଳଙ୍କାରଶାସ୍ତ୍ରର ରହସ୍ୟରେ ଅନ୍ତଃପ୍ରବିଷ୍ଟ ପ୍ରତ୍ୟେକ ସାହିତ୍ୟିକ ନିକଟରେ ଲେଖକଙ୍କର ଏ'ପରି ଅର୍ଥବର୍ଣ୍ଣନା ଅତି ସ୍ପଷ୍ଟ ଓ ପ୍ରାମାଣିକଭାବେ ପ୍ରତୀତ ହେବ । ବିସ୍ତାରଭୟରୁ ଏଠାରେ ସେ ବିଷୟର ସମ୍ୟକ୍ ଆଲୋଚନା କରାଯାଇପାରୁନାହିଁ । ଆବଶ୍ୟକତା ପଡିଲେ ଲେଖକ ନିଜ ସିଦ୍ଧାନ୍ତର ଉପପତ୍ତିପାଇଁ ପ୍ରସ୍ତୁତ ଅଛି । ହେଉ ଏ ପ୍ରସଙ୍ଗ ଏତିକିରେ ଥାଉ ।

## ମାତାପିତାରୂପ ଜନ୍ମସ୍ଥାନ—

'ଜନ୍ମସ୍ଥାନ' ଶବ୍ଦରେ 'ଉପୃଷ୍ଠିକ୍ଷେତ୍ର' ରୂପେ ମୁଁ ତାଙ୍କ ମାତାପିତାଙ୍କୁ ମଧ୍ୟ ଲକ୍ଷ୍ୟ କରିଛି । ଜୟଦେବଙ୍କର ପିତା ଆଗ୍ରହୀ 'ଭୋଜଦେବ' ଓ ମାତା 'ବାମାଦେବୀ' ବୋଲି ଅନେକ ଲୋକ କହନ୍ତି ଏବଂ ଗୀତଗୋବିନ୍ଦର ଦ୍ୱାଦଶସର୍ଗସମାପ୍ତିରେ ଥିବା ଏହି ଶ୍ଳୋକକୁ ପ୍ରମାଣ-ରୂପେ ଉପନ୍ୟସ୍ତ କରନ୍ତି—

"ଶ୍ରୀଭୋଜଦେବପ୍ରଭବସ୍ୟ-ବାମା -
ଦେବୀସୁତଶ୍ରୀଜୟଦେବକସ୍ୟ
ପରାଶରାଦିପ୍ରିୟବନ୍ଧୁକଣ୍ଠେ -
ଶ୍ରୀଗୀତଗୋବିନ୍ଦକବିତ୍ୱମସ୍ତୁ॥"

କିନ୍ତୁ ଲେଖକ ଦୃଷ୍ଟିରେ ତା'ଙ୍କର ମାତାପିତା ଅଜ୍ଞାତ । କାରଣ 'ଭକ୍ତମାଳା' ଓ ଦାର୍ଢ୍ୟତାଭକ୍ତି' ପ୍ରଭୃତିରେ କୌଣସି ଲେଖକ ତାଙ୍କ ମାତାପିତାଙ୍କର ନାମୋଲ୍ଲେଖ କରିନାହିଁ । "ଶ୍ରୀଭୋଜଦେବପ୍ରଭବସ୍ୟ"-- ଇତ୍ୟାଦିଶ୍ଳୋକଟି ମଧ୍ୟ ସର୍ବଥା ପ୍ରକ୍ଷିପ୍ତ ପ୍ରତୀତ ହେଉଛି । କାରଣ ଏହି ଶ୍ଳୋକଟି 'ଯତିଭଙ୍ଗ' ନାମକ ଏକ ଅକ୍ଷମଣୀୟଦୋଷଦ୍ୱାରା ଗ୍ରସ୍ତ । ଯେଣୁ 'ବାମାଦେବୀ' ଏହି ଗୋଟିଏ ପଦର 'ବାମା' ଅଂଶଟି ପୂର୍ବପାଦରେ ଓ "ଦେବୀ" ଅଂଶଟି ପରପାଦରେ । ତା'ଛଡ଼ା "ବାମାଦେବୀସୁତ ଶ୍ରୀଜୟଦେବକସ୍ୟ" ପଦଟି ବିଧେୟା-ବିମର୍ଶଦୋଷଦ୍ୱାରା ଗ୍ରସ୍ତ ଓ "ଦେବକସ୍ୟ" ଅଂଶରେ 'କ' ପ୍ରତ୍ୟୟଟି ଅଶକ୍ତିକୃତ ଓ ନିରର୍ଥକ ପ୍ରତୀତ ହୁଏ । ସଂଜ୍ଞାଶବ୍ଦରୁ ସ୍ୱାର୍ଥେ 'କ' ପ୍ରତ୍ୟୟର କଳ୍ପନା ମଧ୍ୟ ଅନ୍ୟାଯ୍ୟ । ଯେଣୁ କବିଙ୍କର ସଂଜ୍ଞା 'ଜୟଦେବ'-'ଜୟଦେବକ' ନୁହେଁ । ଏଠାରେ ଗୋଟିଏ ପ୍ରଶ୍ନ ଆସେ ଯେ-- "ବର୍ଣ୍ଣିତଂ ଜୟଦେବକେନ ହରେରିଦଂ ପ୍ରଣତେନ (=ପ୍ରବଣେନ)" ଏହି ତୃତୀୟସର୍ଗସ୍ଥ ଗୀତପଦରେ "ଜୟଦେବକେନ" ବୋଲି କହି କବି ନିଜେ କିପରି 'କ' ପ୍ରତ୍ୟୟର ପ୍ରୟୋଗ କଲେ ? ତାହାର ଏତିକି ଉତ୍ତର ଯଥେଷ୍ଟ ହେବ ଯେ-- ସେଠାରେ ସ୍ୱାର୍ଥେ 'କ' ପ୍ରତ୍ୟୟର କଳ୍ପନା ନାହିଁ । ହରିଙ୍କଠାରେ ପ୍ରଣତତ୍ୱ ସୂଚାଇ କବି ସେଠାରେ ନିଜକୁ ଅତି ନିକୃଷ୍ଟ ବା ଅନୁକମ୍ପନୀୟଭାବାପନ୍ନ ମନେକରି ଅନୁକମ୍ପାର୍ଥରେ ବା ଅଲ୍ପାର୍ଥରେ 'କ' ପ୍ରତ୍ୟୟ କରିଛନ୍ତି । କିନ୍ତୁ "ଶ୍ରୀଭୋଜଦେବ"-ଇତ୍ୟାଦି ଶ୍ଳୋକରେ କବି ନିଜର କୁଳପରମ୍ପରାର ସୂଚନାଦେବାକୁ ଗଲାବେଳେ ନିଜକୁ କ୍ଷୁଦ୍ର ବା ଅନୁକମ୍ପ୍ୟରୂପରେ ବ୍ୟକ୍ତକରିବା ଉଚିତ ହେବ ନାହିଁ । ତେଣୁ ଅଗତ୍ୟା ସ୍ୱାର୍ଥେ 'କ' ପ୍ରତ୍ୟୟର କଳ୍ପନା କରିବାକୁ ହେବ ଏବଂ ତାହା ନ୍ୟାୟାନୁମୋଦିତ ହେବ ନାହିଁ । ମୂଳତଃ— ଶ୍ଳୋକଟିର ରଚନା ଅତି ଅସ୍ୱାଭାବିକ ଓ ଅସୁନ୍ଦର ହୋଇ ପଡିଛି । ଜୟଦେବଙ୍କପରି ସଫଳ ଲେଖକ ପକ୍ଷେ ଏହା ଆଶା କରାଯାଇ ନପାରେ ।

ତା'ଛଡ଼ା ଗୀତଗୋବିନ୍ଦର ଅତି ପ୍ରାଚୀନ ଟୀକାକାର କୁମ୍ଭନୃପତିଙ୍କ 'ରସିକପ୍ରିୟା'ଟୀକାରେ ଏହି ଶ୍ଳୋକର ଟୀକା ଉପଲବ୍ଧ ନୁହେଁ । 'ପ୍ରବୋଧାନନ୍ଦ-ସରସ୍ୱତୀ'ଙ୍କ ପ୍ରଣୀତ "ଗୀତଗୋବିନ୍ଦବ୍ୟାଖ୍ୟାନ" ନାମକ ଟୀକାରେ ମଧ୍ୟ "ସାଧ୍ୱୀମାଧ୍ୱୀକଚନ୍ତା" ଇତ୍ୟାଦି ଶ୍ଳୋକର ଓ "ଶ୍ରୀଭୋଜଦେବପ୍ରଭବସ୍ୟ" ଇତ୍ୟାଦି ଶ୍ଳୋକର ଟୀକା ପରିଦୃଷ୍ଟ ହୁଏ ନାହିଁ । ତେଣୁ ଏ ଶ୍ଳୋକଟି ନିଶ୍ଚିତରୂପେ ପ୍ରକ୍ଷିପ୍ତ । ଏଣୁ ଜୟଦେବଙ୍କ ମାତାପିତାରୂପ ଜନ୍ମସ୍ଥାନ 'ଅଜ୍ଞାତ' ବୋଲି ଲେଖକ ଧରି ନେଇଛି ।

କାଳ—

ପୂର୍ବୋକ୍ତ ଯୁକ୍ତି ଅନୁସାରେ ଗୀତଗୋବିନ୍ଦକାର ଜୟଦେବ ଚନ୍ଦ୍ରକବିଙ୍କର ଅନେକ ପୂର୍ବବର୍ତ୍ତୀ ହେବା ସମ୍ଭବ । ଚନ୍ଦ୍ରକବି ପୃଥ୍ୱୀରାଜଙ୍କ ସମସାମୟିକ । ପ୍ରବାଦ ଅଛି - ଚନ୍ଦ୍ରକବି ପୃଥ୍ୱୀରାଜଙ୍କ ଜନ୍ମଦିନରେ ଜନ୍ମଲାଭ କରିଥିଲେ ଓ ପୃଥ୍ୱୀରାଜଙ୍କ ଦେହାବସାନଦିନ ଚନ୍ଦ୍ରକବିଙ୍କର ମଧ୍ୟ ଦେହାବସାନ ହେଲା । ପୃଥ୍ୱୀରାଜ ୧୧୬୯ତମ ଖ୍ରୀଷ୍ଟାବ୍ଦରେ ଦିଲ୍ଲୀସିଂହାସନ ଆରୋହଣ କରିଥିଲେ । ଏଣୁ ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀର ପୂର୍ବାର୍ଦ୍ଧ ଜୟଦେବଙ୍କ ଆବିର୍ଭାବର ସମୟ ହେବା ସମ୍ଭବ । ଦ୍ୱାଦଶ ଶତାବ୍ଦୀର ଅର୍ଦ୍ଧଭାଗର ଆଖପାଖ ସମୟରେ ଲିଖିତ— 'ଅଳଙ୍କାର ସର୍ବସ୍ୱ'ରେ 'ରୁଯ୍ୟକ' ଓ 'କାବ୍ୟାନୁଶାସନ'ରେ 'ହେମଚନ୍ଦ୍ର'ଙ୍କ ଲେଖାରେ ଗୀତଗୋବିନ୍ଦର କୌଣସି ପ୍ରଭାବ ପରିଲକ୍ଷିତ ହେଉନାହିଁ । ତେଣୁ ଦ୍ୱାଦଶ ଶତାବ୍ଦୀର ପୂର୍ବାର୍ଦ୍ଧରେ କବିଙ୍କର ସ୍ଥିତି ଅର୍ଥାତ୍ - ରୁଯ୍ୟକ ଓ ହେମଚନ୍ଦ୍ରଙ୍କ ସମସାମୟିକ ବା ଅଳ୍ପପୂର୍ବବର୍ତ୍ତୀ ହେବା ସମ୍ଭବ । ଆଉ ଅଧିକ ପୂର୍ବବର୍ତ୍ତୀ ମାନିଲେ ସନ୍ଦେହ ଉପସ୍ଥିତ ହେଉଛି । ତେଣୁ ଯେ'ପର୍ଯ୍ୟନ୍ତ ଅନ୍ୟ ଅନ୍ତରଙ୍ଗ ପ୍ରମାଣ ନ ମିଳୁଛି ସେ'ପର୍ଯ୍ୟନ୍ତ ଏହି ସିଦ୍ଧାନ୍ତରେ ଉପନୀତ ହେବାକୁ ହେଉଛି ଯେ— ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀର ପୂର୍ବାର୍ଦ୍ଧର ଉତ୍ତରାର୍ଦ୍ଧ ତାଙ୍କର ସ୍ଥିତିକାଳ ଓ ଆବିର୍ଭାବ କାଳ ଆହୁରି ପୂର୍ବବର୍ତ୍ତୀ । ଏହା ଉତ୍କଳର ଗଜପତି ମହାରାଜ 'ଅନନ୍ତବର୍ମା ଚୋଡ଼ଗଙ୍ଗଦେବ'ଙ୍କ ସମୟ ହେବା ସମ୍ଭବ । 'ଓଡ଼ିଶା ଇତିହାସ'ରେ ଡ: ହରେକୃଷ୍ଣ ମହତାବ ଗୀତଗୋବିନ୍ଦକାରଙ୍କୁ 'ରାଜରାଜ' ନାମକ ଗଜପତିଙ୍କ ସମସାମୟିକ ବୋଲି ପ୍ରତିପାଦନ କରିବାକୁ ବାଧ ହୋଇଛନ୍ତି, ସତ୍ୟ - ମାତ୍ର ସେ ଯେ- ଜୟଦେବଙ୍କ ଜନ୍ମସ୍ଥାନ ଓ କାଳ ବିଷୟକ ତଥ୍ୟ ଉପରେ ସନ୍ଦିହାନ - ଏହା ସେ ନିଜେ ତାଙ୍କ ଇତିହାସରେ କହିଛନ୍ତି—

"ମାତ୍ର ଯେ'ଭଳି ପ୍ରମାଣସିଦ୍ଧ ସେ ଲକ୍ଷ୍ମଣସେନଙ୍କ ସଭାକବି ବୋଲି ଇତିହାସ ଜଗତରେ ଥିଆ ହୋଇଛନ୍ତି - ତଦ୍‌ବ୍ୟତୀତ ତାଙ୍କୁ ପୂର୍ବପୂରି ଓଡ଼ିଶାର ଲୋକ ଓ ଓଡ଼ିଶାର ରାଜସଭାର ପଣ୍ଡିତ ପ୍ରମାଣ କରିବାପାଇଁ ଆହୁରି ଗବେଷଣା ଓ ଅଧ୍ୟୟନ ଆବଶ୍ୟକ" ତେଣୁ ଏ'ଥିରୁ ସ୍ପଷ୍ଟ ହେଲା ଯେ ପାରିପାର୍ଶ୍ୱିକ ଐତିହାସିକ ସ୍ଥିତିବଶତଃ - ଡ: ମହତାବ - ଜୟଦେବଙ୍କୁ 'ରାଜରାଜ'ଙ୍କ ସମସାମୟିକ ମାନିବାପାଇଁ ବାଧହୋଇ ମଧ୍ୟ - ସନ୍ତୁଷ୍ଟ ହୋଇନପାରି ଗବେଷଣା ଓ ଅଧ୍ୟୟନର ପ୍ରୟୋଜନୀୟତାର ଉଲ୍ଲେଖ କରିଛନ୍ତି । ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀର ଆଦ୍ୟଭାଗରେ ଯେଉଁ ଲକ୍ଷ୍ମଣସେନ ରାଜତ୍ୱ କରୁଥିଲେ ବୋଲି "ଆଇନେ ଆକବରୀ"ରେ ପ୍ରତିପାଦିତ ହୋଇଛି - ସେ ପୂର୍ବୋକ୍ତ ଯୁକ୍ତିବଳରେ ପଞ୍ଚରତ୍ନଙ୍କ ଆଶ୍ରୟଦାତା ନଥିଲେ । ତେଣୁ ତାଙ୍କ ସଭାରେ ଜୟଦେବ ଥିଲେ ବୋଲି ମାନିବା ଅସଙ୍ଗତ ହେବ ଏବଂ ତାହା ତାଙ୍କର ବାଲ୍ୟ ବା ଅପ୍ରୌଢ଼ ଅବସ୍ଥାର ସମୟ । ସେତେବେଳେ ସେ ରାଜସଭାର ପଣ୍ଡିତ ହେବାପାଇଁ ଅର୍ହ ହୋଇନଥିଲେ ।

କହିବା ବାହୁଲ୍ୟ ଯେ - ଡ: ମହତାବ ମହୋଦୟଙ୍କର ଏହି "ଗବେଷଣା ଓ ଅଧ୍ୟୟନ ଆବଶ୍ୟକ"- ଉକ୍ତିଦ୍ୱାରା- ଲେଖକ "ଜୟଦେବ ଓ ତାଙ୍କ ଗୀତଗୋବିନ୍ଦ ସମ୍ବନ୍ଧରେ ଗୋଟାଏ ଗଭୀର ଅଧ୍ୟୟନ ଓ ଗବେଷଣା କଲେ ଭଲ ହୁଅନ୍ତା"- ଏହି ଭାବରେ ଉଦ୍‌ବୁଦ୍ଧ ହୋଇଥିଲା । କର୍ମବୀର ଓ ଜ୍ଞାନୀ ବଡ଼ଲୋକଙ୍କର ଉକ୍ତି - ପରୋକ୍ଷରେ ମଧ୍ୟ ଏପରି ପ୍ରେରଣା ଦେଇ ପାରେ - ଏହା ଆଜି ବିଦ୍ୱତ୍‌ସମାଜ ପ୍ରତ୍ୟକ୍ଷ ଅନୁଭବରେ ଆଣୁ ।

## କୃତଜ୍ଞତାଜ୍ଞାପନ—

ପ୍ରସ୍ତୁତ ପ୍ରବନ୍ଧ ପାଇଁ ମୋ'ର ସହକର୍ମୀ ଅଧ୍ୟାପକ ପଣ୍ଡିତ ଶ୍ରୀଯୁକ୍ତ ରାଧାରମଣ ଦାସ - ତା'ଙ୍କ ଟିପାଖାତା ମୋତେ ଦେଇଥିବାରୁ ମୁଁ ତାଙ୍କଠାରେ କୃତଜ୍ଞ। ଏହି ସଦାଶିବସଂସ୍କୃତ କଲେଜ୍‌ର ସାଂଖ୍ୟଯୋଗାଧ୍ୟାପକ ଓ ପୁସ୍ତକାଳୟାଧ୍ୟକ୍ଷ, ମୋ'ର ଗୁରୁ ଶ୍ରୀଯୁକ୍ତ ପଣ୍ଡିତ କାଶୀନାଥ ମିଶ୍ର ମୋତେ ଆବଶ୍ୟକ ପୁସ୍ତକମାନଙ୍କୁ ଯୋଗାଇବାରେ ଓ ସତ୍‌ପରାମର୍ଶ ଦେବାରେ ବହୁ ଉପକୃତ କରିଛନ୍ତି। ତେଣୁ ତାଙ୍କଠାରେ ମୁଁ ଚିରକୃତଜ୍ଞ।

ସର୍ବୋପରି - ଏହି କଲେଜ୍‌ର ଜ୍ୟୋତିଷାଧ୍ୟାପକ ମୋର ଗୁରୁକଳ୍ପ ପଣ୍ଡିତ ଶ୍ରୀଯୁକ୍ତ ବୀର ହନୁମାନ୍ ଶାସ୍ତ୍ରୀ ଏହି ପ୍ରବନ୍ଧପାଇଁ ମୋତେ ମୁହୁର୍ମୁହୁଃ। (ପ୍ରାୟ ବା୧୫-୨୦ର ରୁ କମ୍ ନୁହେଁ) ପ୍ରେରଣା ଦେଇ ଏହି ପ୍ରବନ୍ଧର ଆବର୍ତ୍ତବର କାରଣ ହୋଇଛନ୍ତି। ଏଥିରେ ସନ୍ଦେହ ନାହିଁ ଯେ - ତାଙ୍କଠାରୁ ଏପରି ମୁହୁର୍ମୁହୁଃ ପ୍ରେରଣା ପାଇନଥିଲେ - ପ୍ରସ୍ତୁତ ପ୍ରବନ୍ଧ ଆଜି ସହୃଦୟ ପାଠକ-ମାନଙ୍କ ସମକ୍ଷରେ ଏ'ରୂପରେ ଉପସ୍ଥିତ ନଥା'ନ୍ତା। ତା'ଛଡ଼ା ଯଥୋଚିତ ଉତ୍ତମପରାମର୍ଶ ମଧ୍ୟ ଆବଶ୍ୟକ ସ୍ଥଳମାନଙ୍କ ପାଇଁ ସେ ଦେଇଛନ୍ତି। ତେଣୁ ତାଙ୍କଠାରେ ହୃଦୟର ଅସୀମ କୃତଜ୍ଞତା ଜ୍ଞାପିତ କରି ମୁଁ ମୋର କର୍ତ୍ତବ୍ୟର ସମାଧାନ କରୁଛି।—

କିମଧିକମ୍—

ଶ୍ରୀଗୀତଗୋବିନ୍ଦକୃତଂ ସୁପୃତ୍ତ୍ରଂ-ଛିତ୍ତ୍ୱାପଟେଭ୍ୟୋ

ଜୟଦେବ ସଂଜ୍ଞମ୍

ସମର୍ପୟାମ୍ୟକଳମାତୁରଙ୍କେ - ସୈଷା

ପ୍ରସନ୍ନାଽସ୍ତ୍ୱକର୍ମୁଦେଭ୍ରୁ ବଶ୍ୟେ ॥

ଇତି ଶିବମ୍

ଶ୍ରୀକୃଷ୍ଣାର୍ପଣମସ୍ତୁ ॥

—*—

# ବୈଦିକ ସୋମ।

ଲେଖକ— ଶ୍ରୀ ରାଧାମୋହନ ମହାପାତ୍ର (ଅଧକ୍ଷ)

କାହିଁ ଗଲା ସେ ସୋମରସ, ବୈଦିକ ଯୁଗରେ ଯା'ର ମହିମା ଏତେ ପରିମାଣରେ ବର୍ଣ୍ଣିତ, ଆଜି ତାକୁ ବ୍ୟବହାର କରିବା ଦୂରରେ ଥାଉ, କି ପ୍ରକାର ଲତା ସେ, ଧାରଣା କରିବା ବି କଷ୍ଟକର। "ଅପାମ ସୋମଂ, ଅମୃତାଃ ଅଭୂମ"— ଏହି ମୃତ୍ୟୁଞ୍ଜୟ ଗୀତ ଗାଇବାର ଅବକାଶ ଅଛି କାହିଁ ?

ଯେଉଁ ସୋମଲତାରୁ ସେ ରସ ମିଳୁଥିଲା, ତା ଦେଖିବାକୁ ନାହିଁ ମିଳା, ବେଦାଦିଗ୍ରନ୍ଥରୁ ତାର ବର୍ଣ୍ଣନା ପ୍ରାଚୁର୍ଯ୍ୟ ପଢ଼ିବାକୁ ମିଳୁଛି।

ସୋମ ଶବ୍ଦ ଷୂ (ପ୍ରସବ ଓ ଐଶ୍ୱର୍ଯ୍ୟ ବ୍ୟଞ୍ଜକ) ଧାତୁରୁ ନିଷ୍ପନ୍ନ। ଯେଉଁଲତା ଅମୃତ ଜାତ କରାଏ ଓ ଐଶ୍ୱର୍ଯ୍ୟ ଅର୍ପଣ କରାଏ, ତାହାହିଁ ସୋମ। ଏହା ସର୍ବରୋଗହର ମହୌଷଧି। ଅନ୍ଧକୁ ଚକ୍ଷୁଦାନ, ବୃଦ୍ଧଲୋକଙ୍କୁ ଅଙ୍ଗଦାନ ମଧ୍ୟ ଏହା କରୁଥିଲା। ଏହି ସୋମ ଜରାମୃତ୍ୟୁ ବିନାଶକ ବୋଲି ସୁଶ୍ରୁତ ସଂହିତାରେ ବର୍ଣ୍ଣିତ।

ସୁଶ୍ରୁତଙ୍କ ଚିକିତ୍ସାଗ୍ରନ୍ଥରେ ସୋମ ସମ୍ବନ୍ଧରେ ସର୍ବାଧିକ ପ୍ରାଞ୍ଜଳ ବର୍ଣ୍ଣନା ଥିବାରୁ ପ୍ରଥମେ ତାହା ଅନୁସୃତ ହେଲା। ସେଥିରେ ୨୯ଶ ଅଧ୍ୟାୟରେ ଅଛି— ବ୍ରହ୍ମାଦି ଦେବଗଣ ପ୍ରଥମେ ଏହି ଜରାମୃତ୍ୟୁବିନାଶକ ସୋମ ସୃଷ୍ଟି କରିଥିଲେ। ସ୍ଥାନ, ନାମ, ଆକୃତି ଏବଂ ବୀର୍ଯ୍ୟଭେଦରେ ଭଗବାନ୍ ସୋମ ଚବିଶ ପ୍ରକାରର। ସେସବୁ ହେଲା— ଅଂଶୁମାନ୍, ମୁଞ୍ଜବାନ୍, ଚନ୍ଦ୍ରମା, ରଜତପ୍ରଭ, ଦୁର୍ବା, କନୀୟାନ, ଶ୍ୱେତାକ୍ଷ, କନକପ୍ରଭ, ପ୍ରତାନବାନ୍, ତାଳବୃନ୍ତ, କରବୀର, ଅଂଶବାନ୍, ସ୍ୱୟଂପ୍ରଭ, ମହାସୋମ, ଗରୁଡ଼ାହୃତ, ଗାୟତ୍ର୍ୟ,

ଜୈଷ୍ଟୁଭ, ପାଂକ୍ତ, ଜାଗତ, ଶାକ୍ବର, ଅଗ୍ନିଷ୍ଟୋମ, ରୈବତ, ନିଶାଦଗାପ୍ରନୀଧ୍ରକ ଓ ଉଡୁପତି ।

ଏଥିମଧ୍ୟରୁ ଅଂଶୁମାନ୍ ସୋମ ଘିଅପରି ବାସେ । ରଜତପ୍ରଭ ସୋମର ପ୍ରଶସ୍ତ କନ୍ଦା ଅଛି । ମୁଞ୍ଜବାନ୍ ସୋମର କନ୍ଦା କଦଳୀପରି ଓ ପତ୍ର ରସୁଣପତ୍ର ପରି । ଚନ୍ଦ୍ରମା ସୋମର ରଙ୍ଗ ସୁନା ପରି । ଏହା ପାଣିରେ ହୁଏ । ଗରୁଡ଼ାହୃତ ଓ ଶ୍ଵେତାକ୍ଷ ସୋମ ପାଣ୍ଡୁର ବର୍ଣ୍ଣ ଓ ଦେଖିବାକୁ ସାପକାତି ପରି । ଏ ଦୁଇପ୍ରକାର ସୋମ ବୃକ୍ଷାଗ୍ରକୁ ଅବଲମ୍ବନ କରିଥାନ୍ତି । ଅନ୍ୟଗୁଡ଼ିକର ପତ୍ରରେ ମଣ୍ଡଳଚିହ୍ନ ଥିବାପରି ଦିଶେ ।

ସବୁପ୍ରକାର ସୋମର ୧୫ଟି ଲେଖାଁଏ ପତ୍ର ଥାଏ । ସବୁଥିରୁ କ୍ଷୀର ବାହାରେ ଓ ସବୁଥିରେ କନ୍ଦା ଥାଏ ଓ ପ୍ରତ୍ୟେକ ଲତାଜାତୀୟ । ପତ୍ରଗୁଡ଼ିକ ନାନା ପ୍ରକାରର । ଚନ୍ଦ୍ରକଳାର କ୍ଷୟ ବୃଦ୍ଧି ନେଇ ସୋମପତ୍ର ପନ୍ଦରଟି ମଉଳୁଥାଏ ଓ ଜଅଁଳୁଥାଏ । ତେଣୁ ଚନ୍ଦ୍ରହିଁ ସୋମର ଅଧିଦେବତା । ସର୍ବବିଧ ସୋମର ଗୁଣ ସମାନ ।

ଏସବୁ ସୋମଲତା ହିମାଳୟ, ଅର୍ବୁଦ, ସହ୍ୟ, ମହେନ୍ଦ୍ର, ମଳୟ, ଶ୍ରୀ, ଦେବଗିରି, ଦେବସହ, ପାରିଯାତ୍ର, ଓ ବିନ୍ଧ୍ୟପର୍ବତରେ ତଥା ଦେବସୁନ୍ଦ ହ୍ରଦରେ ଦେଖାଯାନ୍ତି । ବିତସ୍ତା ନଦୀର ଉତ୍ତରରେ ଥିବା ପାଞ୍ଚଟି ପର୍ବତମାଳାର ପାଦଦେଶରେ ବହିଯାଉଥିବା ସିନ୍ଧୁନଦୀର ସ୍ରୋତରେ ଚନ୍ଦ୍ରମାସୋମ ଏଠି ସେଠି ପାଣିରେ ଶୈବାଳପରି ଭାସୁଥାଏ । ସେଇଠି ମଧ୍ୟ ମୁଞ୍ଜବାନ୍ ଓ ଅଂଶୁମାନ ସୋମ ଦୃଷ୍ଟ ହୁଏ । ଗାୟତ୍ର୍ୟ, ତ୍ରୈଷ୍ଟୁଭ, ପାଂକ୍ତ, ଜାଗତ, ଶାକ୍ବର ଏବଂ ଅନ୍ୟାନ୍ୟ ଚନ୍ଦ୍ରସମ ସୁନ୍ଦରାକୃତ ସୋମମାନେ କାଶ୍ମୀରର କ୍ଷୁଦ୍ର-ମାନସସରରେ ଦେଖାଯାନ୍ତି ।

ଏତେପ୍ରକାରର ସୋମ ଏତେ ଜାଗାରେ ଥିଲେ ବି ସମସ୍ତେ ତାର ସନ୍ଧାନ ପାଇବେନାହିଁ । ଅଧାର୍ମିକ, କୃତଘ୍ନ, ମନ୍ଦଭାଗ୍ୟ ତଥା ଔଷଧଦ୍ଵେଷୀ ଓ ବ୍ରହ୍ମଦ୍ଵେଷୀ ଲୋକେ ସୋମକୁ ଖୋଜିଲେ ପାଇବେନାହିଁ । ଏମାନଙ୍କୁ ସୋମ ଦେଖିଲେ ଉଭେଇ ଯାଆନ୍ତି ।

ସୋମର ସନ୍ଧାନ ମିଳିଗଲେ ବି ତାକୁ ଖ... ଖଜୁରିଚାଢ଼ ପରି ହେଲାପୂର୍ବକ ଖାଇଦେଲେ ହେ... ନାହିଁ । ତା'ର ସେବନ ବିଧି ବଡ଼ ଜଟିଳ ।

## ସେବନବିଧି:—

ଯେ କୌଣସି ସୋମ ପାନ କରିବାକୁ ଇଚ୍ଛା କଲେ... ପ୍ରଥମେ ସୋମପାୟୀ ଘୃତାଦି ଦ୍ରବ୍ୟ ସଙ୍ଗାଡ଼ି ରକ୍ଷିରେ ନିବେଷ୍ଟିତ ଘର ମଧ୍ୟରେ ତାହା ପାନ କରାଯାଏ । ସୋ... ସେବନ ପୂର୍ବରୁ ପ୍ରଥମେ ଦେହର ଦୋଷ ସବୁ... ନିରାକରଣ କରି ଶୁଦ୍ଧ ହେବାକୁ ପଡ଼ିବ । ଏଥିପୂର୍ବ... ବମନ ବିରେଚନାଦି କ୍ରିୟା କରି ବିଧିବ ପେୟାଦି... ବ୍ୟବସ୍ଥା କରିଥିବା ପ୍ରଶସ୍ତ ତିଥି, ନକ୍ଷତ୍ର, କରଣ... ମୁହୂର୍ତ୍ତାଦି ଦେଖି ନିବୃତ ଗୃହ ମଧ୍ୟରେ ପ୍ରବେ... କରିବ । ଋତ୍ଵିକମାନେ ସୋମକୁ ମନ୍ତ୍ରପୂତ କ... ଅଗ୍ନିରେ ନିକ୍ଷେପ କଲାପରେ ସ୍ଵର୍ଣ୍ଣସୂଚୀ ଦ୍ଵାରା ସୋମ... କନ୍ଦକୁ ବିନ୍ଧି କରି ସ୍ଵର୍ଣ୍ଣପାତ୍ରରେ ରସ ସଂଗ୍ରହ କରିବେ । ପ୍ରଥମେ ଅର୍ଦ୍ଧମାତ୍ରା ସେବନ କରିବା ବିଧି, ସୋମପାନ... ପରେ ଆଚମନ କରିବ । ଅବଶିଷ୍ଟ ରସ ଜଳରେ... ନିକ୍ଷେପ କରିବ । କାୟ ମନୋବାକ୍ୟ ସଂଯତ କରି ସେ... ଘରେ ବାସ କରିବ । ସୁହୃଦ୍‌ଜନ ପରିବେଷ୍ଟିତ ହୋଇ... ସୋମପାନ କରିବ । ଦିନବେଳା ଭୁଲ୍‌ରେ ବି ଶୋଇବ... ନାହିଁ । ସାୟଂକାଳରେ ଭୋଜନ ପରେ ମଙ୍ଗଳପାଠ... ପୂର୍ବକ କୃଷ୍ଣାଜିନାବୃତ କୁଶ - ଶଯ୍ୟାରେ ଶୋଇବ । ପ୍ରାତଃକାଳରେ ମଙ୍ଗଳପାଠ ସହ ଗୋସ୍ପର୍ଶ କରିବ । ସୋମ ଜୀର୍ଣ୍ଣ ହେଲେ ବମନ ହୁଏ ଓ ତହିଁରେ... କୃମି ସବୁ ବାହାରି ଆସିବେ । ତା'ପରେ ସନ୍ଧ୍ୟାରେ... ଶୀତଳ ଦୁଗ୍ଧ ପାନ କରିବ । ୩ୟଦିନ କୃମିସହ... ଅତିସାର ହେବ । ଏହାଦ୍ଵାରା ଅନିଷ୍ଟଭୋଜନ ଜନିତ... ଦୋଷ ଗୁଚିଯିବ । ୪ର୍ଥ ଦିବସରେ ଶରୀର ଫୁଲିଉଠିବ... ସେଦିନ ଧୂଳିରେ ଗଡ଼ି ଶୟନ କରିବ । ଏଣୁ... ଦୁଗ୍ଧପାନ ଦ୍ଵାରା ୫।୬ଦିନ କଟାଇବା ଦ୍ଵାରା ଦେହ... ଅସ୍ଥି ଚର୍ମସାର ହୋଇଯିବ । କେବଳ ନିଃଶ୍ଵାସଟି ଯାଉ... ଥିବ ଆସୁଥିବ । ଜୀବନ କିନ୍ତୁ ଚାଲିଯିବ ନାହିଁ । ୭ମ...

ଦିନରେ ଦୁଗ୍ଧସ୍ନାନ କରି ଦେହରେ ତେଲ, ଯଷ୍ଟିମଧୁ, ଓ ଚନ୍ଦନ ବୋଲିହେବ । ୮ମ ଦିନରେ ସେଇପରି ଦୁଗ୍ଧସ୍ନାନ କରି ଚନ୍ଦନ ବୋଲିହୋଇ କ୍ଷୌମଶଯ୍ୟାରେ ଶୋଇବ । ସେଦିନ ଚର୍ମର ପରିବର୍ତ୍ତନ ହେବ, ଦନ୍ତ, ନଖ, ରୋମ ଖସିଯିବ । ୯ମ ଦିନ ସୋମକ୍ୱାଥରେ ଦେହ ଧୋଇବ । ୧୦ମ ଦିନ ବି ସେଇଆ କରିବ । ଏରୂପେ ୧୬ଶ ଦିନ ପର୍ଯ୍ୟନ୍ତ ନିଷ୍ଠାରେ ରହିଲେ ତା'ପରେ ଚର୍ମ, ନଖ, ଦନ୍ତ, ଆଦି ନୂତନ ହୋଇ ବାହାରି ସର୍ବାଙ୍ଗ ଜ୍ୟୋତିଷ୍ମାନ୍ ହୋଇ ଉଠିବ । ତାପରେ ଅନ୍ନ ଭକ୍ଷଣ କରିବାପରେ କେଶ ନୀଳୋତ୍ପଳ, ଅଥବା ଅତସୀ ଅଥବା ବୈଦୁର୍ଯ୍ୟସଙ୍କାଶ ହୋଇ ଉଠିବ । ଏହାପରେ ପ୍ରଥମ ଗୃହରୁ ବାହାରି ୨ୟ ଗୃହକୁ ସୋମପାୟୀ ପଶିବେ । ଆମଳକୀ, ଯବସୂପ, ବିବିଧ ବ୍ୟଞ୍ଜନାଦି ଆସ୍ୱାଦନ କରି ସେଠି ବିଧାନାନୁଯାୟୀ ୧୦ଦିନ କଟାଇବେ । ପୁଣି ୩ୟ ଗୃହରେ ଅବସ୍ଥାନ କରି ଅଳ୍ପ-ଆତପ, ବାୟୁ ସେବନ କରିବା ସଙ୍ଗେ ସଙ୍ଗେ ଘରଭିତରେ ରହିବେ । ନବଜାତ ଅପୂର୍ବ ରୂପକୁ ଦର୍ପଣରେ ଦେଖିନେବାକୁ ହେବନାହିଁ । କାମକ୍ରୋଧାଦି-ରିପୁଙ୍କୁ ଦମନ କରି ପୁଣି ୧୦ ଦିନ ସଂଯମ ଦ୍ୱାରା କଟାଇବ । ଏପରି କଲେ ଅଣିମାଦି ଅଷ୍ଟୈଶ୍ୱର୍ଯ୍ୟ ମଧ୍ୟ ମିଳିଥାଏ । ଶୂଦ୍ର ଭିନ୍ନ ଅନ୍ୟ ଜାତି ସୋମପାନର ଅଧିକାରୀ ।

## ସୋମପାନର ଗୁଣ: —

ବିଧାନାନୁଯାୟୀ ସୋମପାନ କଲେ ୧୦ ସହସ୍ର ବର୍ଷ ପରମାୟୁ ହୁଏ । ଅଗ୍ନି ତାକୁ ଦହିବନାହିଁ, ଜଳ ବୁଡ଼ାଇବ ନାହିଁ, ବିଷଶସ୍ତ୍ର କାଟି କରିବ ନାହିଁ, କ୍ଷୀରୋଦତୀର, ଇନ୍ଦ୍ରଭବନ, ତଥା ଉତ୍ତରକୁରୁ ପ୍ରବେଶ ସୁଗମ ହୋଇ ଉଠିବ । ଅର୍ଥାତ୍ ସେ ସାକ୍ଷାତ୍ ଦେବତା ହୋଇଯିବେ । ସୋମପାୟୀ ରୂପରେ କନ୍ଦର୍ପ ଓ କାନ୍ତିରେ ଚନ୍ଦ୍ରପରି ହୋଇଯାନ୍ତି । ସେ ସମସ୍ତଙ୍କୁ ଖୁସି କରାଇ ପାରିବେ । ସବୁ ଶାସ୍ତ୍ର ତାଙ୍କ ମୁହଁରେ ପଇଟେଇ ହୋଇଯାଏ ।

ଏଇଥିଲାଗି ସୋମ ଦେବତା ରୂପେ ଗୃହୀତ । ବେଦରେ ଇନ୍ଦ୍ର, ଅଗ୍ନିଙ୍କୁ ଛାଡ଼ିଦେଲେ ସୋମଙ୍କ ମହତ୍ତ୍ୱ ୩ୟ ସ୍ଥାନ ଅଧିକାର କରିଛି । ଋଗ୍‌ବେଦ, ଶତପଥ ବ୍ରାହ୍ମଣ, ତୈତ୍ତିରୀୟ ସଂହିତା, ତୈତ୍ତିରୀୟ ବ୍ରାହ୍ମଣ ଗ୍ରନ୍ଥରେ ସୋମ ପ୍ରଶସ୍ତି ବହୁଳ ଭାବେ ଗାନ କରାଯାଇଛି । ସେ ସବୁରୁ ସମାନ୍ତରାଳ ପଂକ୍ତି ଉଦ୍ଧାର କରି ପ୍ରବନ୍ଧର କଳେବର ବୃଦ୍ଧି ନକରି ତାର ମୋଟାମୋଟି ଭାବ କେତୋଟି ଦିଆଗଲା ।

ଋଗ୍‌ବେଦର ସମଗ୍ର ୯ମ ମଣ୍ଡଳଟି ସୋମଦେବଙ୍କ ସ୍ତୁତିଗାନରେ ପୂର୍ଣ୍ଣ । ଅନ୍ୟାନ୍ୟ ସ୍ଥାନରେ ବି ସେ ମନ୍ତ୍ର ବହୁଶଃ ଦେଖାଯାଏ । ଏସବୁରୁ ଜଣା ପଡ଼େ ସତେ ଯିମିତି ସୋମଲତା ଏବଂ ତାର ରସହିଁ ଆର୍ଯ୍ୟମାନଙ୍କ ଆଖିରେ ସର୍ବଶ୍ରେଷ୍ଠ ମହୌଷଧି । ସାମାନ୍ୟ ଲତାମାତ୍ର ବୋଲି ନଭାବି ତାର ଅପୂର୍ବ ଶକ୍ତି ଦୃଷ୍ଟିରୁ ସେ ଦେବତା ରୂପେ ସ୍ତୁତ । ପଥରଦ୍ୱାରା ସୋମଂପେଷଣ ବିଧି ସୁନ୍ଦର ଭାବରେ ବର୍ଣ୍ଣିତ । ପଶମଛାଙ୍କୁଣୀ ଦେଇ ସୋମରସ କାଷ୍ଠପାତ୍ରରେ ଦେବକାର୍ଯ୍ୟପାଇଁ କପରି ଋଷିଜନମାନ କରନ୍ତି, ଦଶଅଙ୍ଗୁଳି ଲଗାଇ କପରି ସଂଗ୍ରହ କରାଯାଏ, ଏସବୁର ବର୍ଣ୍ଣନା ବହୁ ସୂକ୍ତରେ ରହିଛି । ଦଶ-ଅଙ୍ଗୁଳି ୧୦ଟି ଭଗିନୀ ଏବଂ ସେଗୁଡ଼ିକ ବିବସ୍ୱତଙ୍କ କନ୍ୟା ରୂପେ ବର୍ଣ୍ଣିତ । ଗୋଚର୍ମ ଉପରେ ସୋମକନ୍ଦା ପଥର-ଦ୍ୱାରା ପେଷିତ ହୁଏ । ମେଷଲୋମର ଛାଙ୍କୁଣୀରେ ତାହା କାଷ୍ଠପାତ୍ରକୁ ଯାଏ । ପାତ୍ରରେ ପଶିଲାବେଳେ ସୋମ ମହିଷ ପରି ଗଡ କରେ । କେତେବେଳେ ବା ଚଢେଇ ପରି ପଶିଯାଏ । ପାଣିରେ ମିଶିଲାବେଳେ ଢେଉପରି ଜଳମଧ୍ୟରେ ପଶେ । ପଶିଲାବେଳେ ଗୀତ ଶୁଣି ଶୁଣି ପଶେ । ତା'ସହ ଦୁଧ ମିଶାଇଲା ବେଳେ ଗୋଚର୍ମର ବସ୍ତ୍ର ତାକୁ ଦିଆଯାଏ । ପାତ୍ରରେ ପଶିଲାବେଳେ ଯୋଦ୍ଧାପରି ଗର୍ଜ୍ଜନ କରି କରି ରଥ ପଶେ । ସୋମରସର ବର୍ଣ୍ଣ ହଳଦିଆ । ତା'ର ଉଜ୍ଜ୍ୱଳତା ସୂର୍ଯ୍ୟ ସହ ତୁଳିତ ।

ସୋମ ଉଦ୍ଭିଦମାନଙ୍କ ମଧ୍ୟରେ ଶ୍ରେଷ୍ଠବୋଲି ତାକୁ ବନସ୍ପତି ଆଖ୍ୟା ଦିଆଯାଇଛି । ପ୍ରଧାନତଃ ତାକୁ

ପବମାନ, ଇନ୍ଦୁ, ରାଜା, ସମ୍ରାଟ୍, ଆଦି ନାମରେ ନାମିତ କରାଯାଇଛି । ତାହା ଇନ୍ଦ୍ରଙ୍କର ପ୍ରଧାନ ପାନୀୟ ଜାଣି ତାଙ୍କ ଉଦ୍ଦେଶ୍ୟରେ ଅର୍ପିତ ହୁଏ । ସେ ସୋମପାନ କରି ବଳିଷ୍ଠ ହୁଅନ୍ତେ ପ୍ରଜାଙ୍କୁ ଖାଦ୍ୟଶସ୍ୟ ଆଣିଦିଅନ୍ତି ଓ ଅସୁରଙ୍କୁ ନିପାତ କରନ୍ତି । ଏହା ପର୍ବତରୁ ବେଶୀ ମିଳେ ବୋଲି ଗିରିସ୍ଥ ବା ପର୍ବତଜାତ ବୋଲି ବର୍ଣ୍ଣିତ । ଏହା ସ୍ୱର୍ଗରେ ଥିଲା ଓ ଶ୍ୟେନ ତାକୁ ଭୂପୃଷ୍ଠକୁ ଆଣିଛି । ଋଗ୍‌ବେଦର କେତେକ ସୂକ୍ତରେ ସୋମର ଅନ୍ୟନାମ ଚନ୍ଦ୍ର ହୋଇଯାଇଛି । ଦେବତା ଓ ପିତୃଲୋକମାନେ ଉତ୍ତରକ୍ରମରେ ତାର କଳାଏ ଲେଖାଁ ଖାଇଯାଆନ୍ତି । ପରେ ପୁଣି ସୂର୍ଯ୍ୟ ତାକୁ ବଢାଇ ଦିଅନ୍ତି । ଚନ୍ଦ୍ର ପାଣି ଫୁଲାଇ ଉଦୟ ହେଲାପରି, ସୋମ ପାଣିରେ ମିଶି ବଢ଼ି ଉଠୁଥିବାରୁ ଏବଂ ଉଭୟଙ୍କ ମାଦକ ଗୁଣ ସମାନ ଥିବାରୁ ଲତାସୋମ ଆକାଶର ଚନ୍ଦ୍ରସୋମରେ ପରିଣତ ହୋଇଥିବା ଅନୁମେୟ । ଇନ୍ଦୁ (ବିନ୍ଦୁ) ଉଭୟଙ୍କର ସାମାନ୍ୟ ନାମ ।

ଶତପଥ ବ୍ରାହ୍ମଣରେ "ଏଷ ବୈ ସୋମ ରାଜା ଦେବାନାମନ୍ନଂ ଯଚ୍ଚନ୍ଦ୍ରମାଃ" (୧ମ କାଣ୍ଡ— ୬।୪।୫) ଅନୁଯାୟୀ ରାଜାସୋମ ଦେବତାଙ୍କ ଖାଦ୍ୟ ଏବଂ ତାହାହିଁ ଚନ୍ଦ୍ରମା ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି । ଏଥିରେ ପୁଣି ଉଲ୍ଲେଖ ଅଛି— ଯେତେବେଳେ ଗାୟତ୍ରୀ ସୋମଙ୍କ ପାଖକୁ ଗତି କଲେ, ଜଣେ ପାଦହୀନ ଧନୁର୍ଦ୍ଧର ତାଙ୍କୁ ଲକ୍ଷ୍ୟକରି ଧନୁ ଛାଡ଼ନ୍ତେ, ସୋମଙ୍କର ପରଟିଏ କଟିଗଲା ଏବଂ ତାହା ତଳେ ପଡନ୍ତେ ପର୍ଣ୍ଣ ହୋଇଗଲା । ତେଣୁ ସୋମ 'ପର୍ଣ୍ଣୀ' ମଧ୍ୟ କୁହାଯାନ୍ତି ।

ଭୂପୃଷ୍ଠର ସୋମ ଆକାଶର ସୋମସହ ଅଭିନ୍ନ ହେଉ ହେଉ କ୍ରମେ ସୋମ ବୋଇଲେ ଚନ୍ଦ୍ର ବୁଝା-ଇବା କଥା ଋଗ୍‌ବେଦରୁ ମଧ୍ୟ ଆଭାସ ମିଳୁଛି ।

ସୋମେନାଦିତ୍ୟା ବଳିନଃ ସୋମେନ ପୃଥିବୀ ମହୀ,
ଅଥୋ ନକ୍ଷତ୍ରାଣାମେଷାମୁପସ୍ଥେ ସୋମ ଆହିତଃ ।
(୧୦—୮୫ । ୨)

ଅର୍ଥ—

ସୋମଙ୍କ ଦ୍ୱାରା ଆଦିତ୍ୟମାନେ ବଳଶାଳୀ । ସୋମଙ୍କ ଦ୍ୱାରା ପୃଥିବୀ ମହୀୟସୀ । ସେଇ ସୋମ ନକ୍ଷତ୍ରମାନଙ୍କ ସମୀପରେ ବାସ କରନ୍ତି । ଏ ... ସୋମ ଯେ ନକ୍ଷତ୍ରାଙ୍କ ଶୋଭିତ ଚନ୍ଦ୍ରମା ଏବଂ ... ଶସ୍ୟବର୍ଦ୍ଧନ କରନ୍ତେ ପୃଥିବୀ ଐଶ୍ୱର୍ଯ୍ୟଶାଳିନୀ ହୋଇ... ଏହା ପ୍ରତିପନ୍ନ । ପୁଣି ତା'ପର ସୂକ୍ତ କହୁଛି—

ସୋମଂ ମନ୍ୟତେ ପପିବାନ୍, ଯତ୍ ସଂପିଂଷନ୍ତ୍ୟୋଷଧି...
ସୋମଂ ଯଂ ବ୍ରହ୍ମଣୋ ବିଦୁର୍ନ ତସ୍ୟାଶ୍ନାତି କଶ୍ଚନ—

ଅର୍ଥ—

ଯେଉଁ ସୋମକୁ ପୂର୍ବେ ବଲ୍ଲୀରୂପେ ପେଷଣ କ... ତାର ରସ ପିଆଯାଉଥିଲା, ତାହା ସାକ୍ଷାତ୍ ସୋ... ନୁହେଁ । ବରଂ ବ୍ରାହ୍ମଣମାନେ ଯାହାକୁ ସୋମ ବୋ... ଜାଣନ୍ତି, ତାକୁ କେହି ପିଅନ୍ତିନାହିଁ— ଅର୍ଥାତ୍ ... ଚନ୍ଦ୍ର ।

ପର୍ବତସ୍ଥ ସୋମ ଓ ନଭସ୍ଥ ସୋମ ନେଇ ଏ... ରୂପ ସନ୍ଦେହ ଋଗ୍‌ବେଦରେ ଦର୍ଶାଯାଇଥିଲେ ... ଲୋକେ ଯେ ସୋମଲତାର ରସ ପାନ କରୁଥିଲେ ଏକଥା ଅନ୍ୟାନ୍ୟ ବହୁ ସ୍ଥାନରେ ପ୍ରମାଣିତ । ଶତପ... ବ୍ରାହ୍ମଣରେ ମୂଲକରି ତାର କିଣାବିକା କଥା ... ଉଲ୍ଲିଖିତ ।

"ସ ବୈ ରାଜାନଂ ପଣତେ । ସ ଯଦ୍ ରାଜା... ପଣତେ ତସ୍ମାଦିଦଂ ସର୍ବଂ ପଣ୍ୟଂ ... ସୋମ, ସୋମ ବିକ୍ରୟିନ୍ କ୍ରୟ୍ୟସ୍ତେ ସୋମୋ ରାଜା"... (କ୍ରୟକାଣ୍ଡ— ଶତପଥ ବ୍ରାହ୍ମଣ— ୩ । ୩ । ୧...) ଇତ୍ୟାଦି ।

ଏଠି ବର୍ଣ୍ଣିତ ଅଛି— ସୋମରାଜାଙ୍କୁ କି... ବେଳେ ଦର କରାଯାଏ । କ୍ରେତା କହନ୍ତି, "... ସୋମ ବିକ୍ରୟିନ୍ ! ଆପଣଙ୍କର ବିକିବାକୁ ସୋମ ଅ... ସେ କହନ୍ତି— "ହଁ ବିକ୍ରୀଲାଗି ସେ ଅଛନ୍ତି ।" ଆପଣଙ୍କଠାରୁ କିଣିବି ।" "ହଉ କିଣ" । "କଳାଏ (ଏକଷୋଡଶାଂଶ) ଦେଇ କିଣିବି" । "ନା, ନା, ସୋମରାଜାଙ୍କ ମୂଲ୍ୟ ତା'ଠୁ ବେଶୀ, ମୂଲ୍ୟ ଦେଇ କିଣ" ।

ଗାଈର ୮ଟି ଶଫ଼ ବା ଖୁର ଥିବାରୁ, ଏକ ଅଷ୍ଟମାଂଶ ଦେଇ କିଣିବାକୁ କୁହାଯାଇଛି । ବେଳେ ବେଳେ ଗାଈର ଗୋଟିଏ ପାଦମୂଲ୍ୟ ଅର୍ଥାତ୍ ଏକଚତୁର୍ଥାଂଶ କିମ୍ବା ଅଧାମୂଲ ଦେଇ କିଣିବାକୁ କୁହାଯାଏ । ଅଥବା ପୁରୁଗାଈ ବିନିମୟରେ କିଣାଯାଏ । ଏଠି ଉଲ୍ଲେଖ ରହିଛି— ଚନ୍ଦ୍ (ଅର୍ଥାତ୍ ସୁନା), ଲୁଗା ବା ଚର୍ମବସ୍ତ୍ର, ଛାଗୀ ଗୁଣ୍ଡିଏ, ଦୁଗ୍ଧବତୀ ଗାଭୀ, ହଳେ ବଳଦ ବା ଧେନୁ, ଅଦର ବିନିମୟରେ କିଣିବାକୁ ଦର କରାଯାଏ ।

କିଣା ସରିଲେ, ବଳୀପାଗାରେ ଦକ୍ଷିଣରେ ଥିବା ବଳଦଗାଡ଼ିରେ କୃଷ୍ଣାଜିନ ଉପରେ ନେଇ ତାଙ୍କୁ ସ୍ଥାପନ କରାଯାଏ । ଅଜିନ ବା ଛାଲର ଲୋମଥିବା ପାଖ ଉପରକୁ ରହେ ଏବଂ ବେକପାଖ ପୂର୍ବକୁ ରହେ । ତା'ପରେ ସୋମରାଜାଙ୍କୁ ଢଙ୍କାଯାଏ । ଦୁଇଖଣ୍ଡ ଛାଲ ଥିଲେ ଅନ୍ୟ ଖଣ୍ଡେ ପତାକାପରି ଠିଆକରି ରଖାଯାଏ । ଦୁଷ୍ଟ ଦେବତାଙ୍କ କବଳରୁ ସୁରକ୍ଷିତ ହେଲପରି ବିଧାନ କରି ଗାଡ଼ି ଚଳାଯାଏ । ସୁବ୍ରହ୍ମଣ୍ୟ (ସୋମଗାନର ଜଣେ ସହାୟକ) ଦୁଇଖଣ୍ଡ ପଟାରେ ଗୋଡ଼ ଥୋଇ ଠିଆହୋଇ ଗାଡ଼ି ବାହନ୍ତି । ଗୋଟିଏ ବଡ଼ ପ୍ରକୋଷ୍ଠ ସାମନାରେ ଗାଡ଼ି ରହେ । ଅଧ୍ୱର୍ଯ୍ୟୁ ସୋମରାଜାଙ୍କ ଉପରୁ ଆଚ୍ଛାଦନ କାଢ଼ି ପକାଇ ଉଦୁମ୍ବର କାଷ୍ଠନିର୍ମିତ ସିଂହାସନକୁ ଋତ୍ୱିକଗଣଙ୍କ ଦ୍ୱାରା ଆନୀତ ହେବାପରେ ତହିଁରେ ବସେ କରାନ୍ତି ଓ ପ୍ରକୋଷ୍ଠ ଭିତରକୁ ନିଅନ୍ତି । ତାଙ୍କୁ ଆତିଥ୍ୟ ଦେଖାଇ ପୂଜା କରାଯାଏ କାରଣ ସୋମ ସେହି ସୋମଯାଜୀଙ୍କର ବିଶିଷ୍ଟ ଅତିଥି ହୋଇ ଆସିଥାନ୍ତି ।

ରସପ୍ରାପ୍ତି ଲାଗି ପ୍ରଥମେ ସୋମକୁ ୮ଥର, ତା'ପରେ ୧୧ଥର, ୧୨ଥର, ତାପରେ ୨୪ଥର— ଏପରି ପର୍ଯ୍ୟାୟରେ ପେଷାଯାନ୍ତେ ତହିଁରୁ ରସ ବାହାରେ । ତାକୁ ଗ୍ରହ (ପାତ୍ର)ରେ ସଂଗ୍ରହ କରାଯାଏ । 'ମହାଭିଷବ' ଉତ୍ସବରେ ତାକୁ ପେଷାଯାଏ । ମହାଭିଷବ ବୋଇଲେ 'ମହାପେଷଣ' ।

ସୋମ ନମିଳିଲେ, ଯଜ୍ଞନିମିତ୍ତ ଦ୍ୱିବିଧଫାଲ୍ଗୁନ, ଅଥବା ରକ୍ତପୁଷ୍ପକ ଅଥବା ଧୂମ୍ରପୁଷ୍ପକ ଗୁଳ୍ମ ଅଥବା ଶ୍ୟେନାହୃତ ଗୁଳ୍ମ, ଅଥବା ଆଦାର ଗୁଳ୍ମ, ଏବଂ ଧୂସର ଓ ମୀଡଲୁଶ ବ୍ୟବହୃତ ହୁଏ । ଶତପଥ ବ୍ରାହ୍ମଣରେ ମଧ୍ୟ ପୂର୍ବୋକ୍ତ ସୁଶ୍ରୁତବର୍ଣ୍ଣନାନୁଯାୟୀ ଗାୟତ୍ରୀ, ତ୍ରିଷ୍ଟୁଭ୍, ଜାଗତ ଆଦି ସୋମଲତାର ଭେଦ କଥା ବର୍ଣ୍ଣିତ ହୋଇଛି । କାଳକ୍ରମେ ଅସଲସୋମ ଦୁଷ୍ପ୍ରାପ୍ୟ ହୁଅନ୍ତେ ବିନିମୟରେ ଅନ୍ୟ ଗୁଳ୍ମ ବ୍ୟବହୃତ ହୋଇଥିବା ଅନୁମେୟ ।

ସୋମଲତାର ଗୁଣରେ ଆର୍ଯ୍ୟମାନେ ଏତେ ମୁଗ୍ଧ ଥିଲେ ଯେ, ତାଙ୍କୁ ସୂର୍ଯ୍ୟଙ୍କ ସହ ବିବାହ କରାଇଥା, (ଯହିଁରେ ଅଶ୍ୱିନୀକୁମାର ଦ୍ୱୟ କନ୍ୟାପକ୍ଷୀୟ ଏବଂ ଅଗ୍ନିଙ୍କୁ ବରପକ୍ଷୀୟ ବୋଲି କହୁଛନ୍ତି ।) ସୂର୍ଯ୍ୟଙ୍କ ତେଜଦାତା କହିବା, ତାଙ୍କୁ ସମୁଦ୍ର, ବିଶ୍ୱବିଦ୍, ଅନ୍ତରୀକ୍ଷ, ପୃଥିବୀ, ପବମାନ, ସୂର୍ଯ୍ୟ, ଓ ଜ୍ୟୋତି ରୂପେ ଆଖ୍ୟାୟିତ କରିଥିବା ଋକ୍‌ବେଦରୁ ଜଣା ପଡୁଛି । (୯ମ ମଣ୍ଡଳ ପଠିତବ୍ୟ ।)

ପାରସିକମାନଙ୍କ ଧର୍ମଗ୍ରନ୍ଥ ଜିନ୍ଦାବେସ୍ତାରେ ସୋମ ବା Haomaର ବର୍ଣ୍ଣନା ବି ରହିଛି । ସେଥିରେ ବି ହାଓମ ପର୍ବତଶିଖରରେ ଥିବା, ଶ୍ୟେନ ତାକୁ ଭୂପୃଷ୍ଠକୁ ଆଣିଥିବା ବାର୍ତ୍ତା ପଢ଼ିବାକୁ ମିଳେ । ସେଥିରେ ବି ତାହା ଚନ୍ଦ୍ର ଓ ସୂର୍ଯ୍ୟଙ୍କ ସହ ଅନ୍ୱିତ । ଅହୁର (ଅସୁର — ଅସୂନ୍ ପ୍ରାଣାନ୍ ରାତି ଯଃ ଦେବତା) ତାର ପ୍ରଥମ ଉଦ୍ଭାବକ । ବେଦରୁ ଇନ୍ଦ୍ର ତାକୁ ପୃଥିବୀକୁ ଆଣିଥିବା ଉଲ୍ଲେଖ ରହିଛି । ଇନ୍ଦ୍ରଙ୍କ ବଜ୍ରକୁ ମଧ୍ୟ ସୋମ ବୋଲି କୁହାଯାଇଛି । (ଅତ୍ର ସୋମ ଇନ୍ଦ୍ରଯ୍ୟୋ ରସୋବଜ୍ରଃ ସହସ୍ରସାଭୁବତ୍ର । ଉକ୍‌ଥ ଯଦସ୍ୟ ଜାୟତେ । ୯ମ ମଣ୍ଡଳ ୪୭ । ୩)

ଆର୍ଯ୍ୟମାନଙ୍କର ସୋମଯଜ୍ଞ ଓ ପାରସିକଙ୍କ ହାଓମଯଜ୍ଞର ଯୋଗସୂତ୍ର ରହିଛି । ଯଜ୍ଞରେ ସୋମଲତାର ପତ୍ର, ଚେର, କାଣ୍ଡ, ସବୁ ପେଷିତ ହେଉଥିଲା । ଅଦୃଶ୍ୟ ଦେବତାଙ୍କ ଉଦ୍ଦେଶ୍ୟରେ ସେ ରସକୁ ଅଗ୍ନିରେ ଆହୁତି ଦିଆଯାଉଥିଲା, ଅବଶେଷକୁ ଯଜମାନ ପାନ କରୁଥିଲେ ।

Prof. Spiegelଙ୍କ ଉକ୍ତି ଅନୁଯାୟୀ ବମ୍ବେବାସୀ ପାର୍ସିମାନେ ଅଦ୍ୟାପି ତାଙ୍କ ପୁରୋହିତ ମାନଙ୍କୁ ପଠାଇ

କେର୍‌ମେନ୍ ନାମକ ସ୍ଥାନର ପାହାଡ଼ମାନଙ୍କରୁ ସୋମଜାତୀୟ ଲତା ଅଣାଇ ହୋମ କରୁଛନ୍ତି । ପୁନା ନିକଟବର୍ତ୍ତୀ ପାହାଡ଼ମାନଙ୍କରୁ ଏକପ୍ରକାର ଗୁଳ୍ମରୁ ସୋମ କହ୍ନ ମଦ୍ୟ ପ୍ରସ୍ତୁତ କରାଯାଉଛି । ତାହା ଚାଖିବାକୁ ପିତା ଲଗେ ।

ସୋମ ପାନକରି ଯେ ଅସାଧାରଣ ସ୍ଵରୂପ ଓ ବ୍ୟକ୍ତିତ୍ଵ ଲାଭ କରୁଥିଲେ ତାଙ୍କୁ ସୌମ୍ୟ କୁହାଯାଉଥିଲା । ଆଜି ସୌମ୍ୟ ବୋଇଲେ ଢିଲା ଅର୍ଥରେ ସାଧାରଣ ସୁନ୍ଦରତାକୁ ବୁଝାଉଛି ।

ତୈତ୍ତିରୀୟ ସଂହିତାରେ ପୌରାଣିକ ଆଖ୍ୟାନପରି ସୋମସମ୍ପର୍କୀୟ ଏକ ସୁନ୍ଦର ଗଳ୍ପ ରହିଛି । ପ୍ରଜାପତି ତାଙ୍କର ୩୩ଗୋଟି କନ୍ୟାଙ୍କୁ ସୋମରାଜାଙ୍କୁ ଦାନ କରିଥିଲେ । ସୋମ ସେମାନଙ୍କୁ ସମାନ ଚକ୍ଷୁରେ ଦେଖି ପାରିଲେ ନାହିଁ । ସପତ୍ନୀବିଦ୍ୱେଷ ମହା କଷ୍ଟ ! ତହିଁରେ ପୁଣି ଭଗିନୀ ସପତ୍ନୀ ହେଲେ ଅଧିକ ଅସହ୍ୟ । ପଳେଇଲେ ସମସ୍ତେ ବାପଘରକୁ । ସୋମ ଯାଇ ବହୁ ଅନୁନୟ କଲେ । ସମସ୍ତଙ୍କୁ ସମାନ ଚକ୍ଷୁରେ ଦେଖିବାକୁ ପଣ କରନ୍ତେ ଦେବୀମାନେ ଫେରିଲେ । ତଥାପି ସୋମ ସାମ୍ୟଭାବ ରଖି ନପାରନ୍ତେ, ଅଭିଶପ୍ତ ହୋଇ କ୍ଷୟରୋଗାକ୍ରାନ୍ତ ହେଲେ ।

ତୈତ୍ତିରୀୟ ବ୍ରାହ୍ମଣରେ ଅଛି — ପ୍ରଜାପତି ସୋମ[ର] ସୃଷ୍ଟି କଲାପରେ ବେଦତ୍ରୟ ସୃଷ୍ଟି କଲେ । ସୋମ ତାଙ୍[କୁ] ହାତରେ ଧରିନେଲେ । ସୀତା ଓ ସାବିତ୍ରୀ ନାମ୍[ନୀ] ସୋମଙ୍କ ପତ୍ନୀ ଦୁହେଁ ତାଙ୍କ ଅନ୍ତରର ସ୍ନେହ ଭଲ [...] ପାଇଲେ ହେଁ ଶ୍ରଦ୍ଧାନାମ୍ନୀ ପତ୍ନୀଙ୍କପ୍ରତି ବେଶୀ ପ୍ରେ[...] ପ୍ରଣୟାସକ୍ତ ହେଲେ । ସୀତା କ୍ଷୁର୍ଣ୍ଣା ହୋଇ ବାପର[...] ଗୁହାରନ୍ତେ, ସେ ମନ୍ତ୍ରୋଚ୍ଚାରଣ ପୂର୍ବକ ତାଙ୍କୁ ଅକର୍ଷଣୀ ଶକ୍ତି ପ୍ରଦାନ କଲେ । ସେ ଫେରିଆସନ୍ତେ ସୋମ ଖୁ[...] ଗଲେ କରି ସଙ୍ଗସୁଖ ଲାଗି ଆଗ୍ରହୀ ହୁଅନ୍ତେ, ସୋମ[ଙ୍କ] ପ୍ରେମବିହ୍ଵଳତା ଲକ୍ଷ୍ୟକରି ସେ ତାଙ୍କ ହାତରେ କ[...] ଅଛିବୋଲି ଜାଣିବାକୁ ଇଚ୍ଛା କଲେ । ସେ ଶିନ[...] କୁଣ୍ଡାରେ ତିନିବେଦ ତାଙ୍କୁ ଦେଇଦେଲେ । ଏଇପରି ଅଲିଙ୍ଗନାଦିର ମୂଲ୍ୟସ୍ୱରୂପ ସ୍ତ୍ରୀମାନେ କିଛିନା କିଛି ଜିନିଷ ପ୍ରାର୍ଥନା କରନ୍ତିବୋଲି କୁହାଯାଇଛି ।

ବ୍ରହ୍ମବୈବର୍ତ୍ତାଦି ପୁରାଣ ମାନଙ୍କରେ ତେଣିକି ତେଣିକି ସୋମ ବିଷୟରେ ଯା'ସବୁ ରହିଛି ତାହ[ା] ବୈଦିକ ସୋମଠାରୁ ପୃଥକ୍ ହୋଇଯାଇଛି । ଉକ୍ତ ବ୍ରାହ୍ମଣମାନଙ୍କରେ ସୋମଙ୍କୁ କ୍ଷୟରୋଗୀ ତଥ[ା] ସ୍ତ୍ରୀବଶଗ ରୂପେ ଚିତ୍ରିତ କରିବାର ସାହସ ଅସିଗଲାଣି । ବୈଦିକ ସୋମର ଦେବତ୍ୱ କ୍ରମେ କ୍ଷୁଣ୍ଣହୋଇ କ୍ର[...] ମାନବିକତାର ଅଶେଷ ପୁରାଣମାନଙ୍କରୁ ସ୍ପଷ୍ଟ ।

* * *

# ସେ କାହୁଁ ବୁଝିବ ?

ଲେଖକ — ଶ୍ରୀ ଶ୍ୟାମାଚରଣ ଦାଶ

ପହିଲି ମାଘର ଗୁଡ ଅବା ଭୁଷା ଶୀତରେ,
ନୀରବ ନିସ୍ତବ୍ଧ ଭୁବନ ଶୀତଳ ନିଶିରେ,
ଚେତନହୀନ ମୁଁ ନିଦ୍ରାଦେବୀଙ୍କର ଅଙ୍କରେ,
ସ୍ଵପ୍ନ ମୁଁ ଦେଖେ ଅବଚେତନର କକ୍ଷରେ ।

ମୁଁ ଯାଉଛି ମୋର ଆତ୍ମୀୟ ସ୍ୱଜନ ଘରକୁ,
ସାଥେ ମୋର ପ୍ରିୟା, ଦୁଇ ବର୍ଷର କନ୍ୟା,
ପ୍ରିୟାକୁ କହିଲି ଟେରିଲିନ୍ ଶାଢ଼ୀ ପିନ୍ଧିବାକୁ,
ସଭ୍ୟ ଜଗତେ ବୋଲାଇବା ପାଇଁ ଧନ୍ୟା ।

ପଥରେ ପୁଛିଲି ତେଲେଙ୍ଗା ରିକସାବାଲାକୁ,
କେତେ ପଇସାରେ ନବାକୁ ମାଇଲେ ଦୂର,
ପଚିଶ ପଇସା ନ ଖସେ ଆଉ ତଳକୁ,
ନିବାକ ଥିଲି ମ୍ୟୁନସିପାଲିଟି ଦର ।

ଶ୍ରୀଚରଣ ସେବା ସମ୍ବଳ ଜର ବାହାରିଲ,
ଉଷେ ମାରୁଥିଲେ ପଶ୍ଚାତେ ମୋର ଗୃହିଣୀ,
ସଭ୍ୟତା କାନ୍ତେ ପୋଷ୍ଟର କେତେ ମାରମାର,
ପ୍ରତ୍ୟୁଷରମ୍ଭଖର ପଦଶର ମୋର ଗୃହମଣି ।

କେତେ ଦୂର ଯାଇ ପଛକୁ ମୁଁ ଯେବେ ଦେଖେଚ,
ପ୍ରିୟାମୋର ନାହିଁ-ଫେରେ ମୁଁ ପଛକୁ ତୁରତ,
କେତେକ୍ଷଣ ପରେ ସନ୍ଦେହ ହେଲା ଅତୀତ,
ପର ପୁରୁଷର ସବଗେ ମୋ ପ୍ରିୟା ବନ୍ଦୀ ଚ ।

×         ×         ×

ସହସା ଶାୟିତା ଝିଅ ଗର୍ଜିଲା ଉଠି,
ଗର୍ଜନେ ଗଲା ସପନ ମିନାର ଭାଙ୍ଗି,
ଗର୍ଜନେ ଗଲା ପ୍ରିୟା ମୋର ଯେବେ ଉଠି,
ପଚାରିଲି ମୁହିଁ ସପନ କଥାକୁ ହେଜ ।

କିଏ ସେ ପୂଜାର୍ଘ୍ୟ ସବଗର ଦୀପ ଜାଳି
ବନ୍ଦୁଥିଲା ଗୋ ତବ ଗୁଣ-ବୀଣା ବାଇ ?
କିଏ ସେ ଶ୍ଲାଘ୍ୟ ଯାହାର ବୁକୁରେ ଢାଳି
ସତୀ ସାଧ୍ୱୀର ସୁଧା ଯାଉଥିଲା ପିଇ ?

ଚକିତେ କପାଳେ କୁଞ୍ଚିତ ରେଖା ଟାଣି
ପ୍ରିୟା ମୋ କହିଲା – ପାଗଳ କି ତୁମେ ହୋଇଲ
ଦୁନିଆ ଯାକର ଉଦ୍‌ଭଟ ଯାହା
ଅଲୋଡ଼ା ଚିନ୍ତା ଆଣି
କବିତାର ତୁମ ବନିତାକୁ ତୁମେ
ମୋର କପାଳେ ଠୁକିଲ !

ସତ ନ ପାହୁଣୁ କିଉଛୁଣା କଥା
ଅଲକ୍ଷଣା ମୁଖୁଁ ଶୁଣି ।

ସତୀ ଅଭିମାନେ, ଦୁଃଖରେ ସିଏ
କରିଗଲା କେତେ ଗାଳି
ମେଣ୍ଢା ମୁଣ୍ଡିଆ କବି ଗୁଡ଼ାକର
କିଉଛୁଣା ଗୁଣ ଗୁଣି
ଚକ୍ଷୁରୁ ତାର ବୁହାଇଲା ସେ
ଅଶ୍ରୁର ଧାରବନ୍ୟା ।
ଲକ୍ଷଣଶୀଳା, ସରଳା, ଅବଳା,
ପତିବ୍ରତା କାହୁଁ ଜୁଟିବ
ଶିବ ପ୍ରତିଷ୍ଠରେ ରୁଦ୍ଧି ମନ୍ତ୍ର ଯେ
ଯୁଗ-ସଂଶୟ-କଣ୍ଟିକା
ହେୟର ଅଏଲ୍‌ର ବୋତଲରେ ସିଏ
କିରସିନି କିଆଁ ବାରିବ
ଭଦ୍ରର ବେଶରେ ଭୁଜଙ୍ଗ, ଆଉ
ସୀମନ୍ତିନୀ ବେଶେ ଗଣିକା !
ସଂଶୟହୀନା ପ୍ରାଚୀନତାର
ଅବଶେଷ କାହୁଁ ଜୁଟିବ
ବଡ଼ଘର ଝିଅ ବାର ବରରେ
ବିତାଏ କପଟ ସତ
ଗରିବ ଦୁହିତା ଅଭାବ ଚୁଲିରେ
କପଟ କାଠଇ ସ୍ୱଭାବ
ପର ପ୍ରୀତି ପାଇଁ ପତ୍ନୀ କପଟ
ଲୋଭ୍ୟ କରଇ ଛୁଇଁ !!
ସେ କାହୁଁ ଜୁଟିବ ଯୁଗଗୁଣୋଦଧି
ମନ୍ଥନ ମୁହିଁ କରି
ନୀଳକଣ୍ଠ ମୁଁ ଗିଳିଅଛି ଖାଲି ଗରଳ
ଏଇଠି ଯୁଗର ନାରୀର ଚମତ୍କା
ଚରି ମୁହିଁ ଖାଲି ଚରି
ପାଇଅଛି, ସତେ ପାଇଅଛି ଖାଲି
ଦୂଷ୍ୟ ରକ୍ତ ଧାର !!!

# ଅକ୍ଷପାଦଗୋତମ ଓ ନ୍ୟାୟଦର୍ଶନ

ଲେଖକ :— ଶ୍ରୀ ରାଧାରମଣ ଦାସ (ଅଧ୍ୟାପକ)

ଦାର୍ଶନିକ ଚିନ୍ତା ମାନବ ହୃଦୟର ଗୋଟିଏ ସ୍ୱାଭାବିକ ଧର୍ମ । କୌଣସି ନା କୌଣସିଆକାରରେ ମାନବର ହୃଦୟାକାଶରେ ତାହା ପ୍ରକଟିତ ହୋଇଥାଏ । ପରିଦୃଶ୍ୟମାନ ପ୍ରକୃତି ବା ଜଗତ ସହିତ ନିଜର ସମ୍ବନ୍ଧ ଜିଜ୍ଞାସା, ଦୈହିକ ଓ ମାନସିକ ଦୁଃଖାନୁଭୂତି ଓ ଦୁଃଖ ଦୂରୀକରଣ ପ୍ରଭୃତି ଇଚ୍ଛାରୁ ଦାର୍ଶନିକ ଚିନ୍ତାଧାରାର ଆବିର୍ଭାବ ହୋଇଥାଏ । ଭାରତର ବିଭିନ୍ନ ଦାର୍ଶନିକ ଋଷିଗଣଙ୍କ ମସ୍ତିଷ୍କରୁ ଦୁଃଖନିବୃତ୍ତିର ଉପାୟରୂପେ ବିଭିନ୍ନଚିନ୍ତା ପ୍ରକଟିତ ହୋଇଥିଲେହେଁ ସମସ୍ତଙ୍କର ଲକ୍ଷ୍ୟ ଏକ । ଆସ୍ତିକ ଦାର୍ଶନିକଗଣ ବେଦପ୍ରାମାଣ୍ୟବାଦୀ ଓ ବେଦାନୁଗାମୀ । ବେଦରେ ଦୁଃଖନିବୃତ୍ତି ବା ମୋକ୍ଷହିଁ ପରମ ନିଃଶ୍ରେୟସ ବସ୍ତୁରୂପେ ପ୍ରତିପାଦିତ ହୋଇଅଛି । ସୁତରାଂ ଆସ୍ତିକ ଦାର୍ଶନିକଗଣ ବେଦୋକ୍ତ ମୋକ୍ଷଲାଭ ନିମନ୍ତେ ବେଦୋକ୍ତ ଉପାୟକୁହିଁ ଅବଲମ୍ବନକରି ତାହାର ସହାୟକରୂପେ ନିଜ ନିଜ ଦର୍ଶନଶାସ୍ତ୍ରର ଉଦ୍‌ଭାବନ କରିଅଛନ୍ତି ।

ଆମ ଭାରତୀୟ ଦର୍ଶନ ପାଶ୍ଚାତ୍ୟ ଫିଲସଫି ବା ବା ଦର୍ଶନ ଅପେକ୍ଷା ବହୁ ପ୍ରାଚୀନ । କାରଣ ଖ୍ରୀଷ୍ଟପୂର୍ବ ୮ମ ଶତାବ୍ଦୀରେ ପାଶ୍ଚାତ୍ୟ ଫିଲସଫିର ଉଦ୍ଭବ । ଐତିହାସିକ ହେରୋଡୋଟସ୍ ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତାବ୍ଦୀରେ ସର୍ବପ୍ରଥମେ ଏହି **philosophy** ଶବ୍ଦର ପ୍ରୟୋଗ କରିଥିବା ଜଣାଯାଏ । ଗ୍ରୀକ୍ ଭାଷାରେ 'ଫିଲସ୍'ର ଅର୍ଥ ପ୍ରେମ ବା ଅନୁରାଗ ଓ 'ସୋଫିଆ'ର ଅର୍ଥ ବିଦ୍ୟା । ଏହି ଦୁଇଟି ଶବ୍ଦର ମିଶ୍ରଣରେ ଫିଲସଫି ଶବ୍ଦର ଉତ୍ପତ୍ତି । ପାଶ୍ଚାତ୍ୟ ଫିଲସଫି ଓ ଭାରତୀୟଦର୍ଶନ ଏକ ଜିନିଷ ନୁହେଁ । ଦାର୍ଶନିକ **Pleto** କହିଛନ୍ତି— **'Philosophy begins in wonders'** ଅର୍ଥାତ୍ ଫିଲସଫି ବିସ୍ମୟ ବା ଆଶ୍ଚର୍ଯ୍ୟରୁ ଉଦ୍‌ଭୂତ । ଫିଲସଫି ବିଜ୍ଞାନ ଓ ଅନ୍ୟାନ୍ୟ ସାମାଜିକ ବିଦ୍ୟାରୁ ମଧ୍ୟ ପୃଥକ୍ ଏବଂ କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଉପରେ ପ୍ରତିଷ୍ଠିତ ନୁହେ । କିନ୍ତୁ ଭାରତୀୟଦର୍ଶନ ମଧ୍ୟରେ ଏକାଧାରରେ ଧର୍ମ, ବିଜ୍ଞାନ ଓ ବିଭିନ୍ନ ସାମାଜିକ ବିଦ୍ୟା ନିହିତ ଅଛି । ପାଶ୍ଚାତ୍ୟଦେଶରେ ଧର୍ମ ଫିଲସଫିର ଅଗ୍ରଗତିରେ ମହାନ୍ ପ୍ରତିବନ୍ଧକତା ସୃଷ୍ଟି କରିଛି । ତେଣୁ ମଧ୍ୟ ମଧ୍ୟେ ତାହାର ଗତି ରୁଦ୍ଧ ହୋଇଯାଇଅଛି । କିନ୍ତୁ ଭାରତୀୟଦର୍ଶନ ଜ୍ଞାନ-ବିଜ୍ଞାନାଦି ବିଭିନ୍ନ ତଥ୍ୟ ସମ୍ବଳିତ ହୋଇଥିବାରୁ ସର୍ବଦା ପ୍ରାଣବନ୍ତ ଓ ଗଙ୍ଗାଯମୁନାର ଜଳଭଳି ସ୍ୱଚ୍ଛ, ପବିତ୍ର ଓ ପରିପୂର୍ଣ୍ଣ । ତେଣୁ ଭାରତୀୟ ପରମ୍ପରାରେ ଆମ ଦର୍ଶନଶାସ୍ତ୍ର ଶରୀର, ମନ ଓ ଆତ୍ମାର ଅଭ୍ୟୁନ୍ନତି ଦିଗରେ ସର୍ବଦା ମାର୍ଗ ପ୍ରଦର୍ଶକ । ସୁତରାଂ ଦୁଃଖନିବୃତ୍ତିପୂର୍ବକ ବନ୍ଧନମୁକ୍ତ ଆତ୍ମାକୁ ସତ୍ୟ ଶିବସୁନ୍ଦରରେ ଉପନୀତ କରିବାହିଁ ତାର ମୂଳ ଲକ୍ଷ୍ୟ । ଏହି ଦାର୍ଶନିକ ଚିନ୍ତାଧାରାସମୂହ ସ୍ମରଣାତୀତକାଳରୁ ଏ ଦେଶରେ ପ୍ରଚଳିତ । ଭାରତୀୟ ଦର୍ଶନଶାସ୍ତ୍ରମାନଙ୍କ ମଧ୍ୟରେ ନ୍ୟାୟଦର୍ଶନର ସ୍ଥାନ ସର୍ବୋଚ୍ଚ । କାରଣ ନ୍ୟାୟଦର୍ଶନର ସମ୍ୟକ୍‌ଜ୍ଞାନ ନ ଥିଲେ, ଅନ୍ୟଦର୍ଶନର ସାରଗ୍ରହଣ ଏବଂ ବ୍ୟାକରଣ, ଅଲଙ୍କାର ଓ ଧର୍ମଶାସ୍ତ୍ର ପ୍ରଭୃତିର ସୂକ୍ଷ୍ମବିଶ୍ଳେଷଣ ସମ୍ଭବପର ନୁହେ । ଅତଏବ ବର୍ତ୍ତମାନ ପ୍ରବନ୍ଧରେ ନ୍ୟାୟସୂତ୍ରପ୍ରଣେତା ଅକ୍ଷପାଦ ଗୋତମ ଓ ତାଙ୍କର ନ୍ୟାୟଦର୍ଶନ ସମ୍ବନ୍ଧରେ କିଞ୍ଚିତ୍ ଆଲୋଚନା କରିବାହିଁ ଆମର ଏକମାତ୍ର ଲକ୍ଷ୍ୟ ।

ଏହି ନ୍ୟାୟ ଦର୍ଶନ ତର୍କବିଦ୍ୟା ବା ଆନ୍ୱୀକ୍ଷିକୀ ବିଦ୍ୟାରୂପେ ଆମ ପରମ୍ପରାରେ ପ୍ରଚଳିତ । କେବଳ ଶାସ୍ତ୍ରୀୟ ସିଦ୍ଧାନ୍ତ ପ୍ରତିପାଦନରେ ନୁହେ, ଲୌକିକ ବ୍ୟବହାର ଓ ସାମାଜିକ ରୀତି ନୀତିରେ ମଧ୍ୟ ନ୍ୟାୟ ଦର୍ଶନର ତର୍କ ଓ ବିଚାର ପ୍ରଣାଳୀ ସର୍ବଦା ଓତପ୍ରୋତ

ଲଭେ କରନ୍ତି । ସୁତରାଂ ସତ୍ୟଦ୍ରଷ୍ଟା ଋଷି ଅକ୍ଷପାଦ-ଗୋତମ ମାନବଜାତିର କଲ୍ୟାଣ ନିମନ୍ତେ ଏହି ବୈଦିକ ଓ ଲୌକିକ ତର୍କପ୍ରଣାଳୀର ସାରବସ୍ତୁ ଉପଲବ୍ଧିକରି ନ୍ୟାୟଦର୍ଶନକୁ ସୂତ୍ର ଆକାରରେ ଲିପିବଦ୍ଧ କରିଅଛନ୍ତି । ନ୍ୟାୟଦର୍ଶନର ଆଲୋଚନା କରିବାପୂର୍ବରୁ ପାଠକମାନଙ୍କ ଅବଗତି ନିମନ୍ତେ ଅକ୍ଷପାଦଗୋତମ ଓ ତାଙ୍କ ସମୟସମ୍ବନ୍ଧରେ ସାମାନ୍ୟ ଆଲୋଚନା କରିବା ଉଚିତ ମନେହୁଏ ।

ଅକ୍ଷପାଦଗୋତମ ନ୍ୟାୟଦର୍ଶନର ସ୍ରଷ୍ଟା ନୁହନ୍ତି । ସେ କେବଳ ସୂତ୍ରକାର ମାତ୍ର । ସେ ଗୌତମ ନୁହନ୍ତି ଅକ୍ଷପାଦଗୋତମ । ବିଭିନ୍ନ ଐତିହାସିକ ଓ ଶାସ୍ତ୍ରକାରମାନେ ତାଙ୍କୁ ଗୋତମନାମରେହିଁ ଉଲ୍ଲେଖ କରିଅଛନ୍ତି । **'Cyclopedia of India'** ବହିରେ **Dowson** ସାହେବ ଲେଖିଛନ୍ତି– **"Gotama founder of Nyaya School of Philosophy"** ଅର୍ଥାତ୍ ଗୋତମ ନ୍ୟାୟ ଦର୍ଶନର ପ୍ରତିଷ୍ଠାତା । ଷଡ୍‌ଦର୍ଶନଟୀକାକାର ବାଚସ୍ପତିମିଶ୍ର 'ନ୍ୟାୟସୂଚୀନିବନ୍ଧ' ଗ୍ରନ୍ଥରେ ନ୍ୟାୟସୂତ୍ରକାର ମହର୍ଷିଙ୍କୁ 'ଗୋତମ' ନାମରେ ଅଭିହିତ କରିଅଛନ୍ତି । ଉଲ୍ଲିଖିତ ଶ୍ଳୋକରୁ ଗୋତମ ବ୍ୟତୀତ ଗୌତମନାମରେ ସନ୍ଦେହକରିବାର ଆଦୌ ଅବକାଶ ନାହିଁ । ସେ ଲେଖିଛନ୍ତି – [୧] 'ଯେପରିକି ଦୁସ୍ତର ପଙ୍କମଗ୍ନ ଅତିବୃଦ୍ଧ ଗୋତମ (ଗୋଶ୍ରେଷ୍ଠ) ଅର୍ଥାତ୍ ଉତ୍ତମଧେନୁମାନଙ୍କୁ ପଙ୍କରୁ ଉତ୍ତୋଳନକଲେ ପୁଣ୍ୟଲାଭ କରାଯାଏ, ତଦ୍ରୂପ ଦୁସ୍ତର କୁତାର୍କିକ ନିବନ୍ଧରୂପ ପଙ୍କମଗ୍ନ ଅତି ପ୍ରାଚୀନ ଗୋତମ ନାମଧେୟ ଋଷିଙ୍କର ଶୋଭନବାକ୍ୟ ସମୂହର ସମୁଦ୍ଧାରଦ୍ୱାରା ଯେଉଁ ସୁକୃତ ଲାଭ କରାଯାଇଅଛି, ତାର ସମଗ୍ରଫଳ ସଂସାରଜଳଧିସେତୁ ସକଳଦୁଃଖ-ଶାନ୍ତିର ଏକମାତ୍ର କାରଣ ବୃଷଭଧ୍ୱଜ ମହେଶ୍ୱରଙ୍କୁ ଅର୍ପିତ ହେଲା । ଏହାଦ୍ୱାରା ମହେଶ୍ୱର ପ୍ରୀତ ହୁଅନ୍ତୁ । ନ୍ୟାୟସୂତ୍ର ବୃତ୍ତିରେ ବିଶ୍ୱନାଥନ୍ୟାୟପଞ୍ଚାନନ ମଧ୍ୟ ସୂତ୍ରକାରଙ୍କୁ ଗୋତମ ନାମରେ ଉଲ୍ଲେଖକରି "ଏଷା ମୁନିପ୍ରବର-ଗୋତମସୂତ୍ରବୃତ୍ତିଃ" ବୋଲି ଦର୍ଶାଇଅଛନ୍ତି । ମାଧବାଚାର୍ଯ୍ୟ ସର୍ବଦର୍ଶନସଂଗ୍ରହରେ ସେହି ଗୋତମଙ୍କର ନାମ ଉଲ୍ଲେଖକରି କହିଅଛନ୍ତି—"ତତ୍ର ପ୍ରଥମାଧ୍ୟାୟସ୍ୟ ପ୍ରଥମାହ୍ନିକେ ଭଗବତା ଗୋତମେନ ପ୍ରମାଣାଦିପଦାର୍ଥ-ନିରୂପଣଂ ବିଧାୟ······ଇତ୍ୟାଦି ।" ଶ୍ରୀହର୍ଷ ତାଙ୍କ ନୈଷଧକାବ୍ୟର ୧୭ସର୍ଗ ୭୫ ଶ୍ଳୋକରେ ମହର୍ଷି ଗୋତମଙ୍କୁ ଉପହାସକରି ମହାପଶୁ ବୋଲି ଯେଉଁ ବର୍ଣ୍ଣନା କରିଅଛନ୍ତି, ତାହା ମହାଭାରତ ଶାନ୍ତିପର୍ବୋକ୍ତ ଗର୍ଭଧର୍ମବର୍ଣ୍ଣିତ ଚାର୍ବାକଉକ୍ତିର ରୂପାନ୍ତର ମାତ୍ର । ନ୍ୟାୟଦର୍ଶନର ମହତ୍ତ୍ୱ ଅସହିଷ୍ଣୁ ଚାର୍ବାକପନ୍ଥୀମାନେ ନ୍ୟାୟଦର୍ଶନକୁ ନିନ୍ଦା କରିବାକୁ ଯାଇ ନୈଷଧୋକ୍ତ ଏହି ଶ୍ଳୋକର ଆବୃତ୍ତି କରିଥାନ୍ତି--

"ମୁକ୍ତୟେ ଯଃ ଶିଳାତ୍ୱାୟ ଶାସ୍ତ୍ରମୂଚେ ସଚେତସାମ୍ ।
ଗୋତମଂ ତମବେତ୍ୟୈବ ଯଥା ବିତ୍ଥ ତଥୈବ ସଃ ।"

ଏହି ଶ୍ଳୋକର ଟୀକାକାର ନାରାୟଣ ଲେଖିଅଛନ୍ତି-- 'ନାୟଂ ପରଂ ନାମ୍ନା ଗୋତମଃ କିନ୍ତୁ ପ୍ରକୃଷ୍ଟୋ ଗୌଃ ଗୋତମଃ ପଶୁରେବ ।' ଏହି ଚାର୍ବାକ ଉକ୍ତିରେ କବି ନ୍ୟାୟସୂତ୍ରକାରଙ୍କୁ ଗୋତମନାମରେ ଅଭିହିତ କରିଅଛନ୍ତି । କିନ୍ତୁ ବାସ୍ତବପକ୍ଷେ ନୈଷଧକାରଙ୍କ ଅଭିପ୍ରାୟ ତାହା ନୁହେ । ତାହା ହୋଇଥିଲେ ସେ ନୈଷଧ ୧୦ମ ସର୍ଗ ୮୨ ଶ୍ଳୋକରେ ଗୋତମୋକ୍ତ ଆନ୍ୱୀକ୍ଷିକୀ ବା ଦାର୍ଶନିକତର୍କବିଦ୍ୟାକୁ ମୋକ୍ଷର ଉପଯୋଗୀ ବୋଲି ବର୍ଣ୍ଣନାକରି ନଥାନ୍ତେ । [୨]

---

[୧] ଯଦଲମ୍ଭି କମପି ପୁଣ୍ୟଂ ଦୁସ୍ତର-କୁନିବନ୍ଧ-ପଙ୍କମଗ୍ନାନାମ୍
ଶ୍ରୀଗୋତମ ସୁଗବୀନାମ୍ ଅତିଜରତୀନାଂ ସମୁଦ୍ଧରଣାତ୍ ।
ସଂସାରଜଳଧିସେତୌ ବୃଷକେତୌ ସକଳଦୁଃଖଶମହେତୌ
ଏତସ୍ୟଫଳମର୍ପିତମେତେନ ପ୍ରୀୟତାମ୍ ଈଶଃ ॥ (ନ୍ୟାୟସୂଚୀନିବନ୍ଧ)

[୨] ଉଦ୍ଦେଶ ପର୍ବଣ୍ୟପି ଲକ୍ଷଣେଽପି ଦ୍ୱିଧୋଦିତୈଃ ଷୋଡ଼ଶଭିଃ ପଦାର୍ଥୈଃ ।
ଆନ୍ୱୀକ୍ଷିକୀଂ ଯଦ୍ଦଶନଦ୍ୱିମାଳୀଂ ତାଂ ମୁକ୍ତାମାକଳତାଂ ପ୍ରତୀମଃ ॥ (ନୈଷଧ ୧୦।୮୨)

ଋଗ୍‌ବେଦସଂହିତାରେ ମନ୍ତ୍ରଦ୍ରଷ୍ଟାରୂପେ ଏହି ଗୋତମଙ୍କର ନାମ ଦେଖିବାକୁ ମିଳେ--"ସନାୟତେ ଗୋତମ ଇନ୍ଦ୍ର ନବ୍ୟମତକ୍ଷଦ୍ ବ୍ରହ୍ମହରିଯୋଜନାୟ" (ଋ ୧ । ୫ । ୬୨) । ବୃହଦାରଣ୍ୟକ ଉପନିଷଦରେ "ଇମାବେବ ଗୋତମଭରଦ୍ୱାଜୌ, ଅୟମେବ-ଗୋତମଃ ଅୟଂ ଭରଦ୍ୱାଜ ଇତି" ଏଠାରେ ଗୋତମଙ୍କୁ ଗୋତ୍ରପ୍ରବର୍ତ୍ତକ ଋଷିରୂପେ ବର୍ଣ୍ଣନା କରାଯାଇଅଛି । ଆହୁରି ମଧ୍ୟ ମହର୍ଷିଗୋତମଙ୍କ ଜନ୍ମସ୍ଥାନ ମିଥିଳାରେ ଓ ସେ ଗୋତମନାମରେହିଁ ପ୍ରସିଦ୍ଧ । ଦରଭଙ୍ଗା ଷ୍ଟେସନର ୭କୋଶ ଉତ୍ତରରେ ଅବସ୍ଥିତ କମତୌଲ ଷ୍ଟେସନଠାରୁ ଗୃହକୋଶ ଦୂରରେ ଗୋତମ ଆଶ୍ରମନାମରେ ସୁପ୍ରସିଦ୍ଧ ଗୋଟିଏ ସ୍ଥାନ ଅଛି । କଥିତଅଛି ଯେ ଗୋତମଋଷି ତପସ୍ୟାକରି ସେହି ଆଶ୍ରମକୁ ଗୋତମଗଙ୍ଗାଙ୍କୁ ଆଣିଥିଲେ । ସେହି ଆଶ୍ରମରେ ଯେଉଁ କୂପଟି ଅଛି ତାହା ଋଗ୍‌ବେଦ ବର୍ଣ୍ଣିତ । ଋଗ୍‌ବେଦରେ ଅଛି ଏକ ସମୟରେ ଗୋତମର୍ଷି ତୃଷାର୍ତ୍ତହୋଇ ଦେବତାମାନଙ୍କ ନିକଟରେ ଜଳପ୍ରାର୍ଥୀ ହେବାରୁ ସେମାନେ ଅଦୂରସ୍ଥ କୂପଟିକୁ ଉଦ୍ଧାରକରି ବନ୍ଧଭାବେ ଋଷିଙ୍କ ଅଭିମୁଖରେ ରଖି ଜଳଦ୍ୱାରା ଗୋତମଋଷିଙ୍କୁ ପରିତୃପ୍ତ କରିଥିଲେ । [୧]

ଏହି ଗୋତମଙ୍କ ନାମ ସହିତ ଅକ୍ଷପାଦ ନାମ ସଂଲଗ୍ନଥିବାରୁ ସେ ଜନ୍ମାନ୍ଧଥିଲେ ବୋଲି ଜଣାଯାଏ । ବିଶ୍ୱକୋଷରେ ଅକ୍ଷପାଦଶବ୍ଦର 'ଅକ୍ଷେ ଚକ୍ଷୁଷି ଜ୍ଞାନେ ବା ଗମନଂ ଯସ୍ୟ ଅକ୍ଷଂ ଦର୍ଶନଶକ୍ତିଃ ପାଦେ ପ୍ରକାଶିତ ଯସ୍ୟ' ଏପରି ଅର୍ଥ କରାଯାଇଅଛି । ଅକ୍ଷପାଦ ଶବ୍ଦ ଅର୍ଥ ପ୍ରଦର୍ଶନ ପ୍ରସଙ୍ଗରେ 'ବାଚସ୍ପତ୍ୟ'ରେ ମ ସେହିଭଳି ଅର୍ଥର ଅବତାରଣା କରାଯାଇଅଛି । [୨] ବାଚସ୍ପତ୍ୟଲିଖିତ ପ୍ରବାଦଟି ଶାସ୍ତ୍ରୀୟ ବା ଐତିହାସିକ ଭିତ୍ତିଉପରେ ପ୍ରତିଷ୍ଠିତ ଥିବାଭଳି ମନେ ହୁଏ ନାହିଁ । ଅକ୍ଷପାଦ ନାମ ସହିତ ବ୍ୟାସଙ୍କୁ ଯୋଡିବା ମଧ୍ୟ ଏକାନ୍ତ ଅସଙ୍ଗତ । ବାଚସ୍ପତ୍ୟରେ ତାହା ଯେଉଁଭଳି ବର୍ଣ୍ଣିତ ଅଛି, ବ୍ୟାକରଣ ଅନୁସାରେ 'ଅକ୍ଷପାଦ' ନହୋଇ ପାଦାକ୍ଷ ହେବା ବିଶେଷ ଯୁକ୍ତିଯୁକ୍ତ ହେବ । ଶବ୍ଦରତ୍ନାବଳୀରେ ଅକାରାନ୍ତ ପୁଂଲିଙ୍ଗ ଅକ୍ଷଶବ୍ଦ ଜାତାନ୍ଧ ଓ ଗରୁଡ଼ ଅର୍ଥରେ ବ୍ୟବହୃତ । [୩] ମହାଭାରତ ଓ ମତ୍ସ୍ୟପୁରାଣବର୍ଣ୍ଣିତ ଦୀର୍ଘତମାଋଷି ଜନ୍ମାନ୍ଧ । ପରେ ସୁରଭିପ୍ରସାଦରୁ ଦୀର୍ଘତମାଋଷିଙ୍କର ତମରାଶି ଦୂରୀଭୂତ ହେବାରୁ ସେ ଗୋତମନାମରେ ଅଭିହିତ ହେଲେ । ଅତଏବ ଜନ୍ମାନ୍ଧଅର୍ଥରେ ଅକ୍ଷଶବ୍ଦ ସହିତ ଗୌରବାର୍ଥବୋଧକ ପାଦଶବ୍ଦର ସଂମିଶ୍ରଣରେ ଅକ୍ଷପାଦ ଶବ୍ଦ ନିଷ୍ପନ୍ନ ହୋଇଅଛି । ଯେପରିକି ଶଙ୍କରାଚାର୍ଯ୍ୟ, କୁମାରିଲଭଟ୍ଟ ଓ ପ୍ରଶସ୍ତପାଦ ପ୍ରଭୃତି ନାମସହିତ ଆଚାର୍ଯ୍ୟ, ଭଟ୍ଟ ଓ ପାଦଶବ୍ଦର ପ୍ରୟୋଗ କରାଯାଇଅଛି, ସେହିପରି ଏଠାରେ ପାଦଶବ୍ଦର ପ୍ରୟୋଗ ହୋଇଅଛି । ନ୍ୟାୟମଞ୍ଜରୀକାର ଜୟନ୍ତ ଭଟ୍ଟ 'ଆଦିସର୍ଗାତ୍ ଇମାଶ୍ଚବିଦ୍ୟାଃ ପ୍ରବୃତ୍ତ'

[୧] ଯୁବଂ ନୁନୁଦ୍ରେ ଅବତଂ ତୟା ଦିଶା ସିଞ୍ଚନ୍ନୁତ୍ସଂ ଗୋତମାୟ ତୃଷ୍ଣଜେ
ଆଗଚ୍ଛନ୍ତୀମବସା ଚିତ୍ରଭାନବଃ କାମଂ ବିପ୍ରସ୍ୟ ତର୍ପୟନ୍ତ ଧାମଭିଃ । (ଋ ୧।୧୭।୮୫)

[୨] ଅକ୍ଷପାଦଃ— ଅକ୍ଷଂ ନେତ୍ରଂ ଦର୍ଶନସାଧନତୟା ଜାତଂ ପାଦେଽସ୍ୟ ନ୍ୟାୟସୂତ୍ରକାରକେ ଗୋତମମୁନୌ ସହି ସ୍ୱମତଦୂଷକସ୍ୟ ବ୍ୟାସସ୍ୟ ମୁଖଦର୍ଶନଂ ଚକ୍ଷୁଷା ନ କର୍ତ୍ତବ୍ୟମିତି ପ୍ରତିଜ୍ଞାୟ ପଶ୍ଚାତ୍ ବ୍ୟାସେନ ପ୍ରସାଦିତଃ ପାଦେ ନେତ୍ରଂ ପ୍ରକାଶ୍ୟ ତଂ ଦୃଷ୍ଟବାନ୍ ଇତି ପୌରାଣିକୀ କଥା (ବାଚସ୍ପତ୍ୟ) ।

[୩] "ଅକ୍ଷଃ (ପୁଂ)— ଜାତାନ୍ଧୋ ଗରୁଡ ଇତି ଶବ୍ଦରତ୍ନାବଳୀ" (ଶବ୍ଦକଳ୍ପଦ୍ରୁମ – ଅକ୍ଷଶବ୍ଦ)

କହି ଅକ୍ଷପାଦଗୋତମ ମହାଦେବଙ୍କଠାରୁ ବରଲାଭ କରି ନ୍ୟାୟସୂତ୍ର ଲେଖିଥିବା କଥା ଉଲ୍ଲେଖ କରିଅଛନ୍ତି। ପୁରାଣ ଓ ତନ୍ତ୍ର ବର୍ଣ୍ଣିତ ଋଷି ଲକ୍ଷଣ [୧] ଅନୁସାରେ ଦୀର୍ଘତମାଋଷି ତପସ୍ୟାଦ୍ୱାରା ମହାଦେବଙ୍କ କୃପାପ୍ରାପ୍ତ ହୋଇ ନ୍ୟାୟ ଦର୍ଶନର ବକ୍ତା ହୋଇଥିବାରୁ ସେ ଋଷି ପଦବାଚ୍ୟ ଓ ଅକ୍ଷପାଦ ଗୋତମ ନାମରେ ସର୍ବଜନ ବିଦିତ । କିନ୍ତୁ Dowson ସାହେବ ଉତ୍ତରରାମଚରିତ ବର୍ଣ୍ଣିତ ଶତାନନ୍ଦ ଗୌତମଙ୍କୁ ଦେଖି ଗୋତମ ଓ ଗୌତମ ଏକବ୍ୟକ୍ତି ବୋଲି ଯେଉଁ ମତପୋଷଣ କରିଅଛନ୍ତି, [୨] ତାହା ଯୁକ୍ତିଯୁକ୍ତ ନୁହେ । କାରଣ ଗୌତମ ନ୍ୟାୟସୂତ୍ରକାର ଅକ୍ଷପାଦ-ଗୋତମ ନୁହନ୍ତି । ଧର୍ମଶାସ୍ତ୍ରବକ୍ତା ଗୌତମ ଅକ୍ଷପାଦ-ଗୋତମଙ୍କଠାରୁ ପୃଥକ୍ ବ୍ୟକ୍ତି ଅଟନ୍ତି । Max Muller ସାହେବ ନ୍ୟାୟସୂତ୍ରକାର ଗୋତମଙ୍କ ସମ୍ପର୍କରେ ଅଦ୍ଭୁତ ମତ ପ୍ରଚାର କରି ସେ ଗୋତମ କି ଗୌତମ ତାହା ଠିକ୍ କରିପାରି ନାହାନ୍ତି । ବୁଦ୍ଧଙ୍କଠାରୁ ପୃଥକ୍ କରିବାଲାଗି ନ୍ୟାୟସୂତ୍ରକାରଙ୍କୁ ଗୋତମ ଓ ବୁଦ୍ଧଙ୍କୁ ଗୌତମ କୁହାଯାଇଅଛି ବୋଲି ସେ ଯେଉଁ ଯୁକ୍ତି ଦେଖାଇଅଛନ୍ତି, ତାହା ସଙ୍ଗତ ନୁହେ । କାରଣ ବର୍ମାରେ ବୁଦ୍ଧଙ୍କୁ ମଧ୍ୟ ଗୋତମ ଓ ଗୌତମ ଉଭୟ ନାମରେ ଅଭିହିତ କରାଯାଇଥାଏ । [୩]

ନ୍ୟାୟସୂତ୍ରକାରମହର୍ଷି ଅକ୍ଷପାଦଗୋତମଙ୍କ କାଳ ନିରୂପଣ କରିବାକୁ ହେଲେ ଐତିହାସିକ ଦୃଷ୍ଟିରୁ ବେଦର କାଳ ନିରୂପଣ କରାଯାଇପାରିଲେ ବେଦବର୍ଣ୍ଣିତ ମହର୍ଷି ଅକ୍ଷପାଦଗୋତମଙ୍କ କାଳ ନିରୂପଣ କରିବା ସହଜ ସାଧ୍ୟ । ୟୁରୋପୀୟ ପଣ୍ଡିତଗଣ ବେଦର ସର୍ବପ୍ରାଚୀନତ୍ୱ ଓ ଭାରତୀୟ ସଂସ୍କୃତିର ମହତ୍ତ୍ୱ ପ୍ରଖ୍ୟାପନ କରିବାକୁ ସର୍ବଦା କୁଣ୍ଠିତ ଥିଲାଭଳି ମନେହୁଏ । Max Muller ଋଗ୍‌ବେଦର କାଳ ଖ୍ରୀ: ପୂ: ୧୨୦୦ ବର୍ଷ ବୋଲି ନିର୍ଦ୍ଦେଶ କରିଅଛନ୍ତି । Dr. Colebrooke ସାହେବ ବେଦସଂକଳନର କାଳ ଖ୍ରୀ: ପୂ: ୧୫୦୦ ଠିକ୍ କରିଅଛନ୍ତି । ଏଣୁ ମେକ୍‌ସମୂଲରଙ୍କ ସିଦ୍ଧାନ୍ତ କୋଲବ୍ରୁକ୍‌ସାହେବଙ୍କ ସିଦ୍ଧାନ୍ତ ଅନୁସାରେ ହେୟ ପ୍ରତିପାଦିତ ହୋଇସାରିଛି । ବାଲଗଙ୍ଗାଧରତିଲକ ଜ୍ୟୋତିଷ ଗଣନା ଦ୍ୱାରା ବୈଦିକଯୁଗକୁ ଖ୍ରୀ: ପୂ: ୬୦୦୦ରୁ ଖ୍ରୀ: ପୂ: ୪୦୦୦ ପର୍ଯ୍ୟନ୍ତ ନିର୍ଦ୍ଦେଶ କରିଅଛନ୍ତି । ଜେକୋବିସାହେବ ବୈଦିକକାଳକୁ ଖ୍ରୀ: ପୂ: ୪୦୦୦ ବୋଲି ସ୍ଥିର କରିଅଛନ୍ତି । Count Byronst Jenaଙ୍କ ଲିଖିତ 'Theogony of the Hindus' ନାମକ ଗ୍ରନ୍ଥରେ ହିନ୍ଦୁରାଜାମାନେ ଖ୍ରୀ: ପୂ: ୬୦୦୦ ବର୍ଷ ପୂର୍ବରୁ ବାକ୍‌ଟ୍ରିୟା ଦେଶରେ ରାଜତ୍ୱ କରୁଥିବା ଦର୍ଶାଇ

---

[୧] ଋଷୀତ୍ୟେଷ ଗତୌ ଧାତୁଃ ଶ୍ରୁତୌ ସତ୍ୟେ ତପସ୍ୟଥ
ଏତତ୍‌ସନ୍ନିୟତେ ତସ୍ମିନ୍ ବ୍ରହ୍ମଣା ସ ଋଷିଃ ସ୍ମୃତଃ । (ବାୟୁପୁରାଣ ୫୯ ଅ: ୭୯ ଶ୍ଳୋକ)
ମହେଶ୍ୱରମୁଖାଦ୍ ଜ୍ଞାତ୍ୱା ଯଃ ସାକ୍ଷାତ୍ ତପସା ମନୁମ୍
ସଂସାଧୟତି ଶୁଦ୍ଧାତ୍ମା ସ ତସ୍ୟ ଋଷିରୀରିତଃ । (ତନ୍ତ୍ରସାର)

[୨] "Gotama founder of the Nyayaschool of philosophy, He is called also Satanand also frequently Gautam. He was auther of a Dharmasastra or law book." (Cyclopedia of India Vol. I).

[୩] Gotama— a name of Sakyasingha, applied to him after his death, when he had become a Boudha. It is by this name that he is usually known in Burma. Also written Godama, Goudama, (Cyclopedia India Vol. I).

ବୈଦିକକାଳ ଅନ୍ତତଃ ଖ୍ରୀ: ପୂ: ୬୦୦୦ ବର୍ଷ ପୂର୍ବ ବୋଲି ଉଲ୍ଲେଖ କରିଅଛନ୍ତି । [୧] ବେଦ ସଙ୍କଳୟିତା ମହର୍ଷିକୃଷ୍ଣଦ୍ୱୈପାୟନ ବେଦବ୍ୟାସ ମହାଭାରତ ବର୍ଣ୍ଣିତ ଯୁଧିଷ୍ଠିରଙ୍କ ସମୟରେ ଜୀବିତ ଥିଲେ । ୩୧୦୨ ଖ୍ରୀଷ୍ଟ-ପୂର୍ବାବ୍ଦ ଯୁଧିଷ୍ଠିରାବ୍ଦର ଆରମ୍ଭକାଳ । ସେହି ସମୟରୁ କଳିଯୁଗର ଉତ୍ପତ୍ତି, ତାହା ଶାସ୍ତ୍ର ଓ ଯୁକ୍ତିସିଦ୍ଧ [୨] । ଅତଏବ ବେଦବ୍ୟାସ ଯୁଧିଷ୍ଠିରଙ୍କ ସମୟରେ ଥିବା ମହାଭାରତରେ ଉଲ୍ଲେଖଥିବାରୁ ଖ୍ରୀ: ପୂ: ୩୧୦୨ ପୂର୍ବରୁ ସେ ପ୍ରକଟ ଥିବାରେ କୌଣସି ସନ୍ଦେହ ନାହିଁ । ବିଦେହରାଜ ଜନକଙ୍କ ପୁରୋହିତ ଶତାନନ୍ଦଙ୍କ ପିତା ଅହଲ୍ୟାପତି ଗୌତମ ବେଦବ୍ରାହ୍ମଣାଦି ଗ୍ରନ୍ଥୋକ୍ତ ରାହୂଗଣଋଷି ବୋଲି ବର୍ଣ୍ଣିତ ଓ ରାଜର୍ଷିଜନକଙ୍କ ପୂର୍ବରୁ ଆବିର୍ଭୂତ । ଏହି ଅହଲ୍ୟାପତି ଗୌତମ ମୂଳପୁରୁଷ ଗୋତମଙ୍କ ବଂଶଧର । ସୁତରାଂ କୃଷ୍ଣ-ଦ୍ୱୈପାୟନ ବେଦବ୍ୟାସ ଅପେକ୍ଷା ଅହଲ୍ୟାପତି ଗୌତମ ଯେ ବହୁପୂର୍ବବର୍ତ୍ତୀ ତାହା କହିବା ବାହୁଲ୍ୟମାତ୍ର । ଅତଏବ ଅହଲ୍ୟାପତି ଗୌତମଙ୍କ ମୂଳପୁରୁଷ ନ୍ୟାୟସୂତ୍ରକାର ଦୀର୍ଘତମା ଗୋତମ କଦାପି ଖ୍ରୀ: ପୂ: ୩୧୦୨ ପରବର୍ତ୍ତୀ ଲୋକ ନୁହନ୍ତି ଏହା ନିଃସନ୍ଦେହ । ବେଦର ସଙ୍କଳନ କାଳ ସମ୍ବନ୍ଧୀୟ ଉପର୍ଯ୍ୟୁକ୍ତ ଆଲୋଚନାରୁ ଅତି ସ୍ପଷ୍ଟ ଯେ ଅନ୍ତତଃ ଖ୍ରୀ: ପୂ: ୩୧୦୨ର ବହୁପୂର୍ବରୁ ନ୍ୟାୟସୂତ୍ର ରଚିତ । ଏଣୁ ବେଦାଦିଶାସ୍ତ୍ରଭଳି ନ୍ୟାୟଦର୍ଶନକୁ ଅତି ପ୍ରାଚୀନ କହିବା ଅତ୍ୟୁକ୍ତି ନୁହେ । ଋଗ୍‌ବେଦର ଚରଣବ୍ୟୂହରେ "ତଥା ପ୍ରତିପଦମନୁପଦଂ ଛନ୍ଦୋ-ଭାଷା-ଧର୍ମୋ-ମୀମାଂସା-ନ୍ୟାୟ-ତର୍କାଇତ୍ୟୁପାଙ୍ଗାନି" ବୋଲି ଉପାଙ୍ଗ ରୂପେ ନ୍ୟାୟଦର୍ଶନର ଉଲ୍ଲେଖ କରାଯାଇଅଛି । ଉକ୍ତିଗତ ପ୍ରମାଣ ଅନୁସାରେ ବିଗ୍ଭରକଲେ ଆଧୁନିକ ଐତିହାସିକମାନଙ୍କ ଲିଖିତ The date of Akshapada may, therefore, be approximately fixed at about 150 A. D. କହିବା ଅତ୍ୟନ୍ତ ହାସ୍ୟାସ୍ପଦ ହେବା ବ୍ୟତୀତ ଆଉ କଣ ହୋଇପାରେ । ନ୍ୟାୟସୂତ୍ରକାର ଦୀର୍ଘତମାଋଷି ଗୋତମ ବେଦମନ୍ତ୍ରର ଦ୍ରଷ୍ଟା ହୋଇଥିବାରୁ ଓ ଅଭିନ୍ନ ଋଷିମାନଙ୍କଦ୍ୱାରା ଖ୍ରୀ: ପୂ: ୬୦୦୦ ବର୍ଷର ବହୁ ପୂର୍ବରୁ ସମସ୍ତ ବେଦମନ୍ତ୍ର ଦୃଷ୍ଟ ହୋଇଥିବାରୁ ଦୀର୍ଘତମା- ଅକ୍ଷପାଦଗୋତମ ଖ୍ରୀ: ପୂ: ୬୦୦୦ ବର୍ଷ ପରବର୍ତ୍ତୀ କଦାପି ହୋଇନପାରନ୍ତି । ଅତଏବ ନ୍ୟାୟସୂତ୍ରକାର ଦୀର୍ଘତମା ଅକ୍ଷପାଦଗୋତମ ଅନ୍ତତଃ ୬୦୦୦ ଖ୍ରୀଷ୍ଟପୂର୍ବାବ୍ଦର ପୂର୍ବରୁ ଆବିର୍ଭୂତ ହୋଇ ନ୍ୟାୟସୂତ୍ର ରଚନା କରିଅଛନ୍ତି ।

ନ୍ୟାୟସୂତ୍ରରେ ବୌଦ୍ଧବାଦ ଖଣ୍ଡିତ ହୋଇଥିବାରୁ ତାଙ୍କୁ ବୁଦ୍ଧଙ୍କ ପରବର୍ତ୍ତୀ କହିବା ଅସଙ୍ଗତ । କାରଣ ତୈତ୍ତିରୀୟ ଓ ଛାନ୍ଦୋଗ୍ୟ ଉପନିଷଦରେ ଯଥାକ୍ରମେ 'ବୌଦ୍ଧସ୍ତୁ ଅନ୍ୟଃ ଅନ୍ତରଆତ୍ମା ବିଜ୍ଞାନମୟଃ' 'ଅପରେ ବୌଦ୍ଧଃ ଅସଦେବ ଇଦମଗ୍ର ଆସୀତ୍' ଉଲ୍ଲେଖଥିବାରୁ ଉପନିଷଦକୁ ଶାକ୍ୟସିଂହବୁଦ୍ଧଙ୍କ ପରବର୍ତ୍ତୀ ରଚିତଗ୍ରନ୍ଥ କୁହାଯାଇନପାରେ । ଶାକ୍ୟସିଂହ-ବୁଦ୍ଧଙ୍କ ବହୁପୂର୍ବରୁ ଏହି ବୌଦ୍ଧମତ ଏଦେଶରେ ପ୍ରଗ୍ଭରିତ ହୋଇସାରିଥିଲା । ତେଣୁ ନ୍ୟାୟସୂତ୍ରରେ ଶାକ୍ୟସିଂହବୁଦ୍ଧଙ୍କ ମତ ଖଣ୍ଡିତ ହୋଇନାହିଁ, ବରଂ ପୁରାତନ ବୌଦ୍ଧମତହିଁ ଖଣ୍ଡିତ ହୋଇଅଛି । ଏପରିକି ବାଲ୍ମୀକି ରାମାୟଣରେ ମଧ୍ୟ ଏହି ବୌଦ୍ଧମତ ବର୍ଣ୍ଣିତ

[୧] "Thus the Aryans in India must have been a highly civilized people about Six thousand B. C. and the antiquities of the Vedas must go back to a much earlier date." (Theogony of the Hindus P. 134).

[୨] "The epoch of the Kaliyuga, 3102 B. C. is usually indentified with the Eara of Yudhisthir and the date of the Mahabharat war. But certain Astronomers date the war more than six centuries later." (Cunningham. Indian Eras. P. P. 613. 2nd Edition).

ହୋଇଅଛି [୧] ବୋଲି ତାଙ୍କୁ ଶାକ୍ୟସିଂହବୁଦ୍ଧଙ୍କ ପରବର୍ତ୍ତୀ ରଚିତଗ୍ରନ୍ଥ କୁହାଯାଇପାରେ । ସୁତରାଂ ଶାକ୍ୟସିଂହଙ୍କ ପରବର୍ତ୍ତୀ ନ୍ୟାୟଦର୍ଶନ କଦାପି ନୁହେ । କାରଣ ଲଳିତ - ବିସ୍ତର ବୁଦ୍ଧଦେବଙ୍କ ଜୀବନୀ ଓ ମତସମ୍ବନ୍ଧରେ ପ୍ରାମାଣିକ ଗ୍ରନ୍ଥ । ସେଥିରେ ନ୍ୟାୟ, ସାଂଖ୍ୟ, ଯୋଗ, ବେଦ, ବ୍ୟାକରଣ ଓ ନିରୁକ୍ତ ପ୍ରଭୃତି ଶାସ୍ତ୍ରର ସ୍ପଷ୍ଟ ଉଲ୍ଲେଖ ଦେଖିବାକୁ ମିଳେ । ବ୍ରହ୍ମଜାଲ-ସୁତ୍ତ ଓ ଅତ୍ତନଗଲବଂସ ନାମକ ବୌଦ୍ଧଗ୍ରନ୍ଥମାନଙ୍କରେ ମଧ୍ୟ ଶାକ୍ୟସିଂହବୁଦ୍ଧ ନ୍ୟାୟ, ବେଦାନ୍ତ, ସାଂଖ୍ୟ ଓ ଯୋଗାଦିଦର୍ଶନଶାସ୍ତ୍ର ଅଧ୍ୟୟନ କରିଥିବା ସୂଚନା ମିଳେ । ବୌଦ୍ଧଯୁଗର ପୂର୍ବବର୍ତ୍ତୀ ଚୀନଦେଶୀୟ 'ମହାଟୀକା' ଗ୍ରନ୍ଥରେ ଉଲ୍ଲେଖ ଅଛିଯେ 'ସକମକ' ବା 'ମକସକ' ନାମକ ଜଣେ ବ୍ରାହ୍ମଣ ଭାରତବର୍ଷରେ ନ୍ୟାୟଶାସ୍ତ୍ର ପ୍ରଣୟନ କରିଥିଲେ । ଏହି 'ମକ' ଶବ୍ଦର ଅର୍ଥ 'ଅକ୍ଷ' ଓ 'ସକ' ଶବ୍ଦର ଅର୍ଥ 'ପାଦ' । ଏଥିରୁ ସ୍ପଷ୍ଟ ଜଣାପଡ଼େ ଯେ ସେତେବେଳେ ନ୍ୟାୟସୂତ୍ରକାର ଅକ୍ଷପାଦ ବହୁ ପ୍ରାଚୀନକାଳରୁ ନ୍ୟାୟସୂତ୍ର ରଚନା କରିଥିବା କଥା ଚୀନଦେଶୀୟ ପଣ୍ଡିତମାନେ ମଧ୍ୟ ସ୍ୱୀକାର କରିଅଛନ୍ତି । ଶାକ୍ୟସିଂହବୁଦ୍ଧଙ୍କ ବହୁପୂର୍ବରୁ ରଚିତ ପାଣିନିସୂତ୍ରରେ [୨] ନ୍ୟାୟଦର୍ଶନ ଓ ଗୋତମଙ୍କ କଥା ଉଲ୍ଲେଖଥିବାରୁ ନ୍ୟାୟଦର୍ଶନ ଓ ସୂତ୍ରକାର ଗୋତମ ଯେ ଶାକ୍ୟସିଂହବୁଦ୍ଧଙ୍କ ବହୁପୂର୍ବରୁ ଏହା ଅବିସମ୍ବାଦୀ ସତ୍ୟ । ଗୋଲ୍ଡଷ୍ଟୁକର ସାହେବ ପାଣିନି ସୂତ୍ରରେ ଜୈମିନିଙ୍କ ନାମୋଲ୍ଲେଖ ନଥିବାରୁ ମୀମାଂସାଦର୍ଶନ ନଥିଲା ବୋଲି ସିଦ୍ଧାନ୍ତ କରିପାରିଛନ୍ତି । କିନ୍ତୁ ପାଣିନି ସୂତ୍ରରେ ଯାସ୍କଙ୍କ ନାମ ଦେଖି ତାଙ୍କର ପ୍ରାଚୀନତ୍ୱ ସ୍ୱୀକାର କରିପାରିଥିବା ସ୍ଥଳେ ପାଣିନି ସୂତ୍ରମାନଙ୍କରେ ନ୍ୟାୟଦର୍ଶନ ଓ ଗୋତମନାମର ପ୍ରୟୋଗ ଦେଖିସୁଦ୍ଧା ନ୍ୟାୟସୂତ୍ର ଓ ତାର ପ୍ରଣେତା ଗୋତମଙ୍କ ପ୍ରାଚୀନତ୍ୱ ସ୍ୱୀକାର କରିବାକୁ କୁଣ୍ଠାବୋଧ କରିଥିବା ଅତୀବ ଆଶ୍ଚର୍ଯ୍ୟର କଥା । କିନ୍ତୁ ଅଧ୍ୟାପକ Dr. Keith, History of Sanskrit Literature ଓ Indian Logic and Atomison ଗ୍ରନ୍ଥରେ ନ୍ୟାୟସୂତ୍ରକାର ଗୋତମଙ୍କ ସମ୍ବନ୍ଧରେ ଥିବା ଭ୍ରମ ଅନେକାଂଶରେ ଦୂର କରିପାରିଛନ୍ତି ଓ ନ୍ୟାୟ-ସୂତ୍ରରେ ବୌଦ୍ଧଶୂନ୍ୟବାଦର ଖଣ୍ଡନ ଥିବାରୁ ତାହା ବୁଦ୍ଧଙ୍କ ପରବର୍ତ୍ତୀ ହେବା କଳ୍ପନାକୁ ସେ ପସନ୍ଦ କରିନାହାନ୍ତି [୩] । ବର୍ତ୍ତମାନ ଅକ୍ଷପାଦଗୋତମ ଓ ତାଙ୍କ ସମୟର ସାମାନ୍ୟ ଆଲୋଚନା ପରେ ନ୍ୟାୟ-ଦର୍ଶନର ଆଲୋଚନା କରାଯାଉଅଛି ।

ଛାନ୍ଦୋଗ୍ୟଉପନିଷଦର ନାରଦସନତ୍କୁମାର ସମ୍ବାଦରେ ନାରଦ ଚତୁର୍ବେଦ, ପୁରାଣ, ଇତିହାସ ଓ

---

[୧] ଯଥାହି ଚୌରଃ ସ ତଥାହି ବୁଦ୍ଧସ୍ତଥାଗତଂ ନାସ୍ତିକମତ୍ର ବିଦ୍ଧି
ତସ୍ମାଦ୍ଧି ଯଃ ଶକ୍ୟତମଃ ପ୍ରଜାନାଂ ସ ନାସ୍ତିକେ ନାଭିମୁଖୋ ବୁଧଃସ୍ୟାତ୍ (ବା: ରା: ଅ: ୧୦୯ ସର୍ଗ)

[୨] 'ଅଧ୍ୟାୟ ନ୍ୟାୟୋଦ୍ୟାବସଂହାରଶ୍ଚ' (୩।୩।୧୨୨ ପା: ସୂତ୍ର)
'କ୍ରତୂକ୍ଥାଦିସୂତ୍ରାନ୍ତାଟ୍ଠକ୍' (୪।୨।୬୦ ପା: ସୂତ୍ରରେ ଉକ୍ଥ ଦିଗଣ ମଧ୍ୟରେ ନ୍ୟାୟ ଦର୍ଶନର ଉଲ୍ଲେଖ)
'ଅଣୃଗୟନାଦିଭ୍ୟଃ' (୪।୩।୭୩ ସୂତ୍ରରେ ନିରୁକ୍ତ, ବ୍ୟାକରଣ, ନିଗମ ଓ ବାସ୍ତୁବିଦ୍ୟା ପ୍ରଭୃତି ସେ ସହିତ ନ୍ୟାୟ ଶବ୍ଦ ଲିଖିତ)
'ଅତ୍ରି-ଭୃଗୁ-କୁତ୍ସ-ବଶିଷ୍ଠ-ଗୋତମାଙ୍ଗିରୋଭ୍ୟଶ୍ଚ' (୨।୪।୬୫ ପା: ସୂତ୍ର)

[୩] Of the antiquity of logic we have no real knowledge ; efforts to find it early is Buddhism are ruined by the laters of Buddhist texts and the attempts to ascribe the beginnings of the Nyaya Sutra to a Gotam (C. 500 B. C.), while the true Nyaya ascribed to Aksapad (C. A.D.150) rest on no adequate ground. (History of Sanskrit Literature)

ନ୍ଷଣିବିଦ୍ୟା ପ୍ରଭୃତି ସହିତ 'ବାକୋବାକ୍ୟ' ଶାସ୍ତ୍ର ଅଧ୍ୟୟନ କରିଥିବା ଉଲ୍ଲେଖ ଅଛି । ଉକ୍ତ ବାକୋବାକ୍ୟ ଶବ୍ଦର ଅର୍ଥ କରିବାକୁ ଯାଇ ଶଙ୍କରାଚାର୍ଯ୍ୟ 'ବାକୋବାକ୍ୟମ୍— ତର୍କଶାସ୍ତ୍ରମ୍' ବୋଲି ଅର୍ଥ କରିଥିବାରୁ ବେଦାଦିଶାସ୍ତ୍ରବତ୍ ଏହି ତର୍କଶାସ୍ତ୍ରର ପ୍ରାଚୀନତା ସହଜରେ ଅନୁମେୟ । ବାଲ୍ମୀକିରାମାୟଣରେ ଚିତ୍ରକୂଟରେ ରାମଚନ୍ଦ୍ର ଭରତଙ୍କୁ ରାଜନୀତିଉପଦେଶ ଦେବା ପ୍ରସଙ୍ଗରେ ତର୍କ ଓ ଯୁକ୍ତିଦ୍ୱାରା ମନ୍ତ୍ରଣା କରିବା କଥା ଉଲ୍ଲେଖ କରାଯାଇଅଛି । ଆହୁରିମଧ୍ୟ "ହେତୁପଚାରକୁଶଳାନ୍ ହୈତୁକାଂଶ୍ଚ ବହୁଶ୍ରୁତାନ୍" କହି ବାଲ୍ମୀକିରାମାୟଣ ଉତ୍ତରକାଣ୍ଡରେ ରାମଚନ୍ଦ୍ରଙ୍କ ସଭାକୁ ଅନୁମାନ କୁଶଳ ବହୁଶ୍ରୁତ ନୈୟାୟିକଗଣ ନିମନ୍ତ୍ରିତ ହୋଇଥିବା କଥା ବର୍ଣ୍ଣିତ ଅଛି । ମହାଭାରତ ଶାନ୍ତିପର୍ବରେ ଲିଖିତଅଛି ଯେ ବେଦବିଦ୍ୟାପରି ଆନ୍ୱୀକ୍ଷିକୀ ବା ନ୍ୟାୟବିଦ୍ୟା ମାନବସମାଜର କଲ୍ୟାଣପାଇଁ ପରମେଶ୍ୱରଙ୍କ ଦ୍ୱାରା ସୃଷ୍ଟ ହୋଇଅଛି । ମହାଭାରତରେ ଯାଜ୍ଞବଲ୍କ୍ୟ - ଜନକସମ୍ବାଦରେ 'ଯାଜ୍ଞବଲ୍କ୍ୟଃ ଗୋତମୋକ୍ତାୟା ଏବ ଆନ୍ୱୀକ୍ଷିକ୍ୟାଃ ସାହାଯ୍ୟେନ ବେଦାନ୍ତଜ୍ଞାନକୋବିଦସ୍ୟ ବିଶ୍ୱାବସୋର୍ଦୁରୂହପ୍ରଶ୍ନାନ୍ ସମାଦଧୌ ଅର୍ଥାତ୍ ଯାଜ୍ଞବଲ୍କ୍ୟ ଗୋତମୋକ୍ତ ଆନ୍ୱୀକ୍ଷିକୀ ବିଦ୍ୟାସାହାଯ୍ୟରେ ବେଦାନ୍ତଜ୍ଞାନ କୋବିଦ ବିଶ୍ୱାବସୁଙ୍କର ଦୁରୂହ ପ୍ରଶ୍ନମାନଙ୍କର ସମାଧାନ କରିଥିବା ବର୍ଣ୍ଣିତ ଅଛି । ସଭାପର୍ବରେ ମଧ୍ୟ ନାରଦଙ୍କ ସ୍ୱରୂପ ବର୍ଣ୍ଣନ ପ୍ରସଙ୍ଗରେ ନାରଦଙ୍କୁ ସଂଯୋଗ, ପୃଥକତ୍ୱ ଓ ସମବାୟ ତତ୍ତ୍ୱ ବିଶାରଦ ଏବଂ ପଞ୍ଚାବୟବଯୁକ୍ତ ନ୍ୟାୟଶାସ୍ତ୍ର ତତ୍ତ୍ୱଜ୍ଞବୋଲି ଅଭିହିତ କରାଯାଇଅଛି [୧] । ଭଗବାନ୍ ଶ୍ରୀକୃଷ୍ଣ ଗୁରୁକୁଳରେ ଶାନ୍ତିପନିଋଷିଙ୍କଠାରୁ ଅନ୍ୟଶାସ୍ତ୍ରମାନଙ୍କ ସହିତ ଏହି ଆନ୍ୱୀକ୍ଷିକୀ ତର୍କଶାସ୍ତ୍ରର ଅଧ୍ୟୟନ କରିଥିବା କଥା ଶ୍ରୀମଦ୍‌ଭାଗବତରେ ମଧ୍ୟ ବର୍ଣ୍ଣିତ ଅଛି [୨] । ଏଠାରେ ଆନ୍ୱୀକ୍ଷିକୀ ଶବ୍ଦର ଅର୍ଥ ପ୍ରସଙ୍ଗରେ ଟୀକାକାର ଶ୍ରୀଧର ସ୍ୱାମିପାଦ ଆନ୍ୱୀକ୍ଷିକୀର ଅର୍ଥ ତର୍କବିଦ୍ୟା ବୋଲି ଉଲ୍ଲେଖ କରିଅଛନ୍ତି । ଅତଏବ ନ୍ୟାୟଦର୍ଶନର ପ୍ରାଚୀନତା ସମ୍ବନ୍ଧରେ ଏ ସବୁ ପ୍ରମାଣ ଯଥେଷ୍ଟ ବୋଲି ମନେହୁଏ । କେତେକ ପାଶ୍ଚାତ୍ୟ ମନୀଷୀ ନାନା ଅପକୌଶଳକରି ତାହା ଖ୍ରୀଷ୍ଟପରବର୍ତ୍ତୀ କାଳକୁ ଟାଣିଆଣୁଥିବା ନିତାନ୍ତ ଅସମୀଚୀନ ଓ ଭ୍ରାନ୍ତିମୂଳକ ।

ଏହି ନ୍ୟାୟ ଦର୍ଶନ ବା ଆନ୍ୱୀକ୍ଷିକୀ ତର୍କବିଦ୍ୟା ବେଦାଦିଶାସ୍ତ୍ରବତ୍ ସ୍ୱୟଂଭଗବାନଙ୍କଠାରୁ ପ୍ରବର୍ତ୍ତିତ । ଅକ୍ଷପାଦଗୋତମ କେବଳ ସେହି ଦର୍ଶନର ବକ୍ତା ବା ସୂତ୍ରକାର ବୋଲି ପରବର୍ତ୍ତୀ ଭାଷ୍ୟକାର ମହର୍ଷିବାତ୍ସ୍ୟାୟନ, ବାର୍ତ୍ତିକକାର ଭରଦ୍ୱାଜଉଦ୍ୟୋତକର, ନ୍ୟାୟମଞ୍ଜରୀକାର ଜୟନ୍ତଭଟ୍ଟ, ବାଚସ୍ପତିମିଶ୍ର - ଓ ବିଶ୍ୱନାଥ ପଞ୍ଚାନନ ପ୍ରଭୃତି ନୈୟାୟିକ ଆଚାର୍ଯ୍ୟଗଣ ମୁକ୍ତକଣ୍ଠରେ ସ୍ୱୀକାର କରିଅଛନ୍ତି [୩] । ସୁବାଲୋପନିଷଦରେ ଈଶ୍ୱରଙ୍କଠାରୁ ଷଡ଼ଙ୍ଗସହିତ ବେଦ, ନ୍ୟାୟ, ମୀମାଂସା

[୧] ନ୍ୟାୟବିଦ୍ ଧର୍ମତତ୍ତ୍ୱଜ୍ଞଃ ଷଡଙ୍ଗବିଦନୁତ୍ତମଃ । ଐକ୍ୟସଂଯୋଗନାନାତ୍ୱସମବାୟ ବିଶାରଦଃ ।
ପଞ୍ଚାବୟବଯୁକ୍ତସ୍ୟ ବାକ୍ୟସ୍ୟ ଗୁଣଦୋଷବିତ୍ । (ମ: ସଭାପର୍ବ)

[୨] ତଯୋର୍ଦ୍ୱିଜବରଃଶ୍ରେଷ୍ଠଃ ଶୁଶ୍ରୂଷାବାନୁବୃତ୍ତିତଃ । ପ୍ରୋବାଚ ବେଦାନଖିଲାନ୍ ସାଙ୍ଗୋପନିଷଦୋ ଦ୍ୱିଜଃ ।
ସରହସ୍ୟଂଧନୁର୍ବେଦଂ ଧର୍ମାନ୍ ନ୍ୟାୟପଥାଂସ୍ତଥା । ତଥାଚାନ୍ୱୀକ୍ଷିକୀଂବିଦ୍ୟାଂରାଜନୀତିଂଚଷଡ଼୍‌ବିଧାମ୍ ।
(ଭ ୧୦।୪୫)

[୩] "ଯୋଽକ୍ଷପାଦମୃଷିଂନ୍ୟାୟଃ ପ୍ରତ୍ୟଭାଦ୍ ବଦତାଂବରମ୍" । (ବାତ୍ସ୍ୟାୟନଭାଷ୍ୟ)
"ଯଦକ୍ଷପାଦଃ ପ୍ରବରୋମୁନୀନାଂ ଶମାୟ ଶାସ୍ତ୍ରଂ ଜଗତୋଜଗାଦ ।" (ନ୍ୟାୟବାର୍ତ୍ତିକ)
ଜୟନ୍ତପୁରନ୍ଦଦ୍ ଦତ୍ତସାଧୁବାଦପରମ୍ପରା ଇତିଃ । ନିଦାନଂ ନ୍ୟାୟରତ୍ନାନାମକ୍ଷପାଦମୁନେର୍ଗିରଃ । (ନ୍ୟାୟମଞ୍ଜରୀ)
ନିଧେୟ ବାଗ୍‌ବିଶୁଦ୍ଧୀନାଂଅକ୍ଷପାଦାୟତାୟିନେ । (ନ୍ୟାୟସୂଚୀନିବନ୍ଧ)
ଯଦୀୟତର୍କକିରଣୈର୍ବିନଷ୍ଟଧ୍ୱାନ୍ତସନ୍ତତିଂ । ସନ୍ତସ୍ତରନ୍ତି ଭୟନ୍ତମକ୍ଷପାଦଂ ନମାମିତମ୍ । (ନ୍ୟାୟସୂତ୍ରବୃତ୍ତି)

ଓ ଧର୍ମଶାସ୍ତ୍ରପରିଭ ଶାସ୍ତ୍ର ନିଃଶ୍ୱସିତ ହୋଇଥିବା ବର୍ଣ୍ଣିତ ହୋଇଅଛି [୧] । ଅମୃତନାଦ ଉପନିଷଦ୍‌ରେ "ତର୍କଶ୍ଚୈବ ସମାଧିଶ୍ଚ ଷଡ଼ଙ୍ଗୋ ଯୋଗ ଉଚ୍ୟତେ" ଇହ ତର୍କ, ସମାଧି ଓ ଷଡ଼ଙ୍ଗକୁ ଯୋଗ ବୋଲି ପ୍ରତିପାଦନ କରାଯାଇଅଛି । ଭଗବଦ୍‌ଗୀତାରେ ମଧ୍ୟ ତର୍କଶାସ୍ତ୍ର ଭଗବାନଙ୍କଠାରୁ ଆବିର୍ଭୂତ ହୋଇଥିବା ବର୍ଣ୍ଣିତ ଅଛି । ସେଥିରେ "ମତ୍ତଃ ସ୍ମୃତିର୍ଜ୍ଞାନମପୋହନଞ୍ଚ" ଏହିସ୍ଥଳରେ 'ଅପୋହନ' ଶବ୍ଦକୁ ଗମାନୁଜାଗୃଥି ତର୍କବୋଲି ଅର୍ଥ କରିଅଛନ୍ତି । ବେଦାନ୍ତସୂତ୍ରକାର ବ୍ୟାସଦେବ 'ତର୍କାପ୍ରତିଷ୍ଠାନାତ୍' ଏହିସୂତ୍ରରେ ଯେଉଁ ତର୍କର ଅପ୍ରତିଷ୍ଠାର କଥା ଉଲ୍ଲେଖ କରିଅଛନ୍ତି, ତାହା ନାସ୍ତିକ ଅବୈଦିକତର୍କ । କିନ୍ତୁ ବୈଦିକତର୍କ ନୁହେ । ତର୍କମାନର ଅପ୍ରତିଷ୍ଠା ହେଲେ, ଲୋକଯାତ୍ରା ନିର୍ବାହ ହୋଇନପାରେ । ମହର୍ଷିମନୁଙ୍କ ଉକ୍ତି ଅନୁସାରେ ତର୍କଦ୍ୱାରା ଧର୍ମନିର୍ଣ୍ଣୟ କରିବାକୁ ହେଲେ ଯେପରି ଏହି ତର୍କର ପ୍ରୟୋଜନ [୨], ତଦ୍ରୂପ ବ୍ରହ୍ମ ନିର୍ଣ୍ଣୟ କରିବାପାଇଁ ବେଦ ଅବିରୋଧୀ ଏହି ତର୍କ ମଧ୍ୟ ପରମ ଆବଶ୍ୟକ । ଶଙ୍କରଗୃଥି ଏହି ସୂତ୍ରଭାଷ୍ୟରେ "ବେଦାନ୍ତ-ବାକ୍ୟମୀମାଂସାତଦ୍ ଅବିରୋଧି ତର୍କୋପକରଣା ପ୍ରସ୍ତୂୟତେ" କହି ବୈଦିକତର୍କବିଦ୍ୟାର ଆବଶ୍ୟକତା ଉଲ୍ଲେଖ କରିଥିବାରୁ ବାଚସ୍ପତିମିଶ୍ର ଭାମତୀଟୀକାରେ "ତଦ୍ ଅବିରୋଧିନଶ୍ଚ ଯେକେଽପି ତର୍କା ଅଧ୍ୱର-ମୀମାଂସାୟାଂ ନ୍ୟାୟେଚବେଦପ୍ରତ୍ୟକ୍ଷାଦି-ପ୍ରାମାଣ୍ୟ-ପରିଶୋଧନାଦୟଃ କ୍ରାନ୍ତେ ଉପକରଣଂ ଯସ୍ୟାଃ ସ ତଥୋକ୍ତା" ବୋଲି ବିଶ୍ଳେଷଣକରି ନ୍ୟାୟଶାସ୍ତ୍ରର ପ୍ରୟୋଜନୀୟତା ପ୍ରତିପାଦନ କରିଅଛନ୍ତି ।

ନ୍ୟାୟସୂତ୍ରର ଭାଷ୍ୟକାର ମହର୍ଷିବାତ୍ସ୍ୟାୟନ ସମସ୍ତ ପ୍ରମାଣଦ୍ୱାରା ଅର୍ଥାତ୍ ସର୍ବ ପ୍ରମାଣମୂଳକ ପ୍ରତିଜ୍ଞା, ହେତୁ, ଉଦାହରଣ, ଉପନୟ ଓ ନିଗମନଦ୍ୱାରା ଅର୍ଥର ପରୀକ୍ଷାକୁ 'ନ୍ୟାୟ' ବୋଲି ଅର୍ଥ କରିଅଛନ୍ତି । ପ୍ରତ୍ୟକ୍ଷ ଓ ଆଗମାଶ୍ରିତ ଅର୍ଥାତ୍ ଅବିରୋଧୀ ଅନୁମାନକୁ ନ୍ୟାୟ ବା ଆନ୍ୱୀକ୍ଷିକୀ କୁହାଯାଏ । ପ୍ରତ୍ୟକ୍ଷ ଓ ଆଗମ ଅର୍ଥାତ୍ ବେଦାଦିଶାସ୍ତ୍ର ଦ୍ୱାରା ଈକ୍ଷିତ ବା ଜ୍ଞାତ ପଦାର୍ଥର ଅନ୍ୱୀକ୍ଷଣ ବା ପରୀକ୍ଷାହିଁ ଅନ୍ୱୀକ୍ଷା । ସେହି ଅନ୍ୱୀକ୍ଷା ନିମିତ୍ତ ପ୍ରବୃତ୍ତ ବା ପ୍ରକାଶିତ ଶାସ୍ତ୍ରକୁ ଆନ୍ୱୀକ୍ଷିକୀ ନ୍ୟାୟବିଦ୍ୟା ବା ନ୍ୟାୟଶାସ୍ତ୍ର କୁହାଯାଏ । କିନ୍ତୁ ଯେଉଁ ଅନୁମାନ ପ୍ରତ୍ୟକ୍ଷ ଓ ଆଗମ ବିରୁଦ୍ଧ ତାହା ନ୍ୟାୟଶାସ୍ତ୍ର ନୁହେ ନ୍ୟାୟାଭାସମାତ୍ର [୩] । ଉଦାହରଣସ୍ୱରୂପ କେହି ଯଦି ଅନୁମାନକରେ 'ଅଗ୍ନିଃ ଅନୁଷ୍ଣଃ କାର୍ଯ୍ୟତ୍ୱାତ୍ ଜଳବତ୍' ଅର୍ଥାତ୍ ଜଳ ଯେପରି କାର୍ଯ୍ୟ ହୋଇଥିବାରୁ ଉଷ୍ଣ ନୁହେ, ଅଗ୍ନି ସେହିପରି ଉଷ୍ଣ ନୁହେ, ଏହି ଅନୁମାନ ପ୍ରତ୍ୟକ୍ଷ ବିରୁଦ୍ଧହେତୁ ନ୍ୟାୟାଭାସ । କାରଣ ଅଗ୍ନିରେ ଥିବା ଉଷ୍ଣସ୍ପର୍ଶ ତ୍ୱଗିନ୍ଦ୍ରିୟଦ୍ୱାରା ପ୍ରତ୍ୟକ୍ଷସିଦ୍ଧ ଏବଂ ସର୍ବଜନ ଅନୁଭୂତ । ସେହି ପ୍ରତ୍ୟକ୍ଷର ପ୍ରାମାଣ୍ୟ ସମ୍ବନ୍ଧରେ ସନ୍ଦେହର ଅବକାଶ ନାହିଁ । ସୁତରାଂ ପ୍ରତ୍ୟକ୍ଷସିଦ୍ଧ ଅଗ୍ନିର ଉଷ୍ଣତ୍ୱକୁ ଅପଲାପ କରି କୌଣସି ହେତୁଦ୍ୱାରା ଅଗ୍ନିରେ ଅନୁଷ୍ଣତ୍ୱର ଅନୁମାନ କରାଯାଇନପାରେ । ଅତଏବ ପ୍ରତ୍ୟକ୍ଷବିରୁଦ୍ଧ ଅନୁମାନ

---

[୧] ଋଗ୍ବେଦସ୍ୟ ମହତୋ ଭୂତସ୍ୟ ନିଃଶ୍ୱସିତ ମେ ବୈତଦ୍ ଋଗ୍ବେଦୋଯଜୁର୍ବେଦଃ......ଜ୍ୟୋତିଷା-ମୟନଂ ନ୍ୟାୟୋମୀମାଂସାଧର୍ମଶାସ୍ତ୍ରାଣୀତି । (ସୁବଲୋପନିଷଦ୍ ୨ୟ ଖଣ୍ଡ)

[୨] ଯସ୍ତର୍କେଣାନୁସନ୍ଧତ୍ତେ ସ ଧର୍ମଂ ବେଦନେତରଃ (ମନୁଃ)

[୩] 'ପ୍ରମାଣୈରର୍ଥପରୀକ୍ଷଣଂ ନ୍ୟାୟଃ' ପ୍ରତ୍ୟକ୍ଷାଗମାଶ୍ରିତମନୁମାନଂ ସା ଅନ୍ୱୀକ୍ଷା ପ୍ରତ୍ୟକ୍ଷାଗମାଭ୍ୟାମୀ-କ୍ଷିତସ୍ୟ ଅନ୍ୱୀକ୍ଷଣମ୍ ଅନ୍ୱୀକ୍ଷା । ତୟା ପ୍ରବର୍ତ୍ତତେ ଇତ୍ୟାନ୍ୱୀକ୍ଷିକୀ ନ୍ୟାୟବିଦ୍ୟା ନ୍ୟାୟଶାସ୍ତ୍ରମ୍, ଯତ୍ପୁନରନୁମାନଂ ପ୍ରତ୍ୟକ୍ଷାଗମବିରୁଦ୍ଧଂ ନ୍ୟାୟାଭାସଃ ସ ଇତି (ବାତ୍ସ୍ୟାୟନଭାଷ୍ୟ)

ନ୍ୟାୟାଭାସ ହେତୁ ଅଗ୍ରହଣୀୟ । ଦ୍ୱିତୀୟତଃ କେହି ଯଦି ଆଗମ ବା ବେଦାଦିଶାସ୍ତ୍ର ବିରୁଦ୍ଧ ଅନୁମାନର ଆଶ୍ରୟ ନେଇ କହେ – 'ନରଶିରଃ କପାଳଂ ଶୁଚି ପ୍ରାଣ୍ୟଙ୍ଗତ୍ୱାତ୍ ଶଙ୍ଖବତ୍' ଅର୍ଥାତ୍ ମୃତବ୍ୟକ୍ତିର ମୁଣ୍ଡର କପାଳ (ଖପୁରି) ପବିତ୍ର ଯେହେତୁ ତାହା ପ୍ରାଣୀର ଅଙ୍ଗ ଯେପରିକି ଶଙ୍ଖ । ଶଙ୍ଖ ମୃତପ୍ରାଣୀର ଅଙ୍ଗ ହେଲେ ମଧ୍ୟ ପବିତ୍ର ଓ ତାହା ବେଦାଦିଶାସ୍ତ୍ର ଓ ବୈଦିକ ସମ୍ପ୍ରଦାୟର ସର୍ବବାଦୀସମ୍ମତ । ସୁତରାଂ ଅବୈଦିକ ସମ୍ପ୍ରଦାୟ ଏହି ଶଙ୍ଖକୁ ଦୃଷ୍ଟାନ୍ତ ରୂପେ ଗ୍ରହଣକରି ମୃତବ୍ୟକ୍ତିର କପାଳକୁ ପବିତ୍ରବୋଲି ଯେଉଁ ଅନୁମାନ କରନ୍ତି, ତାହା ବେଦ ଓ ବେଦମୂଳକ ସ୍ମୃତି ପୁରାଣାଦି ଶାସ୍ତ୍ରସମ୍ମତ ନୁହେ । ବରଂ ମନ୍ୱାଦିସ୍ମୃତିଶାସ୍ତ୍ରରେ ମୃତବ୍ୟକ୍ତିର ଅସ୍ଥି ସ୍ପର୍ଶ କଲେ ପ୍ରାୟଶ୍ଚିତ୍ତ କରିବାକୁ ହେବ ବୋଲି ବିଧାନ କରାଯାଇଅଛି । ଅତଏବ ମୃତବ୍ୟକ୍ତିର କପାଳକୁ ପବିତ୍ରବୋଲି ଅନୁମାନ କରିବା ଶାସ୍ତ୍ରବିରୁଦ୍ଧ ହେତୁ ସେହି ଶାସ୍ତ୍ରବିରୁଦ୍ଧ ଅନୁମାନ ନ୍ୟାୟାଭାସ । ତେଣୁ ଅଗ୍ରହଣୀୟ । ଆହୁରି ମଧ୍ୟ 'ବ୍ରାହ୍ମଣେନ ସୁରାପେୟା ଦ୍ରବଦ୍ରବ୍ୟତ୍ୱାତ୍ କ୍ଷୀରବତ୍' ଅର୍ଥାତ୍ ଦ୍ରବଦ୍ରବ୍ୟ ବା ତରଳପଦାର୍ଥ ହୋଇଥିବାରୁ କ୍ଷୀରପାନପରି ସୁରାପାନ ବ୍ରାହ୍ମଣପକ୍ଷେ ପାପଜନକ ନୁହେବୋଲି ଅନୁମାନକରିବା ଶାସ୍ତ୍ର ବିରୁଦ୍ଧ । କାରଣ ଶାସ୍ତ୍ରରେ ବ୍ରାହ୍ମଣପକ୍ଷେ କ୍ଷୀରପାନ ପାପଜନକ ନୁହେବୋଲି ଯେପରି ଶାସ୍ତ୍ରହିଁ ଏକମାତ୍ର ପ୍ରମାଣ, ସେହିପରି ସୁରାପାନ ପାପଜନକ ବୋଲି ଶାସ୍ତ୍ରହିଁ ଏକମାତ୍ର ପ୍ରମାଣ । ତେଣୁ ବ୍ରାହ୍ମଣପକ୍ଷେ ସୁରାପାନର ଅନୁମାନ ଶାସ୍ତ୍ରବିରୁଦ୍ଧ, ସୁତରାଂ ସେହି ଅନୁମାନ ନ୍ୟାୟାଭାସ ହେତୁ ପରିତ୍ୟାଜ୍ୟ । ସୁତରାଂ ପ୍ରତ୍ୟକ୍ଷ ଓ ବେଦାଦିଆଗମ ଶାସ୍ତ୍ରର ଅନୁକୂଳ ତର୍କ ବା ଅନୁମାନହିଁ ଆସ୍ତିକ ବା ବୈଦିକ ତର୍କ ବିଦ୍ୟା ।

ଯାଜ୍ଞବଲ୍କ୍ୟସ୍ମୃତି ଓ ବିଷ୍ଣୁପୁରାଣରେ ନ୍ୟାୟଦର୍ଶନକୁ ଚତୁର୍ଦ୍ଦଶବିଦ୍ୟା ମଧ୍ୟରେ ଗଣନା କରାଯାଇଅଛି [୧] । ମନୁ ଚତୁର୍ବିଧବିଦ୍ୟା ମଧ୍ୟରେ ତ୍ରୟୀ, ବାର୍ତ୍ତା ଓ ଦଣ୍ଡନୀତି ସହିତ ଆନ୍ୱୀକ୍ଷିକୀ ଶବ୍ଦରେ ନ୍ୟାୟ ବା ତର୍କ ବିଦ୍ୟାକୁହିଁ ଗ୍ରହଣ କରିଅଛନ୍ତି । ଅମରକୋଷକାର 'ଆନ୍ୱୀକ୍ଷିକୀ ଦଣ୍ଡନୀତିସ୍ତର୍କବିଦ୍ୟାର୍ଥଶାସ୍ତ୍ରୟୋଃ' ଏହି ଶ୍ଳୋକରେ ଆନ୍ୱୀକ୍ଷିକୀଶବ୍ଦର ତର୍କବିଦ୍ୟା ବୋଲି ଅର୍ଥ କରିଅଛନ୍ତି । ମନୁସ୍ମୃତିରେ ଧର୍ମର ପ୍ରକୃତମର୍ମ ବୁଝିବାକୁ ହେଲେ ପ୍ରତ୍ୟକ୍ଷ, ଅନୁମାନ ଓ ବିବିଧଶାସ୍ତ୍ର ଏହି ତିନୋଟି ଭଲଭାବେ ଜାଣିବାକୁ ହେବ ବୋଲି ନିର୍ଦ୍ଦେଶ କରାଯାଇଅଛି [୨] । ଏହି ପ୍ରସଙ୍ଗରେ ଟୀକାକାର କୁଲ୍ଲୁକଭଟ୍ଟ ଲେଖିଛନ୍ତି ଯେ ଧର୍ମର ତତ୍ତ୍ୱ ଜାଣିବାକୁ ହେଲେ ଧର୍ମର ସାଧନରୂପେ ଦ୍ରବ୍ୟଗୁଣ ଜାତିର ତତ୍ତ୍ୱଜ୍ଞାନପାଇଁ ପ୍ରତ୍ୟକ୍ଷ ଓ ଅନୁମାନ ଏବଂ ଧର୍ମଜ୍ଞାନପାଇଁ ବେଦମୂଳକ ସ୍ମୃତ୍ୟାଦିଶାସ୍ତ୍ର ଏହି ପ୍ରମାଣତ୍ରୟ ଅବଶ୍ୟ ଜାଣିବାକୁ ହେବ । ବ୍ରତ ଓ ମନ୍ତ୍ର ରହିତ ଜାତିମାତ୍ରୋପଜୀବୀଙ୍କ ଦ୍ୱାରା ଧର୍ମର ବ୍ୟବସ୍ଥା ଦେବାପାଇଁ ଧର୍ମୋପଦେଶକ ପରିଷଦ୍ ହୋଇ ନପାରେ । ବାସ୍ତବିକ ଧର୍ମୋପଦେଶକ ପରିଷଦ୍ ବା ଧର୍ମବ୍ୟବସ୍ଥାପକ ସଭାରେ ବିଭିନ୍ନଶାସ୍ତ୍ର ଜାଣିଥିବା ଦଶପ୍ରକାର ବ୍ୟକ୍ତି ରହିବା ଉଚିତ ବୋଲି ମନୁ ଦର୍ଶାଇ ଅଛନ୍ତି । ଉକ୍ତ ଦଶାବରପରିଷଦରେ ବେଦତ୍ରୟ ଜାଣିଥିବା ବ୍ୟକ୍ତି, ମୀମାଂସକ, ନିରୁକ୍ତଜ୍ଞ, ଧର୍ମପାଠକ, ବ୍ରହ୍ମଚାରୀ, ଗୃହସ୍ଥ ଓ ବାନପ୍ରସ୍ଥଙ୍କ ସହିତ ହୈତୁକ ନ୍ୟାୟଶାସ୍ତ୍ରଜ୍ଞ ବ୍ୟକ୍ତି ମଧ୍ୟ ରହିବା ଆବଶ୍ୟକ ବୋଲି

---

[୧] ପୁରାଣନ୍ୟାୟମୀମାଂସାଧର୍ମଶାସ୍ତ୍ରାଙ୍ଗମିଶ୍ରିତାଃ । ବେଦାଃ ସ୍ଥାନାନି ବିଦ୍ୟାନାଂ ଧର୍ମସ୍ୟ ଚ ଚତୁର୍ଦ୍ଦଶ
(ଯାଜ୍ଞବଲ୍କ୍ୟ)

ଅଙ୍ଗାନିବେଦାଶ୍ଚତ୍ୱାରଃମୀମାଂସାନ୍ୟାୟବିସ୍ତରଃ । ପୁରାଣଂ ଧର୍ମଶାସ୍ତ୍ରଂ ଚ ବିଦ୍ୟାହ୍ୟେତାଶ୍ଚତୁର୍ଦ୍ଦଶ
(ବିଷ୍ଣୁପୁରାଣ)

[୨] ପ୍ରତ୍ୟକ୍ଷମନୁମାନଞ୍ଚ ଶାସ୍ତ୍ରଞ୍ଚବିବିଧାଗମଂ । ତ୍ରୟଂସୁବିଦିତଂକାର୍ଯ୍ୟଂ ଧର୍ମଶୁଦ୍ଧିମଭୀପ୍ସତା (ମନୁ ୧୨ ଅଃ)

ମନୁ ନିର୍ଦ୍ଦେଶ ଦେଇଅଛନ୍ତି [୧] । ଏଠାରେ 'ହୈତୁକ' ପଦରେ ଶ୍ରୁତିସ୍ମୃତିବିରୁଦ୍ଧ ନ୍ୟାୟଶାସ୍ତ୍ରଜ୍ଞ ବୋଲି କୁଲ୍ଲୁକଭଟ୍ଟ ଅର୍ଥ କରିଅଛନ୍ତି । ବେଦକୁ ପ୍ରମାଣରୂପେ ସ୍ୱୀକାର କରୁଥିବା ଆନ୍ୱୀକ୍ଷିକୀ ନ୍ୟାୟଶାସ୍ତ୍ରରହିଁ ସର୍ବତ୍ର ଆଦର କରାଯାଇଥିବା ଉଲ୍ଲେଖଅଛି । କିନ୍ତୁ ବେଦନିନ୍ଦକ ନାସ୍ତିକ ହେତୁଶାସ୍ତ୍ର ବା କୁତର୍କ ସର୍ବଥା ଅଶ୍ରଦ୍ଧେୟ । ହେତୁଶାସ୍ତ୍ର ବା କୁତର୍କ ଅବଲମ୍ବନରେ ଯେଉଁ ବେଦନିନ୍ଦକ ନାସ୍ତିକମାନେ ବେଦକୁ ଅବମାନନା କରନ୍ତି, ସେମାନେ ସାଧୁମାନଙ୍କଦ୍ୱାରା ବହିଷ୍କାର୍ଯ୍ୟ ବୋଲି ମନୁ ଅସତ୍ତର୍କର ନିନ୍ଦା କରିଅଛନ୍ତି [୨] । ଟୀକାକାର ମେଧାତିଥି ଏଠାରେ ହେତୁଶାସ୍ତ୍ର କହିଲେ ନାସ୍ତିକ ବୌଦ୍ଧଚାର୍ବାକାଦି ତର୍କଶାସ୍ତ୍ର ବୋଲି ପ୍ରତିପାଦନ କରିଅଛନ୍ତି । ସେ ଉଲ୍ଲେଖ କରିଅଛନ୍ତି ଯେ ଯେଉଁ ଶାସ୍ତ୍ରରେ ବେଦ ଅଧର୍ମ ନିମନ୍ତେ ଲିଖିତ ବୋଲି ପୁନଃ ପୁନଃ ଉଦ୍‌ଘୋଷିତ ହୋଇଅଛି ସେହି ଅସତ୍ ବା ନାସ୍ତିକ (ବୌଦ୍ଧଚାର୍ବାକାଦି) ତର୍କର ଏଠାରେ ନିନ୍ଦା କରାଯାଇଅଛି । କୁଲ୍ଲୁକଭଟ୍ଟ ମଧ୍ୟ ଟୀକାରେ ଉଲ୍ଲେଖ କରିଅଛନ୍ତି ଯେ ହେତୁଶାସ୍ତ୍ରକୁ ଆଶ୍ରୟକରି ବେଦବାକ୍ୟକୁ ଅପ୍ରମାଣରୂପେ ପ୍ରତିପାଦନ କରୁଥିବା ଚାର୍ବାକ ପ୍ରଭୃତି ନାସ୍ତିକମାନଙ୍କର ପ୍ରତିକୂଳ ତର୍କହିଁ ବେଦନିନ୍ଦକ ନାସ୍ତିକତର୍କ । ଏହି ନାସ୍ତିକ କୁତର୍କ ବା ଗୌତମବୁଦ୍ଧଙ୍କ ବେଦବିରୁଦ୍ଧତର୍କକୁ ଲକ୍ଷ୍ୟକରିହିଁ ସମ୍ଭବ ଆମ ଲୋକମୁଖରେ 'ଅଧୀତେ ଗୌତମେଶାସ୍ତ୍ରେ ଶାର୍ଗାଲୀଂ ଯୋନିମାପ୍ନୁୟାତ୍' ଏଭଳି ଗୋଟିଏ ଆକ୍ଷେପ ଉକ୍ତିର ପ୍ରକୃତମର୍ମ ନବୁଝିପାରି ଅଜ୍ଞଲୋକେ ବେଦାନୁକୂଳ ଆସ୍ତିକମହର୍ଷି ଅକ୍ଷପାଦଗୋତମଙ୍କ ଦାର୍ଶନିକ ତର୍କବିଦ୍ୟା ବା ନ୍ୟାୟଶାସ୍ତ୍ର ଉପରେ ଦୋଷାରୋପ କରିଥାନ୍ତି । କାବ୍ୟମୀମାଂସାରେ ରାଜଶେଖର ଆନ୍ୱୀକ୍ଷିକୀ ଶାସ୍ତ୍ରକୁ ପୂର୍ବ ଉତ୍ତରଭେଦରେ ଦୁଇଭାଗରେ ବିଭକ୍ତକରି କହିଅଛନ୍ତି ଯେ ଅର୍ହତ, ଭଦନ୍ତ ଓ ଲୋକାୟତ ଅର୍ଥାତ୍ ଜୈନ, ବୌଦ୍ଧ ଓ ଚାର୍ବାକ ଦର୍ଶନ ପୂର୍ବପକ୍ଷ ଏବଂ ସାଂଖ୍ୟ, ନ୍ୟାୟ ଓ ବୈଶେଷିକ ଦର୍ଶନ ଉତ୍ତର ପକ୍ଷ । କାରଣ ନ୍ୟାୟଦର୍ଶନରେ 'ଶ୍ରୁତପ୍ରାମାଣ୍ୟାତ୍' ଓ ବୈଶେଷିକଦର୍ଶନରେ 'ତଦ୍‌ବଚନାତ୍ ଆମ୍ନାୟସ୍ୟ ପ୍ରାମାଣ୍ୟମ୍' କହି ବେଦକୁ ପ୍ରମାଣରୂପେ ସ୍ୱୀକାର କରୁଥିବାରୁ ଏବଂ ମୋକ୍ଷ ପ୍ରତିପାଦକ ଶାସ୍ତ୍ର ହୋଇଥିବାରୁ ଏମାନେ ଉତ୍ତରପକ୍ଷ ବୈଦିକଦର୍ଶନ ଅଟନ୍ତି । ଅତଏବ ବୁଝିବାକୁ ହେବ ଯେ 'ନୈଷାତର୍କେଣ ମତିରାପନେୟା' 'ଅତର୍କମଣୁପ୍ରବେଶାତ୍' ପ୍ରଭୃତିସ୍ଥଳରେ ନାସ୍ତିକ କୁତର୍କରହିଁ କେବଳ ନିନ୍ଦା କରାଯାଇ ଅଛି, ବୈଦିକ ଆନ୍ୱୀକ୍ଷିକୀ ବା ନ୍ୟାୟଶାସ୍ତ୍ରର ନୁହେ । କାରଣ ନ୍ୟାୟଶାସ୍ତ୍ର ମୋକ୍ଷପ୍ରତିପାଦକ ବୈଦିକ ତର୍କଶାସ୍ତ୍ର । ତାହା ଲୌକିକ ବ୍ୟବହାର ଓ ବେଦର ଯଥାର୍ଥଜ୍ଞାନ ଏବଂ ପ୍ରାମାଣ୍ୟ ପ୍ରତିପାଦନ ପାଇଁ ସର୍ବଥା ଆବଶ୍ୟକ ।

ବେଦରେ ଉଲ୍ଲେଖ ଅଛି — 'ଆତ୍ମା ବା ଅରେ-ଦ୍ରଷ୍ଟବ୍ୟଃ ଶ୍ରୋତବ୍ୟଃ ମନ୍ତବ୍ୟଃ ନିଦିଧ୍ୟାସିତବ୍ୟଃ' ଅର୍ଥାତ୍ ନିଃଶ୍ରେୟସର ହେତୁଭୂତ ଆତ୍ମସାକ୍ଷାତ୍କାର କରିବାକୁ ହେଲେ ଶ୍ରବଣ, ମନନ ଓ ନିଦିଧ୍ୟାସନ ଆବଶ୍ୟକ । ନୈୟାୟିକ ଶିରୋମଣି ଉଦୟନାଚାର୍ଯ୍ୟ ନ୍ୟାୟକୁସୁମାଞ୍ଜଳିଗ୍ରନ୍ଥରେ ନ୍ୟାୟଚର୍ଚ୍ଚାହିଁ ଈଶ୍ୱରଙ୍କ ଉପାସନାରୂପକ ମନନ ବୋଲି ପ୍ରତିପାଦନ କରିଅଛନ୍ତି [୩] । ନ୍ୟାୟ, ବୈଶେଷିକ, ସାଂଖ୍ୟ, ଯୋଗ, ମୀମାଂସା ଓ ବେଦାନ୍ତ ଏହି ଷଡ଼ଦର୍ଶନର ଋଷିମାନଙ୍କ

---

[୧] ତ୍ରୈବିଦ୍ୟୋ ହୈତୁକସ୍ତର୍କୀ ନୈରୁକ୍ତୋ ଧର୍ମପାଠକଃ
ତ୍ରୟଶ୍ଚାଶ୍ରମିଣଃ ପୂର୍ବେ ପରିଷତ୍‌ଦଶାବରା । (ମନୁ ୧୨।୧୧୧)

[୨] ଯୋଽବମନ୍ୟେତ ତେ ମୂଳେ ହେତୁଶାସ୍ତ୍ରାଶ୍ରୟାଦ୍‌ଦ୍ୱିଜଃ । ସ ସାଧୁଭିର୍ବହିଷ୍କାର୍ଯ୍ୟୋ ନାସ୍ତିକୋ ବେଦନିନ୍ଦକଃ
(ମନୁ ୨।୧୧)

[୩] ନ୍ୟାୟଚର୍ଚ୍ଚେୟମୀଶସ୍ୟ ମନନ ବ୍ୟପଦେଶଭାକ୍ । ଉପାସନୈବ କ୍ରିୟତେ ଶ୍ରବଣାନନ୍ତରାଗତା
(ନ୍ୟାୟକୁସୁମାଞ୍ଜଳି)

କବିର ଅନ୍ତର୍ଦୃଷ୍ଟିର ମହତ୍ତ୍ୱ ଦେଖାଇବାକୁ ଯାଇ କବି ନୀଳକଣ୍ଠ ଶିବଲୀଳାର୍ଣ୍ଣବ କାବ୍ୟରେ ଲେଖିଛନ୍ତି—

ଯଶ୍ୟୈବମେକସ୍ୟ କବେଃ କୃତିଂ ଚେତ୍ସାରସ୍ୱତଂ
କୋଶମବୈମି କୃତ୍ସ୍ନମ୍ ।
ଅନ୍ତଃପ୍ରବିଶ୍ୟାପ୍ୟମବେକ୍ଷିତଶ୍ଚେତ୍ କୋଣେ ପ୍ରବିଷ୍ଟା
କବିକୋଟିରେଷା ॥

ଅର୍ଥାତ୍ ଜଣେମାତ୍ର କବିଙ୍କର କୃତି (କାବ୍ୟ)କୁ ଯେତେବେଳେ ମୁଁ ଦେଖିଲି ସେତେବେଳେ ମୋର ମନେ ହେଲା ସରସ୍ୱତୀଙ୍କ ଭଣ୍ଡାର ଏ ଶେଷକରି ଦେଇଛନ୍ତି ମୋପାଇଁ ଆଉ କିଛିନାହିଁ, ମାତ୍ର ଯେତେବେଳେ ମୁଁ ଅନ୍ତର୍ଦୃଷ୍ଟି ହୋଇ ଦେଖିଲି ସେତେବେଳେ ଜଣାଗଲା ଯେପରି ଏହି ବିଶ୍ୱର କୋଟି କୋଟି କବି ସେହି ଭଣ୍ଡାରର ଗୋଟିଏ କୋଣରେ କେଉଁଠି ପଡିଛନ୍ତି ।

କବି କ୍ରାନ୍ତଦର୍ଶୀ ଅର୍ଥାତ୍ ବସ୍ତୁର ନିଗୂଢ଼ତମ ମୂଳତତ୍ତ୍ୱକୁ ବିଶ୍ଳେଷଣ କରିବା ବିଷୟରେ ଯେ କି କ୍ଷମ । ସବୁ ବସ୍ତୁର ମୂଳତତ୍ତ୍ୱ ହେଲା ବ୍ରହ୍ମ "ସର୍ବଂ ବ୍ରହ୍ମମୟଂ ଜଗତ୍" ବ୍ରହ୍ମର ବିବର୍ତ୍ତନ ହେଲା ଜଗତ୍ ବା ଜାଗତିକ ସମଗ୍ର ବସ୍ତୁ ଏବଂ ସେ ବ୍ରହ୍ମହେଉଛନ୍ତି ସଚ୍ଚିଦାନନ୍ଦସ୍ୱରୂପ । ଅତଏବ ସବୁ ବସ୍ତୁ ମୂଳରେ ରହିଛି ଆନନ୍ଦ । ତାକୁ ଆବିଷ୍କାର କରି ଯେ ଜଗତ୍ ସମକ୍ଷରେ ଉପସ୍ଥାପିତ କରିପାରନ୍ତି ସେ ହେଉଛନ୍ତି କବି ।

ଭଗବତୀ ଶ୍ରୁତି ଅଖଣ୍ଡବ୍ରହ୍ମାଣ୍ଡନାୟକ ଭଗବାନ୍‌ଙ୍କୁ ବୈୟାକରଣ ତାର୍କିକ ବା ବେଦାନ୍ତୀ କହିନି କହୁଛି କବି— "କବିର୍ମନୀଷୀ ପରିଭୂଃ ସ୍ୱୟମ୍ଭୂଃ" ଇତ୍ୟାଦି (ଋଗ୍‌ବେଦ) ।

ଅନ୍ୟତ୍ର ବି ଅଛି—

ସ୍ତୋତୁଂ ପ୍ରବୃତ୍ତ କବିମୀଶ୍ୱରଂହି ନ ଶାବ୍ଦିକଂ ପ୍ରାହ
ନ ତାର୍କିକଂ ବା ।
ବ୍ରୂତେ ହି ତାବତ୍‌କବିରିତ୍ୟଭୀକ୍ଷ୍ଣଂ କାଷ୍ଠା ପରା ସା
କବିତା ତତୋ ନଃ ॥

ଗୀତାରେ କବିଶବ୍ଦ ଭଗବାନ୍‌ଙ୍କ ଉଦ୍ଦେଶ୍ୟରେ ଦିଆ ଯାଇଛି—

"କବିଂ ପୁରାଣମନୁଶାସିତାରମଣୋରଣୀୟାଂ-
ସମନୁସ୍ମରେଦ୍ ଯଃ ।

ଲୌକିକକାବ୍ୟକର୍ତ୍ତାଙ୍କୁ କବିଶବ୍ଦରେ ଅନେକ ସ୍ଥଳରେ ବ୍ୟବହାର କରିଛନ୍ତି-- "ମନ୍ଦଃ କବିଯଶଃପ୍ରାର୍ଥୀ ଗମିଷ୍ୟାମ୍ୟୁପହାସ୍ୟତାମ୍" ଏଠାରେ ବାଲ୍ମୀକି ପ୍ରଭୃତି କବିଙ୍କୁ ଲକ୍ଷ୍ୟକରି ମହାକବି କାଳିଦାସ କବିଶବ୍ଦ ବ୍ୟବହାର କରିଛନ୍ତି । ମାଘକବି ତାଙ୍କର ମାଘକାବ୍ୟର ୨ୟ ସର୍ଗରେ "ନୈକମୋଜଃ ପ୍ରସାଦୋ ବା ରସଭାବବିଦଃ କବେଃ" ଏଠାରେ "ରସଭାବବିଦଃ" ଏହି ବିଶେଷଣ ଦେବାଦ୍ୱାରା ଏବଂ ଓଜଃ ପ୍ରସାଦ କାବ୍ୟର ଏ ଗୁଣକୁ ଗ୍ରହଣ କରିବାଦ୍ୱାରା କେବଳ କାବ୍ୟକର୍ତ୍ତାଙ୍କୁ କବି ଶବ୍ଦରେ କୁହାଯାଇଛି ।

ଉତ୍ତରରାମଚରିତରେ "ଇଦଂ ପୂର୍ବେଭ୍ୟଃ କବିଭ୍ୟଃ ନମୋ ବାକ୍ ପ୍ରଶାସ୍ମହେ" ଏଠାରେ ବି କାବ୍ୟକାରଙ୍କୁ କବିବୋଲି କୁହାଯାଇଛି ।

"ଏକୋଽଭୂନ୍ନଳିନାତ୍ପରସ୍ତୁପୁଳିନାଦ୍‌ବଲ୍ମୀକ-
ତଶ୍ଚାପରଃ ।
ତେ ଭୂବନ୍ କବୟସ୍ତ୍ରିଲୋକଗୁରବସ୍ତେଭ୍ୟୋ
ନମସ୍କୁର୍ମହେ ॥"

ଉଦ୍‌ଭଟଙ୍କ ଏହି ଲେଖାରୁ ଭଗବାନ୍‌ଙ୍କ ନାଭି କମଳରୁ ଜାତ ବେଦପ୍ରଖ୍ୟାପକ ବ୍ରହ୍ମାଙ୍କୁ କବି ବୋଲି ପ୍ରଥମରେ କୁହାଯାଇଛି, ତାପରେ ପୁରାଣକର୍ତ୍ତା ପୁଳିନ ଜାତ ବ୍ୟାସଙ୍କୁ, ତଦନନ୍ତର ରାମାୟଣକାବ୍ୟକର୍ତ୍ତା ବାଲ୍ମୀକିଙ୍କୁ କବିପଦରେ ଗଣନା କରାଯାଇଛି । ବିଦଗ୍ଧମୁଖମଣ୍ଡନରେ ବି "ରବେଃ କବେଃ କିଂ ସମରସ୍ୟ ସାରମ୍" ଏପରିଭାବରେ ଅନେକସ୍ଥଳରେ କାବ୍ୟକର୍ତ୍ତାଙ୍କୁ କବିପଦରେ କୁହାଯାଇଛି ।

ଏସବୁରୁ ଜଣାଯାଉଛି ଯେ କବିଶବ୍ଦଯେ କେବଳ ରଘୁ, କୁମାର ପ୍ରଭୃତି ଲୌକିକ କାବ୍ୟକର୍ତ୍ତାଙ୍କଠାରେ ପ୍ରଯୁଜ୍ୟ ତାହାନୁହେଁ ସୃଷ୍ଟି ଆରମ୍ଭରୁ ଜଡ ବା

ସମାଜର ଆଧ୍ୟାତ୍ମିକ ଶାରୀରିକ ମାନସିକ ସକଳବିଧ ଉନ୍ନତି ପାଇଁ ଯେ କେହି ମନୀଷୀ ଯେତେବେଳେ ଯାହାକିଛି ଲେଖିଯାଇଛନ୍ତି ତାଙ୍କୁ କବି କୁହାଯାଇଛି, କହିବା ସମୀଚୀନ, କାରଣ କବିଶବ୍ଦ ଯଦି କୁବର୍ଣ୍ଣେ କୁଙ୍‌ଶବ୍ଦେ ବା କବୃ ଧାତୁରୁ ନିଷ୍ପନ୍ନ ତାହେଲେ ବେଦଠାରୁ ଆରମ୍ଭକରି ସକଳଶାସ୍ତ୍ରରେ ତ ଶବ୍ଦ ଅଛି, ବର୍ଣ୍ଣନା ବା ସ୍ତୁତି ଅଛି ତାହେଲେ ସମସ୍ତ କବି କୁହାନଯିବ କାହିଁକି ?

କାବ୍ୟମୀମାଂସାକାର କବିଙ୍କୁ ତିନିଭାଗରେ ବିଭକ୍ତ କରିଛନ୍ତି— ଶାସ୍ତ୍ରକବି, କାବ୍ୟକବି, ଉଭୟ କବି । ଶାସ୍ତ୍ରକବି ପୁଣି ତିନି ପ୍ରକାର— ଯେ କେବଳ ଶାସ୍ତ୍ରରଚନା କରେ ସେ ପ୍ରଥମ, ଦ୍ୱିତୀୟ ଯେ ଶାସ୍ତ୍ରରେ କାବ୍ୟସୌନ୍ଦର୍ଯ୍ୟକୁ ନିହିତ କରେ, ତୃତୀୟ ଯେ କାବ୍ୟରେ ଶାସ୍ତ୍ରୀୟଅର୍ଥକୁ ଦିଏ । କାବ୍ୟକବି ଆଠ-ପ୍ରକାର— ୧ ରଚନା କବି ଯେ କେବଳ ଅନୁପ୍ରାସପ୍ରତି ଦୃଷ୍ଟି ଦିଏ । ୨ ଶବ୍ଦକବି-ନାମ, ଆଖ୍ୟାତ ଉପରେ ଜୋର ଦିଏ । ୩ ଅର୍ଥକବି-- ଅଳଂକାରାଦି ଶୂନ୍ୟ କେବଳ ଅର୍ଥକୁ ଲକ୍ଷ୍ୟରଖି ଯେ ଲେଖେ । ୪ ଅଳଂକାରକବି-ଯେ କେବଳ ଅଳଂକାରପ୍ରତି ଦୃଷ୍ଟି ଦିଏ । ୫ ଉକ୍ତି-କବି-- ଯେ ଭଙ୍ଗ୍ୟନ୍ତରରେ ଲେଖେ । ୬ ରସକବି-- ଯେ ରସକୁ ଲକ୍ଷ୍ୟରଖି କାବ୍ୟ କରେ । ୭ ମାର୍ଗକବି-- ଯେ ରୀତି ଉପରେ ଜୋରଦିଏ । ୮ ଶାସ୍ତ୍ରାର୍ଥକବି-- ଯେ ଶାସ୍ତ୍ରୀୟ ଅର୍ଥକୁ ନାଟକ ପ୍ରଭୃତିରେ ବ୍ୟବହାର କରି ସଫଳତା ଲଭ କରନ୍ତି । ଏପ୍ରକାର କବିଭେଦ ସମସ୍ତେ ମାନନ୍ତି ନାହିଁ କାରଣ କାବ୍ୟର ଜୀବନ ହେଲ ରସ ଯେଉଁଥିରେ ତାହା ନାହିଁ କେବଳ ଅଳଂକାର ବା ନାମ ଆଖ୍ୟାତ ରହିଲେ ତାହା କାବ୍ୟ ବୋଲାଇବ ନାହିଁ ।

ତାପରେ ଅବସ୍ଥାଭେଦରେ କବି ଦଶପ୍ରକାର ବୋଲି ସେ କହିଛନ୍ତି—

୧ । କାବ୍ୟବିଦ୍ୟାସ୍ନାତକ - ଯେଉଁ ବ୍ୟକ୍ତି କବି ହେବା ଇଚ୍ଛାରେ କାବ୍ୟବିଦ୍ୟା (ଛନ୍ଦବ୍ୟାକରଣ ତର୍କ ପ୍ରଭୃତି) ଏବଂ ଉପବିଦ୍ୟା ଚଉଷଠି କଳାକୁ ଗ୍ରହଣ କରିବାପାଇଁ ଗୁରୁକୁଳରେ ବାସକରେ ।

୨ । ହୃଦୟକବି-- ଯେ କାବ୍ୟକରେ ମାତ୍ର ଲଜ୍ଜା-ହେତୁ ତାକୁ ବାହାରେ ପ୍ରକାଶ ନକରି ନିଜ ହୃଦୟରେ ହିଁ ରଖେ ।

୩ । ଅନ୍ୟାପଦେଶୀ-- ଯେ ଭୟକରି ନିଜ ରଚିତ କାବ୍ୟକୁ ଅନ୍ୟନାମରେ ପ୍ରକାଶକରେ ବା ପ୍ରସିଦ୍ଧକବି ନାମରେ ପ୍ରକାଶକଲେ ଲୋକାଦୃତ ହେବ ବୋଲି ଭାବେ ସେ ଅନ୍ୟାପଦେଶୀ ।

୪ । ସେବିତା-- ଏହି କବିମାନେ ପ୍ରାଚୀନକବିଙ୍କର ଛାୟାକୁ ଅବଲମ୍ବନକରି କାବ୍ୟ ଲେଖନ୍ତି, ନୂତନ ବିଷୟ କଳ୍ପନା କରିବାର ଶକ୍ତି ନଥାଏ ଥିଲେ ମଧ୍ୟ କାଳେ ଲୋକପ୍ରିୟ ହେବନି ନାହିଁ ବୋଲି ଭୟ କରନ୍ତି । ପରସେବା ହେତୁ ଏମାନଙ୍କୁ ସେବିତା କବି କୁହାଯାଏ ।

୫ । ଘଟମାନକବି-- ଯେ ସୁନ୍ଦର କବିତା ଲେଖେ ଅଥଚ ମହାକାବ୍ୟ ଲେଖିପାରେନି । ଏହି ପରି କବି ଆଜିକାଲି ପତ୍ରପତ୍ରିକାରେ ଶ୍ରେଷ୍ଠ ଶ୍ରେଷ୍ଠ ଗଦ୍ୟପଦ୍ୟ ଲେଖକ ବହୁତ ।

୬ । ମହାକବି-- ଯେ କି ଗଦ୍ୟପଦ୍ୟ ଯେ କୌଣସି ମହାକାବ୍ୟ ରଚନା କରିବାରେ ସମର୍ଥ ।

୭ । କବିରାଜ-- ଯେ କି ସଂସ୍କୃତ ପ୍ରାକୃତାଦି ସକଳଭାଷାରେ ଗଦ୍ୟ, ପଦ୍ୟ, ନାଟକ, ଚମ୍ପୂ ପ୍ରଭୃତିରେ ଶୃଙ୍ଗାରାଦି ସକଳରସ ପରିବେଷଣରେ ସିଦ୍ଧହସ୍ତ । ସବୁ କବି ମଧ୍ୟରେ ଏ ହେଉଛନ୍ତି ଶ୍ରେଷ୍ଠ । ରସପରି-ପକ୍ୱ ବୁଦ୍ଧି ହେତୁ ଏମାନଙ୍କୁ କବିରାଜ କୁହାଯାଏ । ଏହି କବିରାଜ ଶବ୍ଦକୁ ରସର ସାମ୍ୟ ନେଇ ପାରଦରସରେ ସିଦ୍ଧହସ୍ତ ବୈଦ୍ୟରାଜଠାରେ ପ୍ରୟୋଗ କରାଯାଉଛି ।

ଭର୍ତ୍ତୃହରି କହିଛନ୍ତି--

ଜୟନ୍ତି ତେ ସୁକୃତିନୋ ରସସିଦ୍ଧାଃ କବୀଶ୍ୱରାଃ ।
ନାସ୍ତି ଯେଷାଂ ଯଶଃକାୟେ ଜରାମରଣଜଂ ଭୟମ୍ ॥

ଭାଗ୍ୟଶାଳୀ ରସସିଦ୍ଧ କବୀଶ୍ୱରମାନେ ଜଗତରେ ଜୟଯୁକ୍ତ ଅଟନ୍ତି । କାରଣ ତାଙ୍କର ଯଶରୂପ ଶରୀରର କେବେହେଲେ ବିଲୟ ନାହିଁ ବା ଜରାମରଣ ଭୟ

ନାହିଁ । ବୈଦ୍ୟଶାସ୍ତ୍ରରେ କ ଉପଯୁକ୍ତ ପାଠକ ସ୍ୱେଦନରେ ନାଗମରଣ ଭୟ ନାହିଁ ବୋଲି କୁହାଯାଇଛି ।

୮ । ଆବେଶିକ-- ମଦ୍ୟ, ଚନ୍ଦ୍ର, ଗୁରୁ, ଋଷି ଓ ଦେବତାଙ୍କ ଅନୁଗ୍ରହରୁ ଯେତେବେଳେ କବିତ୍ୱଶକ୍ତିର ଆବେଶ ହୁଏ ସେତେବେଳେ ରଚନା କରେ ।

୯ । ଅବିଚ୍ଛେଦୀ-- ଯେତେବେଳେ ଇଚ୍ଛାକରେ ସେତେବେଳେ କବିତା ଲେଖେ । ଏହାର ଇଚ୍ଛାର ବିଚ୍ଛେଦ ନ ହେଉଥିବାରୁ ଏହାକୁ ଅବିଚ୍ଛେଦୀ କୁହାଯାଏ ।

୧୦ । ସଂକ୍ରାମୟିତା-- ଯେ ସ୍ୱୟଂ ମନ୍ତ୍ରସିଦ୍ଧ ହୋଇ ତାର ବଳରେ ବାଳକ ବା ବାଳିକାମାନଙ୍କଠାରେ କବିତା କରିବା ଶକ୍ତି ସଂଗ୍ରହ କରାଏ ।

ଏହା ମଧ୍ୟରୁ ପ୍ରଥମ ସାତଟି ଅବସ୍ଥା ବୁଦ୍ଧିମାନ୍ ଓ ଆହାର୍ଯ୍ୟ ବୁଦ୍ଧିର ହୁଏ । ବିଦ୍ୟାସ୍ନାତକ ତା ମଧ୍ୟରେ ପ୍ରାରମ୍ଭିକ ଅବସ୍ଥା ଏବଂ କବିରାଜ ହେଉଛି ଶେଷ-ଅବସ୍ଥା । ବାକି ତିନୋଟି ଔପଦେଶିକ ।

କବିକର୍ମ କାବ୍ୟ "ଗୁଣକର୍ମବ୍ରାହ୍ମଣାଦିଭ୍ୟଃଷ୍ୟଞ୍" ଏହି ସୂତ୍ର ଅନୁସାରେ କବିଶବ୍ଦରୁ କର୍ମ ଅର୍ଥରେ ଷ୍ୟଞ୍ ପ୍ରତ୍ୟୟ ହୋଇ କାବ୍ୟଶବ୍ଦନିଷ୍ପନ୍ନ । କବିର ତ ଅନେକ କର୍ମ ଅଛି ସବୁକର୍ମ କଣ କାବ୍ୟ ? ନା ତା ନୁହେଁ ତେଣୁ ମମ୍ମଟ ଲୋକୋତ୍ତର ବର୍ଣ୍ଣନାନିପୁଣ କବିକର୍ମ କାବ୍ୟ ବୋଲି କହିଛନ୍ତି । ଲୋକୋତ୍ତର ବର୍ଣ୍ଣନା ହେଲା ଅଲୌକିକ ରସ ପରିପୂର୍ଣ୍ଣ ପ୍ରବନ୍ଧ ।

ସମସ୍ତ ବାଙ୍ମୟର ଆଦିସ୍ରୋତ ଭଗବତୀ ଶ୍ରୁତି ନିଜକୁ କାବ୍ୟପଦରେ ନାମିତ କରିଛନ୍ତି-- "ପଶ୍ୟ ଦେବସ୍ୟ କାବ୍ୟଂ ନ ମମାର ନ ଜୀର୍ଯ୍ୟତି" ଦେବସ୍ୟ କାବ୍ୟଂ କହିବାଦ୍ୱାରା ବେଦହିଁ କାବ୍ୟବୋଲି ବୁଝାଯାଉଛି । ଆଉ ମଧ୍ୟ ଦେବ ଯେପରି ଅଜର ଅମର ବେଦ କାବ୍ୟ ବି ସେପରି ଅଜର ଅମର ଏକଥା ଏଥିରୁ ସୂଚିତ ହେଉଛି । ଏଥିରୁ ଜଣା ଯାଉଛି କାବ୍ୟର ମୂଳ ହେଲା ବେଦ ଏବଂ କବିମାନେ କାବ୍ୟ-କଳାକୌଶଳ ସେହି ବେଦରୁହିଁ ପାଇଛନ୍ତି । ପ୍ରକୃତିବର୍ଣ୍ଣନା ଛନ୍ଦ ଅଳଂକାର ଧ୍ୱନି ସମସ୍ତ ବାଙ୍... ଉପାଦାନ ବେଦହିଁ ଯୋଗାଇଛି ।

ବେଦରେ ଯେଉଁ ଗାୟତ୍ରୀ ତ୍ରିଷ୍ଟୁପ୍ ... ପ୍ରଭୃତି ଛନ୍ଦ ଅଛି ତାହା ଲୌକିକ ସାହିତ୍ୟରେ ... ରୂପରେ ଏବଂ ତତ୍ସଦୃଶ ଉପଜାତି ... ଅନୁଷ୍ଟୁପ୍ ପ୍ରାୟ ରୂପରେ କାବ୍ୟରେ ବିକାଶଲାଭ କରିଛି ... ଏଣୁ ଲୌକିକ ଛନ୍ଦର ମୂଳାଧାର ଯେ ବୈଦିକ ଛ... ଏଥିରେ କୌଣସି ସନ୍ଦେହ ନାହିଁ ଏବଂ ଏହି ଲୌକିକ ଛନ୍ଦର ପ୍ରଥମ ପଥପ୍ରଦର୍ଶକ ବାଲ୍ମୀକି ଏଥିରେ ଦ୍ୱି... ନାହିଁ ।

ବୁଦ୍ଧଚରିତରେ ଅଶ୍ୱଘୋଷ କହିଛନ୍ତି "ବାଲ୍ମୀକି... ନାଦସୃଷ୍ଟ ସସର୍ଜ ପଦ୍ୟମ୍" ଯାହାକୁ ବିଶ୍ୱକବି କାଳିଦାସ "ପ୍ରାଚେତସୋପଜ୍ଞଂ ରାମାୟଣ" ବୋଲି ସମର୍ଥନ କରିଛନ୍ତି । କରୁଣରସ ବିଭୂତିଭବଭୂତି ମଧ୍ୟ "ଏଷ ... ମହର୍ଷି ଲୌକିକଛନ୍ଦସାମାଦିମଃ ପ୍ରଣେତା" ଏଭଳି ଭାବରେ ସେହି ମୂଳ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ଅତଏବ ଶ୍ରୁତିତର୍ପଣକାରୀ କାବ୍ୟ... ଯେଉଁ ଛନ୍ଦ ତାର ମୂଳସ୍ରୋତ ହେଲା ବେଦ । ବେଦରେ ଉଷା ସୂର୍ଯ୍ୟୋଦୟ ପ୍ରଭୃତି ପ୍ରକୃତିବର୍ଣ୍ଣନା ଅତି ସୁନ୍ଦରଭାବରେ କରାଯାଇଛି । ବେଦରେ ଅଳଂକାର ଧ୍ୱନି ପୂର୍ଣ୍ଣ ସୂକ୍ତିତ ବହୁତ ଅଛି । ତା ମଧ୍ୟରୁ ଗୋଟିଏ ଯୋଡିଏ ଉଦାହରଣ ଏଠି ଦିଆଯାଉଛି ।

"ଉତତ୍ୱ ପଶ୍ୟନ୍ ନ ଦଦର୍ଶ ବାଚଂ ଉତତ୍ୱ ଶୃଣ୍ୱନ୍
ନ ଶୃଣୋତ୍ୟେନାମ୍ ।
ଉତତ୍ୱସ୍ମୈ ତନ୍ୱଂ ବିସସ୍ରେ ଜାୟେବ ପତ୍ୟେ
ଉଶତୀ ସୁବାସାଃ ।"

ଅର୍ଥାତ୍ ବାଣୀକୁ କେତେକ ଦେଖି ବି ଦେଖନ୍ତିନା କେତେକେ ଶୁଣି ବି ଶୁଣନ୍ତିନି, କିନ୍ତୁ କେତେକଙ୍କ ଆଗରେ ବାଗ୍‌ଦେବୀ ନାନାଳଂକାରଭୂଷିତା ପ୍ରସନ୍ନ-ବଦନା ଜାୟା ନିଜକୁ ଭାଗ୍ୟଶାଳୀ ପତି ପାଖରେ ସମ୍ପୂର୍ଣ୍ଣ ସମର୍ପଣ କଲାପରି ଆତ୍ମପ୍ରକାଶ କରେ । ଶୈଳୀ... ସଂପ୍ରଦାୟକୁ ତିନି ଭାଗରେ ବିଭକ୍ତ କରାଯାଇପାରେ

ତା ମଧ୍ୟରୁ କେତେକ ବିଦ୍ୟାକୁ ଦେଖି ଦେଖନ୍ତିନି (ଦିବୋଧ) ବିଦ୍ୟା ପଢ଼ି ତାର ବ୍ୟବହାର ଜାଣନ୍ତିନି (ପରିହାର) କେତେକ ଶୁଣି ଶୁଣନ୍ତିନି ଅର୍ଥାତ୍ ଗୁରୁଠାରୁ ପଢ଼ି ତାର ତତ୍ତ୍ୱ ବୁଝିମଧ୍ୟ ନିଜର ମନୋଭାବ ଅନ୍ୟ ପାଖରେ ବ୍ୟକ୍ତ କରି ପାରନ୍ତି ନି । ଆଉ କେତେକ ପୂର୍ବପୁଣ୍ୟ ବିଭବଶାଳୀଙ୍କ ଆଗରେ ଗୁଣାଳଂକାର ବିଭୂଷିତା ରସମୟୀ ବାଣୀ ଭାଗ୍ୟଶାଳୀ ଯୁବକପତି ଆଗରେ ବେଶଭୂଷା ପରିହିତା ସାକ୍ଷାତ୍ ଶୃଙ୍ଗାର-ସ୍ୱରୂପାପତ୍ନୀ ନିଜର ସର୍ବସ୍ୱ ଦାନ କଲାପରି ନିଜର ସମସ୍ତ ସୌନ୍ଦର୍ଯ୍ୟକୁ ସ୍ୱତଃ ପ୍ରକାଶ କରେ । ଏଠାରେ ପ୍ରଥମ ଦୁଇପାଦରେ ବିବୋଧଭାସ ଏବଂ "ଜାୟେବପତ୍ୟେ" ଏଠାରେ ଉପମା ଅର୍ଥାଳଂକାର ଏବଂ ସମୁଦାୟରେ ଅନୁପ୍ରାସ ଶବ୍ଦାଳଂକାର କି ସୁନ୍ଦରଭାବେ ନ୍ୟାସ କରି ଯାଇଛି ।

"ଦ୍ୱାସୁପର୍ଣ୍ଣା ସଯୁଜା ସଖାୟା ସମାନଂ
ବୃକ୍ଷଂ ପରିଷସ୍ୱଜାତେ ।
ତୟୋରନ୍ୟଃ ପିପ୍‌ପଳଂ ସ୍ୱାଦ୍ୱତ୍ତି
ଅନଶ୍ନନ୍ନନ୍ୟୋଽଭିଚାକଶୀତି ॥"

ଏଠାରେ ଦର୍ଶନ ଶାସ୍ତ୍ରର ମୂଳତତ୍ତ୍ୱକୁ ଅତି ସୁନ୍ଦରଭାବେ ଚିତ୍ରଣ କରାଯାଇଛି । କିନ୍ତୁ କାବ୍ୟଶାସ୍ତ୍ର ଦୃଷ୍ଟିରୁ ଦେଖିଲେ ଏହା ଧ୍ୱନି ଅଳଂକାର ପ୍ରଭୃତିର ଗୋଟିଏ ସୁନ୍ଦର ଉଦାହରଣ । ଈଶ୍ୱର ଜୀବ ଏବଂ ପ୍ରକୃତି ବା ମାୟାକୁ ସେହି ଢଙ୍ଗରେ ନ କହି ଦୁଇଟି ପକ୍ଷୀ ଓ ବୃକ୍ଷ ରୂପରେ କହିବାରୁ ଅତିଶୟୋକ୍ତି ଅଳଂକାର ଏବଂ ଅନଶ୍ନନ୍ ଅଭିଚାକଶୀତି କହିବାଦ୍ୱାରା ବିଭାବନା ବିଶେଷୋକ୍ତି ଅଳଂକାର ଏବଂ ସକାର ଜକାର ଅନୁପ୍ରାସ ଅଳଂକାର ଅଛି । ମାଧୁର୍ଯ୍ୟଗୁଣ, ବୈଦର୍ଭୀ ରୀତି ଓ ଉପନାଗରିକା ବୃତ୍ତି ଅଛି । କେବଳ ଏତିକି ନୁହେଁ ସଯୁଜା ସଖାୟା ଏହିଦୁଇଟି ବିଶେଷଣରୁ ପରମାତ୍ମା ଓ ଜୀବାତ୍ମାର ନିତ୍ୟତା ଓ ସଚ୍ଚିଦାନନ୍ଦରୂପତା ଏବଂ ଏଦୁହେଁ ଏକ କେବଳ ସୃଷ୍ଟି ପାଇଁ ଭିନ୍ନ ଏହା ଧ୍ୱନିତ ହୋଇଛି । ଏଣୁ ଉତ୍ତମ କାବ୍ୟ ବା ଧ୍ୱନିକାବ୍ୟର ଗୋଟିଏ ପ୍ରକୃଷ୍ଟ ଉଦାହରଣ ।

"ପୁନଃ ଆତ୍ମନଃ ପ୍ରିୟାୟ ପ୍ରିୟୋ ଭବତି ନ ତୁ ପୁତ୍ରସ୍ୟ ପ୍ରିୟାୟ ପ୍ରିୟା ଆତ୍ମନଃ ପ୍ରିୟାୟ ପ୍ରିୟୁ ଭବତି ନ ତୁ ପ୍ରିୟସ୍ୟାଃ, ପ୍ରିୟାୟ" ଏଠାରେ ଅପ୍ରଶ୍ନପୂର୍ବିକା ଶାବ୍ଦୀ ପରିସଂଖ୍ୟା ଅଳଂକାର । କାବ୍ୟ ସୌନ୍ଦର୍ଯ୍ୟ-ପରିପୂର୍ଣ୍ଣ ଏପରି ବହୁ ଉଦାହରଣ ବେଦରେ ଅଛି ।

ବେଦରେ ଏହା ବ୍ୟାବହାରିକ ରୂପରେ ଦିଆ ଯାଇଛି । ମାତ୍ର ନିରୁକ୍ତକାର "ଯଦତତ୍ ତତ୍ସଦୃଶଂ ଇଦାସାଂ କର୍ମ ଇତି ଗାର୍ଗ୍ୟଃ" ଅର୍ଥାତ୍ ଯାହା ତାହାନୁହେଁ କିନ୍ତୁ ତାର ସଦୃଶ ତାହା ଆସାଂ କି ଉପମାର କର୍ମ ଅର୍ଥାତ୍ ବିଷୟ, ଏପରି ଗାର୍ଗ୍ୟଙ୍କ ମତକୁ ଦେଖାଇ ନିଜେ ଉପମାର ଲକ୍ଷଣ କରିଛନ୍ତି । "ଜ୍ୟାୟସା ବା ଗୁଣେନ ପ୍ରଖ୍ୟାତତମେନ ବା କନୀୟାଂସଂ ବା ଅପ୍ରଖ୍ୟାତଂ ବା ଉପମିମୀତେ" ଅର୍ଥାତ୍ ଅଧିକଗୁଣ ବା ପ୍ରଖ୍ୟାତ ଉପମାନ ସହ ନ୍ୟୂନଗୁଣ ବା ଅପ୍ରଖ୍ୟାତ ଉପମେୟର ସାଦୃଶ୍ୟବର୍ଣ୍ଣନା ଉପମାରେ ଦେଖାଯାଏ । ଏପରି ଶାସ୍ତ୍ରୀୟଢଙ୍ଗରେ ଉପମାଳଂକାରର ଲକ୍ଷଣ କରି ତାକୁ ବୈଦିକ "ତନୂତ୍ୟଜେବ" ଇତ୍ୟାଦି ଉଦାହରଣରେ ସମନ୍ୱୟ କରିଛନ୍ତି ।

ଏହିପରି ବେଦରେ ଲୌକିକକାବ୍ୟର ବୀଜ ନିହିତଥିଲା । କ୍ରମଶଃ ବ୍ୟକ୍ତି ବଢ଼ିଲେ ସମାଜ ବଢ଼ିଲା ଖାଦ୍ୟବସ୍ତ୍ର ସମାଧାନରେ ଲୋକଙ୍କୁ ଅଧିକ ସମୟ ବ୍ୟୟ କରିବାକୁ ପଡ଼ିଲା । ଏଣୁ କଠିନ ବୈଦିକତତ୍ତ୍ୱ ବୁଝିବାକୁ ସମର୍ଥ ହୋଇ ପାରିଲେ ନାହିଁ । ତହିଁ ସେହି ବୈଦିକ-ତତ୍ତ୍ୱକୁ ସରଳଭାଷାରେ ସ୍ତ୍ରୀ ବାଳକ ସମସ୍ତଙ୍କର ବୋଧ ହେଲାପରି ପରିବେଷଣ କରିବା ଦରକାର ହେଲା । ଭରତମୁନି କହିଛନ୍ତି – ଲୋକଶିକ୍ଷା ପାଇଁ ଦେବତାମାନେ ବ୍ରହ୍ମାଙ୍କୁ ଜଣାଇଲେ । ବ୍ରହ୍ମା ଋଗ୍‌ବେଦରୁ ପାଠ୍ୟ ଯଜୁରୁ ଅଭିନୟ ସାମରୁ ଗୀତ ଓ ଅଥର୍ବରୁ ରସଆଣି ନାଟ୍ୟ ନିର୍ମାଣକଲେ ଏବଂ ତାକୁ ଭରତଙ୍କୁ ଅଭିନୟ କରିବା ପାଇଁ ଦେଲେ । ଭରତ ନିଜର ଶହେପୁଅ ଓ ଅପ୍‌ସରା-ମାନଙ୍କୁ ନେଇ ନାଟ୍ୟର ପ୍ରଚାର କଲେ । ନାଟ୍ୟଶାସ୍ତ୍ର ଖ୍ରୀଷ୍ଟପୂର୍ବର ରଚନା । ତା ପୂର୍ବରୁ ବି ବେଦରେ ଅଛି

ସୋମରସ ପରିବେଷଣ ବେଳେ ଅଭିନୟ ହେଉଥିଲା । ପାଣିନିଙ୍କ ବ୍ୟାକରଣରୁ "ପାରାଶର୍ଯ୍ୟ - ଶିଳାଲିଭ୍ୟାଂ ଭିକ୍ଷୁ-ନଟସୂତ୍ରୟୋଃ" ସୂତ୍ରରୁ ଭରତଙ୍କ ବହୁ ପୂର୍ବରୁ ନାଟ୍ୟଶାସ୍ତ୍ର ବା ନାଟକ ଥିବାର ପ୍ରମାଣ ମିଳେ । ଭାଷ୍ୟକାର ମଧ୍ୟ ନାଟ୍ୟରେ ପ୍ରାଚୀନତା ସ୍ୱୀକାର କରିଛନ୍ତି ଯେ ପାଣିନି କେବଳ ଶାବ୍ଦିକ ନଥିଲେ, ସେ ଜଣେ କବି ଥିଲେ । ଜାମ୍ବବତୀପରିଣୟ ବୋଲି ଖଣ୍ଡିଏ ନାଟକ ଲେଖିଥିଲେ । ଏଣୁ ଜଣାଯାଏ ପ୍ରଥମେ ଦୃଶ୍ୟ ପରେ ଶ୍ରବ୍ୟକାବ୍ୟର ସୃଷ୍ଟି ।

ଏହି କାବ୍ୟର ପାଞ୍ଚଟି ନାମ ଦେଖିବାକୁ ମିଳୁଛି । ଲଳିତ ବିସ୍ତର ନାମକ ବୌଦ୍ଧଶାସ୍ତ୍ରରେ କ୍ରିୟାକଳ୍ପ ଶବ୍ଦ କାବ୍ୟ ଅର୍ଥରେ ବ୍ୟବହୃତ ହେବାର ଦେଖାଯାଏ । କାମଶାସ୍ତ୍ରରେ ବାତ୍ସ୍ୟାୟନ ଏହାକୁ କ୍ରିୟାକଳ୍ପ ବୋଲି କହିଛନ୍ତି । ବାଲ୍ମୀକି ରାମାୟଣ ଉତ୍ତରକାଣ୍ଡରେ ଲବକୁଶଙ୍କ ଗାନ ସମୟରେ ଶାବ୍ଦିକ ତାର୍କିକ ମାନଙ୍କ- ସହ "କ୍ରିୟାକଳ୍ପ ବିଦଶ୍ଚୈବ ତଥା କାବ୍ୟବିଦୋ- ଜନାନ୍" ଏ ଦୁଇଟି ଶବ୍ଦ ଦିଆ ଯାଇଛି । ପ୍ରଥମଟିର- ଅର୍ଥ କାବ୍ୟସୌନ୍ଦର୍ଯ୍ୟବିତ୍ ଏବଂ ଦ୍ୱିତୀୟଟିର ଅର୍ଥ ରସଜ୍ଞ । ଏଥିରୁ ଜଣା ଯାଉଛି ଅତି ପ୍ରାଚୀନ କାଳରେ କାବ୍ୟକୁ କ୍ରିୟାକଳ୍ପ କହୁଥିଲେ ।

ଭାମହ ପ୍ରଭୃତି କେତେକ ଆଳଂକାରିକ ଏହାକୁ କାବ୍ୟାଳଂକାର ବୋଲି କହିଲେ । ଭାମହ କାବ୍ୟର ଯେଉଁ ଲକ୍ଷଣ କଲେ ସେଥିରୁ ହିଁ ପରବର୍ତ୍ତୀ କବିମାନେ ଏହାକୁ ସାହିତ୍ୟ ବୋଲି କହିବାର ଯଥେଷ୍ଟ ସମ୍ଭାବନା । ତାଙ୍କର ଲକ୍ଷଣ ହେଲା "ଶବ୍ଦାର୍ଥୌ ସହିତୌ କାବ୍ୟମ୍" ଏ କେବଳ ସହିତୌ ଶବ୍ଦାର୍ଥୌ କାବ୍ୟ ଏତିକି କହିଲେ କିନ୍ତୁ ତାଙ୍କର ପାଞ୍ଚଶବର୍ଷର ପରବର୍ତ୍ତୀ କବି କୁନ୍ତକ "ସହିତୟୋରନ୍ୟୂନାନତିରିକ୍ତତ୍ୱେନ ବ୍ୟବସ୍ଥିତୟୋଃ ଶବ୍ଦାର୍ଥୟୋର୍ଦ୍ୱୟୋଃ ସାହିତ୍ୟମ୍" ଏପରି ବ୍ୟାଖ୍ୟାକରି ସାହିତ୍ୟ ଶବ୍ଦକୁ ସ୍ପଷ୍ଟଭାବେ କାବ୍ୟଅର୍ଥରେ ବ୍ୟବହାର କଲେ ।

ଏହି କାବ୍ୟର ଗୁଣଧର୍ମକୁ ନେଇ ପ୍ରକାଶକାର ଉତ୍ତମ ମଧ୍ୟମ ଅଧମ ଭେଦରେ ତିନିପ୍ରକାର, ଦର୍ପଣକାର ଦୁଇ ପ୍ରକାର, ରସଗଙ୍ଗାଧରକାର ଚାରିପ୍ରକାର ଲେଖିଛନ୍ତି । ସେ ଯାହାହେଉ ମୂଳ କବି ହେଲେ ବ୍ରହ୍ମା ଏବଂ ପ୍ରଥମକାବ୍ୟ ହେଲା ବେଦ । ସେହି ଠାରୁ ଲୋକମାନଙ୍କର ସାମାଜିକ ଜୀବନ ସହ ତାଳ ପକାଇ ବିଭିନ୍ନ ଦେଶ ବିଭିନ୍ନ ଭାଷାରେ ବିଭିନ୍ନ ରୂପରେ ଆମ ଆଗରେ ବର୍ତ୍ତମାନ ଉପସ୍ଥିତ । "ମୁଣ୍ଡେ ମୁଣ୍ଡେ ମତିର୍ଭିନ୍ନା ତୁଣ୍ଡେ ତୁଣ୍ଡେ ସରସ୍ୱତୀ" ସେହି ପଣ୍ଡିତଙ୍କର କେତେବେଳେ କାହା ମୁଣ୍ଡରୁ କାହା ତୁଣ୍ଡରୁ କେଉଁ ଆକାରରେ ବାହାରୁଛି ତାର କିଛି ଇୟତ୍ତା ନାହିଁ ।

# ଭକ୍ତି ଲାଭର ଉପାୟ

ଶ୍ରୀ ବିଷ୍ଣୁ ଚରଣ ଦାଶ
ବ୍ୟାକରଣାଚାର୍ଯ୍ୟ, ତୃତୀୟ ବାର୍ଷିକ ଶ୍ରେଣୀ

**ତୀର୍ଥବାସ:—** ତୀର୍ଥଭ୍ରମଣ ଅଥବା ତୀର୍ଥବାସ କଲେ ହୃଦୟରେ ଭକ୍ତିଭାବ ଜାଗ୍ରତ ହୁଏ । ତୀର୍ଥକୁ ପୁଣ୍ୟସ୍ଥାନ କୁହାଯାଇଛି ।

କାରଣ:—

ପ୍ରଭାବାଦଦ୍ଭୁତାଦ୍ ଭୂମେଃ ସଲିଳସ୍ୟ ଚ ତେଜସା ।
ପରିଗ୍ରହାନ୍ ମୁନୀନାଞ୍ଚ ତୀର୍ଥାନାଂ ପୁଣ୍ୟତା ସ୍ମୃତା ।

ଭୂମିର ଅଦ୍ଭୁତ ପ୍ରଭାବ, ଜଳର ଅଦ୍ଭୁତ ତେଜ ଏବଂ ମୁନିମାନଙ୍କର ଅବସ୍ଥାନ ହେତୁ ତୀର୍ଥ ପୁଣ୍ୟସ୍ଥାନ ବୋଲି ଗଣିତ ।

ଜ୍ୱାଳାମୁଖୀ ତୀର୍ଥରେ ଗିରିନିଃସୃତ ବହ୍ନିଶିଖା, ସୀତାକୁଣ୍ଡରେ ଉଷ୍ଣପ୍ରସ୍ରବଣ, କେଦାରନାଥରେ ତୁଷାରମଣ୍ଡିତ ଗିରିଶୃଙ୍ଗ ଓ ହରିଦ୍ୱାରରେ ସଲିଳା ଭାଗୀରଥୀ ଦର୍ଶନ କଲେ କାହାର ପ୍ରାଣ ଭକ୍ତି ରସରେ ଅପ୍ଲୁତ ନ ହେବ ? ପୁଣି ବୃନ୍ଦାବନର ଶ୍ରୀକୃଷ୍ଣଙ୍କୁ ସ୍ମରଣ କରି, ନବଦ୍ୱୀପରେ ଶ୍ରୀ ଗୌରାଙ୍ଗଲୀଳା ମନନ କରି, ବୁଦ୍ଧ ଗୟାରେ ବୁଦ୍ଧଦେବଙ୍କ ବୋଧିବୃକ୍ଷ ମୂଳରେ ଉପନିବେଶ କରି, ଅଯୋଧ୍ୟାରେ ଶ୍ରୀ ରାମଚନ୍ଦ୍ରଙ୍କ କୀର୍ତ୍ତିଚିହ୍ନ ଦର୍ଶନ କରି କାହା ହୃଦୟରେ ପବିତ୍ର ଭାବ ଉଦୟ ନହେବ ? କେବଳ ଏତିକି ନୁହେଁ, ତୀର୍ଥସ୍ଥାନରେ ମହାପୁରୁଷମାନଙ୍କ ସଙ୍ଗଲାଭ କରି କେତେ ଲୋକ ଯେ କୃତାର୍ଥ ହୋଇଛନ୍ତି ତାହା ସ୍ମରଣ କଲେହିଁ ମନରେ ଭକ୍ତିରସର ସଞ୍ଚାର ହୁଏ ।

**ଆତ୍ମନିବେଦନ:—** ଭଗବାନଙ୍କୁ ଲାଭ କରିବାର ଏକ ପ୍ରଧାନ ଉପାୟ ଅଟେ ଆତ୍ମନିବେଦନ । ଶ୍ରୀମଦ୍-ଭାଗବତ ଏକାଦଶସ୍କନ୍ଧର ଦ୍ୱିତୀୟ ଅଧ୍ୟାୟରେ ୩୬ଶ ଶ୍ଳୋକରେ ଅଛି—

କାୟେନ ବାଚା ମନସେନ୍ଦ୍ରିୟୈର୍ବା
ବୁଦ୍ଧ୍ୟାତ୍ମନା ବାନୁସୃତସ୍ୱଭାବାତ୍ ।
କରୋତି ଯଦ୍ ଯତ୍ ସକଳଂ ପରସ୍ମୈ
ନାରାୟଣାୟେତି ସମର୍ପୟେତ୍ତତ୍ ॥’’

କାୟ, ବାକ୍ୟ, ମନ, ଇନ୍ଦ୍ରିୟ, ବୁଦ୍ଧି ଓ ଚିତ୍ତଦ୍ୱାରା ଯାହା କରାଯାଏ ତତ୍ ସମସ୍ତହିଁ ନାରାୟଣଙ୍କୁ ସମର୍ପଣ କରିବ । ଗୀତାରେ ଭଗବାନ ଅର୍ଜ୍ଜୁନଙ୍କୁ କହିଛନ୍ତି—

ଯତ୍ କରୋଷି ଯଦଶ୍ନାସି, ଯଜ୍ଜୁହୋଷି ଦଦାସି ଯତ୍ ।
ଯତ୍ ତପସ୍ୟସି କୌନ୍ତେୟ ତତ୍ କୁରୁଷ୍ୱ ମଦର୍ପଣମ୍ ॥

କାର୍ଯ୍ୟ, ଆହାର, ଯଜ୍ଞ, ଦାନ, ତପସ୍ୟା,— ଯାହା କିଛି କର, ହେ ଅର୍ଜ୍ଜୁନ ସମସ୍ତ ମୋତେ ଅର୍ପଣ କର । ଯେଉଁ ବ୍ୟକ୍ତି କାର୍ଯ୍ୟ, ବାକ୍ୟ, ଚିନ୍ତା- ସବୁହିଁ ଭଗବାନଙ୍କୁ ଅର୍ପଣ କରିବା ନିମନ୍ତେ ଚେଷ୍ଟା କରେ ତାହାର ପ୍ରାଣ ପବିତ୍ର ଓ ଭକ୍ତିପୂର୍ଣ୍ଣ ହୁଏ । ଯାହା କିଛି କରୁଛି, କହୁଛି ଓ ଭାବୁଛି ତାହା ସବୁହିଁ ତାହାଙ୍କ ପାଇଁ । ତାହାଙ୍କୁ ନିବେଦନ ନକରି କୌଣସି କାର୍ଯ୍ୟ କରିବ ନାହିଁ । କୌଣସି ବାକ୍ୟ ଉଚ୍ଚାରଣ କରିବ ନାହିଁ । କୌଣସି ଚିନ୍ତାକୁ ମନରେ ସ୍ଥାନ ଦେବନାହିଁ । ଯଦି ଥରେ ମାତ୍ର ଏହି ପ୍ରକାର ଭାବ ହୃଦୟ ମଧ୍ୟରେ ଦୃଢ଼ରଖିପାରି ତେବେ ପ୍ରାଣ ଅପେ ଅପେ ଭକ୍ତି ରସରେ ଭରି ଉଠିବ । ସବୁ ବିଷୟରେ ତାହାଙ୍କୁ ସ୍ମରଣ କରିପାରିଲେ ତାହାଙ୍କ ପ୍ରତି ଅନୁରକ୍ତ ନହୋଇ ମନୁଷ୍ୟ ରହି ନପାରେ । ଭଗବାନ ଉଦ୍ଧବଙ୍କୁ ଭକ୍ତିଲାଭର ଉପାୟ ସମ୍ବନ୍ଧେ ଯେଉଁ ଉପଦେଶ ଦେଇଛନ୍ତି ତାହା ହେଉଛି--

ଶ୍ରଦ୍ଧାମୃତ କଥାୟାଂ ମେ ଶଶ୍ୱନ୍ମଦନୁକୀର୍ତ୍ତନମ୍ ।
ପରିନିଷ୍ଠା ଚ ପୂଜାୟାଂ ସ୍ତୁତିଭିଃ ସ୍ତବନଂ ମମ ।

ଆଦରଃ ପରିଚର୍ଯ୍ୟାୟାଂ ସର୍ବାଙ୍ଗୈରଭିବନ୍ଦନମ୍ ।
ମଦ୍ଭକ୍ତ ପୂଜାଭ୍ୟଧିକା ସର୍ବଭୂତେଷୁ ମନ୍ମତିଃ ।
ମଦର୍ଥେଷ୍ୱଙ୍ଗ ଚେଷ୍ଟା ଚ ବଚସା ମଦ୍‌ଗୁଣେ ରଣମ୍
ମୟ୍ୟର୍ପଣଂ ଚ ମନସଃ ସର୍ବକାମ ବିବର୍ଜନମ୍ ।
ମଦର୍ଥେଽର୍ଥ ପରିତ୍ୟାଗୋ ଭୋଗସ୍ୟ ଚ ସୁଖସ୍ୟ ଚ
ଇଷ୍ଟଂ ଦତ୍ତଂ ହୁତଂ ଜପ୍ତଂ ମଦର୍ଥଂ ଯଦ୍ ବ୍ରତଂ ତପଃ ।
ଏବଂ ଧର୍ମୈର୍ମନୁଷ୍ୟାଣାମୁଦ୍ଧବାତ୍ମନିବେଦନାମ୍ ।
ମୟି ସଞ୍ଜାୟତେ ଭକ୍ତିଃ କୋଽନ୍ୟୋଽର୍ଥୋଽସ୍ୟା-
ବଶିଷ୍ୟତେ ।

ମୋର ଅମୃତ କଥାରେ ଶ୍ରଦ୍ଧା, ସର୍ବଦା ମୋର ଅନୁକୀର୍ତ୍ତନ, ମୋର ପୂଜାରେ ନିଷ୍ଠା, ସ୍ତୁତିଦ୍ୱାରା ମୋର ସ୍ତବ, ମୋର ପରିଚର୍ଯ୍ୟାରେ ଆଦର, ସର୍ବାଙ୍ଗଦ୍ୱାରା ମୋର ଅଭିବନ୍ଦନ, ମୋର ଭକ୍ତମାନଙ୍କର ବିଶେଷଭାବେ ପୂଜା, ସର୍ବ ପ୍ରାଣୀଙ୍କଠାରେ ମୋର ଉପଲବ୍ଧି, ମୋଠାରେ ମନ ସମର୍ପଣ, ଅନ୍ୟ ଅଭିଳାଷ ବର୍ଜନ, ମୋତେ ପାଇବା ପାଇଁ ଅର୍ଥ, ଭୋଗ, ସୁଖ ପରିତ୍ୟାଗ, ଏବଂ ମୋରପାଇଁ ଯଜ୍ଞ, ଦାନ, ହୋମ, ଜପ, ବ୍ରତ ଓ ତପସ୍ୟା କରି ଯେଉଁମାନେ ମୋତେ ଆତ୍ମନିବେଦନ କରନ୍ତି ସେମାନଙ୍କର ସେହିସବୁ କର୍ମଦ୍ୱାରା ମୋଠାରେ ଭକ୍ତି ଜାତ ହୁଏ । ଏପରି ବ୍ୟକ୍ତିମାନଙ୍କର କେଉଁ ବିଷୟରେ ଅଭାବ ଥାଇପାରେ ?

**ଏକାଗ୍ରତା ସାଧନ:—** ସକଳ ପ୍ରକାର ସାଧନ ପାଇଁ ଏକାଗ୍ରତାର ବିଶେଷ ପ୍ରୟୋଜନ । ଏକାଗ୍ରତା ନଥିଲେ କୌଣସି ସାଧନା ଦ୍ୱାରା କୃତକାର୍ଯ୍ୟ ହୋଇ ହୁଏନା । ଚିତ୍ତ-ବିକ୍ଷେପ ସାଧନର ପ୍ରଧାନ ଅନ୍ତରାୟ ଅଟେ । ଆତ୍ମ-ଚିନ୍ତା କରିବାକୁ ବସିଛି, ଚିତ୍ତ ବିକ୍ଷେପ ଆସି ମନକୁ ଅପର ଏକ ଦିଗକୁ ଟାଣିନେଲା, ଆତ୍ମ-ଚିନ୍ତାର ଗାଢ଼ତ୍ୱ ଚାଲିଗଲା । ଯେତିକି ଜମାଟ ହୋଇଥିଲା ସେତିକି ପୁଣି ଶିଥିଳ ହୋଇଗଲା । ଏହି ଅବସ୍ଥା ଆମ୍ଭମାନଙ୍କ ଜୀବନରେ ଅନେକ ସମୟରେ ଦେଖିବାକୁ ମିଳେ ।

କୌଣସି ସାଧୁ ମହାପୁରୁଷ ନିକଟରେ ବ... ତାହାଙ୍କ ମୁଖରୁ ଉପଦେଶ ଶୁଣୁଛ ଏତିକିବେଳେ ବାହାର ଦାଲାଣ କଥାଟି କଥା ମନେ ପଡ଼ିଗଲା ସାଧୁଙ୍କ ଉପଦେଶ ବାୟୁରେ ବିଲୀନ ହୋଇଗଲା ଶ୍ରୋତା ତାହାର ଗୃହର ଅନ୍ତଃପୁରର କୋଣରେ ... ବିଷୟ ଭାବନାରେ ମନକୁ ବୁଡାଇଦେଲା । ଏପରି ... ଗୃହଶିଳ୍ୟ ବୋଧହୁଏ ସମସ୍ତେ ହିଁ ଅନୁଭବ କରନ୍ତି ନାମ ଜପ କରିବାକୁ ଆରମ୍ଭ କରିଛ, ମାଳା ଘୁରୁଅଛି, ଜିହ୍ୱା ସ୍ପନ୍ଦିତ ହେଉଅଛି ମାତ୍ର ମନ କୌଣ... ପ୍ରକାର ଖଜଣା ଅସୁଲ କରିବାପାଇଁ ଚାଲିଗଲାଣି ସଂକୀର୍ତ୍ତନ ହେଉଛି, ଭିଡ ଖୁବ୍ ଜମାଟ ବାନ୍ଧି ଯାଉଛି ମାତ୍ର ମନ କେଉଁ ଫାଙ୍କରେ ଚାଲିଯାଇ ମକଦ... କାଗଜପତ୍ର ଯୋଗାଡ କରିବାକୁ ବସିଲାଣି । ବୃନ୍ଦା- ବନରେ ଗୋବିନ୍ଦଜୀଉଙ୍କ ମନ୍ଦିରରେ ସବାରେ... ପରିପୂର୍ଣ୍ଣ ହୋଇ ଆରତି ଦର୍ଶନ କରୁଛ, ଏତିକିବେଳେ ମନ ଝରକାବାଟରେ ଦେଖାଯାଉଥିବା ପୋଖରୀଟିର ସଂସ୍କାର କରିବାର ବନ୍ଦୋବସ୍ତ କରିପକାଇଲା । ... ବେଳେ ଭଗବାନଙ୍କୁ ଥରେ ମାତ୍ର ଡାକିଛ, ଡାକିବା- ମାତ୍ରେ ସେ ଉପସ୍ଥିତ ହୋଇଛନ୍ତି ମାତ୍ର ତୁମେ ସେତେବେଳେ କେଉଁଠି ? ତୁମେ ସେତେବେଳେ ହୁଏତ ଗୋଟିଏ ତେନ୍ତୁଳି ବୃକ୍ଷର ଭାଗବାଣ୍ଟରେ ... ମନେ ମନେ ପଡୋଶୀ ସହ ବାଦବିବାଦରେ ମାତି- ଯାଇଛ, ଏହାର ନାମ ଚିତ୍ତ ବିକ୍ଷେପ । ଏହି ... ଚିତ୍ତବିକ୍ଷେପ ସ୍ୱର୍ଗପଥରେ ଅଗ୍ରସର ହେବାରେ ପ୍ରଧାନ ଶତ୍ରୁ ଅଟେ । ଭକ୍ତିଲାଭର ଉପାୟ ରୂପେ ଯାହା ଯାହା ପୂର୍ବେ କୁହାଯାଇଅଛି ତାହା ଦୃଢଭାବେ ଅଭ୍ୟାସ କରି... କରୁ ଏହି ଚିତ୍ତବିକ୍ଷେପ କମିଯାଏ । ମହର୍ଷି ପତଞ୍ଜଳି ଚିତ୍ତବିକ୍ଷେପ ଦୂର କରିବାପାଇଁ ଆଠଟି ଉପାୟ ବତାଇଛନ୍ତି ।

(୧) ତତ୍ ପ୍ରତିଷେଧାର୍ଥ ମେକତତ୍ତ୍ୱାଭ୍ୟାସଃ ।

ଚିତ୍ତବିକ୍ଷେପ ନିବାରଣ ନିମନ୍ତେ ନିଜର କୌଣସି ଏକ ଅଭୀଷ୍ଟ ତତ୍ତ୍ୱରେ ବା ବସ୍ତୁରେ ମନକୁ ପୁନଃ ପୁନଃ ନିବିଷ୍ଟ କରିବ । କ୍ରମାଗତ ଭାବେ ପ୍ରତିଦିନ ଗୋଟିଏ

ଯାହି ବିଷୟରେ ପୁନଃ ପୁନଃ ମନକୁ ଅଭିନିବିଷ୍ଟ କରିବାର ଚେଷ୍ଟାକଲେ ଏକାଗ୍ରତା ଜନ୍ମେ, ଚିତ୍ତବିକ୍ଷେପ ପ୍ରଶମିତ ହୁଏ ।

(୨) ମୈତ୍ରୀକରୁଣାମୁଦିତୋପେକ୍ଷାଣାଂ ସୁଖ ଦୁଃଖ ପୁଣ୍ୟାପୁଣ୍ୟବିଷୟାଣାଂ ଭାବନାତ୍ ଚିତ୍ତ ପ୍ରସାଦନମ୍ ।

ସୁଖୀମାନଙ୍କ ପ୍ରତି ଈର୍ଷା ନକରି ସେମାନଙ୍କଠାରେ ସୌହାର୍ଦ୍ଦସ୍ଥାପନ, ଦୁଃଖୀମାନଙ୍କ ପ୍ରତି ଉଦାସୀନ ନହୋଇ କୃପା ପ୍ରଦର୍ଶନ, ପୁଣ୍ୟବାନଙ୍କୁ ବିଦ୍ୱେଷ ନକରି ତାଙ୍କ ପୁଣ୍ୟକାର୍ଯ୍ୟକୁ ଅନୁମୋଦନ କରି ହର୍ଷ ପ୍ରକାଶନ, ଏବଂ ଅପୁଣ୍ୟବାନଙ୍କ କାର୍ଯ୍ୟକୁ ଅନୁମୋଦନ ବା ଦ୍ୱେଷ ନକରି ଉପେକ୍ଷାଭାବ ପୋଷଣ କରିପାରିଲେ ଚିତ୍ତ ପ୍ରଫୁଲ୍ଲ ହୁଏ । ଚିତ୍ତ ପ୍ରଫୁଲ୍ଲ ହେଲେ ବିକ୍ଷେପ ଦୂର ହୁଏ । ଅପରପ୍ରତି ରାଗଦ୍ୱେଷ ହିଁ ବିକ୍ଷେପ ଉତ୍ପାଦନ କରେ । ମୈତ୍ରୀ କରୁଣା ପ୍ରଭୃତି ଦ୍ୱାରା ଦ୍ୱେଷାଦି ସମୂଳେ ଉନ୍ମୂଳିତ ହେଲେ ମନର ପ୍ରସନ୍ନତା ଜନ୍ମେ । ପ୍ରସନ୍ନତାରୁ ଏକାଗ୍ରତାର ଉତ୍ପତ୍ତି ହୁଏ ।

(୩) ପ୍ରଚ୍ଛର୍ଦ୍ଦନ ବିଧାରଣାଭ୍ୟାଂ ବା ପ୍ରାଣସ୍ୟ ।

ପ୍ରାଣାୟାମ ମନ ଏକାଗ୍ର କରିବାର ପ୍ରକୃଷ୍ଟ ଉପାୟ । ସମସ୍ତ ଇନ୍ଦ୍ରିୟ ବୃତ୍ତିଗୁଡ଼ିକ ପ୍ରାଣର (ଦେହସ୍ଥ ବାୟୁର) ବୃତ୍ତିମାନଙ୍କ ଉପରେ ନିର୍ଭର କରେ ବୋଲି ଏବଂ ମନ ଓ ପ୍ରାଣର ସ୍ୱସ୍ୱ ବ୍ୟାପାରରେ ପରସ୍ପରର ଏକଯୋଗ ଅଛି ବୋଲି ସମସ୍ତ ଇନ୍ଦ୍ରିୟ ବୃତ୍ତି ନିରୋଧ ଦ୍ୱାରା ପ୍ରାଣକୁ ଜୟ କରିପାରିଲେ ମନର ଏକାଗ୍ରତା ଜନ୍ମେ । ପ୍ରାଣାୟାମ ଶିକ୍ଷା କରିବାକୁ ହେଲେ ଉପଯୁକ୍ତ ଗୁରୁଙ୍କ ନିକଟରେ ଶିକ୍ଷା କରିବା ଉଚିତ୍ । ଗୁରୁ ଭିନ୍ନ ଶିକ୍ଷା କଲେ ଅନିଷ୍ଟ ହୋଇପାରେ ।

(୪) ବିଷୟବତୀ ବା ପ୍ରବୃତ୍ତିରୁତ୍ପନ୍ନା ସ୍ଥିତିନିବନ୍ଧନୀ ।

ନାସାଗ୍ରେ ଚିତ୍ତ ଧାରଣ କଲେ ଦିବ୍ୟ ଗନ୍ଧଜ୍ଞାନ, ଜିହ୍ୱାଗ୍ରେ ରସଜ୍ଞାନ, ତାଲୁରେ ରୂପଜ୍ଞାନ, ଜିହ୍ୱାମଧ୍ୟେ ସ୍ପର୍ଶଜ୍ଞାନ ଏବଂ ଜିହ୍ୱାମୂଳେ ଶବ୍ଦଜ୍ଞାନ ଜନ୍ମେ. ଏହି ପ୍ରକାର ଜ୍ଞାନ ଜନ୍ମିଲେ ଚିତ୍ତ ଏକାଗ୍ର ହୁଏ । ଯେଉଁମାନେ ଯୋଗ ଶିକ୍ଷା କରିଛନ୍ତି ସେମାନେ ଏହି ଉପାୟଟିକୁ ବୁଝିପାରନ୍ତି ।

(୫) ବିଶୋକା ବା ଜ୍ୟୋତିଷ୍ମତୀ ।

ଶୋକ ଶୂନ୍ୟ ଏବଂ ସାତ୍ତ୍ୱିକ ଭାବରେ ପୂର୍ଣ୍ଣହେଲେ ଚିତ୍ତ ସ୍ଥିର ହୁଏ । ଯିଏ ସବନ ସାତ୍ତ୍ୱିକଭାବ ସାଧନ କରୁ କରୁ ଶୋକୋଦ୍ଭବକୁ ଦୂର କରିସାରିଛି ଏବଂ କୌଣସିମତେ କୌଣସିପ୍ରକାର ଶୋକ କରେନା ତାହାର ଚିତ୍ତ ବିକ୍ଷେପ ଆସି ନପାରେ ।

(୬) ବୀତରାଗ ବିଷୟଂ ବା ଚିତ୍ତମ୍ ।

ଯେଉଁମାନେ ବିଷୟ ବାସନାକୁ ତ୍ୟାଗ କରିଛନ୍ତି ସେମାନଙ୍କ ଚିତ୍ତ ସମ୍ବନ୍ଧେ ଚିନ୍ତା କଲେ ଏକାଗ୍ରତା ସାଧନ ହୁଏ । ସାଧୁମାନଙ୍କର ବିକ୍ଷେପ ବିହୀନ ଚିତ୍ତ ଯାହାର ଚିନ୍ତାର ବିଷୟ ହୁଏ ସେ ଅବଶ୍ୟ ହିଁ ସେହି ଚିନ୍ତାଦ୍ୱାରା ବିକ୍ଷେପରୁ ମୁକ୍ତିଲାଭ କରେ ।

(୭) ସ୍ୱପ୍ନ ନିଦ୍ରା ଜ୍ଞାନାବଲମ୍ବନଂ ବା ।

ସ୍ୱପ୍ନ ଅଥବା ନିଦ୍ରା ଜ୍ଞାନକୁ ଅବଲମ୍ବନ କଲେ ଚିତ୍ତ ସ୍ଥିର ହୁଏ । ସୁନ୍ଦର କୌଣସି ସ୍ୱପ୍ନ ବିଷୟ ଚିନ୍ତାକଲେ ଅଥବା କେତେ ସୁଖରେ ଶୋଇଛି, କିଛି ମାତ୍ର ଜାଣି-ପାରିନାହିଁ, ଏହି ପ୍ରକାର ବାରମ୍ବାର ଚିନ୍ତା କଲେ ଚିତ୍ତ ସ୍ଥିର ହୁଏ ।

(୮) ଯଥାଭିମତ ଧ୍ୟାନାଦ୍ ବା ।

ଯହିଁରେ ମନର ପ୍ରୀତି ଜନ୍ମେ, ଏପରି କୌଣସି ବିଷୟ ଧ୍ୟାନ କଲେ ଚିତ୍ତ ଏକାଗ୍ର ହୁଏ । ବାହାରେ ଚନ୍ଦ୍ରାଦିର, ଅଭ୍ୟନ୍ତରେ ନାଭି ଚକ୍ରାଦିର 'କ୍ରମାଗତ' ଧ୍ୟାନ କଲେ ଚିତ୍ତ ସ୍ଥିର ହୁଏ । କୌଣସି ପ୍ରିୟ ବସ୍ତୁର ଚିନ୍ତା କରିବାକୁ ପ୍ରାଣରେ ବଡ ଆନନ୍ଦ ଜନ୍ମେ । ମନ ତାହା ଛାଡିବାକୁ ଚାହେଁନା, ତହିଁରେ ମନ ବସୁ ବସୁ ଚିତ୍ତର ଏକାଗ୍ରତା ଜନ୍ମେ । ମାତ୍ର କୌଣସି ବ୍ୟକ୍ତି ବା ବସ୍ତୁପ୍ରତି ଇନ୍ଦ୍ରିୟ ଲାଳସାଜନିତ ଆକର୍ଷଣ ଥିଲେ ତାହାର ଧ୍ୟାନରେ ଚିତ୍ତ ସ୍ଥିରହେବା କଥା ଦୂରେ ଥାଉ ବରଂ ବିକ୍ଷେପ ହିଁ ଜନ୍ମେ । ବିଶୁଦ୍ଧ ପ୍ରିୟପାତ୍ର ଯେ, ଯାହା-ପ୍ରତି କୌଣସି କଳୁଷ ଭାବ ନାହିଁ ତାହାର ଚିନ୍ତା କଲେ ଏକାଗ୍ରତା ସାଧନ ହୁଏ । ଏ ବିଷୟରେ ଗୋଟିଏ ଗଳ୍ପ ଅଛି—

ଜଣାଜ ନୁହେଁ । ଯଦି କୌଣସି ବ୍ୟକ୍ତି ଦୀକ୍ଷିତ ହେବାକୁ ଇଚ୍ଛାକରେ ତେବେ ପ୍ରଥମେ ତାହାର ଗୁଣ ବିଦ୍ୟା ଓ ବ୍ୟବହାର ପରୀକ୍ଷା କରି ତାପରେ ଦୀକ୍ଷା ଦେବ । ଦୀକ୍ଷା ନେବପାଇଁ ଇଚ୍ଛୁକ ଥିବା ବ୍ୟକ୍ତି କୁଳୀନ, ଉଚ୍ଚମନା, ଶ୍ରଦ୍ଧାଳୁ, ଭକ୍ତିପରାୟଣ, ଦେବୀଭକ୍ତ, ଶିଷ୍ଟ ଓ ସର୍ବଦା-ହୃଷ୍ଟଚିତ୍ତ ହେବା ଉଚିତ । ଉକ୍ତ ଗୁଣସମ୍ପନ୍ନ ନଥିଲେ ଦୀକ୍ଷା ନେବାରେ ଅନୁପଯୁକ୍ତ ବୋଲି ବିବେଚିତ ହୁଏ ।

କୁଲୀନାୟ ମହେଚ୍ଛାୟ ଶ୍ରଦ୍ଧାଭକ୍ତିପରାୟ ଚ
ଦେବୀଭକ୍ତାୟ ଶିଷ୍ଟାୟ ସଦାନନ୍ଦାୟ ଶୂଲଧୃକ୍ ।
ଏତେଭ୍ୟଷ୍ଟ ପ୍ରଦାତବ୍ୟମ୍ । × × ×

ଏହି ଉପର୍ଯ୍ୟୁକ୍ତ କୁଳଶୀଳାଦି ନିପୁଣ ବ୍ୟକ୍ତିକୁ ହିଁ ଏଶାସ୍ତ୍ରର ଅଧିକାରୀ ରୂପେ ଗ୍ରହଣ କରିବାର ବିଧାନ ରହିଛି ।

ତନ୍ତ୍ରର ତତ୍ତ୍ୱଲିପ୍ସୁ ବ୍ୟକ୍ତି ଆଜିକାଲି ଉଗ୍ରତାନ୍ତ୍ରି-କଙ୍କର ଆଚାର ପଦ୍ଧତିରେ ବିଶ୍ୱାସ ରଖି ପଞ୍ଚତତ୍ତ୍ୱ ବା ପଞ୍ଚମକାରର ଉପାସନାହିଁ ତନ୍ତ୍ରର ପ୍ରଧାନ ମର୍ମ ଓ ଫଳଲାଭର ପ୍ରଧାନ ହେତୁ ବୋଲି ମନେ କରି ଥାନ୍ତି । କିନ୍ତୁ ତାହା ଭାବିବା ଉଚିତ ନୁହେଁ । ତନ୍ତ୍ରର ରହସ୍ୟ ଅତି ଗୁରୁତ୍ୱ ପୂର୍ଣ୍ଣ । ପ୍ରଥମରେ ଦୀକ୍ଷିତ ବ୍ୟକ୍ତି ଯଦି ଭାବପରାୟଣ ନ ହୁଏ ତେବେ ତନ୍ତ୍ର ମନ୍ତ୍ରର ଫଳଲାଭରେ କ୍ଷମ ହୋଇ ପାରେ ନାହିଁ । ଭାବହିଁ ପ୍ରଧାନ, ସେଥିପାଇଁ ତନ୍ତ୍ରରେ ପଶୁ, ବୀର ଓ ଦିବ୍ୟ ଏହି ତିନୋଟି ଭାବରେ ବ୍ୟବସ୍ଥା ଅଛି । ଏହି ଭାବାପନ୍ନ ବ୍ୟକ୍ତି ସାଧନାରେ ସିଦ୍ଧି ଲାଭ କରେ ।

"ଭାବାନ୍ତସ୍ୟ ପ୍ରଭାବେଣ ମହାଯୋଗୀ ଭବେନ୍ନରଃ" ଭାବର ଅର୍ଥ ମାନସଧର୍ମ, "ଭାବସ୍ତୁ ମାନସୋଧର୍ମଃ" ଭାବୋଦୟ ହେଲେ ମନରେ ଏକାଗ୍ରତା ଜନ୍ମେ । ସାଧକ ଅନାୟାସରେ ଇପ୍‌ସିତ ଲାଭକରେ । ଭାବୋଦୟ ହେବାମାତ୍ରେ ସାଧକ ଅନ୍ତଃ ରାଜ୍ୟରେ ବିଚରଣ କରି ଶରୀର ପ୍ରତି ଆସ୍ଥା ରଖେ ନାହିଁ । ସେ ଭାବେ ଶରୀର ହିଁ ଜୀବଃ (ଶରୀର ହିଁ ଜୀବ ସ୍ୱରୂପ), ଆନମନ୍ତ (ଆନ ଅ...) ପ୍ରେରକଶୀଣି ସ୍ୱାଣି (ଜନ୍ତୁ ସ୍ୱ... ବର୍ଗ ରଙ୍ଗୋଃନ୍ତରାତ୍ମା, (ଅନ୍ତରାତ୍ମା-ମନ ବୃତ୍ତି ଅଭି... ବା *ଜୀବ ରଙ୍ଗମଞ୍ଚ) (ଶିବସୂତ୍ରବିମର୍ଷିଣୀ)

ଏହିପରି ଭାବନାଉତ୍ଥ ତାର ଅନ୍ତର୍ଜଗତରୁ ... ରଖେ, ସାଧକ ସେତେବେଳେ ସଚ୍ଚିଦାନନ୍ଦମୟ ... ଅନୁଭବ କରେ ।

ବର୍ତ୍ତମାନ ଭାବହୀନ ବ୍ୟକ୍ତି ତନ୍ତ୍ରର ନିଗୂଢ଼... ନଜାଣି କେବଳ କାୟକ୍ଲେଶ ଲାଭକରି ଅନ୍ୟମାନଙ୍କ... ସମାଲୋଚନା କେନ୍ଦ୍ର ହେଉଛନ୍ତି । ଆଗମ ବା ତନ୍ତ୍ର... ଅଧ୍ୟୟନକରି ତହିଁରେ ଦୀକ୍ଷିତ ହୋଇ ଭାବ ନ ... ସବୁ ବିଫଳ ହୁଏ ।

ବୃକ୍ଷୋ ବହତି ପୁଷ୍ପାଣି ଗନ୍ଧଂ ଜାନାତି ନାସିକା
ପଠନ୍ତି ତତ୍ତ୍ୱଶାସ୍ତ୍ରାଣି ଦୁର୍ଲଭା ଭାବବୋଧକାଃ । (ଯ...

ସାଧକ ଶାସ୍ତ୍ରପଢ଼ି, ଅରଣ୍ୟରେ ବାସକରି ଫଳମୂଳ... ଜଳମାନ ଭକ୍ଷଣ କରି ସାଧନାନିଷ୍ଠ ହେଲେ ସୁଦ୍ଧା... ଯଦି ଭାବୁକ ନ ହୁଏ ତେବେ ତା ପକ୍ଷରେ ଫଳ ଲାଭ... ଆଶା ଆକାଶ କୁସୁମ । ପଶୁପକ୍ଷୀ ପ୍ରଭୃତି ସର୍ବ... ବଣରେ ରହି ତୃଣାଦି ଆହାର ଓ ଝରଣାର ସ୍ୱଚ୍ଛ... ପାନକରି ମନୁଷ୍ୟ ଅପେକ୍ଷା ଯଥେଷ୍ଟ ନିଷ୍କପଟ ପବିତ୍ରଜୀବନ ଯାପନ କରୁଥିଲେ ମଧ୍ୟ ଭାବ ଅଭାବ... ଫଳ ଲାଭ କରିବାରେ ସମର୍ଥ ହୋଇ ପାରୁ ନାହାନ୍ତି

ତୃଣପର୍ଣ୍ଣୋଦକାହାରାଃ ସତତଂ ବନବାସିନଃ
ହରିଣାଦି ମୃଗାଶ୍ଚୈବ ତାପସାସ୍ତେ ଭବନ୍ତି କିଂ ?
ଶୀତବାତାତପସହା ଭକ୍ଷ୍ୟାଭକ୍ଷ୍ୟସମା ଅପି
ଚରନ୍ତି ଶୂକରାଦ୍ୟାଶ୍ଚ ବ୍ରତିନସ୍ତେ ଭବନ୍ତି କିଂ ?

(ଯାମଳ...

ଭାବୋଦୟ ହେଲେ ସାଧକ ସ୍ୱତଃ ସଂସାରରୁ ମୁକ୍ତିଲାଭ କରେ । ଭାବକୁ ଉଦ୍‌ବୁଦ୍ଧ କରିବା ପାଇଁ ଆଗମରେ କେତୋଟି ଆଚାରର ବ୍ୟବସ୍ଥା ଅଛି । ସେ ସମ୍ବ...

* ରଙ୍ଗ୍ୟତେଽସ୍ମିନ୍ ଜଗନ୍ନାଟ୍ୟକ୍ରୀଡ଼ା କୌତୁକିନାମ୍ନା ଇତି ରଙ୍ଗୋଽନ୍ତରାତ୍ମେତି ଜୀବଃ ପୁର୍ଯ୍ୟଷ୍ଟକାତ୍ମକଃ । ୯୪ ( ଶିବସୂତ୍ରବାର୍ତ୍ତିକ )

ପୂର୍ବୋକ୍ତ ଭାବ ସହିତ ଜଡ଼ିତ । ସାମାନ୍ୟ ପ୍ରବନ୍ଧରେ ତାର ଆଲୋଚନା ଅନାବଶ୍ୟକ, ତନ୍ମଧ୍ୟରୁ ଯୋଡ଼ିଏ ଆଗୁର ଉଲ୍ଲେଖ ଯୋଗ୍ୟ ।

କୌଳାଗୁର ଓ ସମୟାଗୁର, ଦୁଇଟି ମଧ୍ୟରୁ ପ୍ରଥମଟି ରହସ୍ୟପୂର୍ଣ୍ଣ । ବିନା ଗୁରୁରେ ତାର ତତ୍ତ୍ୱ ଜାଣିବା ସୁଗମ ହୁଏନାହିଁ । ଯେଉଁ ଅଜ୍ଞତା ହେତୁ ତନ୍ତ୍ର ଶାସ୍ତ୍ରର ଅଧଃ-ପତନ ଘଟିବା ସଙ୍ଗେ ସଙ୍ଗେ ନିନ୍ଦାବାଦ ପ୍ରଚାରିତ ହୋଇଅଛି, ଏହାର କେତେକ ବିଶ୍ଳେଷଣହିଁ ପ୍ରବନ୍ଧର ପ୍ରଧାନଲକ୍ଷ୍ୟ । କୁଳ ଶବ୍ଦର ଅର୍ଥ ହେଉଛି ମୂଳାଧାର ( କୁଂ ପୃଥ୍ୱୀତତ୍ତ୍ୱଂ ଲୀୟତେ ଯସ୍ମିନ୍ ତତ୍ କୁଳଂ ) ଯାହାର ନାମାନ୍ତର ଯୋନି ବା ତ୍ରିକୋଣ । ଯଥା ମୂଳଧାର ସ୍ତୋତ୍ରରେ,

ମେରୋର୍ମୂଲେ ଯଥା ପଦ୍ମଂ ମୂଳାଧାରଂ ପ୍ରକୀର୍ତ୍ତିତଂ
ଚତୁରଙ୍ଗୁଳବିସ୍ତୀର୍ଣ୍ଣଂ ଉଚ୍ଛ୍ରିତଂ ଚତୁରଙ୍ଗୁଳମ୍
ଚତୁଃପର୍ଣ୍ଣଂ ଶୋଣବର୍ଣ୍ଣଂ ତ୍ରିକୋଣଂ କର୍ଣ୍ଣିକା ତତଃ ।
(ଯାମଳାଦିତନ୍ତ୍ର)

ମେରୁଦଣ୍ଡର ମୂଳରେ ଯେଉଁ ପଦ୍ମ ଅଛି ତାକୁ ମୂଳାଧାର କୁହାଯାଏ । ସେହି ପଦ୍ମ ବିସ୍ତାର ଓ ଉଚ୍ଚତାରେ ଚାରିଆଙ୍ଗୁଳ, ଚାରିଦଳ, ରକ୍ତବର୍ଣ୍ଣ ଓ ତ୍ରିକୋଣାକାର କର୍ଣ୍ଣିକାଯୁକ୍ତ । ଏହି ଆଧାର ବା ଯୋନିକୁ ଚିନ୍ତା କରିବା ସାଧକ କୌଳ । ଏଥିରେ ପଞ୍ଚତତ୍ତ୍ୱ ସାଧନ ବା ପୂଜା ପ୍ରଧାନ ଓ ରହସ୍ୟ ପୂର୍ଣ୍ଣ । ଅଜ୍ଞ ସାଧକ ଏହି ତତ୍ତ୍ୱର ନାମାନ୍ତର ପଞ୍ଚ ମକାରକୁ (ମଦ୍ୟ, ମାଂସ, ମତ୍ସ୍ୟ, ମୁଦ୍ରା ଓ ମୈଥୁନ) ପ୍ରତ୍ୟକ୍ଷରେ ଉପାସନା କରି ନରକଗାମୀ ହୁଏ ଓ ଜଗତରେ ଘୃଣିତ ଅଟେ । କିନ୍ତୁ ପଞ୍ଚ ମକାରର ରହସ୍ୟ ଅତି ଆଧ୍ୟାତ୍ମିକତାପୂର୍ଣ୍ଣ । ତାହା ପୂର୍ବୋକ୍ତ ଭାବୋଦୟ ବ୍ୟତିରେକେ ହୋଇ ପାରେନା ।

୧ମରେ ମଦ୍ୟ

ବ୍ୟୋମପଙ୍କଜ ନିଃସ୍ୟନ୍ଦ ସୁଧାପାନରତୋନରଃ
ମଧୁପାୟୀସମଃ ପ୍ରୋକ୍ତସ୍ତ୍ୱିତରେ ମଦ୍ୟପାୟିନଃ ।
(ତନ୍ତ୍ରସାର)

ବ୍ରହ୍ମରନ୍ଧ୍ରସ୍ଥିତ ସହସ୍ରଦଳକମଳରୁ ଯେଉଁ ମକରନ୍ଦ ଅନବରତ କ୍ଷରୁଅଛି ତାକୁ ଯେ ପାନକରେ ସେ ବାସ୍ତବରେ ମଦ୍ୟପାୟୀ । ଏହି ମଧୁପାନ କରିବା ପାଇଁ ଏକ ବିଶିଷ୍ଟ ତାନ୍ତ୍ରିକ ପ୍ରକ୍ରିୟା ଅଛି । ଏହାର ନାମ ଖେଚରୀ ମୁଦ୍ରା । (ନିଜ ଜୀହ୍ୱାକୁ ନେଇ ତାଳୁମୂଳ ଗର୍ଭରେ କ୍ରମଶଃ-ସଂଯୋଗ କରି ପାରିବା ନାମ ଖେଚରୀ)

୨ୟ ମାଂସ

ପୁଣ୍ୟାପୁଣ୍ୟପଶୁଂ ହତ୍ୱା ଜ୍ଞାନଖଡ୍ଗେନ ଯୋଗବିତ୍
ପରେ ଲୟଂ ନୟେଚ୍ଚିତ୍ତଂ ମାଂସାଶୀ ସ ନିଗଦ୍ୟତେ ।

ଯେଉଁ ବ୍ୟକ୍ତି ପୁଣ୍ୟ ଓ ପାପରୂପକ ପଶୁକୁ ଜ୍ଞାନଖଡ୍ଗରେ ହତ୍ୟାକରି ନିଜ ମନକୁ ବ୍ରହ୍ମଠାରେ ନିୟୋଜିତ କରେ ସେହି ବ୍ୟକ୍ତି ମାଂସାଶୀ ।

୩ୟ ମତ୍ସ୍ୟ--

ଗଙ୍ଗାଯମୁନୟୋର୍ମଧ୍ୟେ ଦ୍ୱୌ ମତ୍ସ୍ୟୌ ଚରତଃ ସଦା ।
ତୌ ମତ୍ସ୍ୟୌ ଭକ୍ଷୟେତ୍ ଯସ୍ତୁ ସ ଭବେତ୍ ମତ୍ସ୍ୟସାଧକଃ ।

ଶରୀର ମଧ୍ୟରେ । ସୁଷୁମ୍ନାର ବାମଦକ୍ଷିଣରେ) ଥିବା ଇଡ଼ା ଓ ପିଙ୍ଗଳାନାଡ଼ୀକୁ ଗଙ୍ଗା ଓ ଯମୁନା କହନ୍ତି । ଏହି ଉଭୟ ମଧ୍ୟ ଦେଇ ଯେଉଁ ଶ୍ୱାସ ପ୍ରଶ୍ୱାସ ସର୍ବଦା ଗତିକରେ ତାର ନାମ ମତ୍ସ୍ୟ । ଯେଉଁ ସାଧକ ସେଦୁଇକୁ ପ୍ରାଣାୟାମଦ୍ୱାରା ରୁଦ୍ଧକରି ସୁଷୁମ୍ନା ନାଡ଼ୀର ମଧ୍ୟଗାମୀ କରାଏ ସେ ପ୍ରକୃତ ମତ୍ସ୍ୟାଶୀ ।

୪ର୍ଥ ମୁଦ୍ରା

ସତ୍‌ସଙ୍ଗେନ ଭବେନ୍ମୁକ୍ତିରସତ୍‌ସଙ୍ଗେଷୁ ବନ୍ଧନମ୍
ଅସତ୍‌ସଙ୍ଗ ମୁଦ୍ରଣଂ ଯତ୍ତନ୍ମୁଦ୍ରାତୁ ପ୍ରକୀର୍ତ୍ତିତା ।

ସତ୍ ସଙ୍ଗରୁ ମୁକ୍ତି ଓ ଅସତ୍ ସଙ୍ଗରୁ ବନ୍ଧନହୁଏ । ଏପରି ଅସତ୍ ସଙ୍ଗକୁ ମୁଦ୍ରଣ (ଅର୍ଥାତ୍ ପରିତ୍ୟାଗ) କରିବା ନାମ ମୁଦ୍ରା ।

୫ମ ମୈଥୁନ--

ଇଡ଼ା ପିଙ୍ଗଳୟୋଃ ପ୍ରାଣାନ୍ *ସୁଷୁମ୍ନାୟାଂ ପ୍ରବର୍ତ୍ତୟେତ୍
ସୁଷୁମ୍ନା ଶକ୍ତିରୁଦ୍ଦିଷ୍ଟା ଜୀବୋଽୟଂ ତୁ ପରଃ ଶିବଃ
ତୟୋସ୍ତୁ ସଙ୍ଗମେ ଦେବୈଃ ସୁରତଂ ନାମ କୀର୍ତ୍ତିତଂ ।

* ସୁଷୁମ୍ନା--- ଇଡ଼ାପିଙ୍ଗଳାମଧ୍ୟବର୍ତ୍ତୀ ମେରୁଦଣ୍ଡ ଅନ୍ତର୍ଗତ ସୂକ୍ଷ୍ମନାଡ଼ୀ

ଇଡ଼ା ପିଙ୍ଗଳା ନାଡ଼ୀ ଦ୍ୱୟର ମଧ୍ୟଗାମୀ ପ୍ରାଣବାୟୁକୁ ସୁଷୁମ୍ନାରେ ଯୋଗକରି ସହସ୍ରଦଳସ୍ଥିତ ପରମଶିବଙ୍କ ସହ ମୂଳାଧାରସ୍ଥିତ କୁଣ୍ଡଳିନୀ ଶକ୍ତିକୁ ସଂଯୋଗ କରିବା ନାମ ମୈଥୁନ । ମୈଥୁନକାଳୀନ ରେତପାତ ସମୟରେ ଯେଉଁ ଆନନ୍ଦ ଉପଲବ୍ଧ ହୁଏ ତାହାଠାରୁ ଅଧିକ ସୁଖ ସାଧକକୁ ମିଳେ ।

ଭୂତଶୁଦ୍ଧ୍ୟାଦିରେ ଏପରି ଭାବନାର ସ୍ୱନାମା ମିଳେ । "ଦେବୋଭୂତ୍ୱା ଦେବଂ ଯଜେତ୍", ଏପରି ଆଧ୍ୟାତ୍ମିକ ଧାରଣା ଆଗମରେ ସର୍ବତ୍ର ଦେଖାଯାଏ। ସ୍ୱଚ୍ଛନ୍ଦ-- ଭୈରବ ପ୍ରଭୃତି ତନ୍ତ୍ର ଶାସ୍ତ୍ରରେ ଏତାଦୃଶ ବିଷୟର ଯଥେଷ୍ଟ ରହିଅଛି । ତେଣୁ ତନ୍ତ୍ର ସାଧକ ସର୍ବଦା ଭାବନାର ଆଶ୍ରୟନେବା ବିଧେୟ ।

# "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ"

ଶ୍ରୀ ଶଙ୍କରପ୍ରସାଦ ପଣ୍ଡା

(ଆଗ୍ନେୟ ୨ୟ ବାର୍ଷିକ ଛାତ୍ର)

ଶାସ୍ତ୍ରରେ "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ" ପ୍ରବାଦଟି ଲେଖା ଯାଇଅଛି । କରୁଣାମୟ ଭଗବାନଙ୍କର ଏହି ବିଚିତ୍ର ସୃଷ୍ଟିରେ ପ୍ରତ୍ୟେକ ଜୀବ ସ୍ନେହଶୀଳ । ସେମାନଙ୍କ ମଧ୍ୟରେ ମାତୃସ୍ନେହ ସର୍ବାଧିକ । 'ମା'ର ଆମ୍ଭମାନଙ୍କ ପ୍ରତି ସ୍ନେହ ଯେତିକି ତା ତୁଳନାରେ ସେ କଷ୍ଟ ମଧ୍ୟ ସହେ ଅନେକ । ସେ ସନ୍ତାନ ଗର୍ଭସ୍ଥ ହେଲା ଦିନଠାରୁ ଭୂମିଷ୍ଠ ହେବା ପର୍ଯ୍ୟନ୍ତ ଗର୍ଭକାଳୀନ ଯନ୍ତ୍ରଣାଗୁଡ଼ିକ ଅମ୍ଳାନ ବଦନରେ ସହ୍ୟ କରିଯାଏ । ଯେତେବେଳେ ସନ୍ତାନ ଭୂମିଷ୍ଠ ହୁଏ, ସେତେବେଳେ ମା' ତାର ମୁଖ ଦର୍ଶନ କରିବା ମାତ୍ରେ ପ୍ରସବ କାଳୀନ ସମସ୍ତ କଷ୍ଟ ମଧ୍ୟ ଭୁଲି ଯାଏ । ଶିଶୁର ଜୀବନ ଧାରଣ ନିମିତ୍ତ ସେ ତାର ନିଜର ରକ୍ତଦେଇ ତାକୁ ଭବିଷ୍ୟତରେ ବଳିଷ୍ଠ ଓ ସୁଗୁଣ କରିବାକୁ ଚେଷ୍ଟାକରେ । ଆହୁରିମଧ୍ୟ ଅଗାଧ ସ୍ନେହର ବଶବର୍ତ୍ତୀ କରି ରଖେ । ସନ୍ତାନ ମା'ଠାରୁ ଯେତିକି ସ୍ନେହ ଆଦର ପାଇପାରେ ଅନ୍ୟ କେଉଁଠାରୁ ସେ ଏତେ ପରିମାଣରେ ଆଦର ଯତ୍ନ ପାଇପାରେ ନାହିଁ । ଶିଶୁ ଅବସ୍ଥାରେ ସେ ଆମର ମଳମୂତ୍ର ଛେପ ପ୍ରଭୃତି ଅତି ଘୃଣ୍ୟ ବସ୍ତୁ ଗୁଡିକ ଅକୁଣ୍ଠିତ ଚିତ୍ତରେ ନିଜହାତରେ ସଫାକରି ସବୁ ସମୟରେ ପରିଷ୍କାର ରଖିବାକୁ ଯତ୍ନ କରେ । ଏତେ ଗୁଡ଼ିଏ କଷ୍ଟ ସହିମଧ୍ୟ ସେ ଯେ ସନ୍ତାନର ଜନନୀ, ଏଥିପାଇଁ ଗର୍ବ ଅନୁଭବ କରିବା ସଙ୍ଗେ ସଙ୍ଗେ ନିଜକୁ ସୌଭାଗ୍ୟବତୀ ମନେକରେ । ଯେଉଁ ସନ୍ତାନ ମାତୃହୀନ ହୋଇ-ପଡିଥାଏ ସେ ନିଜକୁ ସଂସାରରେ ଅସହାୟ ମନେକରେ । ଓଡ଼ିଆରେ ଗୋଟିଏ ପ୍ରବାଦ ଅଛି "ଯାର ମା' ନାହିଁ ତାର ଦୁନିଆଁରେ କେହି ସାହାନାହିଁ ।" ଆହୁରିମଧ୍ୟ କଥିତ ଅଛି ଯେ ମା' ଖୁଦପୋଷକରେ ସନ୍ତାନକୁ ପୋଷିପାରେ କିନ୍ତୁ ବାପା ଠଙ୍କା ବସ୍ତାଟିରେ ସ୍ୱ ପୁତ୍ରକୁ ପୋଷି ପାରେ ନାହିଁ । ଏହି ଉକ୍ତିଟି ବାସ୍ତବରେ ଯଥାର୍ଥ । ବାପ 'ମା' ଭଳି ସନ୍ତାନର ଦୁଃଖ ବୁଝିପାରେ ନାହିଁ ।

ଜନ୍ମଭୂମି 'ମା'ପରି କେବଳ ପ୍ରସବ ବେଦନା ବ୍ୟତୀତ ଅନ୍ୟ କୌଣସି ଗୁଣରେ ଟିକେହେଲେ କମ୍ ନୁହେଁ । ଜନ୍ମପରେ ଶିଶୁ ଅବସ୍ଥାରେ ଆମ୍ଭେମାନେ ମାତୃସ୍ତନ୍ୟପାନ କରି ଜୀବନ ଧାରଣ କରୁଁ, ମାତ୍ର ଆମ୍ଭେ ଯାହାଠାରୁ ସ୍ତନ୍ୟପାନ କରି ପୁଷ୍ଟ ହେଉଁ ଜନ୍ମଭୂମି ତାକୁ ନିଜର ଅନ୍ନପାଣି ଖାଦ୍ୟ ପେୟ ଯୋଗାଇ ଥାଏ । ମା' ତାର ଅଳ୍ପ ସଂଖ୍ୟକ ସନ୍ତାନକୁ ଆଦର କରେ, ମାତ୍ର ଜନ୍ମଭୂମି ତାର କୋଟି କୋଟି ସନ୍ତାନକୁ ଆଦର ଯତ୍ନ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ଜୀବନ ଧାରଣ

ନିମିତ୍ତ ନିପାଦାନ ଗୃହ୍ୟ ଯୋଗାଇ ଥାଏ । ଜନ୍ମଭୂମିନ୍ତ ଖାଦ୍ୟ ଆହରଣ କରିବା ନିମିତ୍ତ ଆମକୁ ତାର ବକ୍ଷଦେଶ କ୍ଷତ ବିକ୍ଷତ କରିବାକୁ ପଡ଼େ । ତାଠାରୁ ଆମେ ଏତେ ଶୁଭଏ ଉପକାର ପାଇଥିବା ସ୍ଥଳେ ଆମେ ପୁଣି ତା ବକ୍ଷରେ ମଳମୂତ୍ର ତ୍ୟାଗକରୁଁ । ଏହି ବ୍ୟତୀତ ଆହୁରି ଶତ ଗୁଣରେ ଅନେକ ଦୁର୍ବ୍ୟବହାର ମଧ କରିଥାଉ, ଯାହାକି ବର୍ଣ୍ଣନାତୀତ । ମୋଟ ଉପରେ ଚିନ୍ତାକଲେ ଦେଖାଯିବ ଯେ ଜନ୍ମଭୂମି ଆମର ଜୀବନ ଧାରଣ ନିମିତ୍ତ ଖାଦ୍ୟ, ବାସ କରିବା ନିମିତ୍ତ ବାସଗୃହ, ଓ ଅନ୍ୟାନ୍ୟ ଉପାଦେୟ ବସ୍ତୁ ଯୋଗାଇ ଦେଉଅଛି । ତଦ୍ୱାରା ଆମ୍ଭେମାନେ ଅନକ୍ଳେଶରେ ଜୀବନ ଧାରଣ କରି ପାରୁଅଛୁ ।

କେତେକ କ୍ଷେତ୍ରରେ ଦେଖାଯାଏ ଯେ ଯେଉଁ ଜନନୀ ଜନ୍ମଭୂମି ଆମକୁ ଏତେ କଷ୍ଟ ସହ୍ୟ କରି ପାଳନ କରି ଆସୁଛନ୍ତି, ଆମ୍ଭେ ଔଦ୍ଧତ୍ୟ ବଶତଃ ହେଉ କିମ୍ବା ଅଜ୍ଞାନ ବଶତଃ ହେଉ ଜନକ ଓ ଜନନୀଙ୍କର ବାର୍ଦ୍ଧକ୍ୟ ସମୟରେ ଏବଂ ଜନ୍ମଭୂମିର ବିପଦ ସମୟରେ ଚରମ ଅବହେଳା କରିଥାଉଁ । ଏହି ଅବହେଳା କ୍ଷମଣୀୟ ଅପରାଧ ନୁହେଁ । କିନ୍ତୁ ସେମାନେ ଯେ ଆମକୁ ଅକୁଣ୍ଠିତ ଚିତ୍ତରେ କ୍ଷମାଦେଇ ଆସିଛନ୍ତି ।

କେତେକ ମନୀଷୀଙ୍କ ମତରେ "ସ୍ୱର୍ଗଠାରୁ ସୁଖଭୋଗ ଆଉନାହିଁ" କିନ୍ତୁ ଏ ମତ ଖଣ୍ଡନ କରି କିବ କହିଯାଇଛନ୍ତି "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ ।"

# ପାଦ ପୂଜା

ଶ୍ରୀ ମଧୁସୂଦନ କରଶର୍ମା
( ସାଂଖ୍ୟ ପୂର୍ବମଧମା ୨ୟବର୍ଷ ଛାତ୍ର )

ହୃଦୟରେ ଆଜ ମୋର ଜାଗିଛି ଝଙ୍କାର,
ଦେବାପାଇଁ ତବପଦେ ଭକ୍ତି ଉପହାର ।
କି ଲେଖିବ କି ଗାଇବ କଳ୍ପନା ବାହାର,
ମୁଁ ଏକ ଅଧମ ଛାତ୍ର ପଥିକ ଆଶାର । ୧ ।

ହେ ଗୁରୁଜୀ ତୁମେ ଅଟ ମରୁର ଝରଣା,
ଦୂର କର ମୃଗତୃଷ୍ଣା ଦେକି ଜ୍ଞାନବାନା ।
ସତ୍ୟର ସାରଥି ତୁମେ କର୍ମର ସାଧକ,
ତମିର ବିଧ୍ୱଂସୀ ତୁମେ ଅମାର ଆଲୋକ । ୨ ।

ଜ୍ଞାନ ଜଗତରେ ତବ ଅଦ୍ଭୁତ ସାଧନା,
ବିଦ୍ୟାର୍ଥୀ ଜଗତେ ଉଡ଼େ ତୁମ୍ଭ ଜ୍ଞାନବାନା ।
ଚନ୍ଦନ ପୁଷ୍ପରେ ତବ ନାହିଁ ଅଭିପ୍ରାୟ,
ଗର୍ବ ଦମ୍ଭ ଛୁଇଁ ନାହିଁ ତୁମ୍ଭର ହୃଦୟ । ୩ ।

ଭକ୍ତିଭରେ ତବପଦେ ଦେଇ ପୁଷ୍ପାଞ୍ଜଳି,
ବନ୍ଦୁଛି ଚରଣ ତବ ଭକ୍ତି ଅର୍ଘ୍ୟ ଢାଳି ।
ନ ଧରିବେ ଦୋଷ ମୋର ଦୟାଗୁଣ ବହି,
ଏତିକି ଗୁହାରି ତବ ଚରଣେ କରଇ । ୪ ।

ଅର୍ଥାତ୍ ଯିଏ ଅନ୍ତର୍ଯ୍ୟାମୀ ବା ଈଶ୍ୱର ତତ୍ତ୍ୱଜ୍ଞ, ସେ ଜନ୍ମମୃତ୍ୟୁକ ଓ ଶୋକରୂପ ସଂସାରରୁ ନିସ୍ତାର ବା ମୁକ୍ତ ହୋଇଯାଏ । ତାହା ନଜାଣିଲେ ସଂସାର ବନ୍ଧନରେ ବିଶେଷଭାବେ ଜଡ଼ିତ ହୁଏ, ଏହାମଧ୍ୟ ଅନ୍ୟ ବିଷୟରେ କୁହାଯାଇଅଛି —

'ମୃତ୍ୟୋଃ ସ ମୃତ୍ୟୁମାପ୍ନୋତି ଯ ଇହ ନାନେବ ପଶ୍ୟତି' ।

ଯିଏ ଈଶ୍ୱରଙ୍କୁ ଆତ୍ମାଠାରୁ ଭିନ୍ନକରି ଦେଖେ, ସେ ମୃତ୍ୟୁରୂପ ସଂସାରରେ ବାରମ୍ବାର ପଡ଼େ । ଇତ୍ୟାଦି । ଅନ୍ତର୍ଯ୍ୟାମିବ୍ରାହ୍ମଣରେ କଥିତ ଅଛି ଯେ —

'ଯ ଆତ୍ମନିତିଷ୍ଠନ୍ ଆତ୍ମନୋ ଅନ୍ତରଃ, ଯଂ ଆତ୍ମା ନବେଦ, ଯସ୍ୟ ଆତ୍ମା ଶରୀରଂ, ଯ ଆତ୍ମାନମନ୍ତରୋଯମୟତି, ଏଷତେ ଆତ୍ମା ଅନ୍ତର୍ଯ୍ୟାମୀ ଅମୃତଃ ।'

ଅର୍ଥାତ୍ ଯେ ଆତ୍ମାରେ ରହି ଆତ୍ମାଠାରୁ ଅଲଗା, ଏବଂ ଯାହାଙ୍କୁ ଆତ୍ମା ଜାଣେନାହିଁ । ଯାହାଙ୍କର ଆତ୍ମା-ଶରୀର, ଯେ ଆତ୍ମାକୁ ଅନ୍ତର୍ଦ୍ଦେଶରେ ନିୟନ୍ତ୍ରିତ କରୁଅଛନ୍ତି, ଯାହାଙ୍କ ନିୟନ୍ତ୍ରଣ ଦ୍ୱାରା ଆତ୍ମା ଚାଳିତ, ସେ ଏହି ତୁମର ଆତ୍ମା ଅନ୍ତର୍ଯ୍ୟାମୀ ଅମୃତ ଅଟନ୍ତି । ଇତ୍ୟାଦି ।

ଅତଏବ ଏଥିରୁ ବୁଝାଯାଉଛି ଯେ, ସଂସାର କ୍ଷେତ୍ରରେ କର୍ମକରି ତାର ଫଳଭୋଗ ସ୍ୱରୂପ ଜନ୍ମ-ଜନ୍ମାନ୍ତର ଲାଭ କରିବା ଆତ୍ମା ଅଲଗା, ଏବଂ କିଛି କର୍ମ ନକରି ସେହି ଆତ୍ମାକୁ କର୍ମ କରାଇବା ଆତ୍ମା ଅଲଗା, କରିବା ଓ ଭୋଗ କରିବା ଆତ୍ମା 'ଜୀବ' ପଦବାଚ୍ୟ, କରାଇବା ଆତ୍ମା 'ଈଶ୍ୱର' ପଦବାଚ୍ୟ, ସେହି ଈଶ୍ୱରଙ୍କୁ ଜୀବ ଜାଣିଲେ ମୁକ୍ତିଲାଭ କରିଯାଏ ଅର୍ଥ ତାହାଙ୍କୁ ପାଇଯାଏ । ଏସବୁ ବଚନରୁ ଯାହା ଜଣାଗଲା, ତାହା ପୂର୍ବସିଦ୍ଧାନ୍ତଠାରୁ ପୃଥକ୍ । ତାହାର ସମାଧାନ କିପରି ? ବ୍ରହ୍ମସୂତ୍ରକାର ଏହାର ସମାଧାନ କହୁଅଛନ୍ତି —

'ପରାତ୍ତୁ ତଚ୍ଛ୍ରୁତେଃ' ।

ପରମାତ୍ମାଙ୍କ ଅନୁଗ୍ରହରୁ ଜୀବର କର୍ତ୍ତୃତ୍ୱ, ଏବଂ ତାଙ୍କର ପ୍ରେରିତ ଜ୍ଞାନଦ୍ୱାରା ଜୀବର ମୋକ୍ଷ । ସେପରି ଶ୍ରୁତିରେ ଶୁଣାଯାଏ, 'ଏହି ଈଶ୍ୱର ଯାହାକୁ ଊର୍ଦ୍ଧ୍ୱ-ଲୋକକୁ ନେବାପାଇଁ ଇଚ୍ଛା କରନ୍ତି, ତାକୁ ପୁଣ୍ୟକର୍ମ କରାନ୍ତି, ଏବଂ ଯାହାକୁ ଅଧୋଲୋକକୁ ନେବାପାଇଁ ଇଚ୍ଛା କରନ୍ତି, ତାକୁ ପାପକର୍ମ କରାନ୍ତି । ଇତ୍ୟାଦି ।

ତାଙ୍କ ଅନୁଗ୍ରହରୁ କର୍ତ୍ତୃତ୍ୱ ଲାଭକରି ଜୀବ ଯେଉଁ କର୍ମ କରେ, ଈଶ୍ୱର ତାହାକୁ ଅପେକ୍ଷା କରି ତାର ଶୁଭାଶୁଭ ଫଳ ଦିଅନ୍ତି । ସ୍ୱତନ୍ତ୍ର ଭାବେ ନୁହେ । ଯଦି ସ୍ୱତନ୍ତ୍ରଭାବେ ଜୀବର ଶୁଭାଶୁଭ ଫଳ ଦେବେ, ତାହେଲେ ତାଙ୍କର ବୈଷମ୍ୟ ଏବଂ ନିର୍ଦ୍ଦୟତା ଦୋଷ ହେବ । ଅର୍ଥାତ୍ କେତେକଙ୍କୁ ସୁଖୀ ଓ କେତେକଙ୍କୁ ଦୁଃଖୀ କରାଇବା ଦ୍ୱାରା ତାଙ୍କଠାରେ ବିଷମତା ଦୋଷ ଆସିବ । ତାହା ଈଶ୍ୱରଙ୍କଠାରେ ଆସିବା ଉଚିତ ନୁହେ । କାରଣ ସେ ସମ । ତେଣୁ ସେ ପ୍ରାଣୀ କର୍ତ୍ତୃତ୍ୱର ଅଧୀନ କର୍ମକୁ ଅପେକ୍ଷା କରି ଶୁଭାଶୁଭ ଫଳ ଦିଅନ୍ତି । ଯେହେତୁ ସେ କର୍ମାଧ୍ୟକ୍ଷ । ଯଦିବା ସେ ପ୍ରାଣୀକର୍ମକୁ ଅପେକ୍ଷା ନକରିବେ, ତାହେଲେ ଶାସ୍ତ୍ରରେ ଯେଉଁ ବିଧାନ ଓ ନିଷେଧ ସବୁ ଉକ୍ତ ହୋଇଅଛି, ତାହା ବ୍ୟର୍ଥ ହୋଇଯିବ । କାରଣ, ଈଶ୍ୱର ଯଦି କରାଇବା ବିଷୟରେ ସ୍ୱତନ୍ତ୍ର, ଏବଂ ଫଳଦେବା ବିଷୟରେ ସ୍ୱତନ୍ତ୍ର, ତାହେଲେ 'ଏପରି କର' ବୋଲି ବିଧାନ ଏବଂ 'ଏପରି ନକର' ବୋଲି ନିଷେଧରେ ଜୀବପ୍ରତି ଆବଶ୍ୟକତା ରହିବ ନାହିଁ । ତାହା ବ୍ୟର୍ଥ ହେବ । ଶ୍ରୁତିର ବ୍ୟର୍ଥତା କୌଣସି ମତେ ସ୍ୱୀକାର୍ଯ୍ୟ ନୁହେ । କାରଣ, ତାହା ସର୍ବାଂଶରେ ସାର୍ଥକ, ଅତଏବ ଶ୍ରୁତିର ସାର୍ଥକତା ଦୃଷ୍ଟିରୁ ଜୀବ କର୍ମକୁ ଅପେକ୍ଷା କରି ଈଶ୍ୱର କାରୟିତା ଅଟନ୍ତି । ଜୀବର କର୍ତ୍ତୃତ୍ୱ ଅନାଦି ଭାବରେ ରହି ଆସିଅଛି ।

ଗୀତାରେ ଭଗବାନ୍ କହିଅଛନ୍ତି —

'ମମୈବାଂଶୋଜୀବଲୋକେ ଜୀବଭୂତଃ ସନାତନଃ ।'

ଜୀବଲୋକରେ ଜୀବ ମୋର ଅଂଶ ଅଟେ ଏବଂ ସେ ସନାତନ ଅର୍ଥାତ୍ ନିତ୍ୟ ଅଟେ । ଏହାକୁ ଶଙ୍କର ପ୍ରଭୃତି ଆଚାର୍ଯ୍ୟମାନେ ବୁଝାଇଅଛନ୍ତି — 'ଜୀବ ଭଗବାନଙ୍କର ଅଂଶ, କିପରି ? ଅଂଶଇବ, ଅଂଶପରି । ଅର୍ଥାତ୍ ଯେପରି ପ୍ରତିବିମ୍ବ ବିମ୍ବର ଗୋଟିଏ ଅଂଶପରି

ଜଣାଯାଏ, କିନ୍ତୁ ବାସ୍ତବିକ ଅଂଶ ନୁହେ । ଦର୍ପଣ ବା ଜଳ ପ୍ରଭୃତି ଉପାଧିଦ୍ୱାରା ହିଁ ତାହାର ଉପଲବ୍ଧି ହୋଇଥାଏ । ଉପାଧି ଅଭାବରୁ ଉପଲବ୍ଧି ହୁଏନାହିଁ । ସେହିପରି ଈଶ୍ୱର ବିମ୍ବ, ଅଜ୍ଞାନର କାର୍ଯ୍ୟରୂପ ବୁଦ୍ଧି ଉପାଧିରେ ପ୍ରତିବିମ୍ବିତ ହୋଇ ଜୀବରୂପେ ପ୍ରତିଭାତ ହୋଇଥାନ୍ତି । ଅଜ୍ଞାନର କାର୍ଯ୍ୟଗୁଡ଼ିକ ଜ୍ଞାନ ହୋଇଗଲେ ନିବୃତ୍ତ ହୋଇଥାଏ । ଈଶ୍ୱରଙ୍କୁ ଯଥାର୍ଥରୂପେ 'ଅହଂ-ବ୍ରହ୍ମାସ୍ମି,' 'ମୁଁ ଈଶ୍ୱର ଅଟେ' ଏପରିଭାବେ ଜାଣିମାତ୍ରେ ସେହି ଅଜ୍ଞାନରୁ ଜାତ ବୁଦ୍ଧି ଆଦି ଉପାଧି ଓ ତାହାର କାର୍ଯ୍ୟ ସଂସାର ଈଶ୍ୱରଙ୍କର ଯଥାର୍ଥ ଜ୍ଞାନ ହୋଇଗଲେ ନିବୃତ୍ତ ହୋଇଯିବ । ନିବୃତ୍ତ ହେବ ଅର୍ଥ ସେ ବିଷୟକ ଅଭିମାନ ଆଉ ରହିବନାହିଁ । ଏକମାତ୍ର ଈଶ୍ୱର ସ୍ୱରୂପରେ ଅବସ୍ଥିତ ହେବ । ତାହାହିଁ ଆତ୍ମାର ପରମ-ପୁରୁଷାର୍ଥ ବା ଚରମ ଲକ୍ଷ୍ୟ ।

ଏଠାରେ ଏହା ମଧ୍ୟ ସ୍ପଷ୍ଟ ହେବା ଉଚିତ ଯେ, ଜୀବର ସ୍ୱତନ୍ତ୍ର କର୍ତ୍ତୃତ୍ୱ ଅଛି । କିନ୍ତୁ ତାହା ପାରମାର୍ଥିକ (ସତ୍ୟ) ନୁହେ । ଯେଣୁ ତାର ସ୍ୱରୂପ ଅପାରମାର୍ଥିକ । ଯେପରି ସ୍ୱପ୍ନଦୃଷ୍ଟମାନବ ସ୍ୱପ୍ନଦ୍ରଷ୍ଟାଠାରୁ ପୃଥକ୍ ଏବଂ ସେ ସ୍ୱତନ୍ତ୍ରଭାବେ କର୍ତ୍ତା ଓ ଭୋକ୍ତା । ସ୍ୱପ୍ନପରେ ଦ୍ରଷ୍ଟା ଓ ଦୃଶ୍ୟ ଉଭୟ ସ୍ୱରୂପର ତ ଉପଲବ୍ଧି ହୁଏନାହିଁ । କିନ୍ତୁ ତାର ସାକ୍ଷୀରୂପରେ କେହି ଥାଏ, ଯେକି ଜାଗ୍ରତ ଅବସ୍ଥାରେ ସ୍ମରଣ କରେ । ଅତଏବ ଏକ ଆତ୍ମା, ଦ୍ରଷ୍ଟାରୂପ, ଦୃଶ୍ୟରୂପ, ଓ ସାକ୍ଷୀରୂପ ହୋଇ ପାରୁଛି, ତାହା କିପରି ହୋଇପାରୁଛି ? ଉପାଧିଦ୍ୱାରା, ଯେଣୁ ଅଜ୍ଞାନ ମିଥ୍ୟା ଉପାଧିଦ୍ୱାରା ସତ୍ୟବସ୍ତୁ ଆତ୍ମା ଅନେକ ରୂପେ ଅନୁଭୂତ ହେଉଅଛି । ନିଜେ ନିଜର ଉପାସ୍ୟ, ନିଜେ ଉପାସକ, ନିଜେ ନିୟମ୍ୟ ଓ ନିଜେ ନିୟାମକ, ଏପରି ମିଥ୍ୟାରୂପ ଅନେକ ହୋଇଥାଏ । ତେଣୁ ଅଜ୍ଞାନଦ୍ୱାରା ଏହିପରି ବସ୍ତୁରେ ଅବସ୍ତୁବୁଦ୍ଧି ଓ ଅବସ୍ତୁରେ ବସ୍ତୁବୁଦ୍ଧି, ଏକରେ ଅନେକ ବୁଦ୍ଧି ପ୍ରଭୃତି ହୋଇଥାଏ । ତାହା କଳ୍ପିତରୂପ । ଯଦି କୁହାଯିବ ଯେ, କଳ୍ପିତରୂପର କଳ୍ପକ କିଏ ? ଯେପରି ରଜ୍ଜୁରୁ ସର୍ପରୂପ କଳ୍ପନା, କେହି ଜଣେ କଳ୍ପକ ଦ୍ୱାରା ହୋଇ-ହୋଇଅଛି । ସେପରି ଈଶ୍ୱରଙ୍କର ଅନେକ ରୂପ କଳ୍ପନାର କଳ୍ପକ କେହି ହୋଇପାରେ, ତାଙ୍କଛଡ଼ା ତ ଦ୍ୱିତୀୟ କେହି ନାହିଁ ?

ଏହାର ସମାଧାନ ଅତି ସହଜରେ କରାଯାଇ-ପାରିବ ଯେ ସ୍ୱପ୍ନରେ ଯେଉଁ ଅନେକ ରୂପ, ତାହାର କଳ୍ପକ କିଏ ? ସେଠାରେତ ଅନ୍ୟ କେହି ନାହିଁ । ତାହେଲେ କୁହାଯାଇପାରିବ ଯେ, ଉପାଧିଦ୍ୱାରାହିଁ ଏହିପରି ହୋଇପାରିବ । କିନ୍ତୁ ତାହା ମିଥ୍ୟାରୂପ । ସତ୍ୟବସ୍ତୁ ବାସ୍ତବିକ ଅନେକ ନୁହେ, ତାହା ଏକ । ଅତଏବ ଈଶ୍ୱର ଆମ୍ଭମାନଙ୍କ ଆତ୍ମାଠାରୁ ଭିନ୍ନ ନୁହନ୍ତି । ଅଜ୍ଞାନବଶତଃ ଆମ୍ଭେମାନେ ତାଙ୍କୁ ଭିନ୍ନରୂପରେ ଭାବୁଥିଲେ ମଧ୍ୟ ତାଙ୍କ ଅନୁଗ୍ରହରୁ ଆମ୍ଭେମାନେ ବଞ୍ଚିତ ନୋହୁ । ଏପରିକି ତାଙ୍କ ଅନୁଗ୍ରହ ନଥିଲେ ଆମର ସତ୍ତା ରହିବନାହିଁ । ଅତଏବ ସମସ୍ତେ ଶାସ୍ତ୍ରୀୟ ନିୟମ ଅନୁସାରେ ତାଙ୍କର କୃପା ଲାଭ କରିବା ଉଚିତ । ତାଙ୍କର କୃପାଲାଭ ହିଁ ଜୀବର ପୁରୁଷାର୍ଥ । ଇତି ।

# * ପଞ୍ଚକୋଷ ଓ ଆତ୍ମା *

ଶ୍ରୀ ସୁକୁମାର ଦତ୍ତ (ବେଦାନ୍ତ-ରତ୍ନ)

ଆମ୍ଭେମାନେ ସାଧାରଣତଃ ତିନୋଟି ଅବସ୍ଥା ଭୋଗ କରୁଁ । ଜାଗ୍ରତ, ସ୍ୱପ୍ନ, ଓ ସୁଷୁପ୍ତି । ଜାଗ୍ରତ ଅବସ୍ଥାରେ ଅନେକ ଦୃଶ୍ୟବସ୍ତୁ ଦେଖିବାକୁ ହୁଏ । ଶ୍ରାବ୍ୟ ବସ୍ତୁ ଶୁଣିବାକୁ ହୁଏ ଓ ତା ବିଷୟରେ ଜ୍ଞାନ ହୁଏ । ଏହିପରି ପଞ୍ଚ ଇନ୍ଦ୍ରିୟ ଜରିଆରେ ନାନା ବିଷୟର ଜ୍ଞାନ ହେଉଅଛି । କିନ୍ତୁ ସେ ଭେଦ ଜ୍ଞାନର ନୁହେଁ, ବିଷୟର । ଯେପରି ଘଟ ବିଷୟରେ ଜ୍ଞାନ, ପଟ ବିଷୟରେ ଜ୍ଞାନ, ଗୃହ ବିଷୟରେ ଜ୍ଞାନ ହେଉଥିଲେ ମଧ୍ୟ, ଘଟ, ପଟ, ଗୃହକୁ ପୃଥକ୍ କରିଗଲେ ଜ୍ଞାନ ଅଂଶରେ ଏକ । କାରଣ ଜ୍ଞାନ ପ୍ରକାଶ ସ୍ୱରୂପ । ବିଷୟର ପ୍ରଭେଦ ହେଲେ ମଧ୍ୟ ପ୍ରକାଶ ରୂପର ପ୍ରଭେଦ ହୋଇ ନପାରେ । ଯେପରି ସୂର୍ଯ୍ୟ ଆଲୋକ ବିଷୟକୁ ପ୍ରକାଶ କରେ । ପ୍ରକାଶ୍ୟ ବସ୍ତୁର ଭେଦରେ ପ୍ରକାଶର ଭେଦ ହେବା ଦେଖାଯାଏ ନାହିଁ । ଅତଏବ ଜାଗ୍ରତ ଅବସ୍ଥାର ଜ୍ଞାନ ଏକ ।

ଜାଗ୍ରତ ଅବସ୍ଥାପରି ସ୍ୱପ୍ନାବସ୍ଥାରେ ମଧ୍ୟ ଜ୍ଞେୟ ବସ୍ତୁ ସମୂହ ପରସ୍ପର ଭିନ୍ନ । ମାତ୍ର ଜ୍ଞାନ ଭିନ୍ନ ନୁହେଁ । ତଥାପି ଜାଗ୍ରତ ଓ ସ୍ୱପ୍ନ ମଧ୍ୟରେ ପ୍ରଭେଦ ଏହି ଯେ ସ୍ୱପ୍ନରେ ଜ୍ଞେୟ ବସ୍ତୁ ସମୂହ ନିତାନ୍ତ କ୍ଷଣିକ । ଆଉ ଜାଗ୍ରତ ଅବସ୍ଥାରେ କିଛି ଅଧିକ ସମୟ ସ୍ଥାୟୀ । ଅତଏବ ଜାଗ୍ରତ ସ୍ୱପ୍ନ ଉଭୟାବସ୍ଥାରେ ଜ୍ଞାନ ଏକରୂପ, ତାହା ଭେଦହୀନ ।

ସୁଷୁପ୍ତିରୁ ଉତ୍ଥିତ ବ୍ୟକ୍ତିର ଜ୍ଞାନ ହୁଏ, "ମୁଁ ନିଦ୍ରାବସ୍ଥାରେ କିଛି ଜାଣିପାରିଲି ନାହିଁ । ଏହି ଜାଣି-ନପାରିବାର ବା ଅଜ୍ଞାନର ଯେ ଜ୍ଞାନ ତାହା ସ୍ମରଣ ଭିନ୍ନ ଅନ୍ୟ କିଛି ନୁହେଁ । ଅଥଚ ଅନନୁଭୂତ ବିଷୟର ସ୍ମରଣ ଅସମ୍ଭବ । ତେଣୁ ସ୍ୱୀକାର କରିବାକୁ ହେବ ଯେ, ସୁଷୁପ୍ତି କାଳରେ ମଧ୍ୟ ଅଜ୍ଞାନର ଅନୁଭବ ହୁଏ । ସେହି ଅଜ୍ଞାନ ଅନୁଭବ ମଧ୍ୟ ସ୍ୱପ୍ନାବସ୍ଥାର ଜ୍ଞାନପରି ବିଷୟଠାରୁ ଭିନ୍ନ କିନ୍ତୁ ଜ୍ଞାନଠାରୁ ଭିନ୍ନ ନୁହେଁ ।

ଏହିପରି ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତି, ତିନି ଅବସ୍ଥାର ଜ୍ଞାନ ଏକ । ଏକା ଦିନରେ ତିନି ଅବସ୍ଥାପରି ଅନ୍ୟ ଦିନରେ ମଧ୍ୟ ଜ୍ଞାନର ଭେଦ ହୁଏନାହିଁ । ଅତୀତ, ଭବିଷ୍ୟତ, ବିବିଧ ମାସ, ବର୍ଷ, କଳ୍ପରେ ମଧ୍ୟ ଜ୍ଞାନର ଉଦୟ ନାହିଁ କି ଅସ୍ତ ନାହିଁ । ଜ୍ଞାନ ଏକ ଓ ସ୍ୱପ୍ରକାଶ ସ୍ୱରୂପ । ଏହି ସିଦ୍ଧାନ୍ତ ଉପରେ ହିଁ ବେଦାନ୍ତର ମୂଳ-ଭିତ୍ତି ପ୍ରତିଷ୍ଠିତ । ମନେ କରୀଯାଉ ହିମାଳୟଠାରୁ ସାଗର ପର୍ଯ୍ୟନ୍ତ ବିସ୍ତୃତ ଗଙ୍ଗା ପ୍ରବାହ ଏକ । କିନ୍ତୁ ଗଙ୍ଗାଜଳ କେଉଁଠି ମିଠା, କେଉଁଠି ଆବିଳ, କେଉଁଠି ଲବଣାକ୍ତ ଓ କେଉଁଠି ନିର୍ମଳ । ସ୍ଥାନ ଭେଦରେ, ଦେଶ ଭେଦରେ ଏ ପ୍ରଭେଦ ପରିଲକ୍ଷିତ । ସେହିପରି ଜ୍ଞାନ ପ୍ରବାହ ଅନନ୍ତ ବିସ୍ତୃତ । ବିଷୟ ସମ୍ବନ୍ଧ ଭେଦରେ ହିଁ ତାହାର କ୍ଷୁଦ୍ରତ୍ୱାଦିର ବ୍ୟବହାର ହୁଏ । ଯେମିତି ସୂର୍ଯ୍ୟାବଲୋକନ ନିମିତ୍ତ ଅନ୍ୟ ଆଲୋକର ଅପେକ୍ଷା ନିଷ୍ପ୍ରୟୋଜନ, ସେହିପରି ଜ୍ଞାନ ଜାଣିବାପାଇଁ ଅନ୍ୟ ଜ୍ଞାନର ଅପେକ୍ଷା ନିଷ୍ପ୍ରୟୋଜନ । ଜ୍ଞାନ ସ୍ୱପ୍ରକାଶ । ଅନନ୍ତ ବିସ୍ତୃତ ସ୍ୱପ୍ରକାଶ ଜ୍ଞାନହିଁ ଏକମାତ୍ର ନିତ୍ୟବସ୍ତୁ । ଏହି ଜ୍ଞାନହିଁ ଆତ୍ମା, ଏବଂ ଆତ୍ମାହିଁ ପରମାନନ୍ଦ ସ୍ୱରୂପ । କାରଣ ସେ ପରମପ୍ରେମର ଆଧାର । ନିଜର ସ୍ଥାୟିତ୍ୱରେ ଇଚ୍ଛା ଅସ୍ଥାୟିତ୍ୱରେ ଅନିଚ୍ଛା ଆତ୍ମପ୍ରେମର ପରିଚାୟକ । ଅନ୍ୟତ୍ର ଯେ ପ୍ରେମ ହୁଏ ତାହା ଆତ୍ମା ପାଇଁ, ଆତ୍ମାର ଯେ ପ୍ରେମ ତାହା ଅନ୍ୟପାଇଁ ନୁହେଁ । ଏହି କାରଣରୁ ଆତ୍ମା ପରମ ପ୍ରେମର ଆଧାର । ପରମପ୍ରେମା-ଧାର ପାଇଁ ହିଁ ଆତ୍ମା ପରମାନନ୍ଦ ସ୍ୱରୂପ । ଅର୍ଥାତ୍ ଲୋକମାନେ ସୁଖାନୁରାଗୀ ହୁଅନ୍ତି, ଦୁଃଖାନୁରାଗୀ ହୁଅନ୍ତି ନାହିଁ । ଯେଉଁଥିରେ ସୁଖ ବା ଅନୁରାଗ, ତାହା ସୁଖ

ବା ଦୁଃଖର ଉପାୟ ସୁଖ, ଓ ପରମ ସୁଖ ଏହି ତିନି ପ୍ରୟୋଜନ ମଧ୍ୟରେ ଜୀବର ସୁଖ ଉପାୟରେ ଅନୁରାଗ ସୁଖାନୁରାଗ ମୂଳକ ଏବ ଦୁଃଖରେ ଅନୁରାଗ ଆତ୍ମାନୁରାଗ ମୂଳକ କିନ୍ତୁ ଆତ୍ମାନୁରାଗ ଅନ୍ୟାନୁରାଗମୂଳକ ନୁହେଁ । ତାହାହିଁ ପରମ ସୁଖ ବା ପରମାନନ୍ଦ ।

ଉକ୍ତ ପ୍ରକାର ଯୁକ୍ତି ଦ୍ୱାରା ଆତ୍ମା ଯେ (ଜୀବାତ୍ମା) ସତ୍, (ନିତ୍ୟ) ଚିତ୍ (ଜ୍ଞାନସ୍ୱରୂପ) ଏବଂ ପରମାନନ୍ଦ ସ୍ୱରୂପ, ତାହା ସିଦ୍ଧ ହେଲ । ବେଦାନ୍ତ ଶାସ୍ତ୍ରରେ ଏ ପ୍ରକାର ଉପଦେଶ ଅଛି । ପରଂବ୍ରହ୍ମ ମଧ୍ୟ ତଦ୍ରୂପ ଅର୍ଥାତ୍ ସତ୍, ଚିତ୍, ଆନନ୍ଦ ସ୍ୱରୂପ । ଜୀବାତ୍ମା ଓ ପରମାତ୍ମା ଅଭିନ୍ନ । ପରମାନନ୍ଦ ସ୍ୱରୂପ ଆତ୍ମାକୁ ଜାଣି-ନପାରିଲେ, ଆତ୍ମାରେ ପରମ ପ୍ରେମ ହୁଏନାହିଁ । ପରମାନନ୍ଦ ଜ୍ଞାନ ହେଲେ ବିଷୟ କାମନା ରହେ ନାହିଁ । ଅତଏବ ଆତ୍ମଜ୍ଞାନ ହେଲେ ମଧ୍ୟ ଆତ୍ମା ଯେ ପରମାନନ୍ଦଙ୍କ ସ୍ୱରୂପ ଏହା ଉପଲବ୍ଧି ହୁଏନାହିଁ । ଉଦାହରଣ ସ୍ୱରୂପ ଛାତ୍ରମଣ୍ଡଳୀ ଉଚ୍ଚ ସ୍ୱରରେ ପାଠ କରୁ ଅଛନ୍ତି । ସେହି ଛାତ୍ରମାନଙ୍କ ମଧ୍ୟରେ ନିଜର ପୁତ୍ର ଥିଲେ ମଧ୍ୟ ତାର ଅଧ୍ୟୟନ ଶବ୍ଦ (ସାମାନ୍ୟତଃ ଶବ୍ଦ ରୂପରେ) ଜ୍ଞାତ ହେଲେ ମଧ୍ୟ ବିଶେଷ ଭାବରେ ହୁଏନାହିଁ । ବିଶେଷ ଭାବରେ ଜ୍ଞାନର ବାଧା ବା ପ୍ରତିବନ୍ଧକ ଥିବାରୁ ଏହିପରି ଘଟେ ।

ଯେ ବସ୍ତୁର ଅସ୍ତିତ୍ୱ ଓ ପ୍ରକାଶକତ୍ୱ ବ୍ୟବହାର ସିଦ୍ଧ ସେହି ବସ୍ତୁର ଅସ୍ତିତ୍ୱ ବ୍ୟବହାର ଦୂର କରି ନାସ୍ତିତ୍ୱ ବ୍ୟବହାର ଜନ୍ମାଇବା ହିଁ ବାଧାବୋଲି କଥିତ । ପୁତ୍ରାଧ୍ୟୟନ ଶବ୍ଦର ବିଶେଷ ଜ୍ଞାନରେ ଯେ ବାଧା ଥାଏ, ତାହାର ହେତୁ, ତାହା ସଦୃଶ ନାନା ଶବ୍ଦର ସମ୍ମେଳନ । ଆଉ ପରମାନନ୍ଦ ସ୍ୱରୂପ ପରମା-ନନ୍ଦ ଭାବରେ ସଦ୍‌ଜ୍ଞାନରେ ଯେଉଁ ବାଧା ବିଦ୍ୟମାନ, ଅନାଦି ଅବିଦ୍ୟା ହିଁ ତାହାର ହେତୁ । ଏହି ଅବିଦ୍ୟାରୁ ପଞ୍ଚକୋଷ ସୃଷ୍ଟି । ପଞ୍ଚକୋଷ ଦ୍ୱାରା ଆବଦ୍ଧ ଆତ୍ମା ନିଜର ସ୍ୱରୂପ ବିସ୍ମୃତ ହୋଇ ସଂସାର ଚକ୍ରରେ ଭ୍ରମଣ କରୁଥାଏ । ଏହି ପଞ୍ଚକୋଷକୁ ଅହଂ ବୋଲି ଅଭିମାନ କରି ନିଜର ସ୍ୱରୂପ ଭ୍ରମ ହୋଇଥାଏ । ଏହି ଅହଂ ଅଭିମାନୀ ଜୀବମାନେ ହିଁ (ଦେବତା, ନର, ପଶୁ, ପକ୍ଷୀ, ଗଛସ) ବିଶ୍ୱସଂଜ୍ଞା ପ୍ରାପ୍ତ ହୁଅନ୍ତି ଏବଂ କର୍ମ କରିଥାନ୍ତି । କର୍ମର ପରିଣାମ ସୁଖାଦି ଭୋଗ ଓ ଭୋଗପାଇଁ କର୍ମ । ଏହିପରି ଅନାଦି ପରମ୍ପରା ହୋଇ-ଥାଏ । ଯେପରି ନଦୀ ଆବର୍ତ୍ତ ପତିତ କୀଟ ସମୂହ ଅଳ୍ପ ସମୟ ମଧ୍ୟରେ ଏକ ଆବର୍ତ୍ତରୁ ଅନ୍ୟ ଆବର୍ତ୍ତକୁ ନୀତ ହୁଅନ୍ତି କିନ୍ତୁ ନିଷ୍କୃତି ପାଆନ୍ତି ନାହିଁ ତଦ୍ରୂପ ବିଶ୍ୱଜୀବ-ଗଣ ଏକ ଜନ୍ମରୁ ଅନ୍ୟ ଜନ୍ମ ପ୍ରାପ୍ତ ହୁଅନ୍ତି, କିନ୍ତୁ ନିଷ୍କୃତି ପାଆନ୍ତି ନାହିଁ ।

କିନ୍ତୁ ଏ ନିଷ୍କୃତି ପାଇଁ କ'ଣ ଉପାୟ ନାହିଁ ? ଅଛି । ଯେମିତି ନଦୀ ପ୍ରବାହ ପତିତ କୀଟ ସମୂହର ଯେତେବେଳେ ସୌଭାଗ୍ୟର ଉଦୟ ହୁଏ, ସେତେ-ବେଳେ କେହି ଦୟାଳୁ ବ୍ୟକ୍ତି ତାକୁ ଆବର୍ତ୍ତରୁ ଉତ୍ତୋଳନ ପୂର୍ବକ ବୃକ୍ଷ ଛାୟାରେ ଉପସ୍ଥିତ କରାନ୍ତି, ସେହିପରି ଜୀବର ସୌଭାଗ୍ୟର ଉଦୟ ହେଲେ ତତ୍ତ୍ୱଦର୍ଶୀ ଆଚାର୍ଯ୍ୟଙ୍କ ଠାରୁ ଉପଦେଶ ପ୍ରାପ୍ତ ହୋଇ ପଞ୍ଚକୋଷଠାରୁ ଆତ୍ମାର ପାର୍ଥକ୍ୟ ଲକ୍ଷ୍ୟକରି ପରମ ସୁଖ ପାଆନ୍ତି ।

ପଞ୍ଚକୋଷ କଣ ? ଅନ୍ନ, ପ୍ରାଣ, ମନ, ବିଜ୍ଞାନ, ଏବଂ ଆନନ୍ଦଦ୍ୱାରା ଆତ୍ମସ୍ୱରୂପ ଆବୃତ୍ତ ହୋଇ ପଞ୍ଚକୋଷ-ମୟ ହୋଇଯାଇଥାଏ । ଏହି ପଞ୍ଚକୋଷ ଗୁଡ଼ିକ ଆତ୍ମା ନୁହନ୍ତି । ତାହା ପ୍ରମାଣ କରାଯାଉଛି ।

୧- ଅନ୍ନମୟ କୋଷ (ସ୍ଥୂଳ ଶରୀର) ଆତ୍ମା ନୁହେଁ । କାରଣ ପିତୃମାତୃ ଭୁକ୍ତ ଅନ୍ନର ପରିଣାମ ବିଶେଷ ଶୁକ୍ର, ଶୋଣିତରୁ ଉତ୍ପନ୍ନ ହୋଇ, ଅନ୍ନରସ ଦ୍ୱାରା ପୁଷ୍ଟ ହୋଇଥାଏ । ତେଣୁ ସ୍ଥୂଳ ଶରୀର ନିତ୍ୟସିଦ୍ଧ ବିନାଶ ବିହୀନ ଆତ୍ମାର ସ୍ୱରୂପ ନୁହେଁ । ଯେହେତୁ ଏହି ସ୍ଥୂଳ ଦେହ ଅନିତ୍ୟ । ଜନ୍ମପୂର୍ବରୁ ଓ ମୃତ୍ୟୁ ପରେ ଏହାର ଅଭାବ ପରିଲକ୍ଷିତ ହୁଏ । ଆତ୍ମା ଅନାଦି ଓ ଅନନ୍ତ ବୋଲି ଶ୍ରୁତିବାକ୍ୟ ଅଛି । ମାତ୍ର ଅନ୍ନମୟ କୋଷର ଆଦି ଅଛି ଓ ଅନ୍ତ ଅଛି । ଅତଏବ ସ୍ଥୂଳଦେହ ବା ଅନ୍ନମୟ କୋଷ ଆତ୍ମା ନୁହେଁ ବୋଲି ପ୍ରମାଣ ହେଲ ।

୨- ପ୍ରାଣମୟ କୋଷ ଆତ୍ମା ନୁହେଁ । କାରଣ ଯେଉଁ ପଞ୍ଚବାୟୁ ସ୍ଥୂଳ ଦେହରେ ବ୍ୟାପ୍ତ ହୋଇ ସେହି ଦେହର ବଳାଧାନ ପୂର୍ବକ ଇନ୍ଦ୍ରିୟମାନଙ୍କୁ ସ୍ୱ ସ୍ୱ କର୍ମରେ ପ୍ରବୃତ୍ତ କରାଏ, ତାହାକୁ ପ୍ରାଣମୟକୋଷ କହୁଥାଆନ୍ତି । ତାହା ଜଡ଼ ହୋଇଥିବାରୁ ଆତ୍ମା ନୁହେଁ । ଆତ୍ମା ଚେତନ ବୋଲି ଶ୍ରୁତି ପ୍ରମାଣ ରହିଅଛି ।

୩- ମନୋମୟ କୋଷ ଆତ୍ମା ନୁହେଁ । କାରଣ ଶ୍ରୁତି ବାକ୍ୟାନୁସାରେ ଆତ୍ମା ବିକାରବିହୀନ ଓ ପରିଣାମ ବିହୀନ ବସ୍ତୁ । ମାତ୍ର ମନୋମୟ କୋଷ (ମନ) ଜଡ଼ ଓ ପରିଣାମୀ ଅଟେ ।

୪- ବିଜ୍ଞାନମୟ କୋଷ । ଯେଉଁ ଚୈତନ୍ୟ ପ୍ରତିବିମ୍ବିତ ବିଶିଷ୍ଟ ବୁଦ୍ଧି ଆନଖାଗ୍ର ସର୍ବ ଶରୀର ବ୍ୟାପି ଅବସ୍ଥାନ କରେ, ତାହା ବିଜ୍ଞାନମୟ କୋଷ ବୋଲି ଅଭିହିତ । ଉତ୍ପତ୍ତି ବିନାଶ ବିଶିଷ୍ଟ ବୋଲି ତାହା ଆତ୍ମା ନୁହେଁ ।

୫- ଆନନ୍ଦମୟ କୋଷ । ଯେଉଁ ବୁଦ୍ଧିବୃତ୍ତି ପୁଣ୍ୟଭୋଗ କାଳରେ ଚିଦାନନ୍ଦ ପ୍ରତିବିମ୍ବ ବିଶିଷ୍ଟ ଏବଂ ଭୋଗ ସମାପ୍ତିରେ ନିଦ୍ରାରୂପରେ ପ୍ରକୃତିରେ ଲୀନ ହୁଏ, ତାହା ଆନନ୍ଦମୟ କୋଷ । ମାତ୍ର ଏହାର ଅସ୍ଥାୟିତ୍ୱ ଯୋଗୁଁ ଏହା ଆତ୍ମା ହୋଇନପାରେ ।

ତେବେ ଆତ୍ମା କିଏ ? ଏଇ ପଞ୍ଚକୋଷାତିରିକ୍ତ ବିମ୍ବଭୂତ ଚିଦାନନ୍ଦ ହିଁ ଆତ୍ମା । ତାହା ସନାତନ । ମାତ୍ର ଏତାଦୃଶ କୌଣସି ପଦାର୍ଥ ଅନୁଭୂତିଗମ୍ୟ ହେଉ ନଥିବାରୁ ତାହାର ସତ୍ତା ବିଷୟରେ ମନରେ ସ୍ୱତଃ ସନ୍ଦେହ ଜାତ ହୁଏ ।

ଏହା ସତ୍ୟ, କିନ୍ତୁ ଯେଉଁ ଚୈତନ୍ୟ ବଳରେ ପଞ୍ଚକୋଷର ଅନୁଭବ ହେଉଅଛି, ସେହି ନିତ୍ୟ ଚୈତନ୍ୟ ହିଁ ଆତ୍ମା । ଏହା ଅନାଦି, ଅନନ୍ତ, ଏବଂ ଆତ୍ମାନୁରାଗ ପ୍ରତ୍ୟେକ ଜୀବର ଲକ୍ଷ୍ୟ । ଏଇ ଆତ୍ମା ସ୍ୱୟଂ ପ୍ରକାଶ ରୂପ । ଦୃଶ୍ୟମାନ ଅଖିଳ ଜଗତର ଉତ୍ପତ୍ତି ପୂର୍ବରେ ମଧ୍ୟ ସେ ବିଦ୍ୟମାନ । ସମଗ୍ର ସୃଷ୍ଟି ତାହାଙ୍କର ପ୍ରକାଶର ଅନୁଗାମୀ ଏବଂ ତାହାର ପ୍ରକାଶ ଦ୍ୱାରା ସମୁଦାୟ ପ୍ରକାଶିତ ।

ଏହି ଆତ୍ମାକୁ ପଞ୍ଚକୋଷଠାରୁ ପୃଥକ୍ କରି 'ସୋଽହମ୍' ବା 'ମୁଁ ସେଇ' ଅନୁଭବହିଁ ବ୍ରହ୍ମପ୍ରାପ୍ତି । ଏହାହିଁ ପରମ ଶାନ୍ତି ଓ ମୋକ୍ଷ, ଯାହାକି ସମଗ୍ର ବ୍ରହ୍ମାଣ୍ଡର ଦେହୀମାନଙ୍କର କାମ୍ୟ ।

# ଯୋଷାପସ୍ମାର ଓ ତା'ର ସଂକ୍ଷିପ୍ତ ଉପଚାର

କବିରାଜ *ଶ୍ରୀ ଘନଶ୍ୟାମ ମିଶ୍ର* (ଅଧ୍ୟାପକ)

"ଶରୀରଂ ବ୍ୟାଧି ମନ୍ଦିରଂ" ଏହା ଶରୀରୀ ମାତ୍ରେ ଜାଣନ୍ତି । ସୃଷ୍ଟିରେ ଦୃଷ୍ଟିଗୋଚର ହେଉଥିବା ବହୁବିଧ ରୋଗ ମଧ୍ୟରୁ ଯୋଷାପସ୍ମାର ( ଯୋଷା + ଅପସ୍ମାର ) ଅନ୍ୟତମ ।

ଏହି ରୋଗ ସାଧାରଣତଃ ସ୍ତ୍ରୀମାନଙ୍କୁ ହିଁ ବହୁଳ ଭାବରେ ହେଉଥିବାରୁ ଏହାର ନାମକରଣ ଏହିପରି ହୋଇଅଛି । "ଯୋଷିତାମେବ ବାହୁଲ୍ୟାତ୍ ଯତ ଏବ ଭବେତ୍ ଗଦଃ । ଅପସ୍ମାରଃ ପ୍ରକୃତିଜ୍ଞସ୍ତେ ନଚୈଷାଭିଧାମତା" ।

**ନିଦାନ**— ଏହି ରୋଗର କାରଣ (ନିଦାନ) ସମ୍ବନ୍ଧରେ ନାନା ମତ ପରିଲକ୍ଷିତ ହେଉଥିଲେ ମଧ୍ୟ ନିମ୍ନୋକ୍ତ କାରଣ ଗୁଡ଼ିକ ସର୍ବସମ୍ମତ ।

ଅକାଳ ବୈଧବ୍ୟ ଜନିତ ମନଃପୀଡ଼ା, ସାଂସାରିକ ସୁଖରୁ ବଂଚିତ ହେବା, ସ୍ୱାମୀର ଅନାଦର, ଅନିୟମିତ ଋତୁସ୍ରାବ, ଜରାୟୁ ବିକୃତି, ରୁଚିପୂର୍ଣ୍ଣ ନାଟକ ଉପନ୍ୟାସ ପଢ଼ିବାଦ୍ୱାରା ମନରେ ଯେଉଁ ଅବୈଧ ଉତ୍ତେଜନା ହୁଏ ତଦନୁଯାୟୀ କାର୍ଯ୍ୟ କରିନପାରିବା, କାୟିକ ପରିଶ୍ରମ ନକରି ସର୍ବଦା ବେଶଭୂଷାରେ

ମନୋନିବେଶ, ନାନା କାରଣରୁ ଉତ୍କଟ ମାନସିକ ଉଦ୍‌ବେଗ ଏବଂ କୋଷ୍ଠବଦ୍ଧତା ପ୍ରଭୃତି ।

ଯୁବକ ଅବସ୍ଥାରେ ସ୍ତ୍ରୀ ସୁଖରୁ ବଞ୍ଚିତ ହେବା ଓ ସ୍ତ୍ରୀ ଅନ୍ୟାସକ୍ତ ହେବାଦ୍ୱାରା ପୁରୁଷମାନଙ୍କଠାରେ ମଧ୍ୟ ଏହି ରୋଗ କ୍ୱଚିତ୍ ଦେଖାଯାଇଥାଏ ।

ସାଧାରଣତଃ ଯୌବନ କାଳରେ ଏହି ରୋଗ ଦେଖିବାକୁ ମିଳେ । ବ୧୨ର୍ଷ ଠାରୁ ବ୪୦ର୍ଷ ପର୍ଯ୍ୟନ୍ତ ଏହି ରୋଗ ହେବାର ଆଶଙ୍କା ଥାଏ । ଅନେକ ଯୁବତୀ ଏହି ରୋଗରେ ଆକ୍ରାନ୍ତ ହୋଇ ସନ୍ତାନ ସୁଖ ଅନୁଭବ କଲାପରେ ଏଥିରୁ ନିଷ୍କୃତି ପାଇଥାନ୍ତି ।

**ସଂପ୍ରାପ୍ତି** — ଉପର୍ଯ୍ୟୁକ୍ତ କାରଣରୁ ବାୟୁ, ପିତ୍ତ, କଫ, ବିଶେଷତଃ ବାୟୁ ଅତ୍ୟନ୍ତ ବୃଦ୍ଧି ହେବାଦ୍ୱାରା ବୁଦ୍ଧିର ସ୍ଥାନ ହୃଦୟକୁ ଦୂଷିତକରି ମନୋବହ ସ୍ରୋତ-ମାନଙ୍କରେ ଅବସ୍ଥାନ କରିବା ଫଳରେ ରୋଗୀର ଚୈତନ୍ୟଶକ୍ତି ଲୋପ ହୁଏ ।

**ରୋଗାକ୍ରମଣ ସମୟର ଲକ୍ଷଣ**— ଘନ ଘନ ଊର୍ଦ୍ଧ୍ୱୋଚ୍ଛ୍ୱାସ (ହାଇ), ତନ୍ଦ୍ରାଭାବ, ଶରୀର ଓ ମନରେ ଏକପ୍ରକାର ଅବ୍ୟକ୍ତ ଗ୍ଲାନି, ତଥା ବକ୍ଷରେ ବେଦନା ହୁଏ ଏବଂ ଧୀରେ ଧୀରେ ଚୈତନ୍ୟ ଶକ୍ତି ଲୋପ ହୋଇ ମୂର୍ଚ୍ଛା ଉପସ୍ଥିତ ହେବାଦ୍ୱାରା ଅଚେତନା-ବସ୍ଥା ଦେଖାଯାଏ ।

ଏହି ଅଚେତନାବସ୍ଥା ବେଳେ ବେଳେ ବହୁକ୍ଷଣ ସ୍ଥାୟୀ ଓ ବେଳେ ବେଳେ ଅଳ୍ପକ୍ଷଣ ସ୍ଥାୟୀ ହୋଇଥାଏ । ମୂର୍ଚ୍ଛିତାବସ୍ଥାରେ ଆତ୍ମାନୁଭବଶକ୍ତି ସମ୍ପୂର୍ଣ୍ଣ ଲୋପ ହୁଏନାହିଁ । ରୋଗାକ୍ରମଣ ସମୟରେ ସବୁ ରୋଗୀଙ୍କର ସର୍ବଦା ଏପରି ଅଚୈତନ୍ୟଭାବ ଦେଖାଯାଏ ନାହିଁ । ଅନେକ ରୋଗୀଙ୍କର ନାନାପ୍ରକାର ଚିତ୍ତବିକାର ଓ ବୁଦ୍ଧିଭ୍ରଂଶ ଘଟେ ଓ ମୁଖରୁ ଫେଣ ବାହାରେ । ଅକାରଣ ପ୍ରଫୁଲ୍ଲତା ଓ ବିଷଣ୍ଣ ଭାବ ଦେଖାଯାଏ । ହାସ୍ୟର କାରଣ ଆଦୌ ନଥିଲେ ମଧ୍ୟ ଉତ୍କଟ ହାସ୍ୟ ପରିଲକ୍ଷିତ ହୁଏ । କିନ୍ତୁ ପର ମୁହୂର୍ତ୍ତରେ ହସିବାର ଯଥେଷ୍ଟ କାରଣ ଥାଇ ମଧ୍ୟ ନହସି ଗମ୍ଭୀର-ଭାବ ଧାରଣ କରେ, ରୋଗୀ ଅକାରଣ ବିଳାପ କରେ ଅସଂବଦ୍ଧ ଭାଷଣ କରେ, ଆତ୍ମୀୟ ସ୍ୱଜନଙ୍କ ପ୍ରତି ଅଯଥା ଦୋଷାରୋପ କରିଥାଏ ଏବଂ ସମୟେ ସମୟେ ନିଜେ ଯେପରି ଭୟାନକ ଅପରାଧ କରିଅଛି ଓ ସେଥିପାଇଁ ତା'ଉପରେ ସମସ୍ତେ ବିରକ୍ତ ହୋଇଛନ୍ତି ଏହା ମନେକରି ସମସ୍ତଙ୍କ ନିକଟରେ ବିନମ୍ର କ୍ଷମାପ୍ରାର୍ଥନା କରେ । ବେଳେ ବେଳେ ରୋଗୀ ଭୟଙ୍କର ଦୁର୍ଦ୍ଧର୍ଷ ହୋଇ ଉଠେ । ଯାହାଦେଖି ଭୂତ ଲାଗିଛି ବୋଲି ଲୋକେ କହନ୍ତି । କୌଣସି କୌଣସି ରୋଗୀର ହସ୍ତପଦ ବିକ୍ଷେପ ଦୃଷ୍ଟିଗୋଚର ହୁଏ ଓ କାହାର କାହାର ନିଷ୍ପନ୍ଦ ଭାବ ମଧ୍ୟ ପରିଲକ୍ଷିତ ହୁଏ ।

ଏହି ରୋଗର ବିରାମ ସମୟରେ ଏକପ୍ରକାର ପାଗଳଭାବ ଦେଖାଯାଏ, କୌଣସି କାର୍ଯ୍ୟରେ ମନ ସ୍ଥିର ରହେନାହିଁ ଅଥଚ ଅତି ତୁଚ୍ଛ ବିଷୟରେ ଏକାଗ୍ରଭାବେ ମନୋନିବେଶ କରେ । ସମୟେ ସମୟେ ପେଟ ଭିତରେ ଏକ ଗୋଲକାର ବସ୍ତୁର ଘୂର୍ଣ୍ଣନ ଅନୁଭୂତ ହୁଏ । ସ୍ପର୍ଶଶକ୍ତି ଏତେ ପ୍ରବଳ ହୁଏ ଯେ ସାମାନ୍ୟ କୁଟା ଟିକେ ଲାଗିଲେ ବି ରୋଗୀ ଚମକି ଉଠେ । ଆଲୋକ ଓ ଶବ୍ଦ ସହ୍ୟ କରି ପାରେନାହିଁ । କେତେକ ରୋଗୀଙ୍କର କାମ ପ୍ରବୃତ୍ତି ପ୍ରବଳ ହୁଏ ।

**ସାଧାରଣ ଉପଚାର**— ରୋଗାକ୍ରମଣ ସମୟରେ ମସ୍ତକ ଓ ମୁଖରେ ଶୀତଳ ଜଳ ସେକ କରାଯାଏ ଏବଂ ନିଶାଦଳ ତଥା ତଦ୍ରୂପ ତୀକ୍ଷ୍ଣ ଓ ଉତ୍କଟ ଦ୍ରବ୍ୟ ଶୁଙ୍ଘିବାକୁ ଦିଆଯାଇଥାଏ । ଲଙ୍କା-ମରିଚ ଓ ଗୋଲମରିଚ ପୋଡି ତା'ର ଗନ୍ଧ ଶୁଙ୍ଘିବାକୁ ଦିଆଯାଏ । ଏ ରୋଗର ନିରାକରଣ ପାଇଁ ଅଭୀଷ୍ଟ ପୂରଣ ସର୍ବାଦୌ କର୍ତ୍ତବ୍ୟ । ପରେ ରୋଗର ସ୍ଥାୟୀ ଉପଶମ ପାଇଁ ବୃହତ ବାତଚିନ୍ତାମଣି, ଚିନ୍ତାମଣି ଚତୁର୍ମୁଖ, ଚତୁର୍ଭୁଜରସ, ଯୋଗେନ୍ଦ୍ର ରସ, ଅଶ୍ୱଗନ୍ଧା-ରିଷ୍ଟ, ମାଲସ୍ ପାଇଁ ମହାନାରାୟଣ ତୈଳ, ମଧ୍ୟମନାରାୟଣ ତୈଳ, ପ୍ରଭୃତି ଅତୀବ ଉପକାରୀ ।

# ପ୍ରାଚ୍ୟ ସଂସ୍କୃତିରେ ବର୍ଣ୍ଣାଶ୍ରମ ପ୍ରଥା

ଶ୍ରୀ ଲଡୁକେଶ୍ୱର ମିଶ୍ର
( ଅନ୍ତିମବାର୍ଷିକ-ସାହିତ୍ୟାନୁରାଗୀ )

ସାଂପ୍ରତିକ ଯୁଗରେ ସଂସ୍କୃତି ଶବ୍ଦର ବ୍ୟବହାର ଅତ୍ୟଧିକ ଉପଲବ୍ଧ ହେଉଛି । ସଂସ୍କୃତି ଶବ୍ଦ ଗୋଟିଏ ବ୍ୟାପକ ଶବ୍ଦ । ପ୍ରତ୍ୟେକ ଜାତି ବା ଦେଶ ସ୍ୱ ସଂସ୍କୃତି ଉପରେ ପ୍ରତିଷ୍ଠିତ । ସଂସ୍କୃତି କହିଲେ ଆମେ ବୁଝୁଁ ଯେ, ପୂର୍ବ ମନୀଷୀମାନଙ୍କର ଆଚାର, ବ୍ୟବହାର, ନିତ୍ୟ-ନୈମିତ୍ତିକ କର୍ମାଦି । ପୂର୍ବ ମନୀଷୀମାନେ ଯେଉଁ ସରଣି ଦ୍ୱାରା ସମାଜକୁ ବା ଜାତିକୁ ସୁସଙ୍ଗଠିତ କରିଥିଲେ ଏବଂ ଜୀବନର ସମସ୍ୟା ଗୁଡ଼ିକର ସମାଧାନ କରିଥିଲେ ତାକୁହିଁ ସଂସ୍କୃତି କୁହାଯାଏ ।

ପୃଥିବୀରେ ଆମେ ଦୁଇଟି ସଂସ୍କୃତି ବର୍ତ୍ତମାନ ମୁଖ୍ୟଭାବେ ଦେଖିବାକୁ ପାଉ । ଗୋଟିଏ ପ୍ରାଚ୍ୟ ସଂସ୍କୃତି, ଅନ୍ୟଟି ପାଶ୍ଚାତ୍ୟ ସଂସ୍କୃତି । ପ୍ରାଚ୍ୟ ସଂସ୍କୃତି ହେଉଛି ଭାରତୀୟ ସଂସ୍କୃତି ବା ହିନ୍ଦୁ ସଂସ୍କୃତି । ଐତିହାସିକମାନଙ୍କର ମତ ଯେ, ପ୍ରାଚ୍ୟ ସଂସ୍କୃତି ହେଉଛି, ବିଶ୍ୱର ପ୍ରାଚୀନ ସଂସ୍କୃତି । ଏହି ସଂସ୍କୃତିର ଧାରା ସୃଷ୍ଟିକାଳରୁ ପ୍ରବାହିତ ଏବଂ ଏହା ଅତ୍ୟନ୍ତ ମହତ୍ତ୍ୱ ପୂର୍ଣ୍ଣ । ଏହି ସଂସ୍କୃତି ଦ୍ୱାରା ଗଠିତ ଜୀବନ ମାନବ ଜୀବନର ଉତ୍କର୍ଷର ପରିଚାୟକ ଏବଂ ଏହାର ବର୍ଣ୍ଣାଶ୍ରମ ବ୍ୟବସ୍ଥା ସମସ୍ତଙ୍କର ଗ୍ରହଣୀୟ ତଥା ଆଦର୍ଶ ସ୍ଥାନୀୟ ।

ଆର୍ଯ୍ୟ ମନୀଷୀମାନେ ବର୍ଣ୍ଣ ତଥା ଆଶ୍ରମ ବ୍ୟବସ୍ଥା-ଦ୍ୱାରା ମନୁଷ୍ୟର ଐହିକ ତଥା ପାରଲୌକିକ କୃତ୍ୟର ସୁଲଭ ସାଧନ କରିଥିଲେ । ନିର୍ଦ୍ଧାରିତ ସୀମା ମଧ୍ୟରେ ଏବଂ ନିର୍ଦ୍ଧାରିତ ପୁରୁଷାର୍ଥ ମଧ୍ୟରେ ଜୀବନକୁ ଉପାର୍ଜନ କ୍ଷମକରିବା ତଥା ସୂକ୍ଷ୍ମ ଅନୁସଂଧାନ ଦ୍ୱାରା ସମାଜର ହିତସାଧନ କରିବା ବର୍ଣ୍ଣବ୍ୟବସ୍ଥାର ଉଦ୍ଦେଶ୍ୟ ଥିଲା । ବ୍ରାହ୍ମଣର ଧର୍ମଥିଲା ସମସ୍ତ ପ୍ରକାର ଜ୍ଞାନ ଅର୍ଜନ ପୂର୍ବକ ଅନାସକ୍ତ ଜୀବନ ଯାପନ କରିବା ସଙ୍ଗେ ସଙ୍ଗେ ସମାଜରେ ବିଶୁଦ୍ଧ ଜ୍ଞାନର ପ୍ରସାର କରିବା ତଥା ଧର୍ମକୃତ୍ୟ ଦ୍ୱାରା ବିଶ୍ୱ ମାନବର କଲ୍ୟାଣରେ ବ୍ରତୀ ହେ[illegible] ଏହିପରି କାର୍ଯ୍ୟରତ ବ୍ରାହ୍ମଣର ଭରଣ ପୋଷଣ [illegible] ସମାଜର ଦାୟିତ୍ୱ ଥିଲା । କୃଷକ ତଥା ଗୋରକ୍ଷାକା[illegible] ବୈଶ୍ୟ ଉପରେ । ସଂଯତେନ୍ଦ୍ରିୟ ଆଧ୍ୟାତ୍ମିକ ଚିନ୍ତା[illegible] ତପୋମୟ ଜୀବନ-ଯାପନ କରି ତ୍ୟାଗୀ ସଦାଗ୍[illegible] ବ୍ରାହ୍ମଣମାନେ ସମାଜର ସମୁନ୍ନତରେ ପ୍ରଯୁ[illegible] ହେଉଥିଲେ । ଶାସକମାନେ ବ୍ରାହ୍ମଣଙ୍କଠାରୁ ସମ୍[illegible] ଉପଦେଶ ଓ ପରାମର୍ଶ ନେଇ ସେମାନଙ୍କୁ ଉଚ୍ଚ[illegible] ସମ୍ମାନ ପ୍ରଦର୍ଶନ କରୁଥିଲେ । ସମାଜ ବ୍ୟବସ୍ଥାରେ ଏମାନଙ୍କ ସ୍ଥାନ ସର୍ବୋଚ୍ଚ ଥିଲା । ଏହି ବିଦ୍ୟାବିନୟ[illegible] ସମ୍ପନ୍ନ ତ୍ୟାଗୀ ବ୍ରାହ୍ମଣମାନଙ୍କର ନିର୍ଦ୍ଧାରିତ ନୀତିରେ ଶାସନଚକ୍ର ପରିଚାଳିତ ହେଉଥିଲା । ତେଣୁ ଭାରତୀୟ ସଂସ୍କୃତିରେ ବ୍ରାହ୍ମଣର ସ୍ଥାନ ଅତୁଳ୍ୟ ଥିଲା ।

ସମୟର ପ୍ରବାହରେ ଆଜି ବ୍ରାହ୍ମଣର ସେହି ତେ[illegible] ଏବଂ ଅନାସକ୍ତିମୟ ଜୀବନ ଶିଥିଳ ହୋଇଗଲା ଏବଂ ଅଧିକାଂଶ ତମୋଽଭିଭୂତ ହୋଇ ବର୍ତ୍ତମାନ ଦୈହିକ ସୁଖ ସାଧନରେ ଲିପ୍ତ । ତଥାପି ଏହି ଭୌତିକ[illegible] ବାଦୀଯୁଗରେ ଧର୍ମର ପରିରକ୍ଷଣପାଇଁ ମହାମାନ୍ୟ ତି[illegible] ମାଲବୀୟ ପ୍ରଭୃତି ତ୍ୟାଗୀ ବିଦ୍ୱାନ କର୍ମଯୋଗୀ ବ୍ରାହ୍ମଣ[illegible] ଜନ୍ମ ନେଇଥିଲେ । ସ୍ୱାମୀ ବିବେକାନନ୍ଦଙ୍କ ପରି ବ୍ରହ୍ମଜ୍ଞାନୀ, ଅରବିନ୍ଦଙ୍କ ପରି ଯୋଗୀ, ମହାତ୍ମା ଗାନ୍ଧୀଙ୍କ ପରି ଅନାସକ୍ତ, କର୍ମଠ, ଆତ୍ମଜ୍ଞାନୀ ବ୍ରାହ୍ମଣେତର ସୃଷ୍ଟି[illegible] ଆବିର୍ଭୂତ ହୋଇଛନ୍ତି । ଏଣୁ ଆଶା ଏବଂ ବିଶ୍ୱା[illegible] ଅଛିଯେ, ଭାରତୀୟ ସଂସ୍କୃତିର ଧର୍ମଧ୍ୱଜା ଯେତେ[illegible] ଆମ ପାଖରେ ଅଛି, କୌଣସି ନା କୌଣସି ସମୟରେ ଆମର ପୂର୍ବ ଗୌରବ ଫେରି ଆସିବ ।

ବର୍ଣ୍ଣବ୍ୟବସ୍ଥାରେ କ୍ଷତ୍ରିୟର କାମ ଥିଲା ଦେଶରକ୍ଷା ତଥା ଅଭ୍ୟନ୍ତରୀଣ ସମସ୍ୟାର ସମାଧାନ । ନ୍ୟାୟତୁଳାଦଣ୍ଡରେ ଦୁଇର ଧାରକୁ ସମାନ କରି ସର୍ବଥା ନିଃସ୍ପୃହ ଭାବରେ ନିଜର କର୍ତ୍ତବ୍ୟ ସଂପାଦନ କ୍ଷତ୍ରିୟ ମାନେ କରୁଥିଲେ । ଆଜିର ପୋଲିସ୍ ପରି ସେମାନେ ଦୁର୍ବଳ ମନୋଭାବାପନ୍ନ ନଥିଲେ । ଦୁର୍ବଳ ତଥା ନ୍ୟାୟବାନ ଲୋକମାନଙ୍କୁ ରକ୍ଷା କରିବାରେ ସଂସାରର କୌଣସି ପ୍ରକାର ପ୍ରଲୋଭନ ସେମାନଙ୍କୁ କର୍ତ୍ତବ୍ୟଚ୍ୟୁତ କରି ପାରୁ ନଥିଲା । ଗୀତାରେ ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରା ଦିଆ ଯାଇଥିବା ନିଷ୍କାମ କର୍ମର ଉପଦେଶ ପ୍ରତ୍ୟେକ କ୍ଷତ୍ରିୟର ମାର୍ଗଦର୍ଶକ ଥିଲା । ପ୍ରତ୍ୟେକ କ୍ଷତ୍ରିୟକୁ ଯୁଦ୍ଧବିଦ୍ୟା ଶିକ୍ଷା କରିବାକୁ ପଡୁଥିଲା ଏବଂ ଯେତେବେଳେ ଦେଶର ସଂକଟ ଉପସ୍ଥିତ ହେଉଥିଲା ସେତେବେଳେ ସେ ଯୁଦ୍ଧକୁ ଆଗୁଆ ହୋଇ ବାହାରି ପଡୁଥିଲା । ସମ୍ମୁଖ ସମରରେ ଜୀବନ ତ୍ୟାଗ କରିବା ପ୍ରତ୍ୟେକ କ୍ଷତ୍ରିୟର ପରମ ଧର୍ମ ଥିଲା । ସ୍ୱାଧୀନ ଭାରତରେ ବାସ୍ତବରେ ଏହିପରି ସୈନ୍ୟର ଆବଶ୍ୟକତା ଅପରିହାର୍ଯ୍ୟ । ଉନ୍ନତ କୃଷି ପ୍ରଣାଳୀ ଦ୍ୱାରା ପ୍ରଚୁର ଶସ୍ୟ ଉତ୍ପାଦନ କରିବା ତଥା ଗୋପାଳନ ଦ୍ୱାରା ପ୍ରଚୁର ଦୁଗ୍ଧ ଉତ୍ପାଦନ କରି ସମାଜକୁ ଅନ୍ନ ଦୁଗ୍ଧ ପୁଷ୍ଟ କରିବା ବୈଶ୍ୟର କର୍ତ୍ତବ୍ୟ ଥିଲା ।

କିନ୍ତୁ ବର୍ତ୍ତମାନ ନୂତନ ଯୋଜନାରେ କୋଟି-କୋଟି ଟଙ୍କା ବ୍ୟୟ କରି ଖାଦ୍ୟାଭାବ ଅଧିକରୁ ଅଧିକତର ହେଉଅଛି । ଏପରିକି ବହୁ ଜଙ୍ଗଲ ଗୋଚରପଡିଆ-ମିଶାଇ ନଦୀ, ନାଳ, ଜଳାଶୟ ଯୋଜନା କରି ଅଧିକ ଉତ୍ପାଦନଶାଳୀ କୃଷି ପ୍ରଣାଳୀ ପ୍ରଭୃତି ଅନୁଶୀଳନ କରି ଯାଉଥିଲେ ମଧ୍ୟ ଖାଦ୍ୟ ସମସ୍ୟା ଅଧିକରୁ ଅଧିକ ଜଟିଳ ହେଉଛି । ପ୍ରକୃତି ମଧ୍ୟ ନିଷ୍ଠୁର ହେଉଛି । ବର୍ଷେ ମରୁଡ଼ି ଓ ପରବର୍ଷ ଧୋଇ ହୋଇ ଯାଉଛି । ଏହିପରି ପ୍ରାକୃତିକ ବିପର୍ଯ୍ୟୟର ଅଭାବ ନାହିଁ । ଏହାର ସମାଧାନ "ପ୍ରକୃତରେ କୃଷକକୁ ଜମି ଦେଇ ଦେଲେ ହୋଇଯିବ" ବୋଲି ଯେଉଁମାନେ ଆନ୍ଦୋଳନ କରୁଛନ୍ତି ସେଥିରେ ନାହିଁ । କିନ୍ତୁ ଶସ୍ୟଶାଳିନୀ ଭାରତର ପୂର୍ବ ଗୌରବ ଫେରାଇ ଆଣିବାକୁ ହେଲେ ଯଜ୍ଞଦ୍ୱାରା ପ୍ରକୃତି ଓ ପଞ୍ଚମହାଭୂତର ଆରାଧନା କରିବାକୁ ପଡିବ ।

ଶୂଦ୍ରର କାମଥିଲା ସମସ୍ତ ପ୍ରକାର ସେବା କରିବା । ଏଥିରେ ତାର ଅହଂକାର ନଥିଲା । ସେମାନେ ସେବା-ଧର୍ମକୁ ପରମ ଧର୍ମରୂପେ ମାନୁଥିଲେ । "ସେବାଧର୍ମଃ ପରମଗହନୋ ଯୋଗିନାଂ ମପ୍ୟ ଗମ୍ୟଃ" । ସମାଜରେ ଏହାର ମଧ୍ୟ ମାନ୍ୟତା ଥିଲା । ଜ୍ଞାନୀ ଯୋଗୀଙ୍କଠାରୁ ସେମାନଙ୍କର ମଧ୍ୟ ଅଧିକ ଆଦର ଥିଲା । ସୂତ, ବିଦୁର ପ୍ରଭୃତିଙ୍କ ସ୍ଥାନ ଅତି ଉଚ୍ଚ । ଏଣୁ ଭାରତୀୟ ସମାଜରେ ଏମାନଙ୍କ ସ୍ଥାନପ୍ରାପ୍ତି ଅନୁକରଣୀୟ ।

"ସ୍ୱଧର୍ମେ ନିଧନଂ ଶ୍ରେୟଃ ପରେଧର୍ମୋ ଭୟାବହଃ ।"

ଭଗବାନଙ୍କର ଏହି ଉକ୍ତିଟିକୁ ତତ୍କାଳୀନ ସମାଜ ଅତି ଉତ୍ତମ ଭାବେ ପାଳନ କରୁଥିଲା ।

ଉପର୍ଯ୍ୟୁକ୍ତ ପ୍ରକାର ବର୍ଣ୍ଣ ବ୍ୟବସ୍ଥା, ସୁନ୍ଦର ଆଶ୍ରମ-ବ୍ୟବସ୍ଥା ଦ୍ୱାରା ପ୍ରତିଷ୍ଠିତ ହୋଇ ରହିଥିଲା । ଯେଉଁପରି ସୁନ୍ଦର ପ୍ରାସାଦ ସୁଦୃଢ଼ ମୂଳଦୁଆ ଉପରେ ପ୍ରତିଷ୍ଠିତ ହୋଇଥାଏ । ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ, ସନ୍ନ୍ୟାସ ଏହି ଚାରି ଆଶ୍ରମରେ ଦ୍ୱିଜାତି କାଳକଟାଉ-ଥିଲେ । ଅନ୍ୟ ବର୍ଣ୍ଣମାନେ ସ୍ୱସ୍ୱ ବିଦ୍ୟା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଆହରଣ କରି କର୍ତ୍ତବ୍ୟ କରୁଥିଲେ ।

ଦ୍ୱିଜାତି ୨୫ ବର୍ଷ ପର୍ଯ୍ୟନ୍ତ ଗୁରୁକୁଳରେ ନାନା ଶାସ୍ତ୍ର ଅଧ୍ୟୟନ ପୂର୍ବକ ତ୍ୟାଗ, ତପସ୍ୟା, ତପୋମୟ ଜୀବନ ଯାପନ କରୁଥିଲେ । ଏହି ଗୁରୁକୁଳରେ ରାଜପୁତ୍ର, ତଥା ଦରିଦ୍ର ମଧ୍ୟରେ କିଛି ପାର୍ଥକ୍ୟ ନଥିଲା । ଆଶ୍ରମର ନିୟମର କାଠିନ୍ୟ ମଧ୍ୟରେ ଜୀବନକୁ ସରଳ ଭାବେ ଗଢ଼ିବାକୁ ପଡୁଥିଲା । ସମସ୍ତ ପ୍ରକାର ବିଦ୍ୟାରେ ଦକ୍ଷତା ଅର୍ଜନ କରି ତଥା ଉପଯୁକ୍ତ ବୟସପ୍ରାପ୍ତ ହୋଇ ଗୃହସ୍ଥାଶ୍ରମ କରିବାକୁ ଯାଉଥିଲେ ।

ଜୀବନର ଦ୍ୱିତୀୟ ଆଶ୍ରମ, ଗୃହସ୍ଥାଶ୍ରମ । ଚାରିଗୋଟି ଆଶ୍ରମ ମଧ୍ୟରେ ଏହି ଆଶ୍ରମ ହେଉଛି ପ୍ରଧାନ । କାରଣ

ଶୀତ ଋତୁରେ ହଠାତ୍ ଶୀତ କମିଗଲେ, ବସନ୍ତକୁ ଯେପି ସ୍ୱଭାବ ଶୀତପ୍ରାୟ ହୋଇଯାଏ ତା ହେଲେ ଏଠାରେ ଅବେ ଶୀତ ଓ ବସନ୍ତ ଋତୁର ବ୍ୟତ୍ୟୟ । ତେଣୁ ଋତୁ ବ୍ୟତ୍ୟୟ ହେଲେ ଋତୁଜନିତ ବହୁବିଧ ରୋଗ ଜାତ ହୁଏ । କେବଳ ଶୀତ ବା ବସନ୍ତ ଋତୁ ନୁହେଁ, ପ୍ରତ୍ୟେକ ଋତୁ ବ୍ୟତ୍ୟୟରେ ଋତୁଜନିତ ରୋଗ ଏବଂ ଅନ୍ୟ ପ୍ରକାର ରୋଗ ହେବା ବିଚିତ୍ର ନୁହେଁ । ସେଥିପାଇଁ ବସନ୍ତ କାଳ ବ୍ୟତୀତ ଅନ୍ୟ କାଳରେ ମଧ୍ୟ ବସନ୍ତରୋଗ କମ୍ ବେଶୀ ହେବା ସମ୍ଭବ ।

ପରନ୍ତୁ ବସନ୍ତ କାଳରେ ଅଧିକ ପରିମାଣରେ ହୁଏ ବୋଲି ଏହି ରୋଗର ନାମ ବସନ୍ତ । ବସନ୍ତ ଶବ୍ଦର ବ୍ୟାକରଣ ଗତ ଅର୍ଥ "ବସନ୍ତି ଅତ୍ର ମଦନୋତ୍ସବାର୍ଥ" । ତେଣୁ ବ୍ୟାକରଣ ଗତ ଅର୍ଥ ସହିତ ରୋଗର ନାମ କରଣ ହୋଇନାହିଁ ବୋଲି ଜଣା ପଡୁଅଛି । କେବଳ କାଳଗତ ପ୍ରାଧାନ୍ୟ ଉପରେହିଁ ଦୃଷ୍ଟି ରଖି ଏହି ରୋଗ ବସନ୍ତ ନାମରେ ଆଖ୍ୟାୟିତ ବୋଲି ନିଶ୍ଚିତ କରାଯାଇ ପାରେ । ମସୂର ବତ୍ ଆବୃତ ହୋଇ ଥିବାରୁ ବସନ୍ତକୁ ଆୟୁର୍ବେଦ ଶାସ୍ତ୍ରରେ "ମସୂରିକା" ନାମରେ ନାମ କରଣ କରାଯାଇ ଅଛି । ଏହି ରୋଗର ନିଦାନ ବର୍ଣ୍ଣନା କାଳରେ ଶାସ୍ତ୍ର-କାରମାନେ ନିମ୍ନ ମତ ପୋଷଣ କରି ଅଛନ୍ତି ଯଥା-- କଟୁ, ଅମ୍ଳ, ଲବଣ, କ୍ଷାର, ବିରୁଦ୍ଧାଶନ, ଦୂଷିତାନ୍ନ, ନିମ୍ବ-ଶାକାଦି ସେବନ, ବିଷାଦି ସଂସ୍ପର୍ଶ, ଦୂଷିତ ବାୟୁ ଓ ଜଳ ସେବନ ଏବଂ ଦେଶପ୍ରତି କ୍ରୂର ଗ୍ରହ ମାନଙ୍କର ଦୃଷ୍ଟି । "କ୍ରୂର ଗ୍ରହେକ୍ଷଣାଚାପି ଦେଶେ ଦୋଷାଃ ସମୁଦ୍ଧତାଃ, ଜନୟନ୍ତି ଶରୀରେଽସ୍ମିନ୍ ଦୁଷ୍ଟ ରକ୍ତେନ ସଂଗତାଃ ।" ଉପରୋକ୍ତ ସମୂହ କାରଣ ଗୁଡିକ ସରଳ ଭାବରେ ବୋଧଗମ୍ୟ ହେବାସ୍ଥଳେ ଶେଷରେ ଦର୍ଶାଇଥିବା ଦେଶରେ କ୍ରୂର ଗ୍ରହମାନଙ୍କର ଦୃଷ୍ଟି "କ୍ରୂରଗ୍ରହେକ୍ଷଣାତ୍"ର ତାତ୍ପର୍ଯ୍ୟାର୍ଥ ବୋଧ କରିବା ଅବଶ୍ୟ ଆୟାସ ସାଧ୍ୟ । ଏଥିରେ ଆୟୁର୍ବେଦ ଶାସ୍ତ୍ରକାର "କ୍ରୂର ଗ୍ରହେକ୍ଷଣାତ୍" ବସନ୍ତ ରୋଗର ଅନ୍ୟତମ କାରଣ ଦର୍ଶାଇ ତାହାର ଅର୍ଥ ସ୍ପଷ୍ଟୀକରଣ ନ କରି ଥିଲେ ସୁଦ୍ଧା ତାହାଙ୍କର ଏହି ପ୍ରକାର ଉକ୍ତିରେ ପ୍ରଗାଢ଼ ପାଣ୍ଡିତ୍ୟର ପରିଚୟ ମିଳେ । ଗ୍ରହମାନଙ୍କର ଦୈନିକ ଗତିଦ୍ୱାରା ଦିନ ଓ ରାତ୍ର ଏବଂ ବାର୍ଷିକ ଗତି ଦ୍ୱାରା ଷଡ଼ଋତୁ ନିୟନ୍ତ୍ରିତ । ତେଣୁ ଜ୍ୟୋତିଷ ଏ କ୍ଷେତ୍ରରେ ନିୟନ୍ତା ବା ପତି ଧରାଯାଇ ଛଅଗୋଟି ମହାଗ୍ରହଙ୍କୁ ଛଅଗୋଟି ଋତୁର ଅଧିପତି ବୋଲି ସ୍ଥିର କରା ଯାଇଛି । ଯଥା-- ଗ୍ରୀଷ୍ମଋତୁର- ମଙ୍ଗଳ, ବର୍ଷାର- ଚନ୍ଦ୍ର, ଶରତ୍‌ର-ବୁଧ, ହେମନ୍ତର- ବୃହସ୍ପତି, ଶୀତର-ଶନି ଓ ବସନ୍ତ କାଳର ଅଧିପତି ଶୁକ୍ରବୋଲି ଜ୍ୟୋତିଷ ଶାସ୍ତ୍ରାନୁମୋଦିତ ।

ଶୀତ କାଳର ଅଧିପତି ଶନି ଓ ବସନ୍ତ କାଳର ଅଧିପତି ଶୁକ୍ର ପରସ୍ପର ମିତ୍ର ଅଟନ୍ତି । କିନ୍ତୁ ଗ୍ରୀଷ୍ମ କାଳର ଅଧିପତି ମଙ୍ଗଳ, ଶୀତ କାଳାଧିପତି ଶନିଙ୍କର ଶତ୍ରୁ ଅଟନ୍ତି ଏବଂ ବସନ୍ତ କାଳର ଅଧିପତି ଶୁକ୍ର ଏବଂ ଗ୍ରୀଷ୍ମ କାଳର ଅଧିପତି ମଙ୍ଗଳ ପରସ୍ପର ସମ ଅଟନ୍ତି । ଏଣୁ ଶୀତ ଋତୁରେ ଯଥାଯଥ ଭାବରେ ଶୀତ ହେବା ଶନିଙ୍କ ସ୍ୱାଭାବିକ ଗୁଣ ଓ କାର୍ଯ୍ୟ । ଏବଂ କ୍ରମଶଃ ଶୀତ କମି, କମି ଇଷତ୍ ଉଷ୍ଣ ସହ ଶୀତ ଭୋଗ ହେବା ତାହାଙ୍କର ମିତ୍ର ଶୁକ୍ରଙ୍କର ଆଗମନ ଅର୍ଥାତ୍ ବସନ୍ତ ଋତୁର ଭୋଗ ।

ପ୍ରବାଦ ଅଛି ଓ ପ୍ରତ୍ୟକ୍ଷୀଭୂତ ହେଉଛି, ଗ୍ରହମାନଙ୍କର ଭୋଗାଗମନ ପୂର୍ବରୁ ସେମାନଙ୍କ ଦୃଷ୍ଟି ନିପତିତ ହୁଏ । ସେଥିପାଇଁ ହେମନ୍ତ ଋତୁ ଶେଷ ହେବା ପୂର୍ବରୁ ଅଳ୍ପ ଅଳ୍ପ ଶୀତ ଓ ଶୀତ ଋତୁ ଶେଷ ହେବା ପୂର୍ବରୁ ଇଷତ୍ ବସନ୍ତ ଓ ବସନ୍ତ ଋତୁ ଶେଷ ହେବା ପୂର୍ବରୁ ଗ୍ରୀଷ୍ମର ଆଗମନ, ସ୍ୱଭାବତଃ ଗ୍ରହମାନଙ୍କର ଦୃଷ୍ଟି ବଳରୁହିଁ ଘଟେ । ଏହି ନିୟମରେ ଯଦି ଶୀତ ଓ ବସନ୍ତ ଋତୁର ଭୋଗ ନହୋଇ ଶୀତ ଅଳ୍ପଦିନ ଆସିବା ପରେ ହଠାତ୍ ଅଧିକ ଉଷ୍ଣ ସଞ୍ଚାର ଘଟେ । ତେବେ ଏଠାରେ ବୁଝିବାକୁ ହେବ, ଏହା ଗ୍ରୀଷ୍ମ ଋତୁର ପ୍ରଭାବ । ପକ୍ଷାନ୍ତରେ ଗ୍ରୀଷ୍ମକାଳ ଅଧି

ମଙ୍ଗଳ ମହାଗ୍ରହଙ୍କର ଅସ୍ୱାଭାବିକ ଦୃଷ୍ଟି ଶୀତକାଳ ପ୍ରତି ଅଥବା ଶୀତକାଳାଧିପତି ଶନି ମହାଗ୍ରହଙ୍କ ପ୍ରତି । ବସନ୍ତ କାଳାଧିପତି ଶୁକ୍ର ଶୀତକାଳାଧିପତି ଶନି ମହାଗ୍ରହଙ୍କର ମିତ୍ର ହୋଇଥିଲେ ସୁଦ୍ଧା, ଗ୍ରୀଷ୍ମ କାଳାଧିପତି ମଙ୍ଗଳଙ୍କର ସମ ହୋଇଥିବାରୁ ମଙ୍ଗଳଙ୍କ ଉପରେ ଶୁକ୍ରଙ୍କର ତାଦୃଶ ପ୍ରଭାବ ବିସ୍ତାର ଲାଭ କରିପାରେ ନାହିଁ । ଫଳତଃ ଶୀତକାଳରେ ମଧ୍ୟ ହଠାତ୍ ଉଷ୍ମାର ଆଗମନ, ଶୀତ ବା ବସନ୍ତ ଋତୁର ଅସ୍ୱାଭାବିକ ଯୋଗ ଅଥବା ଶୀତ ଓ ବସନ୍ତ ଋତୁର ବିପର୍ଯ୍ୟୟ ଘଟେ । ଏଣୁ ଋତୁ ବିପର୍ଯ୍ୟୟ ହେତୁ ଋତୁ ଜନିତ ରୋଗ ତଥା ଅନ୍ୟାନ୍ୟ ରୋଗ ଅସ୍ୱାଭାବିକ ରୂପେ ଜାତ ହୁଏ । କାରଣ ଗ୍ରହମାନଙ୍କ ଅସ୍ୱାଭାବିକ ଦୃଷ୍ଟିଦ୍ୱାରା ବାୟୁ-ମଣ୍ଡଳ ଦୂଷିତ ହୁଏ । ଏଣୁ ବସନ୍ତକାଳ ବ୍ୟତୀତ ଅନ୍ୟ ଋତୁ ମାନଙ୍କର ବିପର୍ଯ୍ୟୟରେ ମଧ୍ୟ ବସନ୍ତ ରୋଗ ହେବା ସମ୍ଭବ । ତେବେ ଯେଉଁ ଋତୁରେ ଉଷ୍ମା ସମ୍ପର୍କୀୟ ଅସ୍ୱାଭାବିକତା ଆଂଶିକ ବା ପୂର୍ଣ୍ଣ ମାତ୍ରାରେ ଦୃଷ୍ଟ ହୁଏ ସେ ସମୟରେ ବସନ୍ତ ରୋଗର ପ୍ରାଦୁର୍ଭାବ ଦେଖାଯିବା ସମ୍ଭବ ।

ବସନ୍ତ ରୋଗ ରକ୍ତଧାତୁ ସମ୍ପର୍କୀୟ । ଆୟୁର୍ବେଦ ଶାସ୍ତ୍ରକାର ମଧ୍ୟ ସୂଚାଇ ଅଛନ୍ତି "ଦୋଷାଃ ଦୁଷ୍ଟ-ରକ୍ତେନ ସଙ୍ଗତାଃ" । ମଙ୍ଗଳ ମହାଗ୍ରହଙ୍କର ଅଧିକାଂଶ ରୋଗ ରକ୍ତ ଜନିତ । ଶନିମହାଗ୍ରହପ୍ରତି ଦୃଷ୍ଟି ଦେବା ସ୍ଥଳେ ରକ୍ତ ଜନିତ ହେଲେ ସୁଦ୍ଧା ରକ୍ତର ଅନ୍ୟ ପ୍ରକାର ବିକୃତ ବିଚାର ନକରି ରକ୍ତଦୋଷ ଜନିତ ବିଚାର କରିବା ଠିକ୍ ହେବ । ତେଣୁ ଶନି ପ୍ରତି ମଙ୍ଗଳଙ୍କର ବିପରୀତ ଦୃଷ୍ଟି ରକ୍ତ ଦୁଷ୍ଟିକାରକ ଏବଂ ତାହା ବସନ୍ତ ଋତୁ ମାଧ୍ୟମରେ ଦୃଷ୍ଟ ହେଉଥିବାରୁ ଯେଉଁ ଦୂଷିତ ରକ୍ତ ଜନିତ ପୀଡ଼ା ହୁଏ ତାହାକୁ ବିଜ୍ଞମାନେ ବସନ୍ତରୋଗ ଆଖ୍ୟା ଦେଇଛନ୍ତି । ବସନ୍ତରୋଗ ଚର୍ମକୁ ଆଶ୍ରୟ କରି ହୁଏ । ଶରୀରରେ ଚର୍ମର ଅଧିକାର ଶୁକ୍ର ମହାଗ୍ରହଙ୍କର କହିଲେ ଠିକ୍ ହେବ । ଏଥିପାଇଁ ମଧ୍ୟ ବଳିଷ୍ଠ ଯୁକ୍ତି ରହିଅଛି । ଏଣୁ ବସନ୍ତ କାଳର ମାଧ୍ୟମରେ ଅର୍ଥାତ୍ ଶୁକ୍ରଙ୍କର ମାଧ୍ୟମରେ ଅଥବା ଚର୍ମ ମଧ୍ୟରେ ରକ୍ତଦୋଷ ନିଶ୍ଚିତ ରୂପେ ସ୍ଥିର କରାଯାଇ ପାରେ ।

ଦୃଷ୍ଟି ବିପର୍ଯ୍ୟୟ ବିଚାର କଲେ ଏଠାରେ ମଙ୍ଗଳ ମହାଗ୍ରହଙ୍କର ଚତୁର୍ଥ ବିପରୀତ ଦୃଷ୍ଟି, ଶନିଙ୍କର ସ୍ୱଭାବିକ ତୃତୀୟ ପୂର୍ଣ୍ଣଦୃଷ୍ଟି ଏବଂ ଅସ୍ୱାଭାବିକ ଦଶମ ପୂର୍ଣ୍ଣ ଦୃଷ୍ଟି ଉପରେହିଁ, ଶୀତ ବସନ୍ତ ଓ ଗ୍ରୀଷ୍ମ କାଳରେ ବସନ୍ତ ରୋଗର ପ୍ରାଦୁର୍ଭାବ ବୋଲି ଜଣାପଡ଼େ । ଏହି ଦୃଷ୍ଟି ବିଚାର କରିବାବେଳେ ତାତ୍କାଳିକ ଗ୍ରହମାନଙ୍କର ଅବସ୍ଥିତି ତଥା କାଳରୋଗାବସ୍ଥା ପ୍ରତି ଦୃଷ୍ଟି ରଖିବାକୁ ହେବ । ଶନି ମହାଗ୍ରହ କ୍ରୂର ଗ୍ରହ, ଏବଂ ମଙ୍ଗଳ ମହାଗ୍ରହ ମଧ୍ୟ କ୍ରୂରଗ୍ରହ । ତେଣୁ ଆୟୁର୍ବେଦ ଶାସ୍ତ୍ରକାର "କ୍ରୂରଗ୍ରହେ କ୍ଷଣାଚାପି ଦେହେ ଦୋଷାଃ ସମୁଦ୍ଧତାଃ" ଏହି ରୋଗର ଅନ୍ୟତମ ନିଦାନ ସ୍ଥିରକରିବା ଯଥାର୍ଥ ବୋଲି ବିବେଚିତ ହୁଏ ।

ଆଧୁନିକ ବୈଜ୍ଞାନିକ ମାନେ **Small Pox Variola** ନାମକ ଜୀବାଣୁ ବସନ୍ତ ରୋଗର କାରଣ ବୋଲି ସ୍ଥିର କରିଛନ୍ତି । ଏହି ଅସ୍ୱାଭାବିକ ଶନି ଓ ମଙ୍ଗଳର ଦୃଷ୍ଟି ଦ୍ୱାରା, ହୁଏତ ବାୟୁ ମଣ୍ଡଳରେ ଏହି ପ୍ରକାର ଜୀବାଣୁ ସୃଷ୍ଟି ହେବା ଆଦୌ ବିଚିତ୍ର ନୁହେଁ । ଗ୍ରହମାନଙ୍କର ଅସ୍ୱାଭାବିକ ସ୍ଥିତି ଦୃଷ୍ଟି ଓ ଗତି ସମସ୍ତ ପ୍ରକାର ଜୀବାଣୁ ସୃଷ୍ଟିର କାରଣ ବୋଲି ସ୍ଥିର କରାଗଲେ କୌଣସି ଭ୍ରମାତ୍ମକ ଚିନ୍ତା ଧାରାରେ ପର୍ଯ୍ୟବସିତ ନହେବ ବୋଲି ମୁଁ ଦୃଢ଼ମତ ପୋଷଣ କରିପାରେ । ଯଦି **Small Pox Variola** ନାମକ ଜୀବାଣୁ ଦ୍ୱାରା ବ୍ୟାଧିର ସୃଷ୍ଟି କେବଳ କୁହାଯାଏ ତାହେଲେ ଗ୍ରାମ ଜନପଦରେ ଏହି ରୋଗ ବ୍ୟାପକ ଭାବରେ ହେଲେ ସୁଦ୍ଧା ସମୂହ ଜନତା କେତେବେଳେ ହେଲେ ଏହି ରୋଗରେ ସଂକ୍ରମିତ ହୋଇ ନାହାନ୍ତି ବା ହୋଇ ନ ପାରନ୍ତି । ଏଥିପାଇଁ ବଳିଷ୍ଠ ଯୁକ୍ତି ଏହିଯେ ଏହି ସୂକ୍ଷ୍ମ ଜୀବାଣୁ ବାୟୁ ମଣ୍ଡଳରେ

ସୃଷ୍ଟି ହୁଏ ସତ ଏବଂ କ୍ରମଶଃ ସେହି ପ୍ରାଣୀମାନଙ୍କୁ ବ୍ୟାପକ ମାତ୍ରାରେ ସଂକ୍ରମିତ କରିପାରେ, ଯେଉଁମାନଙ୍କର ଜନ୍ମ ସମୟକୁ ରାହୁ, ମଙ୍ଗଳ, ଓ ଶନିଙ୍କର ସ୍ଥିତି, ଦୃଷ୍ଟି ସମ୍ପୃକ୍ତ ଓ ଦୋଷଯୁକ୍ତ । ତା ଛଡ଼ା ଯେଉଁ ଦେଶ ପ୍ରତି ଉଲ୍ଲିଖିତ ଗ୍ରହମାନଙ୍କର ଦୃଷ୍ଟି, ସ୍ଥିତି ଓ ଗତି ସମ୍ପର୍କିତ ଓ ଦୋଷଯୁକ୍ତ ହୋଇପଡ଼େ ସେ ଦେଶରେହିଁ ଏହି ରୋଗର ବ୍ୟାପକତା ହୁଏ । ଉଲ୍ଲିଖିତ ଗ୍ରହମାନଙ୍କର ଏବଂଭୂତ ସ୍ଥିତି, ଦୃଷ୍ଟି ଜନିତ ତାତ୍କାଳିକ ପ୍ରଭାବ ଦେଶପ୍ରତି ତଥା ବ୍ୟକ୍ତିପ୍ରତି ମଧ୍ୟ ବର୍ତ୍ତେ । ଯେଉଁ ବ୍ୟକ୍ତି ବା ପ୍ରାଣୀମାନଙ୍କର ଜନ୍ମ ପତ୍ରିକାର ଉଲ୍ଲିଖିତ ଗ୍ରହ ( ରାହୁ, ମଙ୍ଗଳ, ଓ ଶନି )-ମାନଙ୍କର ସ୍ଥିତି ଓ ଦୃଷ୍ଟିର କୌଣସି ପ୍ରକାର ଦୋଷ ନଥାଏ, ସେ ବ୍ୟକ୍ତି ଓ ପ୍ରାଣୀମାନଙ୍କ ପ୍ରତି ଏହି ଗ୍ରହମାନଙ୍କ ତାତ୍କାଳିକ ସ୍ଥିତି ଓ ଦୃଷ୍ଟି ଜନିତ ପ୍ରଭାବ ନ ପଡ଼ି ପାରିବା ହେତୁ ବସନ୍ତ ରୋଗ ଅତି ବ୍ୟାପକ ସଂକ୍ରମଣ ହେଉଥିଲେ ମଧ୍ୟ ସେମାନେ ତାହା କବଳରୁ ରକ୍ଷା ପାଇଯାନ୍ତି । ଜନ୍ମ ସମୟକୁ ଉଲ୍ଲିଖିତ ଗ୍ରହ-ମାନଙ୍କର ପ୍ରଭାବ ଯେତେ ବେଶୀ ଦୋଷଯୁକ୍ତ, ରୋଗର ସଂକ୍ରମଣଶୀଳତା, ବ୍ୟକ୍ତି ପ୍ରତି ସେତେ ଅଧିକ ବୋଲି ସ୍ଥିର କରିବାକୁ ହେବ । ଏ ବିଷୟରେ ଗ୍ରହମାନଙ୍କର ଜନ୍ମକାଳୀନ ଓ ତାତ୍କାଳିକ ସ୍ଥିତି, ଦୃଷ୍ଟି ଓ ପ୍ରଭାବାବସ୍ଥାର ସିଦ୍ଧାନ୍ତ କରିବା, ଗଭୀର ପ୍ରଣିଧାନ ସାପେକ୍ଷ ।

ଶନି ଓ ମଙ୍ଗଳ ଗ୍ରହଙ୍କର ଦୃଷ୍ଟି ବାୟୁ ମଣ୍ଡଳରେ ବସନ୍ତ ଜୀବାଣୁର କାରଣ ଅଟନ୍ତି । କିନ୍ତୁ ତାତ୍କାଳିକ ରାହୁ ମହାଗ୍ରହ ଯଦି ସବଳ ହୋଇ ମଙ୍ଗଳଙ୍କୁ ସ୍ୱଦୃଷ୍ଟି ପ୍ରଭାବ ଦ୍ୱାରା ଦମନ କରିବା ଅବସ୍ଥାରେ ଥାନ୍ତି ତା ହେଲେ ମଙ୍ଗଳ ଶନିଙ୍କୁ ଦୃଷ୍ଟି ଦେଉଥିଲେ ସୁଦ୍ଧା ଜୀବାଣୁ ସୃଷ୍ଟି ହେବା ଅସମ୍ଭବ । ଠିକ୍ ସେହିପରି ବ୍ୟକ୍ତିଗତ ଜନ୍ମ ପତ୍ରିକାରେ ଶନି ମଙ୍ଗଳ ଦୋଷଯୁକ୍ତ ହୋଇ ସୁଦ୍ଧା ରାହୁ ମହାଗ୍ରହଙ୍କ ସ୍ଥିତି ଯଦି ମଙ୍ଗଳଙ୍କୁ ଦମନ କରିବା ଅବସ୍ଥାରେ ଥାଏ, ତେବେ ମଧ୍ୟ ସେ ବସନ୍ତ ରୋଗର ପ୍ରତିଷେଧକ ଭାବରେ କାର୍ଯ୍ୟ କରିଥାଏ । ରାହୁଙ୍କର ପରମ ଶତ୍ରୁ ମଙ୍ଗଳ ଏବଂ ପରମ ମିତ୍ର ଶୁକ୍ର ଓ ଶନି । ତେଣୁ ମିତ୍ର ଶନି ବିପଦାପନ୍ନ ତଥା ମିତ୍ର ଏବଂ ଗୁରୁ ଶୁକ୍ରାଚାର୍ଯ୍ୟ ବିପଦାପନ୍ନ ହେଲେ ରାହୁ ଉଭୟଙ୍କୁ ସାହାଯ୍ୟ ଓ ପରମ ଶତ୍ରୁ ମଙ୍ଗଳଙ୍କୁ ଦମନ କରିବା ପାଇଁ ଚେଷ୍ଟା କରନ୍ତି, ଯଦି ମଙ୍ଗଳ ମହାଗ୍ରହ-ଠାରୁ ରାହୁ ତାତ୍କାଳିକ ଅବସ୍ଥାରେ ଓ ଜନ୍ମ ପତ୍ରିକାରେ ମଙ୍ଗଳ ଅପେକ୍ଷା ଅଧିକ ବଳଶାଳୀ ହୋଇଥାନ୍ତି ।

"ଗୋବୀଜ-ଟୀକା" ( Vaccination ) ବସନ୍ତ ରୋଗର ଏକମାତ୍ର ପ୍ରତିଷେଧକ କହିଲେ ଅଣୁମାତ୍ର ଅତ୍ୟୁକ୍ତି ହେବନାହିଁ । "ଗୋବୀଜ-ଟୀକା" ଦ୍ୱାରା ସମଗ୍ର ପୃଥିବୀରୁ ପ୍ରାୟ ବସନ୍ତରୋଗ ଅପସାରିତ ହେବାକୁ ବସିଛି । ବସନ୍ତରୋଗର ଗୋବୀଜଟୀକାହିଁ ଯଥାର୍ଥ ପ୍ରତିଷେଧକ କହିବା ଯୁକ୍ତିସଙ୍ଗତ । ଜ୍ୟୋତିଷ ଶାସ୍ତ୍ରରେ ରାହୁ ମହାଗ୍ରହଙ୍କର ଅଶୁଭ ଓ ଦୁର୍ବଳତା କମାଇବା ପାଇଁ ଗୋମେଦ ରତ୍ନର ବ୍ୟବସ୍ଥା ରହିଛି । କେତେକ ବ୍ୟକ୍ତି ମଧ୍ୟ ଗୋମେଦ ଧାରଣ କରି ଉକ୍ତ ରାହୁ ମହାଗ୍ରହଙ୍କର ଶୁଭଦୃଷ୍ଟି ପାଉଥନ୍ତି ବୋଲି ପ୍ରତ୍ୟକ୍ଷ କରାଯାଉଛି । କୌଣସି ସମଜାତୀୟ ଜୀବାଣୁ ସୁସ୍ଥ ଅବସ୍ଥାରେ ରକ୍ତରେ ପ୍ରବେଶ କଲେ ରକ୍ତରେ ଗୋଟିଏ ନୂତନ ପ୍ରତିରୋଧିନୀ ଶକ୍ତି ନିର୍ମିତ ହୋଇ ସେହି ରୋଗର ପ୍ରତିଷେଧକ ଭାବରେ ରକ୍ତରେ ବାହ୍ୟାଦାନ ଗଚ୍ଛିତ ରହେ । ଏହି ଭିତ୍ତି ଉପରେହିଁ "ଗୋବୀଜଟୀକା" ବସନ୍ତର ପୂର୍ଣ୍ଣ ପ୍ରତିଷେଧକ ଭାବରେ କାର୍ଯ୍ୟ କରୁଥିବା ସ୍ଥଳେ "ମାନବ ବୀଜ ଟୀକା (Variolinum) ଏବଂ "ଘୋଟକ ବୀଜ ଟୀକା" (Malandrinum) ଶରୀରରେ ପ୍ରଯୁକ୍ତ ହେଲେ ବହୁ ପ୍ରକାର କୁଫଳ ମିଳୁଥିବାରୁ "ଗୋବୀଜ ଟୀକା"ହିଁ ବସନ୍ତ ରୋଗର ଉତ୍ତମ ଓ ନିର୍ଭରଯୋଗ୍ୟ ପ୍ରତିଷେଧକ ବୋଲି ଜେନାର ସାହେବଙ୍କଠାରୁ ଆଜିଯାଏ ବିବେଚିତ ହୋଇ ଆସୁଅଛି । ଗୋମେଦ ରତ୍ନ ଧାରଣରେ ରାହୁଙ୍କ ଦୋଷ ଦୂର ହେବା ସଙ୍ଗେ ସଙ୍ଗେ ରାହୁଙ୍କୁ ଅଧିକ ବଳଶାଳୀ କରେ । "ଗୋବୀଜ ଟୀକା" ସେହିପରି

ଗୋ ସମ୍ପର୍କୀୟ ହୋଇଥିବାରୁ ଏହା ରକ୍ତ ମଧ୍ୟରେ ପ୍ରବେଶ କଲେ ରାହୁ ଦୋଷ ନଷ୍ଟ କରି ରାହୁଙ୍କୁ ଅଧିକ ବଳଶାଳୀ କରାଏ ।

ଯାହାଦ୍ୱାରା ରାହୁ ମହାଗ୍ରହ ତାହାଙ୍କର ଶତ୍ରୁ ମଙ୍ଗଳଙ୍କର ତୀବ୍ର ପ୍ରତିଷେଧକ ଭାବରେ କାର୍ଯ୍ୟକରେ । ଫଳତଃ ମଙ୍ଗଳ ରକ୍ତ ଓ ଚର୍ମ ସମ୍ବନ୍ଧୀୟ ବସନ୍ତ ରୋଗ ଉତ୍ପାଦନ କରି ପାରନ୍ତି ନାହିଁ । ଏବଂଭୂତ ମଙ୍ଗଳ ପ୍ରତିଷେଧକ ସମ୍ବନ୍ଧୀୟ ରାହୁ ଶକ୍ତି ଯେତେଦିନଯାଏ ରକ୍ତରେ ଥାଏ ତେତେଦିନ ପର୍ଯ୍ୟନ୍ତ ବସନ୍ତରୋଗ ବ୍ୟକ୍ତିକୁ ସଂକ୍ରମଣ କରିପାରେ ନାହିଁ । "ଗୋବୀଜଟୀକା" ବ୍ୟତୀତ ଯଦି ଅନ୍ୟ ଏବଂଭୂତ କୌଣସି ପ୍ରତିରୋଧୀ ଶକ୍ତି ରକ୍ତରେ ଅନ୍ୟ ଉପାୟରେ ପ୍ରବେଶ ବା ସୃଷ୍ଟି କରି ଦିଆଯିବ ତେବେ ମଧ୍ୟ ଉକ୍ତ ଫଳ ମିଳିବା ସ୍ୱାଭାବିକ ।

ବସନ୍ତରୋଗ ସଂକ୍ରମଣ ଆରମ୍ଭ ହେଲେ ଆଜିକାଲି ଅନେକ ବିଜ୍ଞ କବିରାଜ ସହିତ ଗୋରଚନା ବ୍ୟବହାର କରନ୍ତି ଏବଂ ଅଧିକାଂଶ ସ୍ଥଳେ ଉକ୍ତ ଯୋଗ ବସନ୍ତର ପ୍ରତିଷେଧକ ଭାବରେ ଫଳ ପାଉଛି ବୋଲି ମତ ପ୍ରକାଶ କରୁଛନ୍ତି । ତେବେ ଏହାର ସ୍ଥାୟୀ ଫଳ ରହେନାହିଁ । ପ୍ରତ୍ୟେକଥର ସଂକ୍ରମଣରୁ ଏହି ଯୋଗ ସେବନ କରିବାକୁ ପଡ଼ିପାରେ । "ଗୋରଚନା" ଯୋଗ ମଧ୍ୟ ଗୋ ସମ୍ବନ୍ଧୀୟ । ଗୋରଚନା ଅର୍ଥାତ୍ ଗୋ-ପିତ୍ତ । ତେଣୁ ବସନ୍ତ ରୋଗର ଉତ୍ତମ ପ୍ରତିଷେଧକ ଗୋ ସମ୍ବନ୍ଧୀୟ ଶକ୍ତି ନିଶ୍ଚିତ ରୂପରେ ବୁଝା ପଡୁଛି ।

ମଙ୍ଗଳଙ୍କ ଦୁଷ୍ଟ ପ୍ରଭାବରୁ ବ୍ୟାଧିର ସୃଷ୍ଟି ଏହା ରକ୍ତ ଓ ଚର୍ମଗତ ହେଉଥିବାରୁ ଏ କ୍ଷେତ୍ରରେ ମଙ୍ଗଳଙ୍କୁ ରୋକିବାର ଶକ୍ତି ଏକମାତ୍ର ବଳବାନ୍ ରାହୁ ମହାଗ୍ରହଙ୍କର । ତେଣୁ ରକ୍ତରେ ରାହୁ ଶକ୍ତିର ଉଦ୍ରେକହିଁ ଗୋବୀଜ ଟୀକାର ପ୍ରଧାନ କାର୍ଯ୍ୟ କିନ୍ତୁ ବସନ୍ତରୋଗ ସଂକ୍ରମଣ ହେଲାପରେ ଟୀକା ଗ୍ରହଣକଲେ ସେପରି ଫଳ ମିଳିଲେ ମଧ୍ୟ ରୋଗ ସେପରି ମାରାତ୍ମକ ରୂପ ଧାରଣ କରିପାରେ ନାହିଁ । ଫଳଦାୟୀ ଟୀକା ( **Successful Vaccination** ) ଅର୍ଥାତ୍ ଟୀକା ନେବା ପରେ ଯଦି ରକ୍ତରେ ପ୍ରତିରୋଧୀ ଶକ୍ତି ସଂଗୃହିତ ହୁଏ ତେବେହିଁ ପ୍ରତିଷେଧକ ଭାବରେ କାର୍ଯ୍ୟ କରିପାରେ । ଅତଏବ ଇଂଲଣ୍ଡର ଜେନାର ସାହେବଙ୍କ କୃତିତ୍ୱ ବିଶ୍ୱପ୍ରତି ଏକ ଅବଦାନ ଏବଂ ଈଶ୍ୱରଙ୍କର ସାହେବଙ୍କ ପ୍ରତି ଏକ ଅହେତୁକ ଆଶୀର୍ବାଦ ।

# ରୋଗସୃଷ୍ଟି

ଅଧ୍ୟାପକ ଶ୍ରୀ ଶ୍ରୀକର ମିଶ୍ର

ଜଗତରେ ଦୃଶ୍ୟମାନ ବସ୍ତୁଗୁଡ଼ିକ ଯେପରି ଏକ ମୂଳଭୂତ ଶକ୍ତିରୂପିଣୀ ପ୍ରକୃତିର ବିକାର ମାତ୍ର ସେହିପରି ଆମ୍ଭମାନଙ୍କର ସ୍ଥୂଳ ଶରୀର, ଶୁକ୍ର ଶୋଣିତ ଏବଂ ପଞ୍ଚମହାଭୂତମୟ ପରମାଣୁର ପରିଣାମ ମାତ୍ର । ଯେତେବେଳେ ଅନାଦି, ଅନନ୍ତ, ନିର୍ଗୁଣ, ନିର୍ବିକାର ଚୈତନ୍ୟମୟ ପରମପୁରୁଷଙ୍କର କେବଳ ସତ୍ତା ମାତ୍ର ଜାଗ୍ରତ ଥିଲା ସେତେବେଳେ ଅନନ୍ତ ପାରାବାର ମଧ୍ୟରେ କୌଣସି ତରଙ୍ଗ ବା ବୁଦ୍‌ବୁଦର ସୃଷ୍ଟି ନଥିଲା । ନିଖିଳ ବିଶ୍ୱ କେବଳ ସ୍ଥିରାରୂପ ଧାରଣ କରିଥିଲା । ସେହି ସମୟରେ ହିଁ ହଠାତ୍ ଚେତନାମୟ ପୁରୁଷଙ୍କର ଏକରୁ ବହୁ ହେବାର ପ୍ରବୃତ୍ତି, ସେହି ଅନନ୍ତ କାଳ ପାରାବାର ମଧ୍ୟରେ ତରଙ୍ଗ ସୃଷ୍ଟି କଲା । ଏହାହିଁ ସୃଷ୍ଟି ଅରମ୍ଭର ବୀଜର ବିକାଶୋନ୍ମୁଖୀ ପ୍ରକ୍ରିୟା । ବିଶ୍ୱର ଏପରି ବିକାଶୋନ୍ମୁଖୀ ପ୍ରକ୍ରିୟାର

ଅଭିବୃଦ୍ଧି ସଙ୍ଗେ ସଙ୍ଗେ ଚରାଚର ପ୍ରାଣୀ ଜଗତର ସୃଷ୍ଟି ।

ସୃଷ୍ଟି ପ୍ରାରମ୍ଭରୁ ପ୍ରାଣୀ ମାନେ କ୍ଷୁଧା, ତୃଷା, ଜରା ଓ ମୃତ୍ୟୁରୂପକ ସ୍ୱାଭାବିକ ଦୁଃଖଦ୍ୱାରା ପୀଡ଼ିତ । ଉକ୍ତ ସ୍ୱାଭାବିକ ଦୁଃଖରୁ ମୁକ୍ତିଲାଭ କରିବାପାଇଁ ଜୀବ ଜୀବ ମଧ୍ୟରେ ନାନାପ୍ରକାର ସଂଗ୍ରାମ ବର୍ତ୍ତମାନ ସୁଦ୍ଧା ଚାଲି ଆସୁଅଛି । ଏହାକୁ ଜୀବନ ସଂଗ୍ରାମ କୁହାଯାଏ । ଏହି ସଂଗ୍ରାମ ଫଳରେ ବହୁବିଧ ଆଗନ୍ତୁକ ଦୁଃଖ (ଆକସ୍ମିକ ଦୁର୍ଘଟଣା ଜନିତ), ଶାରୀରିକ ଦୁଃଖ ଓ ମାନସିକ ଦୁଃଖ ମନୁଷ୍ୟ ତଥା ଇତର ପ୍ରାଣୀ ମଧ୍ୟରେ ଦେଖାଗଲେ ମଧ୍ୟ ଯୁଗ ଅନୁସାରେ ଏହା ନ୍ୟୂନାଧିକ ଭାବେ ପରିଲକ୍ଷିତ ହୁଏ । ଏ ସମ୍ବନ୍ଧରେ ଚରକ ମହର୍ଷି କହିଛନ୍ତି, "ସୃଷ୍ଟି ଆରମ୍ଭରୁ (ସତ୍ୟଯୁଗରେ) ମନୁଷ୍ୟ ଧର୍ମାଚରଣ କରୁଥିବା ଯୋଗୁଁ ସଂଗ୍ରାମଜନିତ କୌଣସି ଅଶୁଭ ଫଳ ଫଳୁନଥିଲା । ଫଳତଃ ଅଦିତି (ଦେବମାତା)-ଙ୍କର ପୁତ୍ରପରି ଓଜସ୍ୱୀ, ବିମଳ ଓ ବିପୁଳ ପ୍ରଭାବଦ୍ୱାରା ପ୍ରତ୍ୟକ୍ଷ ଦେବତା ଭଳି ସୁଶୋଭିତ ହୋଇ ବିଧିବିଧାନ ଅନୁସାରେ ଧର୍ମ ଓ ଯଜ୍ଞାଦି ଅନୁଷ୍ଠାନ କରିବା ଦ୍ୱାରା ମନୁଷ୍ୟମାନେ ପର୍ବତ ପରି ସ୍ଥିର ଶରୀର, ପ୍ରସନ୍ନ-ବର୍ଣ୍ଣେନ୍ଦ୍ରିୟ, ପବନଭଳି ପରାକ୍ରମଶାଳୀ, ପ୍ରମାଣାନୁରୂପ ପୁଷ୍ଟ ଓ ସୁନ୍ଦର ଶରୀର, ସତ୍ୟ, ଅହିଂସା, ଦାନ, ସଂଯମ, ନିୟମ, ଉପବାସ, ବ୍ରହ୍ମଚର୍ଯ୍ୟ ଓ ବ୍ରତପରାୟଣ, ନିର୍ଭୟ, ରାଗ-ଦ୍ୱେଷ-ମୋହ-ଲୋଭ-କ୍ରୋଧ-ଶୋକ-ମାନ-ରୋଗ-ତନ୍ଦ୍ରା-ଶ୍ରମ-କ୍ଳାନ୍ତି ଓ ଆଳସ୍ୟ ରହିତ ହୋଇ ଦୀର୍ଘଜୀବନ ଲାଭ କରୁଥିଲେ । ସେମାନଙ୍କର ଉଦାର ସ୍ୱଭାବ ଓ ସତ୍ତ୍ୱଗୁଣ ପ୍ରଧାନ କର୍ମଦ୍ୱାରା ପୃଥିବୀ ଶସ୍ୟଶାଳିନୀ ହୋଇଥିଲା ଏବଂ ପାର୍ଥିବ ଦ୍ରବ୍ୟଗୁଡ଼ିକ ଅଚିନ୍ତନୀୟ ରସ, ବୀର୍ଯ୍ୟ, ବିପାକ ଓ ପ୍ରଭାବଦ୍ୱାରା ଭୂଷିତ ହୋଇଥିଲେ । ସତ୍ୟଯୁଗପରେ ତ୍ରେତାଯୁଗରେ ଲୋକ-ମାନେ କ୍ରମେ ଅସଂଯତ ହୋଇପଡ଼ିଲେ, ସୁତରାଂ ଯାଗଯଜ୍ଞାଦିରେ ବହୁ ପରିମାଣରେ ମାଂସଯୁକ୍ତ ଖାଦ୍ୟ ଖାଇବାଦ୍ୱାରା ପ୍ରତ୍ୟେକଙ୍କର ଶରୀରରେ ଗୁରୁତା ଆସିଲା । ଏହି ଗୁରୁତା ଯୋଗୁଁ ଶରୀର ଅବସନ୍ନ ହୋଇପଡ଼ିଲା । ଅବସନ୍ନତାରୁ ଆଳସ୍ୟ ଏବଂ ତହିଁରୁ ସଂଚୟଶୀଳତାର ସୃଷ୍ଟି ହେଲା । ଲୋକ ସଂଚୟ କରିବାରୁ ଆରମ୍ଭ କରିବାରୁ ତାର ମମତା ଓ ଲୋଭ ଜାତ ହେଲା । ଏହି ଲୋଭର ପ୍ରାଚୁର୍ଯ୍ୟରୁ ଦ୍ରୋହ ବା ହିଂସାର ସୃଷ୍ଟି । ଏହି ହିଂସାରୁ ଅସତ୍ୟ କହିବା, କାମ-କ୍ରୋଧ-ମାନ-ଦ୍ୱେଷ-କର୍କଶ କଥା, ଭୟ-ଚିନ୍ତା-ଶୋକ-ଉଦ୍‌ବେଗ ଓ ଯୁଦ୍ଧ ପ୍ରଭୃତି ଦୁଷ୍ପ୍ରବୃତ୍ତି ଗୁଡ଼ିକ କ୍ରମେ ଦେଖାଗଲେ । ଉକ୍ତ ଯୁଗରେ ଧର୍ମର ଗୋଟିଏ ପାଦ (ଏକ ଚତୁର୍ଥାଂଶ) କମିଗଲା । ଏଣୁ ଲୋକମାନଙ୍କର ଆୟୁ, ବଳ, ମେଧା, କାର୍ଯ୍ୟକାରିଣୀ ଶକ୍ତି ଏବଂ ପାର୍ଥିବ ପଦାର୍ଥର ଗୁଣ ଓ ପରିମାଣରେ ଚତୁର୍ଥାଂଶ ହାନି ଘଟିଲା । ସୁତରାଂ ଲୋକମାନେ ନାନାବିଧ ଦୁଃଖ ଭୋଗିଲେ ।

ଏହିପରି ଦ୍ୱାପର ଯୁଗ ବେଳକୁ ଧର୍ମଭାବ ଅର୍ଦ୍ଧାଂଶ କମିଯାଇ ପାପଭାବ ସେହି ପରିମାଣରେ ବଢ଼ିଯିବା ଫଳରେ ଲୋକମାନେ ତ୍ରେତାଯୁଗ ଅପେକ୍ଷା ସର୍ବାଂଶରେ ଆଠପଣ କ୍ଳେଶ ଅନୁଭବ କଲେ । ବର୍ତ୍ତମାନ କଳି-ଯୁଗରେ ଧର୍ମଭାବ ତିନିଚତୁର୍ଥାଂଶ (୩/୪) କମିଯାଇଥିବାରୁ ପାପଭାବ ତଦନୁରୂପ ବ୍ୟାପି ଯାଇଅଛି । ପାପବୃଦ୍ଧିର ଆଧିକ୍ୟରୁ ପ୍ରତ୍ୟେକ ଲୋକ କ୍ଷଣିକ ସୁଖ ଅନୁଭବ କରୁଥିଲେ ମଧ୍ୟ ବିଶେଷ ଦୁଃଖ ଅନୁଭବ କରୁଅଛନ୍ତି । ଏହି ସମସ୍ତ ଦୁଃଖହିଁ "ରୋଗ ।" ତେଣୁ ବର୍ଣ୍ଣିତ ଅଛି, "ସୁଖସଂଜ୍ଞକମାରୋଗ୍ୟଂ ବିକାରୋ ଦୁଃଖମେବଚ" ।

ଏତଦ୍ ବ୍ୟତୀତ ଜଗତର ପ୍ରତ୍ୟେକବସ୍ତୁ ସତ୍ତ୍ୱ, ରଜ ଓ ତମୋଗୁଣାନ୍ୱିତ । ମନୁଷ୍ୟଠାରେ ସଦ୍‌ଜ୍ଞାନର ବିକାଶପାଇଁ ସତ୍ତ୍ୱଗୁଣ, ସତ୍‌କାର୍ଯ୍ୟ କରିବାପାଇଁ ରଜୋଗୁଣ ଓ ସୁନିଦ୍ରା ପାଇଁ ତମୋଗୁଣ ନିହିତ ଅଛି । ମାତ୍ର ଏହି ଗୁଣତ୍ରୟର ନ୍ୟୂନାଧିକ୍ୟରୁ ତତ୍ ତତ୍ କାର୍ଯ୍ୟର ବିପର୍ଯ୍ୟୟ ପରିଲକ୍ଷିତ ହୁଏ । ଏହି ଗୁଣତ୍ରୟର ନ୍ୟୂନାଧିକ୍ୟ, ଧର୍ମାଧର୍ମ ବା ପାପପୁଣ୍ୟ ଉପରେ ନିର୍ଭର କରେ । ଲୋକ ସତ୍ତ୍ୱଗୁଣାଧିକ୍ୟରୁ ଧର୍ମ ବା ପୁଣ୍ୟକାର୍ଯ୍ୟରେ ଏବଂ ରଜ ଓ ତମୋଗୁଣାଧିକ୍ୟରୁ ଅଧର୍ମ ବା ପାପକାର୍ଯ୍ୟରେ ଲିପ୍ତ ହୁଏ । "ରୋଗସ୍ତୁ ପାପସମ୍ଭବଃ" ବୋଲି କହିବାକୁ ଯାଇ ଚରକ କହିଛନ୍ତି,—

"ଧର୍ମ୍ୟାଦ୍ଧେସ୍ମାଦର୍ଶନମିତ୍ୟୁକ୍ତାସ୍ତତୋଽନ୍ୟଥା
ଶୋକବଶଂ ନୟନ୍ତି" ।

ଅସ୍ମା ସହିତ ଦୁଃଖର ସଂଯୋଗକୁ ବ୍ୟାଧି କୁହାଯାଏ । ଋଷିସନ୍ତମାନେ ଏହାକୁ ଧାତୁବୈଷମ୍ୟ, ଦୋଷବୈଷମ୍ୟ, ବିକାର, ବ୍ୟାଧି, ଆମୟ, ଗଦ, ଆତଙ୍କ ଓ ରୋଗନାମରେ ନାମିତ କରିଛନ୍ତି ।

ସ୍ଥୂଳତଃ ଦେଖିବାକୁ ଗଲେ ଭଲ ଓ ମନ୍ଦ ଏହି ଦୁଇଟି ସୃଷ୍ଟି ସହିତ ଓତପ୍ରୋତଭାବେ ଜଡ଼ିତ । ଯାହା ପରିମିତ, ସ୍ୱାଭାବିକ, ଓ ସମୟୋପଯୋଗୀ ତାହାହିଁ ଭଲରୂପେ ବିବେଚିତ ହୁଏ । ଯାହା ମାତ୍ରାତିରିକ୍ତ, ନ୍ୟୂନ ଅଥବା ଦେଶକାଳପାତ୍ର ବିବେଚନାହୀନ ଭାବରେ ବ୍ୟବହୃତ ହୁଏ ତାହାହିଁ ମନ୍ଦରୂପରେ ପରିଗଣିତ ।

**ଧାତୁବୈଷମ୍ୟ:**— ପ୍ରାଣୀ ଜଗତର ଦେହରକ୍ଷକ ଉପାଦାନ ରସାଦିଧାତୁ (ରସ, ରକ୍ତ, ମାଂସ, ମେଦ, ଅସ୍ଥି, ମଜ୍ଜା ଓ ଶୁକ୍ର) ଗୁଡ଼ିକର ବିଷମତାହିଁ ଶରୀରର ଅସ୍ୱାସ୍ଥ୍ୟହୀନତା ଓ ରୋଗପାଇଁ କାରଣ । ଆମ୍ଭମାନଙ୍କର ସ୍ଥୂଳ ଓ ସୂକ୍ଷ୍ମ ରୂପରେ ଶରୀର ଦୁଇଗୋଟି । ସ୍ଥୂଳଶରୀରର ରସରକ୍ତାଦି ସାତଗୋଟି ଧାତୁ ଓ ସୂକ୍ଷ୍ମଶରୀର (ମନ)ର ସତ୍ତ୍ୱଗୁଣଟିହିଁ ମୁଖ୍ୟଧାତୁ । ଯେପରି ସ୍ଥୂଳଶରୀରକୁ ରକ୍ଷାକରିବାପାଇଁ ସୁଷମ ଖାଦ୍ୟ, ପାନୀୟ, ବ୍ୟାୟାମ ଓ ସଦାଚାର ପ୍ରଭୃତି ଆବଶ୍ୟକ ସେହିପରି ମନକୁ ଅବ୍ୟାହତ ରଖିବାପାଇଁ ଚିତ୍ତବୃତ୍ତିର ନିରୋଧ, ଧ୍ୟାନ ଓ ଧାରଣାଦି ପ୍ରୟୋଜନୀୟ । ଏହାର ବ୍ୟତିକ୍ରମରୁ ଶାରୀରିକ ଓ ମାନସିକ ଶକ୍ତିର ବିଷମତା ସୃଷ୍ଟିହୋଇ ନାନାଦି ରୋଗ ଜନ୍ମେ ।

**ଦୋଷବୈଷମ୍ୟ:**— ବାତ, ପିତ୍ତ, କଫ ଏହି ତିନିଗୋଟି ସ୍ଥୂଳଶରୀରର ଦୋଷ ଏବଂ ରଜ ଓ ତମ ଏହି ଦୁଇଗୋଟି ସୂକ୍ଷ୍ମଶରୀରର ଦୋଷରୂପେ ନିରୂପିତ ହୋଇଅଛି । ଏମାନଙ୍କର ସାମ୍ୟାବସ୍ଥା ଆରୋଗ୍ୟର ଓ ବିଷମାବସ୍ଥା ରୋଗର କାରଣ ବୋଲି ବର୍ଣ୍ଣିତ ଅଛି ଯଥା—

"ରୋଗସ୍ତୁ ଦୋଷବୈଷମ୍ୟଂ ଦୋଷସାମ୍ୟମରୋଗତା" ।

**ବିକାର:**— ସାଧାରଣତଃ ମାନସିକ ଦୁର୍ବଳତାକୁ ବିକାର ବୋଲି ଧରାଯାଏ । ଅର୍ଥାତ୍ କାମ, କ୍ରୋଧ, ଲୋଭ ପ୍ରଭୃତିର ପ୍ରରୋଚନାରେ ପଡ଼ି ଲୋକ ସ୍ୱାଭାବିକ ପ୍ରକୃତିରୁ ବିଚ୍ୟୁତ ହୋଇଯାଏ ବୋଲି ଏହାର ନାମ ବିକାର । କେହି କେହି ବାତଜ ବିକାର, ପିତ୍ତଜ ବିକାର ଓ କଫଜ ବିକାର ବୋଲି କହିଥାଆନ୍ତି । କିନ୍ତୁ ଏହା ମାନସିକ ବିପର୍ଯ୍ୟୟ ମାତ୍ର ।

**ବ୍ୟାଧି**— ଏହି ମାନସିକ ବିପର୍ଯ୍ୟୟ ଯେତେବେଳେ ପ୍ରଗାଢ଼ ହୋଇ ସଙ୍କଟାପନ୍ନ ଅବସ୍ଥା ସୃଷ୍ଟି କରେ ସେତେବେଳେ ତାହାକୁ ଆଧି ବା ମନୋବ୍ୟାଧି କୁହାଯାଏ । ଅମରକୋଷକାର କହିଛନ୍ତି, "ପୁଂସ୍ୟାଧିର୍ମାନସୀ ବ୍ୟଥା" । ଅର୍ଥାତ୍ କାମକ୍ରୋଧ ପ୍ରଭୃତି ଆଧି (ଦୁଃଖ) ହେଲେ ଉନ୍ମାଦ, ଅପସ୍ମାର, ମୂର୍ଚ୍ଛା ଓ ସନ୍ନ୍ୟାସ ପ୍ରଭୃତି ଉଳ୍ଟଃ ରୋଗ ଜନ୍ମେ । ମହର୍ଷିମାନେ କହିଛନ୍ତି, "ବିବିଧଂ ଦୁଃଖଂ ଆଦଧାତୀତି ବ୍ୟାଧିଃ" ।

**ଆମୟ**— ଖାଦ୍ୟ ଦ୍ରବ୍ୟର ଅପରିପାକ ଜନିତ ଆମ ରସରୁ ଯେଉଁ ଜ୍ୱର, ଅତିସାର ଓ ଗ୍ରହଣୀ ପ୍ରଭୃତି ରୋଗ ଜନ୍ମେ ତାହା ଆମୟ ନାମରେ ପରିଚିତ ।

**ଗଦ**— "ଗଦ ବ୍ୟକ୍ତାୟାଂ ବାଚି" । ବାକ୍ ଶକ୍ତିର ବୈଷମ୍ୟରୁ ଯେଉଁ ସାନୁନାସିକ ଉଚ୍ଚାରଣ, ଅସ୍ପଷ୍ଟବାଦିତା ଓ ମୂକତା ପ୍ରଭୃତି ରୋଗ ଜନ୍ମେ ତାହା ଗଦ ନାମରେ ପରିଚିତ ।

**ଆତଙ୍କ**— ଯହିଁରେ (ଶ୍ୱାସ ଓ ଶୂଳ ପ୍ରଭୃତିରେ) ମନୁଷ୍ୟ ନିରାଶ ହୋଇ ଆତ୍ମବିସର୍ଜନ କରିବାକୁ ଇଚ୍ଛାକରେ ତାହାର ନାମ ଆତଙ୍କ ।

**ରୋଗ**— ଏହି ଶବ୍ଦଟି ସଚରାଚର ଦୁଃଖ ଅର୍ଥରେ ବ୍ୟବହୃତ ହୋଇଥାଏ । ତେଣୁ ସୁଶ୍ରୁତ କହିଛନ୍ତି, "ରୁଜନ୍ତି ଯେ ତେ ରୋଗାଃ" । ଅର୍ଥାତ୍ ଯାହାକିଛି ଶରୀର ଓ ମନକୁ କଷ୍ଟ ଦିଏ ତାହାହିଁ ରୋଗ ।

ପୂର୍ବରୁ ଆତ୍ମାର ଦୁଃଖ ସଂଯୋଗକୁ ବ୍ୟାଧି ବୋଲି କୁହାଯାଇଅଛି । ଉକ୍ତ ଦୁଃଖ ପୁଣି ଆଧ୍ୟାତ୍ମିକ, ଆଧି-

ଭୌତିକ ଓ ଅଧିଦୈବିକ ଭେଦରେ ତିନିପ୍ରକାର । ନିମ୍ନଲିଖିତ ସାତପ୍ରକାର ରୋଗରେ ଏହି ତିନିପ୍ରକାର ଦୁଃଖ ଅନୁଭୂତ ହୁଏ, ଯଥା— ଆଦିବଳ ପ୍ରବୃତ୍ତ, ଜନ୍ମବଳ ପ୍ରବୃତ୍ତ ଓ ଦୋଷବଳ ପ୍ରବୃତ୍ତ ରୋଗଗୁଡିକ ଆଧ୍ୟାତ୍ମିକ ଦୁଃଖଦାୟକ । ସଂଘାତବଳ ପ୍ରବୃତ୍ତ ରୋଗଗୁଡିକ ଆଧିଭୌତିକ ଦୁଃଖଦାୟକ ଓ କାଳବଳ ପ୍ରବୃତ୍ତ, ଦୈବବଳ ପ୍ରବୃତ୍ତ ଓ ସ୍ୱଭାବ ବଳ ପ୍ରବୃତ୍ତ ରୋଗଗୁଡିକ ଅଧିଦୈବିକ ଦୁଃଖଦାୟକ ଅଟନ୍ତି ।

**ଆଦିବଳ ପ୍ରବୃତ୍ତ ରୋଗ**— ଶୁକ୍ର ଶୋଣିତ ଦୋଷରୁ ଜାତ କୁଷ୍ଠ ଓ ଅର୍ଶ ପ୍ରଭୃତି । ଉକ୍ତ ରୋଗ କେବଳ ମାତୃଦୋଷରୁ, କେବଳ ପିତୃ ଦୋଷରୁ ବା ଉଭୟଙ୍କର ଦୋଷରୁ ଉତ୍ପନ୍ନ ହୋଇଥାଏ ।

**ଜନ୍ମବଳ ପ୍ରବୃତ୍ତ ରୋଗ**— ଗର୍ଭିଣୀର ଆହାର ବିହାର ଦୋଷରୁ ଏବଂ ଗର୍ଭକାଳୀନ ଅଭିଳାଷ ପୂରଣ ଅଭାବରୁ ଜାତ ବ୍ୟକ୍ତିଙ୍କର ଜନ୍ମାନ୍ଧତା, ପଙ୍ଗୁତା, ବଧିରତା, ମୂକତା ଓ ଖର୍ବତା ପ୍ରଭୃତି । ଏହା କେବଳ ମାତୃଜ ।

**ଦୋଷବଳ ପ୍ରବୃତ୍ତ ରୋଗ**— ଅନିୟମିତ ଆହାର ବିହାର ଫଳରେ ଦୋଷ (ବାତ, ପିତ୍ତ, କଫ)-ମାନେ ପ୍ରକୁପିତ ହୋଇ ଶରୀର ମଧ୍ୟରେ ଥିବା ଆମାଶୟ, ପକ୍ୱାଶୟ, ହୃଦୟ, ଫୁସ୍‌ଫୁସ୍, ପ୍ଲୀହା, ଯକୃତ, ବୃକ୍କ, ଗ୍ରହଣୀ ପ୍ରଭୃତି ଯନ୍ତ୍ରମାନଙ୍କୁ ଏବଂ ରସରକ୍ତାଦି ଧାତୁ ଓ ମନକୁ ଅସୁସ୍ଥ କରି ଜ୍ୱର, ପାଣ୍ଡୁ, ଉଦର, ଯକ୍ଷ୍ମା ପ୍ରଭୃତି ନାନାପ୍ରକାର ରୋଗ ସୃଷ୍ଟି କରନ୍ତି ।

**ସଂଘାତବଳ ପ୍ରବୃତ୍ତ ରୋଗ**— ଯୁଦ୍ଧବିଗ୍ରହ ଯୋଗୁଁ ନାନାପ୍ରକାର ଶସ୍ତ୍ରାସ୍ତ୍ର ଦ୍ୱାରା କ୍ଷତ ବିକ୍ଷତ ହେବା, ହିଂସ୍ରଜନ୍ତୁ ଦ୍ୱାରା ଆହତ ହେବା, ବିଷ ବା ବିଷାକ୍ତ ଜୀବାଣୁ ଦ୍ୱାରା ଆକ୍ରାନ୍ତ ହେବା ଯୋଗୁଁ ନାନାବିଧ ରୋଗ ବା ଯନ୍ତ୍ରଣା ଜାତ ହୁଏ ।

**କାଳବଳ ପ୍ରବୃତ୍ତ ରୋଗ**— ଗ୍ରୀଷ୍ମ, ବର୍ଷା ଓ ଶୀତ ପ୍ରଭୃତି ଋତୁମାନଙ୍କର ବିପର୍ଯ୍ୟୟ ବା ଅତିପର୍ଯ୍ୟୟ ମଧ୍ୟ ଅସ୍ୱାଭାବିକ ବା ସ୍ୱାଭାବିକ ଭେଦରେ ରୋଗ ଜନ୍ମିଥାଏ । ଏହାକୁ ଆଧୁନିକ ମତରେ ଜଳବାୟୁଜନ୍ୟ ରୋଗ ବୋଲି ସ୍ଥିର କରାଯାଇ ପାରେ ।

**ଦୈବବଳ ପ୍ରବୃତ୍ତ ରୋଗ**— ଦେବତାମାନଙ୍କ ପ୍ରତି ଦ୍ରୋହ ଆଚରଣରୁ, ଗୁରୁଜନମାନଙ୍କର ଅଭିଶାପରୁ ଓ ମାରଣାଦି ମନ୍ତ୍ର ପ୍ରୟୋଗରୁ ନାନାପ୍ରକାର ଆକସ୍ମିକ ରୋଗ ଜନ୍ମେ ।

**ସ୍ୱଭାବବଳ ପ୍ରବୃତ୍ତ ରୋଗ**— କ୍ଷୁଧା, ତୃଷ୍ଣା, ଜରା, ମୃତ୍ୟୁ, ଓ ନିଦ୍ରା ପ୍ରଭୃତିକୁ ସ୍ୱାଭାବିକ ରୋଗ କୁହାଯାଏ । ଏଗୁଡିକ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଲାଗି ରହିଥାଆନ୍ତି । ଏମାନଙ୍କୁ କାଳକୃତ ଓ ଅକାଳକୃତ ଭାବରେ ଦୁଇଭାଗରେ ବିଭକ୍ତ କରାଯାଇଅଛି । ସ୍ୱାସ୍ଥ୍ୟରକ୍ଷା ବିଧାନ ଅନୁସାରେ ଚଳିଲେ କାଳକୃତ ଓ ସ୍ୱାସ୍ଥ୍ୟରକ୍ଷା ବିଧାନ ଅନୁସାରେ ନଚଳିଲେ ଏମାନେ ଅକାଳକୃତ କୁହାଯାଆନ୍ତି ।

ଆୟୁର୍ବେଦ ଶାସ୍ତ୍ରରେ ରୋଗୋତ୍ପତ୍ତି ସମ୍ବନ୍ଧରେ ବହୁବିଧ ମତ ଲିପିବଦ୍ଧ ଥିଲେ ହେଁ ପ୍ରଜ୍ଞାପରାଧ, ଅସାତ୍ମ୍ୟେନ୍ଦ୍ରିୟାର୍ଥ ସଂଯୋଗ ଓ ପରିଣାମକୁ ସମସ୍ତ ରୋଗର ପ୍ରଧାନ କାରଣ ବୋଲି ସମସ୍ତେ ସ୍ୱୀକାର କରିଛନ୍ତି ।

## ପ୍ରଜ୍ଞାପରାଧ—

ଧୀ-ଧୃତି-ସ୍ମୃତି ବିଭ୍ରଷ୍ଟଃ କର୍ମ ଯତ୍ କୁରୁତେଽଶୁଭଂ
ପ୍ରଜ୍ଞାପରାଧଂ ତଂ ବିଦ୍ୟାତ୍ ସର୍ବଦୋଷ ପ୍ରକୋପଣମ୍ ।

ଅର୍ଥାତ୍ ମନୁଷ୍ୟ ନିଜର ଧୀଶକ୍ତି, ଧୈର୍ଯ୍ୟଶକ୍ତି ଓ ସ୍ମରଣ ଶକ୍ତିରୁ ବିଚ୍ୟୁତ ହୋଇ ଯେଉଁ ଅହିତକର କାର୍ଯ୍ୟ କରେ ତାହା ଶରୀରର ସମସ୍ତ ଦୋଷକୁ ପ୍ରକୁପିତ କରି ବହୁବିଧ ରୋଗ ସୃଷ୍ଟି କରେ ।

**ଅସାତ୍ମ୍ୟେନ୍ଦ୍ରିୟାର୍ଥ ସଂଯୋଗ—** ଏହି ଶରୀରରେ ପାଞ୍ଚଗୋଟି ଜ୍ଞାନେନ୍ଦ୍ରିୟ, ପାଞ୍ଚଗୋଟି କର୍ମେନ୍ଦ୍ରିୟ ଓ ମନ ଏପରି ଏଗାରଗୋଟି ଇନ୍ଦ୍ରିୟ ଅଛନ୍ତି । ଏମାନଙ୍କ ମଧ୍ୟରେ ମନ, ଇନ୍ଦ୍ରିୟମାନଙ୍କର ସମ୍ପର୍କରେ ଆସିଲେ ତତ୍ ତତ୍ ସମ୍ବନ୍ଧୀୟ ଜ୍ଞାନ ବା କର୍ମ ହୋଇଥାଏ । ଏହି ମନାଶ୍ରୟୀ ଇନ୍ଦ୍ରିୟ ଗ୍ରାହ୍ୟବସ୍ତୁକୁ ଇନ୍ଦ୍ରିୟାର୍ଥ କୁହାଯାଏ । ଏହା ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ ନାମରେ ପରିଚିତ । ଏହି ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧର ଅତିଯୋଗ, ଅଯୋଗ ଓ ବିକୃତଯୋଗରୁ ଐନ୍ଦ୍ରିକ, ମାନସିକ ତଥା ଶାରୀରିକ ବହୁପ୍ରକାର ରୋଗ ସୃଷ୍ଟି ହୋଇଥାଏ ।

**କାଳ ପରିଣାମ—** କାଳ ଅନାଦି ଓ ଅନନ୍ତ ହେଲେ ମଧ୍ୟ ସୂର୍ଯ୍ୟଙ୍କର ଉଦୟ ଓ ଅସ୍ତକୁ ନେଇ ପୃଥିବୀ ପୃଷ୍ଠରେ ଯେଉଁ ସମୟ ଗତିକରି ଚାଲିଛି ତାହାରି ଦିନ, ରାତି ଓ ଛଅଗୋଟି ଋତୁ ଯଥାକ୍ରମେ ସର୍ବଦା ଅନୁଭୂତ ହେଉ ଅଛି ! ଏହି ସମୟ ମଧ୍ୟରେ ଜୀବମାନଙ୍କର ଉତ୍ପତ୍ତି, ସ୍ଥିତି, ଓ ବିନାଶ ଅନବରତ ଦୃଷ୍ଟିଗୋଚର ହେଉଅଛି । ଏହି ଉତ୍ପତ୍ତିଠାରୁ ବିନାଶ ମଧ୍ୟରେ ଅବସ୍ଥିତ ପ୍ରାଣୀଜଗତକୁ ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶିଶିର ଓ ବସନ୍ତ ରୂପକ ପୁନରାବୃତ୍ତ କାଳସ୍ୱଭାବ ଯୋଗୁଁ ଯେଉଁ କଷ୍ଟ ଭୋଗିବାକୁ ହୁଏ ତାହା କାଳକୃତ ରୋଗ ନାମରେ ପରିଚିତ ।

କର୍ମବାଦୀମାନଙ୍କ ମତରେ ସୁଖ ଓ ଦୁଃଖ କର୍ମାଧୀନ । ମନୁଷ୍ୟ ଶୁଭକର୍ମ ବା ହିତକର କାର୍ଯ୍ୟ କଲେ ଶୁଭଫଳ ଓ ଅଶୁଭ ବା ଅହିତକର କାର୍ଯ୍ୟ କଲେ ଅଶୁଭ ଫଳ ଭୋଗ କରେ । ଏହି ଅନନ୍ତ କର୍ମପ୍ରବାହ ସୃଷ୍ଟି ଆଦ୍ୟରୁ ଲାଗି ରହିଅଛି । ଜୀବ ଶୁଭକର୍ମ ଫଳରେ ଉତ୍କୃଷ୍ଟ ଜନ୍ମ ଓ ଅଶୁଭ କର୍ମ ଫଳରେ ନିକୃଷ୍ଟ ଜନ୍ମଲାଭ କରେ । ଜ୍ୟୋତିଷ ଶାସ୍ତ୍ରମତରେ ସୂର୍ଯ୍ୟ ଚନ୍ଦ୍ର ଆଦି ଗ୍ରହମାନେ ପ୍ରାଣୀମାନଙ୍କର ଜନ୍ମ ସମୟରେ ଯଦି ଅଶୁଭ ସ୍ଥାନରେ ରହନ୍ତି ତେବେ ନାନାଦି ରୋଗ ବା ଦୁଃଖଦାୟକ ହୋଇଥାନ୍ତି । ଏହିପ୍ରକାର ଦୁଃଖକୁ ପୌର୍ବଦେହିକ ବା କର୍ମଜ ବ୍ୟାଧିବୋଲି କୁହାଯାଏ । ଯଥା କହିଛନ୍ତି,—

"ଜିତେନ୍ଦ୍ରିୟଂ ନାନୁପତନ୍ତି ରୋଗା-
ସ୍ତତ୍କାଳଯୁକ୍ତଂ ଯଦି ନାସ୍ତି ଦୈବମ୍" ।

ଅର୍ଥାତ୍ ଇହ ଜନ୍ମରେ ସଂଯମୀ ଲୋକ କୌଣସି ପ୍ରକାର ଅହିତକାର୍ଯ୍ୟ ନକରି ମଧ୍ୟ ଯଦି ଦୁଃଖ ଭୋଗ କରେ ତେବେ ତାହାର ସେହି ଦୁଃଖ ବା କଷ୍ଟକୁ ପୂର୍ବଜନ୍ମକୃତ କର୍ମର ଫଳବୋଲି ଧରିବାକୁ ହେବ ।

ଆଧୁନିକ ଜୀବାଣୁବାଦୀମାନଙ୍କ ମତରେ ପ୍ରାୟ ଅନେକପ୍ରକାର ରୋଗ କେବଳ ବିଷାକ୍ତ ଜୀବାଣୁମାନଙ୍କ ଦ୍ୱାରା ସୃଷ୍ଟ । ଆୟୁର୍ବେଦ ଶାସ୍ତ୍ର ଏହାକୁ ମୁଖ୍ୟକାରଣ ବୋଲି ସ୍ୱୀକାର କରେନାହିଁ । ଏହା ଏକ ଗୌଣ ଓ ଆଗନ୍ତୁକ କାରଣ । ଏହି ଗୌଣ ଓ ଆଗନ୍ତୁକ କାରଣ ଗୁଡ଼ିକ ଦୁର୍ବଳ ଶରୀରରେ ରୋଗୋତ୍ପାଦନ କରିଥାଆନ୍ତି । କେହି କେହି ଏ ଧରଣର ରୋଗକୁ ସଂକ୍ରାମକ ରୋଗବୋଲି କହନ୍ତି । ପୂର୍ବାଚାର୍ଯ୍ୟମାନେ ଏହି ସଂକ୍ରାନ୍ତରେ ମଧ୍ୟ ଚିନ୍ତା କରିଥିଲେ ଯଥା—

"ପ୍ରସଙ୍ଗାତ୍ ଗାତ୍ରସଂସ୍ପର୍ଶାତ୍ ନିଃଶ୍ୱାସାତ୍ ସହଭୋଜନାତ୍
ଏକ ଶଯ୍ୟାସନାଚ୍ଚାପି ବସ୍ତ୍ରମାଲ୍ୟାନୁଲେପନାତ୍
କୁଷ୍ଠଂ ଜ୍ୱରଶ୍ଚ ଶୋଷଶ୍ଚ ନେତ୍ରାଭିଷ୍ୟନ୍ଦ ଏବ ଚ
ଔପସର୍ଗିକ ରୋଗାଶ୍ଚ ସଂକ୍ରାମନ୍ତି ନରାନ୍ନରମ୍" ।

ଉପର୍ଯ୍ୟୁକ୍ତ ସମସ୍ତ କାରଣକୁ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ କେତେକ ରୋଗ ଦୋଷଜ, କେତେକ କର୍ମଜ ଓ କେତେକ କର୍ମଦୋଷଜ । ଏହି ତିନିଗୋଟି କାରଣରୁ ସକଳ ରୋଗର ସୃଷ୍ଟି ।

ଯୁଗ ଥିଲା ଯେତେବେଳେ ଲୋକମାନେ ଆଧ୍ୟାତ୍ମିକ ଜ୍ଞାନବଳରେ ଜାଗତିକ ସକଳ ବିଷୟକୁ ଉତ୍ତମ ରୂପେ ବୁଝି ସମଯୋଗ ଭାବରେ ଚାଲୁଥିବାରୁ ପରମାନନ୍ଦ ଲାଭ କରୁଥିଲେ । ଆଜିକାଲି ଲୋକମାନେ ଭୌତିକଜ୍ଞାନ ବଳରେ ନାନାପ୍ରକାର ଆପାତ ମଧୁର ଓ ଆଶୁ ଫଳପ୍ରଦ କାର୍ଯ୍ୟ କରୁଥିଲେ ମଧ୍ୟ ତାତ୍ତ୍ୱିକ ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ ଏହା ସମାଜର ସମସ୍ତ ଶକ୍ତିକୁ କ୍ରମେ

ଇମେ (କୃଷି ସବିଶେଷଇଲା) ହ୍ରାସ କରିଦେଇ ଲୋକମାନଙ୍କୁ ଦୁଃଖାଭିଭୂତ କରିଦେଉଅଛି । ଏହି ଦୁଃଖରୁ ମୁକ୍ତିଲାଭ କରିବାକୁ ହେଲେ ମହର୍ଷିଅତ୍ରିଙ୍କର ଅନ୍ତତଃ ଗୋଟିଏ ଶ୍ଳୋକକୁ ଅଣସ୍ତ କରିବା ଏକାନ୍ତ ଅବଶ୍ୟକ ଯଥା—

"ନରୋ ହିତାହାରବିହାରସେବୀ ସମୀକ୍ଷକାରୀ
ବିଷୟେଷ୍ୱସକ୍ତଃ
ଦାତା ସମଃ ସତ୍ୟପରଃ କ୍ଷମାବାନ୍ ଆପ୍ତୋପସେବୀ ଚ
ଭବତ୍ୟରୋଗଃ" ।

ଅର୍ଥାତ୍ ଯେଉଁଲୋକ ହିତକର ଆହାର ବିହାରରେ ଅଭ୍ୟସ୍ତ, କାର୍ଯ୍ୟ କରିବାପୂର୍ବରୁ ଯେ ସମସ୍ତ ବିଷୟକୁ ପର୍ଯ୍ୟାଲୋଚନା କରି କାର୍ଯ୍ୟକରେ, ଇନ୍ଦ୍ରିୟମାନଙ୍କର ଅଯୋଗ, ଅତିଯୋଗ ଓ ମିଥ୍ୟାଯୋଗରୁ ବର୍ଜନକରି ସେମାନଙ୍କୁ ସମ୍ୟକ୍‌ଯୋଗରେ ଲଗାଏ, ଶକ୍ତି ଅନୁସାରେ ଦାନ କରେ, ସମସ୍ତଙ୍କ ପ୍ରତି ସମାନ ଜ୍ଞାନ ପୋଷଣ କରେ, ସର୍ବଦା ସତ୍ୟ କହେ, ଦଣ୍ଡ ଦେବାର ଶକ୍ତି ଥିଲେ ମଧ୍ୟ କ୍ଷମା ଆଚରଣ କରେ ଓ ଆପ୍ତୋପଦେଶ (ତ୍ରିକାଳଦର୍ଶୀ ମହର୍ଷିମାନଙ୍କର ଉପଦେଶ) ଗ୍ରହଣ ଆଚରଣ କରେ ସେହି ଲୋକହିଁ କେବଳ ରୋଗମୁକ୍ତ ହେବ ।

---

# ଲୋକ ସାହିତ୍ୟ

ଅଧ୍ୟାପକ ଶ୍ରୀ ମହେନ୍ଦ୍ର ପ୍ରସାଦ ମିଶ୍ର ।

ଲୋକ ଶବ୍ଦ ବିଶେଷ ବ୍ୟାପକ । ଏହାର ଅର୍ଥ ସର୍ବସାଧାରଣ ଜନତା । ବଣ ପାହାଡ଼ର ଅଧିବାସୀଙ୍କଠାରୁ ଆରମ୍ଭ କରି ପଲ୍ଲୀ ଓ ନଗରର ଅଶିକ୍ଷିତ ତଥା ଅର୍ଦ୍ଧଶିକ୍ଷିତ ଜନତା ପର୍ଯ୍ୟନ୍ତ ସମସ୍ତେ ଏହାର ଅନ୍ତର୍ଗତ । ଏମାନଙ୍କର ସାହିତ୍ୟକୁ ଲୋକସାହିତ୍ୟ କୁହାଯାଏ ।

ମନୁଷ୍ୟ ତାର ଭାବ, ଭାଷା, ଅନୁଭୂତି ଓ ସୃଜନଶକ୍ତି ଦ୍ୱାରା ଜୀବ ସମାଜରେ ନିଜର ବୈଶିଷ୍ଟ୍ୟ ରକ୍ଷାକରି ପାରିଛି । ଏହି ଭାବ ଓ ଭାଷାରୁ ମାନବର ସାହିତ୍ୟ ସୃଷ୍ଟି । ଆଦିମ ଅବସ୍ଥାରୁ ଏପର୍ଯ୍ୟନ୍ତ ଦୈନନ୍ଦିନ ଜୀବନରେ ଘଟୁଥିବା ଘଟଣାବଳୀକୁ ରୂପାୟିତ କରିବାର ପ୍ରଚେଷ୍ଟା ଦ୍ୱାରା ମାନବ ଅନବଦ୍ୟ ସାହିତ୍ୟ ସୃଷ୍ଟି କରିବାକୁ ସମର୍ଥ ହୋଇଛି ।

ସାହିତ୍ୟ ଶବ୍ଦର ଅର୍ଥ ଅତି ବ୍ୟାପକ । ବହୁ ବିଜ୍ଞ ପଣ୍ଡିତ ଏହି ଶବ୍ଦର ପର୍ଯ୍ୟାଲୋଚନାମୂଳକ ବିବିଧ ଅର୍ଥ ପ୍ରକାଶ କରିଥିବାର ଦେଖାଯାଏ । କିନ୍ତୁ ସଂକ୍ଷେପରେ କହିବାକୁ ଗଲେ ଜୀବନର ପର୍ଯ୍ୟାଲୋଚନା ହିଁ ସାହିତ୍ୟ । ମାନବ ମୁଖରେ ଭାଷାର ପ୍ରଥମ ପ୍ରକାଶଠାରୁ ଅଦ୍ୟାବଧି ସମଗ୍ର ସୃଷ୍ଟିର ଯେଉଁ ବୈଚିତ୍ର୍ୟମୟ ଆବର୍ତ୍ତନ ଓ ବିବର୍ତ୍ତନ ସଂଘଟିତ ହୋଇ ଆସୁଅଛି ସେ ସମସ୍ତ ଭାଷା ମାଧ୍ୟମରେ ସାହିତ୍ୟରେ ପରିପ୍ରକାଶ ଲାଭ କରିଛି । ବସ୍ତୁ, ବ୍ୟକ୍ତି, ଜାତି ତଥା ଦେଶ ବିଦେଶରେ ଯାହାକିଛି ସତ୍ୟ, ଶିବ ଓ ସୁନ୍ଦର ପରିଲକ୍ଷିତ ହୁଏ ତାହାର ସ୍ୱରୂପ, ପ୍ରକୃତି ଓ ବୈଶିଷ୍ଟ୍ୟର ବିଶ୍ଳେଷଣ ପୂର୍ବକ ଏକ ଅଲୌକିକ ଆନନ୍ଦ ପ୍ରଦାନ କରି ସମାଜକୁ ସୁମାର୍ଗରେ ପରିଚାଳିତ କରିବାରେ ଦିବ୍ୟଦୃଷ୍ଟି ଆନୟନ ହିଁ ସାହିତ୍ୟର ଉପଜୀବ୍ୟ ବିଷୟ । ଯଥାର୍ଥରେ କାବ୍ୟ-ପ୍ରକାଶକାର କହିଛନ୍ତି:--

"କାବ୍ୟଂ ଯଶସେଽର୍ଥକୃତେ ବ୍ୟବହାରବିଦେ ଶିବେତରକ୍ଷତୟେ, ସଦ୍ୟଃ ପରନିର୍ବୃତୟେ କାନ୍ତାସମ୍ମିତତୟୋପଦେଶଯୁଜେ ।" ସାହିତ୍ୟ-ଦର୍ପଣ-କାରଙ୍କ ମତରେ —

"ଚତୁର୍ବର୍ଗ ଫଳପ୍ରାପ୍ତିଃ ସୁଖାଦଲ୍ପଧିୟାମପି-କାବ୍ୟାଦେବ ।" ତେଣୁ 'ସହିତସ୍ୟ ଭାବଃ ସାହିତ୍ୟମ୍' ସହିତର ଭାବ ହେଉଛି ସାହିତ୍ୟ ! ଅର୍ଥାତ୍ ଯାହା ଜାତି,

ଦେଶ, କାଳ ଓ ଲେଖକଙ୍କ ଅଭିରୁଚି ସହିତ ସୂକ୍ଷ୍ମ ଯୋଗ ଅବଗତ କରେ ତାହାହିଁ ସାହିତ୍ୟ ।

ସାହିତ୍ୟ ସଂସ୍କୃତିର ବାହକ । ଯେ କୌଣସି ଜାତି ବା ଦେଶର ଚିନ୍ତାଧାରାରେ ଏକ ପ୍ରକାର ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୁଏ । ସମଗ୍ର ମାନବ ଜାତି ଏକ ଉପାଦାନରେ ଗଠିତ ହୋଇଥିଲେ ମଧ୍ୟ ଦେଶ, କାଳ, ପାତ୍ରର ଅବସ୍ଥା ଭେଦରେ ଏହି ସ୍ୱାତନ୍ତ୍ର୍ୟ ବିଭିନ୍ନ ରୂପରେ ଅନୁଭୂତ ହୁଏ । ଏତାଦୃଶ ସ୍ୱାତନ୍ତ୍ର୍ୟ ସଂସ୍କୃତି ନାମରେ ଅଭିହିତ । ସଂସ୍କାରପୂତ ଚିନ୍ତାଧାରା ପ୍ରକାଶ ପୂର୍ବକ ଲୋକ ଚରିତର ବିଶ୍ଳେଷଣ କରି ସାହିତ୍ୟ ଏକ ଉନ୍ନତ ସାଂସ୍କୃତିକ ଭାବଧାରାର ଦ୍ୟୋତକ ହୋଇଥିବାରୁ ଏହାକୁ ସଂସ୍କୃତିର ବାହକ କୁହାଯାଏ ।

ଏହି ସାହିତ୍ୟ ବିଦଗ୍ଧ ସାହିତ୍ୟ ଓ ଲୋକସାହିତ୍ୟ ରୂପେ ଦୁଇ ଭାଗରେ ବିଭକ୍ତ । ପ୍ରଥମଟି ବିଜ୍ଞ ସମାଜର ସୀମିତ ପରିବେଶରେ ବିକାଶଲାଭ କରିଥାଏ, କିନ୍ତୁ ଯେଉଁ ସାହିତ୍ୟକୁ ମହାପଣ୍ଡିତଠାରୁ ମହାମୂର୍ଖ ପର୍ଯ୍ୟନ୍ତ ସମସ୍ତେ ବୁଝି ପାରନ୍ତି ଓ ଗ୍ରହଣ କରି ପାରନ୍ତି ତାହାକୁ ଲୋକସାହିତ୍ୟ କୁହାଯାଏ । ଏହି ଦୁଇ ସାହିତ୍ୟ ମଧ୍ୟରୁ ଲୋକସାହିତ୍ୟ ନିତ୍ୟ ଏବଂ ପ୍ରାଣ ତଥା ହୃଦୟର ଅତି ନିକଟବର୍ତ୍ତୀ ହୋଇଥାଏ । ସାଧାରଣ ଜନ ଜୀବନର ସୁଖ, ଦୁଃଖ ଏବଂ ଶିଳ୍ପକଳା ନୈପୁଣ୍ୟର ମହନୀୟ ଚିତ୍ର ଜୀବନ୍ତ ଭାବେ ଏହି ସାହିତ୍ୟରେ ରୂପାୟିତ ହୋଇଥାଏ କିନ୍ତୁ ବିଦଗ୍ଧ ସାହିତ୍ୟ ମୁଷ୍ଟିମେୟ ଜୀବନର ଚରମ ସୁଖ ସମ୍ଭୋଗକୁ ଆଧାର କରି ବିଳାସ ମୁଖର ହୋଇ ଗଢ଼ି ଉଠିଥିବାରୁ ସାଧାରଣ ଜନତାର ହୃଦୟଗ୍ରାହୀ ହୋଇପାରେ ନାହିଁ । ଆଡ଼ମ୍ବରପୂର୍ଣ୍ଣ ଶବ୍ଦାବଳୀ ଓ ଆଳଙ୍କାରିକ ଭାଷା ତଥା ପାଣ୍ଡିତ୍ୟପୂର୍ଣ୍ଣ ବୌଦ୍ଧିକ ପରିକାଷ୍ଠା ଥିବାରୁ ଏହି ସାହିତ୍ୟ ବୁଦ୍ଧି ସମ୍ପନ୍ନ ଶିକ୍ଷିତଗୋଷ୍ଠୀ ମଧ୍ୟରେ ଆବଦ୍ଧ ହୋଇ ରହେ । କିନ୍ତୁ ଲୋକସାହିତ୍ୟ ସରଳ, ସ୍ୱାଭାବିକ ଭାବରେ ଓ ସାବଲୀଳ ଭାଷାରେ ସାଧାରଣ ଜନତାର ଦୈନନ୍ଦିନ ଜୀବନର ନିକଟବର୍ତ୍ତୀ ହୋଇଥିବାରୁ ଏହା ଲୋକ ସାଧାରଣରେ ପ୍ରତିଷ୍ଠା ଲାଭ କରିଥାଏ ।

ମଣିଷ ଭାଷାର ବ୍ୟବହାର ଜାଣିବା ଦିନୁ ଲୋକସାହିତ୍ୟ କୋଟି କୋଟି ଜନ ଜୀବନର ଶାଶ୍ୱତ ପ୍ରତିନିଧିତ୍ୱ କରିବା ସଙ୍ଗେ ସଙ୍ଗେ ଦେଶ କାଳପାତ୍ରର ସୀମାକୁ ଅତିକ୍ରମ କରି ଲୋକବେଦ ରୂପେ ମୁଖରୁ ମୁଖକୁ ଶ୍ରୁତିରୁ ଶ୍ରୁତିକୁ ଗତିକରି ଆସୁଅଛି । ଏହାର ଧାରା ଅବିଚ୍ଛିନ୍ନ ଓ ସୃଷ୍ଟି ଅସୀମ । ଏହାର ଆଦି ଉତ୍ପତ୍ତିକାଳ ଜାଣିବାର କୌଣସି ପ୍ରମାଣ ନାହିଁ । ଲୋକସାହିତ୍ୟ ସମୁଦ୍ରପରି ଗଭୀର ଓ ଆକାଶପରି ଅନନ୍ତ । ତେଣୁ ଏହାର ନିର୍ଦ୍ଦିଷ୍ଟ ସ୍ୱରୂପ ଜାଣିବା କଷ୍ଟକର । ଏହାର ସ୍ରଷ୍ଟା ସାଧାରଣ ସ୍ତ୍ରୀ ଓ ପୁରୁଷ ଉଭୟ । ଲୋକସାହିତ୍ୟ ପରି ଅନ୍ୟ କୌଣସି ସାହିତ୍ୟ ଜୀବନର ଏତେ ସମାନ୍ତରାଳ ଓ ଏତେ ନିକଟବର୍ତ୍ତୀ ହୋଇ ପାରିନାହିଁ । ଏହା ଯେପରି ସାର୍ବଜନୀନ ଓ ସର୍ବକାଳୀନ ସେହିପରି ପ୍ରାଚୀନ ଓ ନବୀନ । ଏହି ଲୋକସାହିତ୍ୟ ଦୁଇଭାଗରେ ବିଭକ୍ତ --- ଲୋକଗୀତ ଓ ଲୋକ ଗଳ୍ପ ।

## ଲୋକ ଗୀତ:—

ଲୋକଗୀତ ପ୍ରତି ଯୁଗରେ କଣ୍ଠରୁ କଣ୍ଠକୁ ନାନାଭାବେ ପରିବର୍ତ୍ତିତ ଓ ପରିବର୍ଦ୍ଧିତ ହୋଇ ଅଗଣିତ ଜନ ହୃଦୟର ସ୍ମୃତି ବହନ କରି ପ୍ରସାରିତ ହୋଇ ଆସୁଅଛି । ଏହା କର୍ମରତ ହଳିଆ, ମୂଲିଆ ଓ ନାଉରି ପ୍ରଭୃତିଙ୍କର ଶ୍ରମ ଅପନୋଦନ ପାଇଁ ମୁଖ୍ୟତଃ ଉଦ୍ଦିଷ୍ଟ ହୋଇଥିବାରୁ ଲୋକଗୀତରେ ବ୍ୟକ୍ତିର ବ୍ୟକ୍ତିତ୍ୱଠାରୁ ଜାତିର ବ୍ୟକ୍ତିତ୍ୱ ଅଧିକ ପ୍ରତିଫଳିତ ହୋଇଅଛି । ପ୍ରାଣର ଆବେଗ, ପରିସ୍ଥିତିର ପ୍ରେରଣା ଓ ସମୟର ସ୍ରୋତରୁ ଲୋକଗୀତର ଜନ୍ମ ।

ସମଗ୍ର ଭୂଖଣ୍ଡର ଲୋକହୃଦୟ ଏକ ଓ ଅଭିନ୍ନ ହୋଇଥିବାରୁ ସାରା ମାନବ ଜାତିର ଏକ ଅଖଣ୍ଡ ଚିତ୍ର ଲୋକ ଗୀତରେ ପ୍ରତିଫଳିତ ହୁଏ । ଲୋକଗୀତ ଜନସାଧାରଣ ବିଶ୍ୱାସ, ଚିନ୍ତନ ଓ ଅନୁଭୂତିର

ଜନସାଧାରଣରେ କାହାରି ପ୍ରତି କାହାରି ବିଦ୍ୱେଷ ନ ଥିଲା । ଜାତିଶିକ୍ଷାମୂଳକ ବହୁଗୀତ ଶ୍ରବଣ ଓ ମନନ ଦ୍ୱାରା ଲୋକ ସାଧାରଣର ନୈତିକ ଜୀବନ ଅତି ଉନ୍ନତ ଭାବେ ଗଠିତ ହୋଇ ପାରୁଥିଲା । ପୂର୍ବେ ଆମ ପଲ୍ଲୀଜୀବନ କେତେ ଉନ୍ନତ ଏବଂ କେତେ ଉଦାର ଥିଲା ତାହା ସହଜରେ ଅନୁମେୟ । ଏହି ଲୋକସାହିତ୍ୟ ସର୍ବ ସାଧାରଣରେ ଲଘୁ ସାହିତ୍ୟ ନାମରେ ପରିଚିତ । ଏଥିରେ ଜାତିର ଚିନ୍ତାଧାରା, ରୁଚି, ରୀତିନୀତି, ପ୍ରଭୃତିର ସୂଚନା ମିଳିଥାଏ । ଭାଷାର ମୌଳିକରୂପ ଓ ମୌଳିକ ଶବ୍ଦ ସମ୍ଭାର ସୁସ୍ପଷ୍ଟ ଓ ବିଶଦ ପରିଚୟ ପ୍ରଦାନ କରୁଥିବାରୁ ଏହାର ଉପାଦେୟତା ସର୍ବଜନ ବିଦ୍ୟମାନ ।

# ଶବ୍ଦତତ୍ତ୍ୱ ଓ ଅଦ୍ୱୈତବାଦ ।

ଅଧ୍ୟାପକ ଶ୍ରୀ ଦିବାକର ଦାଶ

"ତସ୍ମୈ ଶ୍ରୀଗୁରବେ ନମଃ" ।

ସୃଷ୍ଟିରେ ମାନବର ଆବିର୍ଭାବଠାରୁ ଏ ପର୍ଯ୍ୟନ୍ତ ମାନବଜାତି ଶବ୍ଦ ଓ ଅର୍ଥ ସହିତ ଘନିଷ୍ଠ ଭାବରେ ସଂପୃକ୍ତ । ମନୁଷ୍ୟର ସକଳ ଚିନ୍ତା, ସମଗ୍ର ଭାବନା, ସମସ୍ତ ଅନୁଭୂତି ଏହି ଶବ୍ଦାର୍ଥ ସହିତ ସଂବଳିତ । ମନୁଷ୍ୟର ସକଳ ଭାଷା ଏହି ଶବ୍ଦାର୍ଥମୂଳକ । ଅଦ୍ୟାବଧି ବିଶ୍ୱରେ ଉପଲବ୍ଧ ବିଶ୍ୱବାସୀର ସମସ୍ତ ଶାସ୍ତ୍ର ଏହି ଶବ୍ଦାର୍ଥର ଲିପିବଦ୍ଧ ସଂସ୍କରଣ ମାତ୍ର । ଶବ୍ଦପ୍ରୟୋଗର ବ୍ୟାପକତା ସମ୍ବନ୍ଧରେ ମହର୍ଷି ପତଞ୍ଜଳି ତାଙ୍କ ମହାଭାଷ୍ୟ ଗ୍ରନ୍ଥର ପ୍ରଥମ ଆହ୍ନିକରେ କହନ୍ତି—

"ମହାନ୍ ଶବ୍ଦସ୍ୟ ପ୍ରୟୋଗବିଷୟଃ । ସପ୍ତଦ୍ୱୀପା ବସୁମତୀ, ତ୍ରୟୋ ଲୋକାଃ, ଚତ୍ୱାରୋ ବେଦାଃ ସାଙ୍ଗାଃ ସରହସ୍ୟାଃ ବହୁଧା ଭିନ୍ନାଃ, ଏକଶତମଧ୍ୱର୍ଯ୍ୟୁଶାଖାଃ, ସହସ୍ରବର୍ତ୍ମା ସାମବେଦଃ, ଏକବିଂଶତିଧା ବାହ୍ୱୃଚ୍ୟମ୍, ନବଧାଽଽଥର୍ବଣୋ ବେଦଃ, ବାକୋବାକ୍ୟମ୍ ଇତିହାସଃ, ପୁରାଣମ୍, ବୈଦ୍ୟକମ୍ ଇତି ଏତାବାନ୍ ଶବ୍ଦସ୍ୟ ପ୍ରୟୋଗବିଷୟଃ" ।

ଅର୍ଥାତ୍, ସପ୍ତଦ୍ୱୀପ ସହିତ ପୃଥିବୀ, ଭୂର୍ଲୋକ, ଭୁବର୍ଲୋକ ଓ ସ୍ୱର୍ଲୋକ, ଶିକ୍ଷା, କଳ୍ପ, ବ୍ୟାକରଣ ପ୍ରଭୃତି ଷଡଙ୍ଗ ଏବଂ ଉପନିଷତ୍ ସହିତ ବହୁଭେଦବିଶିଷ୍ଟ ବେଦଚତୁଷ୍ଟୟ, ଯଥା— ଏକଶତଶାଖା ସମନ୍ୱିତ ଯଜୁର୍ବେଦ, ସହସ୍ରଶାଖାଯୁକ୍ତ ସାମବେଦ, ଏକବିଂଶତି ଶାଖାବିଶିଷ୍ଟ ଋଗ୍‌ବେଦ, ନବଶାଖା ସଂବଳିତ ଅଥର୍ବ ବେଦ, ନ୍ୟାୟ, ଇତିହାସ, ପୁରାଣ, ବୈଦ୍ୟଶାସ୍ତ୍ର ଏ ସମସ୍ତ ଶବ୍ଦପ୍ରୟୋଗର ଲୀଳାକ୍ଷେତ୍ର । ପତଞ୍ଜଳିଙ୍କ ଏ ଉକ୍ତିରୁ ଶବ୍ଦର ବ୍ୟାପକତା ବିଷୟରେ କିଛି ଧାରଣା କରିହୁଏ । ଦେଖିବାକୁ ଗଲେ ଏହି ଶବ୍ଦ ହିଁ ମାନବ ଜାତିର ଜୀବନଯାତ୍ରାର ଏକମାତ୍ର ଅବଲମ୍ବନ । ଶବ୍ଦପ୍ରୟୋଗର ଅଭାବରେ ବିଶ୍ୱର କି ଶୋଚନୀୟ ଅବସ୍ଥା ସଂଘଟିତ ହେବ ତାହା କବି 'ଦଣ୍ଡୀ' ତାଙ୍କ 'କାବ୍ୟାଦର୍ଶ' ଗ୍ରନ୍ଥରେ ଉଦ୍‌ବେଗର ସହିତ ବର୍ଣ୍ଣନା କରିଛନ୍ତି । ସେଥିରେ ସେ କହିଛନ୍ତି,

"ଇଦମନ୍ଧତମଃ କୃତ୍ସ୍ନଂ ଜାୟେତ ଭୁବନତ୍ରୟମ୍,
ଯଦି ଶବ୍ଦାହ୍ୱୟଂ ଜ୍ୟୋତିରାସଂସାରଂ ନ ଦୀପ୍ୟତେ" ।

ଯଦି ଶବ୍ଦରୂପକ ଜ୍ୟୋତି ସମଗ୍ର ସଂସାରରେ ଉଦ୍‌ଭାସିତ ହେଉ ନଥାନ୍ତା ତେବେ ତ୍ରିଭୁବନ ଅନ୍ଧ ମହାନ୍ଧକାର ମଧ୍ୟରେ ନିମଗ୍ନ ହୋଇ ରହିଥାନ୍ତା ।

ସୂକ୍ଷ୍ମଦୃଷ୍ଟିରେ ବିଚାର କରିବାକୁ ଗଲେ ଏହି ଶ୍ରୀଙ୍କ ଉକ୍ତି ଯେ କେତେ ବାସ୍ତବ ଓ ତାତ୍ପର୍ଯ୍ୟପୂର୍ଣ୍ଣ ତାହା ହୃଦୟଙ୍ଗମ କରିହେବ । ଏପରି ଅଲୌକିକ ଅସୀମଶକ୍ତି ସଂପନ୍ନ ଶବ୍ଦର ସ୍ୱରୂପ କ'ଣ, ସେ କିପରି ଅର୍ଥ ସୃଷ୍ଟିକରେ, ଶବ୍ଦର ବ୍ୟାବହାରିକ ଓ ପାରମାର୍ଥିକ ଅବସ୍ଥା କିପରି, ଅଦ୍ୱୈତ ବେଦାନ୍ତ ସହିତ ଏହି ଶବ୍ଦତତ୍ତ୍ୱର କିପରି ସାମଞ୍ଜସ୍ୟ ପରିଲକ୍ଷିତ ହୁଏ ଅତି ସଂକ୍ଷେପରେ ଏସବୁର ଦିଗ୍‌ଦର୍ଶନ ମାତ୍ର ଏ ପ୍ରବନ୍ଧର ଉଦ୍ଦେଶ୍ୟ ।

ଋଗ୍‌ବେଦର ଦଶମ ମଣ୍ଡଳ ୧୨୫ ସୂକ୍ତର ପ୍ରଥମ ମନ୍ତ୍ରଠାରୁ ଅଷ୍ଟମ ମନ୍ତ୍ର ପର୍ଯ୍ୟନ୍ତ ବାକ୍‌ତତ୍ତ୍ୱର ଅପୂର୍ବପରିଚୟ ଦେଖିବାକୁ ମିଳେ । ବାକ୍‌ତତ୍ତ୍ୱ ସେଠାରେ କହେ,

"ଅହଂ ରୁଦ୍ରେଭିର୍ବସୁଭିଶ୍ଚରାମି",
"ଅହମାଦିତ୍ୟୈରୁତ ବିଶ୍ୱଦେବୈଃ"
"ଅହମିତ୍ରାବରୁଣୋଭା ବିଭର୍ମି" "ଅହମିନ୍ଦ୍ରାଗ୍ନୀ ଅହମଶ୍ୱିନୋଭା",
"ଅହଂ ସୋମମାହନସଂ ବିଭର୍ମି", "ଅହଂ ଦଧାମି ଦ୍ରବିଣମ୍",
"ଅହଂ ରାଷ୍ଟ୍ରୀ ସଙ୍ଗମନୀ ବସୂନାମ୍", "ଅହଂ ରୁଦ୍ରାୟ ଧନୁରାତନୋମି",
"ଅହଂ ଜନାୟ ସମଦଂ କୃଣୋମି" । ଇତ୍ୟାଦି ।

ଅର୍ଥାତ୍, ମୁଁ (ଶବ୍ଦ) ରୁଦ୍ର, ବସୁ, ଆଦିତ୍ୟ ଓ ବିଶ୍ୱଦେବ ସହିତ ବିଚରଣ କରେ । ମୁଁ ମିତ୍ର, ବରୁଣ, ଇନ୍ଦ୍ର, ଅଗ୍ନି, ଏ ସମସ୍ତଙ୍କୁ ଧାରଣ କରେ । ମୁଁ ସୋମତତ୍ତ୍ୱ ଓ ଐଶ୍ୱର୍ଯ୍ୟର ପାଳକ । ମୁଁ ରାଷ୍ଟ୍ରଶକ୍ତି, ମୁଁ ମାନବ ସମାଜର ଆନନ୍ଦ ଦାତା ଇତ୍ୟାଦି । ଏ ସବୁ ଉକ୍ତିରୁ ବାକ୍‌ତତ୍ତ୍ୱର ବ୍ୟାପକତା ସୁସ୍ପଷ୍ଟ । ଏହାହିଁ ଅଦ୍ୱୈତ ବେଦାନ୍ତରେ ବ୍ରହ୍ମ ବିଷୟରେ, "ସର୍ବଂ ଖଲ୍ୱିଦଂ ବ୍ରହ୍ମ", "ଏକଂ ସଦ୍ ବିପ୍ରା ବହୁଧା ବଦନ୍ତି,' ବୋଲି ବର୍ଣ୍ଣିତ । ଏଣୁ ବେଦର ଅନ୍ୟାନ୍ୟ ସ୍ଥଳରେ ମଧ୍ୟ ବ୍ୟାପକତା ଦୃଷ୍ଟିରୁ ଏହି ଶବ୍ଦକୁ ହିଁ ବ୍ରହ୍ମ ରୂପରେ ପ୍ରତିପାଦନ କରାଯାଇଅଛି । ଯଥା—

'ବ୍ରହ୍ମାୟଂ ବାଚଃ ପରମଂ ବ୍ୟୋମ" । ଋଗ୍ ସ, ୧ । ୧୬୪ । ୩୫
"ବାଗ୍ ବୈ ବ୍ରହ୍ମ" । ଐତରେୟ, ୨ । ୩
"ବାଗ୍ ବୈ ବିରାଟ୍" । ଶତପଥ, ୩ । ୫ । ୧ । ୩୪
"ବାଗ୍ ବୈ ବିଶ୍ୱକର୍ମର୍ଷିଃ" । ଯଜୁ, ଅ. ୧୩ । ୫୮
"ବାଗ୍ଧି ଧୀଦଗ୍ଂ ସର୍ବଂ କୃତମ୍" । ଶତପଥ. ୮ । ୧ । ୨ । ୯ ଇତ୍ୟାଦି ।

ଯାସ୍କ ମଧ୍ୟ ତାଙ୍କ ନିରୁକ୍ତ ଗ୍ରନ୍ଥରେ "ବ୍ୟାପ୍ତିମତ୍ତ୍ୱାତ୍ତୁ ଶବ୍ଦସ୍ୟ, ଅଣୀୟସ୍ତ୍ୱାଚ୍ଚ" ଏହି ସୂତ୍ରରେ ଶବ୍ଦର ବ୍ୟାପକତା ଓ ସୂକ୍ଷ୍ମତା ଦର୍ଶାଇଛନ୍ତି । ବ୍ରହ୍ମର ବ୍ୟାପକତା ଓ ସୂକ୍ଷ୍ମତା ବିଷୟ ନେଇ ବେଦାନ୍ତ ଶାସ୍ତ୍ରରେ ମଧ୍ୟ "ସର୍ବଂ ଖଲ୍ୱିଦଂ ବ୍ରହ୍ମ", "ଅଣୋରଣୀୟାନ୍ ମହତୋ ମହୀୟାନ୍" ବୋଲି ବର୍ଣ୍ଣନା କରାଯାଇଅଛି ।

ମହର୍ଷି ପାଣିନି ତାଙ୍କ 'ଅଷ୍ଟାଧ୍ୟାୟୀ'ରେ "ଅର୍ଥବଦଧାତୁରପ୍ରତ୍ୟୟଃ ପ୍ରାତିପଦିକମ୍" ଏହି ସୂତ୍ରରେ ଶବ୍ଦବ୍ରହ୍ମର ସ୍ୱରୂପ ଅତି ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି, ଶବ୍ଦବ୍ରହ୍ମ 'ଅର୍ଥବତ୍' ଜ୍ଞାନସ୍ୱରୂପ, 'ଅଧାତୁଃ' ପ୍ରକୃତିରହିତ, ନିର୍ବିକଳ୍ପ, ନିଷ୍କ୍ରିୟ, 'ଅପ୍ରତ୍ୟୟଃ' ନିର୍ଗୁଣ, ନିର୍ବିକାର, 'ପ୍ରାତିପଦିକମ୍' ପ୍ରତି ପଦରେ ବିଦ୍ୟମାନ, ସର୍ବବ୍ୟାପକ ଅଟେ । ପାଣିନି ଏପରି ଶବ୍ଦବ୍ରହ୍ମର ବର୍ଣ୍ଣନା କରି ସେହି ବ୍ରହ୍ମ ବୃତ୍ତି ଆଶ୍ରିତ ହୋଇ କିପରି ବିକାଶଲାଭ କରେ ତାହା ତାର ପରସୂତ୍ର "କୃତ୍ତଦ୍ଧିତସମାସାଶ୍ଚ"ରେ ପ୍ରତିପାଦନ କରିଛନ୍ତି । ଏହି ସୂତ୍ରରେ ଶବ୍ଦବ୍ରହ୍ମର ଅଭିବ୍ୟକ୍ତି ଲାଗି ପାଣିନି ବୃତ୍ତି ସ୍ୱୀକାର କରି ସେ ବୃତ୍ତିକୁ ତିନୋଟି ଅଂଶରେ ବିଭକ୍ତ କରିଛନ୍ତି । ତାହା ହେଉଛି କୃତ୍, ତଦ୍ଧିତ ଓ ସମାସ । ଏହି ବୃତ୍ତିଦ୍ୱାରା ସମସ୍ତ ଶବ୍ଦବ୍ୟାପାର ନିୟନ୍ତ୍ରିତ ।

ଅଦ୍ୱୈତ ବେଦାନ୍ତ ଗ୍ରନ୍ଥରେ ମଧ୍ୟ ବ୍ରହ୍ମର ଏହିପରି ଲକ୍ଷଣ ଓ ବୃତ୍ତିଦ୍ୱାରା ବ୍ରହ୍ମର ବିକାଶ ହୁଏବୋଲି ସ୍ୱୀକାର କରାଯାଇଛି । ବ୍ରହ୍ମର ଲକ୍ଷଣ ସମ୍ବନ୍ଧରେ କୁହାଯାଇଛି,

"ଅଶବ୍ଦମସ୍ପର୍ଶମରୂପମବ୍ୟୟମ୍", "ସତ୍ୟଂ ଜ୍ଞାନମନନ୍ତଂ ବ୍ରହ୍ମ", "ଅକ୍ଷରଂ ପରମଂ ବ୍ରହ୍ମ", "ଅନାଦିତ୍ୱାତ୍ ନିର୍ଗୁଣତ୍ୱାତ୍ ପରମାତ୍ମାୟମବ୍ୟୟଃ", "ନିଷ୍କଳଂ ନିଷ୍କ୍ରିୟଂ ଶାନ୍ତମ୍", "କେବଳୋ ନିର୍ଗୁଣଶ୍ଚ", ଇତ୍ୟାଦି ।

ଏଠାରେ ବ୍ରହ୍ମର ଯେଉଁ ବିଶେଷଣଗୁଡ଼ିକ ଦିଆଯାଇଛି ସେଥିରୁ ଏହି ଅର୍ଥ ପ୍ରତୀତ ହୁଏ ଯେ, ବ୍ରହ୍ମ ଲୌକିକ ଶବ୍ଦ ଶୂନ୍ୟ, ସ୍ପର୍ଶଶୂନ୍ୟ, ରୂପହୀନ, ଅନାଦି, ଅନନ୍ତ, ଅବ୍ୟୟ, ନିର୍ଗୁଣ, ସତ୍ୟ, ଓ ଜ୍ଞାନସ୍ୱରୂପ ଅଟେ । ଏହି ବ୍ରହ୍ମର ବିକାଶ ଲାଗି ବେଦାନ୍ତ 'ମାୟା' ବୃତ୍ତିର ସ୍ୱୀକାର କରେ ଏବଂ ଏହି ମାୟାବୃତ୍ତି ଦ୍ୱାରା ବ୍ରହ୍ମରୁ ଜଗତର ସୃଷ୍ଟି ବୋଲି କହେ । ଏହି ଦୃଷ୍ଟିରୁ ବିଚାର କଲେ ଶବ୍ଦବ୍ରହ୍ମ ଓ ପରବ୍ରହ୍ମ ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏନାହିଁ ।

ମହର୍ଷି ପତଞ୍ଜଳି ମଧ୍ୟ ତାଙ୍କ ମହାଭାଷ୍ୟଗ୍ରନ୍ଥର ପ୍ରଥମାହ୍ନିକ (ପସ୍ପଶାହ୍ନିକ)ରେ 'ଗୋ' ଶବ୍ଦର ତାତ୍ତ୍ୱିକ ବିଶ୍ଳେଷଣ କରିବାକୁ ଯାଇ ଶେଷରେ ଏହି ଶବ୍ଦ ବ୍ରହ୍ମର ସଂକେତ ଦେଇଛନ୍ତି । ସେ କହିଛନ୍ତି, "ଯେନୋଚ୍ଚାରିତେନ ସାସ୍ନାଲାଙ୍ଗୂଲକକୁଦଖୁରବିଷାଣିନାଂ ସଂପ୍ରତ୍ୟୟୋ ଭବତି ସ ଶବ୍ଦଃ" । ଏହାର ଅର୍ଥ ହେଲା, ଯାହାର ଉଚ୍ଚାରଣଦ୍ୱାରା ଗଳକମ୍ବଳ, ଲାଙ୍ଗୁଳ, ଶୃଙ୍ଗ ପ୍ରଭୃତି ଯୁକ୍ତ ନିର୍ଦ୍ଦିଷ୍ଟ ବସ୍ତୁର ଜ୍ଞାନ ହୁଏ ତାହା ଶବ୍ଦ । ଯଦିଓ ଗକାର ଔକାର ଓ ବିସର୍ଗର ଉଚ୍ଚାରଣଦ୍ୱାରା ଅର୍ଥ ପ୍ରତୀତ ହେବାକଥା ସାଧାରଣ ଲୋକେ ଅନୁଭବ କରନ୍ତି ତଥାପି ତାହା ସତ୍ୟ ନୁହେ । ତଦତିରିକ୍ତ ସ୍ଫୋଟାତ୍ମକ ଶବ୍ଦବ୍ରହ୍ମହିଁ ଅର୍ଥବାଚକ । ଏହାର ବିସ୍ତୃତ ଆଲୋଚନା ଏଠାରେ ସମ୍ଭବ ନୁହେ । ପତଞ୍ଜଳି ଶବ୍ଦବ୍ରହ୍ମକୁ ହିଁ ଲକ୍ଷ୍ୟକରି ଏହା କହିଛନ୍ତି ।

ପରବର୍ତ୍ତୀ ବୈୟାକରଣମାନେ ଶବ୍ଦର ବ୍ରହ୍ମରୂପତା ବିଶଦ ଭାବରେ ପ୍ରତିପାଦନ କରିଛନ୍ତି । ମହାବୈୟାକରଣ ଭର୍ତ୍ତୃହରି ତାଙ୍କର 'ବାକ୍ୟପଦୀୟ' ଗ୍ରନ୍ଥରେ ଶବ୍ଦକୁ ବ୍ରହ୍ମଭାବରେ ବର୍ଣ୍ଣନା କରି ସେଥିରୁ ଜଗତ୍ ସୃଷ୍ଟିର ଉଦ୍‌ଭବ ହୁଏ ତାହା ପ୍ରାଞ୍ଜଳଭାବରେ ଦର୍ଶାଇଛନ୍ତି । ସେ କହନ୍ତି,

"ଅନାଦିନିଧନଂ ବ୍ରହ୍ମ ଶବ୍ଦତତ୍ତ୍ୱଂ ଯଦକ୍ଷରମ୍,
ବିବର୍ତ୍ତତେଽର୍ଥ ଭାବେନ ପ୍ରକ୍ରିୟା ଜଗତୋ ଯତଃ",

ଅର୍ଥାତ୍, ଶବ୍ଦତତ୍ତ୍ୱ ହିଁ ବ୍ରହ୍ମ । ସେ ଅନାଦି, ଅନନ୍ତ ଓ ଅକ୍ଷର (ପୂର୍ଣ୍ଣ) ଅଟେ । ଯେଉଁ ଶବ୍ଦବ୍ରହ୍ମରୁ ଅର୍ଥରୂପରେ ଜଗତର ସମସ୍ତ ପ୍ରକ୍ରିୟାର 'ବିବର୍ତ୍ତ' ହୁଏ । ଶବ୍ଦ ବିଜ୍ଞାନୀ ମହାବୈୟାକରଣ ଭର୍ତ୍ତୃହରିଙ୍କ ଏ ପରମତତ୍ତ୍ୱପୂର୍ଣ୍ଣ ଉକ୍ତିରୁ ଜଣାଯାଏ, ଏକମାତ୍ର ଶବ୍ଦବ୍ରହ୍ମ ଏ ସମସ୍ତ ବିଶ୍ୱପ୍ରପଞ୍ଚର ଆଧାର । ସେ ଅର୍ଥରୂପରେ ନାନାଭାବରେ ପ୍ରତିଭାତ ହୁଏ । ଏହି ଶବ୍ଦବ୍ରହ୍ମର ଆତ୍ମପ୍ରକାଶ ବା ଅଭିବ୍ୟକ୍ତିକୁ ଭର୍ତ୍ତୃହରି 'ବିବର୍ତ୍ତ' ବୋଲି ନିରୂପଣ କରନ୍ତି । ବେଦାନ୍ତ ଶାସ୍ତ୍ରରେ 'ବିବର୍ତ୍ତ'କୁ ଅତାତ୍ତ୍ୱିକ ଜ୍ଞାନ (ଭ୍ରମ) ବୋଲି ବର୍ଣ୍ଣନା କରାଯାଇଛି । 'ବେଦାନ୍ତସାର' ଗ୍ରନ୍ଥରେ କୁହାଯାଇଛି,

"ଅତତ୍ତ୍ୱତୋଽନ୍ୟଥା ପ୍ରଥା ବିବର୍ତ୍ତ ଇତ୍ୟୁଦୀରିତଃ" ।

ଏହାର ଅର୍ଥ ଏହି ଯେ, କୌଣସି ବସ୍ତୁ ସ୍ୱରୂପରୁ ବିଚ୍ୟୁତ ନହୋଇ ଅଯଥାର୍ଥ ଭାବରେ ଅନ୍ୟପ୍ରକାରେ ପ୍ରତିଭାତ ହେଲେ ସେହି ପ୍ରକ୍ରିୟାକୁ 'ବିବର୍ତ୍ତ' କୁହାଯାଏ । ଯଥା— ରଜ୍ଜୁରେ ସର୍ପଜ୍ଞାନ ବିବର୍ତ୍ତ । ରଜ୍ଜୁ ନିଜରୂପରେ ବିଦ୍ୟମାନ ଥିଲେ ମଧ୍ୟ ଅଜ୍ଞାନବଶତଃ ସେ ସର୍ପପରି ପ୍ରତିଭାତ ହୁଏ ଓ ଭୟ କମ୍ପାଦି ମଧ୍ୟ ସୃଷ୍ଟି କରେ । ଏହି ଦୃଷ୍ଟିରୁ ଭର୍ତ୍ତୃହରି ସମସ୍ତ ଲୌକିକ ଶବ୍ଦାର୍ଥ ଯୋଜନା, ଧ୍ୱନିଭେଦରେ ନାନା ଅର୍ଥ ଅର୍ଥାନ୍ତର ସୃଷ୍ଟି ଓ ସକଳ ଶବ୍ଦପ୍ରପଞ୍ଚକୁ ଜଗତର ପ୍ରକ୍ରିୟା ରୂପରେ ଗଣନା କରି ଶବ୍ଦବ୍ରହ୍ମର ଏ ସବୁ 'ବିବର୍ତ୍ତ' ଅର୍ଥାତ୍ ଅତାତ୍ତ୍ୱିକ ରୂପ ବୋଲି କହିଛନ୍ତି ।

ଏହି 'ବିବର୍ତ୍ତବାଦ' ଅଦ୍ୱୈତ ବେଦାନ୍ତ ଶାସ୍ତ୍ରର ମୂଳଭିତ୍ତି । ଅନାଦି, ଅନନ୍ତ ଓ ଅବ୍ୟକ୍ତ ପରବ୍ରହ୍ମର ଏ ବିଶ୍ୱପ୍ରପଞ୍ଚ ବିବର୍ତ୍ତ ବୋଲି ବେଦାନ୍ତ ଶାସ୍ତ୍ର କହେ । ପରବ୍ରହ୍ମ ସର୍ବଦା ନିତ୍ୟ, ଶୁଦ୍ଧ, ବୁଦ୍ଧ ମୁକ୍ତସ୍ୱରୂପରେ ବିଦ୍ୟମାନ ଥାଇ ମଧ୍ୟ ପ୍ରାଣୀର ଅଜ୍ଞାନବଶତଃ ତା

ନାଦଃରେ ଜଟର ରୂପରେ ପ୍ରକାଶିତ ହୁଏ । ସେପରି ବୈଖରୀରୂପରେ କ୍ରମବଶତଃ ଉଚ୍ଚାରିତ ହୋଇଥାଏ ।

ବ୍ୟାକରଣ ଶାସ୍ତ୍ରରେ ସୃଷ୍ଟି ଶବ୍ଦାର୍ଥମୂଳକ ବୋଲି ବର୍ଣ୍ଣନା କରାଯାଇ ଅଛି । ଭର୍ତ୍ତୃହରି 'ବାକ୍ୟପଦୀୟ'ରେ କହନ୍ତି,

"ଅଥାୟମାନ୍ତରୋ ଜ୍ଞାତା ସୂକ୍ଷ୍ମବାଗାତ୍ମନା ସ୍ଥିତଃ,
ବ୍ୟକ୍ତୟେ ସ୍ୱସ୍ୟ ରୂପସ୍ୟ ଶବ୍ଦତ୍ୱେନ ବିବର୍ତ୍ତତେ" ।

ଏହାର ଅର୍ଥ ଏହି ଯେ, ବୃତ୍ତିବିଶିଷ୍ଟ ଅନ୍ତଃକରଣ ପ୍ରଥମେ ସୂକ୍ଷ୍ମ ବାକ୍ (ପରା) ରୂପରେ ରହିଥାଏ । ନିଜ ସ୍ୱରୂପର ଅଭିବ୍ୟକ୍ତି ସକାଶେ ସେ ହିଁ ଶବ୍ଦ (ପଶ୍ୟନ୍ତୀ, ମଧ୍ୟମା, ବୈଖରୀ) ରୂପରେ ପ୍ରକଟିତ ହୁଏ । "ଶବ୍ଦତ୍ୱେନ ବିବର୍ତ୍ତତେ" ବୋଲି ଏଠାରେ ଯାହା କୁହାଗଲା ଏବଂ ପୂର୍ବରୁ "ବିବର୍ତ୍ତତେଽର୍ଥଭାବେନ" ବୋଲି ଯାହା କୁହାଯାଇଛି ଏ ଦୁଇଟି ଉକ୍ତିରୁ ସ୍ପଷ୍ଟ ପ୍ରତୀତ ହୁଏ ଯେ ସୃଷ୍ଟି ଶବ୍ଦାର୍ଥ ମୂଳକ ।

ଏହାହିଁ ବେଦାନ୍ତ ଶାସ୍ତ୍ରର ନାମରୂପାତ୍ମକ ସୃଷ୍ଟି । ଉପନିଷଦ୍‌ରେ ବର୍ଣ୍ଣନା କରାଯାଇଛି "ଜୀବେନ ଆତ୍ମନା ଅନୁପ୍ରବିଶ୍ୟ ନାମରୂପେ ବ୍ୟାକରବାଣି", ଅର୍ଥାତ୍ ମୁଁ (ପରମାତ୍ମା) ଜୀବାତ୍ମା ରୂପରେ ନାମରୂପ ଭେଦରେ ବ୍ୟକ୍ତ ହେବ । ଏଠାରେ 'ବ୍ୟାକରବାଣି' ସହିତ 'ବ୍ୟାକରଣ' ଏବଂ 'ନାମରୂପେ' ସହିତ 'ଶବ୍ଦାର୍ଥର' ସାମଞ୍ଜସ୍ୟ ସୁସ୍ପଷ୍ଟ ।

ଶବ୍ଦାର୍ଥ ସୃଷ୍ଟିକଥା ଆଗରୁ ଯାହା କୁହାଗଲା ତାହା ଇଚ୍ଛାଶକ୍ତିମୂଳକ ବୋଲି 'ପାଣିନୀୟଶିକ୍ଷା'ରୁ ଜଣାଯାଏ । ସେଥିରେ କୁହାଯାଇଛି ଯେ,

"ଆତ୍ମା ବୁଦ୍ଧ୍ୟା ସମେତ୍ୟାର୍ଥାନ୍ ମନୋଯୁଙ୍‌କ୍ତେ
ବିବକ୍ଷୟା"

ଅର୍ଥାତ୍ ଶବ୍ଦାର୍ଥ ସୃଷ୍ଟି ପୂର୍ବରୁ ଆତ୍ମା ବୁଦ୍ଧି ସହିତ ଯୁକ୍ତ ହୋଇ ଅର୍ଥବୋଧ ଇଚ୍ଛାରେ ମନକୁ ନିଯୁକ୍ତ କରେ । ତାପରେ ମନ ଶରୀରାଗ୍ନିକୁ ଉଦ୍‌ବୁଦ୍ଧ କରେ । ଶରୀରାଗ୍ନି ପ୍ରାଣବାୟୁକୁ ପ୍ରେରିତ କରେ । ପ୍ରାଣବାୟୁ ଉପରକୁ ଉଠି ମୂର୍ଦ୍ଧାସ୍ଥାନରେ ଆହତ ହୋଇ ମୁଖମାର୍ଗକୁ ଆସି ବାଣୀ ସୃଷ୍ଟି କରେ । ଏ ହେଉଛି ଶବ୍ଦ ବା ଅର୍ଥ ସୃଷ୍ଟିର କ୍ରମ । ଏହା ଇଚ୍ଛାଶକ୍ତିମୂଳକ ।

ଅଦ୍ୱୈତ ବେଦାନ୍ତଶାସ୍ତ୍ରରେ ନାମରୂପାତ୍ମକ ଜଗତର ସୃଷ୍ଟି ମଧ୍ୟ କାମନା ବା ଇଚ୍ଛାମୂଳକ ବୋଲି ବର୍ଣ୍ଣିତ ହୋଇଅଛି । ଉପନିଷଦ୍‌ରେ କୁହାଯାଇଛି, "ସୋଽକାମୟତ, ଏକୋଽହଂ ବହୁ ସ୍ୟାଂ ପ୍ରଜାୟେୟ" ଇତ୍ୟାଦି । ଏଠାରେ 'ସଃ ଅକାମୟତ'ର ଅର୍ଥ ଏହି ଯେ, ପରମାତ୍ମା ସୃଷ୍ଟିପୂର୍ବରୁ କାମନା (ଇଚ୍ଛା) କଲେ, ମୁଁ ଏକ ଅଛି, ବହୁ ଭାବରେ ପ୍ରକଟିତ ହେବି । ଏହାପରେ ସେହି ଉପନିଷଦ୍ ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି, "ଜୀବେନ ଆତ୍ମନା ଅନୁପ୍ରବିଶ୍ୟ ନାମରୂପେ ବ୍ୟାକରବାଣି" । ଏଥିରୁ ଏତିକି ବୁଝିବାକୁ ହେବ ଯେ, ଶବ୍ଦାର୍ଥ ସୃଷ୍ଟି ଯେପରି ଇଚ୍ଛାମୂଳକ ନାମରୂପାତ୍ମକ ଜଗତର ସୃଷ୍ଟି ମଧ୍ୟ ସେହିପରି କାମନା ବା ଇଚ୍ଛାମୂଳକ ଅଟେ ।

ଶବ୍ଦାର୍ଥ ସୃଷ୍ଟି ଓ ତାର ଲୟ ବିଷୟ ନେଇ ଭର୍ତ୍ତୃହରି କହନ୍ତି,

"ତଥେଦମମୃତଂ ବ୍ରହ୍ମ ନିର୍ବିକାର ମବିଦ୍ୟୟା,
କଲୁଷତ୍ୱମିବାପନ୍ନଂ ଭେଦରୂପଂ ବିବର୍ତ୍ତତେ ।
ବ୍ରହ୍ମେଦଂ ଶବ୍ଦନିର୍ମାଣଂ ଶବ୍ଦଶକ୍ତି ନିବନ୍ଧନମ୍,
ବିବୃତଂ ଶବ୍ଦମାତ୍ରାଭ୍ୟସ୍ତାସ୍ୱେବ ପ୍ରବିଲୀୟତେ" ।

ଏହାର ତାତ୍ପର୍ଯ୍ୟ ଏହି ଯେ, ନିର୍ଗୁଣ ନିର୍ବିକାର ଶବ୍ଦବ୍ରହ୍ମ ନିଜର 'କଳା' ନାମକ ଶକ୍ତି (ଅବିଦ୍ୟା) ଦ୍ୱାରା ଯୁକ୍ତହୋଇ ନାନା ଭେଦରେ ସୃଷ୍ଟି ରୂପରେ ପ୍ରତୀୟମାନ ହୁଏ । ଏହି ସୃଷ୍ଟିର ବିକାଶ ଶବ୍ଦବ୍ରହ୍ମରୁ ହୋଇଥାଏ ଏବଂ ଏହି ସୃଷ୍ଟି ଶେଷରେ ସେହି ଶବ୍ଦବ୍ରହ୍ମରେ ଲୀନ ହୁଏ ।

ଅଦ୍ୱୈତବେଦାନ୍ତରେ ଠିକ୍ ଏହିପରି ସୃଷ୍ଟି ଓ ଲୟର ବିବରଣ ବ୍ରହ୍ମଲକ୍ଷଣ ପ୍ରସଙ୍ଗରେ କରାଯାଇଛି । ଯଥା— "ଯତୋ ବା ଇମାନି ଭୂତାନି ଜାୟନ୍ତେ, ଯେନ ଜାତାନି ଜୀବନ୍ତି, ଯତ୍ପ୍ରୟନ୍ତି, ଅଭିସଂବିଶନ୍ତି ତଦ୍ ବ୍ରହ୍ମ" । ସମସ୍ତ ବିଶ୍ୱପ୍ରପଞ୍ଚ ଯାହାଠାରୁ ଜାତ,

ଯାହାଦ୍ୱାରା ଜୀବିତ ଓ ଯାହାଠାରେ ଲୀନ ତାହା ବ୍ରହ୍ମ । ସୃଷ୍ଟି ଓ ଲୟର ସାମଞ୍ଜସ୍ୟ ଏହିପରି ଉଭୟନ ଦେଖିବାକୁ ମିଳେ ।

ଶବ୍ଦବ୍ରହ୍ମକୁ ବୈୟାକରଣମାନେ ସ୍ଫୋଟ ବୋଲି କହନ୍ତି । "ସ୍ଫୁଟତି ବିକଶତି ଅର୍ଥଃ ଜଗଦ୍ ରୂପଃ ଅସ୍ମାତ୍ ଇତି ସ୍ଫୋଟଃ" । ଏହି ଶବ୍ଦବ୍ରହ୍ମରୁ ଜଗତ୍ ରୂପକ ଅର୍ଥ ସ୍ଫୁଟ ବା ବିକଶିତ ହୁଏ ବୋଲି ଏହା ସ୍ଫୋଟ ରୂପରେ ପ୍ରତିପାଦିତ ହୋଇଅଛି । ଏହି ସ୍ଫୋଟ ଅଖଣ୍ଡ, ଜ୍ଞାନମୟ, ନିର୍ଗୁଣ, ନିଷ୍କ୍ରିୟ ବ୍ୟାପକ ଓ ନିତ୍ୟ ଅଟେ । ଏହା ସମସ୍ତ ଜଗତର ମୂଳ ଉପାଦାନ । ଶବ୍ଦମୟ ଏହି ବ୍ରହ୍ମାଣ୍ଡ ଏହି ସ୍ଫୋଟର ବିକାର ମାତ୍ର । ଏଣୁ ସମସ୍ତ ଶବ୍ଦ-ବ୍ୟାପାର ଅନିତ୍ୟ, ସ୍ଫୋଟ ହିଁ ନିତ୍ୟ ।

ଏହି ସ୍ଫୋଟକୁ ସାଧାରଣତଃ ଅଠଭାଗରେ ବିଭକ୍ତ କରାଯାଇଥାଏ । ଯଥା— ୧। ବର୍ଣ୍ଣସ୍ଫୋଟ, ୨। ପଦସ୍ଫୋଟ, ୩। ବାକ୍ୟସ୍ଫୋଟ, ୪। ଅଖଣ୍ଡ ପଦସ୍ଫୋଟ, ୫। ଅଖଣ୍ଡ ବାକ୍ୟସ୍ଫୋଟ, ୬। ବର୍ଣ୍ଣଜାତି ସ୍ଫୋଟ, ୭। ପଦଜାତି ସ୍ଫୋଟ, ୮। ବାକ୍ୟଜାତି ସ୍ଫୋଟ । ଏପରି ଏହା ଅଠପ୍ରକାର ହେଲେ ସୁଦ୍ଧା ଏହାକୁ ମୂଳତଃ ପାଞ୍ଚଭାଗରେ ବିଭକ୍ତ କରାଯାଇଥାଏ । ବର୍ଣ୍ଣ, ପଦ, ବାକ୍ୟ ଭେଦରେ ତିନି, ଅଖଣ୍ଡ ପଦବାକ୍ୟ ସ୍ଫୋଟ, ଏବଂ ଜାତିସ୍ଫୋଟ । ଏ ସମସ୍ତ ଉତ୍ତରୋତ୍ତର ଶ୍ରେଷ୍ଠ । ଅଖଣ୍ଡଜାତି ବାକ୍ୟସ୍ଫୋଟ ହିଁ ବ୍ରହ୍ମ । ସମସ୍ତ ବ୍ରହ୍ମାଣ୍ଡ ଏ ବ୍ରହ୍ମର ଏକ ମୂର୍ତ୍ତି ଶରୀର । ଏହି ଅଖଣ୍ଡ ଜାତିବାକ୍ୟ ସ୍ଫୋଟ ବୃତ୍ତିଭେଦରେ ଧୀରେ ଧୀରେ ବିକାଶପ୍ରାପ୍ତ ହୋଇ ସମଗ୍ର ବିଶ୍ୱରୂପରେ ଦୃଶ୍ୟମାନ ହୁଏ । ପୁଣି ପ୍ରଳୟରେ ଯେଉଁକ୍ରମରେ ବିକାଶ ହୋଇଥାଏ ସେହି କ୍ରମରେ ଲୟ ହୁଏ । ସେହି ଅଖଣ୍ଡ ବାକ୍ୟସ୍ଫୋଟରେ ପୁନରବସ୍ଥାପିତ ହୁଏ ।

ଅଦ୍ୱୈତ ସିଦ୍ଧାନ୍ତରେ ମଧ୍ୟ ଏହିପରି ବର୍ଣ୍ଣନା ଦେଖିବାକୁ ମିଳେ । ବିଶ୍ୱପ୍ରପଞ୍ଚର ଉତ୍ପତ୍ତି ବିଷୟ ନେଇ ଶ୍ରୁତି କହେ, "ତସ୍ମାଦ୍ ବା ଏତସ୍ମାତ୍ ଆତ୍ମନଃ ଆକାଶଃ ସମ୍ଭୂତଃ, ଆକାଶାଦ୍ ବାୟୁଃ, ବାୟୋରଗ୍ନିଃ, ଅଗ୍ନେରାପଃ, ଅଦ୍ଭ୍ୟଃ ପୃଥିବୀ" । ଏହିପରି କ୍ରମରେ ଜଗତ୍ ବିକାଶ ଲାଭ କରେ । ବ୍ରହ୍ମର ବିକାର ରୂପରେ ଏହି ଦୃଶ୍ୟମାନ ଜଗତ୍ ପ୍ରତିଭାତ ହୁଏ । ପ୍ରଳୟରେ ଯେଉଁ କ୍ରମରେ ବିକାଶ ଘଟିଥାଏ ସେହି କ୍ରମରେ ଲୟ ମଧ୍ୟ ଘଟେ । ଅର୍ଥାତ୍ ପୃଥିବୀ ଜଳରେ, ଜଳ ଅଗ୍ନିରେ, ଅଗ୍ନି ବାୟୁରେ, ବାୟୁ ଆକାଶରେ ଓ ଆକାଶ ବ୍ରହ୍ମରେ ଲୀନ ହୁଏ । ପରିଶେଷରେ ବ୍ରହ୍ମହିଁ ଏକମାତ୍ର 'ସତ୍' ରୂପରେ ବିଦ୍ୟମାନ ରହେ । ବିକାଶ ଓ ଲୟର ସାମଞ୍ଜସ୍ୟ ଏ ଉଭୟ ସିଦ୍ଧାନ୍ତରେ ଏହିପରି ଦେଖିବାକୁ ମିଳେ ।

ସ୍ଫୋଟର ଅଭିବ୍ୟକ୍ତି ଧ୍ୱନିଦ୍ୱାରା ହୋଇଥାଏ । ଯେପରି ଅରଣିକାଷ୍ଠରେ ଅଗ୍ନି ଅବ୍ୟକ୍ତ ରୂପରେ ଥାଏ, ଘର୍ଷଣ କ୍ରିୟାଦ୍ୱାରା ପ୍ରକଟିତ ହୁଏ ସେହିପରି ବୁଦ୍ଧି-ତତ୍ତ୍ୱରେ ଶବ୍ଦତତ୍ତ୍ୱ ସବୁବେଳେ ଅପ୍ରକଟ ରୂପରେ ରହିଥାଏ । ଯେତେବେଳେ କଣ୍ଠ, ତାଲୁ ଆଦି ସ୍ଥାନ ଓ ପ୍ରଯତ୍ନ ଦ୍ୱାରା ବିବର୍ତ୍ତକୁ ପ୍ରାପ୍ତ ହୁଏ ସେତେବେଳେ ଧ୍ୱନିରୂପରେ ପ୍ରକଟିତ ହୁଏ । ପରେ ଅରଣିସ୍ଥିତ ଅଗ୍ନି ନାନା ରୂପରେ ପ୍ରକାଶିତ ହେଲାପରି ଏହା ନାନା ଧ୍ୱନି ରୂପରେ ବର୍ଣ୍ଣ, ପଦ, ବାକ୍ୟ ରୂପରେ ବିକାଶପ୍ରାପ୍ତ ହୁଏ । ଏଣୁ ସ୍ଫୋଟ ଓ ଧ୍ୱନି ମଧ୍ୟରେ ତାଦାତ୍ମ୍ୟ ସମ୍ବନ୍ଧ ମାନିବାକୁ ହୁଏ । ତାଦାତ୍ମ୍ୟର ଲକ୍ଷଣ ହେଲା, "ତଦ୍ ଭିନ୍ନତ୍ୱେ ସତି ତଦଭେଦେନ ପ୍ରତୀୟମାନତ୍ୱମ୍" । ଧ୍ୱନି ସ୍ଫୋଟଠାରୁ ଭିନ୍ନ ହେଲେ ହେଁ ଅଭିନ୍ନ ରୂପରେ ପ୍ରତୀତ ହୋଇଥାଏ । ଏହି ଧ୍ୱନି ଦୁଇ ପ୍ରକାର । ଯଥା— ପ୍ରାକୃତ ଓ ବୈକୃତ । ସ୍ଫୋଟର ଅଭିବ୍ୟକ୍ତି ଏହି ପ୍ରାକୃତ ଧ୍ୱନିଦ୍ୱାରା ହୁଏ । ଶୀଘ୍ର ବିଳମ୍ବାଦି ବୃତ୍ତିଭେଦ ବୈକୃତ ଧ୍ୱନିଦ୍ୱାରା ହୁଏ । ଏହି ଧ୍ୱନି ସ୍ଫୋଟର ବୀଜଶକ୍ତି । ଏହା ସମସ୍ତ ଶବ୍ଦବ୍ୟାପାରର ଉପାଦାନ କାରଣ । ଏହି ଧ୍ୱନିରୁ ବର୍ଣ୍ଣ, ବର୍ଣ୍ଣରୁ ପଦ ଓ ପଦରୁ ବାକ୍ୟ ପ୍ରଗଟିତ ହୁଏ । ବର୍ଣ୍ଣ ଓ ପଦ ସାର୍ଥକ ନୁହେ । ବାକ୍ୟ ସାର୍ଥକ । ପୂର୍ଣ୍ଣ ଅର୍ଥବୋଧ ଏହି ବାକ୍ୟରୁ ହିଁ ହୋଇଥାଏ । ବର୍ଣ୍ଣ ଓ ପଦ ଅସତ୍ୟ ହେଲେହେଁ ଏଗୁଡ଼ିକ ବାହ୍ୟ ଗୌଣ ସତ୍ତା ଥିବାରୁ ଏହା ସତ୍ୟାସତ୍ୟ ରୂପରେ ପ୍ରତିଭାତ ହୁଏ ।

ଏହା ସର୍ବଥା ଅସତ୍ୟ ଓ କାଳ୍ପନିକ ନୁହେ । ବୈୟାକରଣ ମତରେ ଅଖଣ୍ଡ ବାକ୍ୟ ସ୍ଫୋଟ ପାରମାର୍ଥିକ ସତ୍ତା, ପଦସ୍ଫୋଟ ବ୍ୟାବହାରିକ ସତ୍ତା ଏବଂ ବର୍ଣ୍ଣସ୍ଫୋଟ ଧ୍ୱନିରୂପ ବର୍ଣ୍ଣର ସତ୍ତା । ଏହାହିଁ ପ୍ରାତିଭାସିକ ସତ୍ତା ।

ଅଦ୍ୱୈତ ବେଦାନ୍ତରେ ଏହିପରି ସତ୍ତାତ୍ରୟ ସ୍ୱୀକାର କରାଯାଇଅଛି । ବେଦାନ୍ତ ଜଗତକୁ ମିଥ୍ୟା କହିଲେ ମଧ୍ୟ ଜାଗ୍ରତ ଅବସ୍ଥାରେ ଯେଉଁ ବିଶ୍ୱ ଦେଖାଯାଏ ଏହା କାଳ୍ପନିକ ନୁହେ । ଏହାର ସତ୍ତା ଅଛି । ସେ ସତ୍ତାକୁ ତିନିଭାଗରେ ବିଭକ୍ତ କରାଯାଇଥାଏ । ୧। ପ୍ରାତିଭାସିକ ସତ୍ତା, ଯଥା— ରଜ୍ଜୁରେ ସର୍ପଜ୍ଞାନ, ୨। ବ୍ୟାବହାରିକ ସତ୍ତା, ଯଥା— ମନୁଷ୍ୟ ଜୀବଜନ୍ତୁଙ୍କ ସତ୍ତା, ୩। ପାରମାର୍ଥିକ ସତ୍ତା, ବ୍ରହ୍ମରୂପରେ ଅବସ୍ଥିତ ।

ସ୍ଫୋଟ ଅକ୍ରମ ଓ ଧ୍ୱନି କ୍ରମଯୁକ୍ତ । ଯେପରି ଚିତ୍ରକର କୌଣସି ପୁରୁଷକୁ ଦେଖେ ସେତେବେଳେ ତାର ସ୍ୱରୂପ ବିଷୟକ ଜ୍ଞାନ କ୍ରମଯୁକ୍ତ ହୋଇଥାଏ । ଏହି ଚିତ୍ର ବୁଦ୍ଧିବିଷୟ ହୋଇଗଲେ କ୍ରମ ବିଲୁପ୍ତ ହୋଇଯାଏ । ସେ ଚିତ୍ର ଏକ ଏବଂ ଅଖଣ୍ଡ ଅକ୍ରମ ରୂପରେ ତାର ବୁଦ୍ଧିସ୍ଥ ହୋଇଥାଏ । ଯେତେବେଳେ ସେହି ବୁଦ୍ଧିସ୍ଥ ଚିତ୍ରକୁ ସେ କୌଣସି ସ୍ଥାନରେ ଅଙ୍କିତ କରିବାକୁ ଚେଷ୍ଟେ ତେବେ ସେହି ଅଖଣ୍ଡ ଅକ୍ରମ ଚିତ୍ର କ୍ରମଯୁକ୍ତ ହୋଇ ବିକାଶ ଲାଭ କରେ ଓ ସେ ତାକୁ ସେହିପରି କ୍ରମଯୁକ୍ତ କରି ଲେଖେ । ଏହିପରି ସ୍ଫୋଟର ବାହ୍ୟରୂପ ସକ୍ରମ ଏବଂ ଅଭ୍ୟନ୍ତର ରୂପ ଅକ୍ରମ, ନିରବୟବ ଓ ଅଖଣ୍ଡ । ବ୍ୟବହାର ଅବସ୍ଥାରେ ସ୍ଫୋଟ ଧ୍ୱନି ରୂପରେ ଚାଲିତ ହୋଇ କ୍ରମଯୁକ୍ତ ହୁଏ ଏବଂ ଅର୍ଥର ପ୍ରକାଶକ ହୁଏ । ଅତଏବ ଭର୍ତୃହରି କହିଛନ୍ତି,

"ନାଲବ୍ଧକ୍ରମଯ୍ୟା ବାଗ୍ କଶ୍ଚିଦର୍ଥୋଽଭିଧୀ-
ୟତେ" ।

କୌଣସି ବାକ୍ (ଧ୍ୱନି) କ୍ରମଯୁକ୍ତ ନହୋଇ ଅର୍ଥର ପ୍ରକାଶକ ହୋଇପାରେ ନାହିଁ ।

ଏହି ସ୍ଫୋଟ ଏକ ଏବଂ ଅଖଣ୍ଡ ହେଲେ ସୁଦ୍ଧା ଅର୍ଥଭେଦରେ ନାନା ରୂପରେ ପ୍ରତିଭାତ ହୁଏ । ଏହି 'ନାନାତ୍ୱ' ବିଶ୍ୱପ୍ରପଞ୍ଚ ଅଟେ । ଏହା ଅଜ୍ଞାନ । ଏହି ଅଜ୍ଞାନ ଶବ୍ଦ ସଂସ୍କାରଦ୍ୱାରା ଦୂରୀଭୂତ ହେଲେ ସ୍ଫୋଟ ବା ଶବ୍ଦବ୍ରହ୍ମର ସାକ୍ଷାତ୍କାର ହୁଏ, ତାହାହିଁ ମୁକ୍ତି । ଅତଏବ ଭର୍ତୃହରି କହନ୍ତି,

"ତସ୍ମାଦ୍ ଯଃ ଶବ୍ଦସଂସ୍କାରଃ ସା ସିଦ୍ଧିଃ ପରମାତ୍ମନଃ,
ତସ୍ୟ ପ୍ରବୃତ୍ତି ତତ୍ତ୍ୱଜ୍ଞଃ ତଦ୍ ବ୍ରହ୍ମାମୃତମଶ୍ନୁତେ" ।

ବେଦାନ୍ତରେ ଏହିପରି ବିଶ୍ୱପ୍ରପଞ୍ଚ ଅଜ୍ଞାନମୂଳକ ବୋଲି ବର୍ଣ୍ଣନା କରାଯାଇଅଛି । ଏହି 'ନାନାତ୍ୱ'ର ପରିହାର ପାଇଁ ଶ୍ରୁତି କହେ, 'ନେହ ନାନାସ୍ତି କିଂଚନ' । ପରମାର୍ଥଜ୍ଞାନ ଦ୍ୱାରା ଅଜ୍ଞାନ ଦୂରୀଭୂତ ହୋଇ ବ୍ରହ୍ମ ସାକ୍ଷାତ୍କାର ହୁଏ । ଏଣୁ ଗୀତାରେ ଭଗବାନ କହନ୍ତି, "ଜ୍ଞାନବାନ୍ ମାଂ ପ୍ରପଦ୍ୟତେ", "ଯଦ୍‌ଗତ୍ୱା ନ ନିବର୍ତନ୍ତେ—" । ଏହାହିଁ ବେଦାନ୍ତର ମୁକ୍ତି ।

ପୁଣି ବେଦାନ୍ତ ଶାସ୍ତ୍ରରେ 'ପଞ୍ଚକୋଷ'ର ବର୍ଣ୍ଣନା ଦେଖିବାକୁ ମିଳେ । ଯଥା— ଅନ୍ନମୟ, ପ୍ରାଣମୟ, ମନୋମୟ, ବିଜ୍ଞାନମୟ, ଓ ଆନନ୍ଦମୟ କୋଷ । ଏସବୁ ଉତ୍ତରୋତ୍ତର ଶ୍ରେଷ୍ଠ । ଏହି ପଞ୍ଚକୋଷ କ୍ରମରେ ସାଧନା କଲେ ଅମୃତତ୍ୱ ଲାଭ ହୋଇଥାଏ । ପ୍ରତ୍ୟେକ କୋଷକୁ ବ୍ରହ୍ମ ବୋଲି କହି କ୍ରମେ କ୍ରମେ ସ୍ଥୂଳରୁ ସୂକ୍ଷ୍ମ ଆଡକୁ ଅଗ୍ରସର ହେବାପାଇଁ ଏଥିଦ୍ୱାରା ନିର୍ଦ୍ଦେଶ ଦିଆଯାଇଥାଏ । ସର୍ବଶେଷରେ ଆନନ୍ଦମୟ କୋଷର ଜ୍ଞାନଦ୍ୱାରା ଜୀବ ବ୍ରହ୍ମଜ୍ଞାନ ଲାଭ କରିବା ପାଇଁ ସମର୍ଥ ହୋଇଥାଏ । ଏହି ବ୍ରହ୍ମଜ୍ଞାନପ୍ରାପ୍ତିହିଁ ମୁକ୍ତି ।

ଏହିପରି ବୈୟାକରଣ ମତରେ ପ୍ରଥମେ ବର୍ଣ୍ଣ ସାର୍ଥକ, ବର୍ଣ୍ଣଠାରୁ ପଦ ସାର୍ଥକ, ଏଣୁ ବର୍ଣ୍ଣସ୍ଫୋଟ ଅପେକ୍ଷା ପଦସ୍ଫୋଟ ସାର୍ଥକ ଓ ଶ୍ରେଷ୍ଠ । ପଦସ୍ଫୋଟଠାରୁ ବାକ୍ୟସ୍ଫୋଟ ଶ୍ରେଷ୍ଠ । କାରଣ ସମ୍ପୂର୍ଣ୍ଣ ଅର୍ଥ ବାକ୍ୟଦ୍ୱାରାହିଁ ଜଣାଯାଏ । ଅଖଣ୍ଡ ଅବୟବରହିତ, ଅନେକତାରହିତ ପଦସ୍ଫୋଟ ବା ବାକ୍ୟସ୍ଫୋଟ (ଅଖଣ୍ଡ ପଦବାକ୍ୟସ୍ଫୋଟ) ବାକ୍ୟସ୍ଫୋଟଠାରୁ ଅଧିକ ସାର୍ଥକ ବା ଶ୍ରେଷ୍ଠ । ଏଥିଦ୍ୱାରା ଅଖଣ୍ଡ ଜ୍ଞାନଲାଭ ହୁଏ । ଅଖଣ୍ଡପଦବାକ୍ୟସ୍ଫୋଟଠାରୁ ଅଖଣ୍ଡ ବାକ୍ୟଜାତିସ୍ଫୋଟ

ଶ୍ରେଷ୍ଠ । ଏହା ହିଁ ଶବ୍ଦବ୍ରହ୍ମ । ଏହା ନିତ୍ୟ, ନିରଞ୍ଜନ ଅଜର, ଅମର, ଅକ୍ଷର, ଅନିର୍ବଚନୀୟ ଓ ଅଖଣ୍ଡଜ୍ଞାନ ସ୍ୱରୂପ ଅଟେ । ଶବ୍ଦସଂସ୍କାର ଦ୍ୱାରା ଏହି ଅଖଣ୍ଡଜ୍ଞାନ ଲବ୍ଧହୁଏ, ଶବ୍ଦବ୍ରହ୍ମର ସାକ୍ଷାତ୍କାର ଘଟେ । ଏହାକୁ ମୁକ୍ତି ବୋଲି ବୈୟାକରଣ କହନ୍ତି ।

ଏହିପରି ଶବ୍ଦତତ୍ତ୍ୱ ଓ ଅଦ୍ୱୈତବାଦ ସମ୍ବନ୍ଧରେ ଅନୁଶୀଳନ କଲେ ଉଭୟ ସିଦ୍ଧାନ୍ତରେ ବହୁ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ଏ ପ୍ରବନ୍ଧରେ ସଂକ୍ଷେପରେ ତାହାର ଦିଗ୍‌ଦର୍ଶନ ମାତ୍ର କରାଯାଇଛି । ଏପରି ଦୁରୂହ ବିଷୟରେ ଆଲୋଚନା କଲାବେଳେ ତ୍ରୁଟି ରହିବା ଅସମ୍ଭବ ନୁହେଁ । ଏଣୁ ସୁଧୀବର୍ଗ 'ହଂସ-କ୍ଷୀର ନ୍ୟାୟ'ରେ ଏଥିରୁ ସାର ସଂଗ୍ରହ କରିବେ ବୋଲି ବିନମ୍ରର ସହିତ ନିବେଦନ କରୁଅଛି ।

* ଓଁ ନମଃ ଶବ୍ଦବ୍ରହ୍ମଣେ *

## ଓଡିଆ ଭାଗବତ ରଚୟିତା

# ଅତିବଡି ଜଗନ୍ନାଥ ଦାସଙ୍କ ସମୟ

ଅଧ୍ୟାପକ ଶ୍ରୀ ବୀର ହନୁମାନ ଶାସ୍ତ୍ରୀ

କେତେଦିନ ତଳେ ଅତିବଡ଼ ଜଗନ୍ନାଥ ଦାସେ ଚୈତନ୍ୟଙ୍କର ସମସାମୟିକ ନୁହନ୍ତି ବୋଲି ଶ୍ରୀ ପୁରୁଷୋତ୍ତମ, ସିଦ୍ଧାନ୍ତ ଓ କଳିଙ୍ଗରେ ପ୍ରକାଶ ପାଇଛି । ଏହି ତିନୋଟି ଆଲୋଚନାର ଲେଖକ ଭିନ୍ନହେଲେ ମଧ୍ୟ ଆଲୋଚନାର ମୂଳ ଉପାଦାନ ଏକା । ଜଗନ୍ନାଥ ଚରିତାମୃତର ରଚୟିତା ଯେଉଁ ଗୁରୁପ୍ରଣାଳୀ ଦେଇଛନ୍ତି ସେଥିରେ ଚୈତନ୍ୟ, ଗୌରୀଦାସ ପଣ୍ଡିତ, ହୃଦୟାନନ୍ଦ [ତାଙ୍କ ଶିଷ୍ୟ] ତାଙ୍କ ଶିଷ୍ୟ ମତ୍ତ ବଳରାମ ଓ ତାଙ୍କ ଶିଷ୍ୟ ଜଗନ୍ନାଥ ଦାସଙ୍କୁ ଏକ ସମୟର ବୋଲି ଲେଖିଥିବାରୁ ଏମାନେ ତାର ବିରୋଧ କରି ଜଗନ୍ନାଥ ଦାସଙ୍କୁ ଅର୍ବାଚୀନ ବୋଲି ପ୍ରତିପନ୍ନ କରାଇବାର ଚେଷ୍ଟା କରିଛନ୍ତି । ଏମାନେ ଲେଖିଛନ୍ତି ଯେ ହୃଦୟାନନ୍ଦ ଚୈତନ୍ୟଙ୍କୁ ଦେଖି ନ ଥିବା ଠାରେ ତାଙ୍କ ଶିଷ୍ୟ ମତ୍ତ ବଳରାମ ଓ ତାଙ୍କ ଶିଷ୍ୟ ଜଗନ୍ନାଥ ଦାସ ଚୈତନ୍ୟଙ୍କ ସମସାମୟିକ ହୋଇ ପାରୁନାହାନ୍ତି । ଏମାନେ ଆହୁରି ମଧ୍ୟ କହନ୍ତି ଯେ ଶ୍ୟାମାନନ୍ଦ ଓ ମତ୍ତ ବଳରାମ ଏକା ଗୁରୁ ହୃଦୟାନନ୍ଦଙ୍କର ଶିଷ୍ୟ ଭାବରେ ଗୁରୁଭ୍ରାତା ହେବା ଠାରେ ଗୁରୁ ହୃଦୟାନନ୍ଦ ଚୈତନ୍ୟଙ୍କୁ ଦେଖି ନଥିବା ସ୍ଥଳେ ମତ୍ତବଳରାମଙ୍କ ଶିଷ୍ୟ ଜଗନ୍ନାଥ ଦାସ ଚୈତନ୍ୟଙ୍କର ଅନ୍ତରଙ୍ଗ ସଖା କିପରି ହେଲେ ?

ଏମାନଙ୍କର ଆହୁରି ମଧ୍ୟ ମତ ଯେ କୌଣସି ଗୌଡ଼ୀୟ ଧର୍ମ ବା ପୁରାଣ ଗ୍ରନ୍ଥରେ ଜଗନ୍ନାଥ ଦାସଙ୍କୁ ଚୈତନ୍ୟଙ୍କ ସମସାମୟିକ ଭାବରେ ବର୍ଣ୍ଣନା କରାଯାଇ ନାହିଁ, ଯଦିଓ ଅନେକ ଅପେକ୍ଷାକୃତ ଅଖ୍ୟାତ ଭକ୍ତଙ୍କ ବର୍ଣ୍ଣନା ସେଥିରେ ଅଛି ।

ଆମେ ବର୍ତ୍ତମାନ ବଙ୍ଗଭାଷାରେ ଲିଖିତ ଏହିପରି ଗୌଡ଼ୀୟ ପୁରାଣ ଗ୍ରନ୍ଥମାନଙ୍କ ସାହାଯ୍ୟରେ ଏସବୁର ଆଲୋଚନା କରୁଛୁ । କୃଷ୍ଣଦାସ କବିରାଜଙ୍କ ଲିଖିତ ଚୈତନ୍ୟ ଚରିତାମୃତରେ ଚୈତନ୍ୟ ଓ ନିତ୍ୟାନନ୍ଦଙ୍କ ସହ କୀର୍ତ୍ତନରତ ଭକ୍ତମାନଙ୍କର ନାମ ଓ ତାଲିକା ଏହିପରି ଅଛି —

ଇହାସବାର ଯେଛେ ହଇଲ ପ୍ରଭୁର ମିଳନ
ଆଗେ ବିସ୍ତାରିଆ ତାହା କରିବ ବର୍ଣ୍ଣନ ।
ଶ୍ରୀ ଗୋପାଳଭଟ୍ଟ ଏକଶାଖା ସର୍ବୋତ୍ତମ
ରୂପ ସନାତନ ସଙ୍ଗେ ଯାର ପ୍ରେମ ଆଳାପନ ।

ଶଙ୍କରାରଣ୍ୟ ଆଚାର୍ଯ୍ୟ ବୃକ୍ଷେର ଏକଶାଖା ।
ମୁକୁନ୍ଦ, କାଶୀନାଥରୁଦ୍ର ଉପଶାଖା ଲେଖା ।
ଶ୍ରୀନାଥ ପଣ୍ଡିତ ପ୍ରଭୁର କୃପାର ଭାଜନ ।
ଯାର କୃଷ୍ଣସେବା ଦେଖି ବଶ ତ୍ରିଭୁବନ ।
ଜଗନ୍ନାଥ ଆଚାର୍ଯ୍ୟ ପ୍ରଭୁର ପ୍ରିୟଦାସ
ପ୍ରଭୁର ଅଜ୍ଞାତେ ସେହୋ କୈଲ ଗଙ୍ଗାବାସ ।
କୃଷ୍ଣଦାସ ବୈଦ୍ୟ ଆର ପଣ୍ଡିତ ଶେଖର
କବିଚନ୍ଦ୍ର ଆର କୀର୍ତ୍ତନୀୟା ଷଷ୍ଠିବର ।
ଶ୍ରୀନାଥ ମିଶ୍ର, ଶୁଭାନନ୍ଦ, ଶ୍ରୀରାମ ଈଶାନ
ଶ୍ରୀନିଧି, ଶ୍ରୀ ଗୋପୀକାନ୍ତ ମିଶ୍ର ଭଗବାନ ।
ସୁବୁଦ୍ଧି ମିଶ୍ର, ହୃଦୟାନନ୍ଦ, କମଳନୟନ
ମହେଶ ପଣ୍ଡିତ ଶ୍ରୀକର, ଶ୍ରୀମଧୁସୂଦନ ।
ପୁରୁଷୋତ୍ତମ ଶ୍ରୀ ଗାଲିମ ଜଗନ୍ନାଥ ଦାସ
ଶ୍ରୀଚନ୍ଦ୍ରଶେଖର ବୈଦ୍ୟ ଦ୍ୱିଜ ହରିଦାସ ।
ରାମଦାସ, କବିଚନ୍ଦ୍ର, ଶ୍ରୀଗୋପାଳ ଦାସ ।
ଭାଗବତାଚାର୍ଯ୍ୟ ଠାକୁର ସାରଙ୍ଗ ଦାସ
ଜଗନ୍ନାଥତୀର୍ଥ ବିପ୍ର ଶ୍ରୀ ଜାନକୀନାଥ
ଗୋପାଳ ଆଚାର୍ଯ୍ୟ ଆର ବିପ୍ର ବାଣୀନାଥ ।
ଗୋବିନ୍ଦ, ମାଧବ, ବାସୁଦେବ ତିନଭାଇ
ଯାଁ ସବାର କୀର୍ତ୍ତନେ ନାଚେ ଚୈତନ୍ୟ ନିତାଇ ।

ଏଥିରେ ହୃଦୟାନନ୍ଦଙ୍କ ନାମ ତ ଅଛି । ସେ ଚୈତନ୍ୟଙ୍କ ସହ କୀର୍ତ୍ତନରତ ଥିବାଠାରେ ମଧ୍ୟ ଚୈତନ୍ୟଙ୍କୁ ଦେଖି ନଥିଲେ କପରି ? ମଜାରକଥା ଯେ ଏଥିରେ ବର୍ଣ୍ଣିତ ତିନି ଜଗନ୍ନାଥଙ୍କ ମଧ୍ୟରୁ ଜଗନ୍ନାଥ ଦାସଙ୍କୁ "ପୁରୁଷୋତ୍ତମ ଶ୍ରୀ ଗାଲିମ" କହି ଏବଂ ଅନ୍ୟ ଦୁଇଜଗନ୍ନାଥଙ୍କୁ ଆଚାର୍ଯ୍ୟ ଓ ତୀର୍ଥ ଉପାଧିରେ ମଣ୍ଡିତ କରି କୃଷ୍ଣଦାସ କବିରାଜ ଅତି ସ୍ପଷ୍ଟଭାବରେ ଚିହ୍ନା କରାଇ ଅଛନ୍ତି । ଏହି ଜଗନ୍ନାଥ ଦାସଙ୍କୁ ହରିଦାସଙ୍କ ଶିଷ୍ୟ ବୋଲି କହିବା ମଧ୍ୟ (କେହି କେହି ଭୁଲରେ କହିଥାନ୍ତି) ଅତି ଅସଙ୍ଗତ । କାରଣ ତା ହୋଇ ଥିଲେ ଶିଷ୍ଟ ପରମ୍ପରାରେ ଗୁରୁ ହରିଦାସେ ପ୍ରଥମେ ବର୍ଣ୍ଣିତ ହେବା ପରେ ତାଙ୍କ ଶିଷ୍ୟ ଜଗନ୍ନାଥଦାସଙ୍କ ପାଳି ପଡିଥାନ୍ତା ଏବଂ ସେଇପରି କହିଥିଲେ "ଶ୍ରୀଚନ୍ଦ୍ରଶେଖର ବୈଦ୍ୟ ଦ୍ୱିଜ ହରିଦାସ । ପୁରୁଷୋତ୍ତମ ଶ୍ରୀ ଗାଲିମ * ଜଗନ୍ନାଥ ଦାସ" ଏପରି ହେବା ଫଳରେ ସୁସଙ୍ଗତ ଓ ଶିଷ୍ୟଙ୍କ କଥାଗୁରୁଙ୍କ ପରେ ପରେ ରହି ଅତି ସୁନ୍ଦର ହୋଇ ନଥାନ୍ତା କି ? ଏହା କରିବା ଦ୍ୱାରା ପଦ୍ୟର ଛନ୍ଦ ଆଦିରେ ମଧ୍ୟ କୌଣସି ଦୋଷ ବା ତ୍ରୁଟି ରହନ୍ତା ନାହିଁ । ହରିଦାସଙ୍କ ସହ ଏ ଜଗନ୍ନାଥ ଦାସଙ୍କର କୌଣସି ସମ୍ବନ୍ଧ ନଥିବାରୁ କୃଷ୍ଣଦାସ କବିରାଜ ଉଭୟଙ୍କୁ ସ୍ପଷ୍ଟଭାବରେ ଅଲଗା ଅଲଗା ରଖି ଦେଇଛନ୍ତି ।

ଶକାବ୍ଦ ୧୫ଶ ଶତକର ମଧ୍ୟ ଭାଗରେ ଜନ୍ମଗ୍ରହଣ କରିଥିବା ନରୋତ୍ତମ ଦାସ ପୁରୀକୁ ଯାଇ ଅତିବଡି ଜଗନ୍ନାଥ ଦାସଙ୍କ ସାହାଯ୍ୟରେ ଚୈତନ୍ୟଙ୍କ ଲୀଳାସ୍ଥଳ ଦେଖିଥିବା ତାଙ୍କ ଗ୍ରନ୍ଥ (ଭକ୍ତିରତ୍ନାକର)ରେ ଲିପିବଦ୍ଧ କରିଚନ୍ତି— ଐଚ୍ଛେ ମହାବିଜ୍ଞ ବିପ୍ର ଜଗନ୍ନାଥଦାସ ଦେଖାଇଲ ଯଥାତଥା ପ୍ରଭୁର ବିଳାସ ।

ଚୈତନ୍ୟଙ୍କ ତିରୋଭାବ ଶକାବ୍ଦ ୧୪୫୬ (ଷୋଡଶ ଶତକର ପ୍ରାୟ ମଧ୍ୟଭାଗ) ଚୈତନ୍ୟଙ୍କ ତିରୋଧାନ ପରେ ଅତିବଡ଼ ଦାସେ ଆହୁରି ୩୬ ବର୍ଷ ବଞ୍ଚିଥିବା ଯଥାଯଥ ଭାବରେ ଦିବାକର ଦାସେ ଲେଖିଛନ୍ତି—

ଅଷ୍ଟାଦଶ ବରଷଠାରେ ଶ୍ରୀଚୈତନ୍ୟଭେଟ ହେଲେ
ଷଡ଼ ବରଷ ନିରନ୍ତର ସେବିଲେ ଚୈତନ୍ୟ ପୟର
ଏ ଅନ୍ତେ ଛତିଶ ବରଷ ପ୍ରେମ ସାଧିଲେ ଅହର୍ନିଶ
ଷାଠିଏ ବର୍ଷ ସମୟରେ ପ୍ରେମସ୍ଥାପି ସ୍ଥାନେ ଖସିଲେ
୧୮ + ୬ + ୩୬ = ୬୦

* ଗାଲିମର ଅର୍ଥ ଶତ୍ରୁ । ଜଗନ୍ନାଥ ଦାସେ ଶ୍ରୀ ( ଲକ୍ଷ୍ମୀ )ଙ୍କ ଗାଲିମ ( ଶତ୍ରୁ ) ଥିଲେ । ସେ ଟଙ୍କା ପଇସାର ଅତ୍ୟନ୍ତ ଶତ୍ରୁ ଥିଲେ । ସ୍ପଷ୍ଟ କହିଲେ ଅତିବଡ଼ୀ ଅତ୍ୟନ୍ତ ତ୍ୟାଗୀ ପୁରୁଷ ଥିଲେ ଏହା ହିଁ ଶ୍ରୀ ଗାଲିମର ଅର୍ଥ । ସେ ପୁରୁଷୋତ୍ତମରେ ଥିଲେ ।

ଏ ଆଲୋଚନାରୁ ସ୍ପଷ୍ଟ ଜଣାଯାଉଛି ଯେ ଅତିବଡ଼ ଦାସେ ନବୋଦ୍ଧବ ଦାସଙ୍କର ପୁରୀରେ guide କାମ ସୁନ୍ଦର ରୂପେ କରି ଅଛନ୍ତି । ସେ ଚୈତନ୍ୟଙ୍କର ସଖା ଥିବା ପ୍ରତିପାଦିତ ହେଉଅଛି ।

ବର୍ତ୍ତମାନ ବାକି ରହିଲେ ମତ୍ତ ବଳରାମ ଯେ ଅତିବଡ଼ୀଙ୍କ କର୍ଣ୍ଣଗୁରୁ ଓ ହୃଦୟାନନ୍ଦଙ୍କ ଶିଷ୍ୟ ଭାବରେ ବର୍ଣ୍ଣିତ । ଏହି ମହାତ୍ମା ମଧ୍ୟ ଚୈତନ୍ୟଙ୍କ ସମସାମୟିକ ଭାବରେ ଚୈତନ୍ୟଚରିତାମୃତ ଓ ଚୈତନ୍ୟ ଭାଗବତରେ ବର୍ଣ୍ଣିତ । ମତ୍ତ ବଳରାମଦାସେ ରାମଶିଙ୍ଗା ବଜାଇବାରେ ଧୁରନ୍ଧର ଥିଲେ ଏବଂ ଚୈତନ୍ୟ ଦକ୍ଷିଣରୁ ପୁରୀକୁ ଫେରିବାବେଳେ ତାଙ୍କର ବିଜୟ ସଙ୍କେତ ସ୍ୱରୂପ ରାମଶିଙ୍ଗା ଜୋରରେ ବଜାଇଥିଲେ । ପୟାର ଦେଖନ୍ତୁ —

ରାମଶିଙ୍ଗା ବଜାଇତେ ବଡ଼ଇ ପଣ୍ଡିତ
ବଲରାମ ଦାସ ଆଛେ ହଇୟା ପୁଲକିତ ।
ବଲରାମ ଦାସ କୃଷ୍ଣ ପ୍ରେମ ରସାସ୍ୱାଦୀ
ନିତ୍ୟାନନ୍ଦ ନାମେ ହୟ ପରମ ଉନ୍ମାଦୀ ।
ପ୍ରେମରସେ ମହାମତ୍ତ ବଲରାମ ଦାସ
ଯାଁହାର ବାତାସେ ସବ ପାପ ଯାୟ ନାଶ ।

ଏଥିରେ ଥିବା ଉନ୍ମାଦୀ ଓ ମହାମତ୍ତ ଦୁଇଟି ବିଶେଷଣ ଅତ୍ୟନ୍ତ ସଙ୍ଗତ ଓ ଉପପତ୍ତି ସୂଚକ ।

ଗୌରୀ ପଣ୍ଡିତଙ୍କୁ ତ ଆଲୋଚକମାନେ ମଧ୍ୟ ଚୈତନ୍ୟଙ୍କ ସମସାମୟିକ ମାନିଛନ୍ତି । ଏଣୁ ଏହାଦ୍ୱାରା ଅତ୍ୟନ୍ତ ସ୍ପଷ୍ଟ ହୋଇଗଲା ଯେ ଗୌରୀ ପଣ୍ଡିତ, ହୃଦୟାନନ୍ଦ, ମତ୍ତ ବଳରାମ ଓ ଅତିବଡ଼ୀ ଜଗନ୍ନାଥ ୪ଜଣଯାକ ଚୈତନ୍ୟଙ୍କର ସମସାମୟିକ । ଶିଷ୍ୟ ଉପଶିଷ୍ୟଦ୍ୱାରା ପରିବେଷ୍ଟିତ ଚୈତନ୍ୟ ଏହିପରି ଭାବରେ କୀର୍ତ୍ତନରତ ରହୁଥିବା ଅତି ସଙ୍ଗତ କଥା ।

ଜଗନ୍ନାଥ ଚରିତାମୃତରେ ଚୈତନ୍ୟଙ୍କ ସମୟର କୋଡ଼ିଏ ମୂର୍ତ୍ତି ବୈଷ୍ଣବଙ୍କ ଭିତରେ ଶ୍ରୀ ଜୀବଙ୍କ ନାମ ଥିବାଠାରୁ ଆଲୋଚକମାନେ କଟାକ୍ଷକରି ଦିବାକରଙ୍କୁ ମୂର୍ଖ କହିବାର ସାହସ କରିଛନ୍ତି । ଏମାନେ ଜୀବଙ୍କ ଜନ୍ମକୁ ଶକାବ୍ଦ ୧୪୪୫ ବା ଖ୍ରୀ ୧୫୨୩ (୧୫୨୩ ଆଦୌ ନୁହେଁ) କହନ୍ତି ମାତ୍ର ଜୀବଙ୍କ ଜନ୍ମ ବାସ୍ତବରେ ଆହୁରି ଦଶବର୍ଷ ପୂର୍ବରୁ, ଅର୍ଥାତ ଖ୍ରୀ: ୧୫୧୩ରେ । ଏଣୁ ଭକ୍ତିରତ୍ନାକରରେ ଅଛି—

ନିତ୍ୟାନନ୍ଦ ପ୍ରଭୁ ମହାବାତ୍ସଲ୍ୟ ବିହ୍ୱଳ
ଧରିଲ ଶ୍ରୀ ଜୀବମାଥେ ଚରଣ ଯୁଗଲ

ଏଥିରୁ ପ୍ରତିପନ୍ନ ହୁଏ ଯେ ଚୈତନ୍ୟଙ୍କ ସ୍ୱପ୍ରାଣ ବେଳକୁ ଜୀବଙ୍କୁ ମାତ୍ର ୨୦,୨୧ ବର୍ଷ ହୋଇ ଥିବାରୁ ଚୈତନ୍ୟ ଓ ନିତ୍ୟାନନ୍ଦଙ୍କ ଦୃଷ୍ଟିରେ ଶ୍ରୀଜୀବ ଶିଶୁମାତ୍ର । ଶିଶୁ ଅବସ୍ଥାରେ ସେ ବୈଷ୍ଣବ ହୋଇ ରୂପ ଓ ସନାତନଙ୍କ ସହ ଚୈତନ୍ୟଭକ୍ତମେଳାରେ ଥିବା ସୁସଙ୍ଗତ । କାରଣ ରୂପ ଓ ସନାତନ ଜୀବଙ୍କ କକେଇଥିବା ସମସ୍ତେ ମାନନ୍ତି । ଜୀବଙ୍କ ଜନ୍ମ ସମ୍ବନ୍ଧରେ ୧୦ ବର୍ଷ ତଫାତଥିବା ବଙ୍ଗଳା ବିଶ୍ୱକୋଷ ଓ ଗୌଡ଼ୀୟ ଅଭିଧାନରେ ଥିଲେ ମଧ୍ୟ ଉକ୍ତ ଦୁଇ ଗ୍ରନ୍ଥରେ କୌଣସି ସ୍ପଷ୍ଟ ନିର୍ଦ୍ଦେଶ ନାହିଁ । ଭକ୍ତିରତ୍ନାକରର ଉକ୍ତ ବଚନକୁ ନ ମାନିବାର ମଧ୍ୟ ଉପାୟ ନଥିବାରୁ ୧୫୧୩ ଖ୍ରୀ: ରେହିଁ ତାଙ୍କର ଜନ୍ମ ମାନିବା ଅତ୍ୟନ୍ତ ଯୁକ୍ତିଯୁକ୍ତ ମନେହୁଏ ।

ଏସବୁ ପ୍ରମାଣ ଥିବା ସତ୍ତ୍ୱେ ଆଲୋଚକମାନେ ଜାଣିଶୁଣି କପଟ କଣ୍ଢାବାଡ଼ରେ ଲୁଗା ପକାଇ କଳି ଆରମ୍ଭ କରିଦେଇଛନ୍ତି, ତାର ସ୍ୱରୂପ ମଧ୍ୟ ଆମେ ଏ ଆଲୋଚନାବେଳେ ଫିଟାଇ ଦେବା ଉଚିତ ମନେକରୁଅଛୁଁ ।

ଗୌଡ଼ୀୟ ଅଭିଧାନରେ ଦୁଇ ଜଣ ହୃଦୟାନନ୍ଦଙ୍କ କଥା ଅଛି । ଜଣେ ଆମର ଆଲୋଚିତ ହୃଦୟାନନ୍ଦ ଚୈତନ୍ୟ ଗଣୋଦ୍ଦେଶର ରଚୟିତା ଓ ଅନ୍ୟ ଜଣକ ହୃଦୟ ଚୈତନ୍ୟ ଓରଫ ହୃଦୟାନନ୍ଦ । ଏହି ହୃଦୟ ଚୈତନ୍ୟ -- ହୃଦୟାନନ୍ଦ ପୂର୍ବ ହୃଦୟାନନ୍ଦଠାରୁ ବହୁତ ଶ୍ରେଷ୍ଠ । ଏ ମହାଶୟ କେତୁ ବହୁଗ୍ରନ୍ଥ ରଚନା କରିଛନ୍ତି । ଏ ଚୈତନ୍ୟଙ୍କ କୀର୍ତ୍ତନୀୟା ସଙ୍ଗୀ ବାଣୀ-ନାଥଙ୍କ ପୁତ୍ର ଓ ଗଦାଧର ପଣ୍ଡିତଙ୍କ ଭାଇ ପୁଅ

ଗୌଡୀୟ ଅଭିଧାନ (୧୪୨୨ ପୃ) ଏହି ହୃଦୟାନନ୍ଦଙ୍କ ଶିଷ୍ୟ ଶ୍ୟାମାନନ୍ଦ ଓ ତାଙ୍କ ଶିଷ୍ୟ ରସିକାନନ୍ଦ । ଆଲୋଚକମାନଙ୍କ ମତରେ ଏହି ହୃଦୟାନନ୍ଦ ଚୈତନ୍ୟଙ୍କୁ ଦେଖି ନ ଥାଇପାରନ୍ତି । ଏଣୁ ତାଙ୍କ ଶିଷ୍ୟମାନେ ଚୈତନ୍ୟଙ୍କୁ ଦେଖି ନ ଥିବା ଅତମାଧାରେ ସମ୍ଭବ । ଏହି ହୃଦୟାନନ୍ଦଙ୍କୁ ମତ୍ତ ବଳରାମଙ୍କ ଗୁରୁ ଧରି ନେବା ଦ୍ୱାରା ସବୁ ଗୋଳମାଳ ଉପସ୍ଥିତ ହୋଇ ପଡୁଛି । ଏ ହୃଦୟାନନ୍ଦ ଗୌରୀ ପଣ୍ଡିତଙ୍କ ଶିଷ୍ୟ ହୋଇଥିଲେ ଶେଷ କାଳକୁ ହୋଇଥିବେ ଫଳରେ ୧ମ ହୃଦୟାନନ୍ଦ ଓ ତାଙ୍କ ଶିଷ୍ୟ ମତ୍ତ ବଳରାମ ଓ ତାଙ୍କ ଶିଷ୍ୟ ଅତିବଡୀ ଦାସେ ଚୈତନ୍ୟଙ୍କ ସମସାମୟିକ ଭାବରେ ଚୈତନ୍ୟ ଖେଳାଉଥିବା ବେଳେ ଅନ୍ୟ ଗୋଷ୍ଠୀର ହୃଦୟାନନ୍ଦ (ହୃଦୟ ଚୈତନ୍ୟ) ତାଙ୍କ ଶିଷ୍ୟ ଶ୍ୟାମାନନ୍ଦ ଓ ତାଙ୍କଶିଷ୍ୟ ରସିକାନନ୍ଦ ପ୍ରଭୃତି ଚୈତନ୍ୟଙ୍କ ସମସାମୟିକ ହୋଇ ନ ପାରନ୍ତି । ଏଥିରେ ଅସୁବିଧା କିଛିନାହିଁ । ତେବେ ଏହି ହୃଦୟାନନ୍ଦ ଗୌରୀ ପଣ୍ଡିତଙ୍କ ଶିଷ୍ୟ ବୋଲି ଆମେ ଏ ପର୍ଯ୍ୟନ୍ତ କୌଣସି ପ୍ରମାଣ ପାଇନାହୁଁ କି ମତ୍ତ ବଳରାମ ଦାସ ଏହାଙ୍କର ଶିଷ୍ୟ ଥିଲେ ବୋଲି ମଧ୍ୟ ପ୍ରମାଣ ନାହିଁ । ଫଳରେ ଶ୍ୟାମାନନ୍ଦ ଓ ମତ୍ତ ବଳରାମ ଗୁରୁଭାଇ ଥିଲେ ବୋଲି ଆଲୋଚକମାନେ ଯାହା ଧରି ନେଇଛନ୍ତି ସେଥିପାଇଁ ସେମାନେ କୌଣସି ପ୍ରମାଣ ଦର୍ଶାଇ ପାରିନାହାନ୍ତି ବୋଲି ଆମର ବିଶ୍ୱାସ ।

ଆମର ଆଶା ଆଲୋଚକମାନେ ଯଥାର୍ଥ ଆଲୋଚନା ଉପରକୁ ଆସିବେ ଏବଂ ଉଭୟ ହୃଦୟାନନ୍ଦଙ୍କୁ ଏକ ଓ ଅଭିନ୍ନ ଧରି ନିଜେ ନିଜର ଶରବ୍ୟ ହେବେନାହିଁ । ସୁଧାହୃଦୟ ଆଦି ଅନ୍ୟ ଅନେକ ଗ୍ରନ୍ଥ-ସାହାଯ୍ୟରେ ମଧ୍ୟ ଆମର ମତ ପ୍ରମାଣିତ ହେଉଛି । ଆଲୋଚକମାନେ କେବଳ ବଙ୍ଗଳା ବହି ଧରି ତାଙ୍କ ମତ ପ୍ରତିପାଦନ କରୁଥିବା ଦେଖି ଆମେ ତାଙ୍କର ବାଟରେ ଯାଇ ତାଙ୍କର ଭୁଲ ଏ ପ୍ରବନ୍ଧରେ ପ୍ରମାଣିତ କରିବାର ଚେଷ୍ଟା କରିଛୁ ମାତ୍ର ।

### ଅତିବଡୀଙ୍କ ଗୁରୁ ପ୍ରଣାଳୀ ( ପରଂପରା )

ଚୈତନ୍ୟ
|
ଗୌରୀ ପଣ୍ଡିତ

| | |
|---|---|
| ହୃଦୟାନନ୍ଦ (୧) | ହୃଦୟାନନ୍ଦ (୨) ହୃଦୟଚୈତନ୍ୟ |
| ମତ୍ତ ବଳରାମ | ଶ୍ୟାମାନନ୍ଦ |
| ଜଗନ୍ନାଥଦାସ (ଅତିବଡୀ) | ରସିକାନନ୍ଦ |

# ଚଷାପୁଅ

ଶ୍ରୀ କିଶୋରୀମୋହନ ତ୍ରିପାଠୀ
(ସାହିତ୍ୟାଗ୍ରଣୀ - ୩ୟ ବାର୍ଷିକ ଛାତ୍ର)

ଚଷାପୁଅ ଆଜି    ଗ୍ରାମ ଚାଟଶାଳା
ପଢା ଶେଷ କରି ସାରି
ଲଗାଇଛି ଘରେ    ଯିବ ବିଦେଶକୁ
ଉଚ୍ଚଶିକ୍ଷା ଆଶା କରି । ୧ ।

ସାଙ୍ଗ ଭାଇମାନେ    ଚାଲିଗଲେଣି ମୋ
ଶିକ୍ଷାଳୟ ଖୋଲିଲାଣି
ଆଗେଇ ଯିବେ ସେ    ପଛରେ ଘୋଷାରି
ହେଉଥିବି ଘରେ ପୁଣି । ୨ ।

ଶୀଘ୍ର ମୋ ଗଣ୍ଠିଲି    ସଜାଡ଼ି ଦିଅ ଗୋ
ମାଆ ମୁଁ ଯାଏ ବାହାରି
ପିଲାରେ ଯିବି ମୁଁ    ଡେରି କରି ତୋର
ହେବ କେଉଁ ବାହାଦୁରୀ । ୩ ।

ଅତି ଗମ୍ଭିରରୁ    ବାହାରି ପଡ଼ିଣ
ବାପା କହିଲେ ପୁଅକୁ
ସରଳ ବାଣୀରେ    ସୁ ସ୍ୱର କଣ୍ଠରେ
ନିଜ କର୍ମ କରିବାକୁ । ୪ ।

ବାପା ତୁ କୁଆଡେ    ଯିବୁ ବୋଲି ଆଳି
ଲଗାଇଛୁ ମାଆ ପାଖେ
ପାଠପଢ଼ା ଆମ    କି ହୋଇବ ଆଜି
ଚାଷବାସ ଏବେ ଦେଖେ । ୫ ।

ବିଦ୍ୟା ଭଗବତୀ-    ବୋଧି ବୋଲନ୍ତି ଯେ
ପଣ୍ଡିତ ମୂରୁଖ ଯାକେ ।
ସେ ଜ୍ଞାନ ତ ତୋର    ହୋଇଲାଣି ଏବେ
ପଢ଼ ପାରୁଛୁ ନିର୍ଭୀରେ । ୬ ।

ଚାଷୀ ନ ପଢ଼ିଣ    ଗାଆଁ ଟା ମାଳରେ
ଦେଖୁ ଚୂଡ଼ ମୋର କ୍ଷେତ
ପାଞ୍ଚ ଜଣାପରେ    ପାଞ୍ଚ ଲୋକେ ଯୋଗେ
ନ ଦେଖିଲେ ପଡ଼େ ଡାକ । ୭ ।

ଅସଲ କଥାଟି    ରହିଲାଣି ବାକି
ଚାଷ ବାସ ର କଥାର
ନିଜ ବାସେ ରହି    ଯେ ଚାଷ କରଇ
ସେହି ସିନା ବଳିଆର । ୮ ।

ଇହପର ଲୋକ    ଉଜ୍ଜ୍ୱଳ ତାହାର
ବାହାର ଭିତର ଶୁଦ୍ଧ
ପର ନିନ୍ଦା ଆଉ    କପଟ ଶଠତା
ତାର ପ୍ରକୃତି ବିରୁଦ୍ଧ । ୯ ।

ଏଣୁ ଲୋକେ ତାକୁ    ଆଦର କରନ୍ତି
ସବୁଠି ତାର ପ୍ରଶଂସା
ମଲେ କି ତାହାକୁ    ଝୁରି ହେଉଛନ୍ତି
ଗଲା ଅମର ଭରସା । ୧୦ ।

ମଲେ ବି ଯାହାକୁ    ସ୍ମରୁଥାନ୍ତି ଲୋକେ
ସେହିଟି ଯାଏ ସ୍ୱର୍ଗକୁ
ପାଠ ପଢ଼ି ଯେତେ    ବାବୁ ହୋଇଛନ୍ତି
ଭଲ କି ଦେଖୁ ସଭିଙ୍କୁ । ୧୧ ।

କେତେ ତହୁଁ ଚୋର    କେତେ ତହୁଁ ଖଣ୍ଡ
କେତେ ପୁଣି ଦଗାଦାର
ବାହାରେ କଥାଏ    ଭିତରେ କଥାଏ
ପଇସା ମୂଳ ତାଙ୍କର । ୧୨ ।

ପାଗଳ ବଦଳି    ପକ୍ଷିଙ୍କି ଯେପରି
ପଇସା ନଚାଏ ତାଙ୍କୁ
ପଇସା ଦେଖିଲେ    ସେଇଲାଗେ କଥା
ଓଲଟି ପଡେ କ୍ଷଣକୁ । ୧୩ ।

ଏଣେ ତାଙ୍କର ତରପନ ଯୋଉ
ଯେତୁ କହୁଥାନ୍ତି କଥା
ଏଇ କରିଦେଲେ ଦୋଷକୁ ଦେଖାଇ
ସେହୁ ଯେ ଦଅନ୍ତି ବ୍ୟଥା । ୧୪ ।

ତାକୁ ବୋଲି ତାଙ୍କ କଡ ବଡପଣ
ସିପଲ ଉପରେ ଥିଲେ
ଅନ୍ୟ କଥା ଥାଉ ବାପକୁ ଦେଲେ ବ
ଗୁହିଁବେନି ଅବହେଲେ । ୧୫ ।

ଏ ଦୋଷ ତାଙ୍କର ନୁହିଁଇରେ ବାପ
ସେ ପାଠର ସେହୁ ଗୁଣ
ପଢ଼ିଲା ମାନଙ୍କେ ସଂସାର ଯାକର
ଲୋକଙ୍କୁ ମଣନ୍ତି ତୃଣ । ୧୬ ।

ଗ୍ରାମ ତାଙ୍କୁ ଦଣେ ଶ୍ମଶାନ ସଦୃଶ
ସହରେ ରହିବା ଆଶା
ଗୃହସ୍ଥ ଅଶାରେ ବୁଲି ବୁଲି ତାଙ୍କ
ଉଡ଼ି ଯାଉଥାଏ ହଂସା । ୧୭ ।

ଗାଆଁ ଲୋକସଂଖ୍ୟା ଜଣା ନାହିଁ ତାଙ୍କୁ
ବିଲାତବାସୀଙ୍କ ସଂଖ୍ୟା
ଯୋଷି ଘେଷି ତାଙ୍କ ଅଣ୍ଟେ ଛୁଞ୍ଚପ ଏ
କେତେ ବା କରିବ ବାଖ୍ୟା । ୧୮ ।

ସେ ପାଠ ଅମର ଲୋଡା ନାହିଁ ବାବୁ
ଗୃହସ୍ଥ ତ ଲୋଡାନାହିଁ
ହୁଡ ମାଟି ହୁଡେ ଲଢ କର ବାପ
ସୁଖେ ଘର କର ତୁହି । ୧୯ ।

ଗୃହବାସ କାମ ଯେତେ ଜଣା ମୋତେ
ସବୁ ଦେବି ତୋତେ କହି
ମୋ ବୁଦ୍ଧିରେ ବାପ ଚଳା ତୋର ଘର
ଅଭାବ ରହିବ ନାହିଁ । ୨୦ ।

ଏଠି ଥାଇ ମଧ୍ୟ ମନ ଥିଲେ ଧନ
ଜ୍ଞାନ ଅଭିବୃଦ୍ଧି ପାଇଁ
ଯେତେ ଯେ ଉପାୟ ଅଛି ତାହା ସବୁ
ଶୁଣ ବାବୁ ମନ ଦେଇ । ୨୧ ।

ଗ୍ରାମ ପ୍ରାନ୍ତେ ଅମ ଭାଗବତ ଟୁଙ୍ଗି
ଅଛି ସାତ ପୁରୁଷର
ନୂଆ ଧରଣର କରି ଦେବା ତାକୁ
କ୍ଲବ ପରି ମନୋହର । ୨୨ ।

ଗ୍ରାମ ଛୋଟ ଧନେ ପତ୍ର ପତ୍ରିକା ଯା
ଅଣାଇ ରଖିବା ତହିଁ
ବିଶ୍ରାମ ସମୟେ ପଢ଼ିବୁ ଯାଇଣ
ଖବର ଜାଣିବା ପାଇଁ । ୨୩ ।

ସ୍ୱଦେଶ ଭାଷାରେ ଛପା ହୋଇଅଛି
ନୂଆ ନୂଆ ବହି ସବୁ
ତାକୁ ପଢ଼ିକରି ଅଧିକ ଯେ ଜ୍ଞାନ
ନିଶ୍ଚୟ ବାବୁ ଅର୍ଜିବୁ । ୨୪ ।

ଏପରି କରିଲେ ନିଜର ପରର
ଉପକାର ତୁ କରିବୁ
ଇହ ପର କାଳ ଉଜ୍ଜ୍ୱଳ ହୋଇବ
ପରେ ମୋତେ ସ୍ମରୁଥିବୁ । ୨୫ ।

# ଦୀର୍ଘ ଜୀବନ ଲାଭ

ଅଧ୍ୟାପକ ଶ୍ରୀ ରାମଚନ୍ଦ୍ର ମିଶ୍ର

ସୃଷ୍ଟି ଆରମ୍ଭରୁ ପୁନର୍ଯୌବନ ପ୍ରାପ୍ତି ଦ୍ୱାରା ଦୀର୍ଘ ଜୀବନ ଲାଭ କାମନା ମନୁଷ୍ୟଠାରେ ରହି ଆସିଛି । ଆଦି ଯୁଗରେ ଅଶ୍ୱିନୀକୁମାରଙ୍କ ଦ୍ୱାରା ଚ୍ୟବନ ଓ ବନ୍ଦକଙ୍କର ପୁନର୍ଯୌବନ ଲାଭ ଓ ଦୀର୍ଘତମସ୍ ଋଷିଙ୍କର ପୁନର୍ଜୀବନ ଯୌବନ ସହ ଦଶଗୁଣ ଆୟୁ ( ୧୨୦ବର୍ଷ ଜୀବନ×୧୦ ) ପ୍ରବର୍ଦ୍ଧନ ବିଷୟ ଋଗ୍ ବେଦରେ ବର୍ଣ୍ଣିତ । ତାର ପରବର୍ତ୍ତୀ କାଳରେ ଅଶ୍ୱିନୀକୁମାରଙ୍କର ଚିକିତ୍ସା ବିଦ୍ୟା ଲୋକରେ ଅନୁପଲବ୍ଧ ହେବାରୁ ଋଷୀଗଣ ଅଶ୍ୱିନୀ କୁମାରଙ୍କଠାରୁ ଶିକ୍ଷା ପାଇଥିବା ଇନ୍ଦ୍ରଙ୍କ ନିକଟକୁ ଆୟୁର୍ବେଦ ପଢ଼ିବା ପାଇଁ ଭରଦ୍ୱାଜଙ୍କୁ ପଠାଇବା କଥା, ଚରକ ସଂହିତାରୁ ଜଣାଯାଏ । * ଭରଦ୍ୱାଜ ଇନ୍ଦ୍ରଙ୍କଠାରୁ ଆୟୁର୍ବେଦ ପ୍ରାପ୍ତ ହୋଇ ଋଷିମାନଙ୍କୁ ପ୍ରଦାନ କରିଥିଲେ । ଓ ତାହା ଗୁରୁ ପରଂପରା କ୍ରମେ ଆତ୍ରେୟ, ପୁନର୍ବସୁ ପ୍ରାପ୍ତ ହୋଇ ଅଗ୍ନିବେଶ, ଭେଡ଼ ପ୍ରଭୃତି ଶିଷ୍ୟମାନଙ୍କୁ ଉପଦେଶ ଦେଇଥିଲେ । ପୁନର୍ବସୁଙ୍କ ବର୍ଣ୍ଣିତ କାୟକଳ୍ପ ରସାୟନଦ୍ୱାରା ପାଞ୍ଚ ଦଶ ହଜାର ବର୍ଷ ପର୍ଯ୍ୟନ୍ତ ପୁନର୍ଯୌବନ ଓ ଦୀର୍ଘ ଜୀବନ ପ୍ରାପ୍ତ ହେଉଥିବା କଥା ଚରକ ସଂହିତାରେ ବର୍ଣ୍ଣିତ ଅଛି । କାଳକ୍ରମେ କାୟକଳ୍ପ କରିବା ପାଇଁ ଉପଯୁକ୍ତ ପାତ୍ରର ଅଭାବ ଓ ବୌଦ୍ଧମାନଙ୍କ ଦ୍ୱାରା କାୟକଳ୍ପ ବିରୁଦ୍ଧରେ ପ୍ରଚାର ମୁଖ୍ୟତଃ ଏ ଦୁଇଟି କାରଣ ଯୋଗୁଁ ତାହାର ପରଂପରା ଜ୍ଞାନଲୁପ୍ତ ହେଲା ।

(୧) ଶରୀର ଦୁଇ ଭାଗରେ ବିଭକ୍ତ ସ୍ଥୂଳ ଓ ସୂକ୍ଷ୍ମ । ସ୍ଥୂଳ ଶରୀର ପଞ୍ଚ ମହାଭୂତରେ ଗଢ଼ା । ମେଦ, ମାଂସ, ଅସ୍ଥି, ପ୍ରଭୃତି ଓ ସୂକ୍ଷ୍ମ ଶରୀର ଆତ୍ମା ବା ଜୀବନକୁ କେନ୍ଦ୍ର କରି ଗଠିତ ମନ, ବୁଦ୍ଧି, ଅହଙ୍କାର ପ୍ରଭୃତି । ଲୁଗାକୁ ଯେପରି ରଙ୍ଗ ଦେବାପାଇଁ ସଫା କରାଯାଏ, ନଚେତ୍ ମଇଳା ଲୁଗାରେ ଭଲ ରଙ୍ଗ ଧରେନାହିଁ, ଶରୀରକୁ ସେପରି ସଫା ନକଲେ କାୟକଳ୍ପ ଉତ୍ତମ ରୂପେ କାର୍ଯ୍ୟକାରୀ ହୁଏନାହିଁ । ବରଂ ପ୍ରମାଦ ଘଟିବାର ଆଶଙ୍କା ଥାଏ । ତେଣୁ କାୟକଳ୍ପ ପୂର୍ବରୁ ପଞ୍ଚକର୍ମ ( ସ୍ନେହ ସ୍ୱେଦାଦି ) ଦ୍ୱାରା ସ୍ଥୂଳ ଶରୀରକୁ ଓ ଈର୍ଷା ଦ୍ୱେଷାଦି ବର୍ଜନ କରି ସୂକ୍ଷ୍ମ ଶରୀରକୁ ସେପରି ସଫା କରିବାକୁ ପଡ଼ଥାଏ, ତେଣୁ କାୟକଳ୍ପ ପାଇଁ ନିର୍ଦ୍ଦିଷ୍ଟ କୁଟୀରରେ ପ୍ରବେଶ କରିବା ପୂର୍ବରୁ ଲେଖା ଅଛି ଯେ, "ମୈତ୍ରଂ ଭୂତେଷୁ ଚିନ୍ତୟନ୍" ( ସମସ୍ତ ଜୀବପ୍ରତି ମୈତ୍ରୀଭାବ ଚିତ୍ତରେ ରଖି ) କୁଟୀରରେ ପ୍ରବେଶ କରିବ । ପଞ୍ଚକର୍ମ ଦ୍ୱାରା ସ୍ଥୂଳ ଶରୀରକୁ ସଫା କରିବା ସମ୍ଭବ, କିନ୍ତୁ ସର୍ବଭୂତ ପ୍ରତି ମୈତ୍ରୀଭାବ ରଖି ସୂକ୍ଷ୍ମ ଶରୀରକୁ ସଫା କରିବା ଅତ୍ୟନ୍ତ କଠିନ ବ୍ୟାପାର ( ୮ ମଦନ ମୋହନ ମାଳବ୍ୟଙ୍କ କାୟକଳ୍ପ ବିଧାନ ଆଶାନୁରୂପ ଫଳ ଦେଇ ନ ଥିବା କଥା ସ୍ମର୍ତ୍ତବ୍ୟ ) ତେଣୁ କାଳକ୍ରମେ କାୟକଳ୍ପ ପାଇଁ ଉପଯୁକ୍ତ ପାତ୍ର ଅଭାବ ହେଲେ ।

(୨) ରସ ଶାସ୍ତ୍ରର ଉତ୍କର୍ଷ କାଳରେ ରସ ସିଦ୍ଧଗଣ କାୟକଳ୍ପଠାରୁ ଅଧିକ ସରଳ ଉପାୟରେ ସିଦ୍ଧରସ ପ୍ରୟୋଗରେ ପୁନର୍ଯୌବନ ଓ ଦୀର୍ଘ ଜୀବନ ଲାଭ କରାଇ ଦେଇ ପାରିଲେ । ବୈଦିକ ( ଚରକସୁଶ୍ରୁତାଦି ) ଚିକିତ୍ସାରେ ବହୁ ମାତ୍ରାରେ କଟୁତିକ୍ତ କଷାୟ ସେବନ କରିବାକୁ ଓ ବହୁ କଷ୍ଟ ସହିବାକୁ ପଡ଼େ । କିନ୍ତୁ ରସ ଚିକିତ୍ସାରେ ଔଷଧ ମାତ୍ରା ଅତ୍ୟନ୍ତ ଅଳ୍ପ । ତେଣୁ ସେମାନେ ପ୍ରଚାର କଲେ ଯେ, ରସ ଚିକିତ୍ସା ଦ୍ୱାରା ଅତି ଅଳ୍ପ ମାତ୍ରାରେ କୌଣସି ଅରୁଚି ନଥାଇ ଖୁବ୍ ଶୀଘ୍ର ଅସାଧ୍ୟ ରୋଗକୁ ମଧ୍ୟ ଭଲ କରାଯାଏ ଏବଂ ସେହିପରି ଜରାବ୍ୟାଧି ନଷ୍ଟ ହୋଇ ଦୀର୍ଘ ଜୀବନ ଲାଭହୁଏ । ତେଣୁ ବୈଦିକ ଚିକିତ୍ସାରେ କାୟକଳ୍ପ ବିଧାନ ଲୁପ୍ତହେଲା ।

ରସ ଚିକିତ୍ସାର ଏଇ ଉତ୍କର୍ଷ ହିଁ ପ୍ରତିଷ୍ଠିତ ରହିଲା । ଇତିହାସରୁ ଜଣାଯାଏ ଦଶରଥଙ୍କ ମିତ୍ର ଲୋମପାଦ

...ସଙ୍ଗ ପଶ୍ଚିତ ମନ୍ତ୍ରବ୍ୟ ସିଦ୍ଧରସ ସେବନ କରି କାଳଠାରୁ ମହାଭାରତ କାଳ ପର୍ଯ୍ୟନ୍ତ ଜୀବିତ ...। ନାଗାର୍ଜୁନ ତେଙ୍କୋଠାଗଙ୍କା ( ଶତବାହନ? ) ସିଦ୍ଧରସ ଦ୍ୱାରା ଜରା ବ୍ୟାଧି ନଷ୍ଟ କରି ତାଙ୍କୁ ... କରିଥିଲେ । ନାଗାର୍ଜୁନ ନାଳନ୍ଦାରେ ... ଥିଲେ । ସେଠାରେ ରସ ଶାସ୍ତ୍ରର ଅତ୍ୟନ୍ତ ... ସାଧିତ ହୋଇଥିଲା । ୧୦୨୬ ଖ୍ରୀଷ୍ଟାବ୍ଦରେ ଗଜନୀର ମହମ୍ମଦ ମାମୁଦ୍ ଭାରତ ଆସି ଅଜସ୍ର ଧନରତ୍ନ ଲୁଣ୍ଠନ କରି ନେଇ ଯାଇଥିଲେ । ପୃଥିବୀ ବିଖ୍ୟାତ ନାଳନ୍ଦା ବିଶ୍ୱବିଦ୍ୟାଳୟକୁ ଏକା ରାତରେ ଧୂଳିସାତ୍ କରି ସେଠିକା ପାଠାଗାରରେ ଥିବା ଲକ୍ଷ ଲକ୍ଷ ଅମୂଲ୍ୟ ଗ୍ରନ୍ଥକୁ ପୋଡ଼ି ନଷ୍ଟ କରି ଦେଇଥିଲେ । ତେଣୁ ରସ ଶାସ୍ତ୍ରର ମଧ୍ୟ ସେଇଠାରୁ ଅବନତି ଘଟିଲା । ଚତୁର୍ଦ୍ଦଶ ଶତାବ୍ଦୀର ଲେଖା ଆୟୁର୍ବେଦ ପ୍ରକାଶରୁ ଜଣାଯାଏ ଯେ, ସେତେବେଳକୁ କର୍ମ କୁଶଳ ରସ ଚିକିତ୍ସକଙ୍କର ଅତ୍ୟନ୍ତ ଅଭାବ ହୋଇ ଯାଇଥିଲା । ତେଣୁ ରସ ଶାସ୍ତ୍ରର ମଧ୍ୟ ଦୀର୍ଘ ଜୀବନ ଯୌବନ ଲାଭ ଚେଷ୍ଟା ଲୋପ ହେଲା ।

ତାପରେ ୧୮୮୯ ଖ୍ରୀଷ୍ଟାବ୍ଦରେ ଫ୍ରାନ୍ସର ବ୍ରାଉନ୍ ସିକ୍ୱାର୍ଡ ଶୁକ୍ର କୋଷର ଦୁର୍ବଳତାରୁ ହିଁ ଯୌବନ ନଷ୍ଟ ହେଉଛି ବୋଲି ନିଷ୍ପତ୍ତି କରି କୁକୁରର ଶୁକ୍ର କୋଷରୁ ପ୍ରସ୍ତୁତ ରସକୁ ନିଜକୁ ଓ କେତେକ ବନ୍ଧୁଙ୍କୁ ଇଞ୍ଜେକ୍ସନ୍ ଦେଇ ଆଶାତୀତ ଫଳଲାଭ କଲେ । ସେ ୭୨ ବର୍ଷ ବୟସରେ ମଧ୍ୟ ଯୁବ ସୁଲଭ ଶକ୍ତି ଓ ଯୌନ କ୍ଷମତା ଲାଭ କଲେ । କିନ୍ତୁ ତାହା ଦୀର୍ଘକାଳ ସ୍ଥାୟୀ ହେଲା ନାହିଁ । ତା'ର କିଛି କାଳ ପରେ ଭିଏନାର ଚିକିତ୍ସକ ପ୍ରୋଫେସର ଷ୍ଟିନାକ୍, ବ୍ରାଉନଙ୍କ କାର୍ଯ୍ୟ ପର୍ଯ୍ୟାଲୋଚନା କରି ବୃଦ୍ଧ ମୂଷିକଙ୍କଠାରେ ଯୁବକ ମୂଷିକଙ୍କ ଶୁକ୍ରକୋଷ ସଂଲଗ୍ନ କଲେ । ତା ଦ୍ୱାରା ବୃଦ୍ଧ ମୂଷିକମାନେ ପୁନ ଯୌବନ ଦୀର୍ଘ ଜୀବନ ପ୍ରାପ୍ତ ହେଲେ ଓ ଶୁକ୍ରକୋଷ ହରାଇ ଥିବା ଯୁବକ ମୂଷିକମାନେ ଜରାଜୀର୍ଣ୍ଣ ହୋଇ ପଡ଼ିଲେ । କିନ୍ତୁ ଷ୍ଟିନାକ୍ ମନୁଷ୍ୟ ଶରୀରରେ ତାହା ପରୀକ୍ଷା କରିବାର ସୁଯୋଗ ପାଇଲେ ନାହିଁ । ଏଇ ଗବେଷଣା ପ୍ରାଚୀନ କାଳରେ ଭାରତରେ ମଧ୍ୟ ଥିଲା ଓ ଏହା ସର୍ବସାଧାରଣଙ୍କ ପାଇଁ ଚଳାଇବା ମଧ୍ୟ କଷ୍ଟକର ହୋଇଥିବା କଥା ପୁରାଣ ବର୍ଣ୍ଣିତ ଯଯାତିଙ୍କ ଚରିତରୁ ଜଣାଯାଏ । ଯଯାତି ନିଜ ପୁତ୍ରଠାରୁ ଯୌବନ ଆଣି ଯୁବକ ହୋଇଥିଲେ ଓ ଏହାଙ୍କର ପୁଅ ବାର୍ଦ୍ଧକ୍ୟ ବହନ କରିଥିଲେ ।

ଏଇ ସମସ୍ତ ଗବେଷଣା ପର୍ଯ୍ୟାଲୋଚନା କରି ପ୍ରୋଫେସର ଉର୍ଣ୍ଣଫ୍ ୧୯୨୫ରେ ମନୁଷ୍ୟ ଶରୀରରେ ମର୍କଟର ଶୁକ୍ରକୋଷ ଯୋଗ କଲେ । ଜର୍ଜବେର ନାମକ ଜଣେ ବୃଦ୍ଧଙ୍କଠାରେ ଏହାର ସଂଯୋଗରେ ଅତ୍ୟାଶ୍ଚର୍ଯ୍ୟ ଫଳ ପାଇଥିଲେ । ଏକବର୍ଷ ପରେ ସେଇ ବୃଦ୍ଧ ରୂପ ଓ କାର୍ଯ୍ୟରେ ଯୁବକ ସଦୃଶ ହୋଇ ପାରିଥିଲେ ମଧ୍ୟ ତାଙ୍କ ଯୌନ ଶକ୍ତିରେ ସେପରି ଉନ୍ନତି ପରିଲକ୍ଷିତ ହୋଇ ପାରି ନଥିଲା । ଏବଂ ଶୁକ୍ରକୋଷର ଦୁଇ ଦିଗରେ ଦୁଇଟି ଗ୍ରନ୍ଥି ଜାତ ହୋଇ ତାହା ଉପରେ ସାମାନ୍ୟ ଚାପ ପଡ଼ିଲେ ତାହା ଅତ୍ୟନ୍ତ ଯନ୍ତ୍ରଣା ଦେଉଥିଲେ । ଏହା ବ୍ୟତୀତ ଏଇ ପ୍ରଣାଳୀ ଦୀର୍ଘ କାଳ ସ୍ଥାୟୀ ହେଲନାହିଁ ।

ଆଧୁନିକ ଗ୍ରନ୍ଥିରସ ବିଜ୍ଞାନ ବଳରେ ପୁନର୍ଯୌବନ ଦୀର୍ଘ ଜୀବନ ଲାଭ ପାଇଁ ଯେତେ ଚେଷ୍ଟା କରା ଯାଉଛି ଏହା ଏଇ ଗବେଷଣା ପାଇଁ ଯଥେଷ୍ଟ ଆଲୋକ ଦେଉଥିଲେ ମଧ୍ୟ ନିକଟରେ ଚିରସ୍ଥାୟୀ ଫଳଦେବା ଆଶା ଅତ୍ୟନ୍ତ କମ । କାରଣ ପ୍ରାକୃତିକ ରୀତିରେ ଯାହା ଫଳବତୀ ନହେବ ତାହା ଦୀର୍ଘଦିନ ସ୍ଥାୟୀ ହେବା ଅସମ୍ଭବ ବୋଲି ବିଭିନ୍ନ କ୍ଷେତ୍ରରେ ବିଭିନ୍ନ ପରୀକ୍ଷା ଦ୍ୱାରା ପ୍ରତିପାଦିତ ହୋଇ ସାରିଛି । କିନ୍ତୁ ପ୍ରାଚୀନ ଶୈଳୀର ତଥ୍ୟ ବୁଝିବା ପାଇଁ ଚେଷ୍ଟା ହେଲେ ଏଦିଗରେ ଅଧିକ କିଛି କାର୍ଯ୍ୟ ହୋଇ ପାରିବ ବୋଲି ବିଶ୍ୱାସ ରଖି ଲେଖାର ବିସ୍ତୃତି ଭୟରେ ଏଠାରେ ଶେଷକଲି । ସୁଯୋଗ ମିଳିଲେ ବାବନ୍ତରେ ଏହାର ଆଲୋଚନା ବାକି ରହିଲା ।

# ଆର୍ତବ ବିଜ୍ଞାନ

ଅଧ୍ୟାପକ ଶ୍ରୀ ପ୍ରଫୁଲ୍ଲଚନ୍ଦ୍ର ପଣ୍ଡା

ହିନ୍ଦୁ ମୁସଲମ୍ ଖ୍ରୀଷ୍ଟିଆନ୍ ପ୍ରଭୃତି ସମସ୍ତ ଧର୍ମର ଚରମ ଲକ୍ଷ୍ୟ ଏକ ହେଲେ ହେଁ ପ୍ରତ୍ୟେକେ ନିଜ ନିଜର ମତ ନୀତିରେ କେତେକ ସ୍ୱାତନ୍ତ୍ର୍ୟ ରକ୍ଷି ଚଳନ୍ତି ଥିବାରୁ ସ୍ଥଳ ବିଶେଷରେ ନିୟମଗତ ବିରୋଧ ବା ବିଭେଦ ପର୍ଯ୍ୟବେକ୍ଷକ ମନରେ ବିଭ୍ରାନ୍ତି ସୃଷ୍ଟି କରେ । ଫଳରେ ସେଗୁଡ଼ିକର ଉପଯୋଗିତା ବା ସାରବତ୍ତା ବିଷୟରେ ମନରେ ସନ୍ଦେହ ଜାତ ହୁଏ ।

ଅନ୍ୟ ଧର୍ମର ନୀତି ସଙ୍ଗେ ସମତା ନଥିବା କେତେକ ବିଧି ଏବଂ ନିଷେଧ ହିନ୍ଦୁଧର୍ମରେ ପ୍ରଚଳିତ ଥିବାରୁ ସେଗୁଡ଼ିକର ସତ୍ୟାସତ୍ୟ ନିର୍ଣ୍ଣୟ ଲାଗି ଆଧୁନିକ ବୈଜ୍ଞାନିକ ଯୁଗର ଶିକ୍ଷିତ ସମାଜ ଇଚ୍ଛା କରିବା ସ୍ୱାଭାବିକ ।

ଅବଶ୍ୟ ଅତ୍ୟଧିକ ଧର୍ମାନ୍ଧତାର ପରିଣାମ ସ୍ୱରୂପ ସ୍ଥଳ ବିଶେଷରେ କେତେକ ମୌଳିକତା— ହୀନ ଅବାନ୍ତର ରୀତି ଆଚାର ମଧ୍ୟରେ ପ୍ରବେଶ କରିଯିବାର ଆଶଙ୍କା ମଧ୍ୟ ରହିଛି । କିନ୍ତୁ ଭାରତର ପ୍ରାଚୀନ ଗୁରୁ-ପରମ୍ପରା ଛିନ୍ନ ହୋଇଯାଇ ଥିବାରୁ ପ୍ରତ୍ୟେକ ବିଧି ବିଧାନର ଅନ୍ତର୍ନିହିତ ତାତ୍ପର୍ଯ୍ୟ ହୃଦୟଙ୍ଗମ କରି ସତ୍ୟାସତ୍ୟ ନିର୍ଣ୍ଣୟ କରିବାକୁ ଆମେ ଆଜି ସମର୍ଥ ହୋଇ ପାରୁନାହୁଁ । ସୁତରାଂ ସ୍ଥଳ ବିଶେଷରେ ସେଗୁଡ଼ିକ ନିରର୍ଥକ କୁସଂସ୍କାର ରୂପେ ପ୍ରତିଭାତ ହୁଏ । ବସ୍ତୁତଃ ହିନ୍ଦୁଧର୍ମର ବିଧି ନିଷେଧ ଗୁଡ଼ିକ ରକ୍ଷଣଶୀଳ ବ୍ୟକ୍ତିଙ୍କର ଅନ୍ଧବିଶ୍ୱାସର ପରିଣାମ ଅଥବା ସେଥିରେ କୌଣସି ସାରଗର୍ଭକ ତଥ୍ୟ ରହିଛି, ପରୀକ୍ଷା କରି ଦେଖିବା ପୂର୍ବରୁ ମତାମତ ବ୍ୟକ୍ତ କରିବା ଉଚିତ ହେବନାହିଁ ।

ଏଣୁ ଏଠାରେ ବିଚାର କରି ଦେଖିବାର କଥା ଯେ ହିନ୍ଦୁଧର୍ମ ଅନୁସାରେ ଆମ ରୀତି ନୀତି ଆଚାର ବ୍ୟବହାରର ନିୟନ୍ତ୍ରଣ ଲାଗି ଜନ୍ମରୁ ମରଣ ପର୍ଯ୍ୟନ୍ତ ଏପରିକି ଜନ୍ମର ବହୁପୂର୍ବରୁ ମରଣର ବହୁ ପର ପର୍ଯ୍ୟନ୍ତ ଯେତେ ବିଧିବିଧାନ ଖଞ୍ଜି ଦିଆ ଯାଇଛି ସେଗୁଡ଼ିକର ଉପଯୋଗିତା କେତେ ?

ବର୍ତ୍ତମାନ ଗୋଟିଏ ସାଧାରଣ ନିୟମର ଆଲୋଚନା କରାଯାଉ । ଋତୁସ୍ରାବ କାଳରେ ସ୍ତ୍ରୀମାନଙ୍କୁ ଯେଉଁ ପ୍ରକାର ରୀତିରେ ଚଳିବାର ନିର୍ଦ୍ଦେଶ ଦିଆଯାଇଛି ତାହା ବର୍ତ୍ତମାନ ସମାଜରୁ ବିଶେଷତଃ ଆଧୁନିକ ଶିକ୍ଷାପ୍ରାପ୍ତ ପରିବାରରୁ ପ୍ରାୟ ଲୋପ ପାଇଗଲାଣି । ଏଣୁ ସ୍ୱତଃ ଆଶଙ୍କା ହେଉଛି ଯେ ସେଗୁଡ଼ିକ ନିରର୍ଥକ କୁସଂସ୍କାର ।

ଧର୍ମଶାସ୍ତ୍ରକାରମାନେ ଯାହା ଲେଖି ଯାଇଛନ୍ତି ସେଥିରେ ଯଦି କିଛି ସତ୍ୟତା ନଥିବ ସେଗୁଡ଼ିକୁ ଅପଥ୍ୟ ଜାବୁଡ଼ି ଧରିବାରେ କୌଣସି ଯୁକ୍ତି ନାହିଁ । ରାମ ଅମଳର ପୋଖରୀ ବୋଲି ପଙ୍କ ପିଇବା ବିଜ୍ଞତାର ପରିଚୟ ନୁହେ ।

ବର୍ତ୍ତମାନ ଦେଖାଯାଉ ରଜସ୍ୱଳା ନିୟମ କ'ଣ ଏବଂ ବାସ୍ତବକ୍ଷେତ୍ରରେ ତାର ଉପଯୋଗିତା କେତେ ?

## ରଜସ୍ୱଳାର ସାଧାରଣ ନିୟମ:—

ଅତି ପ୍ରାଚୀନ କାଳରୁ ଆମ ଦେଶରେ ନିମ୍ନଲିଖିତ ଆଚାର ଚଳି ଆସୁଛି ।

ଋତୁସ୍ରାବ କାଳରେ ସ୍ତ୍ରୀମାନେ କୌଣସି ପ୍ରକାର ଆୟାସସାଧ୍ୟ ଗୃହକର୍ମ କରନ୍ତି ନାହିଁ । ସ୍ନାନାଦି ବର୍ଜନ କରି ଅସ୍ପୃଶ୍ୟା ରହନ୍ତି । ହବିଷ୍ୟ ଭୋଜନ ଅର୍ଥାତ୍ ଦିନରେ ଥରେ ମାତ୍ର ଲଘୁପାଚ୍ୟ ସୌମ୍ୟ ଖାଦ୍ୟ ଖାଆନ୍ତି । ସହବାସ ସମ୍ପୂର୍ଣ୍ଣ ନିଷିଦ୍ଧ । ଏପରି ତିନିଦିନ ସଂଯତ ଭାବେ କଟାଇ ଚତୁର୍ଥଦିନ ସ୍ନାନ କରି ସ୍ୱାଭାବିକ ରୀତିରେ ଚଳପ୍ରଚଳ ହୁଅନ୍ତି । ଏହା ଆମ ଦେଶରେ

...ବ୍ରହ୍ମଚାରୀଙ୍କର । ହିନ୍ଦୁ ଧର୍ମ - ଶାସ୍ତ୍ର ମଧ୍ୟ ଏହି ନିର୍ଦ୍ଦେଶ ...ଛି । (୧)

## କାର୍ଯ୍ୟରୁ ନିବୃତ୍ତି :—

ଋତୁକାଳରେ ଶରୀର ତଥା ମାନସ ଉଭୟ ପ୍ରକାର ଶ୍ରମ ବା ଉତ୍ତେଜନାରୁ ନିବୃତ୍ତ ରହିବା ସକାଶେ ଧର୍ମ-ଶାସ୍ତ୍ର ନିର୍ଦ୍ଦେଶ ଦିଏ । ତାର ଅନ୍ୟତମ ପ୍ରଧାନ କାରଣ, ଋତୁମତୀ ତଥା ଭାବୀ ସନ୍ତାନର ସ୍ୱାସ୍ଥ୍ୟରକ୍ଷା । ମାତାର ଦୈହିକ ତଥା ମାନସିକ ସ୍ଥିତିର ପ୍ରଭାବ ସନ୍ତାନ ଉପରେ ଯେଉଁ ସମୟରେ ବିଶେଷ ଭାବରେ ପଡ଼େ ତାକୁ ତିନି ଭାଗରେ ବିଭକ୍ତ କରାଯାଇଛି । ୧- ଋତୁସ୍ରାବ ଦିନରୁ ସ୍ତ୍ରୀ ବୀଜର ପରିପାକ କାଳ, ୨- ଗର୍ଭାଶୟରେ ଭ୍ରୂଣର ଅବସ୍ଥିତି କାଳ, ୩- ଶିଶୁର ସ୍ତନ୍ୟପାନ କାଳ । ପ୍ରଥମୋକ୍ତ କାଳରେ ସ୍ତ୍ରୀବୀଜ ବୀଜାଧାରରୁ ଉତ୍ପନ୍ନ ହୋଇ ପରିପୂର୍ଣ୍ଣତା ଗର୍ଭ ଉତ୍ପାଦନର ଉପଯୁକ୍ତ ଅବସ୍ଥାରେ ଉପନୀତ ହୁଏ । ସେ ସମୟରେ ତାହା କେତେଗୁଡ଼ିଏ କ୍ଷୁଦ୍ର କ୍ଷୁଦ୍ର ଅଂଶର ସମଷ୍ଟି ରୂପେ ଅଭିବ୍ୟକ୍ତ ହୋଇଥାଏ । ଏପରି ପ୍ରତ୍ୟେକ ଅଂଶ ଉତ୍ପଦ୍ୟମାନ ଗର୍ଭର ଗୋଟିଏ ଗୋଟିଏ ପ୍ରତ୍ୟଙ୍ଗର ମୂଳ ବୀଜ ରୂପେ କାର୍ଯ୍ୟକାରୀ ହୁଏ । (୨)

ସ୍ତ୍ରୀ ବୀଜର ଉପରୀକ୍ତ ବିଭଜନ କାଳ ଅତି ଗୁରୁତ୍ୱପୂର୍ଣ୍ଣ । ସେହି ସମୟରେ ନାରୀର ଦୈହିକ କିମ୍ବା ମାନସିକ ଅବସ୍ଥାର ପ୍ରଭାବ ଅତି ସହଜରେ ସ୍ତ୍ରୀ ବୀଜକୁ ଅଭିଭୂତ କରେ । ସୁତରାଂ ଋତୁକାଳରେ ଦେହ ବା ମନର ବିକାର ସମଗ୍ର ବୀଜ ବା ବୀଜର ଅଂଶ ବିଶେଷକୁ ବିକୃତ କରିବାର ଆଶଙ୍କା ବଳବତ୍ତର ହୁଏ । ଫଳରେ ସନ୍ତାନ ବିକଳାଙ୍ଗ ହୁଏ । (୩)

ଋତୁକାଳରେ ସ୍ତ୍ରୀର ବିଭିନ୍ନ ପ୍ରକାର କାର୍ଯ୍ୟକଳାପର ପ୍ରଭାବ ଭାବୀ ସନ୍ତାନ ଉପରେ ତଦନୁରୂପ ପ୍ରକାଶ ପାଏ । ଯଥା-- ଋତୁମତୀ ଅଧିକ ରୋଦନ କଲେ ଭାବୀ ସନ୍ତାନର ଚକ୍ଷୁ ବିକୃତ ଘଟେ । ବିଶେଷ କ୍ରୁଦ୍ଧ ବା ଉତ୍ତେଜିତ ହେଲେ ସନ୍ତାନ ମଧ୍ୟ କ୍ରୋଧୀ ଏବଂ ଅସହିଷ୍ଣୁ ହୁଏ । ଅନାବୃତ ସ୍ଥାନରେ ଅଧିକ ପରିଶ୍ରମ କଲେ ସନ୍ତାନ ଚଞ୍ଚଳଚିତ୍ତ ଓ ଅସ୍ଥିରବୁଦ୍ଧି ହୁଏ । (୪)

## ଶାରୀରିକ ପରିଶ୍ରମର ପରିଣାମ.—

ଋତୁ କାଳରେ ଅଧିକ ଶାରୀରିକ ପରିଶ୍ରମଦ୍ୱାରା ଆୟୁର୍ବେଦ ମତରେ କଫ କ୍ଷୀଣ ହୁଏ, ବାୟୁ ବଢେ, ସାମୟିକ ଭାବେ ପିତ୍ତର ମଧ୍ୟ ପ୍ରକୋପ ହୁଏ । ରଜୋବିଷ ( Menstrual toxin ) ପ୍ରଭାବରୁ

---

(୧) "ରଜସ୍ୱଲା ନିରାହମଶୁଚିର୍ଭବତି । ସା ନାଭ୍ୟଞ୍ଜୀତ ନାପ୍ସୁ ସ୍ନାୟାତ୍" — (ବଶିଷ୍ଠ ସ୍ମୃତି)
"ହସ୍ତେଽଶ୍ନୀୟାତ୍ ମୃଣ୍ମୟେ ବା ହବିର୍ଭୁକ୍-
କ୍ଷିତିଶାୟିନୀ ରଜସ୍ୱଲା ଚତୁର୍ଥେଽହ୍ନି ସ୍ନାତ୍ୱା ଶୁଦ୍ଧିମବାପ୍ନୁୟାତ୍" । (ଅଙ୍ଗିରସ)
"ରଜୋନିବୃତ୍ତୌ ଗମ୍ୟା ସ୍ତ୍ରୀ ଗୃହକର୍ମଣି ଶସ୍ୟତେ,
ପଞ୍ଚମେଽହନି ସଂଶୁଦ୍ଧା ଭବତି ବ୍ୟାବହାରିକୀ" (ବୃଦ୍ଧମନୁ)

(୨) ବିଶେଷ ବିବରଣ ସକାଶେ ଚରକସଂହିତା ଶାରୀରସ୍ଥାନ ଚକ୍ରପାଣି ଟୀକା ଏବଂ Riddle of Sex ଦେଖନ୍ତୁ ।

3 The most extraordinary peculiarities are inflicted upon chidren by some temporary condition of the mother. There is abundant proof that this may extend to the body as well as to the mind. (Esoterie Anthropology)

(୩) ଯସ୍ୟଯସ୍ୟ ହି ଅଙ୍ଗାବୟବସ୍ୟ ବୀଜେ ବୀଜଭାଗଃ ବୀଜଭାଗାବୟବୋ ବା ଉପତପ୍ତୋ ଭବତି ତସ୍ୟ ତସ୍ୟ ଅଙ୍ଗାବୟବସ୍ୟ ବିକୃତିରୁପଜାୟତେ । (ଚରକସଂହିତା)

(୪) ବିଶେଷ ବିବରଣ ସକାଶେ ଚରକସଂହିତା ଓ ସୁଶ୍ରୁତ ସଂହିତା ଶରୀର ସ୍ଥାନ ଦେଖନ୍ତୁ ।

ପିତ୍ତପ୍ରଧାନ ସ୍ରାବ ସ୍ତ୍ରୀଙ୍କର ଅଧିକ କ୍ଷରଣ ସ୍ୱତଃ ହୋଇଥାଏ । ପରିଶ୍ରମଦ୍ୱାରା ତାହା ବଢ଼ିଯାଏ । ଫଳରେ ରକ୍ତ ସଂଚାଳନ ଦ୍ରୁତତର ହୁଏ, ଶ୍ରେଣୀକ୍ରିୟା ମଧ୍ୟ ଅଧିକ ହୁଏ ।

ଋତୁସ୍ରାବ କାଳରେ ଗର୍ଭାଶୟରେ ପ୍ରାକୃତିକ କ୍ଷତ ହୋଇ ରଜଃସ୍ରାବ ହେଉ ଥିବାରୁ ଉପର୍ଯ୍ୟୁକ୍ତ କାରଣଦ୍ୱାରା କ୍ଷତର ପରିସର ଏବଂ ସ୍ରାବର ମାତ୍ରା ବଢ଼ିଯାଏ । ଶରୀର ଶୋଧନ ଏବଂ ଗର୍ଭାଶୟର ପରିଷ୍କରଣ ସହାଯେ ଦୂଷିତ ରକ୍ତସଙ୍ଗେ ଧାତୁରକ୍ତର ସ୍ରାବ ହୋଇଯାଏ । ପରିଣାମରେ ରକ୍ତ କ୍ଷୟ ଜନିତ ନାନାବିଧ ଉପଦ୍ରବ ଗର୍ଭାଶୟ କଳାର ସଂକ୍ଷୋଭ ଫଳରେ ପ୍ରଦର, ଗର୍ଭଧାରଣରେ ଅକ୍ଷମତା ପ୍ରଭୃତି ନାନାବିଧ କଷ୍ଟସାଧ୍ୟ ରୋଗସୃଷ୍ଟିର ଆଶଙ୍କା ରହେ ।

## ମାନସିକ ପରିଶ୍ରମର ପରିଣାମ.—

ଋତୁକାଳରେ ଅଧିକ ମାନସିକ ଶ୍ରମ ବା ଉତ୍ତେଜନାଦ୍ୱାରା ରଜୋବିଷ ପ୍ରଭାବରୁ ସହଜରେ ନାଡ଼ୀସଂସ୍ଥାନ ( Nervous system ) କ୍ଷୁବ୍ଧ ହୁଏ ଓ ସମଗ୍ର ଶରୀରରେ ଅବସାଦକ ପ୍ରଭାବ ପଡ଼ାଏ । ସ୍ଥାନିକ ଅବସାଦ ଓ ବାତର ବିଭ୍ରମ ଯୋଗୁଁ ବାଧକ, ନଷ୍ଟାପତ୍ୟତା, ଭ୍ରମ ପ୍ରଭୃତି ଦୁରାରୋଗ୍ୟ ବ୍ୟାଧି ଉତ୍ପନ୍ନ ହୁଏ । ଏହି କାରଣରୁ ଆୟୁର୍ବେଦ ଶାରୀରିକ ତଥା ମାନସିକ ପରିଶ୍ରମ, ଉତ୍ତେଜନା, ଶୀତକ୍ରିୟା ପ୍ରଭୃତି ବର୍ଜନ କରିବାର ପରାମର୍ଶ ଦିଏ । (୫)

ହୋମିଓପାଥି ମଧ୍ୟ ଉକ୍ତ ମତର ... କରେ ।

ବିଶେଷତଃ ପ୍ରକୃତି ପ୍ରଭାବରୁ ... ବୀଜାଧାର (Ovary)ର ପୂର୍ଣ୍ଣତା ଆସିଲେ ... ରଜଃସ୍ରାବ ବାହ୍ୟଲକ୍ଷଣ ରୂପେ ଅଭିବ୍ୟକ୍ତ ହୁଏ । ... ପ୍ରକାର ନିର୍ଦ୍ଦିଷ୍ଟ ରୀତିରେ ଉକ୍ତ ବୀଜାଧାରର ... (hermones) ଶରୀରର ବିଭିନ୍ନ ଅବୟବ ... ପ୍ରଭାବିତ କରେ ଏବଂ ସ୍ତନ ବର୍ଦ୍ଧନାଦି କାମାଙ୍ଗ ... ପୁଷ୍ଟି ସାଧନା କରେ । ଋତୁ କାଳରେ ଉକ୍ତ ... ବିଶେଷ ଭାବରେ ଘଟେ । ଏଣୁ ସେ ... କାମେଚ୍ଛା (sexua impulse) ସମସ୍ତ ... ଏକଜାତୀୟ ଉତ୍ତେଜନା ସୃଷ୍ଟି କରେ । ତାର ... ଲକ୍ଷଣ ରୂପେ ଲାଳାସ୍ରାବ, ମୁହୁର୍ମୁହୁ ମୂତ୍ରପ୍ରବୃତ୍ତି, ... ନିର୍ଗମ ଏବଂ କାମାଙ୍ଗ ଗୁଡ଼ିକର ସ୍ଫୁରଣ ହୁଏ ।

କାମାଙ୍ଗର ସ୍ପନ୍ଦନ ଋତୁମତୀ ମନରେ କାମେଚ୍ଛା ଜାତ କରି ପୁରୁଷ ପ୍ରତି ଆକୃଷ୍ଟ କରେ । ସୁତରାଂ ରଜସ୍ୱଳା ପୁରୁଷର ସ୍ପର୍ଶରେ ଆନନ୍ଦଲାଭ କରେ ଏବଂ ପୁରୁଷ ସଙ୍ଗେ ଦୈହିକ ମିଳନ କାମନା କରେ । ପରିପୂର୍ଣ୍ଣ ବୀଜାଧାର ଥିବା ପ୍ରତ୍ୟେକ ନାରୀ ପକ୍ଷରେ ଏହି ଜାତୀୟ ପ୍ରବୃତ୍ତି ବା ଉନ୍ମାଦନା ସ୍ୱାଭାବିକ ହେଲେ ହେଁ ଋତୁ କାଳରେ ତାହା ବିଶେଷ ଭାବେ ବଢ଼ିଯାଏ । ଅନୁକୂଳ ବାତାବରଣରେ ଅସହ୍ୟ ଅସମ୍ବରଣୀୟ ହୋଇ ଉଠେ । ପ୍ରାଚୀନ ଆୟୁର୍ବେଦ ସଙ୍ଗେ ଆଧୁନିକ ଚିକିତ୍ସା ...

(୫) ଆର୍ତ୍ତବସ୍ରାବଦିବସାଦହିଂସା ବ୍ରହ୍ମଚାରିଣୀ,
ନେତ୍ରୟୋରଞ୍ଜନଂ ସ୍ନାନଂ ଦିବାସ୍ୱପ୍ନଂ ପ୍ରଧାବନମ୍ ।
ଅତ୍ୟୁଚ୍ଚଶବ୍ଦଶ୍ରବଣଂ ହସନଂ ବହୁ ଭାଷଣମ୍,
ଆୟାସଂ ଭୂମିଖନନଂ ପ୍ରବାତଂ ଚ ବିବର୍ଜୟେତ୍ । (ଭାବପ୍ରକାଶ)

All sources of physical and mental depression should be carefully avoided and all undue excitation either of the physical or mental powers, night air and exposure to dampness or wet feet lying upon feather beds also sleeping too long especially too late in the morning .......... must always be highly injurious.

(Manual of homœpathic practice by A. E. Small)

ଲେଖକ ମଧ୍ୟ ଏ ବିଷୟରେ ଏକମତ । ଡାକ୍ତର କେଥେ-ରିନ୍ ଡେଭିସ୍ (Katherine Devis) ଦୁଇ ହଜାରରୁ ଅଧିକ ସ୍ତ୍ରୀଲୋକଙ୍କ ପରୀକ୍ଷା କରି ଦେଖିଛନ୍ତି ଯେ, ସର୍ବାପେକ୍ଷା ଅଧିକ କାମ ପ୍ରବୃତ୍ତି ଋତୁକାଳରେ ହିଁ ପ୍ରକାଶ ପାଏ । (୭) ସାଧାରଣତଃ ରଜଃସ୍ରାବ ଯୋଗୁଁ ଜନନାଙ୍ଗର ଉତ୍ତେଜନା ଏବଂ ଉକୋବିଷ ଜନିତ ମାନସିକ ତଥା ଶାରୀରିକ ଦୁଃସ୍ଥିତି ଏତାଦୃଶ କାମ ବାସନାର ପ୍ରଧାନ କାରଣ । ଉଷ୍ଣ ପ୍ରଧାନ ଦେଶରେ ଜଳବାୟୁର ପ୍ରାକୃତିକ ଉଷ୍ଣତା ଏହି ପ୍ରକାର ଉନ୍ମା-ଦନାର ବିଶେଷ ସହାୟକ । ସୁତରାଂ ୟୁରୋପ ଆମେରିକା ପ୍ରଭୃତି ଶୀତପ୍ରଧାନ ଦେଶ ଅପେକ୍ଷା ଭାରତବର୍ଷରେ ରଜସ୍ୱଳା ନିୟମ ପାଳନର ଉପଯୋଗିତା ଯଥେଷ୍ଟ ବେଶି ।

ସାଧାରଣ ଗୃହ କର୍ମରେ ବ୍ୟାପୃତ ରହିଲେ ପୁରୁଷର ସାହଚର୍ଯ୍ୟ ଅପରିହାର୍ଯ୍ୟ । ଫଳରେ କାମବାସ-ନାର ଉଦ୍ରେକ ମଧ୍ୟ ଅତ୍ୟନ୍ତ ସ୍ୱାଭାବିକ । ମୈଥୁନରେ ଅତୃପ୍ତି ବା ପ୍ରବୃତ୍ତିର ଅଯଥା ନିରୋଧ ଗର୍ଭାଶୟ ତଥା ଯୋନାଧାରର ବିକାର ସୃଷ୍ଟି କରେ । ପ୍ରବଳ ଆକାଙ୍‌କ୍ଷା ସତ୍ତ୍ୱେ ଯୌନ ପ୍ରବୃତ୍ତି ଚରିତାର୍ଥ ନହେଲେ ବାଧକ, ରଜଃଶୂଳ ପ୍ରଭୃତି ରୋଗ ଜାତ ହୁଏ । ଗର୍ଭଧାରଣ କ୍ଷମତା କ୍ରମେ ଲୋପ ପାଏ । ଭ୍ରମ, ଅଗ୍ନିମାନ୍ଦ୍ୟ, ହସ୍ତପଦାଦିର ଜ୍ୱାଳା, ପ୍ରକୃତିରେ ମଧ୍ୟ ଅସହିଷ୍ଣୁତା ଓ ବିରକ୍ତି ପ୍ରକାଶ ପାଏ । ବିଶେଷତଃ କାମଲିପ୍ସାର ଅତୃପ୍ତି ଯୋଷାପସ୍ମାର (hysteria) ରୋଗର ଅନ୍ୟତମ ମୁଖ୍ୟ କାରଣ ରୂପେ ବିବେଚିତ ହୁଏ ।

ସୁତରାଂ ଯେଉଁ ପ୍ରକାର ନିୟମ ପାଳନ କଲେ ଦୈନନ୍ଦିନ ଜୀବନର ସମ୍ଭାବ୍ୟ ସୁଖ, ଦୁଃଖ, ଅବସାଦ, ଉତ୍ତେଜନା ପ୍ରଭୃତିରୁ ଅବ୍ୟାହତି ମିଳିବ, ପୁରୁଷର ସାହଚର୍ଯ୍ୟ ତଥା ଅନ୍ୟବିଧ କାମୋଦ୍ଦୀପକ ବିଷୟର ସମ୍ପର୍କ ନ ରହିବ ଏବଂ ମାନସିକ ସନ୍ତୁଳନ ଅବ୍ୟାହତ ରଖାଯାଇ ପାରିବ ସେହି ପ୍ରକାର ବିଧି ସର୍ବଥା ପାଳନୀୟ । ଏପରି ଗୁଡ଼ିଏ କାରଣରୁ ଗୃହ କର୍ମରୁ ନିବୃତ୍ତ ରହିବା ସକାଶେ ଧର୍ମଶାସ୍ତ୍ରକାରମାନେ ପରାମର୍ଶ ଦେଇଛନ୍ତି ।

## ସହବାସର କୁପରିଣାମ—

ରଜସ୍ୱଳାପକ୍ଷରେ ସମ୍ଭୋଗ - ସ୍ପୃହା ଯେତେ ତୀବ୍ର ହେଲେ ମଧ୍ୟ ତାର ନିରୋଧ ହିଁ କାମ୍ୟ । କାରଣ ଉକ୍ତ ପ୍ରବୃତ୍ତିର ନିରୋଧଦ୍ୱାରା ଯେତିକି କ୍ଷତି ହୁଏ ତା ଅପେକ୍ଷା ଅଧିକ ଅପକାର ଋତୁକାଳୀନ ସମ୍ଭୋଗରୁ ଘଟେ । ସେହି ହେତୁରୁ ନୀତି ନିର୍ଦ୍ଦେଶକମାନେ ତାର ନିଷେଧ କରି ମଧ୍ୟ ଦେଇଛନ୍ତି ଯେ, "ଗମ୍ୟା ନିବୃତ୍ତେ ରଜସି ନାନିବୃତ୍ତେ କଥଞ୍ଚନ" (ଆପସ୍ତମ୍ବ) । କାରଣ ତାଦ୍ୱାରା ସ୍ତ୍ରୀ, ପୁରୁଷ ଏବଂ ସେହି ସଂସର୍ଗରୁ ଜାତ ସନ୍ତାନର ମଧ୍ୟ ଅଶେଷ କ୍ଷତି ସାଧିତ ହୁଏ । ଧର୍ମ - ଶାସ୍ତ୍ରକାରମାନେ

---

(୭) ପୀନପ୍ରସନ୍ନବଦନାଂ ପ୍ରଫୁଲ୍ଲାମ୍ବୁଜମୁଖ ଦ୍ୱିଜାମ୍,
ନରକାମାଂ ପ୍ରିୟକଥାଂ ସ୍ରସ୍ତକୁକ୍ଷ୍ୟକ୍ଷିମୂର୍ଦ୍ଧଜମ୍ ।
ସ୍ଫୁରଦ୍‌ଭୁଜକୁଚ ଶ୍ରୋଣୀ ନାଭ୍ୟୁରୁଜଘନସ୍ଫିଚାମ୍,
ହର୍ଷୌତ୍ସୁକ୍ୟପରାଂ ଚାପି ବିଦ୍ୟାଦୃତୁମତୀମିତି । (ସୁଶ୍ରୁତ ଶା:)

During menstruation sexual ardour is at its highest peak. Women who may not be easilly approachable otherwise or who may be friged by nature will worm up under the stimulas of menstruation and exibit more than habitual interest in sexual matters. (Riddles of sex)

In woman the period of maximum desire generally falls somewhere about the time of menstruation. (The physiology of sex by Keneth Walker)

ରଜସ୍ୱଳା ସଙ୍ଗମର ନିଷେଧ ମାତ୍ର କରି ନାହାନ୍ତି, ଅନେକ ସ୍ଥଳରେ ତାର କୁପରିଣାମ ବିଷୟରେ ମଧ୍ୟ ସତର୍କ କରାଇ ଦେଇଛନ୍ତି । ଯଥା—

"ରଜସାଭିପ୍ଳୁତାଂ ନାର୍ଯ୍ୟଂ ନରସ୍ୟ ହ୍ୟୁପଗଚ୍ଛତଃ,
ପ୍ରଜ୍ଞା ତେଜୋ ବଳଂ ଚକ୍ଷୁରାୟୁଶ୍ଚୈବ ପ୍ରହୀୟତେ ।"
( ମନୁସ୍ମୃତି ଅ ୪ । ୪୧ )

ଧର୍ମଶାସ୍ତ୍ରର ଏହିମତ ଚିକିତ୍ସାଶାସ୍ତ୍ର ମଧ୍ୟ ଅକ୍ଷରେ ଅକ୍ଷରେ ସ୍ୱୀକାର କରେ । ଆୟୁର୍ବେଦ ମତରେ ରଜସ୍ୱଳା ସଙ୍ଗମରୁ ପୁରୁଷର ଦୃଷ୍ଟିଶକ୍ତି କ୍ଷୀଣ ହୁଏ ଓ ତେଜୋହାନି ଘଟେ, ଧ୍ୱଜଭଙ୍ଗ ହୁଏ । (୮)

ସାଧାରଣତଃ ସଙ୍ଗମ କାଳରେ ଶିଶ୍ନ ଏବଂ ଅପତ୍ୟ-ପଥରୁ ଏକ ପ୍ରକାର ତରଳଦ୍ରବ୍ୟର କ୍ଷରଣ ହୁଏ । ପୁରୁଷାଙ୍ଗର ସ୍ରାବ ଯୋନିର ଶ୍ଳେଷ୍ମଳକଳା ଦ୍ୱାରା ଏବଂ ସ୍ତ୍ରୀଜନନାଙ୍ଗରୁ କ୍ଷରିତ ଦ୍ରବ୍ୟ ଶିଶ୍ନଗତ ସୂକ୍ଷ୍ମକଳାଦ୍ୱାରା ଅଚୂଷିତ ହୁଏ । ରଜସ୍ୱଳାର ଉକ୍ତ ସ୍ରାବ ସଙ୍ଗେ ରଜୋବିଷ ମିଶ୍ରିତ ଥିବାରୁ ତାହା ମଧ୍ୟ ପୁରୁଷାଙ୍ଗଦ୍ୱାରା ଶୋଷିତ ହୋଇଯାଏ । ପରିଣାମରେ ଲିଙ୍ଗର ସୂକ୍ଷ୍ମ ରକ୍ତବାହିନୀ ଏବଂ ସ୍ନାୟୁମାନ ଗୁଡ଼ିକ ଉକ୍ତ ରଜୋବିଷର କ୍ରିୟାରୁ ବିକୃତ ଓ ରୋଗଗ୍ରସ୍ତ ହୁଅନ୍ତି । ଫଳରେ ମୂତ୍ର ପ୍ରସେକ, ଶୋଥ, ବିଶେଷତଃ ଶିଶ୍ନମଣି ( ଲିଙ୍ଗର ଅଗ୍ରଭାଗ )ରେ ଏକ ପ୍ରକାର ବିସର୍ପଣଶୀଳ ଉପଦଂଶ ବ୍ରଣ ଜାତ ହୁଏ । (୯)

ଆୟୁର୍ବେଦ ମତରେ ଏହି ରଜୋବିଷ ଋତୁକାଳୀନ ସଙ୍ଗମରୁ ପୁରୁଷ ଶରୀରରେ ପ୍ରବେଶ କରି ନାନାପ୍ରକାର ଚକ୍ଷୁରୋଗର କାରଣ ହୁଏ । ବିଶେଷ ଭାବରେ ଏହା ଚକ୍ଷୁ ବିତାନ ( Retina ) ଏବଂ ତଦ୍‌ଗତ ଅଲୋଚକ ପିତ୍ତର ଯଥାକ୍ରମେ ଶୋଥ ଏବଂ ଉତ୍ତେଜନା ସୃଷ୍ଟି କରେ । ଅଲୋଚକ ପିତ୍ତର ବର୍ଣ୍ଣ ବୋଧକ ଅଂଶ (Rodopsin)ର ସ୍ରାବ ଅଧିକ ହୋଇ ଚକ୍ଷୁସ୍ନେହ ଦୂଷିତ କରେ । କ୍ରମେ ନେତ୍ରୋଦକ ( aquous humor ) ଏବଂ ମେଦୋଦକ (Vitirous humor)ର ଘନତ୍ୱରେ ବ୍ୟତିକ୍ରମ ଘଟେ । ପରିଣାମରେ ଦୃଷ୍ଟି ଶକ୍ତିହ୍ରାସ, ଅଭିଷ୍ୟନ୍ଦ, ଅଧିମନ୍ଥ (Conjectivites, corneal ulcer)ପ୍ରଭୃତି କଷ୍ଟସାଧ୍ୟ ରୋଗସୃଷ୍ଟିର ଆଶଙ୍କା ରହେ ।

ଋତୁକାଳୀନ ସମ୍ଭୋଗରୁ ସ୍ତ୍ରୀମାନଙ୍କର ନାନା ପ୍ରକାର ରୋଗହୁଏ । ଗର୍ଭାଶୟରେ ସ୍ୱଭାବତଃ କ୍ଷତ ହୋଇ ରଜଃସ୍ରାବ ହେଉ ଥିବାରୁ ମୈଥୁନ କ୍ରିୟାଦ୍ୱାରା ସ୍ଥାନିକ ଉତ୍ତେଜନା ବଢ଼ି କ୍ଷତର ପରିସର ବୃଦ୍ଧି ପାଏ ଏବଂ ରକ୍ତସ୍ରାବ ହୁଏ । ଗର୍ଭାଶୟ ଓ ଅପତ୍ୟପଥର ଶ୍ଳୈଷ୍ମିକ କଳା ଦୁର୍ବଳ ହୋଇ କାଳକ୍ରମେ ଶ୍ୱେତପ୍ରଦର ଜାତୀୟ ବିଭିନ୍ନ ରୋଗ ସୃଷ୍ଟି କରେ ।

ଋତୁସ୍ରାବ କାଳରେ ଗର୍ଭାଧାନ କଲେ ଗର୍ଭ ସ୍ଥିର ହୁଏନାହିଁ । ସ୍ଥିର ରହିଲେ ସୁଦ୍ଧା ଜାତ ଶିଶୁ ଅଳ୍ପାୟୁ ଓ ରୁଗ୍‌ଣ ହୁଏ । ବିକଳାଙ୍ଗ ହେବାର ଆଶଙ୍କା ରହେ । (୧୦)

ଅଧୁନାତ ଚିକିତ୍ସା ବିଜ୍ଞାନ ମଧ୍ୟ ଏହି ମତର ପୋଷକ । ଖଞ୍ଜତା, କୁବ୍‌ଜତା ପ୍ରଭୃତି ଅଙ୍ଗବିକୃତ, ଅସ୍ୱାଭାବିକ ଆକୃତ, Congenital malformation,

---

(୮) "ରଜସ୍ୱଳାଂ ପ୍ରାପ୍ତବତଃ ନରସ୍ୟାନିୟତାତ୍ମନଃ
ଦୃଷ୍ଟ୍ୟାୟୁ ସ୍ତେଜସୋହାନି ରଧର୍ମଶ୍ଚ ତତୋ ଭବେତ୍" । (ସୁଶ୍ରୁତ ନିଦାନ)
"ଦୀର୍ଘରୋଗାଂ ଚିରୋତ୍ସୃଷ୍ଟାଂ ତଥୈବ ଚ ରଜସ୍ୱଳାମ୍,
ଈଦୃଶୀଂ ପ୍ରମଦାଂ ମୋହାତ୍ ଯୋ ଗଚ୍ଛେତ୍ କାମହର୍ଷିତଃ ।
ରେତସଶ୍ଚ ପ୍ରତୀଘାତାତ୍ ଧ୍ୱଜଭଙ୍ଗଃ ପ୍ରଜାୟତେ । (ଚରକ ଚିକିତ୍ସା)
(୯) "ରଜସ୍ୱଳା ମୁପସେବମାନସ୍ୟ ପ୍ରକୁପିତା ଦୋଷା ମେଢ୍ରମାଗତ୍ୟ ଶ୍ୱୟଥୁଂ ଜନୟନ୍ତି । ତମୁପଦଂଶମିତ୍ୟାଚକ୍ଷତେ ।" (ସୁଶ୍ରୁତ ନିଦାନ)
(୧୦) ସୁଶ୍ରୁତ ଶା, ଅ ୨

monsters, gigantism ପ୍ରଭୃତି ବିକୃତିର ସନ୍ତାନ କାରଣ ହୁଏ ରଜଃସ୍ରାବ କାଳୀନ ଗର୍ଭାଧାନ ସ୍ୱୀକୃତ ହୋଇନାହିଁ । ଏହିପରି ଗୁରୁତ୍ୱ କାରଣରୁ ଧର୍ମଶାସ୍ତ୍ର କହେ— "ତସ୍ୟା ଜନ୍ମବେ ବଜପି ନାଭିନୃତ୍ୱେ କଥଞ୍ଚନ" ।

**ଅସ୍ପୃଶ୍ୟତା —**

ରଜଃସ୍ରାବର ମୁଖ୍ୟତଃ ଦୁଇଟି ଲକ୍ଷ୍ୟ ସ୍ୱୀକାର କରାଯାଏ । (୧) ଗର୍ଭଧାରଣ କ୍ଷମତା ସୂଚନା ଏବଂ (୨) ଶରୀରର ଶୋଧନ । ରକ୍ତ ସଙ୍ଗେ ଶରୀରର ଦୋଷ ବା ରୋଗାତ୍ମକ ଉପାଦାନ ଗୁଡ଼ିକୁ ପ୍ରକୃତି ବାହାର କରିଦିଏ ଫଳରେ ଗର୍ଭାଶୟ ଶୁଦ୍ଧ ଏବଂ ମନ ସୁସ୍ଥିର ରହେ । (୧୧)

ରକ୍ତ ସଙ୍ଗେ ଦେହର ଦୂଷିତ ଦ୍ରବ୍ୟଗୁଡ଼ିକ ନିଃସୃତ ହେଉଥିବାରୁ ତା ସମ୍ପର୍କରୁ ବିଷକ୍ରିୟା ଘଟି ଚକ୍ଷୁ ବିକାର ତଥା ଉପଦଂଶ ଜାତୀୟ ରୋଗର ଉତ୍ପତ୍ତି ହୁଏ । ଏ ବିଷୟରେ ପ୍ରାଚୀନ ତଥା ଅଧୁନାତନ ଉଭୟ ଚିକିତ୍ସାଶାସ୍ତ୍ର ଏକମତ । ଏ ଦିଗରେ ସୂକ୍ଷ୍ମ ନିରୀକ୍ଷଣ ଓ ଆଲୋଚନା ଚାଲିଛି । ଅନୁସନ୍ଧାନରୁ କେତେକ ତଥ୍ୟ କ୍ରମେ ପ୍ରକାଶ ପାଉଛି । ଋତୁସ୍ରାବ କାଳରେ ରକ୍ତ ଏପରି କି ସ୍ୱେଦ, ମୂତ୍ର, ଲାଳ ପ୍ରଭୃତି ଶରୀରର ବିଭିନ୍ନ କ୍ଷରଣ ସଙ୍ଗେ ଏକପ୍ରକାର ବିଷାକ୍ତ ଦ୍ରବ୍ୟ 'ରଜୋ--ବିଷ' (menstrual toxin) ନିର୍ଗତ ହେଉଥାଏ । (୧୨)

ହିନ୍ଦୁ ଧର୍ମଶାସ୍ତ୍ର ମତରେ ରଜସ୍ୱଳା ଦ୍ୱାରା ସ୍ପୃଷ୍ଟ ବା ଅବଲୋକିତ ଅନ୍ନ ଭୋଜନ ନିଷିଦ୍ଧ । (୧୩) ରଜୋ-ବିଷର ସଂକ୍ରମଣ ଦ୍ୱାରା ଖାଦ୍ୟଦ୍ରବ୍ୟ ଦୂଷିତ ହୋଇଯାଏ । ସ୍ତନ୍ୟପାୟୀ ଶିଶୁମାନେ ରଜସ୍ୱଳା ସ୍ତ୍ରୀର ସ୍ତନ୍ୟପାନ କଲେ ଉକ୍ତ ରଜୋବିଷ ପ୍ରଭାବରୁ ଅଜୀର୍ଣ୍ଣ ରୋଗରେ ପୀଡ଼ିତ ହେବା ଦେଖାଯାଏ । (୧୪)

ସ୍ୱେଦ ପ୍ରଭୃତି ବିଭିନ୍ନ ସ୍ରାବ ସଙ୍ଗେ ରଜୋବିଷ ନିର୍ଗତ ହେଉଥିବାରୁ ରଜସ୍ୱଳାର ସଂସ୍ପର୍ଶରେ ଆସିଲେ ଯେ କୌଣସି ଦ୍ରବ୍ୟ ଉକ୍ତ ବିଷଦ୍ୱାରା ସଂକ୍ରମିତ ଓ ଦୂଷିତ ହେବାର ସମ୍ଭାବନା ରହିଛି । ମୃଦୁ ହେଲେ ମଧ୍ୟ ରଜୋବିଷର ଅନାବଶ୍ୟକ ସଂଗ୍ରହର ନିରୋଧ ଲାଗି ରଜସ୍ୱଳା ଗୃହକର୍ମରୁ ବିରତ ରହିବା ବାଞ୍ଛନୀୟ । ଏପରି କେତେକ କାରଣରୁ ଧର୍ମଶାସ୍ତ୍ରକାରମାନେ ରଜସ୍ୱଳା ସଂସ୍ପର୍ଶ ବର୍ଜନ ଲାଗି ପରାମର୍ଶ ଦିଅନ୍ତି । ପାଶ୍ଚାତ୍ୟ ବୈଜ୍ଞାନିକମାନେ ମଧ୍ୟ କ୍ରମେ ଏହି ସତ୍ୟ ଉପଲବ୍ଧି କରି ରଜସ୍ୱଳା ସ୍ତ୍ରୀଠାରୁ ଦୂରରେ ରହିବାକୁ ଉପଦେଶ ଦିଅନ୍ତି । ବିଂଶ ଶତାବ୍ଦୀର ଶ୍ରେଷ୍ଠ ଯୌନତତ୍ତ୍ୱବିତ୍ Havlok Ellis ତାଙ୍କର ପୃଥିବୀ ବିଖ୍ୟାତ ଯୌନ-ଶାସ୍ତ୍ର Studies in the physiology of sex ବହିରେ ଲେଖିଛନ୍ତି "Oh menstruating woman thou art a friend, from whom

(୧୧) ରଜଃ ପ୍ରସେକାତ୍ ନାରୀଣାଂ ମାସି ମାସି ବିଶୁଧ୍ୟତି । ସର୍ବଂ ଶରୀରଂ ଦୋଷାଶ୍ଚ । (ଡହ୍ଲଣ)

Menstruation is Nature's wash - day ...... menstrual blood possesses none of the vital properties peculiar to that which escapes when hæmorrhage occures. (Laws of sexual physiology)

(୧୨) (Introduction to sexual physiology) ଦ୍ରଷ୍ଟବ୍ୟ ।

(୧୩) ମନୁସ୍ମୃତି ଅ. ୦ ଶ୍ଳୋକ ୨୦୮ ଦ୍ରଷ୍ଟବ୍ୟ ।

(୧୪) ସାଧାରଣତଃ ପ୍ରସବ ପରେ କେତେମାସ ସ୍ତ୍ରୀମାନଙ୍କର ମାସିକ ଋତୁସ୍ରାବ ବନ୍ଦ ରହେ । ରଜୋବିଷ ପ୍ରଭାବରୁ ସ୍ତନନ୍ଧୟମାନଙ୍କୁ ରକ୍ଷା କରିବା ସକାଶେ ସମ୍ଭବତଃ ପ୍ରକୃତିର ଏହି ବ୍ୟବସ୍ଥା । ପ୍ରାୟତଃ ଶିଶୁମାନଙ୍କର ଅନ୍ନପ୍ରାଶନ ବୟସ ପର୍ଯ୍ୟନ୍ତ ଜନନୀର ରଜଃସ୍ରାବ ବନ୍ଦ ରହିବା ଦେଖାଯାଏ ।

(14) The menstrual toxin is believed to affect the milk in the lactating women. Children sucking at such times being liable to digestive disturbances.
( Sexual physiology )

all nature should be closely screened".
(ଋତୁସ୍ରାବ ସମୟରେ ରମଣୀ ରାକ୍ଷସୀ ପାଲଟିଯାଏ । ସେତେବେଳେ ସମଗ୍ର ପ୍ରକୃତି ତାଠାରୁ ନିଷ୍ଠୁର ସହିତ ଦୂରରେ ରହିବା ଆବଶ୍ୟକ )

## ହବିଷ୍ୟ ପାଳନ:—

ରଜସ୍ୱଳା ପ୍ରଥମ ତିନିଦିନ ଦିନରେ ଥରେ ମାତ୍ର ଲଘୁ ଓ ସୌମ୍ୟ ଆହାର ସେବନ କରିବ । ଏହା ଆମ ଦେଶର ଲୋକାଚାର । ଧର୍ମଶାସ୍ତ୍ରର ନିର୍ଦ୍ଦେଶ ମଧ୍ୟ ଏଇଆ । ଆୟୁର୍ବେଦ ମତରେ "କରେ ଶରାବେ ପର୍ଣେ ବା ହବିଷ୍ୟଂ ତ୍ର୍ୟହମାଚରେତ୍ " ।

ରଜସ୍ରାବ କାଳରେ ସ୍ତ୍ରୀ ମାନଙ୍କର ଖାଦ୍ୟ ଉଚିତ ପ୍ରକାରେ ହଜମ ହୁଏନାହିଁ । ତାର କାରଣ ରକ୍ତୋତ୍କ୍ଷେପ-ମାନସିକଦୁଃସ୍ଥିତି ଏବଂ ଶାରୀରିକ ପରିଶ୍ରମର ଅଭାବ । ସୁତରାଂ ରଜସ୍ୱଳା ଅପେକ୍ଷାକୃତ ଅଳ୍ପ ପରିମାଣ ଖାଦ୍ୟ ଖାଇବା ଦରକାର । କେବଳ ପରିମାଣରେ ଅଳ୍ପ ନୁହେ ଖାଦ୍ୟର ପ୍ରକାର ମଧ୍ୟ ଅନ୍ୟଦିନ ତୁଳନାରେ ଲଘୁ ଓ ସୌମ୍ୟ ହେବା ଆବଶ୍ୟକ । ଅନ୍ୟଥା ଅଜୀର୍ଣ୍ଣ ଭୋଜନ, ତୀକ୍ଷ୍ଣ କଟୁଦ୍ରବ୍ୟ ଓ ମଦ୍ୟ ଜାତୀୟ ଖାଦ୍ୟପେୟ ଦ୍ୱାରା ପ୍ରଦର ପ୍ରଭୃତି ଗୁହ୍ୟରୋଗ ଅତିଶୀଘ୍ର ଉତ୍ପନ୍ନ ହୁଏ । ଏ ରୋଗର ଉତ୍ପତ୍ତି ଆୟୁର୍ବେଦ ମତରେ "ବିରୁଦ୍ଧମଦ୍ୟାଧ୍ୟ-ଶନାତ୍ ଅଜୀର୍ଣ୍ଣାତ୍" ।(୧୫)

ଆଧୁନିକ ଚିକିତ୍ସା (ଡାକ୍ତର) ଅନୁସାରେ ତାର କାରଣ "Over indulgence in food and alcoholic drinks"—

ହୋମିଓପାଥି ଏ ବିଷୟରେ ଅନୁରୂପ ମତ (୧୬) ପ୍ରକାଶ କରେ । All stimulating drinks, all highly seasoned food, all spices, perfumary and strong aromatic substances must always be highly injurious".

ହବିଷ୍ୟରେ କୌଣସି ପ୍ରକାର ତୀକ୍ଷ୍ଣ କଟୁ ଉତ୍ତେଜକ ଦ୍ରବ୍ୟ ସେବନ କରାଯାଏ ନାହିଁ (୧୭) ସାଧାରଣତଃ ଲଘୁ, ସୌମ୍ୟ, କୋଷ୍ଠପରିଷ୍କାରକ ଏବଂ ତୃପ୍ତି ସମ୍ପାଦକ ଖାଦ୍ୟହିଁ ବ୍ୟବହାର କରାଯାଏ । ରଜସ୍ୱଳା ପକ୍ଷରେ ସେହି ଜାତୀୟ ଖାଦ୍ୟର ସେବନ ହିଁ ଶାସ୍ତ୍ରସମ୍ମତ ଓ ସ୍ୱାସ୍ଥ୍ୟସମ୍ମତ । ଏ ବିଷୟରେ ପ୍ରାଚ୍ୟ ଏବଂ ପାଶ୍ଚାତ୍ୟ ଉଭୟ ଚିକିତ୍ସାବିଜ୍ଞାନ ଏକମତ । (୧୮)

(୧୫) ମାଧବକର ନିଦାନ ।

(16) "Deseases of Women" by Bland Sutton and Gibs.

(17) Manual of homeopathic practice by A. E. Small.

(୧୮) "କ୍ଷୌରେୟଂ ଯାବକଂ ସ୍ତୋକଂ କୋଷ୍ଠଶୋଧନ
କରେ ଶରାବେ ପର୍ଣେ ବା ଭୁଞ୍ଜୀତ ବ୍ରହ୍ମଚାରିଣୀ ।" ( ଅଷ୍ଟାଙ୍ଗ, ଶାରୀର )
ଯାବକଂ ପୟସାସିଦ୍ଧଂ ଅଳ୍ପଂ ... ... ଅଶ୍ନୀୟାତ୍ ।
ତୀକ୍ଷ୍ଣୋଷ୍ଣାମ୍ଳାନି ଲବଣାନି ଚ ବର୍ଜୟେତ୍ । ( ଅଷ୍ଟାଙ୍ଗ ସଂଗ୍ରହ )

The stomach should never be over loaded and the food should not be in great a variety, course bread, wheat and Indian-bread, or bread made of oat meal.... ripe fruit taken in moderation. The drink should be water in no account should green tea, coffee, bear or any of the stimulating or affervessing be permitted.

( A. E. Small M. D. )

ହବିଷ୍ୟପାଳନର ଅନ୍ୟତମ ପ୍ରଧାନ ଲକ୍ଷ୍ୟ ଉଚିତ ଗର୍ଭାଧାନ । ବିଶେଷତଃ ପୁତ୍ର ସନ୍ତାନ ଲାଭ । ଗର୍ଭାଧାନ ସକାଶେ ସ୍ତ୍ରୀର କୃଶତା ବିଶେଷ ସହାୟକ । ପ୍ରାଣୀବିଶେଷରେ ଏହି ବ୍ୟବସ୍ଥା ଫଳପ୍ରଦ ହେବା ଦେଖାଯାଏ । କେବଳ ମନୁଷ୍ୟଠାରେ ଏହି ବିଧାନ ପରୀକ୍ଷା କରି ଯାଇନାହିଁ । ପଶୁଚିକିତ୍ସା ଶାସ୍ତ୍ର ଅନୁସାରେ ମଧ୍ୟ ଏହି ପ୍ରକାର ପ୍ରୟୋଗ କରାଯାଏ । ଗାଈ, ମଇଁଷି ଜାତୀୟ ପଶୁମାନଙ୍କୁ ୨।୩ ଦିନ ଆବଶ୍ୟକତାରୁ ଅଳ୍ପ ପରିମାଣ ଖାଦ୍ୟ ଦେଇ ପରେ ସଜାତୀୟ ପୁରୁଷସଙ୍ଗମ କରାଇଲେ ଗର୍ଭସ୍ଥିତିର ନିଶ୍ଚିତ ସମ୍ଭାବନା ରହେ । ଏହା ବହୁବାର ପରୀକ୍ଷିତ ଓ ନିଶ୍ଚିତ ସତ୍ୟ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି ।

ସୁତରାଂ ପୂର୍ବୋକ୍ତ ପ୍ରଣାଳୀରେ ହବିଷ୍ୟପାଳନ କରି ଋତୁନିବୃତ୍ତି ପରେ ବିଧିସମ୍ମତଭାବେ ଗର୍ଭାଧାନ କଲେ ପୁତ୍ର ସନ୍ତାନ ଲାଭର ସମ୍ଭାବନା ବଳବତ୍ତର ହୁଏ । ଏହା ଧର୍ମଶାସ୍ତ୍ର, ଆୟୁର୍ବେଦ ତଥା ଆଧୁନିକ ବିଜ୍ଞାନର ଅବିସମ୍ବାଦିତ ମତ । (୧୯) ସୁସ୍ଥ ଜାତି ଗଠନ ଉଦ୍ଦେଶ୍ୟରେ ସୁସନ୍ତାନ ଲାଭ ସକାଶେ ଧର୍ମଶାସ୍ତ୍ରକାରମାନେ ଯେଉଁ ନୀତିନିୟମ ପ୍ରଣୟନ କରି ଯାଇଛନ୍ତି ତାର ଯଥାର୍ଥ ପାଳନଦ୍ୱାରା ବହୁ ଆଧୁନିକ ସମସ୍ୟାର ସୁସମାଧାନ ହୋଇ ପାରିବ । ଦମ୍ପତି ଯଦି ନିଷ୍ଠାର ସହିତ ଜ୍ୟୋତିଷ ଧର୍ମଶାସ୍ତ୍ର ପ୍ରଭୃତି ପ୍ରାଚୀନ ମତର ନିର୍ଦ୍ଦେଶମାନ ଚଳନ୍ତେ ବର୍ତ୍ତମାନ ଯୁଗର ଗୋଟିଏ ପ୍ରଧାନ ସମସ୍ୟା ଜନ୍ମନିୟନ୍ତ୍ରଣ ଦିଗରେ ମଧ୍ୟ ଯଥେଷ୍ଟ ଅଗ୍ରଗତି ସମ୍ଭବପର ହୁଅନ୍ତା । ଖାଦ୍ୟ ସେମିତି ନିୟନ୍ତ୍ରିତ, ତିଥି, ବାର, ନକ୍ଷତ୍ର, ଗ୍ରହସ୍ଥିତି ଅନୁଯାୟୀ ଗର୍ଭାଧାନ ଲାଗି ଧର୍ମଶାସ୍ତ୍ରର ନିର୍ଦ୍ଦେଶ ମାନି ଚଳିଲେ ସୁସ୍ଥ ସବଳ ସ୍ୱାସ୍ଥ୍ୟଶାଳୀ ସନ୍ତାନ ଲାଭ ହେବ ଏବଂ ଗର୍ଭର ସ୍ଥିତିର ବ୍ୟବଧାନ ମଧ୍ୟ ବଢ଼ିଯିବ । ଫଳରେ ତାହା ଅବାଞ୍ଛନୀୟ ଜନସଂଖ୍ୟାବୃଦ୍ଧିର ନିରୋଧନରେ ସହାୟକ ହେବ । ଏବିଷୟରେ ଅଧିକ ଆଲୋଚନା ଏଠାରେ ସମ୍ଭବ ନୁହେଁ । ଏଠାରେ ଧର୍ମଶାସ୍ତ୍ରରେ ଲିଖିତ ବହୁ ବିଧି ନିଷେଧ ମଧ୍ୟରୁ ଗୋଟିଏ ମାତ୍ର ବିଧାନ 'ରଜସ୍ୱଳା ନିୟମ'ର ସାମାନ୍ୟ କେତୋଟି ବିଭାଗ ମାତ୍ର ସ୍ୱାସ୍ଥ୍ୟନୀତି ଦୃଷ୍ଟିରୁ ବିଚାର କରାଯାଇଛି । ଉକ୍ତ ନିୟମର ପାଳନରେ ବ୍ୟତିକ୍ରମ ଯୋଗୁଁ ସାଧାରଣତଃ ଆଧୁନିକ ଶିକ୍ଷିତା ମହିଳାମାନେ ହିଁ ବିଶେଷଭାବେ ଋତୁଶୂଳ, ରଜଃକୃଚ୍ଛ୍ର ପ୍ରଭୃତି ବିଭିନ୍ନ ଗୁହ୍ୟ ରୋଗରେ ପୀଡ଼ିତ ହେବା ଦେଖାଯାଏ । ପ୍ରାଚୀନ ପରମ୍ପରା ମାନି ଚଳୁଥିବା ସ୍ତ୍ରୀମାନଙ୍କଠାରେ ଏହି ଜାତୀୟ ରୋଗର ପ୍ରସାର ଅପେକ୍ଷାକୃତ କମ । ବର୍ତ୍ତମାନ ରଜଃସ୍ରାବ ସଙ୍ଗେ ସଙ୍ଗେ ଗାଧୋଇ ପଡ଼ିବା ଗୋଟିଏ ରୀତି ହୋଇ ଗଲାଣି । ଏହା ସ୍ୱାସ୍ଥ୍ୟ ପକ୍ଷରେ ବିଶେଷ କ୍ଷତିକାରକ । ଧର୍ମଶାସ୍ତ୍ର ବା ଆୟୁର୍ବେଦର ଏହା ଅସାର କଳ୍ପନା ନୁହେଁ । ଅତି ଆଧୁନିକ ଚିକିତ୍ସା ବିଜ୍ଞାନ ମତରେ ମଧ୍ୟ ରଜସ୍ରାବ କାଳରେ ଶୀତକ୍ରିୟାଦ୍ୱାରା ନାନା ପ୍ରକାର ରୋଗ ସୃଷ୍ଟିହୁଏ

Amenorrhea usually caused by sudden exposure wetting the feat etc.

---

(୧୯) ଏବଂ ଗଚ୍ଛନ୍ ସ୍ତ୍ରିୟଂ କ୍ଷାମାଂ ମଘାଂ ମୂଲାଂ ଚ ବର୍ଜୟେତ୍ । ସୁସ୍ଥେ ଇନ୍ଦୌ ସକୃତ୍ ପୁତ୍ରଂ ଲକ୍ଷଣ୍ୟଂ ଜନୟେତ୍ ପୁମାନ୍ । ( ଯାଜ୍ଞବଲ୍କ୍ୟ ) ଏଠାରେ ବିଜ୍ଞାନେଶ୍ୱର ଅଧିକ ସ୍ପଷ୍ଟ କରି ଉଲ୍ଲେଖ କରିଛନ୍ତି ଯେ, "କ୍ଷାମତା ଚ ତସ୍ମିନ୍ କାଳେ ରଜସ୍ୱଳା ବ୍ରତେନୈବ ଭବତି । ଅଥ ଚେତ୍ ନ ଭବତି କର୍ତ୍ତବ୍ୟା କ୍ଷାମତା ପୁତ୍ରୋତ୍ପତ୍ତ୍ୟର୍ଥଂ ଅଲ୍ପସ୍ନିଗ୍ଧଭୋଜନାଦିନା ।"

It is thus a question of physical condition shortly before and during the sexual union which is to lead to the desired child-birth. For this purpose the women who hopes to give birth to a son can have short measure food. ( Ideal birth, by Von-de-Valde. )

(20) Dr. A. E. Small. A. M. M. D.

# ମହାବିଦ୍ୟାଳୟ ସମାଚାର

## ସଦାଶିବ ସଂସ୍କୃତ ମହାବିଦ୍ୟାଳୟ

### ଛାତ୍ର ସଂଘ

ସଦାଶିବ ସଂସ୍କୃତ ମହାବିଦ୍ୟାଳୟରେ ଛାତ୍ରସଂଘର ଅଭାବ ଅନୁଭବ କରି ତତ୍କାଳୀନ ଛାତ୍ରମାନେ ଅଧ୍ୟକ୍ଷ ଶ୍ରୀଯୁକ୍ତ ରାମଚନ୍ଦ୍ର ମହାପାତ୍ର ମହୋଦୟଙ୍କ ଅନୁକୂଲ୍ୟରେ ୧୯୪୯ ମସିହାରେ ଛାତ୍ରସଂଘ ଗଠନ କରିଥିଲେ । ଏହା ମହାବିଦ୍ୟାଳୟର ମୁଖ୍ୟତଃ ୫ଟି ବିଭାଗର (ସାହିତ୍ୟ, ବ୍ୟାକରଣ, ଧର୍ମଶାସ୍ତ୍ର (ଜ୍ୟୋତିଷ-ପୁରାଣ), ଦର୍ଶନ ଓ ଆୟୁର୍ବେଦ) ପ୍ରତିନିଧି ୫ଜଣ, ଆର୍ଯ୍ୟଗୌରବ, ସବିତୃ, ଓ ନବଜୀବନର ସଂପାଦକ ତଥା ସହସଂପାଦକ ୬ଜଣ ଏବଂ ୟୁନିୟନ୍ ସଭାପତି, ଉପସଭାପତି, ସଂପାଦକ, ସହ ସଂପାଦକ ୪ଜଣଙ୍କୁ ନେଇ ସର୍ବମୋଟ ୧୫ଜଣ ୟୁନିୟନ୍‌ର କର୍ମକର୍ତ୍ତାଙ୍କ ଦ୍ୱାରା ଗଠିତ । ତା ୨-୧୨-୫୦ ମସିହାରେ ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ଓ ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଲିଙ୍ଗରାଜ ମିଶ୍ରଙ୍କ ଉପସ୍ଥିତିରେ ଉକ୍ତ ଛାତ୍ରସଂଘର ପ୍ରଥମ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

ଉକ୍ତ ସକ୍ରିୟ ଅନୁଷ୍ଠାନଟି ଦ୍ୱାରା ଦୀର୍ଘ ୧୯ବର୍ଷ ମଧ୍ୟରେ ନିମ୍ନୋକ୍ତ ବିଶିଷ୍ଟ କାର୍ଯ୍ୟମାନ ତାତ୍କାଳିକ ସଂପାଦକ ତଥା ସଭାପତିଙ୍କ ଦ୍ୱାରା ହୋଇପାରିଛି । ୧୯୫୨ ମସିହାରେ ପୂରାତନ ଛାତ୍ରସଂଘ ଗଠନ କରାଗଲା । ଛାତ୍ରାବାସରୁ ପ୍ରକାଶିତ ହୋଇଥିବା 'ପୌର୍ଣ୍ଣମାସୀ' ପତ୍ରିକାକୁ ନିଜର ମୁଖପତ୍ର ରୂପେ ୧୯୫୧ରେ ୟୁନିୟନ୍ ଗ୍ରହଣ କରି ତାର ପୁନଃପ୍ରକାଶନ କଲା । ୧୯୬୯ ମସିହାରେ ମହାବିଦ୍ୟାଳୟର ଅଧ୍ୟାପକ ଅଭାବ ଦୂରୀକରଣ ନିମନ୍ତେ ୪ଜଣ ଅଧ୍ୟାପକ ଆଣିବାରେ ବିଶେଷ ଚେଷ୍ଟା କରିଅଛି । ଏ ସମସ୍ତ କାର୍ଯ୍ୟଭିନ୍ନ ପ୍ରତିବର୍ଷ ସାଂସ୍କୃତିକ ଉତ୍ସବମାନ କରିଅଛି । (ପ୍ରତିବର୍ଷ ପ୍ରାୟ ୭।୮ ଦିନରୁ ଅଧିକ) ଏଥିପାଇଁ ବିଭିନ୍ନ ବର୍ଷରେ ସର୍ବଶ୍ରୀ ଡକ୍ଟର ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ରାଧାନାଥ ରଥ, ବୈରବଚନ୍ଦ୍ର ମହାନ୍ତି, ଲିଙ୍ଗରାଜ ପାଣିଗ୍ରାହୀ, ସତ୍ୟପ୍ରିୟ ମହାନ୍ତି, ଡକ୍ଟର ରାମପ୍ରସାଦ ମିଶ୍ର, ମଦନମୋହନ ସିଂହଦେଓ ପ୍ରମୁଖ ମନ୍ତ୍ରୀବର୍ଗ ଏବଂ ସେକ୍ରେଟେରୀ ଶ୍ରୀ ଚିନ୍ତାମଣି ମିଶ୍ର, ଶ୍ରୀ ପ୍ରାଣନାଥ ମହାନ୍ତି, ଅଧ୍ୟାପକ ଶ୍ରୀ ରତ୍ନାକର ପତି, ପ୍ରଧାନାଚାର୍ଯ୍ୟ ପଣ୍ଡିତ ଶ୍ରୀ ବାସୁଦେବ ମିଶ୍ର, ଶ୍ରୀଯୁକ୍ତ ନିତ୍ୟାନନ୍ଦ ମହାପାତ୍ର, ନୀଳମଣି ସାହୁ, ଶ୍ରୀଯୁକ୍ତ କଶୋରୀମୋହନ ଦ୍ୱିବେଦୀ, ଅଧ୍ୟାପକ ଶ୍ରୀ ସଦାଶିବ ମିଶ୍ର, ଶ୍ରୀ ଶ୍ରୀରାମଚନ୍ଦ୍ର ଦାଶ, ରାଜକିଶୋର ରାୟ, ଜଗଦ୍‌ଗୁରୁ ନିରଞ୍ଜନ ତୀର୍ଥସ୍ୱାମୀ, ଶ୍ରୀ ଲୋକନାଥ ପଟ୍ଟନାୟକ, ଶ୍ରୀ ରାୟବାହାଦୁର ଲୋକନାଥ ମିଶ୍ର ପ୍ରମୁଖ ବହୁ ମନୀଷୀ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କରେ ଯୋଗଦେଇ ଅଛନ୍ତି ଏତଦ୍‌ବ୍ୟତୀତ ଛାତ୍ରସଂଘ ପକ୍ଷରୁ ପ୍ରତିବର୍ଷ ଓଡ଼ିଆ, ସଂସ୍କୃତ ଲିଖିତ ପ୍ରବନ୍ଧ ଓ ଶ୍ଳୋକାନ୍ତ ପ୍ରଭୃତି ବହୁବିଧ ପ୍ରତିଯୋଗିତାମାନ କରାଯାଇ ଆସୁଛି । ଛାତ୍ରସଂଘ ପକ୍ଷରୁ ବହୁ ଛାତ୍ର ଉକ୍ତ ପ୍ରତିଯୋଗିତା ମାନଙ୍କରେ କୃତିତ୍ୱଲାଭ କରି ପୁରସ୍କୃତ ହୋଇ ଆସୁ ଛନ୍ତି ।

ସଦାଶିବ ସଂସ୍କୃତ ମହାବିଦ୍ୟାଳୟ ଛାତ୍ରସଂଘର ତଥା ତଦଙ୍ଗୀକୃତ ସମସ୍ତ ଅନୁଷ୍ଠାନମାନଙ୍କର ମୁଖ୍ୟ କାର୍ଯ୍ୟମାନ ନିମ୍ନରେ ଦେଲି ।

### ୧। ୟୁନିୟନ୍—

ଉକ୍ତ କଲେଜର ସମସ୍ତ ସଭ୍ୟ (ଛାତ୍ର)ଙ୍କୁ ନେଇ ଏହା ଗଠିତ । ଅଧ୍ୟୟନ କରୁଥିବା ପ୍ରତ୍ୟେକ ଛାତ୍ରର

ନୈତିକ ତଥା ସାଂସ୍କୃତିକ ମାନ ଉନ୍ନତି କରିବା ଏବଂ ଛାତ୍ରମାନଙ୍କ ସ୍ୱାଧୀନ ମତକୁ ଉପଯୁକ୍ତ ସମ୍ମାନ ଦେଖା-ଇବା ଉକ୍ତ ଅନୁଷ୍ଠାନର ପ୍ରଧାନକର୍ତ୍ତବ୍ୟ ।

## ୨। ଆର୍ଯ୍ୟଗୌରବ—

ଏହି ପରିଷଦଟି ମହାବିଦ୍ୟାଳୟର ଆଚାର୍ଯ୍ୟ ଶ୍ରେଣୀ ଛାତ୍ରମାନଙ୍କୁ ନେଇ ଗଠିତ । ଏହି ଅନୁଷ୍ଠାନ ପକ୍ଷରୁ "ଆର୍ଯ୍ୟଗୌରବ" ନାମକ ଗୋଟିଏ ସଂସ୍କୃତ ପତ୍ରିକା ସମସ୍ତ ଛାତ୍ରମାନଙ୍କ ଉନ୍ନତିପାଇଁ ପ୍ରକାଶ କରାଯାଏ ।

## ୩। ସବିତୃ ପରିଷଦ—

ଉକ୍ତ ଅନୁଷ୍ଠାନଟି ମହାବିଦ୍ୟାଳୟର ମଧ୍ୟମାଶ୍ରେଣୀ ଛାତ୍ରମାନଙ୍କୁ ନେଇ ଗଠିତ । ଏଥିରେ ପ୍ରତ୍ୟେକ ମଧ୍ୟମା ଶ୍ରେଣୀର ଛାତ୍ରମାନଙ୍କର ହସ୍ତଲିଖିତ "ସବିତା" ନାମକ ଏକ ପତ୍ରିକା ପ୍ରକାଶ କରାଯାଏ ଓ ପ୍ରତିବର୍ଷ ସାଂସ୍କୃତିକ କାର୍ଯ୍ୟାନୁଷ୍ଠାନମାନ ତଥା ପ୍ରତିଯୋଗିତାମାନ କରାଯାଇ-ଥାଏ ।

## ୪। ଛାତ୍ର ବିଶ୍ରାମକକ୍ଷ—

ବେତାରଯନ୍ତ୍ର (Radio) ଓ ନାନାଦି ପତ୍ରପତ୍ରିକା ଦ୍ୱାରା ଛାତ୍ରମାନଙ୍କର ଅବସର ବିନୋଦନ ଏହାର କାର୍ଯ୍ୟ ।

## ୫। ପୌର୍ଣ୍ଣମାସୀ ପତ୍ରିକା—

ପୌର୍ଣ୍ଣମାସୀ ପତ୍ରିକା ମହାବିଦ୍ୟାଳୟର ଛାତ୍ରସଂଘର ମୁଖ୍ୟପତ୍ରିକା । ସଦାଶିବ ସଂସ୍କୃତ ମହାବିଦ୍ୟାଳୟର ଛାତ୍ରମାନେ ଏହାର ସଭ୍ୟ ରହିବେ ଏବଂ ଉକ୍ତ ପତ୍ରିକା ପ୍ରକାଶନ କେବଳ ମହାବିଦ୍ୟାଳୟର ଅଧ୍ୟାପକ, ଛାତ୍ର-ମାନଙ୍କ ଲେଖା ଦ୍ୱାରା ହୋଇଥିବ । ଏଥିପାଇଁ ଜଣେ ପ୍ରତିନିଧି ନିର୍ବାଚିତ ହୁଅନ୍ତି ।

## ୧୯୬୭-୬୮ ବର୍ଷର ୟୁନିୟନ୍ କର୍ମକର୍ତ୍ତାମାନଙ୍କ ନାମ

| | | |
|---|---|---|
| ୧ । ସଭାପତି— | ଶ୍ରୀ କୃଷ୍ଣଚରଣ ଦାସ | କଲେଜ ୟୁନିୟନ୍ |
| ୨ । ଉପ ,, — | ଶ୍ରୀ ଶଚୀନ୍ଦ୍ରନାଥ ତ୍ରିପାଠୀ | ,, |
| ୩ । ସଂପାଦକ— | ଶ୍ରୀ ଶଙ୍କର ପ୍ରସାଦ ପଣ୍ଡା | ,, |
| ୪ । ସହ ,, — | ଶ୍ରୀ ଗୌରାଙ୍ଗ ଚରଣ ଦାସ | ,, |
| ୫ । ସବିତୃ ପରିଷଦ ସଂପାଦକ— | ଶ୍ରୀ ଦୁଃଖିଶ୍ୟାମ ମହାନ୍ତି | |
| ୬ । (କ) ,, ସହ ,, | ଶ୍ରୀ ରାମପ୍ରସାଦ ତ୍ରିପାଠୀ | |
| ୬ । (ଖ) ଗୃହ ବିଶ୍ରାମକକ୍ଷ ସଂପାଦକ— | ଶ୍ରୀ ରାଜକିଶୋର ଦାଶ । | |
| ୭ । ନବଜୀବନ ସଂପାଦକ— | ଶ୍ରୀ ହରେକୃଷ୍ଣ ସାହୁ | |
| ୮ । ପୌର୍ଣ୍ଣମାସୀ ପ୍ରତିନିଧି— | ଶ୍ରୀ ରାଜେନ୍ଦ୍ର କୁମାର ଦାଶ | |
| ୯ । ,, ସହକାରୀ ,, — | ଶ୍ରୀ ନାରାୟଣ ଆଚାର୍ଯ୍ୟ । | |
| ୧୦ । ସାହିତ୍ୟ ପ୍ରତିନିଧି — | ଶ୍ରୀ ବଳଭଦ୍ର ଷଡଙ୍ଗୀ (ଅ) | |
| ୧୧ । ବ୍ୟାକରଣ ,, — | ଶ୍ରୀ ବିଜୟକୁମାର ନନ୍ଦ । | |
| ୧୨ । ଧର୍ମଶାସ୍ତ୍ର (ପୁରାଣ, ଆଗମ ଜ୍ୟୋତିଷ) — | ଶ୍ରୀ ଶ୍ୟାମସୁନ୍ଦର ଷଡଙ୍ଗୀ | |
| ୧୩ । ଦର୍ଶନ ପ୍ରତିନିଧି— | ଶ୍ରୀ ହରମୋହନ ଦାସ | |
| ୧୪ । ଛାତ୍ରସଂଘ ପରାମର୍ଶଦାତା— | ଅଧ୍ୟାପକ ଶ୍ରୀ ବୀର ହନୁମାନ ଶାସ୍ତ୍ରୀ | |

# କ୍ରୀଡ଼ା ପରିଷଦ

ଉକ୍ତ ପରିଷଦ, ଅଧ୍ୟକ୍ଷ ଶ୍ରୀଯୁକ୍ତ କଣେଶ୍ୱରମୋହନ ଦ୍ୱିବେଦୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ସେହିଦିନଠାରୁ ଏହି ଅନୁଷ୍ଠାନ କାର୍ଯ୍ୟକାରୀ ହୋଇ ଆସୁଅଛି, ଏହା ପୂର୍ବାପର ଠାରୁ ଏକ ସ୍ୱତନ୍ତ୍ର ଅନୁଷ୍ଠାନ ଅଟେ, ପ୍ରତିବର୍ଷ ପ୍ରତ୍ୟେକ ଛାତ୍ରଙ୍କ ଠାରୁ ନାମ ଲେଖାଇବା ବେଳେ ଟଙ୍କା କରି ଉକ୍ତ ପରିଷଦପାଇଁ କଲେଜ କଗ୍ୟଅରେ ଚାନ୍ଦା ଗ୍ରହଣ କରାଯାଏ । ଉକ୍ତପରିଷଦର ପରାମର୍ଶଦାତା ଅଧ୍ୟାପକ ଶ୍ରୀରାମଚନ୍ଦ୍ର ମିଶ୍ର ଥିଲେ । ଚଳିତବର୍ଷ ପରାମର୍ଶଦାତା ସ୍ଥାନାନ୍ତରିତ ହେବାରୁ ଉକ୍ତ ସ୍ଥାନରେ ଶ୍ରୀଯୁକ୍ତ ରାଧାମୋହନ ନନ୍ଦଙ୍କୁ ନିଯୁକ୍ତ କରାଯାଇଛି, ଚଳିତବର୍ଷର ସଂପାଦକ ଶ୍ରୀ ସୁରେନ୍ଦ୍ରନାଥ ତ୍ରିପାଠୀ ଅଛନ୍ତି ।

୧ । *ଉକ୍ତ ପରିଷଦର ମୁଖ୍ୟ ଉଦ୍ଦେଶ୍ୟ*— (୧) ମନୋରଞ୍ଜନ, (୨) ବ୍ୟାୟାମ, (୩) କସରତ ଇତ୍ୟାଦି ।

୨ । *ପ୍ରତିଯୋଗିତାମୂଳକ କାର୍ଯ୍ୟ*— ପ୍ରତିବର୍ଷ ଛାତ୍ରମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୁଏ ଏବଂ ଏହି ପରିଷଦକୁ ବିଭିନ୍ନ ଜାଗାରୁ ପ୍ରତିଯୋଗୀମାନେ ଆସି ମଧ୍ୟ ପ୍ରତିଯୋଗିତା ହୋଇଥାଏ । ବିଭିନ୍ନ ଜାଗାରୁ ଆମର ପରିଷଦ "କପ" ସିଲ୍ଡ ପାଇଛି, ପ୍ରତିବର୍ଷ ୫ ଓ ୬ଗୋଟି ପ୍ରତିଯୋଗିତା ହୁଏ ।

୩ । *କ୍ରୀଡ଼ାବିଭାଗ*— ଭଲି, ଫୁଟବଲ୍, ରିଙ୍ଗଟେନିସ୍, ହକି ଇତ୍ୟାଦି ଖେଳ ହୁଏ । ଏହାଦ୍ୱାରା ଉକ୍ତ ପରିଷଦ ଏକସକ୍ରିୟ ଅନୁଷ୍ଠାନ ରୂପେ କଲେଜରେ ଜାଗିଉଠିଛି, ଏଣୁ ପ୍ରତିବର୍ଷ ବହୁସଂଖ୍ୟକ ଛାତ୍ର ଯୋଗ ଦିଅନ୍ତି ।

କ୍ରୀଡ଼ାପରିଷଦର ପରାମର୍ଶଦାତା — ଶ୍ରୀଯୁକ୍ତ ରାଧାମୋହନ ନନ୍ଦ

" (ଭୂତପୂର୍ବ ପରାମର୍ଶଦାତା) — ଶ୍ରୀଯୁକ୍ତ ରାମଚନ୍ଦ୍ର ମିଶ୍ର

" ସମ୍ପାଦକ—ଶ୍ରୀ ସୁରେନ୍ଦ୍ରନାଥ ତ୍ରିପାଠୀ

# ଛାତ୍ରାବାସ ବିବରଣୀ

ସଦାଶିବ ସଂସ୍କୃତ ମହାବିଦ୍ୟାଳୟର ଛାତ୍ରାବାସ ଅଧୁନାତନ ସାଜ ସରଞ୍ଜାମରେ ମହନୀୟ । ପରିଚାଳକ ପଣ୍ଡିତ ଶ୍ରୀ କୁଳମଣି ମିଶ୍ର ଶର୍ମା ତଥା ଉପ - ପରିଚାଳକ ପଣ୍ଡିତ ଶ୍ରୀ ମହେନ୍ଦ୍ରପ୍ରସାଦ ମିଶ୍ରଙ୍କ ସୁନିପୁଣ ପରିଚାଳନାରେ ଆର୍ଥିକ ଦୁର୍ଗତି ସତ୍ତ୍ୱେ ଅନ୍ତେବାସୀଗଣ ନିର୍ବିଘ୍ନରେ ବିଦ୍ୟାଭ୍ୟାସରେ ରତ ଥାଆନ୍ତି ।

ପ୍ରତ୍ୟହ ବ୍ରାହ୍ମମୁହୂର୍ତ୍ତରେ ବେଦପାଠ ନିୟମିତ ଭାବେ ହୁଏ । ସାୟଂ କାଳରେ ସ୍ତୋତ୍ରପାଠ ତଥା ଗୀତାପାଠ ଯଥାରୀତି କରାଯାଏ । ସାଧାରଣ ପାକରେ ସମସ୍ତେ ଚଳନ୍ତି । ପ୍ରାୟ ପ୍ରତି ରବିବାରରେ ଆଲୋଚନା ଚକ୍ର ଦିବା ୨ଘଣ୍ଟା ସମୟରେ ବସେ । ବେଳେବେଳେ ବିଶିଷ୍ଟ ଅତିଥି ମଧ୍ୟ ଏଥିରେ ଯୋଗ ଦିଅନ୍ତି । ଏବର୍ଷ ପୂଜ୍ୟ ଅଗ୍ରଜ ହରିହର ଦାସ, ପଣ୍ଡିତ ପୁଣ୍ଡରୀକାକ୍ଷ ମିଶ୍ର, ଶ୍ରୀଯୁକ୍ତ ବିଶ୍ୱନାଥ ଦାସ ଆଦି ବିଶିଷ୍ଟ ବ୍ୟକ୍ତିମାନଙ୍କର ସାଗ୍ରହ ଉପସ୍ଥିତି ଆମ୍ଭମାନଙ୍କୁ ଉତ୍ସାହିତ କରିଛି ।

ଛାତ୍ରାବାସରେ ସରସ୍ୱତୀ ପୂଜା, ଓ ଗଣନାଥଙ୍କ ପୂଜା ଯଥାବିଧି ଅନୁଷ୍ଠିତ ହୋଇଥାଏ । ଏବର୍ଷ ଅନ୍ତେବାସୀ ସଂଖ୍ୟା ୫୮ । ନିମ୍ନୋକ୍ତ ଛାତ୍ରମାନେ ଏବର୍ଷପାଇଁ ନିମ୍ନୋକ୍ତ ମତେ ନିର୍ବାଚିତ ହୋଇଛନ୍ତି—

ସଂପାଦକ— ଶ୍ରୀ ରାମକୃଷ୍ଣ ଜେନା ।

ସହ ସଂପାଦକ— ଶ୍ରୀ ବାବାଜି ପଣ୍ଡା ।

ଛାତ୍ରାବାସ ସଂଲଗ୍ନ ବଗିଚାରେ ନିଜର ଦୈହିକ ପରିଶ୍ରମ ଦ୍ୱାରା ଫସଲ ଆମଦାନୀ କରି ଆମ୍ଭେମାନେ କେତେକାଂଶରେ ଲାଭବାନ୍ ହୋଇଥାଉଁ, ଫଳତଃ ଆମ୍ଭମାନଙ୍କର ଛାତ୍ରାବାସ ଜୀବନ ମଧୁମୟ ଅଟେ, ଏବଂ ଏହା ମୂଳରେ ଅଧ୍ୟକ୍ଷ ତଥା ପରିଚାଳକମାନଙ୍କର ଅକୃତ୍ରିମ ଚେଷ୍ଟା ନିହିତ ।


ସଂପାଦକ

**ଶ୍ରୀ ରାମକୃଷ୍ଣ ଜେନା**

# ନାଟ୍ୟ ସଂସଦ

ସଦାଶିବ ସଂସ୍କୃତ ମହାବିଦ୍ୟାଳୟ ନାଟ୍ୟସଂସଦ ୧୯୬୭ ମସିହାରେ ଗଠିତ । ସମସ୍ତ ଉପଯୋଗୀ ନାଟ୍ୟାଭିନୟ ପ୍ରଦର୍ଶନ କରି ଛାତ୍ର ତଥା ସର୍ବସାଧାରଣଙ୍କର ମନୋରଞ୍ଜନ କରିବା ଏହାର ଲକ୍ଷ୍ୟ । ମଞ୍ଚସଜ୍ଜା ତଥା ଅଭିନୟ ନିମିତ୍ତ ଯାବତୀୟ ସରଞ୍ଜାମ ଏ ସଂସଦରେ ଅଛି । ପ୍ରତିବର୍ଷ ସଂସଦ ତରଫରୁ ସଂସ୍କୃତ ଅଥବା ଓଡ଼ିଆ ନାଟକ ପରିବେଷିତ ହୋଇ ଆସିଛି । ଏବର୍ଷ "ଅତିଥି" ନାଟକ ଅତି ସଫଳତାର ସହିତ ଅଭିନୀତ ହୋଇଛି । ଏହାର ଅଧିକାଂଶ ଅଭିନେତା ଓ ଅଭିନେତ୍ରୀ, ନିମନ୍ତ୍ରିତ ଭଦ୍ରବ୍ୟକ୍ତି ତଥା ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇ କପ୍ ଓ ପଦକ ଲାଭ କରି ଅଛନ୍ତି । ଚଳିତବର୍ଷ ପାଇଁ ଶ୍ରୀ ସୁକୁମାର ଦତ୍ତ, ସମ୍ପାଦକ ରୂପେ ନିର୍ବାଚିତ ହୋଇ ଅଛନ୍ତି । ଏହି ସଂସଦର ଭବିଷ୍ୟତ ଉଜ୍ଜ୍ୱଳମୟ ।

**ଶ୍ରୀ ସୁକୁମାର ଦତ୍ତ**
ସମ୍ପାଦକ



ପ୍ରକାଶକ— ଅଧ୍ୟକ୍ଷ, ସଦାଶିବ ସଂସ୍କୃତ ମହାବିଦ୍ୟାଳୟ, ପୁରୀ
ମୁଦ୍ରାକର— ଶ୍ରୀ ବାସୁଦେବ ପାଠୀ ଶ୍ରୀ ପ୍ରିଣ୍ଟର୍ସ, ପୁରୀ